
‘ଖଳନାୟକ ରିଟର୍ଣ୍ଣସ୍’ରେ ସଲମାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-129 ◆TUESDAY ◆3 NOVEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨୯ ◆ମଙ୍ଗଳବାର ◆୩ ନଭେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

କମିଳା ଟ୍ରମ୍ପଙ୍କ ଲୋକପ୍ରିୟତା

୭ ରାଜ୍ୟରୁ ୬ଟିରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗରେ



■ ୱାଶିଂଟନ୍, ୨।୧୧(ଏଜେନ୍ସି): ଆମେରିକାରେ ନଭେମ୍ବର ୩ ତାରିଖରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ରିପବ୍ଲିକାନ୍ ପାର୍ଟି ପାଇଁ ଚିନ୍ତା ବଢ଼ିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ଏବଂ ମହଙ୍ଗା ଦରଦାମକୁ ନେଇ ଭୋଟରଙ୍କ ଅସନ୍ତୋଷ ଦଳର ସମର୍ଥନକୁ ପ୍ରଭାବିତ କରୁଥିବା ଏକ ସର୍ଭେରୁ ଜଣାପଡ଼ିଛି । ନ୍ୟୁୟର୍କ ଟାଇମ୍ସ ଓ ସିଏନଏନ୍ ପକ୍ଷରୁ ହୋଇଥିବା ଏହି ସର୍ଭେରେ ରିପବ୍ଲିକାନ୍‌ଙ୍କ ପ୍ରଭାବ ଥିବା ୭ଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରୁ ୬ଟିରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗୁଆ ଅଛନ୍ତି । ସର୍ଭେରେ ଆଲାସ୍କା, ଆଇଓ୍ୱା, କାନ୍‌ସାସ୍, ମେନ୍, ମିଚିଗାନ୍, ଓହାଇଓ ଓ ଟେକ୍ସାସ୍‌ର ଭୋଟରଙ୍କ ମତ ନିଆଯାଇଥିଲା । ମିଚିଗାନ୍, ମେନ୍, ଟେକ୍ସାସ୍, କାନ୍‌ସାସ୍, ଓହାଇଓ ଏବଂ ଆଲାସ୍କାରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗୁଆ ଥିବା ବେଳେ ଆଇଓ୍ୱାରେ ଉଭୟ ଦଳ ସମାନ ସ୍ଥିତିରେ ରହିଛନ୍ତି । ମହଙ୍ଗା ଦରଦାମ ପ୍ରସଙ୍ଗରେ ମଧ୍ୟ ଡେମୋକ୍ରାଟ୍‌ଙ୍କୁ ରିପବ୍ଲିକାନ୍‌ଙ୍କ ତୁଳନାରେ ୯ ପ୍ରତିଶତ ଅଧିକ ସମର୍ଥନ ମିଳିଛି । ସାତଟି ରାଜ୍ୟରେ ସ୍ୱାଧୀନ ଭୋଟରଙ୍କ ମଧ୍ୟରେ ମଧ୍ୟ ଡେମୋକ୍ରାଟ୍ ପ୍ରାର୍ଥୀ ଆଗରେ ଅଛନ୍ତି । ଅକ୍ଟୋବର ୨୩ରୁ ନଭେମ୍ବର ୧ ମଧ୍ୟରେ ୬ ହଜାରରୁ ଅଧିକ ସମ୍ଭାବ୍ୟ ଭୋଟରଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା । ଡେମୋକ୍ରାଟ୍ ପାର୍ଟି ସିନେଟ୍‌ରେ ବହୁମତ ହାସଲ କରିବାକୁ ହେଲେ ବର୍ତ୍ତମାନର ଆସନ ବଜାୟ ରଖିବା ସହ ଅତି କମ୍‌ରେ ଆଉ ୪ଟି ଆସନ ଜିତିବାକୁ ପଡ଼ିବ ।

ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ସଙ୍ଗୀନ

ସଡ଼କ ଉପରକୁ ଆସିବନି ଛଅ ବର୍ଷର ପୁରୁଣା ଗାଡ଼ି

■ ନୂଆଦିଲ୍ଲୀ, ୨।୧୧ (ଏଜେନ୍ସି): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ସଙ୍ଗୀନ ହେବାକୁ ଲାଗିଛି । ଏହାର ମୁକାବିଲା ଲାଗି ଗତକାଲିଠାରୁ ଶୀତକାଳୀନ କଟକଣା ଲାଗୁ ହୋଇଛି । ପ୍ରଥମ ଦିନରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଓ ପରିବେଶ କ୍ଷତିପୂରଣ ବାବଦରେ ମୋଟ ୬୮.୪ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଏହାସହିତ ୬ ବର୍ଷର ପୁରୁଣା ଗାଡ଼ିକୁ ଦିଲ୍ଲୀ ଭିତରକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ବାହାରୁ ଆସୁଥିବା ବିଏସ୍-୬ ମାନକଠାରୁ କମ୍ ଯୋଗ୍ୟତା ଥିବା ଯାନବାହନ ଦିଲ୍ଲୀରେ ପ୍ରବେଶ କରିପାରିବେ ନାହିଁ ।



ସୀମାରୁ ଫେରିଲା ୧୫୩୯ ଗାଡ଼ି, ୬୨ଟି ଯାନ ଜବତ

ପ୍ରଥମ ଦିନରେ ୬୮.୪ ଲକ୍ଷ ଜରିମାନା

ଗତକାଲି ଠାରୁ କଟକଣା ଲାଗୁ ହୋଇଛି । ପ୍ରଥମ ଦିନରେ ମୋଟ ୧୪,୯୩୦ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୧୫୩୯ଟି ଗାଡ଼ିକୁ ଦିଲ୍ଲୀ ସୀମାରୁ ଫେରାଇ ଦିଆଯାଇଛି । ଏହାସହ ୧୨୭ଟି ଚାଲାଣ କଟାଯିବା ସହ ୬୨ଟି ଗାଡ଼ି ଜବତ ହୋଇଛି । ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବା ୫୬୬ଟି ଗାଡ଼ିରୁ ୫୬.୬ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି । ନିର୍ମାଣସ୍ଥଳରେ ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ ୯.୮ ଲକ୍ଷ ଟଙ୍କା ପରିବେଶ କ୍ଷତିପୂରଣ ଲଗାଯାଇଛି । ପ୍ରଶାସନ ପକ୍ଷରୁ ୩୦୦ଟି ନିର୍ମାଣ ଓ ଭଙ୍ଗାଭଙ୍ଗି ▶ପୃଷ୍ଠା-୭

‘ମୁରାସୁ’ ହେବ ପ୍ରଭାବହୀନ

ଓଡ଼ିଶା ଉପରୁ ଅରେଞ୍ଜ ଆଲର୍ଟ ହଟାଇଲା ଆଇଏମ୍‌ଡି

ଦୁଇ ଦିନ କୋହଲା ପାଗ, କାଁ ଭାଁ ବର୍ଷା

ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ଭାରୀ ବର୍ଷା



■ ଭୁବନେଶ୍ୱର, ୨।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା "ମୁରାସୁ' ବର୍ତ୍ତମାନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି । ସୋମବାର ରାତି ୮ଟା ସୁଦ୍ଧା ଏହା ଘଣ୍ଟା ପ୍ରତି ୧୦ କିମି ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ୁଛି । ଏଭଳି ସ୍ଥିତି ଜାରି ରହିବା ସହ ସୋମବାର ରାତି ୧୧ଟାରୁ ଭୋର୍ ୪ଟା ମଧ୍ୟରେ ଏହା ଏକ ଭୀଷଣ ବାତ୍ୟା ରୂପରେ ଆନ୍ଧ୍ରପ୍ରଦେଶ ଉପକୂଳର ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଓଙ୍ଗୋଲ୍‌ର ଦକ୍ଷିଣ ପାର୍ଶ୍ୱରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି । ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିମି ଓ ଝଟ୍‌କା ପବନ ୧୨୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ ।

ସ୍ଥଳଭାଗ ଅତିକ୍ରମ କରିବା ପରେ ବାତ୍ୟାଟି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି । ତେବେ ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ▶ପୃଷ୍ଠା-୭

ପୁଣି ବର୍ଷାରେ ଭିଜିଲା ଗଞ୍ଜାମ

ପାତ୍ରପୁରରେ ସର୍ବାଧିକ ୩୮ ମିମି

■ ବ୍ରହ୍ମପୁର, ୨।୧୧ (ସମିସ): ବାତ୍ୟା ଅର୍ଣ୍ଣବର ବିଭୀଷିକାରୁ ଗଞ୍ଜାମ ଜିଲ୍ଲାବାସୀ ମୁକ୍ତୁଳି ନ ଥିବା ବେଳେ ପୁଣି ବର୍ଷା ବିପତ୍ତି ଚିନ୍ତା ବଢ଼ାଇଛି । ବିଶେଷକରି ବନ୍ୟାରେ ଚାଷଜମି ଜଳମଗ୍ନ ହେବା ସହ ଫସଲ ନଷ୍ଟ ହୋଇଛି । ଏବେ ଲଗାତାର ବର୍ଷା ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ସୋମବାର ଜିଲ୍ଲାର ବିଭିନ୍ନ ବର୍ଷା ମାପକ କେନ୍ଦ୍ରରେ ରେକର୍ଡ ହୋଇଥିବା ବର୍ଷା ଅନୁସାରେ ଅପରାହ୍ନ ୪ଟା ସୁଦ୍ଧା ପାତ୍ରପୁରରେ ସର୍ବାଧିକ ୩୮ ମିମି ବର୍ଷା ହୋଇଥିବା ବେଳେ ଚିକିଟିରେ ୩୦.୬ ମିମି ରେକର୍ଡ ହୋଇଛି । ୧ ତାରିଖ ସକାଳ ୮ଟା ୩୦ରୁ ନଭେମ୍ବର ୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ▶ପୃଷ୍ଠା-୭

ଗୁମୁରି କାନ୍ଦୁଛି ଗିଡ଼ିପାବାଲି
ମାଟି ତଳୁ ଜୀବନ ଖୋଜା

ଭୂସ୍ଖଳନରେ ୧୩ ନିଖୋଜ, ମିଳିଲା ଆଉ ଜଣଙ୍କ ମୃତଦେହ

■ ବ୍ରହ୍ମପୁର/ଜି. ଉଦୟଗିରି,୨।୧୧(ସମିସ): ମାଟି ତଳେ ଚାପି ହୋଇ ରହିଛି ଜୀବନ । ଉପରେ ମାଟି ଓ ପଥରର ବିଶାଳ ପାହାଡ଼, ତଳେ ନିଜ ଲୋକଙ୍କୁ ଖୋଜୁଛନ୍ତି ଆତ୍ମୀୟସ୍ୱଜନ । ସମୟ ଗଡ଼ୁଛି, ଆଶା କ୍ଷୀଣ ହେଉଛି, ହେଲେ ମାଟି ତଳୁ ଜୀବନର ସନ୍ଧାନ ଏଯାଏଁ ଶେଷ ହୋଇନାହିଁ । ଅର୍ଣ୍ଣବର ତାଣ୍ଡବ ପରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ

ଉଦ୍ଧାର କାର୍ଯ୍ୟ ଜୋର୍‌ଦାର୍

ସନ୍ଧାନୀ ‘ସୁଲତାନ୍’ ଉପରେ ଭରସା

ବାଇବାଲି ପଞ୍ଚାୟତ ଅନ୍ତର୍ଗତ ଗିଡ଼ିପାବାଲିର ଭୂସ୍ଖଳନ ଏବେ ଭୟାବହ ମାନବୀୟ ବିପର୍ଯ୍ୟୟର ଚିତ୍ର ସାମ୍ନାକୁ ଆଣିଛି । ୧୩ରୁ ଅଧିକ ଜଣ ନିଖୋଜ ଥିବାବେଳେ ଏଯାଏଁ ଦୁଇଟି ମୃତଦେହ ଉଦ୍ଧାର ହୋଇଛି । ଉଦ୍ଧାର କାର୍ଯ୍ୟରେ ଏକାଧିକ ବିଭାଗ ନିୟୋଜିତ ଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳୁନଥିବାରୁ ପ୍ରଶାସନିକ ପ୍ରସ୍ତୁତି ଓ ଉଦ୍ଧାର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ଏଭଳି ସମୟରେ ଅଗ୍ନିଶମ ବିଭାଗର ସନ୍ଧାନୀ କୁକୁର "ସୁଲତାନ' ଉପରେ ସମସ୍ତଙ୍କ ନଜର । ଗତକାଲି ଜଣଙ୍କ ମୃତଦେହ ଚିହ୍ନଟ ହେବା ପରେ ଆଜି ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଥିଲା ।



ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗର ଟିମ୍, ସନ୍ଧାନୀ କୁକୁର ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ଚାଲିଥିଲା ଖୋଜାଖୋଜି । ବିଶାଳ ପଥର ଓ ମାଟି ହଟାଇବା ଉଦ୍ୟମ ମଧ୍ୟରେ ବାଧା ସୃଷ୍ଟି କରୁଥିବା ପଥରକୁ ନିୟନ୍ତ୍ରିତ ବିସ୍ଫୋରଣ ମାଧ୍ୟମରେ ହଟାଇବା ପରେ ଆଉ ଏକ ମୃତଦେହର ସନ୍ଧାନ ମିଳିଥିଲା । ଉଦ୍ଧାର ହୋଇଥିବା ମୃତଦେହଟି ୨୭ବର୍ଷୀୟ ସନମାନ ପ୍ରଧାନଙ୍କର ବୋଲି ତାଙ୍କ ଭାଇ ମଙ୍ଗନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସନମାନଙ୍କ ମୃତ୍ୟୁ ଖବର ତାଙ୍କ ପରିବାର ପାଇଁ ଅସହ୍ୟ ଦୁଃଖ ଆଣିଦେଇଛି । ତାଙ୍କର ସ୍ତ୍ରୀଙ୍କ ସହ ଦୁଇ ଯାଆଁଳା ପୁଅ ଅଛନ୍ତି । ପରିବାରର ମୁଖ୍ୟ ଆଶ୍ରୟ ହରାଇବା ପରେ ଏହି ଦୁଇ ଶିଶୁଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି । ଗୋଟିଏ ପଟେ ମାଟି ତଳୁ ମୃତଦେହ ମିଳୁଛି, ଅନ୍ୟପଟେ ନିଖୋଜ ପରିବାର ସଦସ୍ୟଙ୍କ ଅପେକ୍ଷାରେ ଗାଁରେ ଶୋକାକୁଳ ପରିବେଶ ଲାଗି ରହିଛି । ଏହି ଉଦ୍ଧାର ଅଭିଯାନରେ ସନ୍ଧାନୀ କୁକୁର ସୁଲତାନର ଭୂମିକା ଏବେ ଚର୍ଚ୍ଚାର କେନ୍ଦ୍ର । ମାଟି ଓ ପଥର ତଳେ ଚାପି ରହିଥିବା ଲୋକଙ୍କ ସନ୍ଧାନରେ ଏହାର ସହାୟତା ନିଆଯାଉଛି । ଅନ୍ୟପଟେ ଏତେ ବଡ଼ ବିପର୍ଯ୍ୟୟ ପରେ ଉଦ୍ଧାର କାର୍ଯ୍ୟର ଗତି, ଆବଶ୍ୟକ ଯନ୍ତ୍ରପାତି, ମାଟି ଓ ପଥର ହଟାଇବା ବ୍ୟବସ୍ଥା ଏବଂ ସମନ୍ୱୟକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଏକାଧିକ ସଂସ୍ଥା ମୁତୟନ ହୋଇଥିଲେ ମଧ୍ୟ ୧୩ଜଣଙ୍କ ସନ୍ଧାନ ମିଳିପାରି ନଥିବା ଘଟଣା ପ୍ରଶାସନର ଦକ୍ଷତାକୁ କାଠଗଡ଼ାକୁ ଟାଣିଛି । ଗିଡିପାବାଲିରେ ଦୁଇଟି ମୃତଦେହ ମିଳିବା ପରେ ଅବଶିଷ୍ଟ ନିଖୋଜଙ୍କ ସନ୍ଧାନ ପାଇଁ ଅଭିଯାନ ଜାରି ରହିଛି ।

ଗଞ୍ଜାମ ବନ୍ୟା ମନୁଷ୍ୟକୃତ: ସୁଜାତା

ଲକ୍ଷ ଲକ୍ଷ ଲୋକଙ୍କ ଦୁର୍ଦ୍ଦଶାର ଜବାବ ଦେବେକି ବିଜେପି ସରକାର



ଜଳସମ୍ପଦ ବିଭାଗର କାର୍ଯ୍ୟପଦ୍ଧତିକୁ ନେଇ ଉଠାଇଲେ ଏକାଧିକ ପ୍ରଶ୍ନ

ଆଇଏମ୍‌ଡି ସୂଚନା ସତ୍ତ୍ୱେ ବିଳମ୍ବରେ ଖୋଲିଥିଲା ଜଳଭଣ୍ଡାର ଗେଟ୍

ତଳିଆ ଅଞ୍ଚଳକୁ ଦିଆଯାଇ ନ ଥିଲା ଗେଟ୍ ଖୋଲିବାର ଆଗୁଆ ସୂଚନା

■ ଭୁବନେଶ୍ୱର, ୨।୧୧ (ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା କାରଣରୁ ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମ ଜିଲ୍ଲାରେ ହୋଇଥିବା ଅଭାବନୀୟ କ୍ଷୟକ୍ଷତିକୁ ନେଇ ରାଜ୍ୟ ସରକାର, ଜଳ ସମ୍ପଦ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର କାର୍ଯ୍ୟ ପଦ୍ଧତି ଉପରେ ଅଙ୍ଗୁଳି ଉଠାଇଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ । ଗଞ୍ଜାମ ଜିଲ୍ଲାରେ ଜଳ ପରିଚାଳନା ଏବଂ ବନ୍ୟା ମୁକାବିଲାକୁ ନେଇ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି ।

ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଆଗୁଆ ସତର୍କ ସୂଚନା ଜାରି ସତ୍ତ୍ୱେ ଡ୍ୟାମ୍, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ଆରମ୍ଭ କରି ଚେକ୍ ଡ୍ୟାମ୍ ପରିଚାଳନାରେ ଗୁରୁତର ତ୍ରୁଟି କାରଣରୁ ଗଞ୍ଜାମ ଏତେବଡ଼ କ୍ଷତି ସହିଲା ବୋଲି ସୁଜାତା କହିଛନ୍ତି । ଗଞ୍ଜାମ ବନ୍ୟା ମନୁଷ୍ୟକୃତ ଏବଂ ପରିଚାଳନାଗତ ବିଭ୍ରାଟ ଯୋଗୁ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ଏବେ ସୁଦ୍ଧା ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ଅକ୍ଷମଣୀୟ ଅବହେଳା ପାଇଁ ଦାୟୀ କିଏ? ସେ ନେଇ ରାଜ୍ୟ ବିଜେପି ସରକାର ଜବାବ ଦେବେ କି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି ।


ସାମାଜିକ ଗଣମାଧ୍ୟମ ଏକ୍ସରେ ଗଞ୍ଜାମ ଜିଲ୍ଲାର ଦୁର୍ଦ୍ଦଶା ସମ୍ପର୍କରେ ଉଲ୍ଲେଖ କରି ସୁଜାତା କହିଛନ୍ତି ଯେ ଅକ୍ଟୋବର ୨୩ ତାରିଖରୁ ହିଁ ସମ୍ଭାବ୍ୟ ▶ପୃଷ୍ଠା-୭

ହାଇକୋର୍ଟରେ ସୁଶାନ୍ତ ନାଥଙ୍କ ଆଗୁଆ ଜାମିନ ଆବେଦନ



■ କଟକ,୨।୧୧(ସମିସ): ଚୌଦ୍ୱାର ଥାନା ମାମଲାରେ ସମ୍ଭାବ୍ୟ ଗିରଫଦାରୀରୁ ବର୍ତ୍ତିବା ପାଇଁ ପୂର୍ବତନ ଜେଲ୍ ଡିଜି ତଥା ବର୍ତ୍ତମାନ ଗୃହ ବିଭାଗର ଓଏସଡି ଭାବେ ଅବସ୍ଥାପିତ ସୁଶାନ୍ତ କୁମାର ନାଥ ଓ ତାଙ୍କ ସହଯୋଗୀ କୁଳଦୀପ ରଥ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରଛନ୍ତି । ଏଥି ସହ ଚୌଦ୍ୱାର ଥାନାରେ ରୁଜୁ ଅପରାଧିକ ମାମଲା ରଦ୍ଦ ପ୍ରାର୍ଥନା କରି ସେମାନଙ୍କ ତରଫରୁ ପୃଥକ ମାମଲା ହାଇକୋର୍ଟରେ ଦାୟର କରାଯାଇଛି । ଗତ ଅକ୍ଟୋବର ୩୧ ତାରିଖରେ ଜଣେ ▶ପୃଷ୍ଠା-୭

ପରଲୋକରେ ଡାକ୍ତର ଅଶୋକ ମହାପାତ୍ର



ଅକ୍ଟୋବର ୨ରୁ ଦିଲ୍ଲୀ ଏମ୍‌ସରେ ଥିଲେ ଚିକିତ୍ସାଧୀନ

ଯୋଡାମୁଣ୍ଡ ଶିଶୁଙ୍କ ଅସ୍ତ୍ରୋପଚାରର ମୁଖ୍ୟ ସୂତ୍ରଧର

■ ଭୁବନେଶ୍ୱର, ୨।୧୧ (ସମିସ): ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଆଉ ନାହାନ୍ତି । ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୯.୧୫ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ୭୪ ବର୍ଷ ବୟସ୍କ ଖ୍ୟାତନାମା ଡା ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ସମେତ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

ସୂଚନା ଅନୁଯାୟୀ, ପ୍ରବଳ ମୁଣ୍ଡବିନ୍ଧା ଓ ସ୍ନାୟୁଜନିତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ସେପ୍ଟେମ୍ବର ମାସରେ ପ୍ରଥମେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ସହାୟତାରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା । ମସ୍ତିଷ୍କଜନିତ ରୋଗ ସହ ଗୁରୁତର ସ୍ନାୟୁଜନିତ ସମସ୍ୟା ଯୋଗୁଁ ସେ ଚିକିତ୍ସାଧୀନ ଥିଲେ । ଡା. ମହାପାତ୍ର ଦେଶର ଜଣେ ଖ୍ୟାତନାମା ନ୍ୟୁରୋସର୍ଜନ ଭାବେ ▶ପୃଷ୍ଠା-୭

କାଠଗଡ଼ାରେ ମନ୍ତ୍ରୀ ଓ ଜଳସମ୍ପଦ ବିଭାଗ
ବିଭୀଷିକା ପଛରେ ଅବହେଳା



ତିନି ଦଶନ୍ଧି ପରେ ଗଞ୍ଜାମରେ ଅଭୂତପୂର୍ବ ବନ୍ୟା ପରିସ୍ଥିତି

ଭାସିଗଲା ଦୁଇ ଗାଁ, ଅନେକ ପରିବାରର ପତ୍ତା ମିଳୁନାହିଁ

ମାଟିତଳୁ ଉଦ୍ଧାର ହେଉଛି ଗୋଟିଏ ପରେ ଗୋଟିଏ ଶବ

■ ଭୁବନେଶ୍ୱର/ବ୍ରହ୍ମପୁର, ୨।୧୧ (ସମିସ): ବାତ୍ୟା ଆସିବା ପୂର୍ବରୁ ରେଡ୍ ଆଲର୍ଟ ଜାରି ହୋଇଥିଲା । ପ୍ରବଳ ବର୍ଷା ଓ ବନ୍ୟା ଆଶଙ୍କା ନେଇ ଆଗୁଆ ସତର୍କ କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ ବିଭୁତି ଜେନାଙ୍କ ଉପରେ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ ଥିଲା । ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ଜଳସମ୍ପଦ ବିଭାଗ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ପ୍ରସ୍ତୁତି ପାଇଁ ଯଥେଷ୍ଟ ସୂଚନା ଓ ସମୟ ଥିଲା । ତଥାପି ତିନି ଦଶନ୍ଧି ପରେ ତିନିଟି ଜିଲ୍ଲା ଏକ ଭୟଙ୍କର ବିପତ୍ତି ଓ ବିଭୀଷିକାକୁ ସାମ୍ନା କଲା । ସତର୍କ ସୂଚନା ଥାଇ ବି ଆଗୁଆ ପ୍ରସ୍ତୁତି ହୋଇ ପାରିଲା ନାହିଁ । ଯାହାକି ସରକାର, ଦାୟିତ୍ୱରେ ଥିବା ମନ୍ତ୍ରୀ, ଯନ୍ତ୍ରୀ, ଅଧିକାରୀଙ୍କୁ ପାରିବାପଣିଆ ଉପରେ ଉଠାଇଛି ପ୍ରଶ୍ନ । ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାର ସାଂଘାତିକ ସ୍ଥିତି ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି, ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶାର ସୁନାମ ମାଟି କାଦୁଅରେ ମିଶିଯାଇଛି ।

ପାଣିପାଗ ବିଭାଗର ରେଡ୍‌ର୍ ଆଲର୍ଟ ଅର୍ଥ ତୁରନ୍ତ ସତର୍କ ହେବା, ସାବଧାନ ରହିବା ଓ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର ଓ ଥଇଥାନ କରାଯିବା । ମାତ୍ର ଏ କ୍ଷେତ୍ରରେ ଯେଉଁ ଯେଉଁ ତତ୍ପରତା ଓ ନେତୃତ୍ୱର ଆବଶ୍ୟକତା ଥିଲା, ତାହା ଦେଖିବାକୁ ମିଳିନଥିଲା । ବିପଦର ଗମ୍ଭୀରତା ବୁଝି ପ୍ରଶାସନକୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା, ଜଳଭଣ୍ଡାରଗୁଡ଼ିକର ସ୍ଥିତି ସମୀକ୍ଷା କରିବା ଏବଂ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଆଗୁଆ ତଦାରଖ ଜରୁରୀ ଥିଲା । କିନ୍ତୁ ଜିଲ୍ଲାର ଦାୟିତ୍ୱରେ ଥିବା ମନ୍ତ୍ରୀ ଏହାକୁ ସମ୍ଭବତଃ ଗୁରୁତ୍ୱ ଦେଲେ ନାହିଁ । କେବଳ ଅଧିକାରୀଙ୍କୁ ଧରି ବୁଲିଲେ ବିପର୍ଯ୍ୟୟ ପରିଚାଳନା ହୁଏନାହିଁ, ଏ କଥା ସେ ବୁଝି ପାରିଲେ ନାହିଁ । କେବଳ ମନ୍ତ୍ରୀ ନୁହନ୍ତି, ଜଳସମ୍ପଦ ବିଭାଗର ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି । ଗଞ୍ଜାମ ଜିଲ୍ଲାର ପାଞ୍ଚଟି ଜଳଭଣ୍ଡାରର ଜଳସ୍ତର ଓ ଜଳ ନିଷ୍କାସନକୁ ନେଇ ଯେଉଁ ସତର୍କତା ଆବଶ୍ୟକ ଥିଲା, ତାହା ପ୍ରଦର୍ଶନ କରାଯାଇଥିଲା କି? ବର୍ଷା ▶ପୃଷ୍ଠା-୭

ସରକାରଙ୍କୁ ଝଟ୍‌କା | ଗୁମର ଖୋଲିଲା ଆଇଏମ୍‌ଡି

‘ରେଡ୍ ଆଲର୍ଟ’ର ଅର୍ଥ ‘ଟେକ୍ ଆକ୍ସନ୍: ନିର୍ଦ୍ଦେଶିକା

ଗଞ୍ଜାମ ଓ ଗଜପତି ପାଇଁ ଜାରି ହୋଇଥିଲା ରେଡ୍ ଆଲର୍ଟ

■ ଭୁବନେଶ୍ୱର, ୨।୧୧ (ସମିସ): ପାଣିପାଗ ବିଭାଗକୁ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ସରକାରଙ୍କୁ ଲାଗିଛି ଝଟ୍‌କା । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି ‘ଅର୍ଣ୍ଣବ’ ବାତ୍ୟା ଓ ବର୍ଷା ପ୍ରଭାବ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇଥିବା ଓ ରେଡ୍ ଆଲର୍ଟ ଦିଆଯାଇଥିବା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ରେଡ୍ ଆଲର୍ଟ ଜାରି କରାଯାଇଥିଲା । ରେଡ୍ ଆଲର୍ଟର ଅର୍ଥ ‘ଟେକ୍ ଆକ୍ସନ’ । ନିୟମିତ ଦୁଇ ଦିନ ପାଇଁ ଗଞ୍ଜାମ ଗଜପତିକୁ ରେଡ୍ ଆଲର୍ଟ ଜାରି ହୋଇଥିଲା ବୋଲି ଡଃ ମହାନ୍ତି ସ୍ପଷ୍ଟ କରିଛନ୍ତି । ରେଡ୍ ଆଲର୍ଟ ପରେ ଆଉ କୌଣସି ଆଲର୍ଟ ନାହିଁ ବୋଲି ସେ କହିଛନ୍ତି ।

ଗଞ୍ଜାମରେ ବାତ୍ୟା ଓ ବନ୍ୟା ବିଭୀଷିକା ପରେ ସରକାର ବାତ୍ୟାର ଗତିପଥ ଓ ଅକସ୍ମାତ ବର୍ଷାକୁ ନେଇ ପରୋକ୍ଷରେ ଆଇଏମଡି ଆକଳନକୁ ଦାୟୀ କରିଥିଲେ । ସରକାର ▶ପୃଷ୍ଠା-୭

ମୋଟୁରେ ରେଡିଓ କଲାରଯୁକ୍ତ ବାଘ

■ ଗ୍ରାମବାସୀଙ୍କୁ ସତର୍କ କଲା ବନ ବିଭାଗ

ମାଲକାନଗିରି, ୨।୧୧ (ସମିସ): ମୋଟୁ ବନାଞ୍ଚଳରେ ରେଡିଓ କଲାରଯୁକ୍ତ ଏକ ବାଘର ଚଳପ୍ରଚଳ ଚିହ୍ନଟ ପରେ ବନ ବିଭାଗ ପକ୍ଷରୁ ସତର୍କତା ବଢ଼ାଯାଇଛି। ଆନ୍ଧ୍ରପ୍ରଦେଶର ପାପିକୋଣ୍ଡାଲୁ ଅଞ୍ଚଳରୁ ଆସିଥିବା ଏହି ବାଘଟି ମୋଟୁ ରେଞ୍ଜ ଅଞ୍ଚଳରେ ବିଚରଣ କରୁଥିବା ଜଣାପଡ଼ିଛି। ବାଘର ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ଆ ର୍ ଆ ର୍ ଟି କୁ ନି ୟୋ ଜି ତ କରାଯାଇଛି। ରେଡିଓ କଲାର ମାଧ୍ୟମରେ ବାଘର ଗତିପଥ ଉପରେ



ନଜର ରଖାଯିବା ସହ ପାଦଚିହ୍ନ ଓ ଚଳପ୍ରଚଳ ସ୍ଥାନ ମଧ୍ୟ ଯାଞ୍ଚ କରାଯାଉଛି। ଏମ୍‌ଭି-୭ ୯ ଅଞ୍ଚଳରେ ଡିଏଫ୍‌ଓ ସାଇ କିରଣ ଡିଏନ୍ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ବାଘଟି ଯେପରି ଜନବସତି ଆଡ଼କୁ ନଆସେ ଏବଂ କୌଣସି ଅଘଟଣ ନଘଟେ, ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଆଖପାଖ ଗ୍ରାମରେ ମାଇକ୍ ଯୋଗେ ସଚେତନତା ସୃଷ୍ଟି କରି ଲୋକଙ୍କୁ ଜଙ୍ଗଲ ଅଞ୍ଚଳକୁ ନଯିବା ଏବଂ ବାଘ ଦେଖିଲେ ତା'ର ନିକଟକୁ ନଯାଇ ତୁରନ୍ତ ବନ ବିଭାଗକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଏନେଇ ଜିଲ୍ଲା ବନ ଖଣ୍ଡ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଡିଏଫଓଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ମାଳିପୁଟ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ପଟାଙ୍ଗି,୨।୧୧(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏଥିରେ ଯୋଗଦେଇ ଲୋକଙ୍କ ଠାରୁ ଆସିଥିବା ବିଭିନ୍ନ ଲିଖିତ ଅଭିଯୋଗ ଶୁଣିବା ସହ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ୪୭ଟି ଅଭିଯୋଗ ଉପସ୍ଥାପନ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୨୦ ଜଣ ହିତାଧିକାରୀଙ୍କୁ ଦୀର୍ଘଦିନ ଧରି ଭତ୍ତା ମିଳୁନଥିବା ଏବଂ ପଞ୍ଚାୟତର ପ୍ରାୟ ୧୦ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର



ପାଇବାରୁ ବଞ୍ଚିତ ଥିବା ନେଇ ଅଭିଯୋଗ କରିଥିଲେ। ସେହିପରି କୁନ୍ଦୁଲି ହାଟପଦାରେ ବସୁଧା ଯୋଜନାରେ ଜଳ ଯୋଗାଣ ବ୍ୟବସ୍ଥା ବିଫଳ ହୋଇଥିବା, ମାଲକାରବନ୍ଧ ଗ୍ରାମରେ ବିଦ୍ୟୁତ୍ ଓ ସୋଲାର ଜଳ ଯୋଗାଣରେ ଅବ୍ୟବସ୍ଥା ଏବଂ ମାଳିପୁଟ ଗ୍ରାମରେ ଜିଓ ମୋବାଇଲ ନେଟୱର୍କ ସେବା ଉପଲବ୍ଧ କରାଇବା ପାଇଁ ଦାବି ହୋଇଥିଲା। ଯୋଗିନାୟକଗୁଡ଼ାଠାରୁ ସିନ୍ଦେଇ ଗ୍ରାମ ପର୍ଯ୍ୟନ୍ତ ଆରଡି ରାସ୍ତାର ମରାମତି, ୨୬ ନମ୍ବର ଜାତୀୟ ରାଜପଥଠାରୁ ଏରାସାନ୍ତାଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ମରାମତି, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଏବଂ ଦୁଇ ଫେଜ୍ ବିଦ୍ୟୁତ୍ ବ୍ୟବସ୍ଥାକୁ ତିନି ଫେଜ୍ କରିବା ପାଇଁ ଏରାସାନ୍ତାଗୁଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଅନ୍ୟପକ୍ଷରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମାଲକାରବନ୍ଧ ଗ୍ରାମର ଡ୍ରେନ୍ ଧୋଇଯିବା ସହ ବିଭିନ୍ନ ଗ୍ରାମରେ ଫସଲ ନଷ୍ଟ ହୋଇଥିବା ନେଇ ଅଭିଯୋଗ ଆସିଥିଲା। ଏଥିସହ ବିଭିନ୍ନ ଗ୍ରାମରେ ପମ୍ପ ହାଉସରୁ ମୋଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ଘଟଣାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଶିବିରରେ କୋଟପାଡ଼ ଓ ବୋରିଗୁମ୍ମା ଅଞ୍ଚଳରୁ ୨୦୦ରୁ ଅଧିକ ମହିଳା ଯୋଗଦେଇ କୋରାପୁଟ ଜିଲ୍ଲାକୁ ମଦମୁକ୍ତ କରିବା ପାଇଁ ଦାବି ଜଣାଇଥିଲେ। ଏହି ଦାବି ଜିଲ୍ଲାରେ ମଦ ବିରୋଧୀ ଆନ୍ଦୋଳନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସାମ୍ନାକୁ ଆଣିଥିଲା। ଏହି ଅବସରରେ ଉପଜିଲ୍ଲାପାଳ ଫାବି ରସିଦ୍, ସିଡିଓ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ ପୂଜାରୀ, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସରପଞ୍ଚ ସୋମନାଥ ଗୁଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ କଣ୍ଡା ଗୋଲୋରି, ଏଡିଓ ଅଭିନାଶ ପାତ୍ର, ଯନ୍ତ୍ରୀ ଶୁଭମିତା ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜନ ଅଭିଯୋଗ ଶୁଣାଣି ଶିବିର ଶେଷ ହେବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ। ଏରାସାନ୍ତାଗୁଡ଼ାଠାରୁ ଡମଣିଝୋଲା ଗ୍ରାମ ପର୍ଯ୍ୟନ୍ତ ଘାଟି ଟା କାର୍ଯ୍ୟ, ତଳ ଏରାସାନ୍ତାଗୁଡ଼ାଠାରୁ ଉପର ଏରାସାନ୍ତାଗୁଡ଼ା ପର୍ଯ୍ୟନ୍ତ ମେଟାଲ ରାସ୍ତା ନିର୍ମାଣ ଏବଂ ପରଜା ସିପାଇପୁଟ ଜଙ୍ଗଲରେ ଚାଲିଥିବା ଷ୍ଟାଗର ଟ୍ରେଞ୍ଚ କାର୍ଯ୍ୟ ତଦାରଖ କରିଥିଲେ।

ଓଡ଼ିଶା-ଛତିଶଗଡ଼ ବନ ବିଭାଗର ମିଳିତ ପାଟ୍ରୋଲିଂ



ମାଲକାନଗିରି, ୨।୧୧(ସମିସ): ସୀମାନ୍ତ ଜଙ୍ଗଲରେ ବନ ସମ୍ପଦର ଚୋରାଚାଲାଣ ଓ ଅବାଧ ଗଛକଟା ରୋକିବା ସହ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯାଇଛି। ମାଲକାନଗିରି ବନଖଣ୍ଡର ପଦ୍ମଗିରି ସେକ୍ସନ ସଂଲଗ୍ନ ସୀମାନ୍ତ ଜଙ୍ଗଲରେ ଏହି ଅଭିଯାନ ହୋଇଥିଲା। ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତଙ୍କ ସମେତ ଓଡ଼ିଶାର ବନ କର୍ମଚାରୀମାନେ ଛତିଶଗଡ଼ ବନ ବିଭାଗର କର୍ମଚାରୀଙ୍କ ସହ ଜଙ୍ଗଲର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଯାଞ୍ଚ କରିଥିଲେ। ଏଥିସହ ସୀମାନ୍ତ ଅଞ୍ଚଳରେ ବନ ଅପରାଧ ରୋକିବା ଓ ସୂଚନା ଆଦାନପ୍ରଦାନ ନେଇ ଦୁଇ ବିଭାଗ ମଧ୍ୟରେ ଆଲୋଚନା ହୋଇଥିଲା।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ରାମନାଗୁଡ଼ା,୨।୧୧(ସମିସ): "ଶିଶୁ ହସିଲେ ଦେଶ ହସେ, ଶିଶୁ ବଢ଼ିଲେ ଦେଶ ଆଗେଇ ଚାଲେ' ମନ୍ତ୍ରକୁ ନେଇ ରାମନାଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୧ଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷା ଜାନକୀ ନିମାଲା, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ପାରିଖିଡ଼ି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବରିକା ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନ ରଞ୍ଜନ ବଡ଼ଜେନା ଯୋଗ



ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଶିକ୍ଷା ସହ ଜୀବନ ଗଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ସାତଟି ମନ୍ତ୍ର ଦେଇଥିଲେ। ଉତ୍ସବରେ ଶ୍ରେଷ୍ଠ ସାମଗ୍ରିକ ପ୍ରଦର୍ଶନ ପାଇଁ ବିଭିନ୍ନ ବର୍ଗର ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଏଥିସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ବେବିରାଣୀ ନନ୍ଦ ମଞ୍ଚ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କାଲାମଗୁଡ଼ା ଏସ୍ ଆଣ୍ଡ ଏମ୍‌ଇ ସାମଗ୍ରିକ ଭଲ ପ୍ରଦର୍ଶନ ପାଇଁ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ପେଡ଼ାଗୁଡ଼ା ଏସ୍ ଆଣ୍ଡ ଏମ୍‌ଇ ସାମଗ୍ରିକ ପ୍ରଦର୍ଶନ, ସରକାରୀ ମାଧ୍ୟମିକ ବିଦ୍ୟାଳୟ, କୋଣ୍ଡାଜାମ ଏସ୍‌ଏସ୍‌ଡି ସାମଗ୍ରିକ ପ୍ରଦର୍ଶନ, ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟ, ଝିଞ୍ଜିରିବାଡ଼ି ଏସ୍‌ଏସ୍‌ଡିକୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା।

■ ପାଣି ଟାଙ୍କି ରକ୍ଷଣାବେକ୍ଷଣରେ ଅନିୟମିତତା

କେବେ ନିଯୁକ୍ତ ପାଇବେ ସ୍ଥାୟୀ କର୍ମଚାରୀ ?

ଗୁଡାରୀ, ୨।୧୧ (ସମିସ): ଏକ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ଗୁଡାରୀ ଠାରୁ ଶିରିଗୁଡ଼ା ଯିବା ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ତଥା ପାନୀୟ ଜଳ ପରିମଳ ବିଭାଗ ତରଫରୁ ସହର ବାସିନ୍ଦାଙ୍କୁ ଜଳ ଯୋଗାଣ ନିମନ୍ତେ ନିର୍ମାଣ କରାଯାଇଥିବା ୧ ଲକ୍ଷ ଲିଟର ପାଣି ଟାଙ୍କି ଏବଂ ସ୍ଥଳଭାଗରେ ଥିବା ୪ ଲକ୍ଷରୁ ଅଧିକ ଗଚ୍ଛିତ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏମିତିରେ ବହୁ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିବା ପାଣି ଟାଙ୍କି, ଏହାର ପରିଚାଳନା କରିବା ପାଇଁ ସ୍ଥାୟୀ ନିଯୁକ୍ତି ଭାବେ ସୁରକ୍ଷା କର୍ମୀ କିମ୍ବା କୌଣସି ସରକାରୀ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। ଫଳରେ ଜଳ ଯୋଗାଣ ସମୟ ଶେଷ ହେବା ପରେ ଏଠାରେ କୌଣସି କର୍ମଚାରୀ ଉପସ୍ଥିତ ରହୁଥିବା ଦେଖିବାକୁ ମିଳୁନି । କାରଣ ସ୍ଥାୟୀ କର୍ମଚାରୀ ଏଠାରେ କାହାକୁ ଦିଆଯାଇ ନାହିଁ। ଏହାକୁ ନେଇ ଜଳଯୋଗାଣ ବିଭାଗର ଜେଇ ଶ୍ରୀ ସବ୍ୟସାଚୀଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି, ଅଳ୍ପ ଦିନରେ ଚାରିପାଖେ ସିସି କ୍ୟାମେରା ଲାଗିବ ଏବଂ ଏଠି ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଦିଆଯାଇଛି ବୋଲି କହିଛନ୍ତି। ପ୍ରତ୍ୟେକ ସହରରେ ଜଳ ଯୋଗାଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କାରଣ ଯେଉଁ ଟାଙ୍କିରୁ ସାଧାରଣ ଜନତାକୁ ପାଣି ଯୋଗାଇ ଦିଆଯାଏ, ତାହା ବିଭାଗର ଅନୁଗତରେ ରହିବା ଆବଶ୍ୟକ। ଟାଙ୍କିର ସଫେଇଠୁ ଆରମ୍ଭ କରି ପ୍ରବେଶ ଫାଟକରେ ବାହାର ଅଜଣା ଲୋକଙ୍କ ପ୍ରବେଶ ଉପରେ କଟକଣା ଆବଶ୍ୟକ। ଏମିତିରେ ରାତି ସମୟରେ ଏହି ସ୍ଥାନ ଶୂନ୍‌ଶାନ୍ ରହୁଥିବାରୁ ପାଣିରେ ଯଦି କୌଣସି ଦୁର୍ବୃତ୍ତ କିଛି ମିଶାଇବାକୁ ଚାହିଁବ, ତାକୁ କିପରି ରୋକାଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଦାବି ହେଉଛି।

ସ୍ୱଚ୍ଛତା କାର୍ଯ୍ୟକ୍ରମ

ଟିକିରି,୨।୧୧(ସମିସ): ଟିକିରି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଇଟ୍‌ହାଉସ ଇନିସିଏଟିଭ୍ ପ୍ରୋଜେକ୍ଟର ସହଯୋଗ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ସଫେଇ ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷା ବକୁଳରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ତଥା ଲାଇଟ୍ ହାଉସ ଇନିସିଏଟିଭ୍ ପ୍ରୋଜେକ୍ଟର କୁବେର ବୁଡେକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅଭିଯାନରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ଏବଂ କର୍ମଚାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ଭିତର ଏବଂ ବାହାର ପାଚେରି ପାଖରେ ଜମା ହୋଇଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଏବଂ ଅନାବଶ୍ୟକ ଘାସ ଆଦି ସଫା କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟକୁ ସଫସୁତୁରା ରଖିବା ସହିତ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ବିଦ୍ୟାଳୟର ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି।

ଅମ୍ବାଦଳା ମେଡିକାଲ ଛକରେ ଗଜଲକ୍ଷ୍ମୀ ପୂଜା

ଅମ୍ବାଦଳା, ୨।୧୧(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମେଡିକାଲ ଛକରେ ଚଳିତ ବର୍ଷ ବେଶ୍ ଧୁମଧାମ ଓ ଉତ୍ସାହର ସହ ପାଳିତ ହେଉଛି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା। ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି



ପକ୍ଷରୁ 'ବୁଗି ବୁଗି' ନୃତ୍ୟ ପ୍ରତିଯୋଗିତା, ଆକାଶଛୁଆଁ ରାମଦୋଳି ଏବଂ ବିଶାଳ ମୀନାବଜାରର ଭରପୂର ଆୟୋଜନ କରାଯାଇଛି। ପ୍ରତିକୂଳ ପାଗ ତଥା ଅଦିନିଆ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଉତ୍ସାହରେ କୌଣସି କମି ଦେଖିବାକୁ ମିଳିନାହିଁ। ବର୍ଷାକୁ ଖାତିର ନକରି ମା'ଙ୍କ ମୃଣ୍ମୟୀ ପ୍ରତିମା ଦର୍ଶନ ପାଇଁ ମଣ୍ଡପରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳୁଥିବା ବେଳେ ବୁଗି ବୁଗି ଡାନ୍ସର ମଜା ନେଉଛନ୍ତି ସହର ବାସୀ। ଅନ୍ୟପଟେ ଭିଡ଼ ନିୟନ୍ତ୍ରଣ ତଥା ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଅମ୍ବାଦଳା ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ପୁଲିସ୍ ବାହିନୀ ସଜାଗ ରହି ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ବର୍ଷା କାରଣରୁ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଆଗମନ ଲାଗିରହିଥିଲେ ହେଁ ଖୋଲା ପଡ଼ିଆରେ ଥିବା ମୀନାବଜାର ଏବଂ ଦୋଳି ବ୍ୟବସାୟ ଟିକେ ମାନ୍ଦା ପଡ଼ିଛି। ପାଗରେ ସୁଧାର ଆସିଲେ ଆଗାମୀ ଦିନରେ ବେପାର ବଣିଜ ସ୍ୱାଭାବିକ ହେବା ସହ ମୀନାବଜାରରେ ଆହୁରି ଚଳଚଞ୍ଚଳତା ଆସିବ ବୋଲି ବ୍ୟବସାୟୀ ଓ ପୂଜା କମିଟି ଆଶା ପ୍ରକଟ କରିଛନ୍ତି।

ପଡ଼ିଆ ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି/ପଡିଆ, ୨।୧୧ (ସମିସ): ପଡ଼ିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଅଧ୍ୟକ୍ଷତା କରିଥିବା ବେଳେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପଡିଆ ବିଡିଓ ଅରବିନ୍ଦ ପ୍ରଧାନ ଏବଂ ସହାୟକ ଜିଲ୍ଲାପାଳ ପ୍ରୀତମ ଦେବତା ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୧୨ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଯେଉଁଥିରେ ଗୋଟିଏ ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ଗ୍ରାମ୍ୟ/ସାମୁହିକ ଅଭିଯୋଗ ସାମିଲ ରହିଥିଲା। ଲୋକମାନଙ୍କର ମୌଳିକ ସମସ୍ୟା, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଓ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗକୁ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ। ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗପତ୍ରଗୁଡ଼ିକୁ ତୁରନ୍ତ ତଦାରଖ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଡିଓ-କମ୍-ଇଓ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟ ରାସ୍ତାକଡ଼ରେ ଅଦରକାରୀ ବିଦ୍ୟୁତ୍ ଖୁଣ୍ଟ

● ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ବି ବିଭାଗ ନିରବ

ମୁନିଗୁଡ଼ା,୨।୧୧(ସମିସ): ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ରଣିପିଣ୍ଡା ପଞ୍ଚାୟତ ଝାଗିଡ଼ି ଗ୍ରାମ ନିକଟସ୍ଥ ମୁଖ୍ୟ ରାଜରାସ୍ତା କଡ଼ରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପଦାରେ ପଡ଼ିଛି। ରାସ୍ତା କଡ଼ରେ ଏକ ଅଧାକଟା ତଥା ବଙ୍କା ଲୁହା ବିଦ୍ୟୁତ ଖୁଣ୍ଟ ବିପଦଜନକ ଭାବେ ବାହାରକୁ ବାହାରି ରହିଥିବା ବେଳେ ଏହା ନିତିଦିନିଆ ଯାତାୟାତ କରୁଥିବା ପଥଚାରୀ ଓ ଗାଡ଼ିଚାଳକଙ୍କ ପାଇଁ ମରଣଯନ୍ତା ସଦୃଶ ପାଲଟିଛି। ରାସ୍ତା କଡ଼କୁ ଲାଗି ଉକ୍ତ ତୀକ୍ଷ୍ଣ ଲୁହା ଖୁଣ୍ଟଟି ବାହାରି ରହିଥିବାରୁ ଟିକିଏ



ଅସାବଧାନତା କାରଣରୁ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ଅମ୍ବାଦଳା ହାଇସ୍କୁଲ ଓ ସ୍ଥାନୀୟ ଥାନା ସମ୍ମୁଖ ଭଳି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଏକାଧିକ ଅଦରକାରୀ ପୁରୁଣା ବିଦ୍ୟୁତ ଖୁଣ୍ଟ ଅସୁରକ୍ଷିତ ଭାବେ ଠିଆ ହୋଇ ରହିଛି। ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଦୈନନ୍ଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ହେଁ ବିଭାଗ ପକ୍ଷରୁ ଏଗୁଡ଼ିକୁ ହଟାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବିପଦପୂର୍ଣ୍ଣ ସ୍ଥିତି ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ସମ୍ପୃକ୍ତ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ସୁଦ୍ଧା ପ୍ରଶାସନ କିମ୍ବା ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ବଡ଼ ଅଘଟଣକୁ ଅପେକ୍ଷା କରିଛନ୍ତି କି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଝାଗିଡ଼ି ନିକଟରେ ଥିବା ଏହି ଅଧାକଟା ବିପଦଜନକ ଲୁହା ଖୁଣ୍ଟ ସମେତ ସ୍କୁଲ ଓ ଥାନା ସମ୍ମୁଖରେ ଥିବା ଅଦରକାରୀ ଖୁଣ୍ଟଗୁଡ଼ିକୁ ତୁରନ୍ତ ସ୍ଥାନାନ୍ତର କିମ୍ବା ସମ୍ପୂର୍ଣ୍ଣ ଭାବେ ହଟାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

ରାୟଗଡ଼ରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ରାୟଗଡ଼,୨।୧୧(ସମିସ): ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଏହି

● ୫୨ଟି ଅଭିଯୋଗ ପଞ୍ଜୀକୃତ



ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱମ୍ବର କୁମାର ବେହେରା, ଉପଜିଲ୍ଲାପାଳ ମୃଣାଳିକା ରାଠୋଡ ଏବଂ ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ ୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା। ରେଡକ୍ରସ ପାଣ୍ଠିରୁ ଜଣେ ଆବେଦନକାରୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବାତ୍ୟା ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି


➤ ୫ ହଜାର ଲୋକ ସ୍ଥାନାନ୍ତର



ମାଲକାନଗିରି,୨।୧୧(ସମିସ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା, ଉଦ୍ଧାର ଓ ଆଗୁଆ ପ୍ରସ୍ତୁତି କାର୍ଯ୍ୟକୁ ବ୍ୟାପକ କରାଯାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ଆଜି ସୁଦ୍ଧା ମୋଟ ୫,୦୭୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୧୪୯ଟି ପକ୍କା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇସାରିଛି। ବିଶେଷ କରି ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ୧୦୯ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ମାତୃଯତ୍ନ କେନ୍ଦ୍ର ଓ ହସ୍ପିଟାଲକୁ ସୁରକ୍ଷିତ ଭାବେ ପଠାଯାଇଛି। ଜରୁରୀକାଳୀନ ପରିସ୍ଥିତିର ମୋକାବିଲା ପାଇଁ କ୍ଷେତ୍ରସ୍ତରରେ ୧ଟି ଓଡ୍ରାଫ୍ ଟିମ୍, ୧ଟି ଏନଡିଆରଏଫ୍ ଟିମ୍ ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୯ଟି ଅଗ୍ନିଶମ ବାହିନୀ ଦଳକୁ ମୁତୟନ କରାଯାଇଛି। ପରିସ୍ଥିତିର ସୀମାନ୍ତ ସମୀକ୍ଷା ଏବଂ ପ୍ରତ୍ୟକ୍ଷ ତଦାରଖ ପାଇଁ କାଲିମେଳା, ମାଥିଲି, ଚିତ୍ରକୋଣ୍ଡା ଓ ମାଲକାନଗିରି ସଦର ଅଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ମୁତୟନ କରାଯାଇଥିବା ବେଳେ କାଲିମେଳା ଓ ମାଥିଲିରେ ଡେପୁଟି ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଦାୟିତ୍ୱ ସମ୍ଭାଳିଛନ୍ତି। ଅନ୍ୟପଟେ ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇ ସମଗ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆଜି ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୨.୮୧ ମିଲିମିଟର ସ୍ୱଳ୍ପ ବର୍ଷା ରେକର୍ଡ କରାଯାଇଥିବା ବେଳେ ପବନର ବେଗ ସମ୍ପୂର୍ଣ୍ଣ ସାଧାରଣ ରହିଛି। ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଭୟଭୀତ ନହୋଇ ସଜାଗ ରହିବାକୁ ଏବଂ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

ଅଧିକାରୀ ଶୂନ୍ୟ ମାଥିଲି ବ୍ଲକ, ମନ୍ଥର ଉନ୍ନୟନ କାର୍ଯ୍ୟ

ମାଥିଲି,୨।୧୧ (ସମିସ): ସହିଦ ମାଟି ଭାବେ ପରିଚିତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ଅଧିକାରୀଙ୍କ ଅଭାବ ଯୋଗୁଁ ପ୍ରଶାସନିକ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ବାଧାପ୍ରାପ୍ତ ହୋଇଛି। ବ୍ଲକର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଥିବା ବେଳେ ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟାଳୟ ପରିଚାଳିତ ହେଉଛି। ଫଳରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନଠାରୁ ଆରମ୍ଭ କରି ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୮ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜାରି ବଦଳି ନିର୍ଦ୍ଦେଶରେ ମାଥିଲି



ବିଡିଓ ପ୍ରମୋଦ କୁମାର ବେହେରାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ମାଲକାନଗିରି ତହସିଲଦାର ଦେବାଶିଷ ଜେନାଙ୍କୁ ମାଥିଲି ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ବଦଳି ନିର୍ଦ୍ଦେଶକୁ ପ୍ରାୟ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ଶ୍ରୀ ଜେନା ଏଯାଏଁ ମାଥିଲିରେ ଯୋଗଦାନ କରିନାହାନ୍ତି। ଅନ୍ୟପକ୍ଷରେ ଶ୍ରୀ ବେହେରା ମାଥିଲିରୁ ଅବ୍ୟାହତି ନେଇଥିଲେ ମଧ୍ୟ ରାଜନଗର ବ୍ଲକରେ ଯୋଗଦାନ

➤ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ନୂଆ ବିଡିଓ
➤ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି

କରିନଥିବା ଜଣାପଡ଼ିଛି। ଏହି ପରିସ୍ଥିତିରେ ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ଅତିରିକ୍ତ ଭାବେ ମାଥିଲି ବ୍ଲକର ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଅତିରିକ୍ତ ବିଡିଓ ସରୋଜ କୁମାର ପ୍ରଧାନଙ୍କ ଅବସର ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବଶଙ୍କର ସାହୁ ନିଜ କାର୍ଯ୍ୟ ସହ ଅତିରିକ୍ତ ବିଡିଓଙ୍କ ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି। ଏଥିସହ ଭିବି-ଜି ରାମ-ଜି ଯୋଜନାର ସହକାରୀ ପ୍ରକଳ୍ପ ଅଧିକାରୀ (ଏପିଓ) ପଦବୀ ମଧ୍ୟ ଖାଲି ପଡ଼ିଥିବାରୁ ବ୍ଲକର ପ୍ରଶାସନିକ ବ୍ୟବସ୍ଥା ଅତିରିକ୍ତ ଦାୟିତ୍ୱ ଉପରେ ନିର୍ଭରଶୀଳ ହୋଇପଡ଼ିଛି। ଅଧିକାରୀଙ୍କ ଅଭାବର ସିଧାସଳଖ ପ୍ରଭାବ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପଡୁଥିବା ଅଭିଯୋଗ ହେଉଛି। ପୂର୍ବରୁ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିବା ଛୋଟବଡ଼ ଠିକାଦାରମାନେ ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟକାରୀମାନେ ମଧ୍ୟ ଏହି ସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିସହ ବିଭିନ୍ନ ଫାଇଲ୍ କାର୍ଯ୍ୟ, ଯୋଜନାର ଅନୁମୋଦନ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ଆବଶ୍ୟକ ତ୍ୱରାନ୍ୱିତ ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷରେ ନବନିଯୁକ୍ତ ବିଡିଓ ଶ୍ରୀ ଜେନାଙ୍କୁ ଏଯାଏଁ ମାଲକାନଗିରି ତହସିଲଦାର ପଦରୁ ଅବ୍ୟାହତ କରାଯାଇନଥିବା ଚର୍ଚ୍ଚା ହେଉଛି। ଦୁଇ ଅଧିକାରୀଙ୍କ ବଦଳି ଓ ଯୋଗଦାନକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ପଛରେ ପ୍ରଶାସନିକ ଓ ରାଜନୈତିକ କାରଣ ଥିବା ନେଇ ଅଞ୍ଚଳରେ ବିଭିନ୍ନ ଆଲୋଚନା ଚାଲିଛି। ତେବେ ଏହାର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟତା ମିଳିନାହିଁ। ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସକାଳ
THE SAKALA

ସଅଁରା ଛକ ବାଣ ଗୋଦାମ ଉପରେ ପୁଲିସର ଚଢ଼ଉ

୪୦ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ

ତିର୍ତ୍ତୋଲ,୨।୧୧(ସମିସ)



ତିର୍ତ୍ତୋଲ ପୁଲିସର ଏକ ଟିମ୍ ସଅଁରା ସ୍ଥିତ ଏକ ବାଣ ଗୋଦାମ ଉପରେ ଚଢ଼ଉ କରି ପ୍ରାୟ ୪୦ ଲକ୍ଷ ଟଙ୍କାର ବାଣ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ସଂପୃକ୍ତି ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଏସମ୍ପର୍କରେ ତିର୍ତ୍ତୋଲ ଥାନା ପକ୍ଷରୁ କନକପୁର ଫାଣ୍ଡି ପରିସରରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଏସପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ସୂଚନା ମୁତାବକ ସଅଁରା ଛକ ଠାରେ ସ୍ଥାନୀୟ ପୁଟିଙ୍ଗ ଗ୍ରାମର ରମେଶ ପୃଷ୍ଟି ଓ ତାଙ୍କର ସହଯୋଗୀଙ୍କ ଦ୍ୱାରା ବେଆଇନ ଭାବେ ବାଣ ଓ ବିସ୍ଫୋରକ ସାମଗ୍ରୀ ତିଆରି ହେବା ସହ ଗଚ୍ଛିତ ରହିବା ଓ ବିକ୍ରୟ କରାଯାଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନକପୁର ଫାଣ୍ଡି ଅଧିକାରୀ ବିଶ୍ୱଜିତ ଗଡ଼ନାୟକ ନିଜ ପରେ ପୁଲିସ ଟିମ୍ ସହ ପହଞ୍ଚିଥିଲେ। ପୁଲିସ ଟିମ୍‌କୁ ଦେଖି ରମେଶ ପୃଷ୍ଟି ଓ ତାଙ୍କ ଭାଇ ଅଭିଳାଷ ପୃଷ୍ଟି ଓ ପୁତୁରା ଜ୍ଞାନେଶ ପୃଷ୍ଟି ଦୌଡ଼ି ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ପୁଲିସ ପଚରା ଉଚରା କରିବାରୁ ସେମାନେ ଏଥିରେ ସଂପୃକ୍ତ ଥିବା ଓ ସଅଁରା ଛକ ଦୁଇ ବଖରା ଘରେ ବାଣ ଗଚ୍ଛିତ ଥିବା ନେଇ କହିଥିଲେ। ପୁଲିସ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ତିର୍ତ୍ତୋଲର ଅତିରିକ୍ତ ତହସିଲଦାର ଡ. ବିଶ୍ୱାମିତ୍ର ଗାର୍ଗୀଙ୍କ ଉପସ୍ଥିତିରେ ଦୋକାନ ଘର ଖୋଲି ଯାଞ୍ଚ କରି ୩୫୦ଟି ହାତ ତିଆରି ବୋମା, ବାରୁଦ ୩୦ କେଜି, କଠିନ ଆଲୁମିନିୟମ୍ ଧାତୁ ୪୦ କେଜି, ଆଲୁମିନିୟମ୍ ପାଉଡର ୭୫ କେଜି, କାର୍‌କୋଲ ପାଉଡର ୧୦୦ କେଜି, ଡିଟୋନେଟର ୬୦ ଖଣ୍ଡ, ବିଭିନ୍ନ ପ୍ରକାର ବାଣ ୮୩ କାର୍ଟୁନ୍, ହାତ ତିଆରି ବୋମା ଓ ବାଣ ପାଇଁ ବିଭିନ୍ନ ସାମଗ୍ରୀକୁ ଜବତ କରିଥିଲା। ପୁଲିସ ତଦନ୍ତରୁ ଏହି ଅଭିଯୁକ୍ତମାନେ କଲିକତା ଓ କଟକରୁ ବାଣ ଓ ବିସ୍ଫୋରକ ତିଆରି ପାଇଁ ସାମଗ୍ରୀ କିଣୁଥିଲେ। ତିଆରି ପରେ ଜଗତସିଂହପୁର ଜିଲ୍ଲାରେ ୨୪ଟି ସବ୍ ଡିଲର ଜରିଆରେ ଏସବୁ ବିକ୍ରୟ କରୁଥିଲେ। ଏମାନେ ବିନା ଲାଇସେନ୍ସରେ ଦୀର୍ଘ ଦିନ ହେଲା ଏସବୁ କାର୍ଯ୍ୟ କରୁଥିଲେ। ଗତ ୧୦ ତାରିଖରେ ପୁଲିସ ବେଆଇନ ଭାବେ ବାଣ ଓ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିବା ଅଭିଯୋଗରେ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତ ରମେଶ ପୃଷ୍ଟିଙ୍କୁ ଗିରଫ କରିଥିଲା। ପୁଲିସ ଏହି ତିନି ଜଣ ଅଭିଯୁକ୍ତ ବିରୁଦ୍ଧରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରିବା ସହ ଏହି ଘଟଣାରେ ବିଷୟରେ ଅଧିକ ତଦନ୍ତ ଜାରି ରଖିଛି। ତିର୍ତ୍ତୋଲ ପୁଲିସ ବିଗତ ଗୋଟିଏ ମାସ ମଧ୍ୟରେ ସାଧାରଣ ଲୋକଙ୍କ ଧନ ଜୀବନ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଚଳାଇ ୭ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେରେ ତିର୍ତ୍ତୋଲ ଏସଡିପିଓ ଅଜୟ କୁମାର ଦାସ, ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଓ ଅନ୍ୟ ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଜେଏସ୍‌ଡବ୍ଲ୍ୟୁର ଜରୁରୀକାଳୀନ ଓପିଡି ଆରମ୍ଭ



ପାରାଦୀପ,୨।୧୧(ସମିସ): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜରୁରୀକାଳୀନ ବହିର୍ବିଭାଗ (ଇମରଜେନ୍ସି ଓପିଡି) ସେବା ଆରମ୍ଭ କରାଯାଇଛି। ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଆରମ୍ଭ କରାଯାଇଛି। ପୂର୍ବରୁ ଏହି ତିନୋଟି ଗ୍ରାମ ପଞ୍ଚାୟତର ଲୋକମାନେ ବିଶେଷକରି ରାତ୍ରି ସମୟରେ ଜରୁରୀକାଳୀନ ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ। ନିକଟରେ ରାତ୍ରିକାଳୀନ ଚିକିତ୍ସା ସେବାର ସୁବିଧା ନଥିବାରୁ ଜରୁରୀ ପରିସ୍ଥିତିରେ ଠିକ୍ ସମୟରେ ଚିକିତ୍ସା ପାଇବା ପାଇଁ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। କମ୍ପାନୀ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏହି ଜରୁରୀକାଳୀନ ଓପିଡି ସେବା ଆରମ୍ଭ କରାଯାଇଛି। ଏହି ସେବା ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ତିନୋଟି ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଉପଲବ୍ଧ ହେବ। ପ୍ରତିଦିନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଏହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ତୁରନ୍ତ ଡାକ୍ତରୀ ପରାମର୍ଶ ଓ ପ୍ରାଥମିକ ଚିକିତ୍ସା ପାଇପାରିବେ। ଯେଉଁ ରୋଗୀମାନଙ୍କୁ ଅଧିକ ଉନ୍ନତ ଚିକିତ୍ସା ବା ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ରହିବ, ସେମାନଙ୍କୁ କମ୍ପାନୀ ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ।

ଏହି ସେବାର ଶୁଭାରମ୍ଭ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ତଥା ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ଉପସଭାପତି ମନୋଜ ସିଂହ, ଆସୋସିଏଟ ଉପସଭାପତି ମିତ୍ରଭାନୁ ଚୌଧୁରୀ ଏବଂ ଜେଏସଡବ୍ଲୁ ସିଏସଆର ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ରହି ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ତିନୋଟି ଗ୍ରାମ ପଞ୍ଚାୟତର ପ୍ରମୁଖ ଜନପ୍ରତିନିଧି ଓ ସମାଜସେବୀଙ୍କ ମଧ୍ୟରେ ସ୍ମୃତି ମନ୍ତ୍ରୀ, ଯଦୁନାଥ ଖଟୁଆ, ତାମିଲ ପ୍ରଧାନ, ସମ୍ପଦ ବାରିକ, କେଶବ ରାଉତ, ରଞ୍ଜନ ବର୍ଦ୍ଧନ, ପ୍ରଭାତ ରାଉତ, ପ୍ରଶାନ୍ତ ଲେଙ୍କା, ସନ୍ତୋଷ ମହାନ୍ତି ଓ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

ଗଙ୍ଗୋତ୍ରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଏରସମା,୨।୧୧(ସମିସ): ଗଙ୍ଗୋତ୍ରୀ ସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକର ପଏଦା ପଞ୍ଚାୟତ ଅନ୍ତର୍ଗତ ସିଆର୍‌କେ ହାଇସ୍କୁଲ ଅଡିଟୋରିୟମରେ ସଂସଦର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ଓ ନାଟ୍ୟକାର ପ୍ରଶାନ୍ତ କୁମାର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ନୈତିକତା, ମାନବିକତା ଓ ସାମାଜିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ମତ ଦେଇଥିଲେ। ପାରାଦୀପ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସୁଧାକର ଦାସ ମୁଖ୍ୟବକ୍ତା, ସାହିତ୍ୟିକ ଅଜୟ କୁମାର ବେହେରା, ପ୍ରକାଶକ ରଜତରଶ୍ମି ସ୍ୱାଇଁ ଓ ପଣ୍ଡିତ ନାଗୁ ଚରଣ ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ମୁଦୁଲି ପ୍ରଥମ ଅଧିବେଶନରେ ଧନ୍ୟବାଦ ଦେଇଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଝଙ୍କଡ଼ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ। ଏଥିରେ ଅମରଜ୍ୟୋତି ସାହୁ, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ଗାଳ୍ପିକ ଦୀପ୍ତି ରଞ୍ଜନ ଖଣ୍ଡୁଆଳ, 'ସୁଶ୍ରୀ ଶୁଭଶ୍ରୀ'ର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୈଷ୍ଣବ ଚରଣ ନାୟକ ଅତିଥି ଭାବେ ଯୋଗଦେଇଥିଲେ। କବି ସବିତା ଦାସ, ପ୍ରଭାତୀ ମାଝୀ ଓ ସରୋଜିନୀ ସୁତାରଙ୍କ ସଂଯୋଜନାରେ କବି ହେମନ୍ତ ନାୟକ, ହୃଷୀକେଶ ଜେନା, ଅରୁଣ ବେହେରା, ଅଧ୍ୟାପକ ମାନସ ସାହୁ, କିଶୋର ମଲ୍ଲିକ ଓ ବାଟକୃଷ୍ଣ ସ୍ୱାଇଁଙ୍କ ସମେତ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ଗଙ୍ଗୋତ୍ରୀ' ଉନ୍ମୋଚିତ ହୋଇଥିଲା। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ମାନସୀପ୍ରଭା ସ୍ୱାଇଁ, ପ୍ରେମଲତା ବାରିକ, ଗୀତା ଦାସ, ଦେବେନ୍ଦ୍ର କର ଓ ପଦ୍ମାବତୀ ମିଶ୍ରଙ୍କ ସମେତ ୧୦ ଜଣ ସାହିତ୍ୟ ସାଧକଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମ ସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଅଭିଯୋଗକାରୀଙ୍କୁ ପୁଲିସର ଦୁର୍ବ୍ୟବହାର

ପାରାଦୀପ,୨।୧୧(ସମିସ): ପାରାଦୀପ ଲକ୍‌ଥାନାକୁ ଅଭିଯୋଗର ସମାଧାନ ନେଇ ଯାଇଥିବା ଅଭିଯୋଗକାରୀଙ୍କୁ ପୁଲିସର ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଛି। ଖବର ଅନୁସାରେ ନିହାରୁଣୀ (ଚାନ୍ଦିନୀ) ର ସୁମିତ୍ରା ମଣ୍ଡଳ ତାଙ୍କ ଭାଇ ଭାଇ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ଗାଁ ମୁରବୀଙ୍କ କହିବା ଅନୁଯାୟୀ ଅଭିଯୋଗକୁ ସମାଧାନ କରିବାକୁ ଥାନାକୁ ସେମାନେ ଯାଇଥିବା ବେଳେ ଲକଥାନାର ଜଣେ ପୁଲିସ କର୍ମଚାରୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ବିଭିନ୍ନ ଧମକଚମକ ଦେଇଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଗାଳି ଗୁଲଜ ବେଳେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପଞ୍ଚାୟତ ମୁରବୀ ଚନ୍ଦ୍ର ଶେଖର ଚୌଧୁରୀ ଓ ନିହାରୁଣୀର ବିଷ୍ଣୁପଦ ମଣ୍ଡଳ ମଧ୍ୟ ଉପସ୍ଥିତ ଥିଲେ। ଥାନା କର୍ମଚାରୀଙ୍କ ବ୍ୟବହାରରେ ମହିଳା ଜଣକ ଅତିଷ୍ଠ ହେବା ଓ ଯେଉଁଠି ପୁଲିସ ଅଭିଯୋଗକାରୀଙ୍କୁ ସୁରକ୍ଷା ଦେବା କଥା ସେଠି ପୁଲିସର ଏଭଳି ଆଚରଣକୁ ସାଧାରଣ ଜଣେ ମହିଳା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ଏସ୍‌ପି, ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବା ନେଇ ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି।

● ପିପିଏଲ୍‌ରେ ନୂଆଖାଇ ଭେଟଘାଟ

ଯୋଗଦେଲେ ବରଗଡ଼ ଧନୁଯାତ୍ରା କଂସ



ପାରାଦୀପ,୨।୧୧(ସମିସ): ପାରାଦୀପ ଜୁହାର ପରିବାର ପକ୍ଷରୁ ପିପିଏଲ ଟାଉନସିପ ଏମ୍‌ପି ହଲ ଠାରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପାରାଦୀପ ଜୁହାର ପରିବାର ପକ୍ଷରୁ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ୱସ୍ୱାଦୁ ଖାଦ୍ୟପେୟ ପରସା ଯାଇଥିଲା। ସନ୍ଧ୍ୟାରେ ଜୁହାର ପରିବାରର ପରିବାର ସଦସ୍ୟଙ୍କ ସମେତ ସେମାନଙ୍କ ପିଲାମାନେଙ୍କ ମଧ୍ୟରେ ଏକ ନାଚ ଗୀତ, ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୁହାର ପରିବାର ପକ୍ଷରୁ ଏକ ସ୍ମରଣିକାକୁ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିରେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ କଂସ ବେଶରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରିଫାଇନାରୀ, ଇଫ୍‌କୋ, ପିପିଏଲ ଓ ପାରାଦୀପ ବନ୍ଦରର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହା ସହିତ ପିପିଏଲର ସମସ୍ତ କର୍ମଚାରୀ, ଅଧିକାରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ସପରିବାର ଯୋଗ ଦେଇ ନୂଆଖାଇ ପର୍ବର ମଜା ନେଇଥିଲେ। ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୁହାର ପରିବାର ପାରାଦୀପର ସଭାପତି ଅଶୋକ କୁମାର ମେହେର, ସାଧାରଣ ସମ୍ପାଦକ ହେମନ୍ତ ମେହେର ଓ ଉପସଭାପତି ମେଘବର୍ଣ୍ଣ ସୋହେଲାଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା।

କବି ନବୀନ ପ୍ରଧାନଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ



କୁଜଙ୍ଗ,୨।୧୧(ସମିସ): କବି କଥାକାର ନବୀନ କୁମାର ପ୍ରଧାନଙ୍କ 'କିଛି ଗପ କିଛି ଗୀତ' ଓ 'ସଂକ୍ଷିପ୍ତ ରାମାୟଣ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। କୁଜଙ୍ଗ ବ୍ଲକ୍‌ର ଫତେପୁର ମା' ନିମସୁନ୍ଦରୀଙ୍କ ପୀଠରେ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଡ. ରଘୁନାଥ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଇଂରାଜୀ ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ, ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ପଣ୍ଡିତ ବାସବ ନନ୍ଦ, ବାବୁରାମ ଚୌଧୁରୀ ଓ ଜ୍ୟୋସ୍ନାରାଣୀ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଡ. ରୋଜାଲିନ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଡ. ଗଙ୍ଗାଧର ସାମନ୍ତରାୟ, ନଗେନ୍ଦ୍ରନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତୁଳସୀ ବରାଳ, ପ୍ରତିଭା ମିଶ୍ର କବିତା ସଂଯୋଜନା କରିଥିଲେ। ପୁସ୍ତକର ରଚୟିତା ନବୀନ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଜଙ୍ଗ ଦୁଆଡିଆରେ ଜରାଶ୍ରମ ପ୍ରତିଷ୍ଠା କରି ସେବା କରି ଆସୁଥିବା ଆଡଭୋକେଟ୍ ମଞ୍ଜୁଲତା ରାଉତ, ବ୍ୟାସ ଫାଉଣ୍ଡେସନର ସ୍ନେହମୟୀ ଆଚାର୍ଯ୍ୟ, ପଙ୍କଜିନୀ ବେହେରା, ପ୍ରଫୁଲ୍ଲ କୁମାର ଲେଙ୍କା, ଛବିନ୍ଦ୍ର ସାହୁ, ବରଦା ପ୍ରସାଦ ବଳିୟାରସିଂହ, ଡ. ରୋଜାଲିନ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ ଦାସ, ନିତ୍ୟାଶିଷ ପ୍ରଧାନ, ଦେବାଶିଷ ପ୍ରଧାନ, ରଞ୍ଜିତା ସାମନ୍ତରାୟ ଉତ୍ସବ ପରିଚାଳନା କରିଥିଲେ। କବି ବିଜୟ ଖଟାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଚକ୍ଷୁ ଚିକିତ୍ସା ଶିବିର

କୁଜଙ୍ଗ,୨।୧୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ସନ୍ତରା କୃଷ୍ଣଚନ୍ଦ୍ରପୁରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଗବତ ଟୁଙ୍ଗୀ ପ୍ରଚାର ସମିତି ଓଡିଶା ଆନୁକୂଲ୍ୟରେ ମୁଖ୍ୟ କାର୍ଯ୍ୟାଳୟ କୃଷ୍ଣଚନ୍ଦ୍ରପୁର, ମଙ୍ଗରାଜପୁରଠାରେ ଏହି ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିରରେ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୭ଜଣ ଚକ୍ଷୁ ରୋଗୀଙ୍କ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟରେ ଭାଗବତ ଟୁଙ୍ଗି ପ୍ରଚାର ସମିତିର ରାଜ୍ୟ ସଭାପତି ନଙ୍ଗୁଳି ବାବା, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ମହାପାତ୍ର, ମେନନ କୁମାର ଦାସ ଓ ବିଜୟ କୁମାର ସ୍ୱାଇଁ, କୁଜଙ୍ଗ ବ୍ଲକ କମିଟି ସଭ୍ୟ ସୁରେନ୍ଦ୍ର ତରାଇ, ହେମନ୍ତ କୁମାର ସାହୁ, କୁମର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଆଶ୍ରମର ସେବକ ପ୍ରେମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଜଗତସିଂହପୁର ଐତିହ୍ୟ ପଦଯାତ୍ରା

ବିରିତୋଳ ଝଙ୍କେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ



ଜଗତସିଂହପୁର,୨।୧୧(ସମିସ): ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଏକବିଂଶତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ପଦଯାତ୍ରୀଗଣ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ, ବିରିତୋଳ ଗ୍ରାମର ଝଙ୍କେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିଥିଲେ। ପ୍ରାଚୀନତା ଦୃଷ୍ଟିରୁ ଦେଖିଲେ ଏହି ମନ୍ଦିରଟି ଝଙ୍କଡ଼ର ଶାରଳା ମନ୍ଦିରର ସମ ସାମୟିକ ମନ୍ଦିର। ମାତ୍ର ଦଣ୍ଡାୟମାନ ଥିବା ବର୍ତ୍ତମାନର ମନ୍ଦିରଟି ଏକ ଆଧୁନିକ ନିର୍ମାଣ ଅଟେ। ଏହି ଝଙ୍କେଶ୍ୱର ମହାଦେବ ମନ୍ଦିରରେ ଉମା ମହେଶ୍ୱରଙ୍କ ଏକ କମନୀୟ ବିଗ୍ରହ ସହିତ ପାଶ୍ୱ ଦେବଦେବୀ ରୂପେ ଅଜୈକପାଦ ଭୈରବ, ମହିଷାମର୍ଦ୍ଦିନୀ ଦୁର୍ଗା, ଆସ୍ତିକଜରତ୍କାରୁ, ଗଣେଶ, କାର୍ତ୍ତିକ ଏବଂ ପାର୍ବତୀଙ୍କ ବିଗ୍ରହ ରୂପେ ପ୍ରାଚୀନ କୀର୍ତ୍ତିରାଜି ଦେଖିବାକୁ ମିଳେ। ତେବେ ଏହି କାର୍ଯ୍ୟକ୍ରମରେ ଶାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା ଅତିଥିରୂପେ ଯୋଗ ଦେଇ ଝଙ୍କଡ଼ ପିଠାଧୀଶ୍ୱରୀ ମାଆ ଶାରଳା, ଆଦି କବି ଶାରଳା ଦାସ, ନଣ୍ଡା ଦେଉଳ, ବୃଦ୍ଧାନଦୀ ଏବଂ ଝଙ୍କେଶ୍ୱର ମହାଦେବ ମନ୍ଦିର ସମ୍ପର୍କରେ ତଥ୍ୟ ସମ୍ବଳିତ ଅନେକ ଉପାଦେୟ ବିଷୟମାନ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ତାଙ୍କର ସ୍ୱରଚିତ ପୁସ୍ତକ "ଶ୍ରୀଚଣ୍ଡୀ ଶାରଳା ମାଦଳା"ରେ ଦେଖିବାକୁ ମିଳେ। ଏହି ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠାନର ଯୁବ ସଂଗଠକ ଦେବାଶିଷ ପାତ୍ର, ସମ୍ବିତ ସିଂହ ଓ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବିଶ୍ୱରଂଜନ ଦେହୁରୀ, ପ୍ରଦୀପ୍ତ ସୁନ୍ଦର ତଥା ଅନୁଷ୍ଠାନର ଆବାହକ ଶ୍ରୀକାନ୍ତ ସିଂହଙ୍କ ସମେତ କୁମାର ଶୁଭମ୍, ଦିନେଶ ସ୍ୱାଇଁ, ରତି ରଞ୍ଜନ ପଣ୍ଡା, ଜିନୋଦ ମହାନ୍ତି, ସ୍ୱାଧୀନ, କୁନ୍ଦନ, ସୌରଭ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ଜଗତସିଂହପୁର, କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ପ୍ରାୟ ତିରିଶ ଜଣ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ନାଉଗାଁ,୨।୧୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଆଲାଣାହାଟ ସରକାରୀ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଅଧିକାରୀ କେଶବ ମେହେର, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ସୁଶାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରବିନ୍ଦ ଦାସ, ପୁରାତନ ଛାତ୍ର ସଂସଦର ସଭାପତି ପ୍ରକାଶ କୁମାର ରାୟ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରମଣୀ ବେହେରା, ସମିତିସଭ୍ୟା ସାଗରିକା ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉକ୍ତ ବ୍ଲକର ଥିବା ସମସ୍ତ ସାଧନା କେନ୍ଦ୍ର ଗୁଡ଼ିକର ସଂଯୋଜକ ମାନେ ପରିଚାଳନା କରିଥିଲେ।

ବାଲିକୁଦାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

ବାଲିକୁଦା/ଜଗତସିଂହପୁର,୨।୧୧(ସମିସ)



ବାଲିକୁଦା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ଅନୁପସ୍ଥିତି, ସାମୂହିକ ସମସ୍ୟାର ସମାଧାନ ନେଇ ଅନିଶ୍ଚିତତା ଏବଂ ଅଭିଯୋଗକାରୀଙ୍କୁ କେବଳ ରସିଦ ଧରାଇ ଦିଆଯାଉଥିବା ଅଭିଯୋଗ ଶିବିରର ଉଦ୍ଦେଶ୍ୟ ଓ ଫଳପ୍ରଦତାକୁ ନେଇ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ଶିବିରରେ ପ୍ରଶାସନିକ ଅଧିକାରୀ ଫୁଲ୍ ଥିବାବେଳେ ଆଶାନୁରୂପ ଅଭିଯୋଗକାରୀ ଶିବିରକୁ ଆସିନଥିବା ଦେଖିବାକୁ ମିଳିଥିଲା। ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ଶିବିରରେ ମୋଟ ୬୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ସମ୍ପର୍କିତ ୧୧ଟି, ଜମିଜମା ସମ୍ପର୍କିତ ୬ଟି, ପୁଲିସ ସହାୟତା ପାଇଁ ୩ଟି, ଭତ୍ତା ସମ୍ପର୍କିତ ୫ଟି ଏବଂ ଅନ୍ୟାନ୍ୟ ୧୬ଟି ଅଭିଯୋଗ ରହିଥିଲା। ମୋଟ ୧୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଭିଯୋଗ ଗ୍ରହଣ, ସମାଧାନ ନେଇ ଅସନ୍ତୋଷ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବାଲିକୁଦା ବିଡିଓ ବିଦ୍ୟାଧର ଦଣ୍ଡପାଟ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାସ, ଏସ୍‌ଡିପିଓ ଦିବ୍ୟରଞ୍ଜନ ନାଥଙ୍କ ସମେତ ଜିଲ୍ଲା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଅନେକ କ୍ଷେତ୍ରରେ ଅଭିଯୋଗ ଗ୍ରହଣ କରି ରସିଦ ଦିଆଯାଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରାଯାଉନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ନଦେଇ ନିଜ ଗାଡ଼ିରେ ଚାଲିଯାଇଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଓ ସମସ୍ୟାର ସମାଧାନ ପାଇଁ ଏଭଳି ଶିବିର ଆୟୋଜନ କରାଯାଉଥିବା ବେଳେ, ଦୀର୍ଘଦିନର ସାମୂହିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ ଓ ଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

‘ମୁରାସୁ’ ଭୟ: ଆଗୁଆ ଧାନ କାଟି ପକାଇଲେ ଚାଷୀ

ପଦ୍ମପୁର,୨।୧୧(ସମିସ): ବାତ୍ୟା “ଅର୍ଣ୍ଣବ’ର କ୍ଷତ ଏପର୍ଯ୍ୟନ୍ତ ଶୁଖିନଥିବା ବେଳେ ପୁଣି ଏକ ସମ୍ଭାବ୍ୟ ବାତ୍ୟା “ମୁରାସୁ’କୁ ନେଇ ଚିନ୍ତାରେ ପଡ଼ିଛନ୍ତି ପଦ୍ମପୁର ଉପଖଣ୍ଡର ଚାଷୀ। ବାତ୍ୟାର ପ୍ରଭାବରୁ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ଆଗୁଆ ଅଧା ପାଚିଲା ଧାନ କାଟି ଘରକୁ ଆଣିବା ସହ ସୁରକ୍ଷିତ ସ୍ଥାନରେ ରଖିବାରେ ଲାଗିପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ବାତ୍ୟା “ଅର୍ଣ୍ଣବ’ର ପ୍ରଭାବରେ ପଦ୍ମପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ବ୍ୟାପକ ପ୍ରଭାବିତ ହୋଇଥିଲା। ଅମଳ ଉପଯୋଗୀ ପାଚିଲା ଧାନ ଜମିରେ ଲୋଟି ପଡ଼ିବା ସହ ଅନେକ ସ୍ଥାନରେ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିଲା। ଏଭଳି ପରିସ୍ଥିତିରେ ପୁଣି ବାତ୍ୟା “ମୁରାସୁ’ର ଆଶଙ୍କା ଚାଷୀଙ୍କ ନିଦ ହଜାଇ ଦେଇଛି। ଧାନ ଫସଲ ଏବେ ଅମଳ ଅବସ୍ଥାରେ ଥିବାରୁ ପବନ ଓ ବର୍ଷା ହେଲେ ପୁଣିଥରେ ଧାନ ଜମିରେ ଶୋଇଯିବା, ଶସ୍ୟର ଗୁଣବତ୍ତା ହ୍ରାସ ପାଇବା ଏବଂ ଅମଳରେ ବାଧା ସୃଷ୍ଟି ହେବାର ଆଶଙ୍କା ଥିବାରୁ ଭୟରେ ଚାଷୀମାନେ ଧାନ ପୂର୍ଣ୍ଣ ପାଚିବାକୁ ଅପେକ୍ଷା ନକରି ଆଗୁଆ କାଟି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। କେତେକ ଚାଷୀ ଅମଳ ଧାନକୁ ବର୍ଷାରୁ ରକ୍ଷା କରିବା ପାଇଁ ଘର ଓ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନରେ ସଂରକ୍ଷଣ କରୁଛନ୍ତି। ଅନ୍ୟପକ୍ଷରେ, ବାତ୍ୟା “ଅର୍ଣ୍ଣବ’ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ପଦ୍ମପୁର ଉପଖଣ୍ଡରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନଥିବା ଅଭିଯୋଗ ହେଉଛି।



■ ଗଜଲକ୍ଷ୍ମୀ ପୂଜାରେ ମାରଣାସ୍ତ୍ର ଧରି ନିଶାସକ୍ତଙ୍କ ଉନ୍ମତ୍ତ କାଣ୍ଡ

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ପଦ୍ମପୁର,୨।୧୧(ସମିସ): ମହୁଲପାଲି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଚାଲିଥିବାବେଳେ କିଛି ଯୁବକ ନିଶା ସେବନ କରି ମଣ୍ଡପ ନିକଟରେ ଉତ୍ପାତ କରିବା ସହ ମାରଣାସ୍ତ୍ର ଦେଖାଇ ଗଣ୍ଡଗୋଳ ନେଇ ଅଭିଯୋଗ ହୋଇଛି। ଏପରିକି ପୂଜା କମିଟିର ସଦସ୍ୟମାନଙ୍କୁ ପ୍ରାଣରେ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ କରି ଗ୍ରାମବାସୀ ଏବଂ ପୂଜା କମିଟି ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

ପ୍ରକାଶ ଯେ, ମହୁଲପାଲିରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଚାଲିଥିବାବେଳେ ଗ୍ରାମର ଦୀନେଶ ସାହୁ, ବଣ୍ଟି ସାହୁ, ଅରବିନ୍ଦ ସାହୁ ଆଦି ଅସାମାଜିକ ଯୁବକ ନିଶାସକ୍ତ ଅବସ୍ଥାରେ ପୂଜାସ୍ଥଳୀକୁ ଆସି ଗଣ୍ଡଗୋଳ କରିଥିଲେ। ପୂଜା କମିଟିର ସଦସ୍ୟମାନେ ବାରଣ କରିବାରୁ ଅଭିଯୁକ୍ତମାନେ ଓଲଟା ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। ଏନେଇ ପୂଜା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅପରାହ୍ନରେ ଶହ ଶହ ସଂଖ୍ୟାରେ



ମହିଳା ପୁରୁଷ ଥାନାକୁ ଅଭିଯୋଗ କରିବା ସହ ଗିରଫ ଦାବିରେ ହୋହଲ୍ଲା କରିଥିଲେ। ସନ୍ଧ୍ୟାରେ ପୂଜା କମିଟିର ସଭାପତି ବୀରେନ୍ଦ୍ର ସାହୁ, ସମ୍ପାଦକ ଜନ୍ମେଜୟ ବାରିକ, ରାଜୁ ବେହେରା, ମାଧବଙ୍କ ସାହୁ ସମେତ ଗ୍ରାମବାସୀ ଆଇଆଇସି କେ. ସିମିରିଆଙ୍କ ସହିତ ଆଲୋଚନା କରିଥିଲେ। ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇ ପ୍ରତିଶ୍ରୁତି ଦେଇଛନ୍ତି।

ବିଏଲ୍‌ଓଙ୍କୁ ଆକ୍ରମଣ; ୨ କୋର୍ଟ ଚାଲାଣ

ଝାରବନ୍ଧ,୨।୧୧(ସମିସ): ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଜଣେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମାଡ଼ ମାରିବା ସହ ବିଦ୍ୟୁତ୍ ଖୁଣ୍ଟରେ ମୁଣ୍ଡ ପିଟିଦେବା ଅଭିଯୋଗରେ ବରଗଡ଼ ଏସପି ରବୀନ୍ଦ୍ର ନାଥ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଝାରବନ୍ଧ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାଟି ଗତ ୧ ତାରିଖ ଅପରାହ୍ନରେ ଝାରବନ୍ଧ ଥାନା ଅନ୍ତର୍ଗତ ବଡ଼ଅନକି ଗ୍ରାମରେ ଘଟିଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ, କନ୍ଦାଡଙ୍ଗର ଗ୍ରାମର କୃପାସିନ୍ଧୁ ବରିହା (୪୫) ବଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୋଇଥିବା ସହ ବଡ଼ଅନକି ଗ୍ରାମରେ ବିଏଲ୍‌ଓ ଦାୟିତ୍ୱ ତୁଲାଉଛନ୍ତି। ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବାବେଳେ ରାଜେଶ ସିଦାର (୩୨) ତାଙ୍କ ନିକଟକୁ ଆସି ନିଜ ପତ୍ନୀଙ୍କ ନାମ ଭୋଟର ତାଲିକାରେ “ପଦ୍ମଲତା ଧରୁଆ’ ବଦଳରେ “ପଦ୍ମଲତା ସିଦାର’ କରିବାକୁ ଚାପ ପକାଇଥିଲେ।



ନିୟମ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ବିନା ଏପରି ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ବିଏଲ୍‌ଓ କହିବାରୁ ରାଜେଶ ଗାଳିଗୁଲଜ କରିଥିଲେ। ଏହି ସମୟରେ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ପିଥୋରା ଥାନା ଗୌଡ଼ବାହାଲ ଗ୍ରାମର କିଶୋର କୁମାର ବରିହା (୩୦) ପହଞ୍ଚିଥିଲେ। ଉଭୟ ମିଶି କୃପାସିନ୍ଧୁଙ୍କୁ ନିର୍ଦ୍ଦୟ ମାଡ଼ ମାରିବା ସହ ମୁଣ୍ଡକୁ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟରେ ପିଟି ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ଝାରବନ୍ଧ ଥାନାରେ ଅଭିଯୋଗ ପରେ ପୁଲିସ ରାଜେଶ ଓ କିଶୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ନବଜାତ ଶିଶୁକନ୍ୟା ବିକ୍ରି ଅଭିଯୋଗ

● ପ୍ରଶାସନର ହସ୍ତକ୍ଷେପ ପରେ ଉଦ୍ଧାର

ବରଗଡ଼,୨।୧୧(ସମିସ): ଆର୍ଥିକ ଅନଟନ ଯୋଗୁଁ ନବଜାତ ଶିଶୁକନ୍ୟାକୁ ଅନ୍ୟ ଦମ୍ପତିଙ୍କ ହାତରେ ଟେକି ଦେବା ସହ ବିକ୍ରି କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଖବର ପାଇବା ପରେ ରବିବାର ବରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଛି। ସୂଚନା ଅନୁସାରେ, ମାତ୍ର କିଛି ଦିନ ତଳେ ବୁର୍ଲା ବଡ଼ ଡାକ୍ତରଖାନାରେ ଶିଶୁକନ୍ୟାଟି ଜନ୍ମ ନେଇଥିଲା। ଶିଶୁଟିର ପରିବାରରେ ପୂର୍ବରୁ ଦୁଇଜଣ ପୁଅ ସନ୍ତାନ ଥିବାବେଳେ ତୃତୀୟ ସନ୍ତାନର ଲାଳନପାଳନ ପାଇଁ ପରିବାର ଅସମର୍ଥତା ପ୍ରକାଶ କରିଥିଲେ। ଏହି ପରିସ୍ଥିତିରେ ବିଜେପୁର ଅଞ୍ଚଳର ଏକ ଦମ୍ପତିଙ୍କୁ ଶିଶୁକନ୍ୟାଟିକୁ ବିକ୍ରି କରାଯାଇଥିବା ନେଇ ଅଭିଯୋଗ ଆସିଥିଲା। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀଙ୍କ ନେତୃତ୍ୱରେ ସ୍ଥାନୀୟ ଆଶାକର୍ମୀ, ବିଜେପୁର ପୁଲିସ ଏବଂ ଉଭୟ ପରିବାରର ସଦସ୍ୟଙ୍କ ଉପସ୍ଥିତିରେ ଘଟଣାର ଅନୁସନ୍ଧାନ କରାଯାଇ ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇଥିଲା। ପରେ ଶିଶୁକନ୍ୟାଟିକୁ ଜିଲ୍ଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି)ଙ୍କ ନିକଟରେ ହସ୍ତାନ୍ତର କରାଯିବ। ସମିତିର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଉଦ୍ଧାରକାରୀ ଅଧିକାରୀ ସୂଚନା ଦେଇଛନ୍ତି।

ବ୍ଲକ୍ କର୍ମଚାରୀଙ୍କୁ ଗାଳିଗୁଲଜ; ଅଭିଯୁକ୍ତ ଗିରଫ

ପାଇକମାଲ,୨।୧୧(ସମିସ): ପାଇକମାଲ ବ୍ଲକ କାର୍ଯ୍ୟାଳୟରେ ପଶି କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ପାଇକମାଲ ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବିବେକ କୁମାର ପାଢ଼ୀ (୨୪)। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ ପାଇକମାଲ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଡିଓଙ୍କ ପ୍ରକୋଷ୍ଠକୁ ଅଭିଯୁକ୍ତ ବିବେକ ଯାଇଥିଲେ। ସେହି ସମୟରେ ବିଡିଓ ଉପସ୍ଥିତ ନଥିବାରୁ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରେନ୍ଦ୍ର ଭୋଇ ତାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିବେକ ତାଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏପରିକି ସେ ବିଡିଓଙ୍କ ପ୍ରକୋଷ୍ଠରେ ପଶି ତାଙ୍କ ଆସନରେ ବସିପଡ଼ିଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଶ୍ରୀ ଭୋଇ ପାଇକମାଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



ବରଗଡ଼ ଧନୁଯାତ୍ରା

କଂସ ଅଭିନୟ ପାଇଁ ବୟସ ସୀମା କୋହଳ

ବରଗଡ଼,୨।୧୧(ସମିସ): ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପାଇଁ ମହାରାଜା କଂସ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୟସ ସୀମା କୋହଳ କରାଯିବା ନିଷ୍ପତ୍ତି କଳାକାର ମହଲରେ ବେଶ୍ ଆନନ୍ଦ ଓ ଉତ୍ସାହ ଭରିଦେଇଛି। ପୂର୍ବରୁ କଂସ ଚୟନ ପାଇଁ ବୟସ ସୀମା ୬୦ ବର୍ଷ ନିର୍ଦ୍ଧାରଣ କରାଯାଇଥିବାରୁ କଳାକାର ଓ ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଜନସାଧାରଣ ଓ କଳାକାରଙ୍କ ସେହି ଅସନ୍ତୋଷକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିୟମରେ ସଂଶୋଧନ କରାଯାଇଛି ଏବଂ ବର୍ତ୍ତମାନ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଆଗ୍ରହୀ କଳାକାର ଫିଟନେସ୍ ପ୍ରମାଣପତ୍ର ଦେଇ ଏହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ସ୍ପଷ୍ଟ କରାଯାଇଛି। ପ୍ରଶାସନର



ଏହି ପଦକ୍ଷେପ ପରେ ବଲାଙ୍ଗିର ଜିଲ୍ଲାର ଜଣାଶୁଣା ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ ଅତ୍ୟନ୍ତ ଆନନ୍ଦିତ ହୋଇ ଧନୁଯାତ୍ରା ମହୋତ୍ସବ ସମିତିକୁ କୃତଜ୍ଞତା ଜ୍ଞାପନ

କୃତଜ୍ଞତା ଜଣାଇଲେ ‘ବରିଷ୍ଠ ମହାରାଜ’ ରବୀନ୍ଦ୍ର ସାହୁ

କରିଛନ୍ତି। ଗଣମାଧ୍ୟମ ସହ ପ୍ରତିକ୍ରିୟା ରଖି ଶ୍ରୀଯୁକ୍ତ ସାହୁ କହିଛନ୍ତି ଯେ, ବର୍ତ୍ତମାନ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ଏବଂ ମଞ୍ଚରେ ନିଜର ଶ୍ରେଷ୍ଠ ଅଭିନୟ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସୂଚନାଯୋଗ୍ୟ ଯେ, ଆଜିଠାରୁ ମହାରାଜା କଂସ ଚୟନ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜମଲା-ଅମାମୁଣ୍ଡା ରାସ୍ତା ଶୋଚନୀୟ; ମରାମତି ଦାବି

ପଦ୍ମପୁର,୨।୧୧(ସମିସ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜମଲା-ଅମାମୁଣ୍ଡା ସଂଯୋଗକାରୀ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଦୀର୍ଘଦିନ ଧରି ରାସ୍ତାଟି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ହେଁ ପ୍ରଶାସନିକ ସ୍ତରରେ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାସାରା ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବର୍ଷା ଦିନେ ଏହି ଖାଲଗୁଡ଼ିକରେ ପାଣି ଜମି ରହିବା ଫଳରେ ଗାଡ଼ି ଚାଳକ ଓ ପଦଚାରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବ୍ୟାଙ୍କ, ଡାକ୍ତର ଖାନା, ଆସୁଥିବା ଏହା ସହ ସ୍କୁଲ-କଲେଜ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ସମୟରେ ନାହିଁ ନ ଥିବା ଅସୁବିଧା ହେଉଛି। ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ପୁନରୁଦ୍ଧାର ଓ ପିଚୁକାର୍ଯ୍ୟ ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳୁଛି, କାମ ହେଉନାହିଁ। ଯଦି ଶୀଘ୍ର ଏହି ଜମଲା-ଅମାମୁଣ୍ଡା ରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ କରାନଯାଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଶିକ୍ଷକ ଏକାଦଶର ବନ୍ଧୁ ମିଳନ ଓ କ୍ରିକେଟ ମ୍ୟାଚ୍

ପଦ୍ମପୁର,୨।୧୧(ସମିସ): ସ୍ଥାନୀୟ ଲୋହାରପାଲି ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ଏକାଦଶ ପଦ୍ମପୁରର ବାର୍ଷିକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଅଛି। ସଂସ୍ଥାର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ। ଏହି ଅବସରରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକମାନେ ଚାରୋଟି ଦଳରେ ବିଭକ୍ତ ହୋଇ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ମ୍ୟାଚରେ ମୋହନ ଏକାଦଶ ସୁଶାନ୍ତ ଏକାଦଶକୁ ପରାସ୍ତ କରିଥିବାବେଳେ ବେଳେ ଦ୍ୱିତୀୟରେ ବିକାଶ ଏକାଦଶ ସଞ୍ଜୀବ ଏକାଦଶକୁ ପରାସ୍ତ କରିଥିଲା। ପରେ ଉଭୟ ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୋହନ ଏକାଦଶ ବିଜେତା ଏବଂ ବିକାଶ ଏକାଦଶ ଉପବିଜେତା ହୋଇଥିଲେ। ଫାଇନାଲରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଏକାଦଶ ସଭାପତି ନରେନ୍ଦ୍ର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସମ୍ପାଦକ କିଶୋର ପାତ୍ର ଏବଂ ଭାର୍ଗବ ପ୍ରଧାନ ଯୋଗଦାନ କରି ବୈକୁଣ୍ଠ ଲୋହାରକୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।



ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ ଘଟଣା

ପରିବାର ଲୋକଙ୍କ ସହ ଆଲୋଚନା କଲେ ଏସ୍‌ଡିଓ

ଭେଡେନ,୨।୧୧(ସମିସ): ଭେଡେନ ବ୍ଲକ ରଷୁଡ଼ା ଗ୍ରାମରେ ଗତ ବୁଧବାର ବିଦ୍ୟୁତ ଆଘାତରେ ହରିଚରଣ ପୋଡ଼ (୩୨)ଙ୍କ ମୃତ୍ୟୁ ଘଟିଥିଲା। ହରିଚରଣଙ୍କ ମୃତ୍ୟୁପରେ ସ୍ତ୍ରୀ ହରିପ୍ରିୟା,୧୩ ବର୍ଷର ପୁଅ ପୂର୍ଣ୍ଣଚନ୍ଦ୍ର,୩ ବର୍ଷର ଝିଅ ପୁନମ, ମା’ ରାସେଶ୍ୱରୀ ଅସହାୟ ହୋଇପଡ଼ିଛନ୍ତି। ହରିଚରଣଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଓ ସେ ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଆଜି ଭେଡେନ ଏସଡିଓ ପ୍ରଦୀପ୍ତ ଷଡ଼ଙ୍ଗୀ ମୃତ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଲୋଚନା କରିଛନ୍ତି। ପୁଣି ସରପଞ୍ଚ ସୁରେନ୍ଦ୍ର କର୍ମୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାକାନ୍ତ ଭୋଇ ମଧ୍ୟ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟି ସହାୟତା ରାଶି ପ୍ରଦାନ କରିଛନ୍ତି।



ବ୍ଲକ୍ କ୍ୟାସିଅରଙ୍କୁ ସରପଞ୍ଚଙ୍କ ମାଡ଼ ଅଭିଯୋଗ

ସୋହେଲା,୨।୧୧(ସମିସ): ସୋହେଲା ବ୍ଲକରେ ଏସ୍ଆରଏ କ୍ୟାସିଅର ଭାବେ କାର୍ଯ୍ୟରତ ଲକ୍ଷ୍ମୀ ନାରାୟଣ ପାଇକଙ୍କୁ ଆଜି ସାଲେପାଲି ସରପଞ୍ଚ କୌଣସି ଏକ ଘଟଣାକୁ ନେଇ ମାଡ ମାରିଥିବା ଶ୍ରୀ ପାଇକ ସୋହେଲା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସୋମବାର ଶ୍ରୀ ପାଇକ ବ୍ଲକ ଅଫିସରେ କାମ କରୁଥିବାବେଳେ ସାଲେପାଲି ସରପଞ୍ଚ ଚୈତନ୍ୟ ବେହେରା ଅଫିସକୁ ଆସି ତାଙ୍କ ବିଲ କାହିଁକି କରୁନାହାନ୍ତି ବୋଲି କହି ଗାଳିଗୁଲଜ ସହ ମାଡ଼ କରିଥିଲେ। ଶ୍ରୀ ପାଇକଙ୍କ ଅଭିଯୋଗ କ୍ରମେ ସୋହେଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସେବାନିବୃତ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ବରପାଲି,୨।୧୧(ସମିସ): ଭାରତୀୟ ସେନାବାହିନୀରେ ସେବା କରି ଘରକୁ ଫେରୁଥିବାବେଳେ ବରପାଲିର ରବି ଶର୍ମାଙ୍କୁ ସ୍ଥାନୀୟ ରେଳଷ୍ଟେସନ ସମ୍ମୁଖରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତହସିଲ ଛକ ବାସିନ୍ଦା ଭବାନୀ ଶର୍ମାଙ୍କ ସୁପୁତ୍ର ରବି ଦୀର୍ଘ ୧୭ ବର୍ଷ ଧରି ଭାରତୀୟ ସେନାବାହିନୀରେ କାର୍ଯ୍ୟ କରି ଅବସର ନେଇଥିଲେ। ସୋମବାର ସକାଳେ ସେ ପହଞ୍ଚିବା ପରେ ମାହାତ୍ମାଗାନ୍ଧୀ, ଗଙ୍ଗାଧର ମେହେର ଓ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଶତାଧିକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ଗ୍ରାମକୁ ପାଛୋଟି ଅଣାଯାଇଥିଲା। ବିଜେଡି ଯୁବନେତା ଟିକାୟତ ମହନ୍ତ, ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସେନା ନିବୃତ୍ତ ଯବାନ ଭବାନୀ ଶଙ୍କର ସାହୁଙ୍କ ସମେତ ବହୁ ଶୁଭେଚ୍ଛୁ ଓ ଭଦ୍ରବ୍ୟକ୍ତି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

ନଳକୂଅ ଚାନ୍ଦିନୀ ନିର୍ମାଣ ଦାବି

ଝାରବନ୍ଧ,୨।୧୧(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଭୈଷାଦରହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୈଷାଦରହା ସେବାଶ୍ରମ ବିଦ୍ୟାଳୟ ସମ୍ମୁଖରେ ଥିବା ନଳକୂଅଟି ଦୀର୍ଘଦିନ ହେଲା ଚାନ୍ଦିନୀ ବିହୀନ ହୋଇ ଖୋଲା ପଡ଼ିରହିଛି। ଫଳରେ ଜଳ ପ୍ରଦୂଷିତ ହେବା ଆଶଙ୍କା ସହ ଜନସାଧାରଣ ତଥା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ନଳକୂପ ଚାରିପାଖରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହା ମଧ୍ୟକୁ ମଇଳା ପାଣି, କୀଟପତଙ୍ଗ ଏପରିକି ବିଷଧର ସାପ ପ୍ରବେଶ କରିବାର ଆଶଙ୍କା ରହିଛି। ଫଳରେ ଏହି ନଳକୂପରୁ ବ୍ୟବହୃତ ଜଳର ଶୁଦ୍ଧତା ନେଇ ପ୍ରଶ୍ନ ଉଠିବା ସହ ଜଳବାହୀତ ରୋଗର ଭୟ ମଧ୍ୟ ଦେଖାଦେଇଛି। ବିଦ୍ୟାଳୟ ସମ୍ମୁଖରେ ନଳକୂପ ଥିବାରୁ ଏହା ଉପରେ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ନିର୍ଭର କରୁଛନ୍ତି। ତୁରନ୍ତ ନଳକୂଅର ଚାନ୍ଦିନୀ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



■ ଅସହାୟ ବିଧବାଙ୍କୁ ସହାୟତା କଲେ ଶେଷଦେବ

ନିଜ ଖର୍ଚ୍ଚରେ ସମ୍ପନ୍ନ କଲେ ସ୍ୱାମୀଙ୍କ ଏକାଦଶାହ

ପଦ୍ମପୁର,୨।୧୧(ସମିସ): ଜଣେ ଅସହାୟ ବିଧବା ମହିଳାଙ୍କ ଦୁଃଖରେ ସମଭାଗୀ ହୋଇ ନିଜ ଖର୍ଚ୍ଚରେ ତାଙ୍କ ସ୍ୱାମୀଙ୍କ ଏକାଦଶାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି ତାଲପାଲି ଗ୍ରାମର ଶେଷଦେବ ଦାଶ (ବୁଲୁ)। ଏନେଇ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି।



ସୂଚନା ଅନୁସାରେ, ଗତ ୨୧ ତାରିଖ ଦିନ ବୁଡେନ ଥାନା ଅନ୍ତର୍ଗତ ବିଜାମାଲ ଗ୍ରାମର ଡିଲେଶ୍ୱର (କିଶୋର) ଖର୍ସେଲ (୩୩)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ପତ୍ନୀ ନିଲେନ୍ଦ୍ରୀ ଖର୍ସେଲଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିଲା। କୋଳରେ ମାତ୍ର ତିନି ମାସର ଶିଶୁକନ୍ୟା ଓ ପାଖରେ ଚାରି ବର୍ଷର ପୁଅ। ସ୍ୱାମୀଙ୍କ କ୍ରିୟାକର୍ମ ପାଇଁ ବି ସେ ସକ୍ଷମ ନଥିଲେ। ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ତାଲପାଲି ଗ୍ରାମର ସମାଜସେବୀ ଶେଷଦେବ ଦାଶ (ବୁଲୁ) ତୁରନ୍ତ ବିଜାମାଲ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ମୃତ ଡିଲେଶ୍ୱରଙ୍କ ଏକାଦଶାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ନିଜ ଖର୍ଚ୍ଚରେ ଏବଂ ଗ୍ରାମର ଗୌନ୍ତିଆ କୀର୍ତ୍ତି ଚନ୍ଦ୍ର ପାଣ୍ଡେ, ପୀତବାସ ପାଣ୍ଡେ ଓ ଅନ୍ୟ ଗ୍ରାମବାସୀଙ୍କ ସହଯୋଗରେ ସେ ଏକାଦଶାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।

ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ଧାରଣା

୭ ଦିନ ମଧ୍ୟରେ ବକେୟା ଭତ୍ତା ନମିଳିଲେ ଆନ୍ଦୋଳନ ଚେତାବନୀ

ପାଇକମାଲ,୨।୧୧(ସମିସ): ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟ, ବିଧବା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଭତ୍ତା ନମିଳିବା ସହ ପ୍ରଦାନରେ ଅନିୟମିତତାକୁ ନେଇ ପାଇକମାଲ ବ୍ଲକ ମାଣ୍ଡୋସିଲ ଅଞ୍ଚଳର ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ବକେୟା ଭତ୍ତା ତୁରନ୍ତ ପ୍ରଦାନ ଓ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ସୋମବାର ହିତାଧିକାରୀମାନେ ପାଇକମାଲ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମାଣ୍ଡୋସିଲ ସମିତିସଭ୍ୟ ଗୁଲାମ ରସୁଲ ରଙ୍ଗରେଜଙ୍କ ନେତୃତ୍ୱରେ ଅଞ୍ଚଳର ବହୁ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଦାବି ଉପସ୍ଥାପନ କରିଥିଲେ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, କେତେକ ହିତାଧିକାରୀ ଗତ ଚାରି ମାସ ଧରି ଭତ୍ତା ପାଇନଥିବା ବେଳେ ଆଉ କେତେକ ଦୀର୍ଘ ଆଠ ମାସ ହେଲା ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ବକେୟା ଭତ୍ତା ତୁରନ୍ତ ପ୍ରଦାନ ସହ ଭବିଷ୍ୟତରେ ଯେପରି ଏଭଳି ଅନିୟମିତତା ନହୁଏ, ସେଥିପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୭ ଦିନ ମଧ୍ୟରେ ବକେୟା ଭତ୍ତା ପ୍ରଦାନ ନକଲେ ବ୍ଲକର ସମସ୍ତ ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ଏକଜୁଟ କରି ବଡ଼ ଧରଣର ଓ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଧାରଣାରେ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ, ବିଜୟ ସ୍ୱାଇଁ, ଗୌତମ ସିଂ, ଲାଲ ସାହୁ, ମେହବୁବ୍ ସରବେୟା, ଥବିର ମାଝୀଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ସକାଳ
THE SAKALA

କଂକ୍ରିଟ୍ ରାସ୍ତା ନିର୍ମାଣ କରି ଫସିଗଲେ ଗ୍ରାମବାସୀ



ପାଲଲହଡ଼ା,୨ ।୧୧(ସମିସ): ଗାଁ ରାସ୍ତାକୁ ମଜଭୁତ କରିବାକୁ ନିଜେ କାମକଲେ ଗ୍ରାମବାସୀ । ମାତ୍ର ଦୀର୍ଘ ଆଠ ମାସ ହେଲା ମିଳିଲାନି ପାଉଣା । ବିଡିଓ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ଦୁଇମାସ ହେଲା କାର୍ଯ୍ୟର ବିଲ୍ ଉଠାଇ ନେଇ ଅନ୍ୟ ବ୍ଲକକୁ ବଦଳି ହୋଇ ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି । ପାଲଲହଡ଼ା ପଞ୍ଚାୟତ ସମିତି ଶଙ୍ଖମୁର ପଞ୍ଚାୟତ ବୈଦେହୀପୁର ଗ୍ରାମ ମଣ୍ଡାଖୋଳ ସାହିରୁ ଏପରି ଅଭିଯୋଗ ଆସିଛି ।

ଅଭିଯୋଗ ମୁତାବକ, ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନରୁ ମଣ୍ଡାଖୋଳ ସାହିକୁ କଙ୍କ୍ରିଟ୍ ରାସ୍ତା ନିର୍ମାଣ ପାଇଁ ୩,୬୧,୦୧୨ ଟଙ୍କା ଅନୁମୋଦନ ହୋଇଥିଲା । ସାହି ବାସିନ୍ଦା କାର୍ଯ୍ୟକୁ ନିଜେ କରିଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାଁରେ କାର୍ଯ୍ୟାଦେଶ ଦିଆଯାଇଥିଲା । ସାହି ଲୋକେ ମାର୍ଚ୍ଚ ମାସରେ କାମ ଶେଷ କରି ଯନ୍ତ୍ରୀଙ୍କୁ ବିଲ୍ ପ୍ରସ୍ତୁତ କରି ପାଉଣା ପାଇଁ କହିଥିଲେ । ମାତ୍ର ଦୀର୍ଘ ୮ ମାସ ବିତିଯାଇଥିଲେ ସୁଦ୍ଧା ଆଜିଯାଏଁ ଟଙ୍କାଟିଏ ମଧ୍ୟ ପାଇଲେ ନାହିଁ । ଏ ସମ୍ବନ୍ଧରେ ପାଲଲହଡ଼ା ବିଡିଓ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଅନ୍ୟପଟେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଦୁଇ ମାସ ପୂର୍ବରୁ ପାଲଲହଡ଼ା ବ୍ଲକରୁ ବଦଳି ହୋଇ ଅନ୍ୟତ୍ର ଚାଲିଯିବା ପରେ ଗ୍ରାମବାସୀ ଉକ୍ତ କାର୍ଯ୍ୟର ବିଲ୍ ପ୍ରସ୍ତୁତ ହୋଇ ପାଉଣା ମିଳିସାରିଥିବା ଜାଣିବାକୁ ପାଇଥିଲେ । ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଉଥିଲେ ମଧ୍ୟ ସେ ଫୋନ ଗ୍ରହଣ କରୁ ନ ଥିବାରୁ ସାହି ବାସିନ୍ଦା

- **ବିଲ୍ ଉଠାଇ ଦେଉନାହାନ୍ତି ଯନ୍ତ୍ରୀ**
- **ପଞ୍ଚାୟତ ସମିତି ଆଗରେ ଧାରଣା**

ସୋମବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ ଧାରଣାସ୍ଥଳରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ଦାବିକୁ ସମର୍ଥନ କରି ତୁରନ୍ତ ନ୍ୟାୟ ଦାବି କରିଥିଲେ । ତେବେ ଏ ସମ୍ପର୍କରେ ମତାମତ ପାଇଁ ବିଡିଓଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ମହେଶ୍ୱର ବେହେରା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହେତୁ ବିଳମ୍ବ ହୋଇଥିଲା, ଗତ ମାସ ୩୧ ତାରିଖ ପାଉଣା ଦେଇସାରିଛି ବୋଲି ସେ କହିଛନ୍ତି ।



ଅନୁଗୋଳ: ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ମିଶ୍ରପଡ଼ା ରୟାଲ ଇଭିନିଂ ଖଟି ତରଫରୁ ପ୍ରସାଦ ବଣ୍ଟନ

- **ଅନ୍ତର୍ଜାତୀୟ ସାହିତ୍ୟ ସମ୍ମିଳନୀରେ ଦୀନେଶ ମାଳୀ ସମ୍ମାନିତ**

ମୁକୁଟଧର ପାଣ୍ଡେୟ ସାହିତ୍ୟ ସମ୍ମାନ ପ୍ରଦାନ



କଣିହାଁ,୨ ।୧୧(ସମିସ): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ଦୀନେଶ କୁମାର ମାଳୀ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ଛତିଶଗଡ଼ ରାୟଗଡ଼ ସହିଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ସାହିତ୍ୟ ସମ୍ମିଳନୀରେ ତାଙ୍କୁ 'ମୁକୁଟଧର ପାଣ୍ଡେୟ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଛି । ଏହି ସମ୍ମିଳନୀରେ ଭାରତ ସମେତ ବ୍ରିଟେନ, କାନାଡ଼ା ଓ ବୁଲଗାରିଆର ବହୁ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, କୁଳପତି ଓ ଗବେଷକ ଯୋଗଦେଇଥିଲେ । ବିଶିଷ୍ଟ ହିନ୍ଦୀ କବି ପ୍ରଫେସର ଅରୁଣ କମଳ, ବ୍ରିଟେନର ସାହିତ୍ୟିକ ତେଜେନ୍ଦ୍ର ଶର୍ମା ଓ ଦୀପକ ପାଣ୍ଡେୟଙ୍କ ସମେତ ଅନ୍ୟ ସାହିତ୍ୟିକଙ୍କ ସହ ଦୀନେଶଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ତାଙ୍କ ରଚିତ ପୁସ୍ତକ 'ନନ୍ଦିନୀ ସାହୁ କା କାବ୍ୟ-ସଂସାର', 'ନୟେ ଭାବ ଶିଳ୍ପ କେ କବି ମୀନକେତନ ପ୍ରଧାନ', 'ସହିଦ ମାଧୋସିଂହ କି ଖୋଜ୍' ଓ ''ଉଦ୍ଭ୍ରାନ୍ତ ସାହିତ୍ୟ ପର ମେରେ ନୋଟ୍ସ' ଉନ୍ମୋଚିତ ହୋଇଥିଲା । ବ୍ରିଟେନର ତେଜେନ୍ଦ୍ର ଶର୍ମା, କାନାଡ଼ାର ସ୍ନେହଲତା ଠାକୁର, ବୁଲଗାରିଆର ମୀନା କୌଶିକ, ପ୍ରଫେସର ଅରୁଣ କମଳ, ଜିନ୍ଦଲ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆର୍‌ଡ଼ି ପାଟିଦାର ଓ ସହିଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିନୟ ଚୌହାନଙ୍କ ଉପସ୍ଥିତିରେ ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା ।

ଉନ୍ମୋଚିତ ହେଲା ଦୀନେଶଙ୍କ ୪ ପୁସ୍ତକ

ଡିଜି ବ୍ରଦର୍ସ କ୍ଲବର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଅନୁଗୋଳ,୨ ।୧୧(ସମିସ): ପାଲଲହଡ଼ା ବ୍ଲକ ଖେମଲା ସହର ସାହି ଡିଜି ବ୍ରଦର୍ସ କ୍ଲବ ପକ୍ଷରୁ ଚାଲିଥିବା ଦ୍ୱିତୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ହାତୀବିନ୍ଧା ଏଫ୍‌ସି ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ ହାତୀବିନ୍ଧା ଦଳ ପେଟାମୁଣ୍ଡିକୁ ପେନାଲଟି କିକ୍‌ରେ ୫-୪ ଗୋଲରେ ପରାସ୍ତ କରିଛି । ଉଦଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ପାଲଲହଡ଼ା ବିଇଓ ଲକ୍ଷ୍ମୀଧର ଦେହୁରୀ ମୁଖ୍ୟବକ୍ତା, ଖେମଲା ସରପଞ୍ଚ ଦେବରାଜ ପ୍ରଧାନ, ଖେମଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଡିଜି ବ୍ରଦର୍ସ କ୍ଲବ ସଭାପତି ପୀତାମ୍ବର ଦେହୁରୀ, ଉପସଭାପତି ରାହୁଲ ଦେହୁରୀ, ସମ୍ପାଦକ ରାଜକିଶୋର ଗାଉଁନ୍ତିଆ, ଅଧିନାୟକ ରାକେଶ ଦେହୁରୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଶ୍ରୀକାନ୍ତ ଦେହୁରୀ ସଭା ପରିଚାଳନା କରିଥିଲେ ।

ଖୋଲିଲା ଚାନ୍ଦି ଉତ୍ସବ; ନିଜସ୍ୱ ବ୍ରାଣ୍ଡର ରୁପା ଅଳଙ୍କାର ଶୋ'ରୁମ୍



ଅନୁଗୋଳ,୨ ।୧୧(ସମିସ): ଚାନ୍ଦି ଉତ୍ସବ ପରିବାର ପକ୍ଷରୁ ଅନୁଗୋଳରେ ପ୍ରଥମ ନିଜସ୍ୱ ରୁପା ଅଳଙ୍କାର ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି । ମୁଖ୍ୟଅତିଥି ଭାବେ ଏସଜିବିଏଲ ଅଧ୍ୟକ୍ଷ ଶଙ୍କର ଗୁପ୍ତା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । କଟକ ମାରୱାଡ଼ି ସମାଜ ସଭାପତି ସଞ୍ଜୟ ଶର୍ମା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଏହି ଷ୍ଟୋର ମାଧ୍ୟମରେ ଗ୍ରାହକଙ୍କୁ ଆକର୍ଷଣୀୟ ଡିଜାଇନ୍, ଆଧୁନିକ ଫ୍ୟାସନ ଏବଂ ବିଭିନ୍ନ ପ୍ରକାରର ରୁପା ସାମଗ୍ରୀ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖିଛି ଅନୁଷ୍ଠାନ । ଏହି ଅବସରରେ ଚାନ୍ଦି ଉତ୍ସବ ପରିବାର ପକ୍ଷରୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ କମଲ ଅଗ୍ରୱାଲ କହିଛନ୍ତି ଯେ ଏହା ସେମାନଙ୍କ ପାଇଁ ଅତ୍ୟନ୍ତ ଖୁସି ଓ ଗର୍ବର ଦିନ । ଏହି ଷ୍ଟୋର କେବଳ ଏକ ଜୁଏଲରୀ ଦୋକାନ ନୁହେଁ ବରଂ ଏକ ନୂଆ ଚିନ୍ତାଧାରା, ନୂଆ ଫ୍ୟାସନ ଏବଂ ନୂଆ ବ୍ୟବସାୟିକ ସ୍ୱପ୍ନର ଆରମ୍ଭ । ବର୍ତ୍ତମାନ ସମୟରେ ସୁନା ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଅନେକ ଲୋକଙ୍କ ପାଇଁ ମନପସନ୍ଦର ଗହଣା କିଣିବା କଷ୍ଟକର ହୋଇପଡୁଛି । ଏହି ପରିସ୍ଥିତିରେ ରୁପାକୁ କେବଳ ପାରମ୍ପରିକ ଧାତୁ ଭାବେ ନୁହେଁ ବରଂ ଭବିଷ୍ୟତର ଏକ ନୂଆ ଗୋଲ୍ଡ ଭାବେ ଲୋକଙ୍କ ସମ୍ମୁଖକୁ ଆଣିବା ହେଉଛି ଚାନ୍ଦି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



କିଶୋରନଗର,୨ ।୧୧(ସମିସ): ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ କିଶୋରନଗର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ଏସପି ରାହୁଲ ଜୈନ ଯୋଗଦେଇଥିଲେ । ଏଥିରେ ୪୫ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି । ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, କିଶୋରନଗର ତହସିଲଦାର ରଞ୍ଜନ କୁମାର ସାହୁ, କିଶୋରନଗର ବିଡିଓ ଶୁଭକାନ୍ତ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟସ୍ୱରୂପ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ ।

ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି



ଅନୁଗୋଳ,୨ ।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୨୫ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା ।

୧୦୭୭ ପରିବାରକୁ ୭୯.୭୬ କୋଟିର ପୁନର୍ବାସ ସହାୟତା

ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ବିଧାୟକଙ୍କ କୃତଜ୍ଞତା

କଣିହାଁ,୨ ।୧୧(ସମିସ): ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି । ସମଲ ବ୍ୟାରେଜ୍ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଅନୁଗୋଳ ଜିଲ୍ଲାର ୬ଟି ଗ୍ରାମର ୧୦୭୭ ପରିବାରଙ୍କ ପାଇଁ ରାଜ୍ୟ ସରକାର ୭୯ କୋଟି ୭୬ ଲକ୍ଷ ୩ ହଜାର ୪୭୩ ଟଙ୍କାର ପୁନର୍ବାସ ଓ ଥଇଥାନ ସହାୟତା ମଞ୍ଜୁର କରିଛନ୍ତି । ଜଳସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୩୧ ତାରିଖ ଏ ନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ନାଳମ ଗ୍ରାମର ୨୮୧, ତାଳପଦାର ୨୮୦, ଦୁର୍ଗାପୁରର ୧୯୬, ଗହମର ୧୩୭, କୁସୁମପାଳର ୧୧୧ ଏବଂ ସିପୁର ଗ୍ରାମର ୭୨ ହିତାଧିକାରୀ ଏହି ସହାୟତା ପାଇବେ । ହିତାଧିକାରୀଙ୍କ ଦାବି ଓ କାଗଜପତ୍ର ଯାଞ୍ଚ ସହ ଗ୍ରାମ ସ୍ତରରେ ତାଲିକା ପ୍ରକାଶ କରାଯିବ । ଆପତ୍ତି ଓ ଅଭିଯୋଗର ସମାଧାନ ପରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯିବ । ଦୀର୍ଘଦିନର ଏହି ସମସ୍ୟା ସମାଧାନ ପାଇଁ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ବିଧାନସଭା ସମେତ ବିଭିନ୍ନ ଫୋରମରେ ନିରନ୍ତର ଦାବି ଉପସ୍ଥାପନ କରିଆସୁଥିଲେ । ଅନ୍ୟପକ୍ଷରେ, ନଦୀ କୂଳବର୍ତ୍ତୀ ଓ ବୁଡ଼ି ଅଞ୍ଚଳର ପ୍ରଜାମାନଙ୍କ ନ୍ୟାଯ୍ୟ ଅଧିକାର ଓ ପୁନର୍ବାସ ସହାୟତା ପାଇଁ ପୂର୍ବତନ ସାଂସଦ ମହେଶ ସାହୁ ଏବଂ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ମଧ୍ୟ ଦାବି ଉପସ୍ଥାପନ କରିବା ସହ ସଂଘର୍ଷ ଜାରି ରଖିଥିଲେ । ଏହି ମଞ୍ଜୁରୀ ପରେ ବିଧାୟକ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ କୃତଜ୍ଞତା ଜଣାଇଛନ୍ତି ।

- **ଧୁମଧାମରେ ପାଳିତ ହେଉଛି ମା' ଗଜଲକ୍ଷ୍ମୀ ପୂଜା**

ମନ ମୋହୁଛି ଜଳପରି ଖେଳ, ମୀନାବଜାର ଏବଂ ସାଂସ୍କୃତିକ ସନ୍ଧ୍ୟା





ପାଲଲହଡ଼ା,୨ ।୧୧(ସମିସ): ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ କରାଯାଉଛି । ମିନାବଜାର, ଦୋଳି ସାଙ୍ଗକୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟପେୟ ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି । ଚଳିତବର୍ଷ ଶାସନ ସାହି, କଦମ୍ବ ଚୌକ, ଉଦୟପୁର, ଉଦିତନଗର, ସ୍କୁଲ ସାହି, ପୁରୁଣା ଗଉଡ଼ ସାହି, କଚେରୀ ସାହି, ନୂଆ ବସଷ୍ଟାଣ୍ଡ, ସାମନ୍ତ ସାହି ଏବଂ ରାମ ମନ୍ଦିର ଛକ ଆଦି ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ସୁଉଚ୍ଚ ତୋରଣ ସାଙ୍ଗକୁ ଡିଜିଟାଲ ଆଲୋକମାଳାରେ ସଞ୍ଜ ହେଲେ ସମଗ୍ର ସହର ଝଲସି ଉଠୁଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କାରିଗରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ମା'ଙ୍କ ସୁନ୍ଦର ମୂର୍ତ୍ତି ଏବଂ ମେଢ଼ ପୂଜା ମଣ୍ଡପଗୁଡ଼ିକୁ ଅଧିକ ଆକର୍ଷଣୀୟ କରିଛି । ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ପୂଜା କମିଟି ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି । ମୀନାବଜାରରେ ମିଳୁଥିବା ବିଭିନ୍ନ ଘରକରଣା ସାମଗ୍ରୀ, ଦୋଳି, ମେଲୋଡି ଏବଂ ଅପେରା ଆଦି ପୂଜା ବଜାରକୁ ଆହୁରି ଆକର୍ଷଣୀୟ କରିଛି । ବିଶେଷକରି ଜଳପରି ଖେଳ ଏବଂ ଉଦିତନଗରର ମେଢ଼ ପାହାଡ଼ର ଭ୍ରମ ସୃଷ୍ଟି କରୁଥିବାରୁ ଦର୍ଶକଙ୍କ ମନମୋହୁଛି । ଆସନ୍ତା ୪ ତାରିଖ ମା'ଙ୍କ ମେଳଣ ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ । ପୂଜା ପାଇଁ ଉପଖଣ୍ଡ ପ୍ରଶାସନ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି ।

- **ସରିଲା ରେଙ୍ଗାଲି ଗଜଲକ୍ଷ୍ମୀ ପୂଜା, ମେଳଣରେ ସାମିଲ ହେଲେ ୯ ମେଢ଼**

୧.୨୫ ଲକ୍ଷ ଟଙ୍କାରେ ଆଞ୍ଚାଲଡ୍ଡୁ ନିଲାମ



କଣିହାଁ,୨ ।୧୧(ସମିସ): କଣିହାଁ ବ୍ଲକ୍ ରେଙ୍ଗାଲି ଗ୍ରାମରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ରବିବାର ସମାପନ ହୋଇଛି । ଚଳିତବର୍ଷ ୯ଟି ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ଓ ମନୋରମ ସାଜସଜ୍ଜାରେ ସମଗ୍ର ଗାଁ ଝଲସି ଉଠିଥିଲା । ବାଲିପଶି, ମା' ମଙ୍ଗଳା, ଡିଏସ୍‌ପି, ମନ୍ଦିର ଛକ, ଗାନ୍ଧୀ ଛକ, ସଡ଼କ ସାହି, ନୂଆସାହି ଓ ପାହାଡ଼ି ରାମେଶ୍ୱର ସମେତ ବିଭିନ୍ନ ମଣ୍ଡପରେ ମା'ଙ୍କ ଆରାଧନା କରାଯାଇଥିଲା । ପ୍ରତ୍ୟେକ ସନ୍ଧ୍ୟାରେ ମାନବ କଳାକୁଞ୍ଜ, ମାନବ ଷ୍ଟାର୍ଟ୍ୟ ସମେତ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ହୋଇଥିଲା । ପୂଜାର ଅନ୍ତିମ ଦିନରେ ସମସ୍ତ ପୂଜା ମଣ୍ଡପର ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଆସି ପ୍ରକଳ୍ପସ୍ଥିତ ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ମେଳଣ ଉତ୍ସବରେ ସାମିଲ ହୋଇଥିଲେ ।

ଏହି ଅବସରରେ ଆୟୋଜିତ ସଭାରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳଣ ଉତ୍ସବ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ସମ୍ମାନିତ ଅତିଥି ଭାବେ ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ଆଇଆଇସି ଚଞ୍ଚଳା ନାୟକ, ସମିତି ସଭ୍ୟ ଦେବାଶିଷ ମହାନ୍ତି, ସମାଜସେବୀ ଧ୍ରୁବଚରଣ ଧୀର, ଗ୍ରାମ କମିଟି ସଭାପତି ନାରାୟଣ ଧୀର ଓ ସମ୍ପାଦକ ପ୍ରଜ୍ଞାବୀର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ମା'ଙ୍କ ଆଞ୍ଚାଲଡ୍ଡୁ ନିଲାମ କରାଯାଇଥିଲା । ରେଙ୍ଗାଲି ଗ୍ରାମର ରାଜୁ ସାମଲ ସର୍ବାଧିକ ୧ ଲକ୍ଷ ୨୫ ହଜାର ଟଙ୍କା ନିଲାମ ଡାକି ଆଞ୍ଚାଲଡ୍ଡୁ ହାସଲ କରିଛନ୍ତି । ଶିକ୍ଷକ ସନ୍ତୋଷ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମାଜସେବୀ ଧ୍ରୁବଚରଣ ଧୀର ସଭା ପରିଚାଳନା କରିଥିଲେ । ପରେ ମା'ଙ୍କ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା । ସୁସଜ୍ଜିତ ମେଢ଼ଗୁଡ଼ିକ ଧାଡ଼ିରେ ରେଙ୍ଗାଲି ପ୍ରକଳ୍ପ ଅଞ୍ଚଳ ପରିକ୍ରମା କରି ରେଙ୍ଗାଲି ଗ୍ରାମ ଦେଇ ଦେନାଳି ଘାଟରେ ପହଞ୍ଚିଥିଲେ । ସେଠାରେ ମା'ଙ୍କୁ ମେଲାଣି ଦିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ।

ବୋନସ୍ ଦାବି: ନୟନୀ କୋଲ୍ ମାଇନ୍ସରେ ଡ୍ରାଇଭରଙ୍କ ଧାରଣା

- **ବିଧାୟକଙ୍କ ହସ୍ତକ୍ଷେପ ପରେ ହଟିଲା ଆନ୍ଦୋଳନ**



ଅନୁଗୋଳ,୨ ।୧୧(ସମିସ): ଛେଣ୍ଡିପଦା ନୟନୀ କୋଲ୍ ମାଇନ୍ସ ପରିସରରେ ବୋନସ୍ ଦାବିରେ ଭିପିଆର୍ କମ୍ପାନୀର ଡ୍ରାଇଭରମାନେ ଧାରଣାରେ ବସିଥିଲେ । ସେମାନେ ଦେଢ଼ବର୍ଷ ଧରି କାମ କରୁଥିବା ବେଳେ ଗତବର୍ଷ ଡ୍ୟୁଟି ସମୟ ପୂରଣ ହୋଇ ନ ଥିବାରୁ ପରବର୍ତ୍ତୀ ସମୟରେ ଏ ବର୍ଷର ବୋନସ୍ ଦେବାକୁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା । ତେବେ ନିର୍ଦ୍ଧାରିତ ସମୟ ପୂରଣ ହେବା ପରେ ମଧ୍ୟ ବୋନସ୍ ମିଳି ନ ଥିବାରୁ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ସମାଧାନ ନ ହେବାରୁ ସେମାନେ ଖଣି ପରିସରରେ ଧାରଣା ଦେଇଥିଲେ । ଖବର ପାଇ ଛେଣ୍ଡିପଦା ବିଧାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ବିଧାୟକଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

ଅନୁଗୋଳ ଓକିଲ ସଙ୍ଘ ସଭାପତିଙ୍କୁ ଆକ୍ରମଣ

- **ଅଟକ ଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ଦାବି**
- **ଓକିଲ ସଙ୍ଘର ଥାନା ଘେରଉ, ଜାତୀୟ ରାଜପଥ ଅବରୋଧ**



ଅନୁଗୋଳ,୨ ।୧୧(ସମିସ): ଅନୁଗୋଳ ଓକିଲ ସଙ୍ଘ ସଭାପତିଙ୍କୁ ଆକ୍ରମଣ ଘଟଣାରେ ଥାନାରେ ଅଟକ ଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ଦାବିରେ ଓକିଲ ସଙ୍ଘ ପକ୍ଷରୁ ଥାନା ଘେରଉ ସହ ଜାତୀୟ ରାଜପଥ ଅବରୋଧ କରାଯାଇଛି । ସୋମବାର ପୂର୍ବାହ୍ନରେ ଓକିଲ ସଙ୍ଘ ସଭାପତି ଦିଲୀପ ସାହୁ ପରିବା ବଜାର ନିକଟରେ ବାଇକ ରଖୁଥିବା ବେଳେ ଯତୀନ ସେଠୀ ନାମକ ଜଣେ ବ୍ୟକ୍ତି ଅଚାନକ ତାଙ୍କ ମୁଣ୍ଡ ପଛପଟକୁ ଧକ୍କା ଦେବା ସହ ତଣ୍ଟିଚିପି ମାରିବାକୁ ଉଦ୍ୟମ କରିଥିଲେ । ଏ ନେଇ ସଭାପତି ସାହୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଯତୀନଙ୍କୁ ଅଟକ ରଖିଛି । ତେବେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ଦାବିରେ ଥାନା ଘେରଉ ଓ ରାଜପଥ ଅବରୋଧ କରିଛି ଓକିଲ ସଂଘ । ଏପଟେ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଧାରଣାରତ ଓକିଲଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ଅଛନ୍ତି ।

ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ସ୍ୱାମୀର ଆତ୍ମହତ୍ୟା

ବଣ୍ଟଁରପାଳ,୨ ।୧୧(ସମିସ): ବଣ୍ଟଁରପାଳ ଥାନା ତୁଳସୀପାଳ ଗ୍ରାମର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଗ୍ରାମର ଧୋବଣୀ ପୃଷ୍ଟିଙ୍କ ପୁଅ ସୁବାସ ପୃଷ୍ଟି (୩୧) । ସୁବାସ ନିଜ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସୁବାସ ସେହି ଗ୍ରାମର ମାନସୀ ପୃଷ୍ଟିଙ୍କୁ ବିବାହ କରିଥିଲେ । ବିବାହ ପରେ ମାନସୀଙ୍କର ଅନ୍ୟ ଜଣେ ଜଣେ ଯୁବକଙ୍କ ସହ ଅନୈତିକ ସମ୍ପର୍କ ଥିବା ସୁବାସ ସନ୍ଦେହ କରି ବାରମ୍ବାର ଏଥିରୁ ନିବୃତ ରହିବାକୁ ବୁଝାଉଥିଲେ । କିନ୍ତୁ ମାନସୀ ଓଲଟି ସୁବାସଙ୍କୁ ମାନସିକ ନିର୍ଯାତନା ଦେଉଥିଲେ । ଏନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା । ଥାନାରେ ଆପୋସ ସମାଧାନ ହୋଇଥିଲେ ମଧ୍ୟ ରବିବାର ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁଣି ଭୀଷଣ ଝଗଡ଼ା ହୋଇଥିଲା । ମାନସୀ ଏକ ଶାଢ଼ି ସୁବାସଙ୍କ ଉପରକୁ ପକାଇ ଏଥିରେ ଫାଶୀ ଲଗାଇ ମରିଯା' ବୋଲି କହିଥିଲେ । ଏଥିରେ ସୁବାସ ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି ।

ବିଭିନ୍ନ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା





ଖମାର,୨ ।୧୧(ସମିସ): ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳର ବିଭିନ୍ନ ମଣ୍ଡପରେ ମା' ଧନଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ଖମାର ଗ୍ରାମ, ସୁଲିଆ ଲେ ଫେୟାର ଆସୋସିଏସନ, କ୍ୟାପିଟାଲ ମାର୍କେଟ, ଆଞ୍ଚଳିକ ଲକ୍ଷ୍ମୀପୂଜା କମିଟି ପତଳା ଛକ, ସାନସଡ଼ା, ଶଙ୍ଖାମୁର ସମେତ ବିଭିନ୍ନ ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଆଡ଼ମ୍ବରରେ ପାଳିତ ହୋଇଛି । ସୁନ୍ଦର ସାଜସଜ୍ଜା ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ, ଡିଜେ, ସଂକୀର୍ତ୍ତନ, ଭଜନ ସନ୍ଧ୍ୟା, ମେଲୋଡି, ଆଞ୍ଚଳିକ ନୃତ୍ୟ ପ୍ରତିଯୋଗିତା ଓ ମିନାବଜାର ଓ ଅଞ୍ଚଳର ବୁଦ୍ଧିଜୀବୀ, ରାଜନେତାଙ୍କୁ ନେଇ ସାଂସ୍କୃତିକ ସଭା ଆୟୋଜିତ ହୋଇଛି । ଖମାର ଗ୍ରାମ ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନରେନ୍ଦ୍ର ସାହୁ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ସୋମବାର ମା'ଙ୍କୁ ବିସର୍ଜନ କରାଯାଇଛି । ସେହିପରି ଆଞ୍ଚଳିକ ଲକ୍ଷ୍ମୀପୂଜା କମିଟି ପାତଳା କଲୋନୀରେ ସଭାପତି ବୁଲୁ ଜିତ, ସମ୍ପାଦକ ବାବୁଲି ଜିତ ଓ ସଦସ୍ୟଙ୍କ ସହଯୋଗରେ ଶନିବାର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଖମାର ସୁଲିଆ ଲେ ଫେୟାର ଆସୋସିଏସନ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରଥମ ସନ୍ଧ୍ୟାରେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ମୁଖ୍ୟଅତିଥି, ଖମାର ସରପଞ୍ଚ ଚକାଡୋଳା ନାଏକ, ଆସୋସିଏସନ ସଭାପତି ବିନୋଦ ବିହାରୀ ସାହୁ, ସମ୍ପାଦକ ସନ୍ତୋଷ ବିଶ୍ୱାଳ, ବରିଷ୍ଠ ସଭ୍ୟ ଭଗବାନ ଅମ୍ବ, ନଟବରାମ ସାହୁ, ଇନ୍ଦ୍ରମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ବିଜେପି ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନ, ସଭାପତି ବିନୋଦ ବିହାରୀ ସାହୁ, ଉପସଭାପତି ବିଭୂତି କୁମାର ବିଶ୍ୱାଳ, ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ସହସମ୍ପାଦକ ବାସୁଦେବ ମହାନ୍ତି ଯୋଗଦେଇଥିଲେ । ସେହିପରି ଆଞ୍ଚାଲଡ୍ଡୁ ନିଲାମ ଉତ୍ସବରେ ମୁଖ୍ୟଅତିଥି ଭାବେ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାର ଉପସ୍ଥିତ ଥିଲେ । ୪୦,୦୦୧ ଟଙ୍କାରେ ଦିବ୍ୟରଞ୍ଜନ ମହାନ୍ତି ଆଞ୍ଚାଲଡ୍ଡୁ ନେଇଥିଲେ । ସୋମବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । କ୍ୟାପିଟାଲ ମାର୍କେଟ ପୂଜା କମିଟି ସଭାପତି ବସନ୍ତ ପ୍ରଧାନ, ସମ୍ପାଦକ କାଳନ୍ଦୀ ନାୟକ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆନନ୍ଦ ବଜାର ଅନୁଷ୍ଠିତ ହୋଇଛି । ଆସନ୍ତା ୪ ତାରିଖ ଆଞ୍ଚାଲଡ୍ଡୁ ନିଲାମ ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାରଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇଥିଲା । ସେହିପରି ଶଙ୍ଖାମୁର, ହାଇସ୍କୁଲ ଛକ ଲକ୍ଷ୍ମୀପୂଜା ଆଡ଼ମ୍ବରରେ ପାଳିତ ହୋଇଛି । ଆନନ୍ଦ ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଞ୍ଚାଲଡ୍ଡୁ ନିଲାମ ହୋଇଥିଲା । ଇନ୍ଦୁମତୀ ସାହୁ ଆଞ୍ଚାଲଡ୍ଡୁ ନେଇଥିଲେ ।

ମାଟିଆ କଣରୁ କଙ୍କାଳ ଉଦ୍ଧାର ଘଟଣା

ନିଖୋଜ ଗୁଡୁ ମଳିକକୁ ହତ୍ୟା କରାଯାଇଥିବା ଅଭିଯୋଗ

ଯାଜପୁର/ପ୍ରୀତିପୁର,୨।୧୧(ସମିସ):

ଜନୈକ ଯୁବକ ନିଖୋଜ ହେବାର ୪ ମାସ ପରେ ତାର କଙ୍କାଳ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ପୁଲିସର ନିଷ୍କ୍ରିୟତା ଓ କର୍ତ୍ତବ୍ୟରେ ଅବହେଳାକୁ ଦାୟୀ କରି ଲୋକେ ଉଦ୍ଧାର କଙ୍କାଳକୁ ରାସ୍ତା ଉପରେ ରଖି ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ତଥା ଅଳକୁଣ୍ଡ ଥାନା ଅନ୍ତର୍ଗତ ଆଉଁରୀ ପଞ୍ଚାୟତର ମାଟିଆକଣ ଗ୍ରାମର ଶ୍ରୀଧର ମଳିକଙ୍କ ପୁଅ ରାକେଶ ମଳିକ ଓରଫ ଗୁଡୁ (୨୨) ଗତ ୪ ମାସ ତଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ତାଙ୍କ ମାଆ ତିଳୋତ୍ତମା ମଳିକ ଜୁଲାଇ ୩୧ ତାରିଖ ଦିନ ଅଳକୁଣ୍ଡ ଥାନାରେ ଏକ ମିସିଂ ରିପୋର୍ଟ ଦାଏର କରିଥିଲେ।



କିନ୍ତୁ ଘଟଣାକୁ ଅଳକୁଣ୍ଡ ପୁଲିସ୍ ଆଦୌ ଗୁରୁତ୍ୱ ନ ଦେଇ ରିପୋର୍ଟଟିକୁ ଫାଇଲରେ ରଖି ହାତବାନ୍ଧି ବସିଯାଇଥିଲେ। ଗତ ଅକ୍ଟୋବର ୧୦ତାରିଖ ଦିନ ପୁନର୍ବାର ମାଆ ତିଳୋତ୍ତମା ମଳିକ ଅଳକୁଣ୍ଡ ଥାନାରେ କରିଥିବା ଅଭିଯୋଗ ଅନୁଯାଇ ତାଙ୍କର ପୁଅକୁ କିଛି ଲୋକ ଅପହରଣ କରି ନେଇଛନ୍ତି ବୋଲି ପୁଲିସକୁ ସୂଚନା ଦେଇଥିଲେ। ମାତ୍ର ଥାନା ଅଧିକାରୀ ବିଭୁପ୍ରସାଦ ରାଉତ ଅଭିଯୋଗ ସମ୍ପର୍କରେ ବୁଝାସୁଝା କରିବା ପରିବର୍ତ୍ତେ ତୁମ ପୁଅ ଗୋଟିଏ ଝିଅକୁ ନେଇ ପଳାଇଛି ବୋଲି କଡ଼ା କଥା ଶୁଣାଇ ଦେଇ ଅଭିଯୋଗକାରିଣୀଙ୍କୁ ନିରାଶର ସହିତ ଫେରାଇ ଦେଇଥିଲେ। ଅଳକୁଣ୍ଡ ପୁଲିସ୍‌ର ଦାୟିତ୍ୱହୀନତା ଓ ଅପାରଗତା ଯୋଗୁଁ ଆଜି ଏଭଳି ଅବସ୍ଥା ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତକାଲି ନିଖୋଜ ଯୁବକ ଗୁଡୁର କଙ୍କାଳ ଏକ ପାଣି ଭିତରୁ ଉଦ୍ଧାର ହେବା ପରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ଘଟଣା ପଛରେ ଜମିବାଡି ବିବାଦରୁ ଏଭଳି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ପ୍ରେମ ଜନିତ କାରଣ ପାଇଁ ଏହା ହୋଇଥିବା ପୁଲିସ ସନ୍ଦେହ କରୁଛି। ନିଖୋଜ ରାକେଶର ହତ୍ୟା ଘଟଣାରେ ୧୩ ଜଣଙ୍କ ନାମରେ ଅଭିଯୋଗ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ କଂଗ୍ରେସ୍ ନେତ୍ରୀ କନକଲତା ମଲିକଙ୍କ ନାମ ରହିଛି। ଆଜି ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ହତ୍ୟାକାରୀଙ୍କୁ ଗିରଫ କରିବା ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ରାସ୍ତାରୋକ କରାଯାଇଥିଲା। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇଁ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

● ଗାଏବ ହୋଇଗଲା ଜିସି କଲେଜ ପରିଚାଳନା କମିଟି ପୁସ୍ତକ

ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କର୍ମଚାରୀଙ୍କ ଅହୋରାତ୍ର ଧାରଣା



ବରୀ,୨।୧୧(ସମିସ): ବରୀ ଅଞ୍ଚଳର ସର୍ବ ପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଓ କର୍ମଚାରୀ ମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଛନ୍ତି। ସୂଚନା ମୁତାବକ ପରିଚାଳନା କମିଟିର ରିଜୋଲେଶନ ଖାତା ନଥିବାର ତଦନ୍ତ ଦାବି କରିବା ସହିତ ସେମାନଙ୍କ ଦରମା ପ୍ରଦାନ କରିବାକୁ ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଧାରଣାରେ ବସିଛନ୍ତି। ପ୍ରକାଶ ଥାଉକି ପରିଚାଳନା କମିଟିର ରିଜୋଲେସନ୍ ଖାତା ଉଚ୍ଚ ଶିକ୍ଷା ବିଭାଗ ପୋର୍ଟାଲରେ ଦାଖଲ ହୋଇ ନଥିବାରୁ ଧାରଣା ରତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ମାନେ ଅକ୍ଟୋବର ମାସର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୮ ତାରିଖରେ ଅଧ୍ୟକ୍ଷଙ୍କୁ ଅହୋରାତ୍ର ଧାରଣା ଦେବେ ବୋଲି ଅବଗତ କରିଥିଲେ ମଧ୍ୟ ସନ୍ଧ୍ୟାରୁ ଧାରଣାରେ ବସିଛନ୍ତି। ଏହି ଧାରଣାରେ ସୁଶିଲ ନାୟକ, ପ୍ରବୀର କୁମାର ରାଉତରାଏ, ସରୋଜ କୁମାର ସ୍ୱାଇଁ, ଆନନ୍ଦ କର, ସୁଦାମ ଚରଣ ଖୁଣ୍ଟିଆ, ବସନ୍ତ କୁମାର ଦାସ, ମନୋଜ କୁମାର ଜେନାଙ୍କ ସମେତ ଅକ୍ଟୋବର ମାସର ବେତନ ପାଇନଥିବା କର୍ମଚାରୀ ମାନେ ଉପସ୍ଥିତ ଅଛନ୍ତି। ଏ ବିଷୟରେ ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

● 'ସକାଳ' ପ୍ରଭାବ

ମରାମତି ହେଲା ମିଲିଟାରୀ ଛକ-ନୂଆଗଡ଼ ରାସ୍ତା

ଦାନଗଦି, ୨।୧୧(ସମିସ): ଲଘୁଚାପ ବର୍ଷାରେ ମିଲିଟାରୀ ଛକ-ନୂଆଗଡ଼ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏନେଇ ଗତ ୩୧ ତାରିଖରେ ଦୈନିକ ଖବର କାଗଜ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଯାହାଫଳରେ ପୂର୍ତ୍ତବିଭାଗ ପକ୍ଷରୁ ଆଜି ଏହି ରାସ୍ତାକୁ ମେସିନ ସାହାଯ୍ୟରେ ଖୋଳାଯାଇ ମରାମତି ପାଇଁ କାମ ଆରମ୍ଭ ହୋଇଛି। ତେବେ କାମ ପାଖରେ ପୂର୍ତ୍ତ ବିଭାଗର କୌଣସି ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ କାମର ମାନକୁ ନେଇ ପ୍ରଶ୍ନ ଉଠିଛି।



ଯୁବଶିଳ୍ପୀ କାଶୀନାଥ ମହାନ୍ତିଙ୍କ ପରଲୋକ

ଯାଜପୁରଟାଉନ,୨।୧୧(ସମିସ): ଯୁବଶିଳ୍ପୀ କାଶୀନାଥ ମହାନ୍ତିଙ୍କ ଅକାଳ ବିୟୋଗରେ ସାନ ତ୍ରିଲୋଚନପୁର ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସମସ୍ତଙ୍କ ନିକଟରେ ବିଜୟ ନାମରେ ପରିଚିତ ଥିଲେ। ନିଜର ଅସାଧାରଣ କଳାନୈପୁଣ୍ୟ ଓ ସୃଜନଶୀଳ ପ୍ରତିଭା ବଳରେ ସେ ଜଣେ ଦକ୍ଷ ଶିଳ୍ପୀ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଗତ ଅକ୍ଟୋବର ୨୩ ତାରିଖରେ ଲକ୍ଷ୍ମୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ହଠାତ୍ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଅକାଳ ବିୟୋଗରେ କଳା ଜଗତ ଜଣେ ପ୍ରତିଭାବାନ ଶିଳ୍ପୀଙ୍କୁ ହରାଇଥିବା ବେଳେ ଗ୍ରାମବାସୀ ଜଣେ ଆପଣାର ମଣିଷଙ୍କୁ ହରାଇଛନ୍ତି।



ମଧୁସଙ୍ଗୀତମର 'ଚରଣ ସ୍ପର୍ଶ ଉତ୍ସବ'



ଯାଜପୁର,୨।୧୧(ସମିସ): ଯାଜପୁରର ଏକ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ 'ମଧୁସଙ୍ଗୀତମ୍' ପକ୍ଷରୁ ସୁଭଦ୍ରା ଶକ୍ତି କେନ୍ଦ୍ରରେ 'ଚରଣ ସ୍ପର୍ଶ ଉତ୍ସବ' ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସଙ୍ଗୀତ ସାଧକ ଗୁରୁ ପଣ୍ଡିତ ଡ. ହରମୋହନ ଖୁଣ୍ଟିଆ, ଗୁରୁ ପଣ୍ଡିତ ରାମହରି ଦାସ ଏବଂ ଗୁରୁ ପଣ୍ଡିତ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ରାଧାରମଣ ଦାସ, ଗୁରୁ କୈଳାଶ ଚନ୍ଦ୍ର ଗୋଛାୟତ, ଗୁରୁ ଗୋରାଙ୍ଗ ଚରଣ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ମହାରଣା ଓ ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସଙ୍ଗୀତମ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସହ ଗୀତଗୋବିନ୍ଦ ଓ ଭଜନ ଇତ୍ୟାଦି ମନୋମୁଗ୍ଧକର ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତବଲା ଗୁରୁ ଗୋରାଙ୍ଗଚରଣ ପାଣିଗ୍ରାହୀ, ମର୍ଦ୍ଦଳରେ ମାଧବ ଶ୍ରୀନନ୍ଦନ ସାହୁ ଏବଂ ହାରମୋନିୟମରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକ ସହଯୋଗ କରିଥିଲେ। ଏହି ଅବସରରେ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ମଧୁସଙ୍ଗୀତମ୍ ମହାମଣି ସମ୍ମାନ', ଗୁରୁ ପଣ୍ଡିତ ରାମହରି ଦାସଙ୍କୁ 'ମଧୁସଙ୍ଗୀତମ୍ ସଙ୍ଗୀତ ଶିରୋମଣି ସମ୍ମାନ', ଗୁରୁ ପଣ୍ଡିତ ସଚ୍ଚିଦାନନ୍ଦ ଦାସଙ୍କୁ 'ମଧୁସଙ୍ଗୀତମ୍ ତାଳମଣି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାପରେ ଗୁରୁ ଅକ୍ଷୟ କୁମାର ପଣ୍ଡା, ଗୁରୁ ପୃଥିରାଜ ପଣ୍ଡା ଏବଂ ଗୁରୁ ସୁକଦେବ ନାୟକଙ୍କୁ 'ମଧୁସଙ୍ଗୀତମ୍ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ସୁଶ୍ରୀ ଏମ ବିଜୟଲକ୍ଷ୍ମୀ ମାନପତ୍ର ଗୁଡ଼ିକୁ ପାଠ କରିଥିଲେ। ତତ୍ ସହିତ, ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ୨୦୨୫ କେନ୍ଦ୍ରବୃତ୍ତି ଲାଭ କରିଥିବା ଅନୁଷ୍ଠାନର ପ୍ରତିଭାବାନ ଛାତ୍ର ସମ୍ବିତ ସାହୁଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ମଧୁସଙ୍ଗୀତମର ବାର୍ଷିକ ସାଂସ୍କୃତିକ ପତ୍ରିକା "ଭାବାଞ୍ଜଳି' ଉନ୍ମୋଚିତ ହୋଇଥିଲା। ପରେ ଗୁରୁ ପଣ୍ଡିତ ରାମହରି ଦାସ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ପରେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ (ସଂଯୋଜିତ) ଓଡ଼ିଶୀ ପରିବେଷଣ କରାଯାଇଥିଲା। ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଦ୍ୱାରା ଏକକ ତବଲା ବାଦନ ପରିବେଷିତ ହୋଇଥିଲା।

ପିପୁଲ୍ ଫର୍ ଚାରିଟେବୁଲ୍ ଟ୍ରଷ୍ଟର ସଚେତନତା ବୈଠକ

ଯାଜପୁର,୨।୧୧(ସମିସ): ଦିବ୍ୟାଙ୍ଗମାନେ କାହାରି ଦୟାର ପାତ୍ର ନୁହନ୍ତି, ସେମାନେ ମଧ୍ୟ ସମାଜର ଜଣେ ଜଣେ ସମାନ ଅଧିକାରୀ ନାଗରିକ। ସେମାନଙ୍କୁ ଦୟା ନୁହେଁ, ବରଂ ସମାନ ସମ୍ମାନ, ସୁଯୋଗ ଓ ନ୍ୟାଯ୍ୟ ଅଧିକାର ମିଳିବା ଆବଶ୍ୟକ। ଏହି ମହତ୍ ଉଦ୍ଦେଶ୍ୟ ନେଇ ପିପୁଲ୍ ଫର୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁଯାଜପୁରର ଆଙ୍କୁଲା ସ୍ମାର୍ଟ ପାର୍କଠାରେ "ଦୟା ନୁହେଁ, ଅଧିକାର' ଶୀର୍ଷକ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟ୍ରଷ୍ଟର ସଭାପତି ପ୍ରତ୍ୟୁଷ କୁମାର ନାୟକ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ପ୍ରିୟରଞ୍ଜନ ବାରିକ, ସହସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ନିହାରକାନ୍ତ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ଅତୁଲ୍ୟ ଭାଇ, ସମାଜସେବୀ ଧୃତିରଞ୍ଜନ ବାରିକ ଏବଂ ଟ୍ରଷ୍ଟର ପ୍ରତିଷ୍ଠାତା ନିର୍ମଳ କୁମାର ନନ୍ଦ ଯୋଗ ଦେଇଥିଲେ। ଏଥିସହ ସହକୋଷାଧ୍ୟକ୍ଷ ଅଭିରାମ ଦାସ, କାର୍ଯ୍ୟକାରୀ ସମିତିର ସଦସ୍ୟ ସଂଗ୍ରାମ କେଶରୀ ସ୍ୱାଇଁ, ଦିବାକର ଭାଇ, ପ୍ରସନ୍ନ ଭାଇଙ୍କ ସମେତ ଟ୍ରଷ୍ଟର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ସହ ଅଧିକରୁ ଅଧିକ ଯୋଗ୍ୟ ଦିବ୍ୟାଙ୍ଗଙ୍କ ନିକଟରେ ସରକାରୀ ସୁବିଧା ଓ ସେମାନଙ୍କ ଅଧିକାର ପହଞ୍ଚାଇବା ପାଇଁ ଟ୍ରଷ୍ଟ ପକ୍ଷରୁ ସଂକଳ୍ପ ନିଆଯାଇଥିଲା।



୨୦ ନମ୍ବର୍ ଜାତୀୟ ରାଜପଥ ଶୋଚନୀୟ

ଯାଜପୁର,୨।୧୧(ସମିସ): ଯାଜପୁର ଜିଲ୍ଲାର କୁଆଖିଆଠାରୁ ସାତଭାୟା ୨୦ ନମ୍ବର ଜାତୀୟ ରାଜପଥର କୁଆଖିଆ - ଯାଜପୁର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗୋବିନ୍ଦପୁର ଠାରୁ ବୁଢ଼ାଘାଟ ରାସ୍ତାର ପ୍ରତ୍ୟେକ ବ୍ରିଜ୍ ମରଣଯନ୍ତା ପାଲଟିଛି। ବ୍ରିଜର ଅବସ୍ଥା ଏମିତି ହୋଇଛି ଯେ କେଉଁଠି ସ୍ୱାମୀ ସ୍ତ୍ରୀ ଅଲଗା ହୋଇ ପଡ଼ି ଖଣ୍ଡିଆ ଖାବରା ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି ତ ଏକାଧିକ ଲୋକ ଦୁର୍ଘଟଣା ଗ୍ରସ୍ତ ହୋଇ ପ୍ରାଣ ହରାଇଛନ୍ତି। ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ଏଆର୍‌ଏସଏସ ନାମକ ଠିକାଦାର ସଂସ୍ଥା ଓ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କ ମଧୁର ସମ୍ପର୍କ ଯୋଗୁ ବହୁ ମୂଲ୍ୟବାନ ଜୀବନ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆସନ୍ତା ଦୀପାବଳିରୁ ଯାଜପୁରର ଗଣପର୍ବ କାଳୀପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା ତଥା ଜିଲ୍ଲା ବାହାରର ଲକ୍ଷାଧିକ ଲୋକ ଏହି ରାସ୍ତାରେ ଯିବା ଆସିବା କରିବେ। କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଦୁର୍ଘଟଣା ସ୍ଥାନ ଗୁଡ଼ିକ ଚିହ୍ନଟ କରି ମରାମତି କରିବାକୁ ବହୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ରାସ୍ତାରେ ଯଦି କୌଣସି ଦୁର୍ଘଟଣା ଘଟେ ସେଥିପାଇଁ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।



ଚାଷୀଙ୍କ ସମସ୍ୟା ସମାଧାନ ଆଳ / ସୁକିନ୍ଦା ବଦଳରେ ବ୍ୟାସନଗରରେ ରୁଦ୍ଧ ଦ୍ୱାର ବୈଠକ

ବ୍ୟାସନଗର,୨।୧୧(ସମିସ): ଗତ ଅକ୍ଟୋବର ୩୦ ତାରିଖରେ ସୁକିନ୍ଦା ତହସିଲ ଅଧୀନସ୍ଥ ଦୁଯୋଧରୀ ପଞ୍ଚାୟତ କଞ୍ଚିଚୁଆସ୍ଥିତ ରାମକୀ କମ୍ପାନୀର ବର୍ଜ୍ୟବସ୍ତୁ ପରିବହନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ୩ ଗୋଟି ବର୍ଜ୍ୟବସ୍ତୁ ବୋଝେଇ ହାଇୱାକୁ ଅଟକାଇଥିଲେ। କମ୍ପାନୀର ବର୍ଜ୍ୟବସ୍ତୁ ପରିବହନ ଅନୁମତି ନଥିବା ସତ୍ତ୍ୱେ କମ୍ପାନୀ ବେଆଇନ ଭାବେ ବର୍ଜ୍ୟବସ୍ତୁ ପରିବହନ କରୁଥିବାରୁ ଚାଷୀମାନେ ପ୍ରତିକ୍ରିୟାଶୀଳ ହୋଇଥିଲେ। କେନ୍ଦୁଡିପି, ପୁରୁଣାପାଣି, ମଙ୍ଗଳପୁର, କଞ୍ଚିଚୁଆ ଏବଂ ଦଲକି ଗ୍ରାମବାସୀ ବର୍ଜ୍ୟବସ୍ତୁ ପରିବହନ ଗାଡିକୁ ଅଟକାଇବା ସହିତ କ୍ଷତିପୂରଣ ଦାବି କରିଥିଲେ। ହେଲେ ପ୍ରଶାସନ ଉକ୍ତ ଅଞ୍ଚଳରେ ବୈଠକ ନକରି ଚାଷୀଙ୍କ ସମସ୍ୟା ସମାଧାନ ଆଳରେ ସୁକିନ୍ଦାରୁ ଅନେକ ଦୂର ବ୍ୟାସନଗର କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଏକ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ବୈଠକରେ ହସ୍ତତନ୍ତ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଏଡିଏମ୍ କଳିଙ୍ଗନଗର ସପନ କୁମାର ନନ୍ଦ, ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନମୋହନ ସାହୁ, ରାମକୀ ଓଡ଼ିଶାର ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ମୁଖ୍ୟ ମେହବୁବ ଶୁଭାନୀ ସୟଦ, ଆଞ୍ଚଳିକ ମୁଖ୍ୟ ଶୁଭେନ୍ଦୁ ଚାଟାର୍ଜୀ, ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ସେଠୀ ଯୋଗଦେଇ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ନିଜର ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବାକୁ ଦାବି କରିଥିଲେ। ଚାଷୀମାନଙ୍କ କହିବା ଅନୁସାରେ ରାମକୀର ବର୍ଜ୍ୟବସ୍ତୁ ଯୋଗୁଁ ଖାଲି ଚାଷ ନୁହେଁ ଗଛ ବି ମରିଯାଉଛି। କମ୍ପାନୀରୁ ନିର୍ଗତ ବିଷାକ୍ତ ପାଣି ପ୍ରଭାବରେ ଚାଷ କ୍ଷତିଗ୍ରସ୍ତ ହେବା ସହିତ ହଜାର ହଜାର ସଂଖ୍ୟାରେ ଗଛଗୁଡ଼ିକ ମରିଯାଉଛି। ଏହାର ପ୍ରଭାବରେ ପାରିପାର୍ଶ୍ୱିକ ଅଞ୍ଚଳରେ କିଡ୍‌ନୀ, ଚର୍ମ ରୋଗ ବ୍ୟାପିବାରେ ଲାଗିଛି। ସୁକିନ୍ଦା ଟସର ସମବାୟ ସମିତି ପକ୍ଷରୁ କ୍ଷତିପୂରଣ ଦାବି କରାଯାଇଛି ହେଲେ ବୈଠକରେ କୌଣସି ସମାଧାନର ବାଟ ବାହାରି ପାରିନଥିବା ବେଳେ ଯାଇଥିବା ନମୂନା ରିପୋର୍ଟ ଆସିଲେ କ୍ଷତିପୂରଣ ଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦର ସାରସ୍ୱତ ସମ୍ମାରୋହ

ଦାନଗଦି,୨।୧୧(ସମିସ): ଦାନଗଦି ବ୍ଲକ ଟୋଲକାନି ସ୍ଥିତ ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦର ଷୋଡ଼ଶ ବାର୍ଷିକୋତ୍ସବ ଓ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟୋଲକାନିସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରେକ୍ଷାଳୟ କକ୍ଷରେ ଆୟୋଜିତ ସଭାକୁ ଶିକ୍ଷାବିତ୍ ଅକ୍ଷୟ କୁମାର ରାଉତ ପରିଚାଳନା କରିଥିଲେ। ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ପ୍ରାକ୍ତନ ମହାବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ନାୟକ, ଝାଡେଶ୍ୱର ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ଡ. ଯୁଗଳ କିଶୋର ହୋତା, ସୁକିନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ସାହିତ୍ୟିକ ରତ୍ନାକର ଦାସ, ପ୍ରାବନ୍ଧିକ ହଳଧର ପଣ୍ଡା, ସଂସଦର ସଂପାଦକ ଗୋକୁଳ ବିହାରୀ ପୃଷ୍ଟି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସଂପାଦକ ଗୋକୁଳ ବିହାରୀ ପୃଷ୍ଟି ସଂସଦର ବିବରଣୀ ପାଠ କରିଥିଲେ। ପରେ ସଂସଦର ମୁଖପତ୍ର 'ସତ୍ୟମ୍'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗରୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ପକ୍ଷରୁ ଚଳିତ ବର୍ଷ ଠାରୁ ପ୍ରଚଳନ କରାଯାଇଥିବା ସ୍ୱତନ୍ତ୍ର ସମ୍ମାନ ଆକାଶବାଣୀ ଓ ଦୂରଦର୍ଶନର ଗୀତିକାର ହରିହର ବାରିକ ଏବଂ ପତ୍ନୀ କବୟତ୍ରୀ କନକଲତା ବାରିକଙ୍କୁ ସଫଳ ଦମ୍ପତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଭାଷ୍ୟକାର ବାବାଜୀ ଚରଣ ଜେନା, ଶିକ୍ଷାବିତ୍ ପଞ୍ଚାନନ ବଳ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନରେ ଆୟୋଜିତ କବିତା ପାଠ ଉତ୍ସବରେ କବି ମୁରଲୀଧର ବେହେରା, ଦୟାନିଧି ଦାସ, ସୁଦାମ ଚରଣ ନାୟକ, ଶରତ କୁମାର ରାଉତ, କୁଳମଣି ଦତ୍ତ, ଶିଶିର କୁମାର ଚୌଧୁରୀ , ଅଜୟ କୁମାର ଖୁଣ୍ଟିଆ, ବଟକୃଷ୍ଣ ବେହେରା, ସେବତୀ ରାଣି ପ୍ରଧାନ, ମଙ୍ଗୁଳି ଚରଣ ସୃଷ୍ଟି ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଶିକ୍ଷାବିତ୍ ନିର୍ମଳଚନ୍ଦ୍ର ରାଉତ, ଶିକ୍ଷାବିତ୍ ରବିନାରାୟଣ ନାୟକ, ଗିରିଧାରୀ ଚାନ୍ଦ, ଅଧ୍ୟାପିକା ମିରାମ୍ବିକା ସାହୁ, ଶିକ୍ଷାବିତ ମଦନମୋହନ କର, ପ୍ରତିମା ରଥ, ସନ୍ଧ୍ୟାରାଣୀ ପୃଷ୍ଟି ପ୍ରମୁଖ କବିତା ଗୁଡ଼ିକର ସଂଯୋଜନା ଓ ସମୀକ୍ଷା କରିଥିଲେ। ସ୍ମୃତି ସଂସଦର ବରିଷ୍ଠ ସଦସ୍ୟ ପଞ୍ଚାନନ ବଳ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୨।୧୧(ସମିସ): ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଡିଆରଡିଏ କନଫରେନ୍ସ ହଲ୍‌ଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୨୨୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩୫ଟି ବ୍ୟକ୍ତିଗତ ସମସ୍ୟା, ୫ଟି ସାମୂହିକ/ ସାଧାରଣ ସମସ୍ୟା, ୭୮ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ଏବଂ ୨ଟି ରେଡକ୍ରସ୍ ସହାୟତା ପାଇଁ ଆବେଦନ କରାଯାଇଥିଲା। ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଘଟଣାସ୍ଥଳରେ ହିଁ ୮୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇପାରିଛି। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର (ଅଭିଯୋଗ ପ୍ରକୋଷ୍ଠ) ସାରସ୍ୱତ ସାହୁ, ଯାଜପୁର ବିଡିଓ ବ୍ରହ୍ମାନନ୍ଦ ବେହେରା ଏବଂ ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିବା ସହ ତାହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।

ବିଞ୍ଝାରପୁରବାସୀଙ୍କ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ସିଂହପୁର,୨।୧୧(ସମିସ): ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। କାଳୀପୂଜା ପୂର୍ବରୁ ସିଂହପୁର-ଯାଜପୁର ରାସ୍ତା ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଜରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଲଘୁଚାପ ବର୍ଷା ସରିବା ପରେ ଯଦି ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଅଞ୍ଚଳବାସୀ ଅନଶନ, ଧାରଣା ସହିତ ରାସ୍ତା ଅବରୋଧ କରିବେ ବୋଲି ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। ସେହିପରି ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସେମାନଙ୍କର ପ୍ରାପ୍ୟ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମଧ୍ୟ ଦାବି କରାଯାଇଛି। ଗତ ଅକ୍ଟୋବର ୨୬ ତାରିଖରେ କିଛି ଚାଷୀ ପ୍ରତିନିଧି ମଣ୍ଡଳୀ ବିଞ୍ଝାରପୁର ତହସିଲଦାରଙ୍କୁ ଭେଟି ତୁରନ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବାକୁ ଦାବି ଜଣାଯାଇଥିଲା। ଘରୋଇ ବ୍ୟାଙ୍କର ମନମାନୀ ଯୋଗୁ ଓ ମନ୍ଦ ଉଦ୍ଦେଶ୍ୟ ଯୋଗୁ ଚାଷୀ କୃଷି ସହାୟତା ରାଶି ପାଇପାରିନଥିବାରୁ ଆଜି ଜିଲ୍ଲାପାଳଙ୍କୁ କୃଷକ ପ୍ରତିନିଧୀ ମଣ୍ଡଳୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ବିଞ୍ଝାରପୁର ଶାଖାର ଏଚ୍‌ଡିଏଫସି ମ୍ୟାନେଜରଙ୍କୁ ଫୋନ ଯୋଗେ ତାଗିଦ କରି ସନ୍ତା ସାତ ଦିନ ମଧ୍ୟରେ ଚାଷୀଙ୍କ ଏକାଉଣ୍ଟକୁ ଟଙ୍କା ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାତ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧୀ ମଣ୍ଡଳୀରେ ସନାତନ ସାହୁ, ଭୁବବାନନ୍ଦ ସାମଲ, ରବୀନ୍ଦ୍ର ଧଳ, ସୂର୍ଯ୍ୟମଣି ଦାଶ, ଧନେଶ୍ୱର ସାମଲ, ବଳରାମ ବଳ, ଅମୂଲ୍ୟ ଦେବତା, ନଟବର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।





ପୂର୍ବଶତ୍ରୁତାରୁ ଖଣ୍ଡାଚୋଟ, ରାଜରାସ୍ତା ରକ୍ତରଞ୍ଜିତ

ଭୁବନେଶ୍ୱର, ୨।୧୧(ସମିସ)

ପୁଣି ଅଶାନ୍ତ ହେଲା ରାଜଧାନୀ। ସନ୍ଧ୍ୟା ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଲକ୍ଷ୍ମୀସାଗର ଥନା ଅଞ୍ଚଳରେ ଖଣ୍ଡା ବୁଲିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଖଣ୍ଡାଚୋଟ ଏତେ ଭୟଙ୍କର ଓ ବିଭତ୍ସ ଥିଲା ଯେ ରାଜରାସ୍ତା ରକ୍ତରଞ୍ଜିତ ହୋଇଯାଇଛି। ରାସ୍ତା ଉପରେ ଏଭଳି ରକ୍ତଛିଟା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି।

ମିଳିଥିବା ସୂଚନା ମୁତାବକ, ଲକ୍ଷ୍ମୀସାଗର ଥାନା ଅଞ୍ଚଳ କଦଳୀ ଗୋଦାମ୍ ସ୍ଥିତ ପିଡବ୍ଲ୍ୟୁ ବସ୍ତିରେ ବୁଦ୍ଧନଗର ପ୍ରଧାନ ସାହିର ଜଣେ ଯୁବକ ଏକ ଦୋକନରେ ସାଙ୍ଗମାନଙ୍କ ସହ ବସିଥିଲେ। ଏହି ସମୟରେ ଫାଳିକିଆ ବଜାର ବସ୍ତିର କିଛି ଯୁବକ ସେଠାରେ ଏକତ୍ରିତ ହୋଇଥିଲେ। ଉଭୟଙ୍କ ମଧ୍ୟରେ ପୂର୍ବଶତ୍ରୁତା ଥିବା ଜଣାପଡ଼ିଛି। ତେବେ ପ୍ରଧାନ ସାହିର



ରାଜଧାନୀରେ ଆତଙ୍କ

ଯୁବକଙ୍କୁ ଅନ୍ୟମାନେ ସଂଘବଦ୍ଧ ଭାବେ ଘେରି ଯାଇଥିଲେ। ଏମାନେ ନିଜ ସହ ଖଣ୍ଡା ଆଣିଥିଲେ। କିଛି ସମୟ ସେହି ଯୁବକଙ୍କୁ ଗାଳିଗୁଲଜ ଏବଂ ମାଡ଼ ମାରିବା ପରେ ବାଇକ୍‌ରୁ ଖଣ୍ଡା ବାହାର କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତଗୋଡ଼ ପେଟ, ମୁଣ୍ଡ ସମେତ ଶରୀରର ବହୁ ସ୍ଥାନରେ ଆଘାତ ଲାଗିଛି। ସେ ରାସ୍ତାରେ ପଡ଼ି ଛଟପଟ ହେଉଥିଲା ବେଳେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।ତେବେ ଏହି ଅଞ୍ଚଳରେ ଖଣ୍ଡାଚୋଟ ଏବଂ ବୋମମାଡ଼କୁ ନେଇ ଲୋକେ ଆତଙ୍କିତ ହେଉଥିଲା ବେଳେ ପୁଲିସ ଆଇନ୍‌ଶୃଙ୍ଖଳ ବ୍ୟବସ୍ଥା ବଜାଇ ରଖିବାରେ ବିଫଳ ହୋଇଛି। ପ୍ରତ୍ୟେକ ୧୫ ଦିନରେ ଏହି ଅଞ୍ଚଳ କୌଣସି ନାଁ କୌଣସି କାରଣକୁ ନେଇ ରକ୍ତରଞ୍ଜିତ ହେଉଛି। ଏନେଇ ସାଧାରଣ ଲୋକେ ପୁଲିସକୁ ବାରମ୍ବାର ଜଣାଉଥିଲା ବେଳେ କୌଣସି ପ୍ରକାର ସୁଫଳ ମିଳିପାରୁ ନାହିଁ। ଅଞ୍ଚଳରେ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ିବା ଭୟର ବାତାବରଣ ସୃଷ୍ଟି କରିଛି।

ନାବାଳିକାକୁ ଯୌନ ନିର୍ଯାତନା; ଜଣେ ଗିରଫ

ଭୁବନେଶ୍ୱର, ୨।୧୧ (ସମିସ): ନାବାଳିକାକୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚୌଦ୍ୱାର ଥାନା ମଙ୍ଗରାଜପୁରର ବନମାଳୀ ବେହେରା ଓରଫ୍ ଚିନୁ (୨୪)। ପୁଲିସ ସୂଚନାନୁସାରେ, ବନମାଳୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା ବେଳେ ନାବାଳିକା ଜଣକ ମଧ୍ୟ ପରିବାର ସହ ସେଠାରେ ରହୁଛନ୍ତି। ବନମାଳୀ ଦୀର୍ଘଦିନ ଧରି ନାବାଳିକାଙ୍କ ଉପରେ ଖରାପ ଦୃଷ୍ଟି ପକାଇଥିଲା। ଗତକାଲି ନାବାଳିକାଙ୍କୁ ଏକାକୀ ପାଇ ଅସଦାଚରଣ କରିଥିଲା। ବିଭିନ୍ନ ଅଙ୍ଗକୁ ସ୍ପର୍ଶ କରିବା ସହ ଫେଭର୍ ମାଗିଥିଲା। ନାବାଳିକା ଜଣକ ବିରୋଧ କରିବାରୁ ବନମାଳୀ ଧମକ ଦେଇଥିଲା। ନାବାଳିକାଙ୍କ ଠାରୁ ଘଟଣା ସଂପର୍କରେ ଜାଣିବା ପରେ ପରିବାର ଲୋକେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିବା ସହ ବନମାଳୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବସଷ୍ଟାଣ୍ଡରୁ ଚୋରି; ରିସିଭର୍ ଗିରଫ

ଭୁବନେଶ୍ୱର, ୨।୧୧ (ସମିସ): ବସଷ୍ଟାଣ୍ଡରୁ ଚୋରି ଘଟଣାରେ ରିସିଭରକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୟାଗଡ଼ ଜିଲ୍ଲା ନୂଆଗାଁର କେଶବ ମହାକୁଡ଼।

ପୁଲିସ ସୂଚନାନୁସାରେ, ଗତମାସ ୧୩ ତାରିଖ ପୂର୍ବାହ୍ନରେ ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀର ଦିଲ୍ଲୀପ ସାମନ୍ତରାୟ ଶ୍ରୀ ଲିଙ୍ଗରାଜ ରେଳୱେ ଷ୍ଟେସନର ବସଷ୍ଟାଣ୍ଡ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ କେହି ଜଣେ ଦୁର୍ବୃତ୍ତ ଆସି ତାଙ୍କ ବ୍ୟାଗ୍ ଚୋରି କରି ନେଇଥିଲା। ଚୋରି ହୋଇଥିବା ବ୍ୟାଗରେ ମୋବାଇଲ୍ ଫୋନ୍, ସୁନା ମୁଦି, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ୨୭୦୦ ଟଙ୍କା ଥିଲା। ଏନେଇ ସେ ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୋବାଇଲ୍ ଟ୍ରାକିଂ ଜରିଆରେ ରିସିଭର୍ କେଶବକୁ ଗିରଫ କରି କୋର୍ଟ ଚାଲାଣ କରିଛି।

‘ଦର୍ପଣ’ ପକ୍ଷରୁ ନୃତ୍ୟ ଉତ୍ସବ

ଭୁବନେଶ୍ୱର,୨।୧୧(ସମିସ): ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଦର୍ପଣ ନୃତ୍ୟାନୁଷ୍ଠାନ ଦ୍ୱାରା ଆୟୋଜିତ "ଅଦ୍ୱେତ ନୃତ୍ୟ ଉତ୍ସବ’ ଉତ୍କଳ ରଙ୍ଗମଞ୍ଚ ଗରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଛି। କେନ୍ଦ୍ର ନାଟକ ଏକାଡେମୀ ଆୱାର୍ଡୀ ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ବିଜୟ ଜେନା, ଡା. ରାଜେନ୍ଦ୍ରନାଥ ସାମନ୍ତରାୟଙ୍କୁ ଅଦ୍ୱେତ ଲାଇଫଟାଇମ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଭାରତ ଚରଣ ଗିରିଙ୍କୁ ଅଦ୍ୱେତ ନୃତ୍ୟ ସମ୍ମାନ ଏବଂ ଗୁରୁ ଗୌରୀଶଙ୍କର ଦାସଙ୍କୁ ଯୁବ ନୃତ୍ୟ ଆଚାର୍ଯ୍ୟ ସମ୍ମାନରେ ସମ୍ମାନତି କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ, ନୃତ୍ୟଗୁରୁ ନିରଞ୍ଜନ ରାଉତ, ଗୁରୁ ଧନେଶ୍ୱର ସ୍ୱାଇଁ, ଆଡ଼ଭୋକେଟ ସୀତାଂଶୁ ମୋହନ ଦ୍ୱିବେଦୀ, ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ଓ ଦର୍ପଣ ନୃତ୍ୟାନୁଷ୍ଠାନର ସମ୍ପାଦିକା ନୃତ୍ୟଶିଳ୍ପୀ ସୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ।

ମଶାଣିରୁ ଗଞ୍ଜେଇ ଜବତ; ମହିଳାଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୨।୧୧ (ସମିସ): ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଡୁମୁଡୁମା ଫେଜ୍ ୪ରେ ରହୁଥିବା ଜଗତସିଂହପୁର ରାହାମାର ଜ୍ଞାନରଞ୍ଜନ ଦାସ ଓରଫ୍ ରାଜା (୨୫), ଫେଜ୍ ୩ରେ ରହୁଥିବା ନୟାଗଡ଼ ଜିଲ୍ଲା କଇଁଥ ଗାଡ଼ିଆର ବର୍ଷା ପାତ୍ର (୨୬), ଫେଜ୍ ୨ର ପ୍ରଣବ କୁମାର ଜେନା (୨୦) ଓ ହରେକୃଷ୍ଣ ବଡ଼ତିଆ (୩୦)।

ପୁଲିସ ସୂଚନାନୁସାରେ, ରବିବାର ଅପରାହ୍ନରେ ଜଣେ ମହିଳା ଓ ପୁରୁଷ ସ୍କୁଟରରେ ବିପୁଳ ପରିମାଣର ଗଞ୍ଜେଇ ଧରି ସରକନ୍ତରା ମଶାଣି ପଡ଼ିଆରେ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଥିବା ନେଇ ଖଣ୍ଡଗିରି ପୁଲିସକୁ ଖବର ମିଳିଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍ ସରକନ୍ତରା ମଶାଣି ପଡ଼ିଆ କୋଣରେ ଛିଡ଼ା ହୋଇଥିବା ରାଜା ଓ ବର୍ଷାଙ୍କୁ କାବୁ କରିଥିଲା। ସ୍କୁଟର ଫୁଟ୍‌ରେଷ୍ଟ ଉପରେ ଏକ ଧୂସର ରଙ୍ଗର ଜରି ବସ୍ତା ରହିଥିଲା ଏବଂ ସେଥିରୁ ଗଞ୍ଜେଇ ଗନ୍ଧ ବାହାରୁଥିଲା। ଯାଞ୍ଚ କରିବା ପରେ ବସ୍ତାରୁ ୨୨ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହାସହିତ ନଗଦ ୨୬ ହଜାର ୫୪୦ ଟଙ୍କା ଓ ସ୍କୁଟରକୁ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ସେମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଡୁମୁଡୁମା ଫେଜ୍-୨ ର ଡିଲର୍ ପ୍ରଣବ କୁମାର ଜେନାକୁ ବିକ୍ରି କରିବାକୁ ଆସିଥିଲେ ବୋଲି ପଚରାଉଚରା



ବେଳେ ସ୍ୱୀକାର କରିଥିଲେ। ସୋମବାର ଡୁମୁଡୁମା ମାର୍କେଟରୁ ରିସିଭର୍ ପ୍ରଣବକୁ କାବୁ କରିଥିଲା। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

ସେହିପରି ହରେକୃଷ୍ଣ ସ୍କୁଟିରେ କନ୍ଧମାଳରୁ ଗଞ୍ଜେଇ ଧରି ସିଆରପି-ଏକାମ୍ର କାନନ ରାସ୍ତା ଦେଇ ସାଲିଆ ସାହିକୁ ଯାଉଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସ ଖବର ପାଇଥିଲା। ଏକାମ୍ର କାନନ ରୋଡ୍?ରୁ ଏକାମ୍ର ବିହାର ଛକ ଆଡ଼କୁ ଆସୁଥିବା ବେଳେ ହରେକୃଷ୍ଣଙ୍କୁ ପୁଲିସ ଟିମ୍ ଅଟକାଇଥିଲା। ସେ ଦ୍ରୁତଗତିରେ ଖସି ପଳାଇବାକୁ ଉଦ୍ୟମ କରିଥିବା ବେଳେ ପୁଲିସ ପିଛା କରି ସାଲିଆ ସାହି ଆଦିବାସୀ ଗାଁ ନିକଟସ୍ଥ ହାତିଆଶୁଣୀ ଛକ ଓ ଏକାମ୍ର କାନନ ଛକ ମଝି ୨୦୦ ଫୁଟିଆ ରାସ୍ତାରେ ତାକୁ କାବୁ କରିଥିଲା। ତା’ ଠାରୁ ୨୧ କିଲୋ ଗଞ୍ଜେଇ ଜବତ କରିଥିଲା। ମୈତ୍ରୀ ବିହାର ଥାନା ପୁଲିସ ବେଆଇନ ଗଞ୍ଜେଇ କାରବାର ମାମଲା ରୁଜୁ କରି ହରେକୃଷ୍ଣକୁ କୋର୍ଟ ଚାଲାଣ କରିଛି।

ଲୁହା ଛଡ଼ରେ ପିଟି ପତ୍ନୀଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର/ସୁନ୍ଦରପଦା, ୨।୧୧ (ସମିସ): ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାର୍ଗିଲ ବସ୍ତି ତ୍ରିନାଥ ସାହିରେ ରହୁଥିବା ବାବୁ ନାୟକ (୪୧)।

ପୁଲିସ ସୂଚନାନୁସାରେ, ଗତକାଲି ରାତିରେ ବାବୁ ମଦ୍ୟପାନ କରି ଘରକୁ ଆସିଥିଲା। ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜଣେ ପଡ଼ୋଶୀଙ୍କ ସହ ଝଗଡ଼ା କରି ଏକ ଲୁହା ରଡ୍?ରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ପଡ଼ୋଶୀଙ୍କ ଜୀବନ ରକ୍ଷା କରିବା ପାଇଁ ବାବୁର ପତ୍ନୀ ଜୟନ୍ତୀ ମଝିରେ ପଶି ନିଜ ସ୍ୱାମୀକୁ ବାରଣ କରିଥିଲେ। ବାବୁ ଉତକ୍ଷିପ୍ତ ହୋଇ ନିଜ ପତ୍ନୀଙ୍କୁ ଟାର୍ଗେଟ୍ କରିଥିଲା। ଲୁହା ଛଡ଼ରେ ସ୍ତ୍ରୀଙ୍କ ମୁଣ୍ଡକୁ ଲଗାତାର ପିଟିପିଟି ରକ୍ତାକ୍ତ କରିଦେଇଥିଲା। ଫଳରେ ସେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ବାବୁ ସେଠାରୁ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍?ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ୧୮ ଟି ଷ୍ଟିଚ୍ ପଡ଼ିଥିଲା। ପରବର୍ତ୍ତୀ ସମୟରେ ବାବୁ ମଦ୍ୟପାନ କରି ନିଜ ବୃଦ୍ଧ ପିତାଙ୍କୁ ମଧ୍ୟ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ତ୍ରିନାଥ ମଣ୍ଡପ ନିକଟରେ ଚଢ଼ଉ କରି ଶୋଇଥିବା ଅବସ୍ଥାରେ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଘର ତାଲା ଭାଙ୍ଗି ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୨।୧୦ (ସମିସ): ଘର ତାଲା ଭାଙ୍ଗି ନଗଦ ଟଙ୍କା, ସୁନା ମୁଦି ଓ ଦାମୀ ମୋବାଇଲ୍ ଫୋନ୍ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରପାର୍ବତୀ ସାହିର ଜ୍ଞାନବିନ୍ଦୁ ନାୟକ ଓରଫ୍ ମଣ୍ଟୁ (୨୪)। ପୁଲିସ ସୂଚନାନୁସାରେ, ମଣ୍ଟୁ ଗତକାଲି ରାତିରେ ଭରତପୁର ସ୍ଥିତ ଅସୀମ ଚନ୍ଦ୍ର ରାୟଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିଥିଲା। ଘର ଭିତରୁ ନଗଦ ୪୦ ହଜାର ଟଙ୍କା, ଗୋଟିଏ ସୁନା ମୁଦି ଓ ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲା। ଚୋରି ହୋଇଥିବା ଜାଣିବା ପରେ ଅସୀମ ଭରତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ହରପାର୍ବତୀ ସାହି ୟୁଥ୍ କ୍ଲବ୍ ନିକଟରେ ଚଢ଼ଉ କରି ମଣ୍ଟୁକୁ କାବୁ କରିଥିଲା। ଯାଞ୍ଚ ବେଳେ ତା’ ନିକଟରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍, ନଗଦ ୧୦ ହଜାର ଟଙ୍କା ଓ ଗୋଟିଏ ସୁନା ମୁଦି ଜବତ ହୋଇଥିଲା।

ଲୁହା ବାଡ଼ାରେ ପିଟି ହୋଇ ଜଣେ ମୃତ

ବାଲିଅନ୍ତା,୨।୧୧(ସମିସ): ବାଳକାଟି ଫାଣ୍ଡି ଅଧୀନ ସୁଦର୍ଶନ ଦାରୁପୀଠ ହମ୍ପସ ନିକଟରେ ଆଜି ମଧ୍ୟାହ୍ନ ୧୨ଟା ସମୟରେ ଜଣେ ବାଇକ ଆରୋହୀ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ ଲୁହାବାଡାରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ଅବସ୍ଥା ଗୁରୁତର ହୋଇପଡିଥିଲା। ବାଇକ ପଛରେ ବସିଥିବା ତାଙ୍କର ସାଙ୍ଗ ମଧ୍ୟ ଆହତ ହୋଇଥଲେ। ମୃତକ ହେଲେ ନିଶିକାନ୍ତ ସାହୁ (୨୨)। ଆହତ ଯୁବକ ହେଲେ ତାଙ୍କର ସାଙ୍ଗ ତପନ ସାହୁ। ସ୍ଥାନୀୟ ଲୋକେ ସଂକଟାପର୍ଣ୍ଣ ଅବସ୍ଥାରେ ନିଶିକାନ୍ତ ଏବଂ ତପନଙ୍କୁ ଉଦ୍ଧାର କରି ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ନିଶିକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ନିଶିକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ନିଶିକାନ୍ତଙ୍କ ନିଜ ଘର ଖୋର୍ଦ୍ଧା ମୁକ୍ତାପୁର। ନିଶିକାନ୍ତ ମାଆଙ୍କ ସହିତ ପିଲା ବେଳୁ ମାମୁ ଘରେ ରହୁଥିଲେ। ସେ କିଛି ମାସ ହେବ ଜିଓ ମକ୍ଷର୍ଟ ରେ ସାମଗ୍ରୀ ଡେଲିଭରି କାମ କରୁଥିଲେ। ଆଜି ମଧ୍ୟାହ୍ନରେ ନିଶିକାନ୍ତ ବାଇକରେ ତପନ ସହ ଟଙ୍କପାଣି ବ୍ରିଜ ଅଭିମୁଖେ ଯାଉଥିବା ବେଳେ ହମ୍ପସରେ ପିଟି ହୋଇ ନିୟନ୍ତ୍ରଣ ହରାଇ ଲୁହାବାଡା ରେ ପିଟି ହୋଇଯାଇଥିଲେ। ବାଳକାଟି ଫାଣ୍ଡି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି।

ଅଟୋ ଯାତ୍ରୀଙ୍କୁ ଧମକାଇ ସୁନା ଅଳଙ୍କାର ଲୁଟ୍
କୁଖ୍ୟାତ ସନ୍ତୋଷ ଓ ସହଯୋଗୀ ଗିରଫ

ଭୁବନେଶ୍ୱର,୨।୧୧(ସମିସ): ଭୋର ସମୟରେ ଅଟୋରେ ଯାଉଥିବା ଜଣେ ମହିଳା ଯାତ୍ରୀଙ୍କୁ ଅଟକାଇ ବଳପୂର୍ବକ ସୁନା ଅଳଙ୍କାର ଓ ମୋବାଇଲ୍ ଲୁଟ୍ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୁଲିସି ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ସନ୍ତୋଷ ନାୟକ (୩୦) ଓ ସୁନୀଲ ଦଳାଇ (୨୮)। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ପଠାଇ ଦିଆଯାଇଛି। ସନ୍ତୋଷ ଜଣେ ଅଭ୍ୟାସଗତ କୁଖ୍ୟାତ ଲୁଟେରା ଓ ଦଣ୍ଡିତ ଅପରାଧୀ। ତା’ ନାଁରେ ରାଜଧାନୀର ବିଭିନ୍ନ ଥାନାରେ ୧୯ଟି ରାହାଜାନି ଓ ଚୋରି ମାମଲା ରହିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଲୁଟ୍ ହୋଇଥିବା ଗୋଟିଏ ସୁନା ହାର, ୨ଟି ସୁନା ଚେନ୍, ଦୁଇ ଯୋଡ଼ା କାନ ଟପ୍, ଗୋଟିଏ କାନଫୁଲ, ଏକ ଯୋଡ଼ା ସୁନା ପଟା ଓ ନାକଫୁଲ ଜବତ କରାଯାଇଛି। ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟତମ ଫେରାର୍ ଅଭିଯୁକ୍ତ ଆକାଶ ନାୟକ ଓରଫ୍ ଗୁଣ୍ଡାକୁ ଧରିବା, ଲୁଟ୍ ମୋବାଇଲ୍, ଆଉ ଗୋଟିଏ ମୁଦି ଏବଂ ଅପରାଧରେ ବ୍ୟବହୃତ ବାଇକ୍ ଜବତ କରିବା ପାଇଁ ପୁଲିସର ତଦନ୍ତ ଜାରି ରଖିଛି। ସହଯୋଗୀ ସୁନୀଲ ସୁନା ଅଳଙ୍କାର ଲୁଚାଇ ରଖିଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ, ଅକ୍ଟୋବର ୩୦ ଭୋର ପ୍ରାୟ ୪.୩୦ମିନିଟରେ ଅଭିଯୋଗକାରିଣୀ ହାଜେରା



ଖାତୁନ୍ ନିଜ ସ୍ୱାମୀଙ୍କ ସହ ବାଣୀବିହାରରେ ବସ୍‌ରୁ ଓହ୍ଲାଇ ଏକ ଅଟୋ ଯୋଗେ ପିପିଲି ଅଭିମୁଖେ ଯାଉଥିଲେ। ଭୋର ପ୍ରାୟ ୫ଟା ଟାରେ ଜନପଥ ରୋଡ଼ର ଗିରିଦୁର୍ଗା ମନ୍ଦିର ସମ୍ମୁଖରେ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଉକ୍ତ ଅଟୋକୁ ଅଟକାଇଥିଲେ। ସେମାନେ ହାଜେରାଙ୍କ ହାତରୁ ବଳପୂର୍ବକ ପର୍ସ ଛଡ଼ାଇ ନେଇଥିଲେ। ସ୍ୱାମୀ ଏବଂ ଅଟୋ ଚାଳକ ପ୍ରତିବାଦ କରିବାରୁ ସେମାନଙ୍କୁ ଠେଲାପେଲା କରି ଧମକ ଦେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ପର୍ସ ଭିତରେ ବିପୁଳ ପରିମାଣର ସୁନା ଅଳଙ୍କାର ଓ ମୋବାଇଲ୍ ରହିଥିଲା। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି କେଦାରପଲ୍ଲୀ ବସ୍ତିର କୁଖ୍ୟାତ ଲୁଟେରା ସନ୍ତୋଷ ଏବଂ ତା’ର ସହଯୋଗୀ ଆକାଶ ଏହି ଲୁଟ୍ କରିଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତମାନେ ଲୁଟ୍ କରିଥିବା ସୁନା ଅଳଙ୍କାର ବିକ୍ରି କରିବା ପାଇଁ ସୁନୀଲକୁ ଦେଇଥିଲେ। ପୁଲିସ ମାଷ୍ଟର କ୍ୟାଣ୍ଟିନସ୍ଥିତ ‘ଆମ ବସ୍’ ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ସନ୍ତୋଷ ଏବଂ ସୁନୀଲକୁ କାବୁ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଚୋରା ସୁନା ଅଳଙ୍କାର ଜବତ ହୋଇଥିଲା।

କୁଆଖାଇରୁ ମିଳିଲା ଅପରିଚିତ ଶିଶୁର ମୃତଦେହ

ଭୁବନେଶ୍ୱର, ୨।୧୧(ସମିସ): ବଡ଼ଗଡ ଥାନା କୋରଡ଼ କଣ୍ଟା ନିକଟସ୍ଥ କୁଆଖାଇ ନଦୀରୁ ଏକ ଶିଶୁପୁତ୍ରର ମୃତ ଦେହ ମିଳିଛି। ଶିଶୁପୁତ୍ରର ବୟସ ପ୍ରାୟ ୧ମାସ ହେବ ବୋଲି ଅନୁମାନ କରାଯାଉଛି। ତେବେ ଶିଶୁପୁତ୍ରଟି କାହାର। ସେ ଏଠାକୁ କିଭଳି ମିଳିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ମିଳିଥିବା ସୂଚନା ମୁତାବକ, କୋରଡକଣ୍ଟା ନିକଟସ୍ଥ ନଦୀକୂଳକୁ କିଛି ଲୋକ ବୁଲିବାକୁ ଯାଇଥିଲେ। ଏହି ସମୟରେ ଏକ ଶିଶୁପୁତ୍ର ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖିବାକୁ ଲୋକ ଏଠାରେ ରୁଣ୍ଡ ହୋଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଶିଶୁ ପୁତ୍ରର ପରିଚୟ ଜାଣିବାକୁ ଉଦ୍ୟମ ଜାରି ରହିଛି। ତେବେ ୧ମାସର ଏହି ଶିଶୁପୁତ୍ରଟି କେଉଁଠୁ ଭାସି ଆସିଥିବା ପୁଲିସ ଅନୁମାନ କରୁଛି।

ଜୀବନ ନେଲା ସ୍ପିଡ୍ ବ୍ରେକର

ଭୁବନେଶ୍ୱର, ୨।୧୧(ସମିସ): ବାଲିଅନ୍ତା ଥାନା ବାଳକାଟି ଫାଣ୍ଡୀ ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନିଶିକାନ୍ତ ସାହୁ। ତାଙ୍କ ଘର ଖୋର୍ଦ୍ଧା ଅଞ୍ଚଳରେ ହୋଇଥିଲା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ମାମୁଁ ଘରେ ରହି ପାଠ ପଢୁଥିଲେ। ତେବେ ସ୍ପିଡ୍ ବ୍ରେକର ଯୋଗୁଁ ଏଭଳି ଅଘଟଣ ଘଟିଛି ଓ ନିଶିକାନ୍ତଙ୍କ ମୃତ୍ୟୁ ଘଟିଛି।



ମିଳିଥିବା ସୂଚନା ମୁତାବକ, ନିଶିକାନ୍ତ କୌଣସି କାମରେ ବାଇକ୍ ଯୋଗେ ଘରୁ ବାହାରିଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଦାରୁପିଠ ନିକଟସ୍ଥ ଏକ ବୁଲାଣି ବୁଲୁଥିଲେ। ଏହି ବୁଲାଣି ନିକଟରେ ଦୁଇଟି ସ୍ପିଡ୍ ବ୍ରେକର ରହିଛି। ସ୍ପିଡ୍ ବ୍ରେକରରେ ଚଢ଼ିବା ମାତ୍ରେ ସେ ବାଇକ୍‌ର ଭାରସାମ୍ୟ ହରାଇ ବସିଥିଲେ। ବାଇକ୍‌ଟି ରାସ୍ତା କଡ଼ ଷ୍ଟିଲ୍ ବ୍ୟାରିକେଟ୍‌ରେ ପିଟି ହୋଇଥିଲା। ଏଠାରେ ତାଙ୍କୁ ଗଭୀର ଭାବେ ଆଘାତ ଲାଗିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

୨୦ ଦିନରେ ବାଇକ୍ ଚୋର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨।୧୧ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ବାଇକ୍ ଚୋରି ମାମଲାର ରାୟ ମାତ୍ର ୨୦ ଦିନରେ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଜେ ଏ ମ ଏ ଫ ସି - ୩ ର ବିଚାରପତି କରୋନିକା ଘୋଷ ମାମଲାର ବିଚାରକରି ଅଭ୍ୟାସଗତ ଅପରାଧୀ ସନ୍ତୋଷ ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନାନୁସାରେ, ଗତମାସ ୧୩ ତାରିଖ ପୂର୍ବାହ୍ନରେ ପପୁ ମଲ୍ଲିକ ନୂଆପଲ୍ଲୀ ଆହାର କେନ୍ଦ୍ରକୁ ଖାଇବାକୁ ଆସିଥିଲେ। ସେ ନିଜର ଗ୍ଲାମର ବାଇକ୍‌ଟିକୁ ବାହାରେ ପାର୍କ କରିଥିବା ବେଳେ ସନ୍ତୋଷ ତାଙ୍କ ଗାଡ଼ିଟିକୁ ଚୋରି କରି ନେଇଥିଲା। ପପୁ ଏନେଇ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଶୁଭାଂଶୁ ମହାପାତ୍ର ସେହିଦିନ ହିଁ ସିଆରପି ଛକରୁ ସନ୍ତୋଷକୁ ଗିରଫ କରିବା ସହ ଚୋରି ବାଇକ୍ ଜବତ କରିଥିଲା। ଗିରଫର ଦିନକ ପରେ ଅର୍ଥାତ୍ ୧୪ ତାରିଖ ଦିନ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୬ ଜଣ ସାକ୍ଷୀ ଓ ୮ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ବିଏନ୍‌ଏସ୍ ଧାରା ୩୦୩(୨) ଆଧାରରେ ସନ୍ତୋଷକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୨ ହଜାର ୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି ଓ ଜୋରିମନା ଅନାଦେୟରେ ତାକୁ ୧ ମାସର ସାଧାରଣ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ କଳ୍ପତରୁ ସାହୁ ଓ ଚିରନ୍ତନୀ ବାଗ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।



ଆମ ରାଜଧାନୀ ଆମ ଐତିହ୍ୟ

ସୋମବଂଶୀ ରାଜାଙ୍କ ସମୟରେ ନିର୍ମିତ ନାଗେଶ୍ୱର ମନ୍ଦିର

ଭୁବନେଶ୍ୱର,୨।୧୧(ସମିସ)

ଓଡ଼ିଶା ଇତିହାସର ଏପରି ଏନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ରାଜଧାନୀ। ଏଠାରେ ରହିଥିବା ପୁରାତନ ଐତ୍ୟସ୍ଥଳୀ ଗୁଡିକ ଐତିହାସିକ ମୁକସାକ୍ଷୀ ଭାବେ ଆଜି ମଧ୍ୟ ସେସବୁ ସ୍ଥାନଗୁଡ଼ିକୁ ଶତାବ୍ଦୀ ଶତାବ୍ଦୀ ଧରି ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଅନ୍ୟତମ ଦଶମ ଶତାବ୍ଦୀର ନାଗେଶ୍ୱର ମନ୍ଦିର।

ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ପଶ୍ଚିମ ଦିଗକୁ ରହିଛି। ମନ୍ଦିରଟି ଦଶମ ଶତାବ୍ଦୀ ବେଳକୁ ସୋମବଂଶୀ ରାଜାଙ୍କ ସମୟରେ ନିର୍ମାଣ କରାଯାଇଥିବା କୁହାଯାଏ। ଏଠାରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ, ପାଶ୍ୱର୍ ଦେବା ଦେବୀ ଭାବେ ପାର୍ବତୀ, କାର୍ତ୍ତିକେୟ ଏବଂ ଗଣେଶଙ୍କୁ ପୂଜା କରାଯାଇଥାଏ। ଓକ୍ରୋସ ବାଲୁକା ପଥରରେ ନିର୍ମିତ ଏହି ମନ୍ଦିର ମୁକ୍ତେଶ୍ୱର ମନ୍ଦିର ସହ ସମାନତା ଦେଖାଯାଏ ଯାହାକି କଳିଙ୍ଗସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି। ଏହା କେଶରୀ ରାଜା ନିର୍ମାଣ କରିଥିବା ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି। ମନ୍ଦିରକୁ ଲାଗି ଏକ ସୁନ୍ଦର ବଗିଚା ମଧ୍ୟ ରହିଛି। ଏହି ପ୍ରାଚୀନ ମନ୍ଦିରର ରକ୍ଷଣାବେକ୍ଷଣ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ମନ୍ଦିର ସମ୍ମୁଖରେ ଏକ ଅଁଳା ଗଛ ପୂଜା ପାଉଛି। ଯେଉଁଠି ଭକ୍ତ ମାନସିକ କରିବା ପାଇଁ ଘଣ୍ଟି ଏବଂ ଚାବି ଓ ନାଲି ସୂତା ବାନ୍ଧିଥାନ୍ତି ବୋଲି ମନ୍ଦିରର ପୂଜକଙ୍କ ପାଖରୁ ଶୁଣିବାକୁ ମିଳିଥିଲା। ଏହା ସହିତ ମନ୍ଦିର ପରିସରରେ ଆଉ ଏକ ଛୋଟ ମନ୍ଦିର ରହିଛି, ଯେଉଁଠି ହନୁମାନ,



ଜଗନ୍ନାଥ, ଲକ୍ଷ୍ମୀ, କୃଷ୍ଣଙ୍କ ଛୋଟ ଛୋଟ ମୂର୍ତ୍ତି ପୂଜା କରାଯାଉଛି। ଏହା ବ୍ୟତୀତ ସେଠାରେ ଭକ୍ତଙ୍କ ଦ୍ୱାରା ପୂଜା ପାଇଁ ସମର୍ପିତ ହୋଇଥିବା ଅନେକ ଗୁଡିଏ ନାଗଙ୍କ ପିତ୍ତଳ ମୂର୍ତ୍ତି ମଧ୍ୟ ସେଠାରେ ରହିଛି। ମନ୍ଦିର ପରିସରର ମଧ୍ୟରେ ଏକ ଐତିହ୍ୟ କୁଣ୍ଡ ରହିଛି। ମନ୍ଦିରଟି ଶିବଙ୍କୁ ସମର୍ପିତ। ବର୍ତ୍ତମାନ ପବିତ୍ର କାର୍ତ୍ତିକ ମାସ ଚାଲିଥିବାରୁ ହବିଷିଆଳିମାନେ ଅଁଳା ଗଛମୂଳେ ନିଜ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳୁଛି।

ଏବେ କେମିତି ରହିଛି

ମନ୍ଦିରର ରକ୍ଷଣାବେକ୍ଷଣ ଅଭାବରୁ ଏହାର ରଙ୍ଗ ପରିବର୍ତ୍ତନ ହେବାରେ ଲାଗିଲାଣି। ବାଲୁକା ପଥରରେ ନିର୍ମିତ ହୋଇଥିବାରୁ ବାହାର ପାଶ୍ୱର୍ କ୍ଷୟ ହେବାରେ ଲାଗିଲାଣି। ସେଥିପାଇଁ ଖୋଦିତ ହୋଇଥିବା ମୂର୍ତ୍ତି ସ୍ପଷ୍ଟ ଭାବରେ ଜଣାପଡୁନି। କେଉଁଠି ମନ୍ଦିରରେ ଗଛଲତା ମାଡିଗଲାଣି ତ କେଉଁଠି ମନ୍ଦିର ଉପରେ ଗଛ ଉଠିଲାଣି।





ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତାର ହାତ ବଢ଼ାଇଲା ବିଏମ୍‌ସି

୧ ଲକ୍ଷ ଟଙ୍କା, ୧୦ହଜାର ପାଣିବୋତଲ ଓ ୨୫ ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ

ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ଭୁବନେଶ୍ୱର ଓ ବ୍ରହ୍ମପୁର ମେୟରଙ୍କ ସହିତ ବହୁ କର୍ପୋରେଟର



ଭୁବନେଶ୍ୱର/ବ୍ରହ୍ମପୁର,୨।୧୧(ସମିସ)

‘ଅର୍ଣ୍ଣବ’ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ସହାୟତାର ହାତ ବଢାଇଛି ଭୁବନେଶ୍ୱର ମହାନଗର ନିଗମ। ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ଏକ ପ୍ରତିନିଧି ଦଳ ଗଞ୍ଜାମ ଗସ୍ତରେ ଆସି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଥିଲେ। ନିଗମ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନଗଦ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ୨୫ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ୧୦ହଜାର ପାଣିବୋତଲ ପ୍ରଦାନ କରାଯାଇଛି। ସମସ୍ତ ସାମଗ୍ରୀକୁ ଏକ ଟ୍ରକରେ ଭୁବନେଶ୍ୱରରୁ ଅଣାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା।

ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇଙ୍କ ସହ ବିଇଏମସିର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ପରେ ଏକହି ପ୍ରତିନିଧି ଦଳ ଗଞ୍ଜାମ ବ୍ଲକର ପୋଇରାଶି ପଞ୍ଚାୟତର ବରପଲ୍ଲୀ ଓ ଭୁଆଁଭୂଇଁ ଗ୍ରାମକୁ ଯାଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଗଞ୍ଜାମ ଜିଲ୍ଲାରେ ବାତ୍ୟାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଯଦିଓ ଆଗୁଆ ସତର୍କ ସୂଚନା ଦିଆଯାଇଥିଲା ଏବଂ ଜିଲ୍ଲାକୁ ଗତ ୨୪ତାରିଖ ଠାରୁ ରେଡ ଆଲର୍ଟ ତାଲିକା ଭୁକ୍ତ କରାଯାଇଥିଲା ତଥାପି ପ୍ରଶାସନିକ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ବା ସତର୍କତା ଅବଲମ୍ବନ କରାଯାଇନଥିବା କୁହାଯାଇଛି। ତେବେ ସବୁଠାରୁ ବଡକଥା ହେଲା ‘ଡ୍ୟାମ ପରିଚାଳନା’ରେ ତ୍ରୁଟି ହିଁ ସରକାରୀ ବିଫଳତାର ଅନ୍ୟତମ ମୁଖ୍ୟ କାରଣ ବୋଲି କହିଛନ୍ତି ଭୁବନେଶ୍ୱର ମେୟର ଶ୍ରୀମତି ସୁଲୋଚନା ଦାସ। ବାତ୍ୟା ଟଳିବାର ଦିର୍ଘ ଦିନ ପରେ ମଧ୍ୟ ପୁନଃରୁଦ୍ଧାର ଓ କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଘୋଷଣା ହୋଇଥିବା କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ପୁଣି ଥରେ ଆଉ ଏକ ବାତ୍ୟା ଓ ଏହାକୁ ନେଇ ଆଶଙ୍କା ଜିଲ୍ଲାବାସୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ପ୍ରଶାସନ ପକ୍ଷରୁ ପୁଣି ଥରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲେ ହେଁ ଅଣ୍ଡା ସଳଖିବା ପୂର୍ବରୁ ପୁଣି ଏକ ବାତ୍ୟା ସମଗ୍ର ଗଞ୍ଜାମ ଜିଲ୍ଲାବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି।

ଡ୍ୟାମ ପରିଚାଳନାରେ ତ୍ରୁଟି ଯୋଗୁଁ ଜିଲ୍ଲାରେ ମନୁଷ୍ୟକୃତ ବନ୍ୟା ଯୋଗୁଁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଚାଷଜମି ଉଜୁଡି ଯାଇଛି।

ଏଭଳି ସ୍ଥିତିରେ ପ୍ରଶାସନ ଓ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୁନଃରୁଦ୍ଧାର କାର୍ଯ୍ୟ କରିବା ସହିତ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ପରିମାଣର କ୍ଷତିପୂରଣ ପ୍ରଦାନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମେୟର ସୁଲୋଚନା ଦାସଙ୍କ ସମେତ ବିରଞ୍ଚି ନାରାୟଣ ମହାସୁପକାର, ନୃପେଶ କୁମାର ନାୟକ, ରାଜକିଶୋର ଦାସ, ମିହିର କୁମାର ରାଉତ, ରଞ୍ଜୁଲତା ରାୟ, ମଧୁସ୍ମିତା ପ୍ରଧାନ ଓ ବହୁ ଅଧିକାରୀ ସାମିଲ ଥିଲେ।

ସେହିଭଳି ଏହି ପ୍ରତିନିଧିଡ଼ି ଦଳ ସହିତ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତି ସଂଘମିତ୍ରା ଦଳେଇଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଜାମ୍ପୁଲ୍ଲା ଶ୍ରୀନୁ, ଡଃ ସୋନାଲି ଗନ୍ତାୟତ, ଶ୍ୱେତରେଖା ତ୍ରିପାଠୀ, ଧୀରେଶ କୁମାର ସାବତ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା ଓ ରାଜ୍ୟ କାଜୁ ନିଗମର ପୂର୍ବତନ ଅଧକ୍ଷ ସୁବାଷ ମହାରଣା ପ୍ରମୁଖ ସାମିଲ ଥିଲେ।

ପୁରୁଣା ଫଟୋ
ପୁରୁଣା ସ୍ମୃତି



ଭୁବନେଶ୍ୱର,୨।୧୧(ସମିସ): ଆଜି ଭଳି କୋଳାହଳ ନଥିଲା ସେ ଦିନର ଭୁବନେଶ୍ୱର। ଯିଏ ଦେଖିଛି ସିଏ ଜାଣିଛି। ଆଉ ଯିଏ ଦେଖି ନାହିଁ ସେ ପୁରୁଣା ଦିନକୁ ତା ପାଇଁ ହୁଏତ ଏହି ସବୁ ସାଇତା ସ୍ମୃତି କେବଳ କାହାଣୀ ମାତ୍ର। ସେହି ସାଇତା ସ୍ମୃତି, ସ୍ୱର୍ଣ୍ଣିତ ଐତିହ୍ୟର ଡାକକୁ ଏ ପିଢ଼ିର ମଣିଷ ପାଖରେ ପହଁଚାଇବାକୁ ମାଧ୍ୟମ ସାଜିଛି କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ଯାହାକୁ ଦେଖିଲେ ଅନୁମାନ କରିହୁଏ ବିତିଯାଇଥିବା ସମୟ ଏବଂ ବଦଳିଯାଇଥିବା ସ୍ଥାନକୁ। ସେହିପରି ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ଏହି ଫଟୋଟି ପର୍ଶୁରାମେଶ୍ୱର ମନ୍ଦିରର ଅଟେ। ଯାହା ଜେମସ ଫରଗୁସନ୍‌ଙ୍କ ଦ୍ୱାରା ୧୮୬୭ ମସିହାରେ ସଂଗ୍ରହ କରାଯାଇଥିଲା। ଏହି ଦୃଶ୍ୟରେ ମନ୍ଦିର ଚାରିପାଖ ଆଜି ଭଳି ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ହୋଇନଥିଲା ବରଂ ଚାରିପାଖକୁ ଅନାବନା ଗଛ ଘେରି ରହିଥିଲା। ଏଥି ସହିତ ଫଟୋରେ ଜଣେ ଲୋକ ଛତା ଧରି ଛିଡା ହୋଇଥିବା ପରିଲକ୍ଷିତ ହେଉଛି। ଏହି ପର୍ଶୁରାମେଶ୍ୱର ମନ୍ଦିର ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ନିର୍ମାଣ କରାଯାଇଥିଲା।

ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ



ଭୁବନେଶ୍ୱର,୨।୧୧(ସମିସ): ଓଡିଶା ସଚିବାଳୟ ସମୀକ୍ଷକ ସେବା ସଂଘର ନିର୍ବାଚନ ଗତ ୩୦ ତାରିଖରେ ଓସା ହାଉସ ପରିସରରେ ଅନୁଷ୍ଠିତ ହୋଇଛି। ଚଳିତ ନିର୍ବାଚନରେ ସଭାପତି ଭାବରେ ଇରକାନ ବାରା, ଉପସଭାପତି ସୁବ୍ରତ ଶତପଥୀ, ସାଧାରଣ ସମ୍ପାଦକ ଭାଗିରଥୀ ନାୟକ, ସମ୍ପାଦିକା ବିଦ୍ୟୁତଲତା ମହାରଣା, ଯୁଗ୍ମ ସମ୍ପାଦକ ଆନନ୍ଦ କୁମାର ସୋରେଙ୍ଗ, ସହସମ୍ପାଦକ ସୁରେଶ କୁମାର ନାଗ, ସହସମ୍ପାଦକ ସୁନିଲ ହେମ୍ବ୍ରମ, ସାଂସ୍କୃତିକ ସମ୍ପାଦକ ମହେଶ୍ୱର ବେହେରା, ସମୀକ୍ଷକ ନିରଞ୍ଜନ ସାହୁ ଏବଂ କୋଷାଧକ୍ଷ ଅରବିନ୍ଦ ମହାପାତ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ବିଜୟ ଲାଭ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିରପେକ୍ଷ, ସ୍ୱଚ୍ଛ ଓ ମୁକ୍ତ ଭାବରେ ମୁଖ୍ୟ ନିର୍ବାଚନ ଅଧିକାରୀ କଲ୍ୟାଣ କୃତିବାସ ମିଶ୍ର, ଯୁଗ୍ମ ନିର୍ବାଚନ ଅଧିକାରୀ ଜୀବନ କୁମାର ରାଉତ ଓ ସୁଶ୍ରୀଜ୍ଞାତା ମିଶ୍ର, ପ୍ରିଜାଇଡିଂ ଅଫିସର ଦେବଦତ୍ତ ମଲ୍ଲିକ, ପୋଲିଂ ଅଧିକାରୀ ଫକୀର ମୋହନ କିସାନ ପ୍ରମୁଖ ପରିଚାଳନା କରିଥିଲେ।

ଓୟୁଏଟି ପକ୍ଷରୁ ତାଲିମ ବୈଠକ



ଭୁବନେଶ୍ୱର,୨।୧୧(ସମିସ): କୃଷକ ଉତ୍ପାଦକ ସଂଗଠନ ଗୁଡ଼ିକୁ ଅଧିକ ଓ ସୁବିଧାଜନକ ବଜାର ସୁଯୋଗ ଯୋଗାଇଦେବା ଓ ସେମାନଙ୍କ ଉତ୍ପାଦକୁ ଅଧିକ ଗ୍ରାହକଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଓୟୁଏଟି ଦ୍ୱାରା ପରିଚାଳିତ ସେଂଟର ଅଫ ଏକ୍ସଲେନ୍ସ ପକ୍ଷରୁ ଏକ ଭର୍ଚୁଆଲ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ-ନିର୍ଦ୍ଦେଶିକା ତଥା ସେଂଟର ଅଫ ଏକ୍ସଲେନ୍ସର ମୁଖ୍ୟ ଅନୁସନ୍ଧାନକାରୀ ଡ. ସର୍ବାଣୀ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩୧ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ଏଫପିଓ ପ୍ରତିନିଧିମାନେ ଆଭାସୀ ଜରିଆରେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଓ କଟକ ଜିଲ୍ଲାର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଏଫପିଓ ପ୍ରତିନିଧି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ଓଡ଼ିଶା ଓ ଛତିଶଗଡ଼ ଦାୟିତ୍ୱରେ ଥିବା ଇଣ୍ଡିଆମାର୍ଟର ରିଜିଓନାଲ ମ୍ୟାନେଜର ସିଦ୍ଧାର୍ଥ ଶଙ୍କର ଦାସ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ।

ବ୍ଲୋସମ୍ସ ସ୍କୁଲରେ ‘ବ୍ଲୋସମ୍ସ ମଡେଲ ୟୁନାଇଟେଡ ନେସନ୍ସ’



ଭୁବନେଶ୍ୱର,୨।୧୧(ସମିସ): ‘ବ୍ଲୋସମ୍ସ ମଡେଲ ୟୁନାଇଟେଡ ନେସନ୍ସ’ର ଚତୁର୍ଥ ସଂସ୍କରଣ ସ୍ଥାନୀୟ ବ୍ଲୋସମ୍ସ ସ୍କୁଲ ପରିସରରେ ଆୟୋଜିତ ହୋଇଛି। ଚଳିତ ବର୍ଷ ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ରହିଥିଲା - “ସୀମା ଓ ପାର୍ଥକ୍ୟରୁ ଉର୍ଦ୍ଧ୍ୱରେ : ଏକ ବିଶ୍ୱ, ଅନେକ ଦୃଷ୍ଟିକୋଣ - ଆଗାମୀ କାଲି ପାଇଁ ମିଳିତ ଦାୟିତ୍ୱ’। ଏହି କାର୍ଯ୍ୟକ୍ରମ ସ୍ୱାଗତ ଭାଷଣ, ପାରମ୍ପରିକ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଭକ୍ତିପୂର୍ଣ୍ଣ ସଙ୍ଗୀତ ଗାନ ସହିତ ଶୁଭାରମ୍ଭ ହୋଇଥିଲା। ପରେ ସ୍ୱାକ୍ଷର ସମାରୋହ ଓ “ବିଏମୟୁଏନ ସଂକଳ୍ପ’ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍, ଲେଖକ ତଥା ସର୍ବଧର୍ମ ସମନ୍ୱୟ ପ୍ରବକ୍ତା ପ୍ରଫେସର ଅନିଲ ସରୱାଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି ଅନୁଭୂତି ସେମାନଙ୍କ ଜୀବନରେ ଗଠନମୂଳକ ଓ ପ୍ରଭାବଶାଳୀ ହେବ ବୋଲି ଆଶା ପ୍ରକଟ କରିଥିଲେ। ବିଦ୍ୟାଳୟ ଅଧକ୍ଷା ସୀମିତା ପଣ୍ଡା ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରତିଷ୍ଠାତା ପରିଚାଳକ ତୁରଜ ମୋଘବେଲପୁର ଛାତ୍ର ପ୍ରତିନିଧିଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ନିର୍ଦ୍ଦେଶିକା ଡ. ନାଦିଆ ମୋଘବେଲପୁର କହିଥିଲେ ଯେ, ଯୁବପିଢ଼ି ଭୌଗୋଳିକ ସୀମାରୁ ଉର୍ଦ୍ଧ୍ୱକୁ ଯାଇ ବିବିଧତାକୁ ଗ୍ରହଣ କରିବା ଉଚିତ।

ଏନଭାରନମେଣ୍ଟ କଣ୍ଟ୍ରୋଲ୍ ବ୍ରଏଲର ଫାର୍ମସି ୱେଲଫେୟାର ଆସୋସିଏସନ୍‌ର ୨୭ ଦଫା ଦାବି

୫ ବର୍ଷ ହେଲାଣି ବୃଦ୍ଧି ହେଉନି ଚାଷୀଙ୍କ ପାରିଶ୍ରମିକ



ଭୁବନେଶ୍ୱର,୨।୧୧(ସମିସ): ଓଡ଼ିଶାର ଏନଭରମେଣ୍ଟ ବ୍ରଏଲର କୁକୁଡ଼ା ଚାଷୀଙ୍କ ଆର୍ଥିକ ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ଅଲ୍ ଓଡ଼ିଶା ଏନଭାରନମେଣ୍ଟ କଣ୍ଟ୍ରୋଲ୍ ବ୍ରଏଲର ଫାର୍ମସି ୱେଲଫେୟାର ଆସୋସିଏସନ୍ ତଥା ଇସିବିଏ। କୁକୁଡ଼ା ଚାଷୀଙ୍କ ଜୀବିକା, ଆର୍ଥିକ ସୁରକ୍ଷା ଓ ନ୍ୟାୟସଙ୍ଗତ ପାରିଶ୍ରମିକ ସୁନିଶ୍ଚିତ କରିବା ପାଇଁ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ପ୍ରସ୍ତୁତ କରାଯାଇ ବିଭିନ୍ନ ଇଣ୍ଟିଗ୍ରେସନ୍ କମ୍ପାନୀ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସଂଘର କହିବା ଅନୁଯାୟୀ, ବିଗତ ୫ ବର୍ଷ ମଧ୍ୟରେ କୁକୁଡ଼ା ଚାଷରେ ବ୍ୟବହୃତ ବିଦ୍ୟୁତ୍, ଡିଜେଲ୍, ଶ୍ରମିକ ମଜୁରି, ଦାନା, ଔଷଧ ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି। କିନ୍ତୁ ଏହାର ଅନୁପାତରେ ଚାଷୀଙ୍କ ପାରିଶ୍ରମିକ ବୃଦ୍ଧି ହୋଇନାହିଁ। ପୂର୍ବରୁ ଚାଷୀମାନେ ପ୍ରତି କୁକୁଡ଼ା ପିଛା ୪୫ରୁ ୫୨ ଟଙ୍କା ପର୍ଯ୍ୟନ୍ତ ପାଉଥିବା ବେଳେ ବର୍ତ୍ତମାନ ଏହା ୩୩ ଟଙ୍କାରୁ ଶୂନ ପର୍ଯ୍ୟନ୍ତ ହ୍ରାସ ପାଇଥିବା ସଂଘ ଅଭିଯୋଗ କରିଛି। ଏହି ପରିସ୍ଥିତିରେ ଚାଷୀମାନେ ଆର୍ଥିକ କ୍ଷତି ଓ ମାନସିକ ଚାପର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ସଂଘ ଦାବି କରିଛି। ଏହି ଦାବି ମଧ୍ୟରେ ଭାରତ ସରକାରଙ୍କ ନୀତି ଓ ମାର୍ଗଦର୍ଶିକାକୁ ଦୃଷ୍ଟିରେ ରଖି, ବର୍ତ୍ତମାନର ବଜାର ଦର, ଦିନକୁ ଦିନ ବୃଦ୍ଧି ପାଉଥିବା ବିଦ୍ୟୁତ୍ ଖର୍ଚ୍ଚ, ଡିଜେଲ୍ ଖର୍ଚ୍ଚ, ଶ୍ରମିକ ମଜୁରି ଏବଂ ଅନ୍ୟାନ୍ୟ ଫାର୍ମ ପରିଚାଳନା ଖର୍ଚ୍ଚକୁ ବିଚାରକୁ ନେଇ, କୁକୁଡ଼ା ଚାଷୀମାନଙ୍କୁ ପ୍ରତି କିଲୋଗ୍ରାମ ପିଛା ସର୍ବନିମ୍ନ ୨୭ ଟଙ୍କା ଗ୍ରୋଇଂ ଚାର୍ଜ ପ୍ରଦାନ, ପ୍ରତିବର୍ଷ ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ଗ୍ରୋଇଂ ଚାର୍ଜ ମୂଳ ଦର ଉପରେ ୫% ରୁ ୧୦% ପର୍ଯ୍ୟନ୍ତ ବୃଦ୍ଧି କରିବା, କୁକୁଡ଼ାମାନଙ୍କୁ ଉତ୍ତମ ଗୁଣବତ୍ତାଯୁକ୍ତ ଦାନା ଯୋଗାଇ ଦିଆଯିବା ଭଳି ୨୭ ଦଫା ଦାବି ରହିଛି। ୩୦୦ରୁ ଅଧିକ କୁକୁଡ଼ା ଚାଷୀ ଏହି ସଭାରେ ଯୋଗ ଦେଇଥିଲେ।-

■ ଯାଁଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସେମିରେ କଲ୍ୟାଣପୁର, କ୍ୱାର୍ଟରରେ ଗଙ୍ଗପଡ଼ା



ଯାଁଳା, ୨।୧୧(ସମିସ): ସ୍ଥାନୀୟ ରାଧା ମାଧବ କ୍ଲବ ଆନୁକୂଲ୍ୟରେ ନବମ ପଞ୍ଚାୟତ ଲେଭୁଲ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ମେଣ୍ଢାଶାଳ ଏବଂ କଲ୍ୟାଣପୁର ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ମେଣ୍ଢାଶାଳ ଦଳ ୧୪ ଓଭରରେ ୧୫୬ ରନ୍ ବିନିମୟରେ ୫ଉଇକେଟ୍ ହାସଲ କରିଥିଲା, ଜବାବରେ କଲ୍ୟାଣପୁର ଦଳ ୧୩.୪ ଓଭରରେ ୩ ଉଇକେଟରେ ବିଜୟୀ ଲାଭ କରିଥିଲା। ଦଳ ପକ୍ଷରୁ ପ୍ରାଣବନ୍ଧୁ ସାମନ୍ତରାୟ ୩୦ବଲରେ ୧୦୫ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ, ସେହିପରି ଦ୍ୱିତୀୟ ମ୍ୟାଚ ଗଙ୍ଗପଡ଼ା ଏବଂ ଭାଲିଆବାଡ଼ି ମଧ୍ୟରେ ଖେଳ ହୋଇଥିଲା। ଗଙ୍ଗପଡ଼ା ୧୫ ଓଭରରେ ୨୨୦ ରନ୍ ବିନିମୟରେ ୫ଉଇକେଟ୍ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ୧୫ ଓଭରରେ ୭ଉଇକେଟ ହରାଇ ୧୮୨ ରନ୍ ରେ ଦଳ ପରାଜୟ ହୋଇଥିଲେ। ଗଙ୍ଗପଡ଼ା ଦଳ ୩୮ ରନରେ ବିଜୟୀ ହୋଇ କ୍ୱାର୍ଟରକୁ ପ୍ରବେଶ କରିଥିଲା, ଅନିଲ୍ କୁମାର ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ଆଜି ମ୍ୟାଚର ଅମ୍‌ପେୟାର ଦୀପକ ହରିଚନ୍ଦନ, ବିବେକ ପରିଡା, ଶିବାନନ୍ଦ ସ୍ୱାଇଁ ଓ ଶିତିକଣ୍ଠ ପଟ୍ଟନାୟକ ଥିବାବେଳେ, ଅତିଥି ଭାବେ ଜିତେନ୍ଦ୍ର ସେନାପତି, ସାମ୍ବାଦିକ ସୁରେଶ କୁମାର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ବିଶ୍ୱସ୍ତରୀୟ ଜିମ୍ ‘ଭାରତ ଫିଟନେସ୍ ଡେନ୍ ଏନ୍‌ହାନ୍ସଡ୍’ର ଶୁଭାରମ୍ଭ

ଭୁବନେଶ୍ୱର,୨।୧୧(ସମିସ): କୁମାର ଭାରତ ଭୂଷଣ ମହାଲିକଙ୍କ ଏକ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପୂର୍ବ ଭାରତର ଅନ୍ୟତମ ପ୍ରିମିୟମ୍ ଫିଟନେସ୍



କେନ୍ଦ୍ର ‘ଭାରତ ଫିଟନେସ୍ ଡେନ୍ ଏନ୍‌ହାନ୍ସଡ୍’ ରାଜଧାନୀର ଏୟାରପୋର୍ଟ ରୋଡ୍ ନିକଟରେ ଉଦ୍‌ଘାଟିତ ହୋଇଛି। ଜୟଦେବ ବିହାର ଶାଖା ପରେ ଏହା ସଂସ୍ଥାର ଦ୍ୱିତୀୟ ତଥା ସବୁଠାରୁ ବିଶାଳ ପ୍ରକଳ୍ପ କହିଛନ୍ତି ଶ୍ରୀଯୁକ୍ତ ମହାଲିକ। ଏହି ପରିସରରେ ଆମେରିକା ଓ ଦୁବାଇ ମାନଦଣ୍ଡର ହୋଏଷ୍ଟ, ପନାଟା ଏବଂ ହାମର ଷ୍ଟେଙ୍ଗ ଭଳି ବ୍ରାଣ୍ଡର ୧୫୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଉପକରଣ ଖଞ୍ଜାଯାଇଛି। ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି, ଓଡ଼ିଶାରେ ପ୍ରଥମ ଥର ପାଇଁ ବ୍ୟାୟାମ ପରବର୍ତ୍ତୀ ଶରୀର ପୁନରୁଦ୍ଧାର ପାଇଁ ରେଡ୍ ଲାଇଟ୍ ଥେରାପି, ଇନଫ୍ରାରେଡ୍ ସୋନା, ଆଇସ୍ ବାଥ୍ ଏବଂ ହାଇଡ୍ରୋ ମସାଜ୍ ଭଳି ସ୍ୱତନ୍ତ୍ର ୱେଲନେସ୍ ସୁବିଧା ଉପଲବ୍ଧ କରାଯାଇଛି। ଏହାସହ ଯୁବପିଢ଼ିଙ୍କ ପସନ୍ଦର ହାଇରକ୍ସ ଟ୍ରେନିଂ, କାର୍ଡିଓ, ଜୁମ୍ବା ଓ ଯୋଗ ପାଇଁ ସ୍ୱତନ୍ତ୍ର ଫ୍ଲୋର୍ ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଅଭିନେତା ତଥା ‘ମିଷ୍ଟର ୱାର୍ଲ୍ଡ’ ଠାକୁର ଅନୁପ ସିଂହ, ‘ମିଷ୍ଟର ଇଣ୍ଡିଆ’ ନରେନ୍ଦର ଯାଦବ ଓ ମୁମ୍ବାଇର ପ୍ରଖ୍ୟାତ ଲାଇଫଷ୍ଟାଇଲ୍ କୋଚ୍ ଇକବାଲ ସୟଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଟିସିଏସ୍ ଇନ୍‌କ୍ୱିଜିଟିଭ୍ ୨୦୨୬ର ଭୁବନେଶ୍ୱର ପର୍ଯ୍ୟାୟରେ ମଦର୍ସ ପବ୍ଲିକ୍‌ସ୍କୁଲ୍ ବିଜୟୀ

ଭୁବନେଶ୍ୱର,୨।୧୧(ସମିସ): ସୂଚନାପ୍ରଯୁକ୍ତିସେବା, ପରାମର୍ଶ ଓ ବ୍ୟବସାୟିକ ସମାଧାନ କ୍ଷେତ୍ରରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ବା ଟିସିଏସ୍ ଏହାର



ପ୍ରମୁଖ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ‘ଟିସିଏସଇନ୍‌କ୍ୱିଜିଟିଭ୍ ୨୦୨୬’ର ଭୁବନେଶ୍ୱର ପର୍ଯ୍ୟାୟ ଆୟୋଜନ କରିଛି। ଭୁବନେଶ୍ୱରରେ ଏହି ପ୍ରତିଯୋଗିତା ଜ୍ଞାନ, ଦଳଗତ କାର୍ଯ୍ୟ ଓ ତର୍କ ସହ ଚିନ୍ତାକରିବାର ଦକ୍ଷତା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଥିଲା। ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପୀୟୂଷ ସାମନ୍ତରାୟ ଏବଂ ପ୍ରତିଭାନ ମିଶ୍ର ଭୁବନେଶ୍ୱର ସଂସ୍କରଣର ବିଜେତା ହୋଇ ନାସନାଲ୍ ସେମିଫାଇନାଲ୍‌ରେ ନିଜର ସ୍ଥାନ ପକ୍କା କରିଛନ୍ତି। ଭୁବନେଶ୍ୱର ସଂସ୍କରଣରେ ୧୮ଟି ସ୍କୁଲ୍‌ରୁ ୧୩୭ଟିଟିମ୍ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଟିସିଏସ୍ ଭୁବନେଶ୍ୱରର ସେଣ୍ଟର ହେଡ୍ ବିଭୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ଚଳିତବର୍ଷ ୨୮ତମ ବର୍ଷରେ ପହଞ୍ଚିଛି।

ଟେରାକୋଟା ପ୍ରଦର୍ଶନୀ ‘ମୃତ୍ତିକା’

ଆକର୍ଷଣରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଓ କୋଣାର୍କ ନାଟ୍ୟ ମଣ୍ଡପ

ଭୁବନେଶ୍ୱର,୨।୧୧(ସମିସ): ମାଟିରେ ନିର୍ମିତ ହୋଇଛି ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଗେଟ୍। ତାସହ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା’ ସୁଭଦ୍ରାଙ୍କ ପ୍ରତିମା ମଧ୍ୟ ରହିଛି। ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି ଚଳିତ ବାର୍ଷିକ ଟୋରାକୋଟା ପ୍ରଦର୍ଶନୀ ‘ମୃତ୍ତିକା-୨୦୨୬’ରେ। ଦୀପାବଳି ଉପଲକ୍ଷେ ପ୍ରଦର୍ଶନୀ ପଡ଼ିଆରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଟେରାକୋଟା ପ୍ରଦର୍ଶନୀରେ ପ୍ରମୁଖ ଆକର୍ଷଣ ସାଜିଛି ପୁରୀ ଜିଲ୍ଲାର ସୁକାନ୍ତ ମୁଦୁଲିଙ୍କ ଷ୍ଟଲରେ ରହିଥିବା ସାଢ଼େ ୩ଫୁଟ ଉଚ୍ଚତାର ଶ୍ରୀମନ୍ଦିର ଉତ୍ତର ଦ୍ୱାର। ଯାହାର ଦାମ୍ ୪୫ ହଜାର ଟଙ୍କା ରହିଛି। ସେହିପରି ଅନ୍ୟତମ ଆକର୍ଷଣ ସାଜିଛି ସାଢ଼େ ୪ଫୁଟ ଉଚ୍ଚତାର କୋଣାର୍କ ନାଟ୍ୟ ମଣ୍ଡପ। ତିନି ମହଲା ବିଶିଷ୍ଟ ଏହି ନାଟ୍ୟ ମଣ୍ଡପର ତଳ ମହଲାରେ ଆଦିବାସୀ ନୃତ୍ୟ, ପ୍ରଥମ ମହଲାରେ ଓଡ଼ିଶୀ ନୃତ୍ୟ, ଦ୍ୱିତୀୟ ମହଲାରେ ବାଦ୍ୟଯନ୍ତ୍ର ଓ ତୃତୀୟ ମହଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦୃଶ୍ୟକୁ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି ସୁକାନ୍ତ। ଏହାର ଦାମ୍ ରହିଛି ୪୦ ହଜାର ଟଙ୍କା। ଏଥିସହ



ଏହି ଷ୍ଟଲରେ ଥିବା ସାଢ଼େ ୪ଫୁଟ ଉଚ୍ଚତା ବିଶିଷ୍ଟ କଦମ୍ବ ଗଛ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଗଛରେ ମାଙ୍କଡ଼ ବସିଥିବା ବେଳେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦୋଳି ଖେଳୁଛନ୍ତି। ଏହାର ଦାମ୍ ରହିଛି ୩୦ହଜାର ଟଙ୍କା। ଏହାସହ ମାଟିର ବୋଇତ, ଡିଜାଇନ୍ ତୁଳସୀ ଚଉରା, ୨୦ରୁ ଉର୍ଦ୍ଧ୍ୱ ପ୍ରକାର ଡିଜାଇନ୍ ଦୀପ ରହିଛି। ଏନେଇ ଷ୍ଟଲର ମାଲିକ ତଥା ଟେରାକୋଟା ଶିଳ୍ପୀ ସୁକାନ୍ତ କହିଛନ୍ତି ଯେ, ଆମେ ହେଉଛୁ ମାଟିର ମଣିଷ, ମାଟିରେ ମିଶିବା। କିନ୍ତୁ ବର୍ତ୍ତମାନ ସମସ୍ତେ ମାଟିର ବ୍ୟବହାର କରିବାକୁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ମାଟିର ବ୍ୟବହାରକୁ ସମସ୍ତେ ଭଲ ଭାବେ ବୁଝିବା ସହ ମାଟି ପାତ୍ର ଓ ବିଭିନ୍ନ ସାମଗ୍ରୀ ବ୍ୟବହାର କରିବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ୧୫ ବର୍ଷ ହେବ ସେ ଏହି ପ୍ରଦର୍ଶନୀରେ ଷ୍ଟଲ ଖୋଲୁଥିବା କହିଛନ୍ତି। ଏହି ଷ୍ଟଲରେ ମାଟିରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ମଧ୍ୟ ରହିଛି।

ଟେରାକୋଟା ପ୍ରଦର୍ଶନୀ ‘ମୃତ୍ତିକା’ରେ ଜମୁଛି ଭିଡ଼

ସ୍ଥାନୀୟ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ‘ମୃତ୍ତିକା-୨୦୨୬’ ତୃତୀୟ ଦିନରେ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଦୀପ ସାଙ୍ଗକୁ ମାଟିରେ ତିଆରି ହାଣ୍ଡି, କେଢ଼ଇ, ପ୍ରେସରକୁକର୍ ଆଦି ଘରକରଣା ସାମଗ୍ରୀ କିଣିବାକୁ ମହିଳାମାନଙ୍କ ଭିଡ଼ ଜମୁଛି। ଆଲୋକର ପର୍ବ ଦିପାବଳୀକୁ ପାଳନ କରିବାକୁ ରଙ୍ଗବେରଙ୍ଗର ଦୀପ, କଳସ ସାଙ୍ଗକୁ ମାଟିରେ ତିଆରି ଫୁଲଦାନୀରେ ଘର ସଜାଇବାକୁ ମନ ପସନ୍ଦର ଡିଜାଇନ୍ ଦୀପ କିଣିବାକୁ ପ୍ରାୟସବୁ ଷ୍ଟଲରେ ଭିଡ଼ ଜମିଛି। ଏଠାରେ ଦୀପ ବିକ୍ରି ସାଙ୍ଗକୁ ଲାଇଭ୍ ଡେମୋନଷ୍ଟ୍ରେସନ୍ ଦେଖିବାକୁ ମଧ୍ୟ ଅନେକ ଭିଡ଼ ଜମାଉଛନ୍ତି। ଏହି ଦୀପ ଗୁଡ଼ିକର ଦାମ୍ ୧ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଦୀପ କିଣିବା ସାଙ୍ଗକୁ ପ୍ରଦର୍ଶନୀ ପରିସରରେ ରହିଥିବା ଫୁଡ ଷ୍ଟଲରେ ମଧ୍ୟ ପ୍ରବଳ ଗହଳି ଜମିଥିଲା। କିଣାକିଣି ସାଙ୍ଗକୁ ବିଭିନ୍ନ ପ୍ରକାର ଚଟପଟା ଖାଦ୍ୟର ମଜ୍ଜା ନେଉଛନ୍ତି ଗ୍ରାହକ।

ଶିକ୍ଷଶୂନ୍ୟ ମୋରଡ଼ା ନିର୍ବାଚନମଣ୍ଡଳୀ

ମିଳୁନି କର୍ମନିଯୁକ୍ତି, ବଢୁଛି ଦାଦନ ସମସ୍ୟା

ମୋରଡ଼ା, ୨।୧୧(ସମିସ):

ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସାଧାରଣ ବର୍ଗ ଆସନ ଭାବେ ପରିଚିତ ମୋରଡ଼ା ନିର୍ବାଚନମଣ୍ଡଳୀ ଆଜି ବି ବିକାଶ ଓ ଶିଳ୍ପାୟନ କ୍ଷେତ୍ରରେ ଚରମ ଅବହେଳାର ଶିକାର ହୋଇ ରହିଛି। ୫୨ଟି ପଞ୍ଚାୟତ ଓ ମୋରଡ଼ା, ରାସଗୋବିନ୍ଦପୁର, ଶୁଳିଆପଦା ଭଳି ତିନୋଟି ପ୍ରମୁଖ ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ଦୀର୍ଘବର୍ଷ ଧରି କୌଣସି କ୍ଷୁଦ୍ର, ମଧ୍ୟମ କିମ୍ବା ବୃହତ୍ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଓ ଅଣଶିକ୍ଷିତ ଯୁବପିଢ଼ି ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏପରିକି ବାହାର ରାଜ୍ୟରୁ କାମ କରିବା ବେଳେ ଶ୍ରମିକମାନେ ଦୁର୍ଘଟଣା ବା ଅସ୍ୱାଭାବିକ ପରିସ୍ଥିତିରେ ପ୍ରାଣ ହରାଇ ଶବ ହୋଇ ଫେରୁଥିବା ଘଟଣା ବାରମ୍ବାର ସାମ୍ନାକୁ ଆସୁଥିଲେ ମଧ୍ୟ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।



ମୋରଡ଼ା ମୁଖ୍ୟତଃ ଏକ କୃଷି ଓ ବନଜାତ ଦ୍ରବ୍ୟ ନିର୍ଭରଶୀଳ ଅଞ୍ଚଳ। ଏଠାକାର ଅଧିବାସୀ ଧାନ ଓ ମାଣ୍ଡିଆ ଚାଷ ଉପରେ ନିର୍ଭର କରୁଥିବାବେଳେ ଜଙ୍ଗଲରୁ ଶାଳପତ୍ର, ସବାଇ ଘାସ ଓ ବାଉଁଶ ସଂଗ୍ରହ କରି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଅଞ୍ଚଳରେ ରାଇସ୍ ମିଲ୍, କାଗଜ ଶିଳ୍ପ କିମ୍ବା ଶାଳପତ୍ର ଓ ସବାଇ ଘାସଭିତ୍ତିକ ପ୍ରକ୍ରିୟାକରଣ ୟୁନିଟ୍ ଗଢ଼ି ଉଠିବାର ପ୍ରଚୁର ସମ୍ଭାବନା ରହିଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ମୋରଡ଼ା ବିଧାୟକ କୃଷ୍ଣଚନ୍ଦ୍ର ମହାପାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ତଥା କ୍ୟାବିନେଟ୍‌ର ଅନ୍ୟତମ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସରକାରରେ ସେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମନ୍ତ୍ରୀ ପଦବୀରେ ଥିଲେ ସୁଦ୍ଧା ନିଜ ନିର୍ବାଚନମଣ୍ଡଳୀରେ ଗୋଟିଏ ହେଲେ କୃଷିଭିତ୍ତିକ ବା ବନଜାତ ଦ୍ରବ୍ୟଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦିଗରେ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେଇ ନ ଥିବା ନେଇ ସ୍ଥାନୀୟ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଜ ଅଞ୍ଚଳରେ ଶିଳ୍ପ ସ୍ଥାପନ ନେଇ ମନ୍ତ୍ରୀଙ୍କ ଆନ୍ତରିକତାର ଅଭାବ ରହିଛି ନା ସେ ଦାବି ହାସଲ କରିପାରୁନାହାନ୍ତି, ତାହାକୁ ନେଇ ଜନସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘ ବର୍ଷ ଧରି ବିଭିନ୍ନ ଦଳର ନେତୃବୃନ୍ଦ ଏହି ଅଞ୍ଚଳରୁ ପ୍ରତିନିଧିତ୍ୱ କରିଆସୁଥିଲେ ମଧ୍ୟ ସରକାରଙ୍କ ନିକଟରେ ଶିଳ୍ପାୟନ ନିମନ୍ତେ ଯଥାର୍ଥ ଦାବି ଉପସ୍ଥାପନ କରିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ବିଧାୟକ ନିଜେ ରାଜ୍ୟ କ୍ୟାବିନେଟ୍‌ର ଜଣେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଥିବାରୁ "ବର୍ତ୍ତମାନ ନହେଲେ ଆଉ କେବେ ବି ହୋଇପାରିବନାହିଁ" ବୋଲି ବୁଦ୍ଧିଜୀବୀ ଓ ଯୁବପିଢ଼ି ମତ ଦେଉଛନ୍ତି। ତୁରନ୍ତ ଏହି ଅଞ୍ଚଳରେ ସମ୍ଭାବ୍ୟ କୃଷି ଓ ବନଜାତ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ସହ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଜୋରଦାର ଦାବି ହେଉଛି।

● 'ମୟୂରଭଞ୍ଜ ମିରର'ର ନିଆରା ଅଭିଯାନ

ତୃଣମୂଳ ସ୍ତରରେ ପହଞ୍ଚିବ ମୟୂରଭଞ୍ଜର ଇତିହାସ


ବାରିପଦା, ୨।୧୧(ସମିସ): ମୟୂରଭଞ୍ଜର ସମୃଦ୍ଧ ଇତିହାସ, ପ୍ରକୃତି, ପର୍ଯ୍ୟଟନ ଓ ଐତିହ୍ୟର ପ୍ରଚାର ପ୍ରସାର ଓ ସୁରକ୍ଷା ପାଇଁ ୨୦୧୮ ରୁ କାର୍ଯ୍ୟରତ ଅଗ୍ରଣୀ ସଂଗଠନ "ମୟୂରଭଞ୍ଜ ମିରର' ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଜିଲ୍ଲାର ଗୌରବମୟ ଐତିହ୍ୟକୁ ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲାର ଚାରୋଟି ଯାକ ଉପଖଣ୍ଡର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ। ଏହି ଅଭିଯାନ ଜରିଆରେ ପ୍ରାଚୀନ ମୟୂରଭଞ୍ଜର ଇତିହାସ, ମୋଗଲ ଓ ମରହଟ୍ଟା ଆକ୍ରମଣର ପୃଷ୍ଠଭୂମି, ରାଜଧାନୀ ସ୍ଥାନାନ୍ତରଣ, ଐତିହାସିକ ଶାସନ ବ୍ୟବସ୍ଥା, ସ୍ୱତନ୍ତ୍ର ରେଳସେବାର ଅବଦାନ, ତତ୍କାଳୀନ ଜନଜୀବନ ଓ ନବ ଉତ୍କଳ ନିର୍ମାଣରେ ମୟୂରଭଞ୍ଜର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ ବୋଲି ସଂଗଠନର ମୁଖପାତ୍ର ସୁଶ୍ରୀ ନାୟକ ସୂଚନା ଦେଇଛନ୍ତି। ଅଭିଯାନକୁ ସଫଳତାର ସହ ଆଗେଇ ନେବାକୁ ଶୁଭସ୍ମିତା ସାହୁ, ଅପର୍ଣ୍ଣା ସିଂହ, ଅଂଶୁମାନ ମହାନ୍ତ, ମଧୁସ୍ମୃତି କର, ସୋମାଂଶୁ ମହାନ୍ତି, ଶୁଭସ୍ମିତା ମହାନ୍ତ, କୌଶିକ ଗିରି, ଦାନିସ କୁମାର ସାହୁ ଓ ଗୀତାଞ୍ଜଳି କର ପ୍ରମୁଖ ଇତିହାସର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବେ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ସଂଗଠନର ଏହି ପ୍ରୟାସ ଜିଲ୍ଲାର ଐତିହାସିକ ସଚେତନତା ସୃଷ୍ଟି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଖୁଣ୍ଟା ଥାନାରେ ଆମ ପୁଲିସ ସମିତି ବୈଠକ



କୁଆମରା, ୨।୧୧(ସମିସ): ଖୁଣ୍ଟା ଥାନାରେ ଆମ ପୁଲିସ ସମିତି ବୈଠକ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖୁଣ୍ଟା ଫରେଷ୍ଟର ଅର୍ପିତା ଦେବାଙ୍ଗନା, ଏଏସ୍‌ଆଇ ରତିକାନ୍ତ ଦାସ, ସୁଦାମ ଜେନା, ବିକାଶ ପଣ୍ଡା, ସବ୍ୟସାଚୀ ସାମଲ ପ୍ରମୁଖ ଯୋଗଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ, ସେ ନେଇ ଆଲୋଚନା ହୋଇଥିଲା। ଟ୍ରାଫିକ ନିୟମ ମାନିବା, ଦୁର୍ଘଟଣା ପ୍ରତି ସଚେତନତା କରାଇବା, ବେଆଇନ ନିଶା କାରବାର ରୋକିବା, ଛୋଟ ପିଲାଙ୍କୁ ବାଇକ ଚଳାଇବାକୁ ନ ଦେବା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ସଚେତନତା କରାଯିବା ଉପରେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଲୋକ ପ୍ରତିନିଧି ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ପୁଲିସ କର୍ମଚାରୀ ପରିଚାଳନା କରିଥିଲେ।

ଶିବଶକ୍ତି କ୍ଲବ ଫୁଟବଲ, ବବୁଲ ଅଟୋ ଚାମ୍ପିଅନ୍



କୁଆମରା,୨।୧୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ କଡଦା ଶିବଶକ୍ତି କ୍ଲବ ପକ୍ଷରୁ ୨୯ତମ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଫାଇନାଲ ଖେଳରେ କଳାପାହାଡ଼ି ବ୍ଲାକ ହିଲକୁ ହରାଇ ବବୁଲ ଅଟୋ ଝାଡ଼ଗ୍ରାମ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଡେଇ, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବୁଢ଼ାନ ମୁର୍ମୁ, ଭାରତୀୟ ଭୂମିଜ ସମାଜର ପୂର୍ବତନ ସଭାପତି ପାଇକ ସିଂ, ଭାରତୀୟ ଭୂମିଜ ସମାଜର ସହସମ୍ପାଦିକା ଗୀତାମଣି ସିଂ, ଶିକ୍ଷାବିତ ଗୌରମୋହନ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ଏକଲକ୍ଷ ପଚାଶ ହଜାର ଓ ରନର୍ସଅପ୍ ଦଳକୁ ଏକଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିସହିତ ସେମିଫାଇନାଲକୁ ଉନ୍ନିତ ହୋଇଥିବା ଭୂମିଜ ଏଣ୍ଡ ଭୂମିଜ ବାଲେଶ୍ୱର ଓ ସୁନୀଲ ଏଫସି ଭଣ୍ଡଗାଁ ଦଳକୁ ପଚାଶ ହଜାର ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ମନୋଜ ପାତ୍ର, ଗୁରୁପ୍ରସାଦ ସିଂ ଓ ଗୌରମୋହନ ବେହେରା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ରାମଚନ୍ଦ୍ର ସିଂ, ସମ୍ପାଦକ ଗୌରୀଶଙ୍କର ଦାସ, ଦିଲ୍ଲୀପ ଦାସ, ପ୍ରଫୁଲ୍ଲ ସିଂ, ତ୍ରିଲୋଚନ ସିଂ, ଗଜେନ୍ଦ୍ର ସିଂ, ଲକ୍ଷ୍ମଣ ସିଂ, ଯଦୁନାଥ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

ଚିତ୍ରଡ଼ା ବାଳିକା ଉଚ୍ଚବିଦ୍ୟାଳୟ ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଗ୍ରହଣ

ମୋରଡ଼ା,୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଅଫିସ୍ ଅର୍ଡର୍ ନମ୍ବର ୧୨୯୩୫ ଅନୁଯାୟୀ ଜବାହର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ସିଂହଙ୍କୁ ଚିତ୍ରଡ଼ା ବାଳିକା ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଜବାହାର ସରକାରୀ ବିଦ୍ୟାଳୟର ଶିକ୍ଷକ ଅରୁଣ ବେହେରା ଉକ୍ତ ଦାୟିତ୍ୱରେ ଥିଲେ। ନୂତନ ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀମତୀ ସିଂହ ତୁରନ୍ତ ଅରୁଣ କୁମାର ବେହେରାଙ୍କଠାରୁ ସମସ୍ତ ସରକାରୀ କାଗଜପତ୍ର, ରେଜିଷ୍ଟର ଓ ଦାୟିତ୍ୱ ବୁଝିନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦବ୍ୟତୀତ ସେ ଚିତ୍ରଡ଼ା ବାଳିକା ଉଚ୍ଚବିଦ୍ୟାଳୟର ପ୍ରଶାସନିକ ଓ ଆର୍ଥିକ କ୍ଷେତ୍ରରେ କ୍ଷମତା ପ୍ରୟୋଗ କରିବା ସହ କର୍ମଚାରୀଙ୍କ ଉପସ୍ଥାନ ରେଜିଷ୍ଟର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଦରମା ପ୍ରଦାନ ଆଦି କାର୍ଯ୍ୟ ତୁଲାଇବେ। ତେବେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ସାମ୍ନାକୁ ଆସୁଛି ଯେ, ବହୁ ପୂର୍ବରୁ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଥିବା ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ସେ ସେହି ପଦବୀରୁ ଅପସାରିତ ହୋଇଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଜିଷ୍ଟର ଓ କାଗଜପତ୍ର ଦାୟିତ୍ୱ ଜାଣିଶୁଣି ହସ୍ତାନ୍ତର କରି ନାହାନ୍ତି କିମ୍ବା ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେ ମଧ୍ୟ ଆସନ୍ତା ମେ ୨୦୨୭ ରେ ଅବସର ନେବାକୁ ଯାଉଥିବାବେଳେ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ହସ୍ତାନ୍ତର ନ କଲେ ଭବିଷ୍ୟତରେ ଏଠାରେ ପାଠପଢ଼ା ଶେଷ କରିଥିବା ଓ ବର୍ତ୍ତମାନ ପଢୁଥିବା ଛାତ୍ରୀଙ୍କ ଭବିଷ୍ୟତରେ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏନେଇ ଜିଲ୍ଲା ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଚମ୍ପାଝରର ଆଶ୍ରମ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମହୁଲଡିହା,୨।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଆଶ୍ରମ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ ପଣ୍ଡା ଯୋଗ ଦେଇଥିଲେ। ଏ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଅବସର ନେଇଥିବା ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତ, ସନ୍ତୁ ଚନ୍ଦ୍ର ମହାନ୍ତ, ରତିକାନ୍ତ ବେଣ୍ଟକାର, ପଦ୍ମଲୋଚନ ମହାନ୍ତ, ଜଗଦାନନ୍ଦ ମୁଦୁଲି, ତ୍ରିଲୋଚନ ମହାନ୍ତ ଓ ଦୁଷ୍ମନ୍ତ ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚମ୍ପାଝର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ଦ୍ଦିକ କୁମାର ପଣ୍ଡା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ଶିକ୍ଷକଶିକ୍ଷୟିତ୍ରୀ ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ସେଲ୍ଫ ଫାଇନାନ୍ସିଂ ବିଭାଗକୁ ନିୟମିତ କରିବା ଦାବି

ବାରିପଦା,୨।୧୧(ସମିସ): ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ଚାଲୁ ରହିଥିବା ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମକୁ ନିୟମିତ (ରେଗୁଲାର) କରିବା ଓ ଅତିଥି ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ରାଜ୍ୟ ମାନବାଧିକାର ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟକୁ ମଧ୍ୟ ପଠାଯାଇଛି। ପରିଷଦର ରାଜ୍ୟ ଅଧ୍ୟକ୍ଷା ସସ୍ମିତା ଦାସଙ୍କ ପକ୍ଷରୁ ପ୍ରେରିତ ଏହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ, ଇତିହାସ, ଗଣିତ, ବାଣିଜ୍ୟ, ଇଂରାଜୀ, ସଂସ୍କୃତ ଓ ଭୂତତ୍ତ୍ୱ ବିଜ୍ଞାନ ଭଳି ପ୍ରମୁଖ ବିଷୟ ସେଲ୍ଫ ଫାଇନାନ୍ସିଂ ମୋଡ୍‌ରେ ପରିଚାଳିତ ହେଉଛି। ଫଳରେ ଆର୍ଥିକ ଅନଗ୍ରସର ତଥା ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହିତ ସେଲ୍ଫ-ଫାଇନାନ୍ସିଂ ବିଭାଗଗୁଡ଼ିକ ପ୍ରତି ପ୍ରଶାସନିକ ଅବହେଳା ଓ ପିଜି କାଉନସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ଅସହଯୋଗପୂର୍ଣ୍ଣ ମନୋଭାବ ଯୋଗୁଁ ଛାତ୍ରଛାତ୍ରୀ ମାନସିକ ଚାପରେ ରହୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ୟୁଜିସି ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ସତ୍ତ୍ୱେ ଅତିଥି ଅଧ୍ୟାପକଙ୍କୁ ସ୍ୱଳ୍ପ ପାରିଶ୍ରମିକ, ଚାକିରିର ଅନିଶ୍ଚିତତା ଓ ବକେୟା ପ୍ରଦାନରେ ବିଳମ୍ବ ସମଗ୍ର ଶିକ୍ଷାଦାନ ବ୍ୟବସ୍ଥା ଉପରେ କୁପ୍ରଭାବ ପକାଉଛି। ଏ ପରିପ୍ରେକ୍ଷୀରେ ସମସ୍ତ ସେଲ୍ଫ-ଫାଇନାନ୍ସିଂ ବିଭାଗକୁ ତୁରନ୍ତ ରେଗୁଲାର କରିବା, ୟୁଜିସି ମାନଦଣ୍ଡ ଅନୁଯାୟୀ ଅତିଥି ଅଧ୍ୟାପକଙ୍କ ସେବା ସର୍ତ୍ତାବଳୀ ଲାଗୁ କରିବା, ଖାଲି ପଡ଼ିଥିବା ସ୍ଥାୟୀ ପ୍ରଫେସର ପଦବୀ ତୁରନ୍ତ ପୂରଣ କରିବା ଓ ଛାତ୍ରଛାତ୍ରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟପାଳ ତଥା କୁଳାଧିପତିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି।

ମୟୂରଭଞ୍ଜ ହାଫ୍ ମାରାଥନ୍ ପାଇଁ ପଞ୍ଜୀକରଣ ଆରମ୍ଭ

● ବିଜେତାଙ୍କ ପାଇଁ ରହିଛି ଆକର୍ଷଣୀୟ ପୁରସ୍କାର

ବାରିପଦା, ୨।୧୧(ସମିସ): ଜିଲ୍ଲାର କ୍ରୀଡ଼ାପ୍ରେମୀ ଓ ଯୁବପିଢ଼ିଙ୍କ ଉତ୍ସାହ ବୃଦ୍ଧି ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ 'ମୟୂରଭଞ୍ଜ ହାଫ୍ ମାରାଥନ-୨.୦' ଆୟୋଜନ କରାଯାଉଛି। ଏଥିପାଇଁ ଆନୁଷ୍ଠାନିକ ଭାବେ ନାମ ପଞ୍ଜୀକରଣ (ରେଜିଷ୍ଟ୍ରେସନ) ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ପକ୍ଷରୁ ସୂଚନା ଦିଆଯାଇଛି ଯେ, ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଧାବକଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ରହିଛି। ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀ ମୟୂରଭଞ୍ଜ ମାରାଥନ୍ ଡଟ୍ ଇନ୍ ଅନଲାଇନ୍ ମାଧ୍ୟମରେ ସେମାନଙ୍କର ନାମ ପଞ୍ଜୀକରଣ କରିପାରିବେ। ସ୍ୱାସ୍ଥ୍ୟ ସଚେତନତା ଓ କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ଆୟୋଜିତ ଏହି ମାରାଥନରେ ବହୁ ସଂଖ୍ୟାରେ ଯୋଗଦେଇ ଏହାର ଲାଭ ଉଠାଇବାକୁ ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀ ତଥା ଯୁବବର୍ଗଙ୍କୁ ଆହ୍ୱାନ କରାଯାଇଛି।

ଶିମିଳିପାଳରେ ବାଘ ଛୁଆର 'ରିୱାଇଲ୍ଡିଂ'ରେ ଉଲ୍ଲେଖନୀୟ ପ୍ରଗତି



ବାରିପଦା, ୨।୧୧(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଏସଟିଆର)ର କୋର୍ ଅଞ୍ଚଳରେ ଥିବା ଏକ ବିଶାଳ ଏନକ୍ଲୋଜରରେ ଥିବା ଉଦ୍ଧାର ବାଘ ଛୁଆଟି ପ୍ରାକୃତିକ ପରିବେଶ ସହିତ ଖାପ ଖୁଆଇବାରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି। ଏନକ୍ଲୋଜର ମଧ୍ୟକୁ ଛଡ଼ାଯାଇଥିବା ଏହି ଉଦ୍ଧାର ବାଘ ଛୁଆ ଏବେ ୯ ମାସର ହୋଇଥିବାବେଳେ ଛେଳି ଓ ଚିତ୍ରା ହରିଣକୁ ସେ ସଫଳତାର ସହ ଶିକାର କରିଥିବା ଜଣାପଡ଼ିଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ ଡ ପ୍ରକାଶ ଚାନ୍ଦ ଗୋଗିନେନିଙ୍କ ସୂଚନା ଅନୁଯାୟୀ, ଗତ ୨୮ ଦିନର ନିରୀକ୍ଷଣ ମଧ୍ୟରେ ବାଘ ଛୁଆର ଶିକାର ଦକ୍ଷତାରେ ଉଲ୍ଲେଖନୀୟ ସୁଧାର ଆସିଛି। ତା'ର ଗତିବିଧି, ବ୍ୟବହାର ଓ ଜଙ୍ଗଲୀ ପରିବେଶ ସହ ଖାପ ଖୁଆଇବା ପ୍ରକ୍ରିୟା ଉପରେ କଡ଼ା ନଜର ରଖାଯାଇଛି। ତା'ର ଏହି ପ୍ରଗତି ଆଧାରରେ ହିଁ ଭବିଷ୍ୟତରେ ତାକୁ ସମ୍ପୂର୍ଣ୍ଣ ମୁକ୍ତ ଭାବେ କୋର୍ ଜଙ୍ଗଲକୁ ଛଡ଼ାଯିବା ନେଇ ନିଷ୍ପତ୍ତି ନିଆଯିବ। ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜରୁ ସ୍ଥାନାନ୍ତର କରାଯିବା ପରେ ଏବେ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଯମୁନା ଏନକ୍ଲୋଜରରେ ତା'ର କ୍ୱାରେଣ୍ଟାଇନ ଓ "ରିୱାଇଲ୍ଡିଂ' (ଜଙ୍ଗଲୀ ପରିବେଶ ଅଭ୍ୟାସ) ଚାଲିଛି। ପ୍ରଥମେ ତାକୁ ଖାଦ୍ୟ, ପୁଷ୍ଟିକର ସପ୍ଲିମେଣ୍ଟ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବାବେଳେ ଏବେ ସେ ନିଜେ ଶିକାର କରିବା ଆରମ୍ଭ କରିଛି। ଯାହାକି ପ୍ରାକୃତିକ ଭାବେ ବଞ୍ଚି ରହିବାର ସକାରାତ୍ମକ ସଙ୍କେତ ବୋଲି ଡ ଗୋଗିନେନି ପ୍ରକାଶ କରିଛନ୍ତି। ତା'ର ସ୍ୱାସ୍ଥ୍ୟାବସ୍ଥା, ଶିକାର ଶୈଳୀ ଓ ଗତିବିଧି ଉପରେ ନଜର ରଖିବା ପାଇଁ ଏନକ୍ଲୋଜର ଭିତରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ଗତ ସେପ୍ଟେମ୍ବର ୨୪ ତାରିଖ ରାତିରେ ଖାଦ୍ୟ ସନ୍ଧାନରେ ବାଘ ଛୁଆଟି କରଞ୍ଜିଆ ବନଖଣ୍ଡ କେନ୍ଦୁକୁଆଣୀ ସେକ୍ସନ ଅଧୀନ ଖପରଖାଇ ଗ୍ରାମର ଏକ ବଗିଚାରେ ପଶି ଆସିଥିଲା। ଦ୍ୱିତୀୟ ଥର ଲାଗି ଲୋକାଳୟକୁ ଚାଲିଆସିବା ପରେ ସେପ୍ଟେମ୍ବର ୨୫ରେ ବନ ବିଭାଗ ବିନା ଟ୍ରାଙ୍କୁଲାଇଜରରେ ତାକୁ ସୁରକ୍ଷିତ ଉଦ୍ଧାର କରିଥିଲା। ସେତେବେଳେ ତା'ର ବୟସ ପ୍ରାୟ ୮ ମାସ ହୋଇଥିବା ଅନୁମାନ କରାଯାଇଥିଲା। ଉଦ୍ଧାର ପରେ ଠାକୁରମୁଣ୍ଡାରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଓୟୁଏଟିରେ ରକ୍ତ ଓ ମଳ ପରୀକ୍ଷା କରାଯାଇଥିଲା। ଯେଉଁଥିରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଓ କୌଣସି ସଂକ୍ରମଣ ନ ଥିବା ସ୍ପଷ୍ଟ ହୋଇଥିଲା।

ସଂସ୍କୃତ ଶିକ୍ଷକ ସହଦେବ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖୁଣ୍ଟା,୨।୧୧(ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣସାହିସ୍ଥ ତାଡକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା ବ୍ଲକ 'ଓଷ୍ଟା' ସମ୍ପାଦକ ସହଦେବ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କାସ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ଚିତ୍ତରଞ୍ଜନ ପଳତା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଓ ରାଜ୍ୟ ସମ୍ପାଦକ ଭରତ ବରାଳ, ରାଜ୍ୟ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ହରିପଦ ସରଘରିଆ, ପୂର୍ବତନ ଶିକ୍ଷକ ସରୋଜ ବେହେରା, ସୁଶାନ୍ତ ଚୌଧୁରୀ, ସଂଜୀବ ଦଣ୍ଡପାଟ, ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଗତ ୧୯୮୭ ସେପ୍ଟେମ୍ବର ୧୬ରେ କାର୍ଯ୍ୟରେ ଯୋଗଦେଇ ଦୀର୍ଘ ୩୯ ବର୍ଷରୁ ଊର୍ଦ୍ଧ୍ୱ ସେବା ପରେ ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିଥିବା ଶ୍ରୀ ବେହେରାଙ୍କ ନିଷ୍ପାପର, ସରଳ ଓ କର୍ମଠ କାର୍ଯ୍ୟଧାରା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏ ଅବସରରେ ଜିଲ୍ଲା ସଂଘ, ବ୍ଲକ ସଂଗଠନ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ଶାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନିହାରିକା ମହାନ୍ତ ସ୍ୱରଚିତ କବିତା ପାଠ କରିଥିଲେ। ପୂର୍ବତନ ଛାତ୍ର ତଥା ସମିତି ସଭ୍ୟ ସୁନୀଲ କୁମାର ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ଛାତ୍ର ଅର୍ଜୁନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମସମ୍ପାଦକ ବିକାଶ ପଣ୍ଡା, ପ୍ରଭାସ ନାୟକ, ସଭ୍ୟ ଦେବରାଜ ନାୟକ, ବିଶ୍ୱଜିତ ବିଶ୍ୱାଳ, ଚଳଚ୍ଚିତ୍ର ପ୍ରଯୋଜକ ଶୁଭେନ୍ଦୁ ସାହୁ, ପୂର୍ବତନ ସରପଞ୍ଚ ଶିବଶଙ୍କର ସିଂ, ବାହାଦୁର ମହାନ୍ତ, ରାତାଇ ମାଝୀ, ଦଶରଥ ସିଂ, ଅଜୟ ବେହେରା, ଶିବାନନ୍ଦ ବେହେରାଙ୍କ ସମେତ ବହୁ ପୂର୍ବତନ ଛାତ୍ରଛାତ୍ରୀ ଓ ଶିକ୍ଷାପ୍ରେମୀ ଉପସ୍ଥିତ ଥିଲେ।

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



ରାସଗୋବିନ୍ଦପୁର, ୨।୧୧(ସମିସ): ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ସାମାଜିକ ଜୀବନରେ ସମାନ ସୁଯୋଗ ପ୍ରଦାନ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ରାସଗୋବିନ୍ଦପୁର ଗୋଷ୍ଠୀ ଶିକ୍ଷାକେନ୍ଦ୍ର ପରିସରରେ ଆଜି ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ରାସଗୋବିନ୍ଦପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ମୋଟ ୪୨ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏଥିମଧ୍ୟରେ ତିନିଚକିଆ ସାଇକଲ, ହୁଇଲ୍‌ଚେୟାର, ଶ୍ରବଣ ଯନ୍ତ୍ର, ସହାୟକ ବାଡ଼ି ଆଦି ଉପକରଣ ରହିଥିଲା। ବିଆରସିସି ବିଜୟ ବାରିକ, ଶରତ ପଣ୍ଡା, ହରେନ୍ଦ୍ର ଗନ୍ତାୟତ, ବିଆରଟି ଜିତେନ୍ଦ୍ର ସିଂହ, ସନ୍ତୋଷ ଗିରି ଓ ସୁଧୀର ପାତ୍ର ପ୍ରମୁଖ ଉପସ୍ଥିତ ରହି ଉପକରଣ ବଣ୍ଟନରେ ସହଯୋଗ କରିଥିଲେ। ଏହି ସହାୟକ ଉପକରଣ ପାଇବା ଦ୍ୱାରା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଯାତାୟାତ, ଶିକ୍ଷାଗ୍ରହଣ ଓ ଦୈନନ୍ଦିନ ଜୀବନ ଅଧିକ ସହଜ ହେବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ ପାଇଛି।

ବନ୍ଧମୁଣ୍ଡି ସ୍କୁଲରେ ଶିକ୍ଷକଙ୍କ ବଦଳିକୁ ବିରୋଧ

ଗେଟ୍‌ରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

ରାସଗୋବିନ୍ଦପୁର,୨।୧୧(ସମିସ):

ଶିକ୍ଷକଙ୍କ ବଦଳିକୁ କେନ୍ଦ୍ର କରି ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୋମବାର ସକାଳୁ ଉତ୍ତେଜନା ଦେଖାଦେଇଥିଲା। ବଦଳି ନିଷ୍ପତ୍ତିକୁ ବିରୋଧ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଅଭିଭାବକ ମିଳିତ ଭାବେ ସକାଳ ୭ଟାରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ତେବେ ବିଇଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।



ସୂଚନା ମୁତାବକ, ସଂଜୀବ କୁମାର ସାହୁ ଦୀର୍ଘ ୬ ବର୍ଷ ଧରି ସିଆରସିସି ଓ ପରବର୍ତ୍ତୀ ସମୟରେ ଦୁଇବର୍ଷ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପ୍ରାୟ ଏକବର୍ଷ ପୂର୍ବେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିବାବେଳେ ସେ ଏହାକୁ ନେଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଦଳି ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଉକ୍ତ ନିର୍ଦ୍ଦେଶ ସତ୍ତ୍ୱେ ପୁନର୍ବାର ତାଙ୍କୁ ଅମର୍ଦ୍ଦାସ୍ଥିତ ଏକ ବିଦ୍ୟାଳୟକୁ ବଦଳି କରାଯାଇଥିବା ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଥିଲା। ଅନ୍ୟପକ୍ଷରେ ସଂଜୀବ କୁମାର ସାହୁ ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ନାମରେ ପୂର୍ବରୁ କୌଣସି ଅଭିଯୋଗ ନ ଥିବା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରକାଶ କରାଯାଇଥିଲା। କମିଟିର ଅଧ୍ୟକ୍ଷ ଗଣେଶ ଦତ୍ତ ମଧ୍ୟ ଏହି ପ୍ରସଙ୍ଗରେ ନିଜର ମତ ରଖିଥିଲେ। ବିଦ୍ୟାଳୟ ଫାଟକରେ ତାଲା ପଡ଼ିଥିବା ଖବର ପାଇ ଏବିଓ ଓ ବିଆରସିସି ବିଜୟ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅଭିଭାବକ ଓ ଛାତ୍ରଛାତ୍ରୀ ବିଇଓ ଯତୀନ୍ଦ୍ର କୁମାର ଦତ୍ତ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ଆଲୋଚନା କରିବେ ନାହିଁ ବୋଲି ଜିଦ୍ ଧରିଥିଲେ।

ବିଇଓଙ୍କ ପ୍ରତିଶ୍ରୁତି ପରେ ଓହରିଲେ

ପରେ ବିଇଓ ଯତୀନ୍ଦ୍ର କୁମାର ଦତ୍ତ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପରାମର୍ଶକ୍ରମେ ବଦଳି ପ୍ରକ୍ରିୟାର ପୁନଃନିର୍ଦ୍ଧାରଣ କରାଯାଇ ଆସନ୍ତା ନଭେମ୍ବର ୧୦ ତାରିଖ ସୁଦ୍ଧା ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରୁ ଓହରିଥିଲେ। ଫଳରେ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ସାମୟିକ ଭାବେ ପ୍ରଶମିତ ହୋଇଛି।

ହିନ୍ଦୋଳରେ ଗଜଲକ୍ଷ୍ମୀ ପୂଜା

ଖଜୁରିଅକଟା,୨।୧୧(ସମିସ): ହିନ୍ଦୋଳ ଉପଖଣ୍ଡରେ ଧୁମଧାମରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା। ଅକ୍ଟୋବର ୨୫ରୁ କଳସଯାତ୍ରା ଓ ପୂଜା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସାମୂହିକ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ହିନ୍ଦୋଳ ଏନଏସିରେ ୧୧ ପୂଜା ପ୍ରତିଷ୍ଠାନ ଯଥା ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର, ମେଡିକାଲ ଛକ, କଲ୍ପନାବଜାର, ମୀରାବଜାର, କାରିଗର ସାହି, ନୂତନପଟଣା ସତ୍ୟସାଇ ପୂଜାକମିଟି, ନୂତନପଟଣା ଗୋପାଳ ସାହି, ନୂତନପଟଣା ରାଧାକୃଷ୍ଣ ଲକ୍ଷ୍ମୀପୂଜା, ବନମାଳୀପୁର କ, ବନମାଳୀପୁର ଖ ପ୍ରମୁଖ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ, ସୁଶୋଭିତ ସାଜସଜ୍ଜା, ଲାଇଟ, ମୂର୍ତ୍ତି, ବିଭିନ୍ନ ସେଲ୍ଫି ପଏଣ୍ଟ ସାଙ୍ଗକୁ ମିନାବଜାର, ଦୋଳି, ଫାଷ୍ଟଫୁଡ, ମନୋହରୀ ଦୋକାନ ଆଦି ଲୋକଙ୍କୁ ଆକର୍ଷିତ କରୁଛି। ଏଥିସହ ବିଭିନ୍ନ ପୂଜାପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମଙ୍କ ମନ ମୋହୁଛି । ଏନଏସି ବ୍ୟତୀତ ହିନ୍ଦୋଳ ଉପଖଣ୍ଡର ରସୋଳ, ତେଲିଭୂଇଁ, ନାଉକିଆରୀ, ସାତମାଇଲ, ଖଜୁରିଆକଟା ଆଦି ଅନେକ ସ୍ଥାନରେ ମଧ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି।



ସୁପ୍ରିମକୋର୍ଟ ଓ ହାଇକୋର୍ଟ ପକ୍ଷରୁ ଇ-ସେବା ମୋବାଇଲ ଭ୍ୟାନ

ଧୀରପାଟଣା ଗ୍ରାମରେ ଆଭାସୀ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ

ଢେଙ୍କାନାଳ,୨।୧୧(ସମିସ):

ଢେଙ୍କାନାଳ ଜିଲ୍ଲା ଧୀରପାଟଣା ଗ୍ରାମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଇ-ସେବା ମୋବାଇଲ୍ ଭ୍ୟାନ୍ ଦ୍ୱାରା ଆଭାସି ମାଧ୍ୟମରେ ସାକ୍ଷ୍ୟଗ୍ରହଣ କାରାଯାଇଛି। ଜିଲ୍ଲା ଓ ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଏହି ମୋବାଇଲ୍ ଭ୍ୟାନ୍ ଢେଙ୍କାନାଳରୁ ଧୀରପାଟଣା ଗ୍ରାମକୁ ଗସ୍ତ କରିଥିଲା। ଏହି ଅବସରରେ ଅନ୍ୟ ବିଚାରପତି ଏବଂ ଆଇନଜୀବୀ ଉପସ୍ଥିତ ଥିଲେ। ଢେଙ୍କାନାଳ ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେଙ୍ଗା ଧଳ ବିଶୋଇ ଧୀରପାଟଣା ଗ୍ରାମରେ ଏକ ଫୌଜଦାରୀ ମାମଲାରେ ୫ ଜଣ ବରିଷ୍ଠ ନାଗରିକଙ୍କ ସାକ୍ଷ୍ୟ ରେକର୍ଡ ଭିଡିଓ କନ୍‌ଫରେସିଂ ମାଧ୍ୟମରେ କରିଛନ୍ତି। ଫଳରେ ବୟସାଧିକ୍ୟ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ ଅଦାଲତକୁ ଯାତାୟାତ କରିବାରେ ସମସ୍ୟା ଭୋଗୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ନ୍ୟାୟିକ ପ୍ରକ୍ରିୟା ଅଧିକ ସୁଗମ ହୋଇପାରିଛି। ଗ୍ରାମାଞ୍ଚଳର ଲୋକେ କିପରି ସହଜରେ ଆଇନ ସହାୟତା ପାଇପାରିବେ ଏବଂ ନିଜ ନ୍ୟାୟିକ ଅଧିକାର ସମ୍ପର୍କରେ ଅବଗତ ହୋଇପାରିବେ, ସେ ନେଇ ଏହି ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ବିଭିନ୍ନ ସେବା ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ଯୋଗଦେଉଥିବା ଶ୍ରଦ୍ଧାଳୁ, ଦର୍ଶକ ଓ ସାଧାରଣ ଜନତାଙ୍କୁ ଆଇନ ସମ୍ପର୍କିତ ବିଭିନ୍ନ ବିଷୟରେ ସଚେତନ କରାଯାଉଛି। ନିଃଶୁଳ୍କ ଆଇନ ସହାୟତା, ନାଗରିକଙ୍କ ଅଧିକାର ଓ ନ୍ୟାୟ ପ୍ରାପ୍ତିର ସୁଯୋଗ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଆଇନ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଏବଂ ନ୍ୟାୟିକ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି କରିବା ଦିଗରେ ଏହି ଇ-ସେବା ମୋବାଇଲ୍ ଭ୍ୟାନ୍ ଉଲ୍ଲେଖନୀୟ ପଦକ୍ଷେପ ଭାବେ ବିବେଚିତ ହେଉଛି।



କୃଷି କର୍ମଚାରୀ ଓ ଅଧିଦର୍ଶକମାନଙ୍କ ବୈଠକ

ଢେଙ୍କାନାଳ,୨।୧୧(ସମିସ): ସ୍ଥାନୀୟ ସିଦ୍ଧ ବଳରାମ ମନ୍ଦିର ପରିସରରେ ଜିଲ୍ଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକମାନଙ୍କୁ ନେଇ ଶ୍ରୀକାନ୍ତ କୁମାର ବାହାଲିଆଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୃଷକମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ, ବିଭାଗ ତରଫରୁ କୃଷକମାନଙ୍କୁ ଦିଆଯାଉଥିବା ତାଲିମର ସଠିକ୍ ତଥ୍ୟ ଓ ଖର୍ଚ୍ଚ ଉପସ୍ଥାପନ କରା ନ ଯିବା, କର୍ମଚାରୀଙ୍କ ଗସ୍ତଖର୍ଚ୍ଚ ସହ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ତୁରନ୍ତ ସମାଧାନ ଆଦି ବିଭିନ୍ନ ସମସ୍ୟା ଓ ଦାବି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘ କର୍ମକର୍ତ୍ତା ଚୟନ କରାଯାଇଛି। କୃଷି ଅଧିଦର୍ଶକ ସଂଘ ସଭାପତି ଭାବେ ଶ୍ୱେତପଦ୍ମା ମିଶ୍ର, ଉପସଭାପତି ଶ୍ରୀକାନ୍ତ ବାହାଲିଆ, ସମ୍ପାଦକ ଅମିୟ କୁମାର ରାଉତ, ସହ ସମ୍ପାଦକ ପ୍ରକାଶ ମହାପାତ୍ର, ସଙ୍ଗଠକ ସମ୍ପାଦକ ହିରଣ୍ୟମୟୀ ବେହେରା, କୋଷାଧ୍ୟକ୍ଷ ହିମାଂଶୁ ମହାନ୍ତି ଓ ସମୀକ୍ଷକ ଭାବେ ପ୍ରକାଶ ବେହେରା ଓ ପ୍ରଦୀପ୍ତ ଧଳଙ୍କୁ ଚୟନ କରାଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ସଭାପତି ଭାବେ କଳ୍ପନା ମାର୍ଣ୍ଡି, ଉପସଭାପତି ଝରଣା ମୁଣ୍ଡା, ସମ୍ପାଦକ ଆଲୋକ ପାଣିଗ୍ରାହୀ, ସହସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ଯୁଗ୍ମ ସମ୍ପାଦକ ଯଶୋବନ୍ତ ଜେନା, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ରାଉତ ଓ ବେଣୁଧର ସାହୁ, ଗଣମାଧ୍ୟମ ସମ୍ପାଦକ ଅଞ୍ଜୁଲତା ଲାକ୍ରା, ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଓ ଉପଦେଷ୍ଟା ଭାବେ ଶିଶିର ସାହୁଙ୍କୁ ଚୟନ କରାଯାଇଛି। ଶେଷରେ ଶିଶିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜେନାଦେବୀ ପୂଜା ପ୍ରତିଷ୍ଠାନର ଶଙ୍ଖୁଡ଼ି ଭୋଗ

ଢେଙ୍କାନାଳ,୨।୧୧(ସମିସ): ଚଳିତ ବର୍ଷ ଜେନାଦେବୀ ବଜାର ପକ୍ଷରୁ ଗଜଲକ୍ଷ୍ମୀ ପୂଜା ରୌପ୍ୟଜୟନ୍ତୀ ପାଳନ ସପ୍ତମ ଦିନରେ ମା'ଙ୍କ ନିକଟରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଛି। ୧୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ଖେଚୁଡ଼ି, ଡାଲ୍‌ମା, ଆମ୍ବୁଲ ଖଟା, ଶାଗ ଓ ଖିରି ଆଦି ପ୍ରସାଦ ସେବନ କରିଥିଲେ। ଅଧ୍ୟକ୍ଷ ଅସିତ ରଥ, ସଭାପତି ସ୍ୱପ୍ନେଶ୍ୱର ସ୍ୱାଇଁ, ସ୍ମରଣିକା ସମ୍ପାଦକ ବସନ୍ତ ବେହେରା, ସମ୍ପାଦକ ସତ୍ୟାନନ୍ଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।



ଧୁମଧାମରେ ମା'ଙ୍କ ଭସାଣି ଯାତ୍ରା ସମ୍ପନ୍ନ

● ଢୋଲବାଦ୍ୟରେ କମ୍ପିଲା ଭୁବନ

ଭୁବନ,୨।୧୧(ସମିସ): ଭୁବନ ସହର ନୂଆବଜାର, ବଡ଼ହାଟ, ଅରବିନ୍ଦ ମାର୍ଗ, ରଘୁନାଥ ମଣ୍ଡପ ଓ ଲକ୍ଷ୍ମୀ ଛକ ସମେତ ବିଭିନ୍ନ ମଣ୍ଡପ ପକ୍ଷରୁ ମା'ଙ୍କ ଭସାଣି ଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ନୂଆବଜାର ମହାଲକ୍ଷ୍ମୀଙ୍କ ତରଫରୁ କୋଲକାତା ଓ ନଦିଆରୁ ଆସିଥିବା ବିଭିନ୍ନ ନୃତ୍ୟ ଓ ଢୋଲ ବାଦ୍ୟ ପରିବେଷଣ ଉତ୍ସବକୁ ଆକର୍ଷଣୀୟ କରିଥିଲା। ଢୋଲ ବାଦ୍ୟର ତାଳେ ତାଳେ ଭୁବନ ସହର ଉତ୍ସବମୁଖର ହୋଇଉଠିଥିଲା। ବଡ଼ହାଟର ଟ୍ରେନ୍, ମାଙ୍କଡ଼ ନୃତ୍ୟ, ଦ୍ରୌପଦୀ ବସ୍ତ୍ରହରଣ ଓ କମେଡି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସୁସଜ୍ଜିତ ସବାରିରେ ମା' କାଳୁଣୀ ଠାକୁରାଣୀଙ୍କ ବିଜେ ଶୋଭାଯାତ୍ରା ଢୋଲ ବାଦ୍ୟର ତାଳେ ତାଳେ ବିଭିନ୍ନ ସାହି ପରିକ୍ରମା କରିଥିଲା। ପରିକ୍ରମା ସମାପ୍ତ ହେବା ପରେ ପୁଷ୍କରିଣୀରେ ମା'ଙ୍କୁ ମେଲଣି ଦିଆଯାଇଛି।

ଆଖୁଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର

କାମାକ୍ଷାନଗର,୨।୧୧(ସମିସ): ରାଜ୍ୟର ଆଖୁଚାଷୀଙ୍କ ସମସ୍ୟା ସମାଧାନ ଓ ଚାଷକୁ ଅଧିକ ଲାଭଜନକ କରିବା ଦାବି ଉଠାଇଛି ଓଡ଼ିଶା ଆଖୁଚାଷୀ ମହାସଂଘ। ମହାସଂଘ ପକ୍ଷରୁ ଏ ନେଇ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଖୁଚାଷୀଙ୍କ ପାଇଁ ସରକାରଙ୍କ ଟେକ୍ନୋଲୋଜି ମିଶନ ଅନ୍ ସୁଗାରକେନ୍ ଡେଭଲପମେଣ୍ଟ (ଟିଏମ୍‌ଏସଡି) ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ମାଧ୍ୟମରେ ଆଖୁଚାଷର ଆଧୁନିକୀକରଣ, ଉନ୍ନତ ଚାଷ ପ୍ରଣାଳୀ ଓ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥା ଥିଲେ ମଧ୍ୟ ଏହାର ସୁଫଳ ସମସ୍ତ ଚାଷୀଙ୍କ ନିକଟରେ ପହଞ୍ଚୁ ନ ଥିବା ମହାସଂଘ ଅଭିଯୋଗ କରିଛି। ସେହିପରି ଆଖୁଚାଷ ପାଇଁ ବିଭିନ୍ନ କୃଷି ସାମଗ୍ରୀ ଓ ଚାଷ ପଦ୍ଧତି ନିମନ୍ତେ ସରକାରୀ ସବସିଡି ପ୍ରଦାନ, ଉନ୍ନତମାନର ବିହନ ଓ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବାକୁ ଦାବି କରାଯାଇଛି। ଏଥିସହ ଚାଷୀଙ୍କୁ ମିଳିବାକୁ ଥିବା ସହାୟତା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରିବାକୁ ମହାସଂଘ ପ୍ରସ୍ତାବ ଦେଇଛି। ଆଖୁଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ଆଖୁଚାଷର ପରିମାଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବାକୁ ମହାସଂଘ ତରଫରୁ ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

- ଟିଏମ୍‌ଏସଡି ଯୋଜନାର ସୁଫଳ ମିଳୁନି
- ସହାୟତା ଓ ସବସିଡି ପ୍ରଦାନ ଦାବି





ଦୁର୍ଗାବଜାର ଗଜଲକ୍ଷ୍ମୀ ପୂଜାରେ ଯୋଗଦେଲେ ମହମ୍ମଦ ମୋକିମ୍

ଢେଙ୍କାନାଳ,୨।୧୧(ସମିସ): ଢେଙ୍କାନାଳ ସହର ଦୁର୍ଗାବଜାର ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନରେ ପୂର୍ବତନ ବିଧାୟକ ତଥା ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମ୍ ଯୋଗଦେଇ ପୂଜାର୍ଚ୍ଚନା କରିଛନ୍ତି। କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରିବା ସହ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ପରେ ମୋକିମ ଢେଙ୍କାନାଳର ସମସ୍ତ ପୂଜାମଣ୍ଡପ ବୁଲି ଦର୍ଶନ କରିଥିଲେ। ଓଡ଼ିଶା ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଦେଖିବା ପାଇଁ ରାଜ୍ୟର ବହୁ ଅଞ୍ଚଳ ତଥା ରାଜ୍ୟ ବାହାରୁ ମଧ ଦର୍ଶକଙ୍କ ସମାଗମ ହୋଇଥାଏ। ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ପୂଜା ସମ୍ପନ୍ନ ନେଇ ସେ ମା'ଙ୍କ ନିକଟରେ ପ୍ରାର୍ଥନା କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ସଭାପତି ପ୍ରକାଶ ମହାନ୍ତି, ସମ୍ପାଦକ ପ୍ରଶାନ୍ତ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଗାଈ ଚୋରି ଅଭିଯୋଗରେ ଜଣେ ଗିରଫ

ଗଁଦିଆ,୨।୧୧(ସମିସ): ଗଁଦିଆ ଥାନା ସନ୍ଥପୁର ଅଞ୍ଚଳରୁ ଗାଈ ଚୋରିକରି ନେଉଥିବା ସମୟରେ ରାସ୍ତାରେ ପୁଲିସ ହାବୁଡ଼ରେ ପଡ଼ି ଗିରଫ ହୋଇଛି ଅଭିଯୁକ୍ତ। ପୁଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ବଇରୀ ଥାନା ପଦଲାପୁର ଗ୍ରାମର ମଧୁ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ନିକଟସ୍ଥ ଗୋପାଳପୁର ଗ୍ରାମର ମାନସ ସାହୁ ଗଁଦିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଦିନରେ ବୁଲାବୁଲି କରି ସୁବିଧା ଦେଖି ରାତିରେ ଗାଈ ଚୋରି କରି ବଇରୀ ଅଞ୍ଚଳରେ ବିକ୍ରି କରୁଥିଲେ। ଗତ ମାସ ୩୦ ତାରିଖ ରାତିରେ ମାନସ ଏକ ଡାଲା ଅଟୋରେ ୪ଟି ମାଈ ବାଛୁରୀ ଚୋରି କରି ନେଉଥିବା ସମୟରେ ପାଟ୍ରୋଲିଂ କରୁଥିବା ଗନ୍ଦିଆ ପୁଲିସ ମଠତେନ୍ତୁଳିଆ ଛକରେ ରାତି ପ୍ରାୟ ୩ଟାରେ ଉକ୍ତ ଗାଡ଼ିକୁ ସନ୍ଦେହରେ ଅଟକ ରଖିଥିଲେ। ପରେ ଥାନା ଏସଆଇ ଦିଲୀପ କୁମାର ସାହୁ ଗାଡ଼ି କାଗଜପତ୍ର ଯାଞ୍ଚ କରିବାରୁ ବେଆଇନ ଭାବେ ଅତି ଦୟନୀୟ ଭାବେ ଏହି ବାଛୁରୀଗୁଡ଼ିକୁ ନେଉଥିବା ଜଣାପଡ଼ିଥିଲା। ପୁଲିସ ଗାଡ଼ି ଜବତ କରିବା ସହ ମାନସଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ସବୁ ସତ ମାନିଯାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ମାନସଙ୍କୁ କୋର୍ଟ ଚାଲାଣ କରିଛି। ଉଦ୍ଧାର ବାଛୁରୀଗୁଡ଼ିକୁ ପ୍ରାଥମିକ ଚିକିତ୍ସା ପରେ ବିରାଡ଼ିଆ ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ମଧୁ ସ୍ୱାଇଁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିଥିବା ପୁଲିସ କହିଛି।

ଓଡ଼ାପଡ଼ାରେ ସ୍ଥାପନ ହେବ ସିଭିଲ ଜଜ୍ କୋର୍ଟ


ଢେଙ୍କାନାଳ,୨।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକରେ ନୂତନ ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ତରଫରୁ ଜଣାପଡ଼ିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପତ୍ରସଂଖ୍ୟା ୧୬୪୪୯/୩୦.୧୦.୨୦୨୬ ଅନୁସାରେ ରାଜ୍ୟର ୧୮ ସ୍ଥାନରେ ନୂତନ ସିଭିଲ ଜଜ କୋର୍ଟ ଜୁନିୟର ଡିଭିଜନ ତଥା ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଜିଲ୍ଲା ତଥା ସେସନ୍ସ ଜଜଙ୍କ ନିକଟକୁ ପତ୍ର ଦିଆଯାଇଛି। ଆସନ୍ତା ୬ ତାରିଖ ସୁଦ୍ଧା କୋର୍ଟ ସ୍ଥାପନ ପାଇଁ କୋର୍ଟ ହଲ, ସାକ୍ଷ୍ୟଗ୍ରହଣ ସ୍ଥାନ, ଅଭିଯୁକ୍ତଙ୍କ ସ୍ଥାନ, ମହିଳା ଏବଂ ପୁରୁଷଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ, ପ୍ରିଜାଇଡିଂ ଅଫିସରଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ସହ କୋର୍ଟ ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ାପଡ଼ା ବ୍ଲକରେ କୋର୍ଟ ହେଲେ ବହୁ ଜନସାଧାରଣ ଏହାର ସୁବିଧା ପାଇପାରିବେ।

ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶିବିର



ଢେଙ୍କାନାଳ,୨।୧୧(ସମିସ): ଛାତ୍ରୀମାନଙ୍କ ମଧ୍ୟରେ ସାମାଜିକ ସଚେତନତା, ଗୋଷ୍ଠୀ ଉନ୍ନୟନ ଏବଂ ସେବା ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ବିଦ୍ୟାଳୟ ପରିସରରେ ୭ଦିନିଆ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଛି। ଶିବିରର ଷଷ୍ଠ ଦିନ କାର୍ଯ୍ୟକ୍ରମ ପ୍ରାତଃକାଳୀନ ପ୍ରାର୍ଥନା ସଭା, ଯୋଗ ଓ ବ୍ୟାୟାମରୁ ଆରମ୍ଭ ହୋଇଥିଲା। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସକାଳ ୯ଟା ସୁଦ୍ଧା ଛାତ୍ରୀମାନଙ୍କ ପଞ୍ଜୀକରଣ କାର୍ଯ୍ୟ ସମ୍ପନ୍ନ ପରେ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା "ବାଲ୍ୟବିବାହ ସଚେତନତା' ଶୀର୍ଷକ ଏକ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏଥିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଛାତ୍ରୀମାନେ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ପଙ୍କଜ ବାରିକ ସ୍ୱେଚ୍ଛାସେବୀଙ୍କୁ ଶିବିରର ଉଦ୍ଦେଶ୍ୟ, ବିଭିନ୍ନ କାର୍ଯ୍ୟକଳାପ ଏବଂ ଦୈନନ୍ଦିନ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ। ପରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଅଭିଯାନରେ ଭାଗ ନେଇଥିଲେ। "ସାଇବର ଅପରାଧ ସଚେତନତା' ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ।


ଇକାର୍ଡା ଦ୍ୱାରା ହରଡ଼ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ



ଢେଙ୍କାନାଳ,୨।୧୧(ସମିସ): ଶଙ୍କରପୁର ଗ୍ରାମରେ "ଇକାର୍ଡା' ସଂସ୍ଥା ଦ୍ୱାରା ହରଡ଼ କ୍ଷେତ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଇକାର୍ଡାର ଦକ୍ଷିଣ ଏସିଆ ଓ ଚୀନ୍ ପାଇଁ ଆଞ୍ଚଳିକ ସଂଯୋଜକ ଡ. ଶିବ କୁମାର ଅଗ୍ରୱାଲ, ଓଡ଼ିଶା ମୁଖ୍ୟ ଡ. କିଶୋର ବେହେରା, "ଓସଓ୍ୱା' ଅନୁଷ୍ଠାନର ପରାମର୍ଶଦାତା ସତ୍ୟନାରାୟଣ ମିଶ୍ର, ଜିଲ୍ଲା ସଂଯୋଜକ ଆଶିଷ କୁମାର ଜେନା ଏବଂ ବ୍ଲକ୍ ସଂଯୋଜକ ଆଶୀର୍ବାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶଙ୍କରପୁର ଗ୍ରାମର ୨୫ ଚାଷୀଙ୍କ ଦ୍ୱାରା ପ୍ରାୟ ୨୦ ହେକ୍ଟର ଜମିରେ ଏଲ୍‌ଆର୍‌ଜି-୧୩୩-୩୩ କିସମ ଧାଡ଼ି ରୋପଣ ପ୍ରଣାଳୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାର, ଇକାର୍ଡା ଓ ଓସଓ୍ୱାର ମିଳିତ ସହଯୋଗରେ ହରଡ଼ ଚାଷ କରାଯାଇଛି। ଡ. ଅଗ୍ରୱାଲ କ୍ଷେତ୍ର ପରିଦର୍ଶନ କରିବା ସହ ଫସଲର ସଠିକ୍ ଯତ୍ନ, ଅନ୍ତ ଚାଷ ଏବଂ ଅଧିକ ଅମଳ ପାଇବା ସମ୍ବନ୍ଧରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଅମଳ ପରେ ଉତ୍ପାଦର ସଠିକ୍ ବଜାରୀକରଣ ମାଧ୍ୟମରେ କିପରି ଉଚିତ୍ ମୂଲ୍ୟ ମିଳିପାରିବ, ସେ ବିଷୟରେ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ କୃଷକଙ୍କ ସହଯୋଗରେ ସଫଳ ହୋଇଥିବା ଏହି ହରଡ଼ ଚାଷକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ପଡ଼ାତିରା ପଞ୍ଚାୟତକୁ ଶିଶୁଶ୍ରମିକମୁକ୍ତ ଘୋଷଣା


କାମାକ୍ଷାନଗର,୨।୧୧(ସମିସ):



କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ପଞ୍ଚାୟତକୁ ଶିଶୁ ଶ୍ରମିକମୁକ୍ତ ଘୋଷଣା କରାଯାଇଛି। ସରପଞ୍ଚ କରୁଣାକର ସାହୁଙ୍କ ନେତୃତ୍ୱ ଓ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ସହଯୋଗରେ ପଞ୍ଚାୟତର ମହିଳା ଓ ପୁରୁଷମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ଶିଶୁ ଶ୍ରମିକମୁକ୍ତ ଅଭିଯାନ ମାଧ୍ୟମରେ ଗାଁ ମାନଙ୍କରେ ସଚେତନତା କରିଥିଲେ। ଗାଁ ପରିକ୍ରମା ସାରି ପଡ଼ାତିରା ପୁରୁଣା ଆଇଟିଆଇ ନିକଟରେ ପହଞ୍ଚିଥିଲେ। ସେଠାରେ ସରପଞ୍ଚ କରୁଣାକର ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପଡ଼ାତିରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ନାୟକ ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ତଥା କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ମୁଖ୍ୟବକ୍ତା, ଦଶୀପୁର ସରପଞ୍ଚ ସୁଧୀର ପାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ସିଆରସିସି ହୃଷୀକେଶ ବେହେରା, ପଡ଼ାତିରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିମୟୀ ପ୍ରଧାନ, ପଡ଼ାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଷ୍ଣୁସେନ ସିଂହ, ପଡ଼ାତିରା ସିଆରସିସି ଦୁଷ୍ମନ୍ତ କୁମାର ଦେହୁରୀ, ଟିଏସ୍‌ଏଫ୍‌ର ପ୍ରୋଜେକ୍ଟ ଅଫିସର ଟି ଶିଭରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁଶ୍ରମ ପ୍ରଥା କିଭଳି ସମାଜରୁ ମୁକ୍ତ ହୋଇପାରିବ ସେ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ବାହାରେ ଥିବା ୪୪ ଶିଶୁଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତର ବୁଦ୍ଧିଜୀବୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଟିଏସ୍‌ଏଫ୍ କର୍ମଚାରୀଙ୍କ ଦ୍ୱାରା ଶିଶୁ ଶ୍ରମିକମୁକ୍ତ ଅଭିଯାନ ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଟିଏସ୍‌ଏଫ୍ କର୍ମଚାରୀ ଲଲାଟେନ୍ଦୁ ମହାନ୍ତ, ଲୀଳାବତୀ ଜ୍ୟୋତିଷ ମଞ୍ଚ ପରିଚାଳନା କରିଥିଲେ। ଟିଏସ୍‌ଏଫ୍‌ର ବ୍ଲକ କୋଅର୍ଡିନେଟର ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଟିଏସ୍‌ଏଫ୍‌ର ନଗେନ କୁମାର ସ୍ୱାଇଁ, ହରପ୍ରସାଦ ମହାନ୍ତ, ଲଲାଟେନ୍ଦୁ ମହାନ୍ତ, ଚଗଲା ସାହୁ, ଅର୍ଚ୍ଚନା ବେହେରା, ଲଜୀ ସାହୁ, ତ୍ରୈଲୋକ୍ୟ ସାହୁ, ପିଙ୍କୁ ସାହୁ, ଏଲିନା ସାମଲ, ରାଜେନ୍ଦ୍ର ସାହୁ, ନମିତା ସାହୁ, ଦେବଶ୍ମିନୀ ସାମଲ ପ୍ରମୁଖ ସହଯୋଗ କରିଥିଲେ।

୮ ଫୁଟ ଲମ୍ବ ଅଜଗର ଉଦ୍ଧାର

ଭୁବନ,୨।୧୧(ସମିସ): ଭୁବନ ବ୍ଲକ ବର୍ଣ୍ଣାଳୀ ଗ୍ରାମରୁ ୮ ଫୁଟ ଲମ୍ବ ଅଜଗର ଉଦ୍ଧାର କରାଯାଇଛି। ସାପଟି କେନାଲ ଅଞ୍ଚଳରେ ମାଛ ଧରାଳିଙ୍କ ଜାଲରେ ପଡ଼ିଯାଇଥିଲା। ସୂଚନା ପାଇ ସ୍ନେକ୍ ହେଲ୍ପଲାଇନ୍‌ର ସାପ ଉଦ୍ଧାରକାରୀ ଯଜ୍ଞଦତ୍ତ ସାହୁ ପହଞ୍ଚି ସାପ ଉଦ୍ଧାର କରି ଭୁବନ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ଓ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ସହଯୋଗରେ ସାପକୁ ସୁରକ୍ଷିତ ଭାବେ ବନଚଣ୍ଡୀ ନିକଟ ଭରତୀ ପାହାଡ଼ ଜଙ୍ଗଲରେ ଛଡ଼ାଯାଇଛି।



ଲାଲଟୁ ହତ୍ୟା ମାମଲା; ୨ ଜଣଙ୍କୁ ଆଜୀବନ କାରାଦଣ୍ଡ

ପ୍ରମାଣ ନଷ୍ଟ ପାଇଁ ଅଣ୍ଟାରେ ପଥର ବାନ୍ଧି କୂଅକୁ ଫିଙ୍ଗିଥିଲେ ଶବ

ରାଉରକେଲା, ୨।୧୧(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ଥାନା ଅଧୀନରେ ୨୦୧୭ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ସୋମବାର ରାଉରକେଲା କୋର୍ଟ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଝାଡ଼ଖଣ୍ଡର ବାସିନ୍ଦା ଲାଲଟୁ ଗୋପ ଏକ ବିବାହ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେବାକୁ ଓଡ଼ିଶା ଆସିଥିଲେ। ବିଶ୍ରା ଥାନା ଅନ୍ତର୍ଗତ ବଡ଼ଯୋଯୋଦା ଗ୍ରାମରେ ରହଣି ସମୟରେ ଜଣେ ବିବାହିତା ମହିଳାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

ମହିଳାଙ୍କ ସ୍ୱାମୀ ଜୋହରନ ବଡ଼ାଇକ ଉଭୟଙ୍କୁ ଏକାଠି ଦେଖି ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ପରବର୍ତ୍ତୀ ସମୟରେ ଯୋଗେଶ୍ୱର ସାହୁଙ୍କ ସହ ମିଶି ଲାଲଟୁଙ୍କୁ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ମୃତକଙ୍କ ଅଣ୍ଟାରେ ପଥର ବାନ୍ଧି ଶବକୁ ଏକ କୂଅରେ ଫିଙ୍ଗି ଦେଇଥିଲେ। ମାତ୍ର କିଛି ଦିନ ପରେ ଶବଟି ଭାସି ଉଠିବାରୁ କୂଅରୁ ଉଦ୍ଧାର କରାଯାଇଥିଲା ଏବଂ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା।

ବିଶ୍ରା ଥାନା ପୁଲିସ ମହିଳାଙ୍କ ସ୍ୱାମୀ ଜୋହରନ ବଡ଼ାଇକ ଓ ଯୋଗେଶ୍ୱର ସାହୁଙ୍କୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସୋମବାର ରାଉରକେଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍-୧ ମୁକ୍ତିରଞ୍ଜନ ଶତପଥୀ ମାମଲାର ବିଚାର କରି ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅଦାଲତ ଉଭୟଙ୍କୁ ଆଜୀବନ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅମ୍ବିକା ପ୍ରସାଦ ସିଂହ ଏବଂ ରବି ଶଙ୍କର ମିଶ୍ର ମାମଲା ପରିଚାଳନା କରୁଥିଲେ।

୧୨ ଜ୍ୟୋତିର୍ଲିଙ୍ଗ, ୪ ଧାମରୁ ସାଇକଲ ଯାତ୍ରା ସାରି ଫେରିଲେ ଛବିରାଜ



ଲହୁଣୀପଡ଼ା, ୨।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ଗ୍ରାମର ଛବିରାଜ ମାହାନ୍ତ ୧୨ ଜ୍ୟୋତିର୍ଲିଙ୍ଗ, ୪ ଧାମ ସହ ଲେହ-ଲଦାଖରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକଲ ଯାତ୍ରା ସାରି ଗ୍ରାମକୁ ଫେରିଛନ୍ତି। ଛବିରାଜ ଗତ ମାର୍ଚ୍ଚ ୧୫ରୁ ନିଜସ୍ୱ ଗ୍ରାମ ରାଜାମୁଣ୍ଡାରୁ ସାଇକଲ ଯାତ୍ରା ଆରମ୍ଭ କରି ସୋମନାଥ, ମଲ୍ଲିକାର୍ଜୁନ, ମହାକାଳେଶ୍ୱର, ଓମ୍କାରେଶ୍ୱର, କେଦାରନାଥ, ଭୀମଶଙ୍କର, କାଶୀ ବିଶ୍ୱନାଥ, ତ୍ରିୟମ୍ବକେଶ୍ୱର, ବଦ୍ରୀନାଥ, ଗ୍ରୀନେଶ୍ୱର, ରାମେଶ୍ୱର, ନାଗେଶ୍ୱର ଭଳି ୧୨ ଜ୍ୟୋତିର୍ଲିଙ୍ଗ ଏବଂ ରାମେଶ୍ୱରମ, ଦ୍ୱାରିକା, ବଦ୍ରିନାଥ ଓ ଜଗନ୍ନାଥ ଭଳି ୪ ଧାମ ସହ ଲେହ-ଲଦାଖରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରି ଫେରିଛନ୍ତି। ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଛକରେ ଏକାଠି ହୋଇ ନୂତନ ବସ୍ତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଛକରୁ ଘର ପର୍ଯ୍ୟନ୍ତ ଭଜନକୀର୍ତ୍ତନ କରି ବିଭିନ୍ନ ନାରା ଦେଇ ପାଛୋଟି ନେଇଥିଲେ।

କୁଆଁରମୁଣ୍ଡାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଉରକେଲା, ୨।୧୧(ସମିସ): କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୩୪ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୨୦ ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୩ ଜଣ ଆବେଦନ କରିଥିଲେ। ରାଉରକେଲା ଡିଏଫ୍‌ଓ ରବିକାନ୍ତ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କୁଆଁରମୁଣ୍ଡା ବିଡିଓ ଡା ଜଗଦୀଶ ଚନ୍ଦ୍ର ମହାନନ୍ଦ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ଥିଲେ।

ଆଦିବାସୀ ଯୁବକଙ୍କୁ ଆକ୍ରମଣ ପ୍ରତିବାଦରେ ଥାନା ଘେରଉ; ରାସ୍ତାରୋକ

କୋଇଡା, ୨।୧୧(ସମିସ): ଆଦିବାସୀ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନାରେ ଉତ୍ତେଜନା ଦେଇଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ

ବଣାଇଁ ବିଧାୟକଙ୍କ ନେତୃତ୍ୱରେ ଆଦିବାସୀଙ୍କ ପ୍ରତିବାଦ, ପୁଲିସ ସହ ଠେଲାପେଲା

ବଣାଇଁ ବିଧାୟକଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଥାନା ଘେରାଉ କରିବା ସହ ୫୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମର ପାତୁ ମୁଣ୍ଡା କିଛି ଗୋରୁ ନେଇ ଘରକୁ ଫେରୁଥିବା



ବେଳେ ଗୋରକ୍ଷକ ନାମରେ କିଛି ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତ ପାତୁଙ୍କୁ ପ୍ରଥମେ କେ. ବଲାଙ୍ଗ ଡାକ୍ତରଖାନାରେ ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ଚିକିତ୍ସା ଚାଲିଛି।

ତେବେ ଘଟଣାର ଦୁଇ ଦିନ ପରେ ମଧ୍ୟ ଅଭିଯୁକ୍ତମାନେ ଗିରଫ ହୋଇ ନ ଥିବାରୁ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଦସ୍ୟା, ବହୁ ସରପଞ୍ଚ ସମେତ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଧନୁତୀର ସହ ପ୍ରଥମେ କେ. ବଲାଙ୍ଗ ଥାନା ଘେରାଉ କରିଥିଲେ। ଏହି ସମୟରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ୫୨୦ ନମ୍ବର ଜାତୀୟ ରାଜପଥ ଉପରେ ଧାରଣାରେ ବସି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବଣାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହୃଷୀକେଶ ନାଏକ, ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ଥାନା ଅଧିକାରୀ ବିକ୍ଷୋଭକାରୀଙ୍କୁ ବୁଝାସୁଝା ସହିତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ସୂଚନାଥାଉକି କେବଲାଙ୍ଗ ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଛି।

ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟିତ

ଓଡ଼ିଶୀ, ବୋଡୋ ଓ ଆଦିବାସୀ ନୃତ୍ୟରେ ଦର୍ଶକ ବିମୋହିତ

ରାଉରକେଲା, ୨।୧୧(ସମିସ): '୨୯ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୬' ରବିବାର ରାଉରକେଲାର ଭଞ୍ଜ ଭବନ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟପ୍ରତି ଅତୁଳନୀୟ ଯୋଗଦାନ ଦେଇଥିବା କାଳଜୟୀ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମବିଭୂଷଣ ଗୁରୁ କେଳୁଚରଣ



ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ନିମନ୍ତେ ଏହି ଉତ୍ସବର ୨୯ତମ ସଂସ୍କରଣକୁ ଉତ୍ସର୍ଗ କରାଯାଇଛି।

ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦୀପିକା ମହିଳା ସଂଘଠିର ସଭାନେତ୍ରୀ ନମ୍ରତା ବର୍ମା ଏବଂ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ତଥା ଭଞ୍ଜ କଳା କେନ୍ଦ୍ରର ମୁଖ୍ୟ ପୃଷ୍ଠପୋଷକ ସୁଦୀପ ପାଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଟ୍ରଷ୍ଟିବୃନ୍ଦ ଏବଂ ଆରଏସପିର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଣାମ ଜଣାଇବା ସହ ବୈଦିକ ଶ୍ଳୋକ ପାଠ ମଧ୍ୟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଭଞ୍ଜ କଳା କେନ୍ଦ୍ରର ଯୁବ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ଦ୍ୱାରା ନୃତ୍ୟ ସଂରଚିତ ଏବଂ ଗୁରୁ ନୀଳାଦ୍ରି ମୋହନ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଆରଏସପିର ମୁଖ୍ୟ ମହାପ୍ରବନ୍ଧକ (ରକ୍ଷଣାବେକ୍ଷଣ) ତଥା ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟ ଚୌଧୁରୀ, କେନ୍ଦ୍ରର ଉପସଭାପତି ଅଲୋକ କୁମାର ବେହେରା ଏବଂ ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସଂଯୋଜନା କରିଥିଲେ। ଆରଏସପିର ଉପପ୍ରବନ୍ଧକ (ଏସ.ଏମ.ଏସ -୨) ଶଶାଙ୍କ ଶେଖର ପଟ୍ଟନାୟକ ସନ୍ଧ୍ୟାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ନିବେଶ ଦ୍ୱିଗୁଣିତ ପ୍ରଲୋଭନ ଦେଖାଇ ୧୮ .୪୦ ଲକ୍ଷ ଟଙ୍କା ଠକେଇ

ରାଉରକେଲାରୁ ମୁଖ୍ୟ ଅଭିଯୁକ୍ତକୁ ଧରିଲା ମୁମ୍ବାଇ ପୁଲିସ

ରାଉରକେଲା, ୨।୧୧(ସମିସ): ନିଧି କମ୍ପାନୀରେ ନିବେଶ କଲେ ମାତ୍ର ୨୦ ମାସ ମଧ୍ୟରେ ଅର୍ଥ ଦ୍ୱିଗୁଣିତ ହେବ ବୋଲି ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ୧୮ ଲକ୍ଷ ୪୦ ହଜାର ଟଙ୍କା ଠକେଇ ଘଟଣାରେ ଛେଣ୍ଡ ଥାନା ପୁଲିସ ସହାୟତାରେ ମୁମ୍ବାଇ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ମୁଜାଫରପୁର ଜିଲ୍ଲା ଅନ୍ତର୍ଗତ ଅହିୟାପୁର ଥାନା ଅଧୀନ ଶେଖପୁର ଅଖାଡ଼ା ଘାଟ ଅଞ୍ଚଳର ଭଗବାନ ପ୍ରସାଦ ସିଂହଙ୍କ ପୁତ୍ର ସନ୍ତୋଷ କୁମାର (୩୯)। ଗିରଫ ପରେ ସନ୍ତୋଷଙ୍କୁ ରାଉରକେଲା ଏସ୍‌ଡିଜେଏମ୍ ଅଦାଲତରେ ହାଜର କରାଯାଇଛି।

ଅଭିଯୋଗ ଅନୁଯାୟୀ, ବିହାରର ଅହିୟାପୁର ଥାନା ଅଞ୍ଚଳର ସନ୍ତୋଷ କୁମାର ଗୋରଗେଟ୍ସ ମ୍ୟୁଚୁଆଲ ବେନିଫିଟ୍ସ ନିଧି ଲିମିଟେଡ୍ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ଖୋଲି ଏହି ସଂସ୍ଥାରେ ଅର୍ଥ ନିବେଶ କଲେ ମାତ୍ର ୨୦ ମାସ ମଧ୍ୟରେ ଅର୍ଥ ଦ୍ୱିଗୁଣିତ ହେବ ବୋଲି ପ୍ରଲୋଭନ ଦେଖାଇଥିଲେ। ମହମ୍ମଦ ଫାରୁକ୍ ଚାନେ ମାନିହାର ନାମକ ଜଣେ ଜମାକାରୀ ୨୦୧୯ ନଭେମ୍ବରରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ମୋଟ ୧୮ ଲକ୍ଷ ୪୦ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ପରେ



ନିବେଶ ରାଶି ଦ୍ୱିଗୁଣିତ ହେବା ତ ଦୂରର କଥା, ମୂଳଧନ ମଧ୍ୟ ଫେରସ୍ତ ମିଳିନଥିଲା। ପୁଲିସର ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ବିଭିନ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ନିବେଶକଙ୍କ ଠାରୁ ଟଙ୍କା ଗ୍ରହଣ କରିବା ପରେ ଅନ୍ୟ ଖାତାକୁ ସ୍ଥାନାନ୍ତର କରିଥିଲେ। ଟଙ୍କା ଫେରସ୍ତ ନ ପାଇବାରୁ ମୁମ୍ବାଇର କାନ୍ଦିଭାଲି (ପଶ୍ଚିମ) ଥାନାରେ ମହମ୍ମଦ ଫାରୁକ୍ ଚାନେ ମାନିହାର ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ସନ୍ତୋଷ କୁମାରଙ୍କ ବିରୋଧରେ ଏକ ଠକେଇ ମାମଲା ରୁଜୁ କରିଥିଲା। ଏହାପରେ ସନ୍ତୋଷ ରାଉରକେଲା ଚାଲି ଆସି ଛେଣ୍ଡ ଥାନା ଅଞ୍ଚଳରେ ଲୁଚି ରହିଥିଲେ। କାନ୍ଦିଭାଲି ଥାନାର ଏସ୍‌ଆଇ ରବୀନ୍ଦ୍ର ଚଭନଙ୍କ ନେତୃତ୍ୱରେ ମୁମ୍ବାଇ ପୁଲିସର ଏକ ଟିମ୍ ଆଜି ରାଉରକେଲା ଆସିଥିଲା। ଏସପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍‌କୁ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ, ରାଉରକେଲାର ଛେଣ୍ଡ ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ସହଯୋଗ କରିଥିଲେ। ଛେଣ୍ଡ ପୁଲିସ ଚଢ଼ଉ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରି ମୁମ୍ବାଇ ପୁଲିସକୁ ହସ୍ତାନ୍ତର କରିଥିଲା। ଏହାପରେ ଅଭିଯୁକ୍ତ ସନ୍ତୋଷଙ୍କୁ ରାଉରକେଲା ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା।

ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇଁ ରେଳ ଲାଇନ ସଂଯୋଗକୁ ବିରୋଧ

ବରକାନୀରେ ଉତ୍ତେଜନା; ୪୩ ଗ୍ରାମବାସୀ ଅଟକ

ରାଉରକେଲା, ୨।୧୧ (ସମିସ): ରାଉରକେଲା ଇସ୍ପାତ କାରଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ଡୁମେରତା ପର୍ଯ୍ୟନ୍ତ ରେଳ ଲାଇନ ସଂଯୋଗ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହି ପ୍ରକଳ୍ପକୁ ସ୍ଥାନୀୟ ଗ୍ରାମବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରକାନୀ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଘଟଣାସ୍ଥଳରୁ ପୁଲିସ ୪୩ ଜଣ ଗ୍ରାମବାସୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଫଳରେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ରେଳ ପ୍ରକଳ୍ପକୁ ସ୍ଥାନୀୟ ଆଦିବାସୀଙ୍କ ବିରୋଧ ଯୋଗୁଁ ପରିସ୍ଥିତି ଏବେ ବି ଉତ୍ତେଜନାପୂର୍ଣ୍ଣ ରହିଛି।

ପ୍ରଶାସନ ଶୁଣିଲାନି: ରାସ୍ତା କଲେ ଗ୍ରାମବାସୀ



ରାଉରକେଲା, ୨।୧୧(ସମିସ): ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ଜଣାଇ ନିରାଶ ହେବା ପରେ ଶେଷରେ ଗ୍ରାମର ଲୋକେ ଏକଜୁଟ ହୋଇ ସାମୂହିକ ଉଦ୍ୟମ ଓ ଶ୍ରମଦାନ ଜରିଆରେ ଏକ ଚଳନକ୍ଷମ ରାସ୍ତା ନିର୍ମାଣ କରିଛନ୍ତି। ଘଟଣାଟି ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଳବାହାଲୀ ଗ୍ରାମ ପଞ୍ଚାୟତର ନଦୀଡିହି ଗ୍ରାମରେ।

୪ କିଲୋମିଟର ପଥୁରିଆ ରାସ୍ତାରେ ଯାତାୟାତ ହେଉଥିଲା ଦୁର୍ବିସହ

ଗାଁକୁ ସଂଯୋଗ କରୁଥିବା ପ୍ରାୟ ୪ କିଲୋମିଟର ଲମ୍ବ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିଲା। ପଥୁରିଆ ଓ ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ଚାଲି କରି ଯିବା ବି କଷ୍ଟକର ହେଉଥିବା ବେଳେ ସାଇକଲ କିମ୍ବା ବାଇକ୍‌ରେ ଯାତାୟାତ କଥା ନକହିବା ଭଲ। ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଗାଁ ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଅଟକି ରହୁଥିଲା। ବିଶେଷ କରି ରୋଗୀ, ଗର୍ଭବତୀ ମହିଳା ଏବଂ ବୃଦ୍ଧବୃଦ୍ଧାଙ୍କ ପାଇଁ ଏହି ରାସ୍ତା ଅଭିଶାପ ପାଲଟିଥିଲା।

ଏକ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପ୍ରଶାସନିକ ସହାୟତା ମିଳିବାର ଆଶା ତୁଟିଯିବା ପରେ ଗ୍ରାମବାସୀ ଏକାଠି ହୋଇ ନିଜେ ଶ୍ରମଦାନ କରି ପଥୁରିଆ ଓ ଅସମତଳ ରାସ୍ତାରେ ମାଟି ପକାଇ ଯାତାୟାତ ଉପଯୋଗୀ କରିବା ଆରମ୍ଭ କରିଛନ୍ତି। ତେବେ ଏହି ସାମୟିକ ମରାମତି ଏକ ଦୀର୍ଘସ୍ଥାୟୀ ପକ୍କା ରାସ୍ତାର ବିକଳ୍ପ ହୋଇପାରିବ ନାହିଁ। ନଦୀଡିହି ଗ୍ରାମବାସୀଙ୍କ ସୁରକ୍ଷିତ ଓ ସ୍ଥାୟୀ ଯୋଗାଯୋଗ ପାଇଁ ପ୍ରଶାସନ କେବେ ପଦକ୍ଷେପ ନେବ ଏବଂ ଏକ ପକ୍କା ରାସ୍ତା ନିର୍ମାଣ କରିବ, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏନ୍‌ଆଇଟି ରାଉରକେଲାରେ ସର୍ବଭାରତୀୟ ଆନ୍ତଃ-ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା

ଅଂଶଗ୍ରହଣ କଲେ ୧, ୧୯୮ ଛାତ୍ରଛାତ୍ରୀ





ରାଉରକେଲା, ୨।୧୧(ସମିସ)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ଅକ୍ଟୋବର ୩୦ରୁ ନଭେମ୍ବର ୧ ପର୍ଯ୍ୟନ୍ତ 'ସର୍ବଭାରତୀୟ ଆନ୍ତଃ-ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭' ଆୟୋଜିତ ହୋଇଯାଇଛି। ଦେଶର ୩୦ଟି ଏନ୍‌ଆଇଟି ଏବଂ ଆଇଆଇଇଏସ୍‌ଟି ଶିବପୁରରୁ ମୋଟ ୧, ୧୯୮ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାବିତ୍ ଏହି ତିନିଦିନିଆ କ୍ରୀଡ଼ା ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ। ଏଥିରେ ପୁରୁଷ ଓ ମହିଳା ଭଲିବଲ୍, ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ତଥା ପୁରୁଷ ହକି ଭଳି ପାଞ୍ଚଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ପି.ଟି. ଉଷା ଷ୍ଟାଡିୟମ୍, ଏନ୍‌ଆଇଟି ରାଉରକେଲା ସ୍ଥିତ ଇନ୍‌ଡୋର୍ ଷ୍ଟାଡିୟମ୍ ଏବଂ ରାଉରକେଲାର ପ୍ରସିଦ୍ଧ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନୀ ସମାରୋହରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଡିନ୍ (ଛାତ୍ର କଲ୍ୟାଣ) ପ୍ରଫେସର ରାଜୀବ କୁମାର ପଣ୍ଡା, ଷ୍ଟୁଡେଣ୍ଟସ୍ ଆକ୍ଟିଭିଟି ସେଣ୍ଟର (ଏସ୍‌ଏସି)ର ସଭାପତି ପ୍ରଫେସର ଦିଲ୍ଲୀପ ପ୍ରଧାନ, ଏସ୍‌ଏସି କ୍ରୀଡ଼ା ସୋସାଇଟିର ଉପସଭାପତି ପ୍ରଫେସର ମହମ୍ମଦ ଖାଲିଦ୍ ଗୁଲ୍ ଓ ପ୍ରଫେସର ଆଦିତ୍ୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏନ୍‌ଆଇଟିକେ ସୁରତକଲରୁ ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଭାବେ ଡକ୍ଟର ମନୋଜ ଯୋଗ ଦେଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭିଏନ୍‌ଆଇଟି ନାଗପୁର ଦଳ ଚାମ୍ପିୟନ୍ ହୋଇଥିବାବେଳେ ଏନ୍‌ଆଇଟି ୱାରଙ୍ଗାଲ ପ୍ରଥମ ରନର୍ସ-ଅପ୍ ଏବଂ ଏନ୍‌ଆଇଟି କାଲିକଟ୍ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଭିଏନ୍‌ଆଇଟି ନାଗପୁରର ଭାଗ୍ୟ ସନ୍ତୋଷୀଙ୍କୁ 'ଶ୍ରେଷ୍ଠ ଖେଳାଳି' ଭାବେ ପୁରସ୍କୃତ କରାଯାଇଥିଲା।

ସେହିପରି ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଏନ୍‌ଆଇଟି କାଲିକଟ୍ ଚାମ୍ପିୟନ୍ ହୋଇଥିବା ବେଳେ ଏନ୍‌ଆଇଟି ୱାରଙ୍ଗାଲ ଓ ଏସ୍‌ଭିଏନ୍‌ଆଇଟି ସୁରତ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏନ୍‌ଆଇଟି କାଲିକଟ୍‌ର ପବନ କଲ୍ୟାଣ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମହିଳା ଭଲିବଲ୍ ପ୍ରତିଯୋଗିତାରେ ଏନ୍‌ଆଇଟି କୁରୁକ୍ଷେତ୍ର ବିଜେତା ଟ୍ରଫି ହାସଲ କରିଥିବା ବେଳେ ଏନ୍‌ଆଇଟି କାଲିକଟ୍ ପ୍ରଥମ ରନର୍ସ-ଅପ୍ ଓ ଏନ୍‌ଆଇଟି ଜାମସେଦପୁର ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲା। ଏନ୍‌ଆଇଟି କୁରୁକ୍ଷେତ୍ରର ପଲକ ଚୌଧୁରୀ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପୁରୁଷ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଏନ୍‌ଆଇଟି ଜାମସେଦପୁର ଚାମ୍ପିଅନ୍ ହୋଇଥିବା ବେଳେ ଏନ୍‌ଆଇଟି ତିରୁଚିରାପଲ୍ଲୀ ଏବଂ ଏସ୍‌ଭିଏନ୍‌ଆଇଟି ସୁରତ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏନ୍‌ଆଇଟି ଜାମସେଦପୁରର ହିମାଂଶୁ ଡେଓଡିଆଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଏନ୍‌ଆଇଟି କାଲିକଟ୍ ଚାମ୍ପିଅନ୍ ହୋଇଥିବା ବେଳେ ଆୟୋଜକ ଏନ୍‌ଆଇଟି ରାଉରକେଲା ପ୍ରଥମ ରନର୍ସ-ଅପ୍ ଏବଂ ଏନ୍‌ଆଇଟି ତିରୁଚିରାପଲ୍ଲୀ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏନ୍‌ଆଇଟି ରାଉରକେଲାର ଅମନ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କୃତ କରାଯାଇଥିଲା।

ଏହି ସମଗ୍ର କ୍ରୀଡ଼ା ପ୍ରତିଯୋଗିତାକୁ ଏନ୍‌ଆଇଟି ରାଉରକେଲାର ଷ୍ଟୁଡେଣ୍ଟସ୍ ଆକ୍ଟିଭିଟି ସେଣ୍ଟର ଅନ୍ତର୍ଗତ 'ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ସୋସାଇଟି' ପକ୍ଷରୁ ପ୍ରଫେସର ମହମ୍ମଦ ଖାଲିଦ୍ ଗୁଲ୍ ଏବଂ ପ୍ରଫେସର ଆଦିତ୍ୟ ଦାସଙ୍କ ସଂଯୋଜନାରେ ଆୟୋଜନ କରାଯାଇଥିଲା। ଏଥିରେ କ୍ରୀଡ଼ା ଅଧିକାରୀ ସି. ଅଲଗେସନ ଏବଂ କ୍ରୀଡ଼ା ସହାୟକ ପ୍ରୀତମ କୁମାର ମିଶ୍ର ସହଯୋଗ କରିଥିଲେ।

ଟ୍ରମାକେୟାର ସେଣ୍ଟର ଗାଏବ; ଥାନାରେ ଏତଲା

ଉଦ୍‌ଘାଟନ ହେଲା, ଫଳକ ଲାଗିଲା; ଡାକ୍ତର, ନର୍ସ ଓ ସେବା କୁଆଡ଼େ ଗଲା?

ସମ୍ବଲପୁର, ୨।୧୧ (ସମିସ)



ଉଦ୍‌ଘାଟନ ହେଲା, ଫଳକ ଲାଗିଲା, କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା; ହେଲେ ଜନସାଧାରଣଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା। ୨୧.୨୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ସମ୍ବଲପୁରର ଆଧୁନିକ ଟ୍ରମା କେୟାର ସେଣ୍ଟର ଗଲା କୁଆଡ଼େ? ଏହି ପ୍ରଶ୍ନ ଉଠାଇ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ଆଜି ସମ୍ବଲପୁର ଟାଉନ୍ ଥାନାରେ ଏକ ନିଆରା ପ୍ରତିବାଦ ସହ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ଗତ ଜାନୁଆରୀ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଆଧୁନିକ ଟ୍ରମା କେୟାର ସେଣ୍ଟର ଏଯାଏ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇ ନ ଥିବା ପ୍ରସଙ୍ଗକୁ ନେଇ ସହରର ବୁଦ୍ଧିଜୀବୀ, ଶ୍ରମିକ ନେତା, ଚାଷୀ ନେତା, ଯୁବକ, ଛାତ୍ରଛାତ୍ରୀ ଓ ସଚେତନ ନାଗରିକମାନେ ଏକାଠି ହୋଇଥିଲେ। ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ପ୍ରୋଗ୍ରେସିଭ୍ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି, ହିନ୍ଦ୍ ମଜଦୂର ସଭା ଉପସଭାପତି ଗୋକୁଳ ମେହେର, ସିଟୁ ର ବରିଷ୍ଠ ନେତା ଗଦାଧର କୁଅଁର, ସମାଜସେବୀ ମହମ୍ମଦ ସନଉଲ୍ଲା ପ୍ରମୁଖ ସମ୍ବଲପୁର ଟାଉନ ଥାନାରେ ଏହି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଥାନାଧିକାରୀ ସୁବ୍ରତ ମେହେର ଅଭିଯୋଗପତ୍ର ଗ୍ରହଣ କରିଥିଲେ।

ଅଭିଯୋଗରେ ପ୍ରଶ୍ନ କରାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ୨୧.୨୮ କୋଟି ଟଙ୍କାର ଏହି ଜନସ୍ୱାସ୍ଥ୍ୟ ସମ୍ପତ୍ତି କେଉଁଠି ରହିଛି? ଏହାର ଡାକ୍ତର, କର୍ମଚାରୀ ଓ ଜରୁରୀକାଳୀନ ସେବା କାହିଁକି ଉପଲବ୍ଧ ନାହିଁ? କେହି କ'ଣ ଏହାର କାର୍ଯ୍ୟକ୍ଷମତା ଚୋରି କରିନେଇଛି? ନା' ଏହା କେବଳ ଉଦ୍‌ଘାଟନୀ ଫଳକରେ ସୀମିତ ହୋଇ ରହିଯାଇଛି? ଏକ ଆଧୁନିକ ଟ୍ରମା କେୟାର ସେଣ୍ଟରର ପରିଚାଳନା ପାଇଁ ଆନାସ୍ଥେସିଆ ବିଶେଷଜ୍ଞ, ମେଡିସିନ୍ ବିଶେଷଜ୍ଞ, ଅର୍ଥୋପେଡ଼ିକ୍ ଡାକ୍ତର, ତାଲିମପ୍ରାପ୍ତ ଟେକ୍ନିସିଆନ୍ ଓ ନର୍ସଙ୍କ ୨୪ ଘଣ୍ଟିଆ ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ। ଦୁର୍ଘଟଣାଗ୍ରସ୍ତ ଓ ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ଏହି କେନ୍ଦ୍ରର ମୂଳ ଉଦ୍ଦେଶ୍ୟ। ତେଣୁ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର, ନର୍ସ ଓ ଟେକ୍ନିସିଆନ୍ କାହାନ୍ତି ଏବଂ କେବେଠାରୁ ୨୪/୭ ସେବା ଆରମ୍ଭ ହେବ, ତାହାର ଉତ୍ତର ସ୍ୱାସ୍ଥ୍ୟ ବିଭାଗ ଦେବାକୁ ଦାବି ହୋଇଛି। ସମ୍ବଲପୁର ସହିତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ପାଇଁ ଏହି ଟ୍ରମା କେୟାର ସେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କେନ୍ଦ୍ର ହେବାର ଆଶା ରହିଥିଲା। ମାତ୍ର ଉଦ୍‌ଘାଟନର ଦୀର୍ଘ ସମୟ ପରେ ମଧ୍ୟ ଏହାର ପୂର୍ଣ୍ଣାଙ୍ଗ ସେବା ଆରମ୍ଭ ନହେବା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଓ ପ୍ରଶ୍ନ ସୃଷ୍ଟି କରିଛି।

ଏହି ସମୟରେ ପ୍ରଗତିଶୀଳ ନାଗରିକ ମଞ୍ଚର ଗୋକୁଳ ମେହେର, ଗଦାଧର କୁଅଁର, ସାମ୍ବାଦିକ ଶିବଶଙ୍କର ନନ୍ଦ, ପ୍ରିୟରଞ୍ଜନ ସାହୁ ଓ ସରୋଜ ସାହୁ, ଚାଷୀ ନେତା ସରୋଜ ମହାନ୍ତି, ଶ୍ରମିକ ନେତା ଭି. ରାମ ରାଓ, ଲଳିତ ପଟ୍ଟନାୟକ, ଅରୁଣ କୁମାର ଖୁଣ୍ଟିଆ, ଶ୍ରମିକ ନେତା ମହେଶ୍ୱର ଷଣ୍ଢ, ଅଶୋକ ପଟେଲ, ମହେଶ ସାଇତା, ପ୍ରଶାନ୍ତ ଥାପା, ବାଲ୍ମୀକି ନାୟକ, ମହମ୍ମଦ ସନାଓ୍ୱାଲା ଯୁବ ନେତା ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ସ୍ୱାଧୀନ ପଣ୍ଡା, ଦୁଲାଲ ଚନ୍ଦ୍ର ରାୟ, ନିଖିଳ ବାବୁ, ପ୍ରଜ୍ୱଳ ଧରୁଆ, ପ୍ରଭାତ ବେହେରା, ସ୍ପନ୍ଦନ କୁମାର ନନ୍ଦ, ସତ୍ୟମ ପୂଜାରୀ, ଭାସ୍କର ନାଏକ, ବିଜୟ ସାହୁ, ତପନ ସେଠ ପ୍ରମୁଖ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ।

୨୪ ଘଣ୍ଟାରେ ଅଇଁଠାପାଲି ଛକରେ ପୃଥକ୍ ଦୁର୍ଘଟଣା; ୨ ମୃତ

ସମ୍ବଲପୁର, ୨।୧୧ (ସମିସ) : ମରଣଯନ୍ତା ପାଲଟିଛି ଅଇଁଠାପାଲି ଛକ। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଦୀର୍ଘ ସମୟ ଧରି ଫ୍ଲାଏଓଭର ନିର୍ମାଣ ଚାଲିଥିବାବେଳେ ଏହି ବ୍ୟସ୍ତବହୁଳ ରାଜପଥ ବିପଦସଂକୁଳ ହୋଇପଡ଼ିଛି। ନିର୍ଦ୍ଧାରିତ ବିକଳ୍ପ ରାସ୍ତା ନଥିବା ଏବଂ ସୂଚନା ଫଳକ ନଥିବାରୁ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଅଇଁଠାପାଲି ଛକରେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଗତକାଲି ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ସ୍କୁଟିକୁ ପଛପଟୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଆଜି ସକାଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଅଇଁଠାପାଲି ଛକରେ ଗତଦିନରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ଅନେକ ମୃତାହତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଅଇଁଠାପାଲି ତଳିଛକରେ ଆଜି ପୁଣି ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାର ମୂଳବାସିନ୍ଦା ଓ ବର୍ତ୍ତମାନ ସମ୍ବଲପୁର ମୁଦିପଡ଼ା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶୈଳରାଜ ମହାରାଣା (୬୫) ଆଜି ସକାଳେ ତାଙ୍କ ସ୍କୁଟିରେ ଯାଉଥିବା ସମୟରେ ଅଇଁଠାପାଲି ତଳିଛକରେ ପଛରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରବିବାର ରାତିରେ ଟାଙ୍ଗରପାଲି ଅଞ୍ଚଳର ଦୁର୍ବାଦଳ କୁମ୍ଭାର ଓରଫ ବାଦଲ (୨୭) ନିଜ ଇଭି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଅଇଁଠାପାଲି ତଳି ଛକ ନିକଟରେ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା, ଫଳରେ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଏକତା ଦିବସରେ ନାଚିଲେ ସମ୍ବଲପୁରୀ

ସମ୍ବଲପୁର, ୨।୧୧ (ସମିସ) : ଗୁଜରାଟଠାରେ ଏକତା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାରା ଦେଶରୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଆସିଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗୁଜରାଟର ଏକତା ନଗରରେ ସମସ୍ତେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଇଷ୍ଟ ଜୋନ୍ କଲଚରାଲ ସେଣ୍ଟର, କୋଲକାତା ପକ୍ଷରୁ ସମ୍ବଲପୁରରୁ ଗୁରୁ ଆଲୋକ କୁମାର ପଣ୍ଡାଙ୍କ ନେତୃତ୍ୱରେ ୮୦ ଜଣ ସମ୍ବଲପୁରୀ ନୃତ୍ୟ କଳାକାର ଯୋଗଦେଇ ସେଠାରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଥିଲେ।



ଆଦିତ୍ୟ ଆଲୁମିନିୟମ ତରଫରୁ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ ଭ୍ରମଣ

ସମ୍ବଲପୁର, ୨।୧୧(ସମିସ): ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଏହାର ପ୍ରକଳ୍ପ 'ଅଧ୍ୟୟନ' ଅଧୀନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି), ରେଙ୍ଗାଲିକୁ ଏକ ଶିକ୍ଷଣୀୟ ଭ୍ରମଣ ବ୍ୟବସ୍ଥା କରାଯାଇଥିଲା। ଏହି ଗସ୍ତରେ କାରଖାନା ପାର୍ଶ୍ୱବର୍ତ୍ତୀ ପାଞ୍ଚଟି ପଞ୍ଚାୟତ ବୋମାଲୋଇ, ଘିଚାମୁରା, ଲପଙ୍ଗା, ଜଙ୍ଗଲା ଓ କତରବଗାର ସରକାରୀ ବିଦ୍ୟାଳୟର ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୪୫ ଜଣ ଛାତ୍ରଛାତ୍ରୀଙ୍କ ସହ ୬ ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଏହି ଛାତ୍ରଛାତ୍ରୀମାନେ ତିଲେଇମାଲ ଜ୍ଞାନାର୍ଜନ କୋଚିଂ ସେଣ୍ଟରରେ ନାମ ଲେଖାଇଛନ୍ତି। ସେଠାରେ ସେମାନଙ୍କୁ ଶୈକ୍ଷିକ ସହାୟତା ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରାଯାଉଛି।ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଏକ ଉଚ୍ଚ ସ୍ତରର ଶିକ୍ଷଣ ବ୍ୟବସ୍ଥା ଓ ଅତ୍ୟାଧୁନିକ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହାସଲ କରିବା ପାଇଁ ଆଦିତ୍ୟ ଆଲୁମିନିୟମ ଦ୍ୱାରା ଏହି ବିଶେଷ ସୁବିଧାର ଉପଲବ୍ଧି କରାଯାଇଥିଲା। ଏହି ଗସ୍ତ ସମୟରେ ଅଂଶଗ୍ରହଣକାରୀମାନେ ବିଦ୍ୟାଳୟର ଡିଜିଟାଲ ଲାଇବ୍ରେରୀ, ରସାୟନ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଲାବୋରେଟୋରୀ ଏବଂ ସଙ୍ଗୀତ ଓ କଳା କକ୍ଷ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ସଙ୍ଗୀତ ଶିକ୍ଷକଙ୍କ ସହ ଏକ ସଙ୍ଗୀତ ଅଧିବେଶନରେ ମଧ୍ୟ ଉତ୍ସାହର ସହ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଓଏଭିର ଶିକ୍ଷକମାନେ ଅଭିଭାବକମାନଙ୍କୁ 'ଆନନ୍ଦମଠ' ପୁସ୍ତକ ଏବଂ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ଗଳ୍ପ ପୁସ୍ତକ ପ୍ରଦାନ କରିଥିଲେ। ଓଏଭିର ଅଧ୍ୟକ୍ଷ ରମଣୀକାନ୍ତ ସାହୁ ଏବଂ ଅନ୍ୟ ଶିକ୍ଷକମାନେ ପିଲାମାନଙ୍କୁ ଏଭଳି ମୂଲ୍ୟବାନ ଶିକ୍ଷଣୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଆଦିତ୍ୟ ଆଲୁମିନିୟମର ସିଏସ୍‌ଆର୍ ବିଭାଗ ଦ୍ୱାରା ନିଆଯାଇଥିବା ଏହି ଅଭିନବ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।



ଦିଲ୍ଲୀ ପବ୍ଲିକ ସ୍କୁଲରେ ବାର୍ଷିକ ବିଜ୍ଞାନ ଓ ପ୍ରଦର୍ଶନୀ ମହୋତ୍ସବ



ସମ୍ବଲପୁର, ୨।୧୧(ସମିସ): ସମ୍ବଲପୁରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଶନିବାର ବାର୍ଷିକ ସ୍କୁଲ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ପ୍ରଦର୍ଶନୀରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବହୁସଂଖ୍ୟକ ଛାତ୍ରଛାତ୍ରୀ ନିଜ ନିଜର ପ୍ରତିଭା ଓ ନୂତନ ଚିନ୍ତାଧାରାକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ବିଜ୍ଞାନ, ରୋବୋଟିକ୍ସ, ସାମାଜିକ ବିଜ୍ଞାନ, ଗଣିତ ଏବଂ ସାହିତ୍ୟ ଭଳି ସମସ୍ତ ବିଷୟକୁ ନେଇ କୁନି କୁନି ବୈଜ୍ଞାନିକ ଓ ଗବେଷକମାନେ ଆକର୍ଷଣୀୟ ମଡେଲ ଉପସ୍ଥାପନ କରିଥିଲେ।ରୋବୋଟିକ୍ସ ଓ ବିଜ୍ଞାନ ବିଭାଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ପରିବେଶ ସୁରକ୍ଷା ଉପରେ ଆଧାରିତ ମଡେଲଗୁଡ଼ିକ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସେହିପରି ଗଣିତ ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ସରଳ ଶିକ୍ଷଣ ପଦ୍ଧତି ଏବଂ ଐତିହାସିକ ଓ ସାମାଜିକ ଚିନ୍ତନକୁ ପ୍ରଦର୍ଶିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ବିଷୟଗତ ବିଶେଷଜ୍ଞ, ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ଅଧ୍ୟାପକମାନେ ବିଚାରପତି ଭାବେ ଯୋଗଦେଇଥିଲେ। ବିଚାରପତିମାନେ ପ୍ରତ୍ୟେକ ପ୍ରକଳ୍ପକୁ ସୂକ୍ଷ୍ମ ଭାବେ ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀମାନଙ୍କର ଗଭୀର ଜ୍ଞାନ, ବାକ୍-ପଟୁତା ଏବଂ ସୃଜନଶୀଳତାର ଭୂୟସୀ ପ୍ରଶଂସା କରିଥିଲେ।ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଲେଙ୍କା ଓ କର୍ତ୍ତୃପକ୍ଷ ବିଚାରପତିମାନଙ୍କୁ ସମ୍ମାନିତ କରିବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଆଗାମୀ ଦିନରେ ଏହିପରି ନୂତନ ଗବେଷଣାରେ ମନୋନିବେଶ କରିବାକୁ ଉତ୍ସାହିତ କରିଥିଲେ।

ରେଢ଼ାଖୋଲ ସ୍ୱାଭିମାନ ମଞ୍ଚ ଗଠିତ

ରେଢ଼ାଖୋଲ, ୨।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୋମୁରା ସ୍ଥିତ ଦେବାଝରଣ ଠାରେ ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯୁଯୋମୁରା, ରେଢ଼ାଖୋଲ ଏବଂ ନାକଟିଦେଉଳ ବ୍ଲକର ବହୁ ସଚେତନ ନାଗରିକ ଯୋଗଦାନ କରି ମିଳିତ ଭାବେ 'ରେଢ଼ାଖୋଲ ସ୍ୱାଭିମାନ ମଞ୍ଚ' ଗଠନ କରିଛନ୍ତି। ଏହି ସଭାରେ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅବ୍ୟବସ୍ଥା ଓ ଅନଗ୍ରସରତା ନେଇ ଗଭୀର ଚିନ୍ତାପ୍ରକଟ କରାଯାଇଥିଲା। ଏଥିରେ ଯୁଯୋମୁରା ବ୍ଲକ ମଧ୍ୟରୁ ନରେଶ ପ୍ରଧାନ, ସଚିତା ନାଏକ, ସୁଦର୍ଶନ ମାଝୀ, ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ବ୍ଲକ ମଧ୍ୟରୁ ଚେରଙ୍ଗା ଦେହୁରୀ, ଶ୍ରୀକାନ୍ତ ପ୍ରଧାନ, ଜଗନ୍ନାଥ ଧଳ ନାକଟିଦେଉଳ ଅଞ୍ଚଳରୁ ହରିହର ସାହୁ ପ୍ରମୁଖଙ୍କ ସମେତ ନିର୍ବାଚନମଣ୍ଡଳୀର ବହୁ ସଚେତନ ନାଗରିକ ଉପସ୍ଥିତ ରହିଥିଲେ।


କ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ବାତିଲ

ସମ୍ବଲପୁର, ୨।୧୧ (ସମିସ) : ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ, କେତେକ ନିର୍ଦ୍ଦିଷ୍ଟ ତାରିଖରେ କିଛି ଟ୍ରେନ୍ ସେବା ବାତିଲ ରହିବ। ବାତିଲ୍ ହେବାକୁ ଥିବା ଟ୍ରେନ୍ ଗୁଡ଼ିକ ମଧ୍ୟରେ, ୨୨୮୬୧ ହାଓଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ବାତିଲ୍ ରହିବ ଏବଂ ୨୨୮୬୨ କଣ୍ଟାବାଞ୍ଜି-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୪ ତାରିଖରେ ବାତିଲ୍ ରହିବ। ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ଏବଂ ୧୮୧୦୮ ଜଗଦଲପୁର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୪ ତାରିଖରେ ବାତିଲ୍ ରହିବ। ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ଏବଂ ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ବାତିଲ୍ ରହିବ। ୨୨୮୩୯ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ଏବଂ ୨୨୮୪୦ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ବାତିଲ୍ ରହିବ। ଯାତ୍ରୀମାନଙ୍କୁ ନିଜ ଯାତ୍ରା ଯୋଜନା କରିବା ସମୟରେ ଏହି ପରିବର୍ତ୍ତନଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ଓ ଆଇସିଏଆର୍-ସିଆର୍‌ଆର୍‌ଆଇ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ବର୍ଜ୍ୟବସ୍ତୁରୁ ତିଆରି ହେବ କୃଷି ବ୍ୟବହୃତ ମାଟି

ସମ୍ବଲପୁର, ୨।୧୧(ସମିସ): ସ୍ଥାୟୀ ଶିଳ୍ପ ଅଭ୍ୟାସକୁ ଆଗକୁ ବଢ଼ାଇବା ଏବଂ ଚକ୍ରୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଦିଗରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଶିଳ୍ପଜାତ ବର୍ଜ୍ୟବସ୍ତୁ ବା ଉପ-ଉତ୍ପାଦଗୁଡ଼ିକୁ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ଏକ ମୂଲ୍ୟବାନ ମାଟି ସଂଶୋଧକ 'ଇକୋ-ଲାଇମ୍ ପ୍ଲସ୍'ରେ ପରିଣତ କରିବା ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ - କେନ୍ଦ୍ରୀୟ କୃଷି ଅନୁସନ୍ଧାନ ପ୍ରତିଷ୍ଠାନ (ଆଇସିଏଆର୍-ସିଆର୍‌ଆର୍‌ଆଇ) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର ହୋଲ୍-ଟାଇମ୍ ଡାଇରେକ୍ଟର୍ ତଥା ସି.ଇ.ଓ. ଉମେଶ ରାଏ ଏବଂ ଆଇସିଏଆର୍-ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡା ଜି.ଏ.କେ. କୁମାରଙ୍କ ଦ୍ୱାରା ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ



କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରକାଶ ସାପ୍ରା, ଆଇସିଏଆର୍-ସିଆର୍‌ଆର୍‌ଆଇର ଫସଲ ଉତ୍ପାଦନ ବିଭାଗର ମୁଖ୍ୟ ତଥା ପ୍ରମୁଖ ବୈଜ୍ଞାନିକ ଡା ପ୍ରତାପ ଭଟ୍ଟାଚାର୍ଯ୍ୟ, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍‌ର ଉପାଧ୍ୟକ୍ଷ ତଥା ଜୋନାଲ୍ ମୁଖ୍ୟ ମନୋଜ ପାଟଓ୍ୱାରୀଙ୍କ ସମେତ ଅନ୍ୟାନ୍ୟ ଜୋନାଲ୍ ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି ସହଯୋଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଳ୍ପଜାତ ଉପ-ଉତ୍ପାଦଗୁଡ଼ିକୁ କୃଷିରେ ବ୍ୟବହାର କରାଯାଉଥିବା ମୂଲ୍ୟବାନ ମାଟି ସଂଶୋଧକରେ ପରିଣତ କରି ଏହାର ଉତ୍ପାଦନକାରୀ ଉପଯୋଗକୁ ଅନୁସନ୍ଧାନ କରିବା। ହ୍ରାସ କରନ୍ତୁ, ପୁନର୍ବ୍ୟବହାର କରନ୍ତୁ ଏବଂ ପୁନଃଚକ୍ରଣ କରନ୍ତୁ' ୩ଆରର ନୀତି ଅନୁଯାୟୀ, ଏହି ପଦକ୍ଷେପଟି ଅମ୍ଳୀୟ ମାଟିର ପୁନରୁଦ୍ଧାର, ମାଟିର ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରାକୃତିକ ସମ୍ବଳ ସଂରକ୍ଷଣ ଏବଂ ଶିଳ୍ପ ବର୍ଜ୍ୟବସ୍ତୁ ହ୍ରାସ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଶିଳ୍ପ ଏବଂ ବୈଜ୍ଞାନିକ ଗବେଷଣା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଦ୍ୱାରା, ଏହି ପଦକ୍ଷେପ ଶିଳ୍ପ ସମ୍ବଳ ପୁନରୁଦ୍ଧାର ଏବଂ କୃଷି ସ୍ଥାୟୀତ୍ୱ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି। ଏହା ପରିବେଶଗତ ମୂଲ୍ୟ ସୃଷ୍ଟି କରିବା ସହିତ ସ୍ଥାୟୀ କୃଷି ଅଭ୍ୟାସକୁ ସମର୍ଥନ କରି ଶିଳ୍ପଜାତ ବର୍ଜ୍ୟବସ୍ତୁକୁ ଉପଯୋଗୀ ସମ୍ବଳରେ ପରିବର୍ତ୍ତନ କରିବାର ଚକ୍ରୀୟ ଅର୍ଥନୀତିର ବର୍ଦ୍ଧିତ ସମ୍ଭାବନାକୁ ମଧ୍ୟ ପ୍ରତିଫଳିତ କରିଥାଏ।

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ସଭା



ରେଢ଼ାଖୋଲ, ୨।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ସୋମବାର ରେଢ଼ାଖୋଲ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭୀମଭୋଇ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ନିର୍ବାଚିତ ହୋଇଥିବା ସମସ୍ତ ପଦାଧିକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଛାତ୍ର ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ଛାତ୍ର ବିଜୁ ଜନତା ଦଳର ସଭାପତି ଶିବସମ୍ଭୁ ନନ୍ଦ ଉପସ୍ଥିତ ଥିଲେ। ଏହି ସଭାରେ ଭୀମଭୋଇ ମହାବିଦ୍ୟାଳୟ ଛାତ୍ର ସଂସଦର ନବ ନିର୍ବାଚିତ ସଭାପତି ଶିବ ପ୍ରଧାନ, ଉପସଭାପତି ଅବିନାଶ ରାଉତ, ସମ୍ପାଦକ ବାଦଲ ପ୍ରଧାନ, ସହ-ସମ୍ପାଦକ ଓମ୍ ସାହୁ, କ୍ରୀଡ଼ା ସମ୍ପାଦକ ଦୀପକ ସାହୁ ଏବଂ ସାଇନ୍ସ ସୋସାଇଟି ସେକ୍ରେଟେରୀ ସମିତ ଦେହୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜିଏମ୍‌ୟୁ ଛାତ୍ରୀନିବାସ ପ୍ରବେଶ ସମୟସୀମା ବୃଦ୍ଧି ହେବ

ସମ୍ବଲପୁର, ୨।୧୧ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସ ପ୍ରବେଶ କରିବାର ଶେଷ ସମୟ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଏବଂ ଏନେଇ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଛାତ୍ର ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆଜି ଗତ ଛାତ୍ରସଂସଦ ନିର୍ବାଚନର ସ୍ୱାଧୀନ ସଭାପତି ପ୍ରାର୍ଥୀ କରନ୍ମୟ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ କୁଳପତିଙ୍କୁ ସାକ୍ଷାତ କରିଥିଲେ। ଛାତ୍ରୀନିବାସ ସମୟସୀମା ବ୍ୟତୀତ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଫାଟକ ଏବଂ ସୀମାନ୍ତ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବା, ପାର୍କିଂ ସ୍ଥାନ, ନିର୍ଜନ କରିଡର୍, ଏକାଡେମିକ୍ ବିଲ୍ଡିଂ (ଶିକ୍ଷାନୁଷ୍ଠାନ କୋଠା) ଏବଂ ଛାତ୍ର ଓ ଛାତ୍ରୀ ନିବାସ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କ୍ୟାମେରା କଭରେଜ୍; ସମସ୍ତ ଅଚଳ ସିସିଟିଭି କ୍ୟାମେରାର ମରାମତି ଏବଂ ପରିବର୍ତ୍ତନ, ୨୪/୭ କେନ୍ଦ୍ରୀକୃତ ସିସିଟିଭି ମନିଟରିଂ କକ୍ଷର ପ୍ରତିଷ୍ଠା. ବିଶ୍ୱବିଦ୍ୟାଳୟ ନିକଟରେ ଏକ ସ୍ୱତନ୍ତ୍ର ପୋଲିସ୍ ଫାଣ୍ଡି ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆଦି ବିଭିନ୍ନ ସମସ୍ୟା ବିଷୟରେ କୁଳପତି ଏବଂ ପିଜି କାଉନସିଲ ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଥିଲା। ପ୍ରତିନିଧି ମଣ୍ଡଳରେ ଛାତ୍ରନେତା ଶ୍ରୀ ସାହୁଙ୍କ ସହ, ଅଂଶୁମାନ ସାହୁ, ପ୍ରିୟାଂଶୁ ପ୍ରଧାନ, ଶିବୁ ସେଠ, ଶିବ ପ୍ରସାଦ ଦୀପ, ଗୌରବ ମହାପାତ୍ର, ଅଭିନବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।



ଛାମୁଣ୍ଡାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ସମ୍ବଲପୁର, ୨।୧୧(ସମିସ)

ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅଧୀନ ଯୁଯୁମୁରା ବ୍ଲକର ଛାମୁଣ୍ଡା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଛାମୁଣ୍ଡାସ୍ଥିତ ଉଦିତ ପ୍ରତାପ ସିଂ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ଗୌର ଗୋଠ ଚର୍ଚ୍ଚର ପୁନଃନିର୍ମାଣ କାର୍ଯ୍ୟ ପାଇଁ ବିଧାୟକ ପାଣ୍ଠିରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌଦାଗର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଯୁଗଳ କିଶୋର ସାହୁ, ସରପଞ୍ଚ ବନିତା ଭୋଇ, ସମିତି ସଭ୍ୟ ଡେଭିଡ ଉଦ୍ରା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଇସମାଇଲ ଆଜାଦ ବଡ଼େଇ, ସମ୍ପାଦକ ପ୍ରତାପ ନାୟକ, ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଦୀପ ପରିଡ଼ା, ଦୟାସାଗର ପ୍ରଧାନ, ଭରତ ଠେଲା, ରାଜକୁମାର ସାହୁ, ଘନଶ୍ୟାମ ସାହୁ, ସୁମନ୍ତ ସାହୁ, ଅଶ୍ୱିନୀ ପ୍ରଧାନ ଓ ଅଲେଖ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୌର ଗୋଠ ଠାରେ ଗେଲ ଚର୍ଚ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ତଥା ମେଘପାଲ ସରପଞ୍ଚ ମମତା ପ୍ରଧାନ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ପାଦ୍ରୀ ଶସାନ ବାଙ୍କର ଓ ସାସେନ ଟପନୋ ପ୍ରମୁଖ ଉପସ୍ଥିତ ଥିଲେ। ଚର୍ଚ୍ଚର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ଆଚାର୍ଯ୍ୟ ପ୍ରଭୁ ଯୀଶୁଙ୍କ ମାନବ ସମାଜ ପ୍ରତି ଦେଇଥିବା ମହତ୍ ଉପଦେଶ ଓ ମାନବିକ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତଙ୍କୁ ସେ ପ୍ରଭୁ ଯୀଶୁଙ୍କ ଶିକ୍ଷା ଓ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଗସ୍ତ ସମୟରେ ଛାମୁଣ୍ଡା ପଞ୍ଚାୟତର ବୁର୍ଦ୍ଧା ଗ୍ରାମସ୍ଥିତ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ସ୍ୱାଗତ କରିଥିଲେ। ନବନିର୍ମିତ ଗୋପାଳଜୀ ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ବିଧାୟକଙ୍କୁ ଅନୁରୋଧ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପର୍ଯ୍ୟାୟକ୍ରମେ ସମସ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ।





'ଖଳନାୟକ ରିଟର୍ଣ୍ଣସ୍'ରେ ସଲମାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-129 ◆TUESDAY ◆3 NOVEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨୯ ◆ମଙ୍ଗଳବାର ◆୩ ନଭେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

କମିଳା ଟ୍ରମ୍ପଙ୍କ ଲୋକପ୍ରିୟତା

୭ ରାଜ୍ୟରୁ ୬ଟିରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗରେ

■ ୱାଶିଂଟନ୍, ୨।୧୧(ଏଜେନ୍ସି): ଆମେରିକାରେ ନଭେମ୍ବର ୩ ତାରିଖରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ରିପବ୍ଲିକାନ୍ ପାର୍ଟି ପାଇଁ ଚିନ୍ତା ବଢ଼ିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ଏବଂ ମହଙ୍ଗା ଦରଦାମକୁ ନେଇ ଭୋଟରଙ୍କ ଅସନ୍ତୋଷ ଦଳର ସମର୍ଥନକୁ ପ୍ରଭାବିତ କରୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ନ୍ୟୁୟର୍କ ଟାଇମ୍ସ ଓ ସିଏନଏନ୍ ପକ୍ଷରୁ ହୋଇଥିବା ଏହି ସର୍ଭେରେ ରିପବ୍ଲିକାନ୍‌ଙ୍କ ପ୍ରଭାବ ଥିବା ୭ଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରୁ ୬ଟିରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗୁଆ ଅଛନ୍ତି। ସର୍ଭେରେ ଆଲାସ୍କା, ଆଇୱା, କାନ୍‌ସାସ୍,



ମେନ୍, ମିଚିଗାନ୍, ଓହାଇଓ ଓ ଟେକ୍ସାସ୍‌ର ଭୋଟରଙ୍କ ମତ ନିଆଯାଇଥିଲା। ମିଚିଗାନ୍, ମେନ୍, ଟେକ୍ସାସ୍, କାନ୍‌ସାସ୍, ଓହାଇଓ ଏବଂ ଆଲାସ୍କାରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗୁଆ ଥିବା ବେଳେ ଆଇୱାରେ ଉଭୟ ଦଳ ସମାନ ସ୍ଥିତିରେ ରହିଛନ୍ତି। ମହଙ୍ଗା ଦରଦାମ ପ୍ରସଙ୍ଗରେ ମଧ୍ୟ ଡେମୋକ୍ରାଟ୍‌ଙ୍କୁ ରିପବ୍ଲିକାନ୍‌ଙ୍କ ତୁଳନାରେ ୯ ପ୍ରତିଶତ ଅଧିକ ସମର୍ଥନ ମିଳିଛି। ସାତଟି ରାଜ୍ୟରେ ସ୍ୱାଧୀନ ଭୋଟରଙ୍କ ମଧ୍ୟରେ ମଧ୍ୟ ଡେମୋକ୍ରାଟ୍ ପ୍ରାର୍ଥୀ ଆଗରେ ଅଛନ୍ତି। ଅକ୍ଟୋବର ୨୩ରୁ ନଭେମ୍ବର ୧ ମଧ୍ୟରେ ୬ ହଜାରରୁ ଅଧିକ ସମ୍ଭାବ୍ୟ ଭୋଟରଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଡେମୋକ୍ରାଟ୍ ପାର୍ଟି ସିନେଟ୍‌ରେ ବହୁମତ ହାସଲ କରିବାକୁ ହେଲେ ବର୍ତ୍ତମାନର ଆସନ ବଜାୟ ରଖିବା ସହ ଅତି କମ୍‌ରେ ଆଉ ୪ଟି ଆସନ ଜିତିବାକୁ ପଡ଼ିବ।

ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ସଙ୍ଗୀନ

ସଡ଼କ ଉପରକୁ ଆସିବନି ଛଅ ବର୍ଷର ପୁରୁଣା ଗାଡ଼ି

■ ନୂଆଦିଲ୍ଲୀ, ୨।୧୧ (ଏଜେନ୍ସି): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ସଙ୍ଗୀନ ହେବାକୁ ଲାଗିଛି। ଏହାର ମୁକାବିଲା ଲାଗି ଗତକାଲିଠାରୁ ଶୀତକାଳୀନ କଟକଣା ଲାଗୁ ହୋଇଛି। ପ୍ରଥମ ଦିନରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଓ ପରିବେଶ କ୍ଷତିପୂରଣ ବାବଦରେ ମୋଟ ୬୮.୪ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହାସହିତ ୬ ବର୍ଷର ପୁରୁଣା ଗାଡ଼ିକୁ ଦିଲ୍ଲୀ ଭିତରକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ବାହାରୁ ଆସୁଥିବା ବିଏସ୍-୬ ମାନକଠାରୁ କମ୍ ଯୋଗ୍ୟତା ଥିବା ଯାନବାହନ ଦିଲ୍ଲୀରେ ପ୍ରବେଶ କରିପାରିବେ ନାହିଁ।



ସୀମାରୁ ଫେରିଲା ୧୫୩୯ ଗାଡ଼ି, ୬୨ଟି ଯାନ ଜବତ

ପ୍ରଥମ ଦିନରେ ୬୮.୪ ଲକ୍ଷ ଜରିମାନା

ଗତକାଲି ଠାରୁ କଟକଣା ଲାଗୁ ହୋଇଛି। ପ୍ରଥମ ଦିନରେ ମୋଟ ୧୪,୯୩୦ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୧୫୩୯ଟି ଗାଡ଼ିକୁ ଦିଲ୍ଲୀ ସୀମାରୁ ଫେରାଇ ଦିଆଯାଇଛି। ଏହାସହ ୧୨୭ଟି ଚାଲାଣ କଟାଯିବା ସହ ୬୨ଟି ଗାଡ଼ି ଜବତ ହୋଇଛି। ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବା ୫୬୬ଟି ଗାଡ଼ିରୁ ୫୬.୬ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ନିର୍ମାଣସ୍ଥଳରେ ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ ୯.୮ ଲକ୍ଷ ଟଙ୍କା ପରିବେଶ କ୍ଷତିପୂରଣ ଲଗାଯାଇଛି। ପ୍ରଶାସନ ପକ୍ଷରୁ ୩୦୦ଟି ନିର୍ମାଣ ଓ ଭଙ୍ଗାଭଙ୍ଗି ▶ପୃଷ୍ଠା-୭

'ମୁରାସୁ' ହେବ ପ୍ରଭାବହୀନ

ଓଡ଼ିଶା ଉପରୁ ଅରେଞ୍ଜ ଆଲର୍ଟ ହଟାଇଲା ଆଇଏମ୍‌ଡି

ଦୁଇ ଦିନ କୋହଲା ପାଗ, କାଁ ଭାଁ ବର୍ଷା

ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ଭାରୀ ବର୍ଷା



■ ଭୁବନେଶ୍ୱର, ୨।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା "ମୁରାସୁ' ବର୍ତ୍ତମାନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ସୋମବାର ରାତି ୮ଟା ସୁଦ୍ଧା ଏହା ଘଣ୍ଟା ପ୍ରତି ୧୦ କିମି ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ୁଛି। ଏଭଳି ସ୍ଥିତି ଜାରି ରହିବା ସହ ସୋମବାର ରାତି ୧୧ଟାରୁ ଭୋର୍ ୪ଟା ମଧ୍ୟରେ ଏହା ଏକ ଭୀଷଣ ବାତ୍ୟା ରୂପରେ ଆନ୍ଧ୍ରପ୍ରଦେଶ ଉପକୂଳର ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଓଙ୍ଗୋଲ୍‌ର ଦକ୍ଷିଣ ପାଶ୍ୱର୍ରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିମି ଓ ଝଟ୍‌କା ପବନ ୧୨୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ।

ସ୍ଥଳଭାଗ ଅତିକ୍ରମ କରିବା ପରେ ବାତ୍ୟାଟି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ତେବେ ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ▶ପୃଷ୍ଠା-୭

ପୁଣି ବର୍ଷାରେ ଭିଜିଲା ଗଞ୍ଜାମ

■ ବ୍ରହ୍ମପୁର, ୨।୧୧ (ସମିସ): ବାତ୍ୟା ଅର୍ଣ୍ଣବର ବିଭୀଷିକାରୁ ଗଞ୍ଜାମ ଜିଲ୍ଲାବାସୀ ମୁକୁଳି ନ ଥିବା ବେଳେ ପୁଣି ବର୍ଷା ବିପତ୍ତି ଚିନ୍ତା ବଢ଼ାଇଛି। ବିଶେଷକରି ବନ୍ୟାରେ ଚାଷଜମି ଜଳମଗ୍ନ ହେବା ସହ ଫସଲ ନଷ୍ଟ ହୋଇଛି। ଏବେ ଲଗାତାର ବର୍ଷା ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ସୋମବାର ଜିଲ୍ଲାର ବିଭିନ୍ନ ବର୍ଷା ମାପକ କେନ୍ଦ୍ରରେ ରେକର୍ଡ ହୋଇଥିବା ବର୍ଷା ଅନୁସାରେ ଅପରାହ୍ନ ୪ଟା ସୁଦ୍ଧା ପାତ୍ରପୁରରେ ସର୍ବାଧିକ ୩୮ ମିମି ବର୍ଷା ହୋଇଥିବା ବେଳେ ଚିକିଟିରେ ୩୦.୬ ମିମି ରେକର୍ଡ ହୋଇଛି। ୧ ତାରିଖ ସକାଳ ୮ଟା ୩୦ରୁ ନଭେମ୍ବର ୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ▶ପୃଷ୍ଠା-୭

ପାତ୍ରପୁରରେ ସର୍ବାଧିକ ୩୮ ମିମି

ଗୁମୁରି କାନ୍ଦୁଛି ଗିଡ଼ିପାବାଲି | ମାଟି ତଳୁ ଜୀବନ ଖୋଜା

ଭୂସ୍ଖଳନରେ ୧୩ ନିଖୋଜ, ମିଳିଲା ଆଉ ଜଣଙ୍କ ମୃତଦେହ

■ ବ୍ରହ୍ମପୁର/ଜି. ଉଦୟଗିରି,୨।୧୧(ସମିସ): ମାଟି ତଳେ ଚାପି ହୋଇ ରହିଛି ଜୀବନ। ଉପରେ ମାଟି ଓ ପଥରର ବିଶାଳ ପାହାଡ଼, ତଳେ ନିଜ ଲୋକଙ୍କୁ ଖୋଜୁଛନ୍ତି ଆତ୍ମୀୟସ୍ୱଜନ। ସମୟ ଗଡ଼ୁଛି, ଆଶା କ୍ଷୀଣ ହେଉଛି, ହେଲେ ମାଟି ତଳୁ ଜୀବନର ସନ୍ଧାନ ଏଯାଏଁ ଶେଷ ହୋଇନାହିଁ। ଅର୍ଣ୍ଣବର ତାଣ୍ଡବ ପରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ

ଉଦ୍ଧାର କାର୍ଯ୍ୟ ଜୋର୍‌ଦାର୍

ସନ୍ଧାନୀ 'ସୁଲତାନ୍' ଉପରେ ଭରସା

ବାଇବାଲି ପଞ୍ଚାୟତ ଅନ୍ତର୍ଗତ ଗିଡ଼ିପାବାଲିର ଭୂସ୍ଖଳନ ଏବେ ଭୟାବହ ମାନବୀୟ ବିପର୍ଯ୍ୟୟର ଚିତ୍ର ସାମ୍ନାକୁ ଆଣିଛି। ୧୩ରୁ ଅଧିକ ଜଣ ନିଖୋଜ ଥିବାବେଳେ ଏଯାଏଁ ଦୁଇଟି ମୃତଦେହ ଉଦ୍ଧାର ହୋଇଛି। ଉଦ୍ଧାର କାର୍ଯ୍ୟରେ ଏକାଧିକ ବିଭାଗ ନିୟୋଜିତ ଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳୁନଥିବାରୁ ପ୍ରଶାସନିକ ପ୍ରସ୍ତୁତି ଓ ଉଦ୍ଧାର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ସମୟରେ ଅଗ୍ନିଶମ ବିଭାଗର ସନ୍ଧାନୀ କୁକୁର "ସୁଲତାନ' ଉପରେ ସମସ୍ତଙ୍କ ନଜର। ଗତକାଲି ଜଣଙ୍କ ମୃତଦେହ ଚିହ୍ନଟ ହେବା ପରେ ଆଜି ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଥିଲା।



ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗର ଟିମ୍, ସନ୍ଧାନୀ କୁକୁର ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ଚାଲିଥିଲା ଖୋଜାଖୋଜି। ବିଶାଳ ପଥର ଓ ମାଟି ହଟାଇବା ଉଦ୍ୟମ ମଧ୍ୟରେ ବାଧା ସୃଷ୍ଟି କରୁଥିବା ପଥରକୁ ନିୟନ୍ତ୍ରିତ ବିସ୍ଫୋରଣ ମାଧ୍ୟମରେ ହଟାଇବା ପରେ ଆଉ ଏକ ମୃତଦେହର ସନ୍ଧାନ ମିଳିଥିଲା। ଉଦ୍ଧାର ହୋଇଥିବା ମୃତଦେହଟି ୨୭ବର୍ଷୀୟ ସନମାନ ପ୍ରଧାନଙ୍କର ବୋଲି ତାଙ୍କ ଭାଇ ମଙ୍ଗନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସନମାନଙ୍କ ମୃତ୍ୟୁ ଖବର ତାଙ୍କ ପରିବାର ପାଇଁ ଅସହ୍ୟ ଦୁଃଖ ଆଣିଦେଇଛି। ତାଙ୍କର ସ୍ତ୍ରୀଙ୍କ ସହ ଦୁଇ ଯାଆଁଳା ପୁଅ ଅଛନ୍ତି। ପରିବାରର ମୁଖ୍ୟ ଆଶ୍ରୟ ହରାଇବା ପରେ ଏହି ଦୁଇ ଶିଶୁଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ଗୋଟିଏ ପଟେ ମାଟି ତଳୁ ମୃତଦେହ ମିଳୁଛି, ଅନ୍ୟପଟେ ନିଖୋଜ ପରିବାର ସଦସ୍ୟଙ୍କ ଅପେକ୍ଷାରେ ଗାଁରେ ଶୋକାକୁଳ ପରିବେଶ ଲାଗି ରହିଛି। ଏହି ଉଦ୍ଧାର ଅଭିଯାନରେ ସନ୍ଧାନୀ କୁକୁର ସୁଲତାନର ଭୂମିକା ଏବେ ଚର୍ଚ୍ଚାର କେନ୍ଦ୍ର। ମାଟି ଓ ପଥର ତଳେ ଚାପି ରହିଥିବା ଲୋକଙ୍କ ସନ୍ଧାନରେ ଏହାର ସହାୟତା ନିଆଯାଉଛି। ଅନ୍ୟପଟେ ଏତେ ବଡ଼ ବିପର୍ଯ୍ୟୟ ପରେ ଉଦ୍ଧାର କାର୍ଯ୍ୟର ଗତି, ଆବଶ୍ୟକ ଯନ୍ତ୍ରପାତି, ମାଟି ଓ ପଥର ହଟାଇବା ବ୍ୟବସ୍ଥା ଏବଂ ସମନ୍ୱୟକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏକାଧିକ ସଂସ୍ଥା ମୁତୟନ ହୋଇଥିଲେ ମଧ୍ୟ ୧୩ଜଣଙ୍କ ସନ୍ଧାନ ମିଳିପାରି ନଥିବା ଘଟଣା ପ୍ରଶାସନର ଦକ୍ଷତାକୁ କାଠଗଡ଼ାକୁ ଟାଣିଛି। ଗିଡ଼ିପାବାଲିରେ ଦୁଇଟି ମୃତଦେହ ମିଳିବା ପରେ ଅବଶିଷ୍ଟ ନିଖୋଜଙ୍କ ସନ୍ଧାନ ପାଇଁ ଅଭିଯାନ ଜାରି ରହିଛି।

ଗଞ୍ଜାମ ବନ୍ୟା ମନୁଷ୍ୟକୃତ: ସୁଜାତା

ଲକ୍ଷ ଲକ୍ଷ ଲୋକଙ୍କ ଦୁର୍ଦ୍ଦଶାର ଜବାବ ଦେବେକି ବିଜେପି ସରକାର

■ ଭୁବନେଶ୍ୱର, ୨।୧୧ (ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା କାରଣରୁ ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମ ଜିଲ୍ଲାରେ ହୋଇଥିବା ଅଭାବନୀୟ କ୍ଷୟକ୍ଷତିକୁ ନେଇ ରାଜ୍ୟ ସରକାର, ଜଳ ସମ୍ପଦ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର କାର୍ଯ୍ୟ ପଦ୍ଧତି ଉପରେ ଅଙ୍ଗୁଳି ଉଠାଇଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ। ଗଞ୍ଜାମ ଜିଲ୍ଲାରେ ଜଳ ପରିଚାଳନା ଏବଂ ବନ୍ୟା ମୁକାବିଲାକୁ ନେଇ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି।



ଜଳସମ୍ପଦ ବିଭାଗର କାର୍ଯ୍ୟପଦ୍ଧତିକୁ ନେଇ ଉଠାଇଲେ ଏକାଧିକ ପ୍ରଶ୍ନ

ଆଇଏମ୍‌ଡି ସୂଚନା ସତ୍ତ୍ୱେ ବିଳମ୍ବରେ ଖୋଲିଥିଲା ଜଳଭଣ୍ଡାର ଗେଟ୍


ତଳିଆ ଅଞ୍ଚଳକୁ ଦିଆଯାଇ ନ ଥିଲା ଗେଟ୍ ଖୋଲିବାର ଆଗୁଆ ସୂଚନା

ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଆଗୁଆ ସତର୍କ ସୂଚନା ଜାରି ସତ୍ତ୍ୱେ ଡ୍ୟାମ୍, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ଆରମ୍ଭ କରି ଚେକ୍ ଡ୍ୟାମ୍ ପରିଚାଳନାରେ ଗୁରୁତର ତ୍ରୁଟି କାରଣରୁ ଗଞ୍ଜାମ ଏତେବଡ଼ କ୍ଷତି ସହିଲା ବୋଲି ସୁଜାତା କହିଛନ୍ତି। ଗଞ୍ଜାମ ବନ୍ୟା ମନୁଷ୍ୟକୃତ ଏବଂ ପରିଚାଳନାଗତ ବିଭ୍ରାଟ ଯୋଗୁ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ଏବେ ସୁଦ୍ଧା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ଅକ୍ଷମଣୀୟ ଅବହେଳା ପାଇଁ ଦାୟୀ କିଏ? ସେ ନେଇ ରାଜ୍ୟ ବିଜେପି ସରକାର ଜବାବ ଦେବେ କି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଗଞ୍ଜାମ ଜିଲ୍ଲାର ଦୁର୍ଦ୍ଦଶା ସମ୍ପର୍କରେ ଉଲ୍ଲେଖ କରି ସୁଜାତା କହିଛନ୍ତି ଯେ ଅକ୍ଟୋବର ୨୩ ତାରିଖରୁ ହିଁ ସମ୍ଭାବ୍ୟ ▶ପୃଷ୍ଠା-୭

ହାଇକୋର୍ଟରେ ସୁଶାନ୍ତ ନାଥଙ୍କ ଆଗୁଆ ଜାମିନ ଆବେଦନ

■ କଟକ,୨।୧୧(ସମିସ): ଚୌଦ୍ୱାର ଥାନା ମାମଲାରେ ସମ୍ଭାବ୍ୟ ଗିରଫଦାରୀରୁ ବର୍ତ୍ତିବା ପାଇଁ ପୂର୍ବତନ ଜେଲ୍ ଡିଜି ତଥା ବର୍ତ୍ତମାନ ଗୃହ ବିଭାଗର ଓଏସଡି ଭାବେ ଅବସ୍ଥାପିତ ସୁଶାନ୍ତ କୁମାର ନାଥ ଓ ତାଙ୍କ ସହଯୋଗୀ କୁଳଦୀପ ରଥ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରଛନ୍ତି। ଏଥି ସହ ଚୌଦ୍ୱାର ଥାନାରେ ରୁଜୁ ଅପରାଧିକ ମାମଲା ରଦ୍ଦ ପ୍ରାର୍ଥନା କରି ସେମାନଙ୍କ ତରଫରୁ ପୃଥକ ମାମଲା ହାଇକୋର୍ଟରେ ଦାୟର କରାଯାଇଛି। ଗତ ଅକ୍ଟୋବର ୩୧ ତାରିଖରେ ଜଣେ ▶ପୃଷ୍ଠା-୭



ପରଲୋକରେ ଡାକ୍ତର ଅଶୋକ ମହାପାତ୍ର

■ ଭୁବନେଶ୍ୱର, ୨।୧୧ (ସମିସ): ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୯.୧୫ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୭୪ ବର୍ଷ ବୟସ୍କ ଖ୍ୟାତନାମା ଡା ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ସମେତ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଅକ୍ଟୋବର ୨ରୁ ଦିଲ୍ଲୀ ଏମ୍‌ସରେ ଥିଲେ ଚିକିତ୍ସାଧୀନ

ଯୋଡାମୁଣ୍ଡ ଶିଶୁଙ୍କ ଅସ୍ତ୍ରୋପଚାରର ମୁଖ୍ୟ ସୂତ୍ରଧର



ସୂଚନା ଅନୁଯାୟୀ, ପ୍ରବଳ ମୁଣ୍ଡବିନ୍ଧା ଓ ସ୍ନାୟୁଜନିତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ସେପ୍ଟେମ୍ବର ମାସରେ ପ୍ରଥମେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ସହାୟତାରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ମସ୍ତିଷ୍କଜନିତ ରୋଗ ସହ ଗୁରୁତର ସ୍ନାୟୁଜନିତ ସମସ୍ୟା ଯୋଗୁଁ ସେ ଚିକିତ୍ସାଧୀନ ଥିଲେ। ଡା. ମହାପାତ୍ର ଦେଶର ଜଣେ ଖ୍ୟାତନାମା ନ୍ୟୁରୋସର୍ଜନ ଭାବେ ▶ପୃଷ୍ଠା-୭

କାଠଗଡ଼ାରେ ମନ୍ତ୍ରୀ ଓ ଜଳସମ୍ପଦ ବିଭାଗ | ବିଭୀଷିକା ପଛରେ ଅବହେଳା

■ ଭୁବନେଶ୍ୱର/ବ୍ରହ୍ମପୁର, ୨।୧୧ (ସମିସ): ବାତ୍ୟା ଆସିବା ପୂର୍ବରୁ ରେଡ୍ ଆଲର୍ଟ ଜାରି ହୋଇଥିଲା। ପ୍ରବଳ ବର୍ଷା ଓ ବନ୍ୟା ଆଶଙ୍କା ନେଇ ଆଗୁଆ ସତର୍କ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ ବିଭୁତି ଜେନାଙ୍କ ଉପରେ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ ଥିଲା। ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ଜଳସମ୍ପଦ ବିଭାଗ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ପ୍ରସ୍ତୁତି ପାଇଁ ଯଥେଷ୍ଟ ସୂଚନା ଓ ସମୟ ଥିଲା। ତଥାପି ତିନି ଦଶନ୍ଧି ପରେ ତିନିଟି ଜିଲ୍ଲା ଏକ ଭୟଙ୍କର ବିପତ୍ତି ଓ ବିଭୀଷିକାକୁ ସାମ୍ନା କଲା। ସତର୍କ ସୂଚନା ଥାଇ ବି ଆଗୁଆ ପ୍ରସ୍ତୁତି ହୋଇ ପାରିଲା ନାହିଁ। ଯାହାକି ସରକାର, ଦାୟିତ୍ୱରେ ଥିବା ମନ୍ତ୍ରୀ, ଯନ୍ତ୍ରୀ, ଅଧିକାରୀଙ୍କୁ ପାରିବାପଣିଆ ଉପରେ ଉଠାଇଛି ପ୍ରଶ୍ନ। ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାର ସାଂଘାତିକ ସ୍ଥିତି ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି, ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶାର ସୁନାମ ମାଟି କାଦୁଅରେ ମିଶିଯାଇଛି।

ତିନି ଦଶନ୍ଧି ପରେ ଗଞ୍ଜାମରେ ଅଭୂତପୂର୍ବ ବନ୍ୟା ପରିସ୍ଥିତି

ଭାସିଗଲା ଦୁଇ ଗାଁ, ଅନେକ ପରିବାରର ପତ୍ତା ମିଳୁନାହିଁ

ମାଟିତଳୁ ଉଦ୍ଧାର ହେଉଛି ଗୋଟିଏ ପରେ ଗୋଟିଏ ଶବ



ପାଣିପାଗ ବିଭାଗର ରେଡ୍‌ର୍ ଆଲର୍ଟ ଅର୍ଥ ତୁରନ୍ତ ସତର୍କ ହେବା, ସାବଧାନ ରହିବା ଓ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର ଓ ଥଇଥାନ କରାଯିବା। ମାତ୍ର ଏ କ୍ଷେତ୍ରରେ ଯେଉଁ ଯେଉଁ ତତ୍ପରତା ଓ ନେତୃତ୍ୱର ଆବଶ୍ୟକତା ଥିଲା, ତାହା ଦେଖିବାକୁ ମିଳିନଥିଲା। ବିପଦର ଗମ୍ଭୀରତା ବୁଝି ପ୍ରଶାସନକୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା, ଜଳଭଣ୍ଡାରଗୁଡ଼ିକର ସ୍ଥିତି ସମୀକ୍ଷା କରିବା ଏବଂ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଆଗୁଆ ତଦାରଖ ଜରୁରୀ ଥିଲା। କିନ୍ତୁ ଜିଲ୍ଲାର ଦାୟିତ୍ୱରେ ଥିବା ମନ୍ତ୍ରୀ ଏହାକୁ ସମ୍ଭବତଃ ଗୁରୁତ୍ୱ ଦେଲେ ନାହିଁ। କେବଳ ଅଧିକାରୀଙ୍କୁ ଧରି ବୁଲିଲେ ବିପର୍ଯ୍ୟୟ ପରିଚାଳନା ହୁଏନାହିଁ, ଏ କଥା ସେ ବୁଝି ପାରିଲେ ନାହିଁ। କେବଳ ମନ୍ତ୍ରୀ ନୁହନ୍ତି, ଜଳସମ୍ପଦ ବିଭାଗର ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଗଞ୍ଜାମ ଜିଲ୍ଲାର ପାଞ୍ଚଟି ଜଳଭଣ୍ଡାରର ଜଳସ୍ତର ଓ ଜଳ ନିଷ୍କାସନକୁ ନେଇ ଯେଉଁ ସତର୍କତା ଆବଶ୍ୟକ ଥିଲା, ତାହା ପ୍ରଦର୍ଶନ କରାଯାଇଥିଲା କି? ବର୍ଷା ▶ପୃଷ୍ଠା-୭

ସରକାରଙ୍କୁ ଝଟ୍‌କା | ଗୁମର ଖୋଲିଲା ଆଇଏମ୍‌ଡି

'ରେଡ୍ ଆଲର୍ଟ'ର ଅର୍ଥ 'ଟେକ୍ ଆକ୍ସନ୍: ନିର୍ଦ୍ଦେଶିକା

■ ଭୁବନେଶ୍ୱର, ୨।୧୧ (ସମିସ): ପାଣିପାଗ ବିଭାଗକୁ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ସରକାରଙ୍କୁ ଲାଗିଛି ଝଟ୍‌କା। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି 'ଅର୍ଣ୍ଣବ' ବାତ୍ୟା ଓ ବର୍ଷା ପ୍ରଭାବ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇଥିବା ଓ ରେଡ୍ ଆଲର୍ଟ ଦିଆଯାଇଥିବା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ରେଡ୍ ଆଲର୍ଟ ଜାରି କରାଯାଇଥିଲା। ରେଡ୍ ଆଲର୍ଟର ଅର୍ଥ 'ଟେକ୍ ଆକ୍ସନ'। ନିୟମିତ ଦୁଇ ଦିନ ପାଇଁ ଗଞ୍ଜାମ ଗଜପତିକୁ ରେଡ୍ ଆଲର୍ଟ ଜାରି ହୋଇଥିଲା ବୋଲି ଡଃ ମହାନ୍ତି ସ୍ପଷ୍ଟ କରିଛନ୍ତି। ରେଡ୍ ଆଲର୍ଟ ପରେ ଆଉ କୌଣସି ଆଲର୍ଟ ନାହିଁ ବୋଲି ସେ କହିଛନ୍ତି।

ଗଞ୍ଜାମ ଓ ଗଜପତି ପାଇଁ ଜାରି ହୋଇଥିଲା ରେଡ୍ ଆଲର୍ଟ

ଗଞ୍ଜାମରେ ବାତ୍ୟା ଓ ବନ୍ୟା ବିଭୀଷିକା ପରେ ସରକାର ବାତ୍ୟାର ଗତିପଥ ଓ ଅକସ୍ମାତ ବର୍ଷାକୁ ନେଇ ପରୋକ୍ଷରେ ଆଇଏମଡି ଆକଳନକୁ ଦାୟୀ କରିଥିଲେ। ସରକାର ▶ପୃଷ୍ଠା-୭

୨/୧୧/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୪,୧୬,୩୪୭/- ସୁନା:୦୨.୦୦୦ ଗ୍ରାମ୍ ରୁପା: ୨୧.୦୦୦ ଗ୍ରାମ୍



ଚିକିତ୍ସା ଅବହେଳାରୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ଅଭିଯୋଗ

ପୁରୀ,୨।୧୧(ସମିସ): ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଏକ ନବଜାତ ଶିଶୁର ମୃତ୍ୟୁକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଦ୍ୱିତୀୟ ସନ୍ତାନ ପ୍ରସବ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ମହିଳାଙ୍କ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ଘଟଣାକୁ ନେଇ ପରିବାର ପକ୍ଷରୁ ଚିକିତ୍ସା ଅବହେଳାର ଗୁରୁତର ଅଭିଯୋଗ ଆସିଛି। ଡାକ୍ତରଖାନା କର୍ମଚାରୀଙ୍କ ଅବହେଳା ଓ ନର୍ସଙ୍କ ଆସିବାରେ ବିଳମ୍ବ ଯୋଗୁଁ ଏଭଳି ଦୁଃଖଦ ପରିସ୍ଥିତି ଉପୁଜିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରସୂତି ବିଭାଗରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିଲା।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳ ରାଏବିଧାର ଗ୍ରାମର ମନୋଜ କୁମାର ମଙ୍ଗରାଜଙ୍କ ସ୍ତ୍ରୀ ସସ୍ମିତା ପ୍ରଧାନ ଦ୍ୱିତୀୟଥର ପ୍ରସବ ପାଇଁ ରବିବାର ସନ୍ଧ୍ୟାରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ସେ ପ୍ରସବ ଯନ୍ତ୍ରଣା ଅନୁଭବ କରୁଥିବାରୁ ତାଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ଯନ୍ତ୍ରଣା



ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ପାଇଁ ଏକ ଇଞ୍ଜେକ୍ସନ ଦିଆଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ଅଭିଯୋଗ ଅନୁସାରେ, ଇଞ୍ଜେକ୍ସନ ନେବା ପରେ ସସ୍ମିତାଙ୍କ ପ୍ରସବ ଯନ୍ତ୍ରଣା ଆହୁରି ବଢ଼ିଥିଲା। ଏହାପରେ ଡ୍ୟୁଟିରେ ଥିବା ନର୍ସ ତାଙ୍କୁ ରାତି ୨ଟା ପର୍ଯ୍ୟନ୍ତ ଚଲାବୁଲା କରିବା ସହ ତରଳ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସୋମବାର ପୁଣିଥରେ ସସ୍ମିତାଙ୍କ ପ୍ରସବ ଯନ୍ତ୍ରଣା ଅସହ୍ୟ ହୋଇପଡ଼ିଥିଲା। ଏହି ସମୟରେ ଆବଶ୍ୟକ ଚିକିତ୍ସା ଓ ତତ୍ପରତାକୁ ନେଇ ପରିବାର ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଶେଷରେ ଅପରାହ୍ଣରେ ମା'ଙ୍କ ଗର୍ଭରେ ଥିବା ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଖବର ପରିବାରକୁ ଦିଆଯାଇଥିଲା। ଏହି ଖବର ଶୁଣି ପରିବାର ଲୋକେ ଭାଙ୍ଗିପଡ଼ିବା ସହ ଚିକିତ୍ସା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପ୍ରସୂତିଙ୍କ ଅବସ୍ଥା ଉପରେ ଠିକ୍ ଭାବେ ନଜର ରଖାଯାଇ ନ ଥିଲା। ନର୍ସ ଆସିବାରେ ଅହେତୁକ ବିଳମ୍ବ ଓ ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁଟିର ମୃତ୍ୟୁ ହେଲା। ଏହି ଘଟଣା ପରେ ପ୍ରସୂତି ବିଭାଗରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକଙ୍କ ଅସନ୍ତୋଷ ଓ ହୋ-ହଲ୍ଲା ଯୋଗୁଁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ଓ ହସ୍ପିଟାଲ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଘଟଣା ସରକାରୀ ଚିକିତ୍ସାଳୟରେ ପ୍ରସୂତି ସେବା, ଜରୁରୀକାଳୀନ ଚିକିତ୍ସା ଓ ରୋଗୀଙ୍କ ଅବସ୍ଥା ଉପରେ ନିୟମିତ ନଜର ରଖିବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

● ଶ୍ରୀମନ୍ଦିରରେ ହେଲା ଦିବା ପହୁଡ଼

୨ଘଣ୍ଟା ୨୦ ମିନିଟ୍ ଶୋଇଲେ ଠାକୁର

ପୁରୀ,୨।୧୧(ସମିସ): ସୋମବାର ଶ୍ରୀମନ୍ଦିରରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଛି। ଅପରାହ୍ଣ ୩ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ଶେଷ ପରେ ମଇଲମ ସରି ୪ଟା ୧୦ରେ ଗଭା ଲାଗି ବେଶ ବଢ଼ିଥିଲା। ଏହାପରେ ଅପରାହ୍ଣ ୪ଟା ୨୦ରେ ଅନୁଷ୍ଠିତ ହୋଇଥିଲା ଦିବା ପହୁଡ଼। ସନ୍ଧ୍ୟା ୬ଟା ୪୦ରେ ଦ୍ୱାର ଫିଟା ଯାଇଥିଲା। ଅର୍ଥାତ୍ ଦିନରେ ୨ ଘଣ୍ଟା ୨୦ ମିନିଟ୍ ଶୋଇଥିଲେ ମହାପ୍ରଭୁ। ସୂଚନାଥାଉ କି, ମହାକାର୍ତ୍ତିକ ମାସରେ ଦୈନିକ ଦିବା ପହୁଡ଼ ଅନ୍ୟତମ ନୀତି ହୋଇଥିଲେ ହେଁ କାର୍ତ୍ତିକ ମାସରେ ଦର୍ଶନାର୍ଥୀଙ୍କ ଅତ୍ୟଧିକ ଭିଡ଼ ତଥା ନୀତି ବହୁଳତା କାରଣରୁ ପ୍ରତ୍ୟହ ଦିବା ପହୁଡ଼ କରାଯିବା ସମ୍ଭବ ହୋଇପାରୁନାହିଁ। ସୋମବାର ପାଗ ଅନୁକୂଳ ନ ଥିବା ହେତୁ ଭକ୍ତମାନଙ୍କ ଭିଡ଼ କମ୍ ଥିବାରୁ ଦିବା ପହୁଡ଼ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଜାନୁଆରୀ ୧୭ରୁ ତୃତୀୟ ଶ୍ରୀକ୍ଷେତ୍ର ମକର ମହୋତ୍ସବ

ପୁରୀ,୨।୧୧(ସମିସ): ତୃତୀୟ ଶ୍ରୀକ୍ଷେତ୍ର ମକର ମହୋତ୍ସବ-୨୦୨୭ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀ ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମଧୁସୂଦନ ସିଂହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଥିଲା। ଏହି ମହୋତ୍ସବ ଜାନୁଆରୀ ୧୭ ତାରିଖଠାରୁ ତାଳବଣିଆ ପଡ଼ିଆଠାରେ ଆୟୋଜନ କରାଯିବ। ଏଥିରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସାଧାରଣ ପ୍ରତିଯୋଗୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶତାଧିକ ଷ୍ଟଲ୍‌କୁ ନେଇ ମେଳା ଆୟୋଜିତ ହେବ। ଚଳିତ ବର୍ଷଠାରୁ ପ୍ରଥମ କରି ଏକ ଡଙ୍ଗା ଚାଳନା ପ୍ରତିଯୋଗିତା ଏବଂ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହୋତ୍ସବ ଅବସରରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ। ବୈଠକରେ ରବିନାରାୟଣ ଦାସ, ଦିଗ୍‌ଦର୍ଶନ ପଟ୍ଟନାୟକ, ସଞ୍ଜୀବ ମୁଖାର୍ଜୀ, ଉମାକାନ୍ତ ନାୟକ, ବିରଞ୍ଚି ନାରାୟଣ ମିଶ୍ର, ହରିହର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଉପସ୍ଥିତ ଥିଲେ। ତାଳବଣିଆ ଉନ୍ନୟନ ପରିଷଦ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସର୍ବଶ୍ରୀ ରାଜେଶ କୁମାର ନନ୍ଦ, ଶିବପ୍ରସାଦ ମହାନ୍ତି, ସଂଗ୍ରାମ କେଶରୀ ମହାପାତ୍ର, ନିହାର ରଞ୍ଜନ ପତି, ବିଷ୍ଣୁଚରଣ ସ୍ୱାଇଁ, ବିଶୁଦ୍ଧାନନ୍ଦ ଜେନା, ବିକାଶ ନାୟକ, ସଞ୍ଜୟ ଦାସ, ଶ୍ରୀମନ୍ତ କୁମାର ସାହୁ, ତନୁଜା ମହାନ୍ତି ପ୍ରମୁଖ ସଭ୍ୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ଚୋରି ଅଳଙ୍କାର ଉଦ୍ଧାର; ୩ ଗିରଫ

ପୁରୀ,୨।୧୧(ସମିସ): ଘରେ ପଶି ଚୋରି ଘଟଣାର ପର୍ଦ୍ଦାଫାସ୍ କରିଛି ବାସେଳିସାହି ଥାନା ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ସହ ଚୋରି ହୋଇଥିବା ସୁନା ଅଳଙ୍କାର ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ମାଟିତୋଟା ଦ୍ୱିତୀୟ ଲେନ୍‌ରେ ରହୁଥିବା ସତ୍ୟଭାମା ଦାସ ଗତ ଅକ୍ଟୋବର ୨୮ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୫ଟା ମଧ୍ୟରେ ସ୍ୱାମୀଙ୍କ ସହ ଭୁବନେଶ୍ୱର ମେଡିକାଲକୁ ଯାଇଥିଲେ। ଏହି ସମୟରେ ତାଙ୍କର ତିନି ପିଲା ମଧ୍ୟାହ୍ନ ଭୋଜନ ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ସହ କିଛି ସୁନା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ପରେ ବାସେଳିସାହି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚଢ଼ଉ କରି ପୁଲିସ ଶଶିଭୂଷଣ ପଟ୍ଟନାୟକ ଏବଂ ଚନ୍ଦନ ମହାକୁଡ଼ଙ୍କୁ ଗିରଫ କରିଥିଲା। ତଦନ୍ତରୁ ଚୋରି ଅଳଙ୍କାର କାଶୀନାଥ ସାହୁ ନାମକ ଜଣେ ସୁନାରିଙ୍କୁ ବିକ୍ରି କରାଯାଇଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା। ତାଙ୍କ ହେପାଜତରୁ ଚୋରି ଅଳଙ୍କାର ୪ ହଳ ପାଉଁଜି, ସୁନାପଲା ଦୁଇ ହଳ, ଗୋଟିଏ ଲେଖାଏଁ ରୁପା ବ୍ରତ, ମଙ୍ଗଳ ସୂତ୍ର, ସୁନା ଲକେଟ୍ ଏବଂ ଗୋଟିଏ ହଳ କାନ ଟପ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗିରଫ ଶଶିଭୂଷଣଙ୍କ ନାମରେ ପୂର୍ବରୁ ସଦର ଓ ବ୍ରହ୍ମଗିରି ଥାନା ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଅନ୍ୟ ଅଭିଯୁକ୍ତ ଚନ୍ଦନଙ୍କ ନାମରେ ମଧ୍ୟ ବାସେଳିସାହି ଥାନାରେ ପୂର୍ବରୁ ଏକ ମାମଲା ରହିଛି।



ବୃନ୍ଦାବତୀଙ୍କ ପୂଜାରେ ମଜିଛନ୍ତି ହବିଷ୍ୟାଳୀ ମା'ମାନେ

■ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ

ଗଭର୍ଣ୍ଣିଂ ବଡି ବୈଠକ ନେଇ ଜିଲ୍ଲାପାଳଙ୍କୁ ଚିଠି

ପୁରୀ,୨।୧୧(ସମିସ): ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଗଭର୍ଣ୍ଣିଂ ବଡି ବୈଠକ ଡକାଯାଉ ନ ଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ବିଧାୟକ ପ୍ରତିନିଧି ବୀରେନ୍ଦ୍ର କୃଷ୍ଣ ହୋତା। ଶ୍ରୀ ହୋତା ଲେଖିଛନ୍ତି ଯେ, ସେ ଗତ ଦୁଇବର୍ଷ ହେଲା ପୁରୀ ବିଧାୟକଙ୍କ ପ୍ରତିନିଧି ଭାବେ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡିର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ମହାବିଦ୍ୟାଳୟ ସମଗ୍ର ଶିକ୍ଷା ଓ ରୋଗୀ ଏବଂ ଜନସାଧାରଣଙ୍କ ହିତସାଧନ ନିମନ୍ତେ ଏକ ମହତ୍ ଅନୁଷ୍ଠାନ। ଏହାର ସୁପରିଚାଳନା ଓ ସୁଧାର ପାଇଁ ଗଭର୍ଣ୍ଣିଂ ବଡିର ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଦୁଃଖର ବିଷୟ ଗତ ୫ ମାସ ହେଲା ଗଭର୍ଣ୍ଣିଂ ବଡି ବୈଠକ ଡକାଯାଉନାହିଁ। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଦୁଇଥର ଅନୁରୋଧ କରିବା ପରେ ମଧ୍ୟ ସେ କୌଣସି ଦୃଷ୍ଟି ଦେଉନାହାନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସେ ବିନମ୍ର ନିବେଦନ କରିଛନ୍ତି।

■ ଓଡ଼ିଶା ନାଟ୍ୟସଂଘର ସାଧାରଣ ପରିଷଦ ବୈଠକ

ଓଡ଼ିଆ ମଞ୍ଚ ନାଟକର ଭବିଷ୍ୟତକୁ ନେଇ ଆଲୋଚନା

ପୁରୀ,୨।୧୧(ସମିସ): ଓଡ଼ିଆ ନାଟକର ସମୃଦ୍ଧ ପରମ୍ପରାକୁ ଆହୁରି ଋଦ୍ଧିମନ୍ତ କରିବା, ମଞ୍ଚ ନାଟକର ଭବିଷ୍ୟତକୁ ନୂତନ ଦିଗ ଦେବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନାଟ୍ୟଚେତନାର ନୂତନ ଜାଗରଣ ସୃଷ୍ଟି କରିବାର ଆହ୍ୱାନ ସହ ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଓଡ଼ିଶା ନାଟ୍ୟସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟର ବିଭିନ୍ନ ଜିଲ୍ଲାର ୧୭୪ଟି ନାଟ୍ୟାନୁଷ୍ଠାନର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଓଡ଼ିଆ ମଞ୍ଚ ନାଟକର ଉନ୍ନତି, ଅଭିବୃଦ୍ଧି ଓ ସଫଳତା ସହିତ ଆଗାମୀ ପିଢ଼ିକୁ ନାଟକ ସହ ଯୋଡ଼ିବା ପାଇଁ ନାଟ୍ୟଶାଳା, କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଆୟୋଜନ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

ସଂଘ ସଭାପତି ମିହିର ମେହେରଙ୍କ ସଭାପତିତ୍ୱରେ ପୁରୀ ଜିଲ୍ଲାର ୮ଟି ଅନୁବନ୍ଧିତ ନାଟ୍ୟାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ବୈଠକରେ ଜିଲ୍ଲା ଆବାହକ ଭରତ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିବା ସହ ସଂକ୍ଷିପ୍ତ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଓ ଜିଲ୍ଲା ସଂଯୋଜକ ରାମକୃଷ୍ଣ ମହାପାତ୍ର ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଶ୍ରୀ ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିବାବେଳେ ସଭାପତି ଶ୍ରୀ ମେହେର ସଂଘର ସାଂଗଠନିକ କାର୍ଯ୍ୟକ୍ରମ, ଭବିଷ୍ୟତ ଯୋଜନା ଓ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋକପାତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। କୋଷାଧ୍ୟକ୍ଷ ଶ୍ରୀ ଦଣ୍ଡପାଟ ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିବା ପରେ ସଦସ୍ୟା, ସଦସ୍ୟମାନଙ୍କ ମତାମତ ଓ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ରାଜ୍ୟର ବିଶିଷ୍ଟ ନାଟ୍ୟବ୍ୟକ୍ତିତ୍ୱ ନବୀନ କୁମାର ପରିଡ଼ା, ମନୋଜ ପଟ୍ଟନାୟକ, ଲାଲା ବୀରେନ ରାୟ, ଡ. ପ୍ରସନ୍ନ ମିଶ୍ର, ପ୍ରଫେସର ଡ. ସମର ମୁଦାଲି, ଚିତ୍ତରଞ୍ଜନ ଦାଶ, ବିପ୍ଳବ କୁମାରୀ ଶତପଥୀ ଓ ଶୁଭକାନ୍ତ ପାଢ଼ୀଙ୍କ ସମେତ ଅନେକ ନାଟ୍ୟବିତ୍ ନିଜ ନିଜର ମତାମତ ଓ ପ୍ରସ୍ତାବ ରଖିଥିଲେ। ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଜୀବନର ଇସ୍ତାହାର, ସମାଜର ଦର୍ପଣ ଓ ସମୟର ସ୍ୱର ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଓଡ଼ିଶା ନାଟ୍ୟସଂଘର ପୂର୍ବାଞ୍ଚଳ ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରୀ ଜିଲ୍ଲା ସଂଯୋଜକ ରାମକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସିଦ୍ଧମହାବୀର ମନ୍ଦିର

ଦୀପ, ଭୋଗ ଦୋକାନର ସର୍ବସାଧାରଣ ନିଲାମ ଦାବି

ପୁରୀ,୨।୧୧(ସମିସ): ପୁରୀର ପ୍ରସିଦ୍ଧ ଶ୍ରୀସିଦ୍ଧମହାବୀର ମନ୍ଦିର ପରିସରରେ ଥିବା ଦୀପ, ଭୋଗ ଓ ପୂଜା ସାମଗ୍ରୀ ବିକ୍ରୟ ଦୋକାନଗୁଡ଼ିକୁ ସର୍ବସାଧାରଣ ନିଲାମ ମାଧ୍ୟମରେ ଆବଣ୍ଟନ କରିବାକୁ ଦାବି ହୋଇଛି। ଏହାଦ୍ୱାରା ମନ୍ଦିରର ଆୟ ବୃଦ୍ଧି ସହ ଠାକୁରଙ୍କ ସମ୍ପତ୍ତିର ସଠିକ୍ ଉପଯୋଗ ହୋଇପାରିବ ବୋଲି ଦର୍ଶାଇ ସାମାଜିକ କର୍ମୀ ସଞ୍ଜୀବ କୁମାର ମହାନ୍ତି ସୋମବାର ରାଜ୍ୟ ସରକାରଙ୍କ ଦେବୋତ୍ତର ଆୟୁକ୍ତଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଶ୍ରୀସିଦ୍ଧମହାବୀର ମନ୍ଦିର ହଜାର ହଜାର ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ମନ୍ଦିରର ଧାର୍ମିକ ମହତ୍ତ୍ୱ ସହ ଏହାର ସମ୍ପତ୍ତି ଓ ଆୟର ସୁରକ୍ଷା କରିବା ଦେବୋତ୍ତର ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ମନ୍ଦିର ପରିସରରେ ଥିବା ଦୀପ, ଭୋଗ ଓ ପୂଜା ସାମଗ୍ରୀ ଦୋକାନଗୁଡ଼ିକରୁ ମନ୍ଦିରକୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ରହିଛି। ତେଣୁ ଏହି ଦୋକାନଗୁଡ଼ିକୁ ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ସର୍ବସାଧାରଣ ନିଲାମ ଜରିଆରେ ଆବଣ୍ଟନ କରାଗଲେ ମନ୍ଦିରର ଆୟ ବୃଦ୍ଧି ପାଇବା ସହ ଆର୍ଥିକ ସ୍ୱଚ୍ଛତା ବଜାୟ ରହିପାରିବ। ଏଥିସହ ଦୋକାନଗୁଡ଼ିକର ବର୍ତ୍ତମାନର ଆବଣ୍ଟନ ଓ ଭଡ଼ା ସମ୍ପର୍କରେ ବିଭାଗୀୟ ଯାଞ୍ଚ କରିବା, ସମ୍ବାଦପତ୍ରରେ ନିଲାମ ବିଜ୍ଞପ୍ତି ପ୍ରକାଶ କରିବା ଏବଂ ପ୍ରତ୍ୟେକ ଦୋକାନର ଆକାର, ଅବସ୍ଥିତି, ସର୍ବନିମ୍ନ ନିଲାମ ମୂଲ୍ୟ ଓ ମାସିକ ଭଡ଼ା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେବାକୁ ସେ ଦାବି କରିଛନ୍ତି। ସେହିପରି ବିନା ବୈଧ ଅନୁମତିରେ କିମ୍ବା ଉପଯୁକ୍ତ ଭଡ଼ା ନିର୍ଦ୍ଧାରଣ ବିନା କୌଣସି ଦୋକାନ ଚାଲୁଥିଲେ ତାହାର ତଦନ୍ତ କରି ନିୟମାନୁଯାୟୀ ପଦକ୍ଷେପ ନେବା ସହ ଦୋକାନଗୁଡ଼ିକରୁ ଆଦାୟ ହେଉଥିବା ଭଡ଼ା ଓ ନିଲାମ ଅର୍ଥ ମନ୍ଦିରର ଆୟ ଖାତାରେ ଜମା କରିବାକୁ ଦାବି ହୋଇଛି। ଠାକୁରଙ୍କ ସମ୍ପତ୍ତି ଓ ଆୟ ଠାକୁରଙ୍କର ନିଜସ୍ୱ ସମ୍ପତ୍ତି। ଏହାର ସୁରକ୍ଷା ଓ ସର୍ବାଧିକ ଆୟ ସୁନିଶ୍ଚିତ କରିବା ସମସ୍ତଙ୍କ ନୈତିକ ଓ ପ୍ରଶାସନିକ ଦାୟିତ୍ୱ ବୋଲି ଶ୍ରୀ ମହାନ୍ତି ଦର୍ଶାଇଛନ୍ତି। ତେଣୁ ଦାବିପତ୍ର ଉପରେ ତ୍ୱରିତ ବିଚାର କରି ନିଲାମ ବିଜ୍ଞପ୍ତି ପ୍ରକାଶ ସହ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଲିଖିତ ଭାବେ ଅବଗତ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ଦାବିପତ୍ରର ନକଲ ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ସମ୍ପୃକ୍ତ ଦେବୋତ୍ତର ଅଧିକାରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା ସମ୍ପାଦକ ସଂଗଠନର ସମ୍ମେଳନ

ପୁରୀ,୨।୧୧(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା ସମ୍ପାଦକ ସଂଗଠନର ଦ୍ୱିତୀୟ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଜାତୀୟବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ରାଜ କିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ନ୍ୟାସନାଲ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ପୂର୍ବାଞ୍ଚଳ ମୁଖ୍ୟ ତଥା ପୁରୀ ପାଠକ ମଞ୍ଚର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡ. ପ୍ରିୟଙ୍କା ମହାନ୍ତି ସମ୍ମାନିତ ଅତିଥି ଏବଂ ଡ. ଶ୍ରୀକାନ୍ତ ଚରଣ ପାତ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଂଗଠନର ଆବାହକ ସୁଶାନ୍ତ କୁମାର ସେନାପତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିଥି ପରିଚୟ ଦେଇଥିଲେ ରମେଶ ଚନ୍ଦ୍ର ଦାଶ। ଡ. ରାମଚନ୍ଦ୍ର ଦେଓ ସଂଗଠନ ସୁଦୃଢ଼ୀକରଣ ଉପରେ ସାରଗର୍ଭକ ଭାଷଣ ଦେଇ ଓଡ଼ିଆ ଶିଶୁ ପତ୍ରିକାର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଓଡ଼ିଆ ଶିଶୁ ପତ୍ରିକାର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଦିଗ ଉପରେ ଆଲୋଚନା କରି ପତ୍ରିକା ସମ୍ପାଦକ ଏବଂ ଶିଶୁ ସାହିତ୍ୟ ରଚନା କରୁଥିବା ଶିଶୁ ସାହିତ୍ୟିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ତଥା ସରକାରୀ ପ୍ରୋତ୍ସାହନ ଏବଂ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଏହି ସମାରୋହରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ୨୮ ଜଣ ଶିଶୁ ପତ୍ରିକା ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା।




ଏଥିରେ ଆମ କୁନାକୁନି, ଶୁଆ ଶାରୀ, ଚନ୍ଦ୍ରମା, ଆମ ପରଜାପତି ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୬୦ରୁ ଊର୍ଦ୍ଧ୍ୱ ଶିଶୁ ପତ୍ରିକା ସମ୍ପାଦକ ଯୋଗଦେଇଥିଲେ। ଦୁର୍ଗାବତୀ ପ୍ରଧାନ, ଶିବ ପ୍ରସାଦ ମିଶ୍ର, ପର୍ଶୁରାମ ପାତ୍ର, ମହେନ୍ଦ୍ର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

୭୩ ଅଭିଯୋଗରୁ ବ୍ୟକ୍ତିଗତ ୬୧

ପୁରୀ,୨।୧୧(ସମିସ): ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୭୩ଟି ଅଭିଯୋଗ ପତ୍ର ମିଳିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୬୧ଟି ଆବେଦନ ରହିଥିଲା। ତତ୍‌କ୍ଷଣାତ୍ ୪ଟିର ସମାଧାନ ହୋଇଥିଲା। ଅନ୍ୟଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଶିବିରରେ ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମର କମିଶନର ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ)



ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ବିଜୟାନନ୍ଦ ସେଠୀ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ସୁକାନ୍ତ ଚନ୍ଦ୍ର ରଥ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ନିମାପଡ଼ା ବ୍ଲକ୍ ସମ୍ମିଳନୀ ଗୃହରେ, ୧୬ରେ କଣାସ ବ୍ଲକ୍ ସମ୍ମିଳନୀ ଗୃହରେ, ୨୩ରେ କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ ଗୃହରେ ଓ ୩୦ ତାରିଖରେ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ ଗୃହରେ ପୂର୍ବାହ୍ଣ ୧୦ଟାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

ମହାପ୍ରଭୁଙ୍କ ପ୍ରିୟ ଖଣ୍ଡୁଆର ଅସମ୍ମାନ!

ଖଣ୍ଡୁଆ ପକାଇ ଆଧୁନିକ ଗୀତରେ ନାଚ

ଭାଇରାଲ ଭିଡିଓକୁ ନେଇ ଜଗନ୍ନାଥପ୍ରେମୀଙ୍କ କ୍ଷୋଭ

ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୨।୧୧(ସମିସ): ଖଣ୍ଡୁଆ ପାଟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ବସ୍ତ୍ର। ବିଶେଷକରି ଗୀତଗୋବିନ୍ଦ ଖଣ୍ଡୁଆ ମହାପ୍ରଭୁଙ୍କ ନୀତିକାନ୍ତି ଓ ପରମ୍ପରା ସହ ଗଭୀର ଭାବେ ଜଡ଼ିତ। ଏହି ପବିତ୍ର ବସ୍ତ୍ର ପ୍ରତି ଜଗନ୍ନାଥପ୍ରେମୀଙ୍କ ମନରେ ରହିଛି ଅଗାଧ ଭକ୍ତି ଓ ଶ୍ରଦ୍ଧା। ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଇବାକୁ ଭକ୍ତଙ୍କ ମଧ୍ୟରେ ମଧ୍ୟ ସ୍ୱତନ୍ତ୍ର ଆଗ୍ରହ ଦେଖିବାକୁ ମିଳେ। ହେଲେ ଏହି ପବିତ୍ର ବସ୍ତ୍ରର ମର୍ଯ୍ୟାଦା ରକ୍ଷା ହେଉଛି ତ? ଏହାର ବ୍ୟବହାରକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ।

ବିଭିନ୍ନ ସଭାସମିତି ଓ ସାମାଜିକ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ମାନିତ କରିବା ପାଇଁ ଖଣ୍ଡୁଆ ପାଟ ପ୍ରଦାନ କରାଯାଉଛି। ଏହା ଏକ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ହୋଇଥିବାବେଳେ ଏହାର ମର୍ଯ୍ୟାଦା ରକ୍ଷା ନ କରି ଅସାବଧାନତାର ସହ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। କେଉଁଠି ଖଣ୍ଡୁଆ ପାଦ ପର୍ଯ୍ୟନ୍ତ ଲମ୍ବି ରହୁଛି ତ ଆଉ କେଉଁଠି ଏହାକୁ ଗାମୁଛା ଭଳି ବ୍ୟବହାର କରାଯାଉଛି। ଅତିଥିଙ୍କୁ ଖଣ୍ଡୁଆ ପିନ୍ଧାଇବାରେ ଯେପରି ପ୍ରତିଯୋଗିତା ଚାଲିଛି, ସେହି ଅନୁପାତରେ ଏହାର ପବିତ୍ରତା ଓ ମର୍ଯ୍ୟାଦା ରକ୍ଷା ପ୍ରତି ଧ୍ୟାନ ଦିଆଯାଉଛି କି ନାହିଁ, ତାହାକୁ ନେଇ ଭକ୍ତମହଲରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଏକ ଭିଡିଓ ଏହି ବିବାଦକୁ ଆହୁରି ତୀବ୍ର କରିଛି। ଭିଡିଓରେ ଡିଜେ ସଙ୍ଗୀତର ତାଳେ ତାଳେ ବହୁ ମହିଳା ଓ ଯୁବତୀ ନାଚୁଥିବା ଦେଖାଯାଉଛି। ସେମାନଙ୍କ କାନ୍ଧରେ ଖଣ୍ଡୁଆ ପାଟ ପଡ଼ିଥିବାବେଳେ କେଉଁଠି ଏହା ପାଦ ପର୍ଯ୍ୟନ୍ତ ଲମ୍ବି ରହିଛି ତ ଆଉ କେଉଁଠି ଏହାକୁ ଗାମୁଛା ଭଳି ଅଣ୍ଟାରେ ଗୁଡ଼ାଇ ନୃତ୍ୟ କରାଯାଉଛି। ଆଧୁନିକ ଗୀତର ତାଳେ ତାଳେ ଖଣ୍ଡୁଆ ପରିଧାନ କରି ଶୋଭାଯାତ୍ରାରେ ନାଚି ନାଚି ଯାଉଥିବାର ଦୃଶ୍ୟ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିବା ମତ ପ୍ରକାଶ ପାଇଛି।

ଭିଡିଓରେ ଶୁଣିବାକୁ ମିଳୁଥିବା କେତେକ ଆଧୁନିକ ଗୀତର ପ୍ରସଙ୍ଗ ଓ ସେହି ସମୟରେ ଖଣ୍ଡୁଆ ପାଟର ବ୍ୟବହାରକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଭିଡିଓଟି କେଉଁ ସ୍ଥାନରେ ଓ କେବେ ରେକର୍ଡ କରାଯାଇଛି, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିନାହିଁ। ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ନାନା ମତାମତ ପ୍ରକାଶ ପାଉଛି। ଖଣ୍ଡୁଆ ମହାପ୍ରଭୁଙ୍କ ପ୍ରିୟ ବସ୍ତ୍ର ହୋଇଥିବାରୁ ଏହାର ମର୍ଯ୍ୟାଦା ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅନେକ ମତ ଦେଇଛନ୍ତି। ଏଭଳି କାର୍ଯ୍ୟ ପାଇଁ ଦାୟୀ ବ୍ୟକ୍ତିଙ୍କୁ କିଏ ଅଧିକାର ଦେଲା, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କାହିଁକି ହେବ ନାହିଁ ଏବଂ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କ'ଣ ପଦକ୍ଷେପ ନେଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସଦ୍‌ବୁଦ୍ଧି ଦେବାକୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଖଣ୍ଡୁଆ କେବଳ ଏକ ବସ୍ତ୍ର ନୁହେଁ, ଏହା ଓଡ଼ିଆଙ୍କ ଜଗନ୍ନାଥ ସଂସ୍କୃତି, ଧାର୍ମିକ ଭାବନା ଓ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ। ତେଣୁ ଏହାକୁ ସମ୍ମାନର ସହ ବ୍ୟବହାର କରିବା ସହ ଏହାର ପବିତ୍ରତା ଓ ମର୍ଯ୍ୟାଦା ପ୍ରତି ସଚେତନ ରହିବା ଆବଶ୍ୟକ। ଏହି ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ବଢୁଥିବା କ୍ଷୋଭ ପରେ ଖଣ୍ଡୁଆର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଓ ଆବଶ୍ୟକ ମାର୍ଗଦର୍ଶନ ଜାରି କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ଆଲୋଚନା ଜୋର୍ ଧରିଛି।

କାର୍ତ୍ତିକ ମାସ ଆରମ୍ଭରୁ ହାଟ-ବଜାରରେ ନିଆଁ

ଦର ୭୦; ପରିବା ଛୁଇଁଲେ ମାଡୁଛି ଡର

ବନ୍ତ/ଆଗରପଡ଼ା, ୨।୧୧ (ସମିସ): କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ପରିବା ଦର ଉପରମୁହାଁ ହେବାରେ ଲାଗିଛି। ଯେପରି ଲାଗୁଛି କାର୍ତ୍ତିକରେ ପନିପରିବା ଅଛୁଆଁ ହୋଇଯାଇଛି। ଯେଉଁ ପରିବାକୁ ଧରିଲେ କିଲୋ ପିଛା ଦାମ୍ ୬୦ରୁ ୭୦ ଟଙ୍କା ଉପରେ। କିଛି ତ ୮୦। ଆଉ କିଛି ୧୦୦ ଟଙ୍କା ଛୁଇଁ ସାରିଲାଣି। ବନ୍ତ, ବସନ୍ତିଆ ଓ ଆଗରପଡ଼ାସ୍ଥିତ ବିଭିନ୍ନ ହାଟରେ ଭଲ ବିଲାତି (ଟମାଟୋ) କିଲୋ ପିଛା ମୂଲ୍ୟ ୫୦ ଟଙ୍କା ଥିବାବେଳେ ବାଇଗଣ କିଲୋ ପିଛା ମୂଲ୍ୟ ୬୦ ଟଙ୍କାରେ



୫୦୦ ଟଙ୍କାରେ ବି ବ୍ୟାଗ୍ ପୂରୁନି

ବିକ୍ରି ହେଉଛି। କଞ୍ଚାଲଙ୍କା, ପୋଟଳ, ଜହ୍ନି, କଲରା, ବିନ୍ସ, ଝୁଡ଼ଙ୍ଗ, କ୍ୟାପସିକମ୍, ଖମ୍ବଆଳୁ ଆଦିର ଦର ମଧ କହିଲେ ନ ସରେ। ହାଟକୁ ଟଙ୍କା ୫୦୦ ନେଇକି ଗଲେ ବି ବ୍ୟାଗ୍ ପୂରୁନି। କେତେକଙ୍କ ଘରେ ତ ପନିପରିବା ଶୂନ୍ୟ ହୋଇଗଲାଣି। ଏପରି ଦରରେ ଖାଉଟି ଖାଇବ କ'ଣ ବୋଲି ଚିନ୍ତିତ ହୋଇପଡ଼ିଛି। ପନିପରିବାର ଏହିପରି ଦର ପାଇଁ କେହି କେହି ଶୀତଳଭଣ୍ଡାର ନ ଥିବା ଘଟଣାକୁ ଦାୟୀ କରୁଛନ୍ତି।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ କୃଷି ଓ କୃଷକର ଉନ୍ନତି ପାଇଁ ବହୁମୁଖି ଯୋଜନା ପ୍ରସ୍ତୁତ କରିଛନ୍ତି। ତତ୍‌ସହିତ ଏକାଦଶ ଯୋଜନାରେ ୪ ପ୍ରତିଶତ କୃଷିର ଅଭିବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ୨୦୦୮ ମସିହାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରିବା ସହ ୨୦୨୪ ସୁଦ୍ଧା ସେମାନଙ୍କ ଆୟ ଦୁଇ ଗୁଣ ବୃଦ୍ଧି ପାଇଁ ପରିକଳ୍ପନା କରି ଏହାର ସଫଳ ରୂପାୟଣ

ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର

ନିମନ୍ତେ ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠା କରିଛନ୍ତି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର। ଉକ୍ତ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକୀୟ କୃଷି ସାମଗ୍ରୀ ସହ ଉଚିତ୍ ପରାମର୍ଶ ପ୍ରଦାନ ମଧ୍ୟ କରୁଛନ୍ତି। କିନ୍ତୁ ଚାଷୀଙ୍କ ଦ୍ୱାରା ବହୁ କଷ୍ଟରେ ଉତ୍ପାଦିତ ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଯଦ୍ୱାରା ବର୍ତ୍ତମାନ କାର୍ତ୍ତିକ ମାସ ଆରମ୍ଭ ହୋଇଥିବା ବେଳେ ପରିବା ଦର ଆକାଶଛୁଆଁ ହୋଇଛି। ପରିବା ଚାଷ ପାଇଁ ଏହି ଅଞ୍ଚଳ ବେଶ୍ ପରିଚିତ ହୋଇଛି। ତନ୍ମଧ୍ୟରୁ ଛୟାଳସିଂହ, କାଦବରାଙ୍ଗ, ଓଡ଼ଙ୍ଗ, ଅର୍ଣ୍ଣିଜୋ, ଗୋପିନାଥପୁର, ବଡ଼ମଇଁଷଗୋଠ, ବଡ଼ବର୍ଚ୍ଚିକୟାଁ, ରାମପୁର ଓ ନିଳୋକ ସହ ଅନ୍ୟାନ୍ୟ ପଞ୍ଚାୟତରେ ଧାନ ଚାଷ ପରେ ରବି ଋତୁରେ ଡାଲିଜାତୀୟ ଶସ୍ୟ ସହ ବିଭିନ୍ନ ପନିପରିବା ଭେଣ୍ଡି, କଲରା, ବିଲାତି, ବାଇଗଣ, ଜହ୍ନି, କାକୁଡ଼ି, ଲଙ୍କା, ମକା, କଖାରୁ ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ। ଏହି ପଞ୍ଚାୟତରେ ଚାଷୀ ଦୀର୍ଘ ବର୍ଷ ଧରି ଏହାକୁ ନିଜର ଜୀବନ ଜୀବିକା ଭାବେ ଗ୍ରହଣ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଉକ୍ତ ଅଞ୍ଚଳକୁ ସବୁଜ ପନିପରିବା ଯୋଗାଇଥା'ନ୍ତି। ତେବେ ଏଠାରେ ପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିରେ ପଡୁଛନ୍ତି। ପରିବା ଉତ୍ପାଦନ ସମୟରେ ଦର ବହୁ କମିଯାଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି। ସେହିପରି ଅନ୍ୟ ଦିନରେ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ଆକାଶଛୁଆଁ ହେବାରୁ ଖାଉଟି ଚିନ୍ତାରେ ପଡୁଛନ୍ତି। ତେଣୁ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲେ ପରିବା ଉତ୍ପାଦନ ସମୟରେ ତାହାକୁ ସଂରକ୍ଷଣ କରାଯାଇ ଅନ୍ୟ ଦିନରେ ଚାହିଦା ମେଣ୍ଟାଇ ହୁଅନ୍ତା ଓ ଏହାଦ୍ୱାରା ଉଭୟ ଚାଷୀ ଓ ଖାଉଟି ଲାଭବାନ ହୁଅନ୍ତେ। ତେଣୁ ଏଥିପ୍ରତି ସ୍ଥାନୀୟ ଜନପ୍ରତିନିଧି ଓ ସରକାର ତତ୍ପର ହେବାର ଆବଶ୍ୟକତା ରହିଥିବାର ଚର୍ଚ୍ଚା ହେଉଛି।

ସେମାନଙ୍କ ମତରେ...



ପନିପରିବା ଦରକୁ ନିୟନ୍ତ୍ରଣ କରିବା ପରି ସେମିତି କୌଣସି ଯୋଜନା ନାହିଁ। ଚଳିତ ମାସରେ ପରିବାଦର ବୃଦ୍ଧି ପାଇବା ସ୍ୱାଭାବିକ। ଅପରପକ୍ଷରେ ଚାଷଜମିକୁ ଘର ଡିହରେ ପରିବର୍ତ୍ତନ କରାଯାଉଥିବାରୁ ଚାଷଜମି କମିବାରେ ଲାଗିଛି। ଫଳରେ ପନିପରିବା ଦରରେ ପରିବର୍ତ୍ତନ ଆସୁଛି।

-ପାୟଲ ଚୌଧୁରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ବନ୍ତ



ବ୍ଲକ୍ କିମ୍ବା ପଞ୍ଚାୟତ ସ୍ତରରେ କୌଣସି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଚାଷ କରୁଥିବା ପନିପରିବାକୁ ସଂଗୃହିତ କରି ରଖିପାରୁନାହିଁ। ତେଣୁ ଉତ୍ପାଦନ ସମୟରେ ବହୁ କମ୍ ଦରରେ ବେପାରୀଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛି। ଅପରପକ୍ଷରେ ସରକାରଙ୍କ ତରଫରୁ ପନିପରିବା ଚାଷରେ ବ୍ୟବହୃତ ସାର କିମ୍ବା କୀଟନାଶକ ଯଦି ମାଗଣାରେ ଯୋଗାଇ ଦିଆଯାଇ ପାରନ୍ତା ବା କୌଣସି ରିଆତିର ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ଚାଷୀ ଉପକୃତ ହୋଇପାରନ୍ତେ। ପନିପରିବା ଦରରେ କିଛି ପରିବର୍ତ୍ତନ ହୋଇପାରନ୍ତା।

-ମନୋଜ ବେହେରା, ଚାଷୀ, ଆଗରପଡ଼ା



ପରିବା ଦରର ବର୍ଦ୍ଧିତ ମୂଲ୍ୟ ମଧ୍ୟବିତ ପରିବାରକୁ ବହୁ କଷ୍ଟ ଦେଉଛି। ରୋଜଗାର ତୁଳନାରେ ଖର୍ଚ୍ଚର ମାତ୍ରା ବଢ଼ିବାରେ ଲାଗିଥିବାରୁ ପରିବାର ପ୍ରତିପୋଷଣରେ ବହୁ କଷ୍ଟ ଅନୁଭବ ହେଉଛି। ସରକାର ଏହାକୁ ଗମ୍ଭୀରତାର ସହ ବିଚାରକୁ ନେଇ ବ୍ଲକ୍ କିମ୍ବା ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାର ସ୍ଥାପନ କରିବାର ଯୋଜନା କରିବା ଆବଶ୍ୟକ।

-ସତ୍ୟବ୍ରତ ନାୟକ, ଖାଉଟି, ଆଗରପଡ଼ା

ଗଛ କାଟିବାକୁ କ୍ଷେତ୍ରୀୟ ଅନୁଧ୍ୟାନ



ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଡ୍ରେନେଜ୍ ନାଳରେ ଜଳ ନିଷ୍କାସନ ପାଇଁ ସମସ୍ୟା ସୃଷ୍ଟି ହେଉଛି। ବ୍ଲକ୍ ନିକଟସ୍ଥ ଶନି ମନ୍ଦିରଠାରୁ ମେଡିକାଲ ଛକ ଯାଏଁ ନାଳ ମଧ୍ୟରେ ଅନେକ ଛୋଟ ବଡ଼ ବୃକ୍ଷ ଭାଙ୍ଗି ପଡ଼ିଛି। ଗତ ୨/୩ ମାସ ମଧ୍ୟରେ ପବନ ବର୍ଷା କାରଣରୁ ନାଳ ନିକଟରେ ଥିବା ଗଛଗୁଡ଼ିକ ନଷ୍ଟଭ୍ରଷ୍ଟ ହୋଇଛି। ଡ୍ରେନେଜ୍ ମଧ୍ୟକୁ ଗଛ ଡାଳ ଭାଙ୍ଗି ପଡ଼ିଥିବାବେଳେ କିଛି ବୃକ୍ଷ ମୂଳରୁ ଉପୁଡ଼ି ପଡ଼ିଛି। ଯାହାଫଳରେ ଉପର ମୁଣ୍ଡରୁ ଆସୁଥିବା ପାଣି ନିଷ୍କାସନ ହେବାରେ ସମସ୍ୟା ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ବନପାଳ ସୂର୍ଯ୍ୟକାନ୍ତ ପଣ୍ଡା ଓ ଡ୍ରେନେଜ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ଦାସ କ୍ଷେତ୍ରକୁ ଆସି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ପରେ ଗଛ କାଟିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ନୂତନ ଡାକ୍ତରଙ୍କ କାର୍ଯ୍ୟରେ ଯୋଗଦାନ

ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ଡାକ୍ତରଖାନାରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଡାକ୍ତର ନିଯୁକ୍ତି ପାଇଁ ଦାବି ହେଉଥିଲା। ବିଜେପି ଜିଲ୍ଲା ଉପସଭାନେତ୍ରୀ ତପସ୍ୱିନୀ ମହାପାତ୍ର ସ୍ଥାନୀୟ ଲୋକମାନଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିବା ସହ ମଞ୍ଜୁରୀରୋଡ୍ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ପରିବେଶର ଉନ୍ନୟନ, ନିର୍ମାଣାଧୀନ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ଏହି ଗୃହରେ ଡାକ୍ତରଖାନା ପରିଚାଳନା କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ସାଂସଦ ଶ୍ରୀ ସେଠୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ ଯଥାଶୀଘ୍ର ସ୍ଥାୟୀ ଡାକ୍ତର ନିଯୁକ୍ତି ବ୍ୟବସ୍ଥା ସହ ଅନ୍ୟ ସମସ୍ୟା ଦୂର ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ସୋମବାର ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାକ୍ତର ଭାବେ ଡା. ଶୁଭ୍ରାଂଶୁ ଶେଖର ମହାପାତ୍ର ଯୋଗଦେଇଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

ବଜାର ମଝିରେ ବିପଦପୂର୍ଣ୍ଣ ଗଛ ଡାଳ

ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଛକ ନିକଟସ୍ଥ ଗଣେଶ ବଜାର ମଧ୍ୟସ୍ଥଳରେ ବିପଦପୂର୍ଣ୍ଣ ଭାବେ ଅନେକ ଗଛ ଡାଳ ରହିଛି। ବଜାରକୁ ଲାଗି ରହିଥିବା ଏକ ବୃହତ୍ ଚାକୁଣ୍ଡା ଗଛର ଅନେକ ଶୁଖିଲା ଡାଳ ରାସ୍ତା ମଝିକୁ ଝୁଲି ରହିଛି। ସାମାନ୍ୟ ପବନ ହେଲେ କେତେବେଳେ ଯେ ଡାଳ ଭାଙ୍ଗିବ କହିବା ମୁସ୍କିଲ ହୋଇଛି। ଏହି ରାସ୍ତାରେ ଦୈନିକ ଶହଶହ ଲୋକ ବ୍ଲକ୍, ଥାନା, ମେଡିକାଲ, ତହସିଲ୍, ସବ୍‌ରେଜିଷ୍ଟ୍ରାର, ବିଇଓ କାର୍ଯ୍ୟାଳୟକୁ ଯାତାୟାତ କରିଥା'ନ୍ତି। ଏହାଛଡ଼ା ରାତି ପାହିଲେ ସ୍ଥାନୀୟ



ବାସିନ୍ଦାଙ୍କ ସମେତ ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପଥରେ ଗମନାଗମନ କରନ୍ତି। ପାଖାପାଖି ୪ରୁ ୫ ଖଣ୍ଡ ବଡ଼ ଡାଳ ଶୁଖିଲା ଅବସ୍ଥାରେ ରହିଛି। ଯାହାକି ସାଇକଲ ଓ ବାଇକ୍ ଆରୋହୀଙ୍କ ସମେତ ଅନ୍ୟାନ୍ୟ ପଥଚାରୀମାନଙ୍କୁ ବିପଦ ଆଣିବ ଏଥିରେ ସନ୍ଦେହ ନାହିଁ। ଏପରିକି ଏଥିପାଇଁ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ଶୁଖିଲା ଡାଳଗୁଡ଼ିକୁ କାଟିବା ପାଇଁ ବ୍ୟବସ୍ଥା କରିବାକୁ ଗଣେଶ ବଜାର ବଣିକ ସଂଘ ପକ୍ଷରୁ ଦୃଢ଼ ଦାବି ହୋଇଛି।

ସମାଜ ସୁରକ୍ଷାରେ ବାପି ସାର୍‌ଙ୍କ ଟିମ୍

ଦୋଳସାହି,୨।୧୧(ସମିସ): ତିହିଡ଼ି ବ୍ଲକ୍‌ରେ ଜଣେ ଯୁବକ ୫ଟି ବିଷୟରେ ଶିକ୍ଷା ପ୍ରଦାନ କରୁଥିବା ନେଇ ବାପି ସାର୍ ନାମରେ ପରିଚିତ ହୋଇଥିଲେ। ସମାଜର ସୁରକ୍ଷା ନେଇ ଯୁବକମାନଙ୍କ ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି ସମାଜ ସୁରକ୍ଷାରେ ବାପି ସାର୍‌ଙ୍କ ଟିମ୍। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ କୋହ୍ଲ ପଞ୍ଚାୟତର ଓରଡ଼ା ଗ୍ରାମର ଗଙ୍ଗାଧର ବାରିକଙ୍କ ଅବିବାହିତ ପୁଅ ସଞ୍ଜୟ ବାରିକ ବାହାର ରାଜ୍ୟରେ ନୃତ୍ୟ ଶିକ୍ଷକ ଓ ଫିଟ୍‌ନେସ୍ କୋଚ୍ ଭଳି ପାଞ୍ଚଟି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ତିହିଡ଼ି ଅଞ୍ଚଳରେ



ବାପି ସାର୍ ନାମରେ ପରିଚିତ ହୋଇଥିଲା ବେଳେ ୭୦ରୁ ଅଧିକ ଯୁବକଙ୍କୁ ନେଇ ସମାଜ ସୁରକ୍ଷା ନିମନ୍ତେ ଏକ ଟିମ୍ ଗଢ଼ିଥିବା ଆଲୋଚନା ହେଉଛି। ଏହି ଟିମ୍ ଦ୍ୱାରା ତିହିଡ଼ିର ବିଭିନ୍ନ ଅଞ୍ଚଳରେ ଚାରା ରୋପଣ ସହ ବିଭିନ୍ନ ମନ୍ଦିର ନିକଟରେ ଡଷ୍ଟ ପିନ ନିର୍ମାଣ କରୁଥିବା ଜଣାଯାଇଥିଲା ବେଳେ ସୋମବାର ତିହିଡ଼ି ଥାନାରେ ଏକ ସିମେଣ୍ଟ ଚେୟାର ବାପି ସାର୍‌ଙ୍କ ଟିମ୍ ଦ୍ୱାରା ପ୍ରଦାନ କରାଯାଇଥିବା ଜଣାଯାଇଛି।

■ ରାଜ୍ୟସ୍ତରୀୟ ଟେବୁଲ ଟେନିସ୍ ପ୍ରତିଯୋଗିତା

ଭଦ୍ରକ ଜିଲ୍ଲା ବାଳକ ଦଳ ଘୋଷିତ



ଭଦ୍ରକ,୨।୧୧(ସମିସ)

କଟକ ଜିଲ୍ଲା ସିଡିଏ-୬ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଟେବୁଲ୍ ଟେନିସ୍ ପ୍ରତିଯୋଗିତାଟି ନଭେମ୍ବର ୩ରୁ ଆରମ୍ଭ ହୋଇ ୬ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥ୍‌ଲେଟିକ୍ ଆସୋସିଏସନ୍ ୫ ବାଳକ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଖେଳାଳିମାନଙ୍କୁ ରାଜ୍ୟସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି। ଘୋଷଣା ହୋଇଥିବା ଖେଳାଳିମାନେ ହେଲେ ମିଳନ ପୁହାଣ, ମୃତ୍ୟୁଞ୍ଜୟ ପଲାଇ, ସୌମ୍ୟରଞ୍ଜନ ସାହୁ, ସତ୍ୟମ୍ ନାୟକ ଓ ସୁମିତ୍ କୁମାର ପ୍ରଧାନ। ଏହି ଖେଳାଳିମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସହକାରୀ ଜିଲ୍ଲାପାଳ ସାଗରିକା ସାହୁ ଏବଂ ଓଏସ୍‌ଡି ସ୍ପୋର୍ଟସ ରମେଶ ମହାନ୍ତି ପ୍ରମୁଖ ଖେଳାଳିମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି।

ବିଜେଡି ଯୁବନେତା ସଞ୍ଜୀବ ମଲ୍ଲିକଙ୍କ ପରଲୋକ

ଧାମନଗର,୨।୧୧(ସମିସ): ଧାମନଗର ଏନ୍‌ଏସି ଅଧୀନ ଶାମପୁର ଗାଁର ସ୍ଥାୟୀ ବାସିନ୍ଦା ତଥା ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସମ୍ପାଦକ, ପରୋପକାରୀ, ମିଷ୍ଟଭାଷୀ, ମେଳାପୀ, ଜଣେ ଉଦୀୟମାନ ଯୁବନେତା ସଞ୍ଜୀବ ମଲ୍ଲିକ(ବାପୁ)ଙ୍କ ୨୯ ବର୍ଷ ବୟସରେ







ପରଲୋକ ଘଟିଛି। ୨ ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ପ୍ରାୟ ୧ଟା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତେବେ ଏତେ କମ୍ ବୟସରେ ତାଙ୍କର ଏଭଳି ଅକାଳ ବିୟୋଗ କେବଳ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପାଇଁ ନୁହେଁ, ବରଂ ସମଗ୍ର ଧାମନଗର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ଖବର ପ୍ରକାଶ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମେଡିକାଲ ବଜାରଠାରେ ସମସ୍ତ ମେଡିସିନ ଦୋକାନ ବଜାର ବନ୍ଦ କରି ସ୍ୱର୍ଗତ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସୋମବାର ସକାଳେ ତାଙ୍କ ମରଶରୀର ଧାମନଗର ବଜାରରେ ପହଞ୍ଚିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଜନ୍ମମାଟି ଶାମପୁରକୁ ନିଆଯାଇଥିଲା।

ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ନିର୍ବାଚନମଣ୍ଡଳୀ ବିଜେଡି ନେତା ଡା. ସଞ୍ଜୟ ଦାସ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦିରୀ, ବ୍ଲକ୍ ସଭାପତି ପ୍ରତାପ ସାମଲ, ଭାରତ ବିଜୟ ଦଳେଇ, ପ୍ରକାଶ ବେହେରା, ବିଜୟ କେତନ ସାହୁ, ଉମେଶ ମହାନ୍ତି, ସୁଶାନ୍ତ ରାଉତ, ବହୁ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାପୁଙ୍କ ମରଶରୀରକୁ ଯାଜପୁରସ୍ଥିତ ଦଶାସନି ମହା ଶ୍ମଶାନ ଘାଟଠାରେ ଶବ ସତ୍କାର କରାଯାଇଥିବା ବେଳେ ସାନ ଭାଇ ରଞ୍ଜିତ କୁମାର ମଲ୍ଲିକ(ଲିଲୁ) ମୁଖାଗ୍ନି ଦେଇଥିଲେ।

୩୦୦ ବେଆଇନ୍ କାଠ ଗୋଲା, ୫ ସ' ମିଲ୍ ଚାଲିଛି କାହା ଇଙ୍ଗିତରେ

ଅସୁରାଳି, ୨।୧୧ (ସମିସ): ଧାମନଗର ବ୍ଲକ୍‌ରେ ବେଆଇନ୍ କାଠ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ହିସାବରେ ମାତ୍ର ୧୬ଟି କାଠ ଗୋଲାକୁ ଅନୁମତି ମିଳିଥିବାବେଳେ, ବାସ୍ତବରେ କିନ୍ତୁ ବେସରକାରୀ ଭାବେ ୩୦୦ରୁ ଊର୍ଦ୍ଧ୍ୱ ବେଆଇନ୍ କାଠ ଗୋଲା ସକ୍ରିୟ ରହିଛି ବୋଲି ଅଭିଯୋଗ ହୋଇଛି। ସରକାରୀ ନିୟମକୁ ଦେଖାଡିର୍ କରି ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ସରକାରୀ କାଠ ଚୋରି ହେଉଥିବା ଅଭିଯୋଗ ହେଉଛି। ସେହିପରି ୫ ସ' ମିଲ୍ ବିନା କାଗଜକଲମରେ ଚାଲିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ତୁରନ୍ତ ଏହି ବେଆଇନ୍ କାଠ ଗୋଲା ଓ ସ' ମିଲ୍ ବନ୍ଦ କରିବାକୁ ଦାବି



ହେଉଛି। ବିଭିନ୍ନ ପଞ୍ଚାୟତ ତଥା ଗୋବିନ୍ଦପୁର, ଗଡ଼ିଆଳି, କଟସାହି, ଖପରପଦା, ଅସୁରାଳି, ଧୂଷୁରୀ, ନଦୀଗାଁ, ରହିପୁର, ବେତାଳିଗାଁ, ପାଳସାହି ଓ କୋଠାର ଭଳି ପ୍ରତ୍ୟେକ ପଞ୍ଚାୟତରେ ୧୦୦ରୁ ଊର୍ଦ୍ଧ୍ୱ ବେଆଇନ୍ କାଠ ଗୋଲା ରହିଛି। ଏହି କାଠ

କାଠ ମାଫିଆଙ୍କ ରାଜ୍

ଗୋଲାଗୁଡ଼ିକର କୌଣସି ବୈଧ କାଗଜପତ୍ର ନ ଥାଇ ଗଛକଟା ଓ କାଠ କାରବାର ଜୋର୍‌ସୋର୍‌ରେ ଚାଲିଛି।

ସ୍ଥାନୀୟ ଲୋକ ଅଭିଯୋଗ ଅନୁଯାୟୀ, ଧାମନଗର ବନ ବିଭାଗର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରୋତ୍ସାହନ ଯୋଗୁଁ ଏହି ଅବୈଧ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ବନ ବିଭାଗ ମାସିକ କୋଟା ନେଇ ଏହି ବେଆଇନ୍ କାଠ ଗୋଲାଗୁଡ଼ିକୁ ସୁରକ୍ଷା ଯୋଗାଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କାହା ରକ୍ଷଣାବେକ୍ଷଣ ଓ କାହା ଛତ୍ରଛାୟା ତଳେ ସରକାରୀ ନିୟମକୁ ଫୁ' କରି ଏପରି ବେଆଇନ୍ କାରବାର ଚାଲିଛି, ତାହାକୁ ନେଇ ସାଧାରଣରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବେଆଇନ୍ କାଠ ଗୋଲା ଓ ସ' ମିଲ୍ କାରବାର ସମ୍ପର୍କରେ ଧାମନଗର ରେଞ୍ଜରଙ୍କୁ ପଚାରିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଏହି ବେଆଇନ୍ କାରବାର ଉପରେ ତୁରନ୍ତ ଅଙ୍କୁଶ ଲଗାଇବାକୁ ଦୃଢ଼ ଦାବି କରିଛନ୍ତି।

ମରାମତିବିହୀନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ରାସ୍ତାଗୁଡ଼ିକ ମରାମତି ଅଭାବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ପାଲଟିଛି। ଏପରିକି ନିର୍ମାଣର ବର୍ଷେ ମଧ୍ୟରେ କିଛି ଅତି କଦର୍ଯ୍ୟ ହୋଇଯାଇଛି। ତନ୍ମଧ୍ୟରୁ ତାଳପଦାଠାରୁ ମଣୀମାଝୀ ଭାୟା କଣ୍ଟି ଯାଏଁ ନିର୍ମାଣାଧୀନ ରାସ୍ତା ଅନ୍ୟତମ ଅଟେ। ୩ ନମ୍ବର କେନାଲ ସହିତ ପଟାପୋଲଠାରୁ ଧାମନଗର ବ୍ଲକ୍ ଦିଗି ପୋଲ ଯାଏଁ ଏହି ରାସ୍ତା ନିର୍ମାଣ ହୋଇଛି। ନିର୍ଦ୍ଧାରିତ ସମୟଠାରୁ ଅନେକ ବିଳମ୍ବରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏବେ ପଥଟି ପାଇଁ ମରାମତି ଜରୁରୀ ହୋଇଛି। କେତେକ



ସ୍ଥାନରେ ପିଚୁ ଦବିବା ସହିତ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମିଯାଉଛି। ପିଚୁ ରାସ୍ତାକୁ ସୁରକ୍ଷା ଦେବା ସକାଶେ ଏଥିପାଇଁ ଜଳ ନିଷ୍କାସନ କାର୍ଯ୍ୟ ଜରୁରୀ ହୋଇଛି। ବିଶେଷକରି ତାଳପଦା ନିକଟରେ ଅନେକ ମାସ ହେବ ରାସ୍ତାର କିଛି ଅଂଶ କେନାଲ ମଧ୍ୟକୁ ଧସିଯାଇଛି। ମାଟି ସହିତ ପିଚୁ, ଡଷ୍ଟ, ବଜୁରୀ ଆଦି ନିର୍ମାଣ ସାମଗ୍ରୀ ଭୁସ୍ଖଳନ ଭଳି କେନାଲକୁ ଚାଲିଯାଇଛି। ଯଦିଓ ଆରମ୍ଭରୁ ରାସ୍ତା ସାମାନ୍ୟ ଧସିଯାଇଥିଲା କିନ୍ତୁ ଏବେ ଦିନକୁ ଦିନ ଗମନାଗମନ ପଥଟି ଅଧିକ ନଷ୍ଟ ହେଉଛି। ଏହି ରାସ୍ତାରେ ଦୈନିକ ଶହଶହ ଲୋକ ଯାତାୟାତ କରୁଥିବାବେଳେ ଟିକିଏ ଅସାବଧାନ ହେଲେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି କେନାଲ ବନ୍ଧକୁ ଚାରଣ ପାଇଁ ଆସୁଥିବା ଗାଈଗୋରୁମାନେ ମଧ୍ୟ ଏଠାରେ ପଡ଼ି ଆହତ ହେଉଥିବା ଜଣାଯାଇଛି। ତେଣୁ ଯଥାଶୀଘ୍ର ଉକ୍ତ ସ୍ଥାନକୁ ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହୋଇଛି। ଅନୁରୂପ ଭାବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅନେକ ରାସ୍ତା ମଧ୍ୟ ଏଯାଏଁ ମରାମତି ନ ହୋଇ ପଡ଼ିରହିଛି। ଫଳରେ ବିପଦସଙ୍କୁଳ ଭାବେ ଦୈନିକ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ଜରୁରୀ ହୋଇଛି।

ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବଣ୍ଟନରେ ଅନିୟମିତତା

ଇନ୍‌ପୁଟ୍ ସବ୍‌ସିଡିରେ ପାତରଅନ୍ତର ଅଭିଯୋଗ

ଚାନ୍ଦବାଲି,୨।୧୧(ସମିସ): ଚାନ୍ଦବାଲି ବ୍ଲକ୍‌ରେ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନରେ ଅନିୟମିତତା ଏବଂ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରେ ପାତରଅନ୍ତର ହେଉଥିବା ନେଇ ଅଭିଯୋଗ ଉଠିଛି। ଏହାକୁ କେନ୍ଦ୍ର କରି ଚାନ୍ଦବାଲି ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ସରକାର ଓ



୭ ଦିନରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ପ୍ରଶାସନକୁ କଡ଼ା ସମାଲୋଚନା କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବଣ୍ଟନ ଓ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରେ ଭେଦଭାବ ହେଉଥିବା ଅଭିଯୋଗ ଆଣିଥିଲେ।

ତାଙ୍କ ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ବ୍ଲକ୍‌ରେ ରିଲିଫ୍ ପରିଚାଳନା ଦାୟିତ୍ୱରେ ଥିବା କେତେକ ଅଧିକାରୀ ସରକାରୀ ଚାପରେ ପଡ଼ି ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଓ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରେ ପାତରଅନ୍ତର କରୁଛନ୍ତି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକେ ସରକାରୀ ସହାୟତା ପାଇବା ଆଶାରେ ରହିଥିବାବେଳେ ଏଭଳି ଅନିୟମିତତା ଅଭିଯୋଗ ଚିନ୍ତାର କାରଣ ପାଲଟିଛି। ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ନିରପେକ୍ଷ ଭାବେ ସହାୟତା ପ୍ରଦାନ କରିବା ସହ ବଞ୍ଚିତ ଲୋକଙ୍କୁ ତୁରନ୍ତ ରିଲିଫ୍ ଓ ଇନ୍‌ପୁଟ୍ ସବ୍‌ସିଡି ଯୋଗାଇଦେବାକୁ ଦାବି କରିଛନ୍ତି। ଆଉ ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବିଧାୟକ ଡ. ରାୟ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ, ବରିଷ୍ଠ ନେତା ନରେଶ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଅକ୍ଷୟ ନାୟକ, ଦୀପକ ରାଉତ, ସେକ୍ ଫିରୋଜ, ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA

ମଣ୍ଟୁ ମହାନ୍ତ ହତ୍ୟା ମାମଲାର ପର୍ଦ୍ଦାଫାସ, ୩ ଅଭିଯୁକ୍ତ ଗିରଫ

ପରକୀୟା ପ୍ରୀତିରୁ ଯୋଜନାବଦ୍ଧ ହତ୍ୟା



କେନ୍ଦୁଝର,୨।୧୧(ସମିସ): ଏସ୍‌ପି ନୀତିନ କୁସଲକରଙ୍କ ନିର୍ଦ୍ଦେଶରେ ସଦର ଥାନା ପୁଲିସ ମଣ୍ଟୁ ମହାନ୍ତ ହତ୍ୟା ମାମଲାର ତନାଘନା ଚଳାଇଥିବାବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଯୋଜନାବଦ୍ଧ ଭାବେ କରାଯାଇଥିବା ଜଣାପଡ଼ିଛି। ହତ୍ୟା ପରେ ମୃତଦେହକୁ ଅଖା ବସ୍ତାରେ ଭର୍ତ୍ତି କରି ରାସ୍ତାକଡ଼ରେ ଫିଙ୍ଗିଦେବା ସହ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ ହୋଇଥିଲା। ଦୀର୍ଘଦିନ ଧରି ରହସ୍ୟ ଘେରରେ ରହିଥିବା ଏହି ହତ୍ୟା ମାମଲାର ପର୍ଦ୍ଦାଫାସ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଗତ ଜୁନ୍ ୫ ତାରିଖରେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ରାଇସୁଆଁ ରେଳ ଓଭରବ୍ରିଜ୍ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା ପୁଲିସ। ଏହାର ୨୭ ଦିନ ପରେ, ଅର୍ଥାତ୍ ଜୁଲାଇ ୨ ତାରିଖରେ କୁସୁମୁଳା ଗ୍ରାମର ଯୋଗେନ୍ଦ୍ର ମହାନ୍ତ ନିଜ ପୁଅ ସୁଜିତ୍ ମହାନ୍ତ ଓରଫ୍ ମଣ୍ଟୁ ନିଖୋଜ ଥିବା ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ନିଖୋଜ ମାମଲା ଓ ପୂର୍ବରୁ ଉଦ୍ଧାର ହୋଇଥିବା ଅଜଣା ମୃତଦେହକୁ ଯୋଡ଼ି ତଦନ୍ତ ଆରମ୍ଭ କରିଥିଲା। ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ଓ ଡିଏନ୍‌ଏ ପରୀକ୍ଷା ପରେ ଉଦ୍ଧାର ହୋଇଥିବା ମୃତଦେହଟି ନିଖୋଜ ସୁଜିତ ମହାନ୍ତ ଓରଫ ମଣ୍ଟୁଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସର ତଦନ୍ତରୁ ଜଣାପଡ଼ିଛି ଯେ, ମଣ୍ଟୁଙ୍କର ନିକଟସ୍ଥ ଗୋପୀନାଥପୁର ଗ୍ରାମର ଜଣେ ବିଧବା ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଥିଲା। ଏହି ସମ୍ପର୍କକୁ ନେଇ ମହିଳାଙ୍କ ପରିବାରରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଥିଲା। ଘଟଣା ଦିନ ମଣ୍ଟୁ ଉକ୍ତ ମହିଳାଙ୍କ ସହ ଅସଙ୍ଗତ ଅବସ୍ଥାରେ ଥିବାବେଳେ ମହିଳାଙ୍କ ଭାଇଁ ରାଜେ ବେର୍ଣ୍ଣଟକାର ତାଙ୍କୁ ଦେଖି ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ପରେ ସେ ନିଜର ଦୁଇ ସହଯୋଗୀ ହର୍ଷପୁର ଗ୍ରାମର ବିନୋଦ ନାଏକ ଓରଫ୍ କାଳିଆ ଏବଂ ସୁରେଶ ମୁଣ୍ଡାଙ୍କୁ ଡକାଇଥିଲେ। ତିନିଜଣ ମିଶି ମଣ୍ଟୁଙ୍କ ସହ ଯୁକ୍ତିତର୍କ ଓ ମାରପିଟ୍ କରିଥିଲେ। ଏହି ସମୟରେ ରାଜେ ଏକ ଧାରୁଆ କୁରାଢ଼ୀରେ ମଣ୍ଟୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ମୃତଦେହକୁ ଏକ ଅଖା ବସ୍ତାରେ ଭର୍ତ୍ତି କରିଥିଲେ। ପରେ ରସାନନ୍ଦ ଜେନାଙ୍କ ମାଲିକାନାରେ ଥିବା ଏକ ଡାଲା ଅଟୋରେ ମୃତଦେହକୁ ନେଇ ରାଇସୁଆଁ ରେଳ ଓଭରବ୍ରିଜ୍ ନିକଟରେ ଫିଙ୍ଗି ଦେଇଥିଲେ। ଉକ୍ତ ଡାଲା ଅଟୋକୁ ସୁରେଶ ମୁଣ୍ଡା ଚଳାଉଥିଲେ। ଏପରିକି ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଅଟୋକୁ ଧୋଇ ପ୍ରମାଣ ନଷ୍ଟ କରିବାକୁ ମଧ୍ୟ ଉଦ୍ୟମ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କେନ୍ଦୁଝର ଏସ୍‌ପି ନୀତିନ କୁସଲକରଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ପୁଲିସ ତଦନ୍ତକୁ ଜୋରଦାର କରିଥିଲା। ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନ୍ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା। ମିଳିଥିବା ବୈଜ୍ଞାନିକ ତଥ୍ୟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ରାଜେ ବେର୍ଣ୍ଣଟକାର, ବିନୋଦ ନାଏକ ଓରଫ୍ କାଳିଆ ଏବଂ ସୁରେଶ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ପୁଲିସର ଦାବି ଅନୁଯାୟୀ, ପଚରାଉଚରା ସମୟରେ ତିନିଜଣ ଏହି ହତ୍ୟାକାଣ୍ଡରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଶେଷରେ ତିନିଜଣଙ୍କୁ ଗିରଫ କରାଯାଇ କେସ୍ ନମ୍ବର ୩୭୭/୨୦୨୬ରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ଆଇନଗତ ଧାରାରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଏହି ଜଟିଳ ହତ୍ୟା ମାମଲାର ପର୍ଦ୍ଦାଫାସ କରିବାରେ ସଦର ଥାନା ଆଇଆଇସି ଅମିତ କୁମାର ଭୂୟାଁଙ୍କ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ତାଙ୍କ ନେତୃତ୍ୱରେ ଏସ୍‌ଆଇ ସୂର୍ଯ୍ୟ ନାରାୟଣ ରାଉତରାୟ, ଏସ୍‌ଆଇ ଅନୁପ କୁମାର କର ଓ ଏସ୍‌ଆଇ ବୁଦ୍ଧଦେବ ଜେନାଙ୍କୁ ନେଇ ଗଠିତ ତିନିଜଣିଆ ଟିମ୍ ତଦନ୍ତକୁ ସଫଳତାର ସହ ଆଗେଇ ନେଇଥିଲା। ଦୀର୍ଘଦିନ ଧରି ଅସମାଧାନ ହୋଇ ରହିଥିବା ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାରେ ପୁଲିସର ଭୂମିକାକୁ ବେଶ ପ୍ରଶଂସା କରାଯାଇଛି।

ଆକ୍ରମଣରେ ୨ ଆହତ, ଜଣେ ଗୁରୁତର

ଚମ୍ପୁଆ,୨।୧୧(ସମିସ): ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଘଟଣା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା କରୁଥିବାବେଳେ ବେଶ୍ ନାକେଦମ ହେବାକୁ ପଡ଼ିଛି। ଆହତଦ୍ୱୟ ହେଲେ ଅଜୟ କୁମାର ସାହୁ ଓ ସୁଦାମ ସାହୁ। ଗୁରୁତର ଅଜୟଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି। ଏହି ଆକ୍ରମଣ ଘଟଣାରେ ଶ୍ରୀଧର ନାୟକଙ୍କ ସଂପୃକ୍ତି ରହିଥିବା କୁହାଯାଉଛି। ଆକ୍ରମଣ ପରେ ସେ ନିଜ ଘରେ ଲୁଚି ରହିଥିବା ସୂଚନା ପାଇ ପୁଲିସ ଘରେ ଚଢ଼ଉ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସକୁ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶେଷରେ ପୁଲିସ ତାଙ୍କୁ ଗିରଫ କରିଛି। ଘଟଣାର କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ଏ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ



ହାଟଡିହୀ,୨।୧୧(ସମିସ): ହାଟଡ଼ିହୀ ଗ୍ରାମର ବଳରାମ ମଲ୍ଲିକଙ୍କ ସ୍ତ୍ରୀ ତୁଳସୀ ମଲ୍ଲିକ(୪୬) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗତ ଶୁକ୍ରବାର ସନ୍ଧ୍ୟାରେ ସେ ନିଜ ସାନ ପୁଅ ଓ ଝିଅାରୀ ସହ ଲକ୍ଷ୍ମୀପୂଜା ମେଳା ଦେଖିବାକୁ ଭଦ୍ରକ ଜିଲ୍ଲା ବନ୍ତ ଯାଇଥିଲେ। ମେଳା ଦେଖି ଫେରିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ୩ଜଣଯାକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରୁ ତିନିଜଣଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ପଠାଇଥିଲେ। ସେଠାରେ ତୁଳସୀଙ୍କ ଅବସ୍ଥା ସଙ୍ଗୀନ ହେବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପରିବାର ଲୋକେ ନେଇଯାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତ ଶରୀର ଗାଁକୁ ଅଣାଯାଇଥିଲା। ତୁଳସୀ ଜଣେ ଶାନ୍ତ, ନମ୍ର ଓ ଉତ୍ତମ ସ୍ୱଭାବର ମହିଳା ଥିଲେ। ତାଙ୍କର ଏଭଳି ଅକାଳ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସାଇରାମ ମୁଖାଗ୍ନି ଦେଇଥିବାବେଳେ ଜୁଇର ଶେଷ ଚିତା ଲିଭିବା ଯାଏଁ ଗାଁ ସହ ଆଖପାଖ ଗାଁରୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା।

ଘଟଗାଁରେ ଗଜଲକ୍ଷ୍ମୀ ଭସାଣି ଉତ୍ସବ



ଘଟଗାଁ,୨।୧୧(ସମିସ): ଘଟଗାଁ ବଜାର କମିଟି ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ ହୋଇଛି। ଏହି ଅବସରରେ ୭ ଦିନ ଧରି ମା' ଗଜଲକ୍ଷ୍ମୀ ପୂଜା ବେଶ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ପୂଜା ଅବସରରେ ପ୍ରତିଦିନ ନିଷ୍ଠାର ସହ ଧାର୍ମିକ ରୀତିନୀତି ସମ୍ପାଦିତ ହେବା ସହ ଏକ ଭକ୍ତିମୟ ସୃଷ୍ଟି ହୋଇଥିଲା। ଚଳିତ ପୂଜାରେ କମିଟିର ସଦସ୍ୟ ଶରତ ଚନ୍ଦ୍ର ସାହୁ ସଂକଳ୍ପରେ କର୍ତ୍ତା ଭାବେ ବସିଥିବା ବେଳେ ପୂଜକ ଶ୍ରୀକାନ୍ତ କୁମାର ପଣ୍ଡା ଓ ସୁନୀଲ କୁମାର ନନ୍ଦ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭସାଣି ଉତ୍ସବ ରବିବାରରେ ଏକ ଶୋଭାଯାତ୍ରାରେ ବାଜା, ବାଣ ସହ ବଜାର ପରିକ୍ରମା କରି ପୋଖରୀରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ପୂଜା କମିଟିର ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଧରଣୀଧର ଖୁଣ୍ଟିଆ, ପରୀକ୍ଷିତ ସାହୁ, ଜଗବନ୍ଧୁ ସା, ଚନ୍ଦ୍ରଶେଖର ସାହୁ, ଉତ୍ତମ ପ୍ରଧାନ, ରାଜେନ୍ଦ୍ର ସାହୁ, ଅଭି ସାହୁ, କିଶୋର ସାହୁ, ମୁନା ସାହୁ, ସନୁ ସାହୁ, କିଶୋର ସାହୁ, ଟୁକୁନା ସାହୁ, ମନୋଜ ବିହାରୀ, ପପୁ ସାହୁ, ମନୋରଞ୍ଜନ ସାହୁ, ଶ୍ରୀକାନ୍ତ ସାହୁ, ଟୁକୁନା ସାହୁ, ଫୁକୁନା ସାହୁ, ସିପକ ଜେନା, ତପନ ଦେଓ, ସରୋଜ କୁମାର ସାହୁ, ରାଜେଶ ପୃଷ୍ଟି, ଅଭିଷେକ ପଣ୍ଡା, ଆଲୋକ ରାଉତ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

ଆତ୍ମ ସୁରକ୍ଷା ତାମିଲ ଶିବିର



ତେଲକୋଇ,୨।୧୧(ସମିସ): ତେଲକୋଇ ମୁଖ୍ୟାଳୟସ୍ଥିତ ଚାରିଗଡ଼ ମହାବିଦ୍ୟାଳୟ ଶକ୍ତିଶ୍ରୀ ଆନୁକୂଲ୍ୟରେ ସମ୍ମିଳନୀ କକ୍ଷରେ ସୋମବାର ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପାର୍ବତୀ ସାହୁ ସଭାପତିତ୍ୱ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ରଶ୍ମୀତା ପଟେଲ ଏବଂ ଅଧ୍ୟାପିକା ମୋନାଲିଜା ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ଜ୍ୟୋତିର୍ମୟୀ ବେହେରା, ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁରିଆ ଜୁଆଙ୍ଗ ପ୍ରମୁଖ ଯୋଗ ଦେଇ ନିଜ ଅଭିଭାଷଣରେ ଛାତ୍ରୀମାନେ କିପରି ଆତ୍ମ ସୁରକ୍ଷା କରିବା ପାଇଁ ସମର୍ଥ ହେବେ, ନାରୀ ଶକ୍ତିଶାଳୀ ହୋଇ ପାରିବେ, ସେ ବିଷୟରେ ଅବଗତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ବବିତା ରାଉଳ, ରଞ୍ଜିତା ମହାପାତ୍ର, ପିଅନ ବୈଦେହୀ ପ୍ରଧାନଙ୍କ ସହ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରୀ ଉପସ୍ଥିତ ରହିଥିଲେ।

ଘଟଗାଁ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ



ଘଟଗାଁ,୨।୧୧(ସମିସ): ଘଟଗାଁ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ନିଜସ୍ୱ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚକ୍ରଧର ବଳଙ୍କ ପୌରୋହିତ୍ୟରେ ବୈଠକ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଜଗତଜନନୀ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସମ୍ପାଦକ ନରୋତ୍ତମ ବାରିକ ମାସିକ ବୈଠକର ବିବରଣୀ ପାଠ କରିଥିଲେ। ସ୍ୱର୍ଗତ ଲକ୍ଷ୍ମୀଧର ବେଜଙ୍କ ତିରୋଧାନରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ବିଭିନ୍ନ କାର୍ଯ୍ୟାବଳୀକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଚଳିତ ମାସ ୧୧ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବକୁ ଅନିବାର୍ଯ୍ୟ କାରଣବଶତଃ ୨୦୨୭ ଜାନୁଆରୀ ମାସରେ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବେହେରା, ଉପସଭାପତି ପ୍ରସନ୍ନ କୁମାର ନାୟକ, ସଦସ୍ୟ ରାଜେନ୍ଦ୍ର କୁମାର ସାହୁ, ଡମ୍ବରୁଧର ରାଉତ, ଅନନ୍ତ ସାହୁ, ଗଣେଶ୍ୱର ରାଉତ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରସନ୍ନ କୁମାର ବାରିକ, ଡମ୍ବରୁଧର ବାରିକ, ଚନ୍ଦ୍ରଭାନୁ ନାଏକ, ପୀତାମ୍ବର ସାହୁ, ନରେନ୍ଦ୍ର ନାଥ ନାଏକ, ଫକୀର ଚରଣ ସାହୁ, ଶେଷଦେବ ସାହୁ, ଅକ୍ଷୟ କୁମାର ସାହୁ, ରବୀନ୍ଦ୍ର କୁମାର ବେହେରା, କ୍ଷୀରୋଦ ବିହାରୀ ବେହେରା, ସୁରେନ୍ଦ୍ର ନାଥ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ସଦସ୍ୟ ବାବୁଲାଲ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ

ଆନନ୍ଦପୁର,୨।୧୧(ସମିସ): ଆନନ୍ଦପୁର ପୌରାଞ୍ଚଳ ୧୬ନମ୍ବର ୱାର୍ଡଶୈଳଙ୍ଗ ନିକଟରେ ଜନୈକ ଫାଇନାନ୍ସ କର୍ମଚାରୀ ଦୀପ୍ତିରଞ୍ଜନ ସାହୁ(୩୮)ଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ଦୀପ୍ତିରଞ୍ଜନ ନିଜ ଶୈଳଙ୍ଗସ୍ଥିତ ଘର ଆଗରେ ଛିଡ଼ା ହୋଇଥିବାବେଳେ ହଠାତ୍ ଦୁଇଟି ବାଇକ୍ ଓ ଗୋଟିଏ କାର୍‌ରେ ୬ଜଣ ଆସି ଆକ୍ରମଣ କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକ ପହଞ୍ଚିଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଏ ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ଜଣାପଡ଼ିନାହିଁ।

ମଧ୍ୟାହ୍ନ ଭୋଜନ ତଥ୍ୟରେ ଜାଲିଆତି

ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ

ତୁରୁମୁଙ୍ଗା,୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଧପୁର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ପ୍ରକୃତ ସଂଖ୍ୟାଠାରୁ ଅଧିକ ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନ ଭୋଜନ ସରକାରୀ ଏମ୍‌ଡିଏମ୍ ସାଇଟରେ ତଥ୍ୟ ପ୍ରଦାନ କରିବା ସହ ବିନା ଅନୁମତିରେ ବିଦ୍ୟାଳୟ ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହିମାଦ୍ରୀ ତନୟା ସେଠୀ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ନିରପେକ୍ଷ ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବର ୩୧ ତାରିଖରେ ବିଦ୍ୟାଳୟରେ ମାତ୍ର ୨୭ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଅନଲାଇନ୍ ତଥ୍ୟରେ ୯୬ ଜଣ ଉପସ୍ଥିତ ଥିବା ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଉପସ୍ଥାନ ଖାତା ଓ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ତଥ୍ୟର ନକଲ ଅଭିଯୋଗପତ୍ର ସଂଲଗ୍ନ କରି ବିଡିଓଙ୍କୁ ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବା ସହ ନିୟମ ଅନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଡିଓଙ୍କୁ ନିବେଦନ କରିବା ସହ ଏହାର ପାଟଣା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ ଭୁଲ ବଶତଃ ଏମ୍‌ଡିଏମ୍‌ରେ ତଥ୍ୟ ପକାଇ ଥିବା କହିଛନ୍ତି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରିବା ପାଇଁ ବ୍ଲକ୍ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସିପ୍ରାରାଣୀ ମହାନ୍ତଙ୍କୁ ଦିଆ ଯାଇଥିବା କହିଛନ୍ତି।

ପୁଲିସ-ବାଲି ମାଫିଆ ଲୁଚକାଳି ଖେଳ

ଭୟରେ ନଦୀ ପଶିଲା ଟ୍ରାକ୍ଟର




ଆନନ୍ଦପୁର,୨।୧୧(ସମିସ): ବେଆଇନ ବାଲି ଚାଲାଣ ରୋକିବାକୁ ପୁଲିସ ଚଢ଼ଉ ସମୟରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। କେନ୍ଦୁଝର ଜିଲ୍ଲାର ଘସିପୁରା ଥାନା ଅଞ୍ଚଳର ଦେଓଗାଁ ପଞ୍ଚାୟତ ଡିହସାହି ବାଲିଘାଟରେ ଆଜି ଅପରାହ୍ଣ ପ୍ରାୟ ୨ଟା ସମୟରେ ପୁଲିସ ଟିମ୍ ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲା। ତେବେ ପୁଲିସକୁ ଦୂରରୁ ଦେଖି ଟ୍ରାକ୍ଟରଗୁଡ଼ିକୁ ନେଇ ଚାଳକମାନେ କୁଶେଇ ନଦୀ ପାଣି ଭିତରକୁ ପଶି ଯାଇଥିଲେ। ଦୀର୍ଘ ସମୟ ଧରି ଟ୍ରାକ୍ଟରଗୁଡ଼ିକ ପାଣି ଭିତରେ ରହିଥିବା ବେଳେ ପୁଲିସ ନଦୀବନ୍ଧ ଉପରେ ଅପେକ୍ଷା କରିଥିଲା। ଏହି ଘଟଣା ଦେଖିବାକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭିଡ଼ ମଧ୍ୟ ଜମିଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ପୁଲିସ ବାଧ ହୋଇ ସେଠାରୁ ଫେରିଥିବା ଜଣାପଡ଼ିଛି। ତେବେ ଘଟଣାରେ ସମ୍ପୃକ୍ତ ଟ୍ରାକ୍ଟର ମାଲିକଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି। ଅଞ୍ଚଳରେ ବେଆଇନ ବାଲି ଚାଲାଣ ରୋକିବାକୁ ପ୍ରଶାସନର ପଦକ୍ଷେପ କେତେ ଫଳପ୍ରଦ ହେଉଛି, ଏହି ଘଟଣା ତାହାକୁ ନେଇ ପ୍ରଶ୍ନ ଉଠାଇଛି।

ଟୁଙ୍କୁଣା ଶାସନରେ ବ୍ରାହ୍ମଣ ପୂଜନ ଓ ଧର୍ମସଭା



ଆନନ୍ଦପୁର,୨।୧୧(ସମିସ): ଆଜି ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଟୁଙ୍କୁଣା ଶାସନ ଠାରେ ବେଦ ପାଠ, ବ୍ରାହ୍ମଣ ପୂଜନ ଓ ଧର୍ମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସର୍ବ ଭାରତୀୟ ବ୍ରାହ୍ମଣ ମହାସଙ୍ଘର ସଭାପତି ଡ. ବିପିନ ବିହାରୀ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସ୍ୱାମୀ ଚିନ୍ମୟା ନନ୍ଦ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବ୍ରାହ୍ମଣ ମହାସଙ୍ଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ଡ. ସୁକାନ୍ତି ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବେଦ ପାଠ, ୧୦୮ ବ୍ରାହ୍ମଣ ପୂଜନ କରାଯାଇଥିଲା। ସଭାରେ ଶରତ ଚନ୍ଦ୍ର ମିଶ୍ର, ମଧୁସୂଦନ ମିଶ୍ର, ବିଭୂତି ଭୂଷଣ ଦାଶ, ମଧୁସୂଦନ ମିଶ୍ର, ଚିତ୍ତରଞ୍ଜନ ଦାଶ, ଭରତ ଚନ୍ଦ୍ର ଦାଶ, ତ୍ରିଲୋଚନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ପଣ୍ଡା, କନକଲତା ମିଶ୍ର, ଶତାୟୁ ପୁରୁଷ ଅଇଁଠୁ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ପାଢ଼ୀ, ଆବାହକ ମଦନ ପାଣି, ରାଜ୍ୟ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ସଂଯୋଜକ ମଦନ ମୋହନ ମିଶ୍ର ଓ ଗୀତାଞ୍ଜଳି କର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ମଛାଲୋରେ ଭୀମ ଆର୍ମିର କାର୍ଯ୍ୟକର୍ତ୍ତା ସମ୍ମିଳନୀ



ଆନନ୍ଦପୁର,୨।୧୧(ସମିସ): ଘସିପୁରା ବ୍ଲକ୍ ମଛାଲୋ ଗ୍ରାମ ପଞ୍ଚାୟତର ମଛାଲୋ ଗ୍ରାମରେ ଭୀମ ଆର୍ମି ସଂଗଠନର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ପାଳନ ଏବଂ ଭାରତୀୟ ସମ୍ବିଧାନର ମୁଖ୍ୟ ନିର୍ମାତା ଭାରତରତ୍ନ ବାବା ସାହେବ ଡଃ ବି.ଆର୍. ଆମ୍ବେଦକରଙ୍କ ନବନିର୍ମିତ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବକୁ ସଫଳ କରିବା ନିମନ୍ତେ ଗତକାଲି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୀମ୍ ଆର୍ମି କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ନେତୃତ୍ୱରେ ଏହି ବୈଠକ ପରିଚାଳିତ ହୋଇଥିଲା। ବୈଠକରେ ଘସିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭୀମ୍ ଆର୍ମି ସଂଗଠନର ଆଗଧାଡ଼ିର କର୍ମକର୍ତ୍ତାଙ୍କ ସମେତ ମଛାଲୋ ଗ୍ରାମ ପଞ୍ଚାୟତର ବରିଷ୍ଠ ବ୍ୟକ୍ତିବିଶେଷ ଓ ଯୁବକମାନେ ଯୋଗ ଦେଇଥିଲେ। ଆଗାମୀ କାର୍ଯ୍ୟକ୍ରମକୁ କିପରି ଶୃଙ୍ଖଳିତ, ସୁନ୍ଦର ଓ ସଫଳତାର ସହ ଆୟୋଜନ କରାଯାଇ ଏକ ସ୍ମରଣୀୟ ତଥା ଐତିହାସିକ କାର୍ଯ୍ୟକ୍ରମରେ ପରିଣତ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ନିଜ ନିଜର ମତାମତ ଓ ପ୍ରସ୍ତାବ ରଖିବା ପରେ ସର୍ବସମ୍ମତିକ୍ରମେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସହମତି ପ୍ରକାଶ ପାଇଥିଲା ଏବଂ ବାବା ସାହେବଙ୍କ ଆଦର୍ଶ, ସମ୍ବିଧାନର ମୂଲ୍ୟବୋଧ, ସାମାଜିକ ନ୍ୟାୟ, ସମାନତା ଓ ଭାଇଚାରାର ବାର୍ତ୍ତାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଏହି ବୈଠକରେ ମଛାଲୋ ଗ୍ରାମ ପଞ୍ଚାୟତର ପ୍ରତିନିଧି ତାପସ ଜେନା, ଲୋକନାଥ ଜେନା, ବିଭୁ ପ୍ରସାଦ ଜେନା, ଶାନ୍ତନୁ ଜେନା, ନରେନ୍ଦ୍ର ଜେନା, ନୃସିଂହ ଦାସ, ସନ୍ତୋଷ ଜେନା, ପ୍ରଶାନ୍ତ ଜେନା, ଭାଗିରଥି ଦାସ, ଦୀପକ ଜେନା, ଜଗଦୀଶ ଜେନା, ପ୍ରକାଶ ପେରେଇ, ରଜତ ଜେନା ଓ ବାପି ଜେନା, ଅଞ୍ଜନ ପେରେଇ, ବରୁଣ ମଲ୍ଲିକ, ରଘୁନାଥ ଜେନା, ସୁଜିତ କୁମାର ଜେନା, ରମାକାନ୍ତ ଜେନା, ରବୀନ୍ଦ୍ର ଜେନା, ଗୋପବନ୍ଧୁ ଜେନା, ବିକାଶ ଜେନା, ବିଜୟ କୁମାର ଜେନା, ଦେବ କୁମାର ଜେନା, କେଶବ ଜେନା, ଦେବେନ୍ଦ୍ର ଜେନା, ଅକ୍ଷୟ ଜେନା, ଚନ୍ଦ୍ରକାନ୍ତ ଜେନା, ସୁରେଶ ଜେନା, ବିପ୍ରଜ କୁମାର ଜେନାଙ୍କ ସମେତ ସଂଗଠନର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ତୁରୁମୁଙ୍ଗା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପିତ



ତୁରୁମୁଙ୍ଗା,୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଠାରେ ଆଠ ଦିନ ଧରି ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ଭକ୍ତ ଓ ମାଆ ମାଉସୀଙ୍କ ଉପସ୍ଥିତିରେ ଧନ ଦାତ୍ରୀ ମାଆ ଗଜଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ। ୧୯୬୮ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଚଳିତ ବର୍ଷ ଆଠଦିନ ଧରି ପାଳିତ ହୋଇଥିଲା। ବିଭିନ୍ନ ସନ୍ଧ୍ୟାରେ ସତ୍ୟନାରାୟଣ ପାଲା, ନୈବେଦ୍ୟ ଡାନ୍ସ ଗ୍ରୁପର ନୃତ୍ୟ, ତୁରୁମୁଙ୍ଗାର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ, ମହାବୀର ଭଜନ ଗ୍ରୁପ, କେନ୍ଦୁଝର ଦ୍ୱାରା ଭଜନ ପରିବେଷଣ, ଏ ଅଞ୍ଚଳର କୁନି କୁନି ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଏକକ ନୃତ୍ୟ ପ୍ରତିଯୋଗିତା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା କମିଟି ପକ୍ଷରୁ ଆୟୋଜିତ କରାଯାଇଥିଲା। ଏଥି ସହ ମହିଳା ଓ ଯୁବତୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା ଲକ୍ଷ୍ମୀ ପୁରାଣ ସମ୍ପର୍କିତ ପ୍ରଶ୍ନୋତ୍ତର, ଝୋଟିଚିତା, ଶଙ୍ଖ ଫୁଙ୍କା, ଅନ୍ଧପୁତୁଳି, ସଙ୍ଗୀତ ଚୌକି, ବେଲୁନ ଫୁଙ୍କା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ପୂଜ୍ୟ ପୂଜାର ପର୍ବ ପାଳନ ପୂର୍ବକ ୮୦ ବର୍ଷ ବା ତଦୂର୍ଦ୍ଧ ବୟସ୍କ ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ନିମନ୍ତ୍ରିତ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ଶତାୟୁ ପୁରୁଷ ରାମଚନ୍ଦ୍ର ସେଠୀ ଓ ଶତାୟୁ ମହିଳା ମଲ୍ଲୀ ଦେହୁରୀଙ୍କ ସମେତ ୨୮ଜଣ ପୁରୁଷ ବୟୋଜ୍ୟେଷ୍ଠ ଓ ୨୭ ଜଣ ମହିଳା ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପୂଜା ମଣ୍ଡପକୁ ଆସି ଆନନ୍ଦିତ ହେବା ସହ ତାଙ୍କର ପୁରୁଣା ସ୍ମୃତି ଏବଂ ଅନୁଭୂତି ବଖାଣିଥିଲେ। ଏ ପୂଜାକୁ ଆହୁରି ସରସ ସୁନ୍ଦର କରି ଆଗେଇ ନେବାକୁ କମିଟିର କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶେଷ ସନ୍ଧ୍ୟାରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ମାଆ ଗଜଲକ୍ଷ୍ମୀଙ୍କ ପୂର୍ବବର୍ଷର ପୂଜା ଶାଢ଼ି ନିଲାମ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଉତ୍ସାହିତ ହୋଇ ଅଂଶ ଗ୍ରହଣ କରିଥିଲେ। ଶେଷରେ ଭକ୍ତ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ୨୫୦୦୧ ଟଙ୍କାରେ ଉକ୍ତ ପୂଜା ଶାଢ଼ି ନେଇଥିଲେ। ପ୍ରତ୍ୟେକ ଦିନ ସମସ୍ତଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ତୁରୁମୁଙ୍ଗା ଗ୍ରାମବାସୀ ଏବଂ ପୂଜା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧୋଇଗଲା ଫସଲ; ଋଣ ଛାଡ଼ ଲାଗି ଚାଷୀଙ୍କ ନିବେଦନ

ଶେରଗଡ଼,୨।୧୦(ସମିସ):

ଖରିଫ ଚାଷ ସମୟରେ ଚାଷୀ ହନ୍ତସନ୍ତ ହେଉଥିବା ସମଗ୍ର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ପ୍ରଥମେ ବର୍ଷା ଅଭାବ ରୁ ଗଜା ମରୁଡି, କେତେବେଳେ ଅମଳ ସମୟରେ ବାତ୍ୟା 'ଅର୍ଣ୍ଣବ' ର ଶିକାର ହୋଇ ଚାଷୀ ଏବେ ସର୍ବସ୍ୱାନ୍ତ ହୋଇଛି। ତେବେ ସବୁ ବର୍ଷ ଅପେକ୍ଷା ଚଳିତ ବର୍ଷ ମୌସୁମୀ ବର୍ଷା ର ପ୍ରଭାବ ଜିଲ୍ଲା ରେ ନଥିଲା। ହେଲେ ଚାଷ ସମୟରେ ଲଘୁଚାପ ବର୍ଷା ଚାଷୀଙ୍କୁ ସହାୟକ ହୋଇଥିଲା। ଯାହା ଫଳରେ ଚଳିତ ବର୍ଷ ଭଲ ଫସଲ ହୋଇଥିଲା। କିନ୍ତୁ ବାତ୍ୟା ଓ ବନ୍ୟା ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହୋଇଛି। ତେବେ ଏଥିପ୍ରତି ସରକାର ଏବଂ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ବାରମ୍ବାର ଚାଷୀମାନେ ବିଭିନ୍ନ କ୍ଷେତ୍ରରେ କ୍ଷତି ସହୁଥିବାରୁ ଋଣ ଶୁଝିବା ଲାଗି ଅକ୍ଷମ



ଥିବାରୁ ଚଳିତ ବର୍ଷ ଋଣ ଛାଡ କରିବା ଲାଗି ଚାଷୀମାନେ ନିବେଦନ କରିଛନ୍ତି। ଏଭଳି ସଙ୍କଟ ଜନକ ପରିସ୍ଥିତି ରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ କୃଷି ବିଭାଗ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷତିର ପରିମାଣ ସଠିକ ଆକଳନ କରନ୍ତୁ ଏବଂ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବା ଲାଗି ଚାଷୀମାନେ ଦୃଢ ଦାବି କରିଛନ୍ତି। ସେହିଭଳି ପନିପରିବା ଚାଷ କରି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ନିଜ ଫସଲ କ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସହାୟତା କରିବା ଲାଗି ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ନିକଟରେ ଯାଇଥିବା ଲଘୁଚାପ ସହିତ ବାତ୍ୟା ପରେ ଅର୍ଣ୍ଣବ ପରେ ଏବେ ସୃଷ୍ଟି ହୋଇଛି ଆଉ ଏକ ବାତ୍ୟା, ଯାହାର ନାମ ହେଉଛି 'ମୁରାସୁ'। ଏହା କ୍ରମଶଃ ଅବପାତ ରେ ପରିଣତ ହୋଇ ବାତ୍ୟା ର ରୂପ ନେଲାଣି। ଏହାର ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପବନର ବେଗ ୬୦ ରୁ ୮୦ କିମି ରହିବା ସମ୍ଭାବନା ରହିଛି। ସେଥିଲାଗି ସମସ୍ତଙ୍କୁ ସତର୍କ ରହିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ବନ୍ୟା କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କଲେ ଅଧିକାରୀ



ଶେରଗଡ଼,୨।୧୧(ସମିସ): ସମ୍ପ୍ରତି ବନ୍ୟା ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଏକ ଟିମ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ କରଞ୍ଜିଆ ଉପଜିଲ୍ଲାପାଳ ତଥା ଶେରଗଡ଼ର ପୂର୍ବତନ ତହସିଲଦାର ଡଃ ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ,ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବୈରୀଗଞ୍ଜନ ଏବଂ ଲକ୍ଷ୍ମୀ ପ୍ରିୟା ନାୟକ, ଅତିରିକ୍ତ ନିରାକାର ଜେନାଙ୍କ ସହିତ ବ୍ଲକର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଶେରଗଡ଼ ସହର ପରିକ୍ରମା କରି ସମସ୍ତ କ୍ଷତିଗ୍ରସ୍ତ ବ୍ୟବସାୟୀ, ସାଧାରଣ ଜନତାଙ୍କ ସହିତ ଆଲୋଚନା କରିଥିଲେ। ନୂତନ ଚଳିତ ବାତ୍ୟା 'ମୁରେସୁ' ପ୍ରଭାବ ସରିବା ପରେ କ୍ଷତିଗ୍ରସ୍ତଙ୍କ କ୍ଷତି ବାବଦରେ ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କରଞ୍ଜିଆ ଉପଜିଲ୍ଲାପାଳଙ୍କୁ ଶେରଗଡ ବଡଦାଣ୍ଡ ସାହି, ପାଇକ ସାହି ଏବଂ ବଜାରର ବ୍ୟବସାୟୀମାନେ ମନୁଷ୍ୟକୃତ ବନ୍ୟାକୁ ସବଦିନ ଲାଗି କେମିତି ରୋକାଯାଇ ପାରିବ, ତାହାର ସ୍ଥାୟୀ ସମାଧାନ କରିବା ଲାଗି ଉପଜିଲ୍ଲାପାଳ ଶ୍ରୀ ପରିଡା ସରକାରଙ୍କ ନିକଟରେ ପହଞ୍ଚାଇବା ସହ ସମାଧାନ ର ରାସ୍ତା ବାହାର କରିବା ଲାଗି ଅନୁରୋଧ କରିଥିଲେ।

ଋଷିକୁଲ୍ୟା ମୁହାଁଣକୁ ନୋ ଫିସିଂ ଜୋନ ଘୋଷଣା

ଗଞ୍ଜାମ,୨।୧୧(ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ନଭେମ୍ବର ପହିଲାରୁ ଋଷିକୁଲ୍ୟା ମୁହାଁଣ କୁ ନୋ ଫିସିଂ ଜୋନ ଭାବେ ଘୋଷଣା କରିଛି ବନ ବିଭାଗ। ବେଳାଭୂମି ଠାରୁ ସମୁଦ୍ର ମଧ୍ୟକୁ ୨୦ କିଲୋମିଟର ଓ ଦକ୍ଷିଣରେ ଆର୍ଯ୍ୟପଲ୍ଲୀ ଓ ଉତ୍ତରକୁ ପ୍ରୟାଗି ପର୍ଯ୍ୟନ୍ତ ମେସିନ ଚାଳିତ ଡ଼ଙ୍ଗା କିମ୍ବା ଟ୍ରଲର ଦ୍ୱାରା ମାଛ ମରାଯାଇପାରିବ ନାହିଁ। ଏହି କଟକଣା ଆସନ୍ତା ମାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଳବତର ରହିବ। ବ୍ରହ୍ମପୁର ବନଖଣ୍ଡ ବିଭାଗ ଦ୍ୱାରା ସାମୁଦ୍ରିକ କଇଁଚ ସୁରକ୍ଷା କୁ ନେଇ ଆଜି ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଠାରେ ଏହି ପର୍ବର ଶୁଭାରମ୍ଭ କରାଯାଇଥିଲା । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋକରଙ୍କ ନିର୍ଦ୍ଦେଶକ୍ରମେ ରବିବାର ରିବନ କାଟି ସବୁଜ ପତାକା ଉଡାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ମାନସ ମୁର୍ମୁ, ବ୍ରହ୍ମପୁର ମଣ୍ଡଳ ଅଫିସ ସହକାରୀ ବନ ସଂରକ୍ଷକ ଦେବାଶିଷ ଭୋଇ, ବନାଞ୍ଚଳ ଅଧିକାରୀ ଖଲ୍ଲିକୋଟ କୁଳେସ ଚନ୍ଦ୍ର ସାହୁ, ବନପାଳ ରମ୍ଭା ଶାଖା ଡ଼ି. ପ୍ରଶାନ୍ତ ରାଓ, ଯୁବ ପରିବେଶବିତ୍ ରବିନ୍ଦ୍ର ନାଥ ସାହୁ ପ୍ରମୁଖଙ୍କ ଓ ଖଲ୍ଲିକୋଟ ବନାଞ୍ଚଳର ସମସ୍ତ କର୍ମରତ କର୍ମଚାରୀ, ବନ ସୁରକ୍ଷା ସଭ୍ୟ, ତତସହିତ ଆଞ୍ଚଳିକ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ।

ବର୍ତ୍ତମାନ ହଜାର ହଜାର କିଲୋମିଟର ଅତିକ୍ରମ କରି ବିରଳ ପ୍ରଜାତିର ସାମୁଦ୍ରିକ ମାନେ ଋଷିକୁଲ୍ୟା ମୁହାଁଣରେ ସମାଗମ ହେଉଛନ୍ତି। କିଛିଦିନ ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ପରେ ଗଣ ଅଣ୍ଡାଦାନ ଓ ଶେଷରେ ଅଣ୍ଡା ରୁ ଛୁଆ ଫୁଟି ସମୁଦ୍ରର ନୀଳ ଜଳ ରାଶିକୁ ଯାଇ ବେବି ଅଲିଭ ରିଡଲେଙ୍କ ନୁଆଁ ଠିକଣା ପାଇବା ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଏହି ବିରଳ ପ୍ରଜାତି ର ସାମୁଦ୍ରିକ କଇଁଚଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ସିପିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଦିଗପହଣ୍ଡି,୨।୧୧(ସମିସ) ଗତ 'ଅର୍ଣ୍ଣବ' ବାତ୍ୟା ଓ ପରବର୍ତ୍ତୀ ବନ୍ୟା ରେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକର ପ୍ରାୟ ସମସ୍ତ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ ହୋଇଛି ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ବଡ଼ ଖେମୁଣ୍ଡି ଜୋନାଲ କମିଟି ପକ୍ଷରୁ କୁହାଯାଇଛି। ବନ୍ୟା ବିପନ୍ନଙ୍କୁ ତୁରନ୍ତ ରିଲିଫ ପ୍ରଦାନ, କ୍ଷତି ହୋଇଥିବା ଧାନ, ଆଖୁ, ମକା, ପନିପରିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଫସଲ ବୀମା ପ୍ରଦାନ, କୃଷି ଋଣ ଛାଡ଼, ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ ସଂଯୋଗକୁ ସଜାଡ଼ିବା, ଭାଙ୍ଗି ଯାଇଥିବା ରାସ୍ତା, ପୋଲ, କେନାଲ ଗୁଡ଼ିକର ମରାମତି କରାଯିବା।ଦିଗପହଣ୍ଡି ସହର ବସଷ୍ଟାଣ୍ଡ ବାସିନ୍ଦାଙ୍କୁ ଜଳବନ୍ଦୀରୁ ମୁକ୍ତି ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରାଯାଇଛି। ଭୀଷ୍ମଗିରି ଗ୍ରାମ ଗଣେଶ ନଗରର କ୍ଷତିଗ୍ରସ୍ତ ୮ ବିପନ୍ନ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା। ସମସ୍ତ ଗ୍ରାମାଞ୍ଚଳର ଗୃହହୀନଙ୍କୁ କ୍ଷତିପୂରଣ ସହ ଆବାସ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ। ସମସ୍ତ ଛୋଟ ବଡ଼ ଜଳ ଭଣ୍ଡାରର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଯିବା ସହ ଆବଶ୍ୟକ ସ୍ଥଳେ ଜଳ ନିଷ୍କାସନ ପାଇଁ ରହୁଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର କରାଯିବା ନିମନ୍ତେ ସୋମବାର ସିପିଆଇ ଜୋନାଲ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି।ବରିଷ୍ଠ ନେତା ଶମ୍ଭୁନାଥ ପଣ୍ଡା, ବୃନ୍ଦାବନ ପଣ୍ଡା, ସିପିଆଇ ଶାଖା ସମ୍ପାଦକ ତପନ କୁମାର ମିଶ୍ର, ମୃଷା ବେହେରା, ଆର୍. ଦୈତାରୀ ରେଡ୍ଡୀ ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କର୍ମୀ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହି ପ୍ରଶାସନ ପକ୍ଷରୁ ପ୍ରତି ରାଜସ୍ୱ ଗ୍ରାମ ଅନୁଯାୟୀ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ବାଲିଚର ଜମିଗୁଡ଼ିକର ପୁନଃରୁଦ୍ଧାର ସହ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ନେଇ ଉପସ୍ଥିତ ତହସିଲଦାରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ବାତ୍ୟା ଭାଙ୍ଗି ଦେଇଛି ବ୍ୟବସାୟୀଙ୍କ ମେରୁଦଣ୍ଡ



ଶେରଗଡ଼,୨।୧୦(ସମିସ): ଶେରଗଡ଼ ହେଉଛି ବ୍ୟବସାୟିକ ପେଣ୍ଠସ୍ଥଳୀ। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଭୀଷଣ ବର୍ଷାରେ ନନ୍ଦିନୀ ନଦୀର ବନ୍ୟା ଜଳ ଶେରଗଡ ସହରରେ ପଶି ବଜାରରେ ଥିବା ସମସ୍ତ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ରେ ପାଣି, ମାଟି, କାଦୁଅ, ପଙ୍କ ମାଡିଯାଇଥିଲା। ଫଳରେ ସହରରେ ଥିବା ସମସ୍ତ ଦୋକାନୀଙ୍କ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ସାମଗ୍ରୀ ନଷ୍ଟ ହେବା ଫଳରେ ବ୍ୟବସାୟୀ ମାନେ ଅତି ଶସ୍ତାରେ କିଛି ପାଇବା ଆଶାରେ ସାମଗ୍ରୀକୁ ବିକ୍ରି କରି ଦେଇଛନ୍ତି। ଫଳରେ ବଜାରରେ ଶସ୍ତାରେ ଜିନିଷ ବୋହି ନେବା ଲାଗି ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଥିଲା। ରାସନ ଦୋକାନ ଏବଂ ବୁକ ଷ୍ଟୋର ରେ ପାଣି ପଶିଯିବାରୁ ସମସ୍ତ ସାମଗ୍ରୀକୁ ମାଗଣାରେ ଲୋକଙ୍କୁ ବାଣ୍ଟି ଦେଉଥିବାର ଦୃଶ୍ୟ ଅତ୍ୟନ୍ତ କଷ୍ଟଦାୟକ। ଏଭଳି କ୍ଷତିକୁ ଭରଣା କରିବାବ୍ୟବସାୟୀଙ୍କ ଲାଗି କାଠିକର ପାଠ ହୋଇଛି। ଆଉ ଅଣ୍ଟା ସଳଖି ପୁଣି ବ୍ୟବସାୟକୁ ଆରମ୍ଭ କରିବା କଷ୍ଟକର ବୋଲି ସୌଦା ଦୋକାନୀ ମହେଶ୍ୱର ପାତ୍ର ପ୍ରକାଶ କରିଛନ୍ତି। ବୀମା କମ୍ପାନୀ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା ଲାଗି ବାସ୍ତବ ସମସ୍ୟାକୁ ସଠିକ ଭାବେ ଅନୁସନ୍ଧାନ କରି ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ବଣିକ ସଂଘର ସଦସ୍ୟମାନେ ଅନୁରୋଧ କରିଛନ୍ତି।

କ୍ଷେତରେ ପାଚିଲା ଧାନ, ଚାଷୀ ଆଖିରେ ଲୁହ



ବୁଗୁଡ଼ା, ୨/୧୧ (ସମିସ): ପ୍ରକୃତିର ଲଗାତାର ପ୍ରହାରରେ ପୁଣି ଥରେ ଦୋହଲି ଯାଇଛି ଅନ୍ନଦାତାଙ୍କ ମେରୁଦଣ୍ଡ। ନିକଟରେ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ହୋଇଥିବା ବର୍ଷା ଓ ପବନରେ ପାଚିଲା ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଏବେ ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର କଳାବାଦଲ ଚାଷୀ କୂଳକୁ ଆତଙ୍କିତ କରି ରଖିଛି। ଧାରକରଜ ଓ ରକ୍ତଝାଳ ଏକାକାର କରି ଫଳାଇଥିବା ସୁନାର ଫସଲ ଅମଳ ପୂର୍ବରୁ ଉଜୁଡ଼ିଯିବା ଆଶଙ୍କାରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଞ୍ଚଳର ମୋଟାବାଡ଼ି, କରଚୁଲି, କରସିଙ୍ଗି, ତାକରଡ଼ା ଓ ପାଙ୍ଗିଡ଼ି, ଖୋଲଖାଲି ସମେତ ସମସ୍ତ ପଞ୍ଚାୟତରେ ହଜାର ହଜାର ହେକ୍ଟର ଜମିରେ ଧାନ ପାଚି ବେରଙ୍ଗି ରଙ୍ଗ ଧାରଣ କରିଛି। ବର୍ଷକର ଦାନା ସହ ପରିବାରର ଗୁଜୁରାଣ ମେଣ୍ଟାଇବା ଏବଂ ପିଲାଛୁଆଙ୍କ ପାଠପଢ଼ା ଏହି ଅମଳ ଉପରେ ହିଁ ନିର୍ଭର କରେ। ମାତ୍ର ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଅନେକ ଜମିରେ ପାଚିଲା ଧାନ ଗଛ ନଇଁ ପଡ଼ିଥିବା ବେଳେ କେତେକ ତଳିଆ ଜମିରେ ପାଣି ଜମି ରହି ଫସଲ ପଚିବା ଆରମ୍ଭ ହୋଇଛି। ଏହି କ୍ଷତିରୁ ମୁକୁଳି ନ ପାରୁଣୁ 'ମୁରାସୁ' ବାତ୍ୟାର ଚେତାବନୀ ଚାଷୀଙ୍କ ନିଦ ହଜାଇ ଦେଇଛି।

ଅଧା ପାଚିଲା ଧାନକୁ ଅସମୟରେ କାଟିବେ ନା ପାଣିପାଗକୁ ଭରସା କରି କିଛି ଦିନ ଅପେକ୍ଷା କରିବେ, ସେହି ଦ୍ୱନ୍ଦ୍ୱରେ ଏବେ ଚାଷୀ ଶିଉଳି ଖାଉଛନ୍ତି। ଆଗୁଆ ଧାନ କାଟିଲେ ଅପରିପକ୍ୱ ଦାନା ଯୋଗୁଁ ଅମଳ ହ୍ରାସ ପାଇବ, ଅନ୍ୟପଟେ ବାତ୍ୟା ପବନ ଓ ପ୍ରବଳ ବର୍ଷା ହେଲେ ପୂରା ଫସଲ ମାଟିରେ ମିଶିଯିବ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅମଳ ପାଇଁ ଶ୍ରମିକ ଓ ମେସିନର ଅଭାବ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଏଭଳି ସଙ୍କଟଜନକ ସ୍ଥିତିରେ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ସଠିକ୍ ପାଣିପାଗ ସୂଚନା, ଫସଲ ସୁରକ୍ଷା ପାଇଁ ବୈଷୟିକ ପରାମର୍ଶ ଏବଂ ରିହାତି ଦରରେ ଧାନ କଟା ମେସିନ ଯୋଗାଇ ଦେବାକୁ ଦାବି ହୋଇଛି।

ରଙ୍ଗେଇଲୁଣ୍ଡାରେ ୫୬୬ ଲୋକଙ୍କୁ ସ୍ଥାନାନ୍ତର



୧୨୫ ଆଶ୍ରୟ ସ୍ଥଳୀ ପ୍ରସ୍ତୁତ

ରଙ୍ଗେଇଲୁଣ୍ଡା ,୨।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା ମୁରାସୁ ରୂପ ନେଇ ଘଣ୍ଟା ପ୍ରତି ୧୪ କିମି ବେଗରେ ସ୍ଥଳ ଭାଗ ଅଭିମୁଖେ ଆସୁଥିବା ବେଳେ ସୋମବାର ମଧ୍ୟରାତି କିମ୍ବା ମଙ୍ଗଳବାର ଭୋର ସମୟରେ ଦକ୍ଷିଣ ଆନ୍ଧ୍ରପ୍ରଦେଶର ନେଲୋର ଓ ନର୍ସାପୁର ମାଧ୍ୟବର୍ତ୍ତ ଅଂଚଳର ଉପକୁଳରସ୍ଥଳ ଭାଗ ଛୁଆଁଇବା ନେଇ ପାଣିପାଗ ପୂର୍ବ ଅନୁମାନ କରିଛି। ଏହାର ପ୍ରଭାବରେ ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ସୋମବାର ଦିନ ଝିପି ଝିପି ବର୍ଷା ଲାଗି ରହିଛି। ଉପକୂଳ ଅଞ୍ଚଳରେ ମାଇକ୍ ଯୋଗେ ମାଧ୍ୟମରେ ଅଯଥାରେ ଘରୁବାହାରକୁ ନଯିବା, ସମୁଦ୍ରକୁନଯିବା ଏବଂ ପ୍ରଶାସନର ନିୟମ ବ ପାଳନ କରବା କୁଜନସାଧାରଣଙ୍କୁ ଅନୁରରୋଧ କରିବା ସହ ସଚେତନତା କରାଯାଇଛି। ବ୍ଲକ ପକ୍ଷରୁ ତଳିଆ ଅଞ୍ଚଳ, ସମଦ୍ରୁ ଉପକୂଳବର୍ତ୍ତୀ ଗ୍ରାମ ଓ ଅନ୍ୟାନ୍ୟ ବପିଦସଙ୍କୁଳ ସ୍ଥାନରେ ରହୁଥିବା ୫୬୬ ଲୋକଙ୍କୁ ଚିହ୍ନଟ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ବ୍ୟବସ୍ଥା କରାଯାଇଛି। ସୋମବାର ଆଶ୍ରୟସ୍ଥଳୀରେ ରହୁଥିବା ଲୋକମାନଂକୁ ପାଇଁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଜଳଖିଆ ଦିଆଯିବ ଯାଇଥିଲା କ୍ଷ ବାତ୍ୟା ମୁକାବିଲା ଓ ଜରୁରିକାଳୀନ ପରିସ୍ଥିତିରି ସୁପରଚାଳନା ନମିନ୍ତେ ରଙ୍ଗେଇଲୁଣ୍ଡା ବିଡିଓ ଏବଂ ତହସିଲଦାର, ବ୍ଲକ ସ୍ତରୀୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ରହିବା ସହ ୨ ଜଣ ଅତରିକ୍ତ ତହସଲିଦାର ଓ ୨ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କ୍ଲଷ୍ଟରସ୍ତରୀୟ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛ। ଗ୍ରାମ ସ୍ତରରେ ଦ୍ରୁତ ସୂଚନା ସଂଗ୍ରହ, ଜନସାଧାରଣଙ୍କୁସଚେତନତା, ବପିଦସଙ୍କୁଳ ବ୍ୟକ୍ତିଙ୍କ ଚହ୍ନିଟ ଓ ସ୍ଥାନାନ୍ତରଣ ତଥା ଜରୁରୀକାଳୀନ ସହାୟତା ପ୍ରଦାନ ନମିନ୍ତେ ରାଜସ୍ୱ ନରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ , ପଞ୍ଚାୟତ ନିର୍ବାହୀ ଅଧିକାରୀ, ଓ ଶିକ୍ଷିକମାନଙ୍କୁଗ୍ରାମ ସ୍ତରୀୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସମସ୍ତ ନୋଡାଲ ଅଧିକାରୀ ନିଜ ନିଜ ଅଞ୍ଚଳରେ ସଜାଗ ରହିବା ସହ ପ୍ରତ୍ୟେକ ପରିସ୍ଥିତିରେ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଦ୍ୱରିତ ପଦକ୍ଷେପ ଗ୍ରହଣ କରିବେ ବୋଲି କୁହଯାଇଛି। ୧୨୫ ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି ରହିଛି। ଆବଶ୍ୟକ ପଡିଲେ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ରଙ୍ଗେଇଲୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧ୍ୱସ୍ତବିଧ୍ୱସ୍ତ ଜାନବିଲି ଆନିକଟ ପରିଦର୍ଶନ କଲେ ସର୍ବୋଚ୍ଚ ଯନ୍ତ୍ରୀ



ଧରାକୋଟ,୨।୧୧(ସମିସ): ବାତ୍ୟା ପ୍ରଭାବରେ ହୋଇଥିବା ବନ୍ୟା ଦ୍ୱାରା ବ୍ରିଟିଶ ଅମଳରେନିର୍ମିତ ଜାନବିଲି ଅନିକଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ପିଇବା ପାଣି, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ଏହି ଆନିକଟର ପୁନଃ ନିର୍ମାଣ କରି ପୁଣି ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ସ୍ୱତନ୍ତ୍ର ସଚିବ ବିଘ୍ନରାଜ ପୁରୋହିତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଋଷିକୁଲ୍ୟା ଓ ବାହୁଦା ବେସିନ ବ୍ରହ୍ମପୁର ରବୀନ୍ଦ୍ର ନାଥ ସେଠୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ଓସିସି ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ଘଡେଇ, ଅଧୀକ୍ଷଣ ଯନ୍ତ୍ରୀ ଭଞ୍ଜନଗର ସଞ୍ଜୟ କୁମାର ପ୍ରଧାନ, ଓ ସି ସି ବରିଷ୍ଠ ପରିଚାଳକ ବସନ୍ତ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କେ ଦେବେନ୍ଦ୍ର କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଜାନିବିଲି ଅନିକଟ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜନିବିଲି ଅନିକଟର ପୁରା ୨୪୭ମି ଲମ୍ବାରୁ ପାଖାପାଖି ୧୫୦ମି ବନ୍ୟା ଜଳରେ ଧୋଇହୋଇଯାଇଛି। ୮୧ ଗୋଟି ଫାଲିଙ୍ଗ ସଟର ମଧ୍ୟରୁ ୩୯ ଗୋଟି ଭିତ୍ତିଭୂମି ସହ ଧୋଇ ହୋଇ ଯାଇଛି। ଅନିକଟ ୱାଟର କଣ୍ଟ୍ରୋଲ ରୁମ ରାସ୍ତା ସହ ଋଷିକୁଲ୍ୟା ନଦୀ ର ବାମ ଏବଂ ଦକ୍ଷିଣ ପଟ କୂଳ ହୁଡା ଧୋଇ ହୋଇ ଯାଇଛି । ସର୍ବୋଚ୍ଚ ଯନ୍ତ୍ରୀ ପୁନଃ ନିର୍ମାଣ କାର୍ଯ୍ୟ ଦେଖିବା ପରେ ଫିଲ୍ଡ ଅଫିସରମାନଙ୍କୁ କାମ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାନବିଲି ଅନିକଟ ପୁନଃ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ପ୍ରଶ୍ନ କରିବା ବେଳେ ସରକାର ପିଇବା ପାଣି ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି ଏଣୁ ବ୍ରହ୍ମପୁର ସହରକୁ ପିଇବାପାଣି ଯୋଗାଣରେ ଯେପରି ବାଧା ସୃଷ୍ଟି ନ ହେବ ସେଥିପାଇଁ କାମ ଆରମ୍ଭ ହୋଇଛି ଏବଂ ତୁରନ୍ତ ଅନିକଟ, ଉଭୟ ପଟ ନଦୀ ହିଡ,କେନାଲ ମରାମତି କରାଯାଇ ଅନିକଟ, ନଦୀ ଓ କେନାଲକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଗସ୍ତ ସମୟରେ ଜଳ ସମ୍ପଦ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସାତନଳ ଠାରେ ଜାରି ରହିଛି 'ଗଜଲକ୍ଷ୍ମୀ' ପୂଜା

କୋଦଳା,୨।୧୧(ସମିସ): ସମ୍ପ୍ରତି ସନାତନ ହିନ୍ଦୁ ଧର୍ମାବଲମ୍ବୀଙ୍କ ପାର୍ବଣ ଋତୁ ପ୍ରବାହିତ ହେଉଥିବା ପରିପ୍ରେକ୍ଷୀରେ ବେଗୁନିଆପଡ଼ା ବ୍ଲକ ଗ୍ରାମ ମଠ ସାହି "ଗଜଲକ୍ଷ୍ମୀ"ଙ୍କ ପୂଜା ଜାରି ରହିଛି। ପୂଜା ଆଳତି, ଭୋଗରାଗ ପାଇଁ ବହୁ ସଂଖ୍ୟାରେ ପୂଜକ ଦୁର୍ଗା ପ୍ରସାଦ ଏହି ଧାର୍ମିକ ଅନୁଷ୍ଠାନ ବଣ୍ଟନ କରାଯାଉଥିବା



ଅନ୍ତର୍ଗତ ବେରୁଆଁବାଡ଼ି ପଞ୍ଚାୟତର ସାତନଳ ଠାରେ କୁମାର ପୂର୍ଣ୍ଣିମା ଠାରୁ ଧନଦାତ୍ରୀ ମା' ଆଧ୍ୟାତ୍ମିକ ଓ ଉତ୍ସବମୁଖର ବାତାବରଣରେ ମଣ୍ଡପରେ ପ୍ରତ୍ୟେହ ସକାଳେ ଏବଂ ସନ୍ଧ୍ୟାରେ ଅର୍ପଣ କରାଯାଉଛି। ସନ୍ଧ୍ୟାରେ ମା'ଙ୍କ ଦର୍ଶନ ମହିଳା ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ତରଫରୁ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରସାଦ ବେଳେ ରବିବାର ସନ୍ଧ୍ୟାରେ ସମସ୍ତ ଗ୍ରାମବାସୀଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ସାତନଳ ଗ୍ରାମବାସୀ ଉତ୍ସାହ ଉଦ୍ଦୀପନା ସହ ସହଯୋଗ କରୁଛନ୍ତି।

ରିଲିଫ କାର୍ଯ୍ୟରେ ଅବହେଳା; ବ୍ଲକ ଯୋଗାଣ ନିରୀକ୍ଷକ ନିଲମ୍ବିତ

ଧରାକୋଟ,୨।୧୧(ସମିସ): ରିଲିଫ୍ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ଧରାକୋଟ ବ୍ଲକ ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକଙ୍କୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାରୁ ନିଲମ୍ବନ କରିଥିବା ଜଣାପଡିଛି। ସମ୍ପ୍ରତି ବୁଗୁଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରାଙ୍କୁ ଧରାକୋଟ ବ୍ଲକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ପୁରୁଷୋତ୍ତମପୁରରେ ବନ୍ୟା ପ୍ରଭାବିତ ପରିବାରଙ୍କୁ ସହାୟତା



ରଙ୍ଗେଇଲୁଣ୍ଡା,୨/୧୧(ସମିସ) ରବିବାର କନିସି ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଏନଏସଏସ ପକ୍ଷରୁ ପୁରୁଷୋତ୍ତମପୁରରେ ବନ୍ୟା ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି। ପୁରୁଷୋତ୍ତମପୁର ସ୍ଥିତ କନକ ସାହି ଏବଂ ନଦୀ ତଟରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଦେବେନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଦୀପକ କୁମାର ପଣ୍ଡା, ସନ୍ତୋଷ କୁମାର ଜେନା, ମିନା ଶବର, ଗୌରୀ ଶଙ୍କର ହରିପାଲ, ଶ୍ରୀକାନ୍ତ ଭୂଷଣ ବେହେରା,ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରିଣୀ ଡ଼. ରଶ୍ମିତା ପାତ୍ର, ଏନଏସଏସ ସ୍ୱେଚ୍ଛାସେବୀ ଶିବ ରାମ ଜେନା,ଅନିଲ କୁମାର ସେଠୀ, ପ୍ରକାଶ କୁମାର ବେହେରା, ବିନୋଦ କୁମାର ମଲ୍ଲିକ,ରବୀନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ବେହେରା ଏବଂ ଧର୍ମେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବନ୍ୟାରେ ପ୍ରଭାବିତ ଅସହାୟ ପରିବାରଙ୍କୁ ୫ ଶହ ପେକେଟ ରନ୍ଧା ଖାଦ୍ୟ, ପିଇବା ପାଣି ବୋତଲ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଭଳି ପଦକ୍ଷେପ ଜାତୀୟ ସେବା ଯୋଜନାର ମୂଳମନ୍ତ୍ର ମୁଁ ନୁହେଁ ତୁମେ ର ଏକ ଉଦାହରଣ ପାଲଟିଛି। ଆଗାମୀ ଦିନରେ ମଧ୍ୟ ସହାୟତା ପ୍ରଦାନ କରାଯିବ ବୋଲି ଏନ ଏସ ଏସ ର କାର୍ଯ୍ୟକ୍ରମ ଅଧିକାରିଣୀ ଡ଼.ରଶ୍ମିତା ପାତ୍ର କହିଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ଦୟନୀୟ, ଭାଙ୍ଗୁନି ପୁରୁଣା କୋଠା

ଅଭିଯୋଗ ସତ୍ତ୍ୱେ ନିଦ୍ରାରେ ବିଭାଗୀୟ ଅଧିକାରୀ

କୁକୁଡ଼ାଖଣ୍ଡି:୨।୧୧(ସମିସ)

ବଣ୍ଟପଲ୍ଲୀସ୍ଥିତ ଆୟୁଷ ଆରୋଗ୍ୟ କେନ୍ଦ୍ରର ଭିତ୍ତିଭୂମି ସମସ୍ୟା ଦୂର ହେବାର ନାଁ ଧରୁନାହିଁ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାଆସିବା ପାଇଁ ରାସ୍ତାର ସମସ୍ୟା ଏବଂ ପରିସରରେ ଥିବା ପୁରୁଣା ଜରାଜୀର୍ଣ୍ଣ କୋଠାକୁ ଭାଙ୍ଗିବା ପାଇଁ ବାରମ୍ବାର ଦାବି ଓ ଅଭିଯୋଗ କରାଯାଉଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି। ହେଲେ ସେଠାକୁ ଯିବାଆସିବା ପାଇଁ ଆବଶ୍ୟକ ରାସ୍ତାର ସମସ୍ୟା ଏବଂ ପରିସରରେ



ରହିଥିବା ପୁରୁଣା କୋଠା ଆସୁଥିବା ରୋଗୀଙ୍କ ଅସୁବିଧା ସୃଷ୍ଟି କରୁଛି। ବିଶେଷକରି ରୋଗୀ, ବୟସ୍କ ବ୍ୟକ୍ତି ଓ ଗର୍ଭବତୀ ମହିଳାଙ୍କ ଯାତାୟାତ କ୍ଷେତ୍ରରେ ଏହି ସମସ୍ୟା ଅସୁବିଧା ସୃଷ୍ଟି କରୁଛି। ଅନ୍ୟପକ୍ଷରେ ପୁରୁଣା କୋଠାଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଏଠାରେ ଅସାମାଜିକ ଯୁବକ ମାନେ ରାତିରେ ମଦ୍ୟପନ କରୁଥିବା ଅଭିଯୋଗ ହୋଇଛି ଏପରିକି ଏହି କୋଠାରେ ଜଣେ ଆତ୍ମହତ୍ୟା କରିଥିଲେ। ଏହି କୋଠାଟି ଭାଙ୍ଗିବା ନିମନ୍ତେ ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ କୈଣସି ପଦକ୍ଷେପ ନେଉନାହାନ୍ତି ତେଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ବାତ୍ୟା ଅର୍ଣ୍ଣବ ଯାଇଥିବା ବେଳେ ଅନ୍ୟ ଏକ ବାତ୍ୟା ମୁରାସୁ ଆସିବାର ସମ୍ଭାବନା ଅଛି ତେଣୁ ଏହି ରାସ୍ତା ଆହୁରି ଖରାପ ହେବାର ସମ୍ଭାବନା ଅଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରାୟ ଅଧିକାଂଶ ଆଦିବାସୀ ଲୋକେ ନିର୍ଭର କରୁଛନ୍ତି ଏବଂ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଥିବା ରାସ୍ତାରେ ପଡ଼ିବାର ଅନେକ ଉଦାହରଣ ଅଛି ଏପରିକି ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଡାକ୍ତର ମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଉଛି। ପୂର୍ବରୁ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଖବର ପ୍ରକାଶ ପାଇବା ସହ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ କୈଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରି ଯାତାୟାତ ରାସ୍ତାର ସମସ୍ୟା ଦୂର କରିବା ସହ ପୁରୁଣା ଜରାଜୀର୍ଣ୍ଣ କୋଠାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ମୋଟୁରେ ରେଡିଓ କଲାରଯୁକ୍ତ ବାଘ

■ ଗ୍ରାମବାସୀଙ୍କୁ ସତର୍କ କଲା ବନ ବିଭାଗ

ମାଲକାନଗିରି, ୨ ।୧୧ (ସମିସ): ମୋଟୁ ବନାଞ୍ଚଳରେ ରେଡିଓ କଲାରଯୁକ୍ତ ଏକ ବାଘର ଚଳପ୍ରଚଳ ଚିହ୍ନଟ ପରେ ବନ ବିଭାଗ ପକ୍ଷରୁ ସତର୍କତା ବଢ଼ାଯାଇଛି । ଆନ୍ଧ୍ରପ୍ରଦେଶର ପାପିକୋଣ୍ଡାଲୁ ଅଞ୍ଚଳରୁ ଆସିଥିବା ଏହି ବାଘଟି ମୋଟୁ ରେଞ୍ଜ ଅଞ୍ଚଳରେ ବିଚରଣ କରୁଥିବା ଜଣାପଡ଼ିଛି । ବାଘର ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ଆ ର୍ ଆ ର୍ ଟି କୁ ନି ୟୋ ଜି ତ କ ରା ଯା ଇ ଛି । ରେଡିଓ କଲାର ମାଧ୍ୟମରେ ବାଘର ଗତିପଥ ଉପରେ



ନଜର ରଖାଯିବା ସହ ପାଦଚିହ୍ନ ଓ ଚଳପ୍ରଚଳ ସ୍ଥାନ ମଧ୍ୟ ଯାଞ୍ଚ କରାଯାଉଛି । ଏମ୍‌ଭି-୭ ୯ ଅଞ୍ଚଳରେ ଡିଏଫ୍‌ଓ ସାଇ କିରଣ ଡିଏନ୍ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ବାଘଟି ଯେପରି ଜନବସତି ଆଡ଼କୁ ନଆସେ ଏବଂ କୌଣସି ଅଘଟଣ ନଘଟେ, ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ଆଖପାଖ ଗ୍ରାମରେ ମାଇକ୍ ଯୋଗେ ସଚେତନତା ସୃଷ୍ଟି କରି ଲୋକଙ୍କୁ ଜଙ୍ଗଲ ଅଞ୍ଚଳକୁ ନଯିବା ଏବଂ ବାଘ ଦେଖିଲେ ତା'ର ନିକଟକୁ ନଯାଇ ତୁରନ୍ତ ବନ ବିଭାଗକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି । ଏନେଇ ଜିଲ୍ଲା ବନ ଖଣ୍ଡ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଡିଏଫଓଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ମାଳିପୁଟ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି



ପଟାଙ୍ଗି,୨।୧୧(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏଥିରେ ଯୋଗଦେଇ ଲୋକଙ୍କ ଠାରୁ ଆସିଥିବା ବିଭିନ୍ନ ଲିଖିତ ଅଭିଯୋଗ ଶୁଣିବା ସହ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଶିବିରରେ ମୋଟ ୪୭ଟି ଅଭିଯୋଗ ଉପସ୍ଥାପନ ହୋଇଥିଲା । ସେଥିମଧ୍ୟରୁ ପ୍ରାୟ ୨୦ ଜଣ ହିତାଧିକାରୀଙ୍କୁ ଦୀର୍ଘଦିନ ଧରି ଭତ୍ତା ମିଳୁନଥିବା ଏବଂ ପଞ୍ଚାୟତର ପ୍ରାୟ ୧୦ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ଥିବା ନେଇ ଅଭିଯୋଗ କରିଥିଲେ । ସେହିପରି କୁନ୍ଦୁଲି ହାଟପଦାରେ ବସୁଧା ଯୋଜନାରେ ଜଳ ଯୋଗାଣ ବ୍ୟବସ୍ଥା ବିଫଳ ହୋଇଥିବା, ମାଲକାରବନ୍ଧ ଗ୍ରାମରେ ବିଦ୍ୟୁତ୍ ଓ ସୋଲାର ଜଳ ଯୋଗାଣରେ ଅବ୍ୟବସ୍ଥା ଏବଂ ମାଳିପୁଟ ଗ୍ରାମରେ ଜିଓ ମୋବାଇଲ ନେଟୱର୍କ ସେବା ଉପଲବ୍ଧ କରାଇବା ପାଇଁ ଦାବି ହୋଇଥିଲା । ଯୋଗିନାୟକଗୁଡ଼ାଠାରୁ ସିନ୍ଦେଇ ଗ୍ରାମ ପର୍ଯ୍ୟନ୍ତ ଆରଡି ରାସ୍ତାର ମରାମତି, ୨୬ ନମ୍ବର ଜାତୀୟ ରାଜପଥଠାରୁ ଏରାସାନ୍ତାଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ମରାମତି, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଏବଂ ଦୁଇ ଫେଜ୍ ବିଦ୍ୟୁତ୍ ବ୍ୟବସ୍ଥାକୁ ତିନି ଫେଜ୍ କରିବା ପାଇଁ ଏରାସାନ୍ତାଗୁଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ । ଅନ୍ୟପକ୍ଷରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମାଲକାରବନ୍ଧ ଗ୍ରାମର ଡ୍ରେନ୍ ଧୋଇଯିବା ସହ ବିଭିନ୍ନ ଗ୍ରାମରେ ଫସଲ ନଷ୍ଟ ହୋଇଥିବା ନେଇ ଅଭିଯୋଗ ଆସିଥିଲା । ଏଥିସହ ବିଭିନ୍ନ ଗ୍ରାମରେ ପମ୍ପ ହାଉସରୁ ମୋଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଏହି ଘଟଣାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ଶିବିରରେ କୋଟପାଡ଼ ଓ ବୋରିଗୁମ୍ମା ଅଞ୍ଚଳରୁ ୨୦୦ରୁ ଅଧିକ ମହିଳା ଯୋଗଦେଇ କୋରାପୁଟ ଜିଲ୍ଲାକୁ ମଦମୁକ୍ତ କରିବା ପାଇଁ ଦାବି ଜଣାଇଥିଲେ । ଏହି ଦାବି ଜିଲ୍ଲାରେ ମଦ ବିରୋଧୀ ଆନ୍ଦୋଳନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସାମ୍ନାକୁ ଆଣିଥିଲା । ଏହି ଅବସରରେ ଉପଜିଲ୍ଲାପାଳ ଫାବି ରସିଦ୍, ସିଡିଓ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ ପୂଜାରୀ, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସରପଞ୍ଚ ସୋମନାଥ ଗୁଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ କଣ୍ଡା ଗୋଲୋରି, ଏଡିଓ ଅଭିନାଶ ପାତ୍ର, ଯନ୍ତ୍ରୀ ଶୁଭମିତା ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଜନ ଅଭିଯୋଗ ଶୁଣାଣି ଶିବିର ଶେଷ ହେବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ । ଏରାସାନ୍ତାଗୁଡ଼ାଠାରୁ ଡମଣିଝୋଲା ଗ୍ରାମ ପର୍ଯ୍ୟନ୍ତ ଘାଟି ଟା କାର୍ଯ୍ୟ, ତଳ ଏରାସାନ୍ତାଗୁଡ଼ାଠାରୁ ଉପର ଏରାସାନ୍ତାଗୁଡ଼ା ପର୍ଯ୍ୟନ୍ତ ମେଟାଲ ରାସ୍ତା ନିର୍ମାଣ ଏବଂ ପରଜା ସିପାଇପୁଟ ଜଙ୍ଗଲରେ ଚାଲିଥିବା ଷ୍ଟାଗର ଟ୍ରେଞ୍ଚ କାର୍ଯ୍ୟ ତଦାରଖ କରିଥିଲେ ।

ଓଡ଼ିଶା-ଛତିଶଗଡ଼ ବନ ବିଭାଗର ମିଳିତ ପାଟ୍ରୋଲିଂ



ମାଲକାନଗିରି, ୨।୧୧(ସମିସ): ସୀମାନ୍ତ ଜଙ୍ଗଲରେ ବନ ସମ୍ପଦର ଚୋରାଚାଲାଣ ଓ ଅବାଧ ଗଛକଟା ରୋକିବା ସହ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯାଇଛି । ମାଲକାନଗିରି ବନଖଣ୍ଡର ପଦ୍ମଗିରି ସେକ୍ସନ ସଂଲଗ୍ନ ସୀମାନ୍ତ ଜଙ୍ଗଲରେ ଏହି ଅଭିଯାନ ହୋଇଥିଲା । ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତଙ୍କ ସମେତ ଓଡ଼ିଶାର ବନ କର୍ମଚାରୀମାନେ ଛତିଶଗଡ଼ ବନ ବିଭାଗର କର୍ମଚାରୀଙ୍କ ସହ ଜଙ୍ଗଲର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଯାଞ୍ଚ କରିଥିଲେ । ଏଥିସହ ସୀମାନ୍ତ ଅଞ୍ଚଳରେ ବନ ଅପରାଧ ରୋକିବା ଓ ସୂଚନା ଆଦାନପ୍ରଦାନ ନେଇ ଦୁଇ ବିଭାଗ ମଧ୍ୟରେ ଆଲୋଚନା ହୋଇଥିଲା ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ରାମନାଗୁଡ଼ା,୨।୧୧(ସମିସ): "ଶିଶୁ ହସିଲେ ଦେଶ ହସେ, ଶିଶୁ ବଢ଼ିଲେ ଦେଶ ଆଗେଇ ଚାଲେ' ମନ୍ତ୍ରକୁ ନେଇ ରାମନାଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୧୧ଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷା ଜାନକୀ ନିମାଲା, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ପାରିଖିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବରିକା ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନ ରଞ୍ଜନ ବଡ଼ଜେନା ଯୋଗ ଦେଇଥିଲେ । ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଶିକ୍ଷା ସହ ଜୀବନ ଗଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ସାତଟି ମନ୍ତ୍ର ଦେଇଥିଲେ । ଉତ୍ସବରେ ଶ୍ରେଷ୍ଠ ସାମଗ୍ରିକ ପ୍ରଦର୍ଶନ ପାଇଁ ବିଭିନ୍ନ ବର୍ଗର ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା । ଏଥିସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ପଣ୍ଡା ଉପସ୍ଥିତ ଥିଲେ । ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ବେବିରାଣୀ ନନ୍ଦ ମଞ୍ଚ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କାଲାମଗୁଡ଼ା ଏସ୍ ଆଣ୍ଡ ଏମ୍‌ଇ ସାମଗ୍ରିକ ଭଲ ପ୍ରଦର୍ଶନ ପାଇଁ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ପେଡ଼ାଗୁଡ଼ା ଏସ୍ ଆଣ୍ଡ ଏମ୍‌ଇ ସାମଗ୍ରିକ ପ୍ରଦର୍ଶନ, ସରକାରୀ ମାଧ୍ୟମିକ ବିଦ୍ୟାଳୟ, କୋଣ୍ଡାଜାମ ଏସ୍‌ଏସ୍‌ଡି ସାମଗ୍ରିକ ପ୍ରଦର୍ଶନ, ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟ, ଝିଞ୍ଜିରିବାଡ଼ି ଏସ୍‌ଏସ୍‌ଡିକୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ମହୋତ୍ସବରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି । ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା ।

■ ପାଣି ଟାଙ୍କି ରକ୍ଷଣାବେକ୍ଷଣରେ ଅନିୟମିତତା

କେବେ ନିଯୁକ୍ତ ପାଇବେ ସ୍ଥାୟୀ କର୍ମଚାରୀ ?

ଗୁଡାରୀ, ୨।୧୧ (ସମିସ): ଏକ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ଗୁଡାରୀ ଠାରୁ ଶିରିଗୁଡ଼ା ଯିବା ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ତଥା ପାନୀୟ ଜଳ ପରିମଳ ବିଭାଗ ତରଫରୁ ସହର ବାସିନ୍ଦାଙ୍କୁ ଜଳ ଯୋଗାଣ ନିମନ୍ତେ ନିର୍ମାଣ କରାଯାଇଥିବା ୧ ଲକ୍ଷ ଲିଟର ପାଣି ଟାଙ୍କି ଏବଂ ସ୍ଥଳଭାଗରେ ଥିବା ୪ ଲକ୍ଷରୁ ଅଧିକ ଗଚ୍ଛିତ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଏମିତିରେ ବହୁ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିବା ପାଣି ଟାଙ୍କି, ଏହାର ପରିଚାଳନା କରିବା ପାଇଁ ସ୍ଥାୟୀ ନିଯୁକ୍ତି ଭାବେ ସୁରକ୍ଷା କର୍ମୀ କିମ୍ବା କୌଣସି ସରକାରୀ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି । ଫଳରେ ଜଳ ଯୋଗାଣ ସମୟ ଶେଷ ହେବା ପରେ ଏଠାରେ କୌଣସି କର୍ମଚାରୀ ଉପସ୍ଥିତ ରହୁଥିବା ଦେଖିବାକୁ ମିଳୁନି । କାରଣ ସ୍ଥାୟୀ କର୍ମଚାରୀ ଏଠାରେ କାହାକୁ ଦିଆଯାଇ ନାହିଁ । ଏହାକୁ ନେଇ ଜଳଯୋଗାଣ ବିଭାଗର ଜେଇ ଶ୍ରୀ ସବ୍ୟସାଚୀଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି, ଅଳ୍ପ ଦିନରେ ଚାରିପାଖେ ସିସି କ୍ୟାମେରା ଲାଗିବ ଏବଂ ଏଠି ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଦିଆଯାଇଛି ବୋଲି କହିଛନ୍ତି । ପ୍ରତ୍ୟେକ ସହରରେ ଜଳ ଯୋଗାଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କାରଣ ଯେଉଁ ଟାଙ୍କିରୁ ସାଧାରଣ ଜନତାକୁ ପାଣି ଯୋଗାଇ ଦିଆଯାଏ, ତାହା ବିଭାଗର ଅନୁଗତରେ ରହିବା ଆବଶ୍ୟକ । ଟାଙ୍କିର ସଫେଇଠୁ ଆରମ୍ଭ କରି ପ୍ରବେଶ ଫାଟକରେ ବାହାର ଅଜଣା ଲୋକଙ୍କ ପ୍ରବେଶ ଉପରେ କଟକଣା ଆବଶ୍ୟକ । ଏମିତିରେ ରାତି ସମୟରେ ଏହି ସ୍ଥାନ ଶୂନ୍‌ଶାନ୍ ରହୁଥିବାରୁ ପାଣିରେ ଯଦି କୌଣସି ଦୁର୍ବୃତ୍ତ କିଛି ମିଶାଇବାକୁ ଚାହିଁବ, ତାକୁ କିପରି ରୋକାଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଦାବି ହେଉଛି ।

ସ୍ୱଚ୍ଛତା କାର୍ଯ୍ୟକ୍ରମ

ଟିକିରି,୨।୧୧(ସମିସ): ଟିକିରି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଇଟ୍‌ହାଉସ ଇନିସିଏଟିଭ୍ ପ୍ରୋଜେକ୍ଟର ସହଯୋଗ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ସଫେଇ ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷା ବକୁଳରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ତଥା ଲାଇଟ୍ ହାଉସ ଇନିସିଏଟିଭ୍ ପ୍ରୋଜେକ୍ଟର କୁବେର ବୁଡେକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏହି ଅଭିଯାନରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ଏବଂ କର୍ମଚାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସର ଭିତର ଏବଂ ବାହାର ପାଚେରି ପାଖରେ ଜମା ହୋଇଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଏବଂ ଅନାବଶ୍ୟକ ଘାସ ଆଦି ସଫା କରାଯାଇଥିଲା । ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟକୁ ସଫାସୁତୁରା ରଖିବା ସହିତ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ବିଦ୍ୟାଳୟର ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି ।

ଅମ୍ବାଦଳା ମେଡିକାଲ ଛକରେ ଗଜଲକ୍ଷ୍ମୀ ପୂଜା



ଅମ୍ବାଦଳା, ୨।୧୧ (ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମେଡିକାଲ ଛକରେ ଚଳିତ ବର୍ଷ ବେଶ୍ ଧୁମଧାମ ଓ ଉତ୍ସାହର ସହ ପାଳିତ ହେଉଛି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା । ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ 'ବୁଗି ବୁଗି' ନୃତ୍ୟ ପ୍ରତିଯୋଗିତା, ଆକାଶଛୁଆଁ ରାମଦୋଳି ଏବଂ ବିଶାଳ ମୀନାବଜାରର ଭରପୂର ଆୟୋଜନ କରାଯାଇଛି । ପ୍ରତିକୂଳ ପାଗ ତଥା ଅଦିନିଆ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଉତ୍ସାହରେ କୌଣସି କମି ଦେଖିବାକୁ ମିଳିନାହିଁ । ବର୍ଷାକୁ ଖାତିର ନକରି ମା'ଙ୍କ ମୃଣ୍ମୟୀ ପ୍ରତିମା ଦର୍ଶନ ପାଇଁ ମଣ୍ଡପରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳୁଥିବା ବେଳେ ବୁଗି ବୁଗି ଡାନ୍ସର ମଜା ନେଉଛନ୍ତି ସହର ବାସୀ । ଅନ୍ୟପଟେ ଭିଡ଼ ନିୟନ୍ତ୍ରଣ ତଥା ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଅମ୍ବାଦଳା ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ପୁଲିସ୍ ବାହିନୀ ସଜାଗ ରହି ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ବର୍ଷା କାରଣରୁ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଆଗମନ ଲାଗିରହିଥିଲେ ହେଁ ଖୋଲା ପଡ଼ିଆରେ ଥିବା ମୀନାବଜାର ଏବଂ ଦୋଳି ବ୍ୟବସାୟ ଟିକେ ମାନ୍ଦା ପଡ଼ିଛି । ପାଗରେ ସୁଧାର ଆସିଲେ ଆଗାମୀ ଦିନରେ ବେପାର ବଣିଜ ସ୍ୱାଭାବିକ ହେବା ସହ ମୀନାବଜାରରେ ଆହୁରି ଚଳଚଞ୍ଚଳତା ଆସିବ ବୋଲି ବ୍ୟବସାୟୀ ଓ ପୂଜା କମିଟି ଆଶା ପ୍ରକଟ କରିଛନ୍ତି ।

ପଡ଼ିଆ ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି/ପଡିଆ, ୨।୧୧ (ସମିସ): ପଡ଼ିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଅଧ୍ୟକ୍ଷତା କରିଥିବା ବେଳେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପଡିଆ ବିଡିଓ ଅରବିନ୍ଦ ପ୍ରଧାନ ଏବଂ ସହାୟକ ଜିଲ୍ଲାପାଳ ପ୍ରୀତମ ଦେବତା ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୧୨ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ଯେଉଁଥିରେ ଗୋଟିଏ ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ଗ୍ରାମ୍ୟ/ସାମୁହିକ ଅଭିଯୋଗ ସାମିଲ ରହିଥିଲା । ଲୋକମାନଙ୍କର ମୌଳିକ ସମସ୍ୟା, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଓ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗକୁ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ । ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗପତ୍ରଗୁଡ଼ିକୁ ତୁରନ୍ତ ତଦାରଖ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଡିଓ-କମ୍-ଇଓ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମୁଖ୍ୟ ରାସ୍ତାକଡ଼ରେ ଅଦରକାରୀ ବିଦ୍ୟୁତ୍ ଖୁଣ୍ଟ


● ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ବି ବିଭାଗ ନିରବ

ମୁନିଗୁଡ଼ା,୨।୧୧(ସମିସ): ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ରଣିପିଣ୍ଡା ପଞ୍ଚାୟତ ଝାଗିଡ଼ି ଗ୍ରାମ ନିକଟସ୍ଥ ମୁଖ୍ୟ ରାଜରାସ୍ତା କଡ଼ରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପଦାରେ ପଡ଼ିଛି । ରାସ୍ତା କଡ଼ରେ ଏକ ଅଧାକଟା ତଥା ବଙ୍କା ଲୁହା ବିଦ୍ୟୁତ ଖୁଣ୍ଟ ବିପଦଜନକ ଭାବେ ବାହାରକୁ ବାହାରି ରହିଥିବା ବେଳେ ଏହା ନିତିଦିନିଆ ଯାତାୟାତ କରୁଥିବା ପଥଚାରୀ ଓ ଗାଡ଼ିଚାଳକଙ୍କ ପାଇଁ ମରଣଯନ୍ତା ସଦୃଶ ପାଲଟିଛି । ରାସ୍ତା କଡ଼କୁ ଲାଗି ଉକ୍ତ ତୀକ୍ଷ୍ଣ ଲୁହା ଖୁଣ୍ଟଟି ବାହାରି ରହିଥିବାରୁ ଟିକିଏ



ଅସାବଧାନତା କାରଣରୁ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ସୃଷ୍ଟି ହୋଇଛି । କେବଳ ଏତିକି ନୁହେଁ, ଅମ୍ବାଦଳା ହାଇସ୍କୁଲ ଓ ସ୍ଥାନୀୟ ଥାନା ସମ୍ମୁଖ ଭଳି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଏକାଧିକ ଅଦରକାରୀ ପୁରୁଣା ବିଦ୍ୟୁତ ଖୁଣ୍ଟ ଅସୁରକ୍ଷିତ ଭାବେ ଠିଆ ହୋଇ ରହିଛି । ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଦୈନନ୍ଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ହେଁ ବିଭାଗ ପକ୍ଷରୁ ଏଗୁଡ଼ିକୁ ହଟାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏହି ବିପଦପୂର୍ଣ୍ଣ ସ୍ଥିତି ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ସମ୍ପୃକ୍ତ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ସୁଦ୍ଧା ପ୍ରଶାସନ କିମ୍ବା ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ କୌଣସି ବଡ଼ ଅଘଟଣକୁ ଅପେକ୍ଷା କରିଛନ୍ତି କି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଝାଗିଡ଼ି ନିକଟରେ ଥିବା ଏହି ଅଧାକଟା ବିପଦଜନକ ଲୁହା ଖୁଣ୍ଟ ସମେତ ସ୍କୁଲ ଓ ଥାନା ସମ୍ମୁଖରେ ଥିବା ଅଦରକାରୀ ଖୁଣ୍ଟଗୁଡ଼ିକୁ ତୁରନ୍ତ ସ୍ଥାନାନ୍ତର କିମ୍ବା ସମ୍ପୂର୍ଣ୍ଣ ଭାବେ ହଟାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି ।

ରାୟଗଡ଼ରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ରାୟଗଡ଼,୨।୧୧(ସମିସ): ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଏହି

● ୫୨ଟି ଅଭିଯୋଗ ପଞ୍ଜୀକୃତ

ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱମ୍ଭର କୁମାର ବେହେରା, ଉପଜିଲ୍ଲାପାଳ ମୃଣାଳିକା ରାଠୋଡ ଏବଂ ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେଇଥିଲେ । ଶିବିରରେ ମୋଟ ୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା । ରେଡକ୍ରସ ପାଣ୍ଠିରୁ ଜଣେ ଆବେଦନକାରୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଅନ୍ୟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ବାତ୍ୟା ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

➤ ୫ ହଜାର ଲୋକ ସ୍ଥାନାନ୍ତର



ମାଲକାନଗିରି,୨।୧୧(ସମିସ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା, ଉଦ୍ଧାର ଓ ଆଗୁଆ ପ୍ରସ୍ତୁତି କାର୍ଯ୍ୟକୁ ବ୍ୟାପକ କରାଯାଇଛି । ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ଆଜି ସୁଦ୍ଧା ମୋଟ ୫,୦୭୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୧୪୯ଟି ପକ୍କା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇସାରିଛି । ବିଶେଷ କରି ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ୧୦୯ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ମାତୃଯତ୍ନ କେନ୍ଦ୍ର ଓ ହସ୍ପିଟାଲକୁ ସୁରକ୍ଷିତ ଭାବେ ପଠାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ମୋକାବିଲା ପାଇଁ କ୍ଷେତ୍ରସ୍ତରରେ ୧ଟି ଓଡ୍ରାଫ୍ ଟିମ୍, ୧ଟି ଏନଡିଆରଏଫ୍ ଟିମ୍ ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୯ଟି ଅଗ୍ନିଶମ ବାହିନୀ ଦଳକୁ ମୁତୟନ କରାଯାଇଛି । ପରିସ୍ଥିତିର ସୀମାନ୍ତ ସମୀକ୍ଷା ଏବଂ ପ୍ରତ୍ୟକ୍ଷ ତଦାରଖ ପାଇଁ କାଳିମେଲା, ମାଥିଲି, ଚିତ୍ରକୋଣ୍ଡା ଓ ମାଲକାନଗିରି ସଦର ଅଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ମୁତୟନ କରାଯାଇଥିବା ବେଳେ କାଳିମେଲା ଓ ମାଥିଲିରେ ଡେପୁଟି ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଦାୟିତ୍ୱ ସମ୍ଭାଳିଛନ୍ତି । ଅନ୍ୟପଟେ ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇ ସମଗ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଆଜି ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୨.୮୧ ମିଲିମିଟର ସ୍ୱଳ୍ପ ବର୍ଷା ରେକର୍ଡ କରାଯାଇଥିବା ବେଳେ ପବନର ବେଗ ସମ୍ପୂର୍ଣ୍ଣ ସାଧାରଣ ରହିଛି । ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଭୟଭୀତ ନହୋଇ ସଜାଗ ରହିବାକୁ ଏବଂ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

ଅଧିକାରୀ ଶୂନ୍ୟ ମାଥିଲି ବ୍ଲକ, ମନ୍ଥର ଉନ୍ନୟନ କାର୍ଯ୍ୟ

➤ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ନୂଆ ବିଡିଓ
➤ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି



ମାଥିଲି,୨।୧୧ (ସମିସ): ସହିଦ ମାଟି ଭାବେ ପରିଚିତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ଅଧିକାରୀଙ୍କ ଅଭାବ ଯୋଗୁଁ ପ୍ରଶାସନିକ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ବାଧାପ୍ରାପ୍ତ ହୋଇଛି । ବ୍ଲକର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଥିବା ବେଳେ ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟାଳୟ ପରିଚାଳିତ ହେଉଛି । ଫଳରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନଠାରୁ ଆରମ୍ଭ କରି ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୮ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜାରି ବଦଳି ନିର୍ଦ୍ଦେଶରେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକକୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ମାଲକାନଗିରି ତହସିଲଦାର ଦେବାଶିଷ ଜେନାଙ୍କୁ ମାଥିଲି ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି । ତେବେ ବଦଳି ନିର୍ଦ୍ଦେଶକୁ ପ୍ରାୟ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ଶ୍ରୀ ଜେନା ଏଯାଏଁ ମାଥିଲିରେ ଯୋଗଦାନ କରିନାହାନ୍ତି । ଅନ୍ୟପକ୍ଷରେ ଶ୍ରୀ ବେହେରା ମାଥିଲିରୁ ଅବ୍ୟାହତି ନେଇଥିଲେ ମଧ୍ୟ ରାଜନଗର ବ୍ଲକରେ ଯୋଗଦାନ କରିନଥିବା ଜଣାପଡ଼ିଛି । ଏହି ପରିସ୍ଥିତିରେ ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ଅତିରିକ୍ତ ଭାବେ ମାଥିଲି ବ୍ଲକର ଦାୟିତ୍ୱ ତୁଲାଉଛନ୍ତି । ସେହିପରି ଅତିରିକ୍ତ ବିଡିଓ ସରୋଜ କୁମାର ପ୍ରଧାନଙ୍କ ଅବସର ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବଶଙ୍କର ସାହୁ ନିଜ କାର୍ଯ୍ୟ ସହ ଅତିରିକ୍ତ ବିଡିଓଙ୍କ ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି । ଏଥିସହ ଭିବି-ଜି ରାମ-ଜି ଯୋଜନାର ସହକାରୀ ପ୍ରକଳ୍ପ ଅଧିକାରୀ (ଏପିଓ) ପଦବୀ ମଧ୍ୟ ଖାଲି ପଡ଼ିଥିବାରୁ ବ୍ଲକର ପ୍ରଶାସନିକ ବ୍ୟବସ୍ଥା ଅତିରିକ୍ତ ଦାୟିତ୍ୱ ଉପରେ ନିର୍ଭରଶୀଳ ହୋଇପଡ଼ିଛି । ଅଧିକାରୀଙ୍କ ଅଭାବର ସିଧାସଳଖ ପ୍ରଭାବ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପଡୁଥିବା ଅଭିଯୋଗ ହେଉଛି । ପୂର୍ବରୁ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିବା ଛୋଟବଡ଼ ଠିକାଦାରମାନେ ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି । ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟକାରୀମାନେ ମଧ୍ୟ ଏହି ସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏଥିସହ ବିଭିନ୍ନ ଫାଇଲ୍ କାର୍ଯ୍ୟ, ଯୋଜନାର ଅନୁମୋଦନ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ଆବଶ୍ୟକ ତ୍ୱରାନ୍ୱିତ ଦେଖିବାକୁ ମିଳୁନାହିଁ । ଅନ୍ୟପକ୍ଷରେ ନବନିଯୁକ୍ତ ବିଡିଓ ଶ୍ରୀ ଜେନାଙ୍କୁ ଏଯାଏଁ ମାଲକାନଗିରି ତହସିଲଦାର ପଦରୁ ଅବ୍ୟାହତ କରାଯାଇନଥିବା ଚର୍ଚ୍ଚା ହେଉଛି । ଦୁଇ ଅଧିକାରୀଙ୍କ ବଦଳି ଓ ଯୋଗଦାନକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ପଛରେ ପ୍ରଶାସନିକ ଓ ରାଜନୈତିକ କାରଣ ଥିବା ନେଇ ଅଞ୍ଚଳରେ ବିଭିନ୍ନ ଆଲୋଚନା ଚାଲିଛି । ତେବେ ଏହାର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟତା ମିଳିନାହିଁ । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

ସଅଁରା ଛକ ବାଣ ଗୋଦାମ ଉପରେ ପୁଲିସର ଚଢ଼ଉ

୪୦ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ

ତିର୍ତ୍ତୋଲ,୨।୧୧(ସମିସ)

ତିର୍ତ୍ତୋଲ ପୁଲିସର ଏକ ଟିମ୍ ସଅଁରା ସ୍ଥିତ ଏକ ବାଣ ଗୋଦାମ ଉପରେ ଚଢ଼ଉ କରି ପ୍ରାୟ ୪୦ ଲକ୍ଷ ଟଙ୍କାର ବାଣ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ସଂପୃକ୍ତି ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଏସମ୍ପର୍କରେ ତିର୍ତ୍ତୋଲ ଥାନା ପକ୍ଷରୁ କନକପୁର ଫାଣ୍ଡି ପରିସରରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଏସପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ସୂଚନା ମୁତାବକ ସଅଁରା ଛକ ଠାରେ ସ୍ଥାନୀୟ ପୁଟିଙ୍ଗ ଗ୍ରାମର ରମେଶ ପୃଷ୍ଟି ଓ ତାଙ୍କର ସହଯୋଗୀଙ୍କ ଦ୍ୱାରା ବେଆଇନ ଭାବେ ବାଣ ଓ ବିସ୍ଫୋରକ ସାମଗ୍ରୀ ତିଆରି ହେବା ସହ ଗଚ୍ଛିତ ରହିବା ଓ ବିକ୍ରୟ କରାଯାଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନକପୁର ଫାଣ୍ଡି ଅଧିକାରୀ ବିଶ୍ୱଜିତ ଗଡ଼ନାୟକ ନିଜ ପରେ ପୁଲିସ ଟିମ୍ ସହ ପହଞ୍ଚିଥିଲେ। ପୁଲିସ ଟିମ୍‌କୁ ଦେଖି ରମେଶ ପୃଷ୍ଟି ଓ ତାଙ୍କ ଭାଇ ଅଭିଳାଷ ପୃଷ୍ଟି ଓ ପୁତୁରା ଜ୍ଞାନେଶ ପୃଷ୍ଟି ଦୌଡ଼ି ଫେରାର ହେବାକୁ ଚେଷ୍ଟା କରୁଥିବା



ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ପୁଲିସ ପଚରା ଉଚରା କରିବାରୁ ସେମାନେ ଏଥିରେ ସଂପୃକ୍ତ ଥିବା ଓ ସଅଁରା ଛକ ଦୁଇ ବଖରା ଘରେ ବାଣ ଗଚ୍ଛିତ ଥିବା ନେଇ କହିଥିଲେ। ପୁଲିସ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ତିର୍ତ୍ତୋଲର ଅତିରିକ୍ତ ତହସିଲଦାର ଡ. ବିଶ୍ୱାମିତ୍ର ଗାର୍ଗୀଙ୍କ ଉପସ୍ଥିତିରେ ଦୋକାନ ଘର ଖୋଲି ଯାଞ୍ଚ କରି ୩୫୦ଟି ହାତ ତିଆରି ବୋମା, ବାରୁଦ ୩୦ କେଜି, କଠିନ ଆଲୁମିନିୟମ୍ ଧାତୁ ୪୦ କେଜି, ଆଲୁମିନିୟମ୍ ପାଉଡର ୭୫ କେଜି, କାର୍‌କୋଲ ପାଉଡର ୧୦୦ କେଜି, ଡିଟୋନେଟର ୬୦ ଖଣ୍ଡ, ବିଭିନ୍ନ ପ୍ରକାର ବାଣ ୮୩ କାର୍ଟୁନ୍, ହାତ ତିଆରି ବୋମା ଓ ବାଣ ପାଇଁ ବିଭିନ୍ନ ସାମଗ୍ରୀକୁ ଜବତ କରିଥିଲା। ପୁଲିସ ତଦନ୍ତରୁ ଏହି ଅଭିଯୁକ୍ତମାନେ କଲିକତା ଓ କଟକରୁ ବାଣ ଓ ବିସ୍ଫୋରକ ତିଆରି ପାଇଁ ସାମଗ୍ରୀ କିଣୁଥିଲେ। ତିଆରି ପରେ ଜଗତସିଂହପୁର ଜିଲ୍ଲାରେ ୨୪ଟି ସବ୍ ଡିଲର ଜରିଆରେ ଏସବୁ ବିକ୍ରୟ କରୁଥିଲେ। ଏମାନେ ବିନା ଲାଇସେନ୍ସରେ ଦୀର୍ଘ ଦିନ ହେଲା ଏସବୁ କାର୍ଯ୍ୟ କରୁଥିଲେ। ଗତ ୧୦ ତାରିଖରେ ପୁଲିସ ବେଆଇନ ଭାବେ ବାଣ ଓ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିବା ଅଭିଯୋଗରେ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତ ରମେଶ ପୃଷ୍ଟିକୁ ଗିରଫ କରିଥିଲା। ପୁଲିସ ଏହି ତିନି ଜଣ ଅଭିଯୁକ୍ତ ବିରୁଦ୍ଧରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରିବା ସହ ଏହି ଘଟଣାରେ ବିଷୟରେ ଅଧିକ ତଦନ୍ତ ଜାରି ରଖିଛି। ତିର୍ତ୍ତୋଲ ପୁଲିସ ବିଗତ ଗୋଟିଏ ମାସ ମଧ୍ୟରେ ସାଧାରଣ ଲୋକଙ୍କ ଧାନ ଜୀବନ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଚଳାଇ ୭ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେରେ ତିର୍ତ୍ତୋଲ ଏସଡିପିଓ ଅଜୟ କୁମାର ଦାସ, ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଓ ଅନ୍ୟ ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଜେଏସ୍‌ଡବ୍ଲ୍ୟୁର ଜରୁରୀକାଳୀନ ଓପିଡି ଆରମ୍ଭ



ପାରାଦୀପ,୨।୧୧(ସମିସ): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜରୁରୀକାଳୀନ ବହିର୍ବିଭାଗ (ଇମରଜେନ୍ସି ଓପିଡି) ସେବା ଆରମ୍ଭ କରାଯାଇଛି। ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଆରମ୍ଭ କରାଯାଇଛି। ପୂର୍ବରୁ ଏହି ତିନୋଟି ଗ୍ରାମ ପଞ୍ଚାୟତର ଲୋକମାନେ ବିଶେଷକରି ରାତ୍ରି ସମୟରେ ଜରୁରୀକାଳୀନ ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ। ନିକଟରେ ରାତ୍ରିକାଳୀନ ଚିକିତ୍ସା ସେବାର ସୁବିଧା ନଥିବାରୁ ଜରୁରୀ ପରିସ୍ଥିତିରେ ଠିକ୍ ସମୟରେ ଚିକିତ୍ସା ପାଇବା ପାଇଁ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। କମ୍ପାନୀ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏହି ଜରୁରୀକାଳୀନ ଓପିଡି ସେବା ଆରମ୍ଭ କରାଯାଇଛି। ଏହି ସେବା ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ତିନୋଟି ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଉପଲବ୍ଧ ହେବ। ପ୍ରତିଦିନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଏହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ତୁରନ୍ତ ଡାକ୍ତରୀ ପରାମର୍ଶ ଓ ପ୍ରାଥମିକ ଚିକିତ୍ସା ପାଇପାରିବେ। ଯେଉଁ ରୋଗୀମାନଙ୍କୁ ଅଧିକ ଉନ୍ନତ ଚିକିତ୍ସା ବା ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ରହିବ, ସେମାନଙ୍କୁ କମ୍ପାନୀ ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ।

ଏହି ସେବାର ଶୁଭାରମ୍ଭ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ତଥା ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ଉପସଭାପତି ମନୋଜ ସିଂହ, ଆସୋସିଏଟ ଉପସଭାପତି ମିତ୍ରଭାନୁ ଚୌଧୁରୀ ଏବଂ ଜେଏସଡବ୍ଲୁ ସିଏସଆର ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ରହି ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ତିନୋଟି ଗ୍ରାମ ପଞ୍ଚାୟତର ପ୍ରମୁଖ ଜନପ୍ରତିନିଧି ଓ ସମାଜସେବୀଙ୍କ ମଧ୍ୟରେ ସ୍ମୃତି ମନ୍ତ୍ରୀ, ଯଦୁନାଥ ଖଟୁଆ, ତାମିଲ ପ୍ରଧାନ, ସମ୍ପଦ ବାରିକ, କେଶବ ରାଉତ, ରଞ୍ଜନ ବର୍ଦ୍ଧନ, ପ୍ରଭାତ ରାଉତ, ପ୍ରଶାନ୍ତ ଲେଙ୍କା, ସନ୍ତୋଷ ମହାନ୍ତି ଓ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

ଗଙ୍ଗୋତ୍ରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଏରସମା,୨।୧୧(ସମିସ): ଗଙ୍ଗୋତ୍ରୀ ସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକର ପଏଦା ପଞ୍ଚାୟତ ଅନ୍ତର୍ଗତ ସିଆର୍‌କେ ହାଇସ୍କୁଲ ଅଡିଟୋରିୟମରେ ସଂସଦର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ଓ ନାଟ୍ୟକାର ପ୍ରଶାନ୍ତ କୁମାର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ନୈତିକତା, ମାନବିକତା ଓ ସାମାଜିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ମତ ଦେଇଥିଲେ। ପାରାଦୀପ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସୁଧାକର ଦାସ ମୁଖ୍ୟବକ୍ତା, ସାହିତ୍ୟିକ ଅଜୟ କୁମାର ବେହେରା, ପ୍ରକାଶକ ରଜତରଶ୍ମି ସ୍ୱାଇଁ ଓ ପଣ୍ଡିତ ନାଗୁ ଚରଣ ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ମୁଦୁଲି ପ୍ରଥମ ଅଧିବେଶନରେ ଧନ୍ୟବାଦ ଦେଇଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଝଙ୍କଡ଼ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ। ଏଥିରେ ଅମରଜ୍ୟୋତି ସାହୁ, ମକରଧ୍ୱଜ ଶିକ୍ଷ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ଗାଳ୍ପିକ ଦୀପ୍ତି ରଞ୍ଜନ ଖଣ୍ଡୁଆଳ, 'ସୁଶ୍ରୀ ଶୁଭଶ୍ରୀ'ର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୈଷ୍ଣବ ଚରଣ ନାୟକ ଅତିଥି ଭାବେ ଯୋଗଦେଇଥିଲେ। କବି ସବିତା ଦାସ, ପ୍ରଭାତୀ ମାଝୀ ଓ ସରୋଜିନୀ ସୁତାରଙ୍କ ସଂଯୋଜନାରେ କବି ହେମନ୍ତ ନାୟକ, ହୃଷୀକେଶ ଜେନା, ଅରୁଣ ବେହେରା, ଅଧ୍ୟାପକ ମାନସ ସାହୁ, କିଶୋର ମଲ୍ଲିକ ଓ ବାଟକୃଷ୍ଣ ସ୍ୱାଇଁଙ୍କ ସମେତ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ଗଙ୍ଗୋତ୍ରୀ' ଉନ୍ମୋଚିତ ହୋଇଥିଲା। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ମାନସୀପ୍ରଭା ସ୍ୱାଇଁ, ପ୍ରେମଲତା ବାରିକ, ଗୀତା ଦାସ, ଦେବେନ୍ଦ୍ର କର ଓ ପଦ୍ମାବତୀ ମିଶ୍ରଙ୍କ ସମେତ ୧୦ ଜଣ ସାହିତ୍ୟ ସାଧକଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମ ସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଅଭିଯୋଗକାରୀଙ୍କୁ ପୁଲିସର ଦୁର୍ବ୍ୟବହାର

ପାରାଦୀପ,୨।୧୧(ସମିସ): ପାରାଦୀପ ଲକ୍‌ଥାନାକୁ ଅଭିଯୋଗର ସମାଧାନ ନେଇ ଯାଇଥିବା ଅଭିଯୋଗକାରୀକୁ ପୁଲିସର ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଛି। ଖବର ଅନୁସାରେ ନିହାରୁଣୀ (ଚାନ୍ଦିନୀ) ର ସୁମିତ୍ରା ମଣ୍ଡଳ ତାଙ୍କ ଭାଇ ଭାଇ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ଗାଁ ମୁରବୀଙ୍କ କହିବା ଅନୁଯାୟୀ ଅଭିଯୋଗକୁ ସମାଧାନ କରିବାକୁ ଥାନାକୁ ସେମାନେ ଯାଇଥିବା ବେଳେ ଲକଥାନାର ଜଣେ ପୁଲିସ କର୍ମଚାରୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ବିଭିନ୍ନ ଧମକଚମକ ଦେଇଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଗାଳି ଗୁଲଜ ବେଳେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପଞ୍ଚାୟତ ମୁରବୀ ଚନ୍ଦ୍ର ଶେଖର ଚୌଧୁରୀ ଓ ନିହାରୁଣୀର ବିଷ୍ଣୁପଦ ମଣ୍ଡଳ ମଧ୍ୟ ଉପସ୍ଥିତ ଥିଲେ। ଥାନା କର୍ମଚାରୀଙ୍କ ବ୍ୟବହାରରେ ମହିଳା ଜଣକ ଅତିଷ୍ଠ ହେବା ଓ ଯେଉଁଠି ପୁଲିସ ଅଭିଯୋଗକାରୀଙ୍କୁ ସୁରକ୍ଷା ଦେବା କଥା ସେଠି ପୁଲିସର ଏଭଳି ଆଚରଣକୁ ସାଧାରଣ ଜଣେ ମହିଳା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ଏସ୍‌ପି, ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବା ନେଇ ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି।

● ପିପିଏଲ୍‌ରେ ନୂଆଖାଇ ଭେଟଘାଟ

ଯୋଗଦେଲେ ବରଗଡ଼ ଧନୁଯାତ୍ରା କଂସ



ପାରାଦୀପ,୨।୧୧(ସମିସ): ପାରାଦୀପ ଜୁହାର ପରିବାର ପକ୍ଷରୁ ପିପିଏଲ ଟାଉନସିପ ଏମ୍‌ପି ହଲ ଠାରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପାରାଦୀପ ଜୁହାର ପରିବାର ପକ୍ଷରୁ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ୱସ୍ୱାଦୁ ଖାଦ୍ୟପେୟ ପରସା ଯାଇଥିଲା। ସନ୍ଧ୍ୟାରେ ଜୁହାର ପରିବାରର ପରିବାର ସଦସ୍ୟଙ୍କ ସମେତ ସେମାନଙ୍କ ପିଲାମାନେଙ୍କ ମଧ୍ୟରେ ଏକ ନାଚ ଗୀତ, ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୁହାର ପରିବାର ପକ୍ଷରୁ ଏକ ସ୍ମରଣିକାକୁ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିରେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ କଂସ ବେଶରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରିଫାଇନାରୀ, ଇଫ୍‌କୋ, ପିପିଏଲ ଓ ପାରାଦୀପ ବନ୍ଦରର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହା ସହିତ ପିପିଏଲର ସମସ୍ତ କର୍ମଚାରୀ, ଅଧିକାରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ସପରିବାର ଯୋଗ ଦେଇ ନୂଆଖାଇ ପର୍ବର ମଜା ନେଇଥିଲେ। ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୁହାର ପରିବାର ପାରାଦୀପର ସଭାପତି ଅଶୋକ କୁମାର ମେହେର, ସାଧାରଣ ସମ୍ପାଦକ ହେମନ୍ତ ମେହେର ଓ ଉପସଭାପତି ମେଘବର୍ଣ୍ଣ ସୋହେଲାଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା।

କବି ନବୀନ ପ୍ରଧାନଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ



କୁଜଙ୍ଗ,୨।୧୧(ସମିସ): କବି କଥାକାର ନବୀନ କୁମାର ପ୍ରଧାନଙ୍କ 'କିଛି ଗପ କିଛି ଗୀତ' ଓ 'ସଂକ୍ଷିପ୍ତ ରାମାୟଣ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। କୁଜଙ୍ଗ ବ୍ଲକ୍‌ର ଫତେପୁର ମା' ନିମସୁନ୍ଦରୀଙ୍କ ପୀଠରେ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଡ. ରଘୁନାଥ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଇଂରାଜୀ ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ, ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ପଣ୍ଡିତ ବାସବ ନନ୍ଦ, ବାବୁରାମ ଚୌଧୁରୀ ଓ ଜ୍ୟୋତ୍ସ୍ନାରାଣୀ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଡ. ରୋଜାଲିନ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଡ. ଗଙ୍ଗାଧର ସାମନ୍ତରାୟ, ନଗେନ୍ଦ୍ରନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତୁଳସୀ ବରାଳ, ପ୍ରତିଭା ମିଶ୍ର କବିତା ସଂଯୋଜନା କରିଥିଲେ। ପୁସ୍ତକର ରଚୟିତା ନବୀନ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଜଙ୍ଗ ଦୁଆଡିଆରେ ଜରାଶ୍ରମ ପ୍ରତିଷ୍ଠା କରି ସେବା କରି ଆସୁଥିବା ଆଡଭୋକେଟ୍ ମଞ୍ଜୁଲତା ରାଉତ, ବ୍ୟାସ ଫାଉଣ୍ଡେସନର ସ୍ନେହମୟୀ ଆଚାର୍ଯ୍ୟ, ପଙ୍କଜିନୀ ବେହେରା, ପ୍ରଫୁଲ୍ଲ କୁମାର ଲେଙ୍କା, ଛବିନ୍ଦ୍ର ସାହୁ, ବରଦା ପ୍ରସାଦ ବଳିୟାରସିଂହ, ଡ. ରୋଜାଲିନ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ ଦାସ, ନିତ୍ୟାଶିଷ ପ୍ରଧାନ, ଦେବାଶିଷ ପ୍ରଧାନ, ରଞ୍ଜିତା ସାମନ୍ତରାୟ ଉତ୍ସବ ପରିଚାଳନା କରିଥିଲେ। କବି ବିଜୟ ଖଟାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଚକ୍ଷୁ ଚିକିତ୍ସା ଶିବିର

କୁଜଙ୍ଗ,୨।୧୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ସନ୍ତରା କୃଷ୍ଣଚନ୍ଦ୍ରପୁରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଗବତ ଟୁଙ୍ଗୀ ପ୍ରଚାର ସମିତି ଓଡିଶା ଆନୁକୂଲ୍ୟରେ ମୁଖ୍ୟ କାର୍ଯ୍ୟାଳୟ କୃଷ୍ଣଚନ୍ଦ୍ରପୁର, ମଙ୍ଗରାଜପୁରଠାରେ ଏହି ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିରରେ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୭ଜଣ ଚକ୍ଷୁ ରୋଗୀଙ୍କ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟରେ ଭାଗବତ ଟୁଙ୍ଗି ପ୍ରଚାର ସମିତିର ରାଜ୍ୟ ସଭାପତି ନଙ୍ଗୁଳି ବାବା, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ମହାପାତ୍ର, ମେନନ କୁମାର ଦାସ ଓ ବିଜୟ କୁମାର ସ୍ୱାଇଁ, କୁଜଙ୍ଗ ବ୍ଲକ କମିଟି ସଭ୍ୟ ସୁରେନ୍ଦ୍ର ତରାଇ, ହେମନ୍ତ କୁମାର ସାହୁ, କୁମର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଆଶ୍ରମର ସେବକ ପ୍ରେମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଜଗତସିଂହପୁର ଐତିହ୍ୟ ପଦଯାତ୍ରା

ବିରିତୋଳ ଝଙ୍କେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ



ଜଗତସିଂହପୁର,୨।୧୧(ସମିସ): ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଏକବିଂଶତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ପଦଯାତ୍ରୀଗଣ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ, ବିରିତୋଳ ଗ୍ରାମର ଝଙ୍କେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିଥିଲେ। ପ୍ରାଚୀନତା ଦୃଷ୍ଟିରୁ ଦେଖିଲେ ଏହି ମନ୍ଦିରଟି ଝଙ୍କଡ଼ର ଶାରଳା ମନ୍ଦିରର ସମ ସାମୟିକ ମନ୍ଦିର। ମାତ୍ର ଦଣ୍ଡାୟମାନ ଥିବା ବର୍ତ୍ତମାନର ମନ୍ଦିରଟି ଏକ ଆଧୁନିକ ନିର୍ମାଣ ଅଟେ। ଏହି ଝଙ୍କେଶ୍ୱର ମହାଦେବ ମନ୍ଦିରରେ ଉମା ମହେଶ୍ୱରଙ୍କ ଏକ କମନୀୟ ବିଗ୍ରହ ସହିତ ପାଶ୍ୱ ଦେବଦେବୀ ରୂପେ ଅଜୈକପାଦ ଭୈରବ, ମହିଷାମର୍ଦ୍ଦିନୀ ଦୁର୍ଗା, ଆସ୍ତିକଜରତ୍କାରୁ, ଗଣେଶ, କାର୍ତ୍ତିକ ଏବଂ ପାର୍ବତୀଙ୍କ ବିଗ୍ରହ ରୂପେ ପ୍ରାଚୀନ କୀର୍ତ୍ତିରାଜି ଦେଖିବାକୁ ମିଳେ। ତେବେ ଏହି କାର୍ଯ୍ୟକ୍ରମରେ ଶାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା ଅତିଥିରୂପେ ଯୋଗ ଦେଇ ଝଙ୍କଡ଼ ପିଠାଧୀଶ୍ୱରୀ ମାଆ ଶାରଳା, ଆଦି କବି ଶାରଳା ଦାସ, ନଣ୍ଡା ଦେଉଳ, ବୃଦ୍ଧାନଦୀ ଏବଂ ଝଙ୍କେଶ୍ୱର ମହାଦେବ ମନ୍ଦିର ସମ୍ପର୍କରେ ତଥ୍ୟ ସମ୍ବଳିତ ଅନେକ ଉପାଦେୟ ବିଷୟମାନ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ତାଙ୍କର ସ୍ୱରଚିତ ପୁସ୍ତକ "ଶ୍ରୀଚଣ୍ଡୀ ଶାରଳା ମାଦଳା'ରେ ଦେଖିବାକୁ ମିଳେ। ଏହି ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠାନର ଯୁବ ସଂଗଠକ ଦେବାଶିଷ ପାତ୍ର, ସମ୍ବିତ ସିଂହ ଓ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବିଶ୍ୱରଂଜନ ଦେହୁରୀ, ପ୍ରଦୀପ୍ତ ସୁନ୍ଦର ତଥା ଅନୁଷ୍ଠାନର ଆବାହକ ଶ୍ରୀକାନ୍ତ ସିଂହଙ୍କ ସମେତ କୁମାର ଶୁଭମ୍, ଦିନେଶ ସ୍ୱାଇଁ, ରତି ରଞ୍ଜନ ପଣ୍ଡା, ଜିନୋଦ ମହାନ୍ତି, ସ୍ୱାଧୀନ, କୁନ୍ଦନ, ସୌରଭ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ଜଗତସିଂହପୁର, କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ପ୍ରାୟ ତିରିଶ ଜଣ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ନାଉଗାଁ,୨।୧୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଆଲାଣାହାଟ ସରକାରୀ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଅଧିକାରୀ କେଶବ ମେହେର, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ସୁଶାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରବିନ୍ଦ ଦାସ, ପୁରାତନ ଛାତ୍ର ସଂସଦର ସଭାପତି ପ୍ରକାଶ କୁମାର ରାୟ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରମଣୀ ବେହେରା, ସମିତିସଭ୍ୟା ସାଗରିକା ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉକ୍ତ ବ୍ଲକର ଥିବା ସମସ୍ତ ସାଧନା କେନ୍ଦ୍ର ଗୁଡ଼ିକର ସଂଯୋଜକ ମାନେ ପରିଚାଳନା କରିଥିଲେ।

ବାଲିକୁଦାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

ବାଲିକୁଦା/ଜଗତସିଂହପୁର,୨।୧୧(ସମିସ)

ବାଲିକୁଦା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ଅନୁପସ୍ଥିତି, ସାମୂହିକ ସମସ୍ୟାର ସମାଧାନ ନେଇ ଅନିଶ୍ଚିତତା ଏବଂ ଅଭିଯୋଗକାରୀଙ୍କୁ କେବଳ ରସିଦ ଧରାଇ ଦିଆଯାଉଥିବା ଅଭିଯୋଗ ଶିବିରର ଉଦ୍ଦେଶ୍ୟ ଓ ଫଳପ୍ରଦତାକୁ ନେଇ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ଶିବିରରେ ପ୍ରଶାସନିକ ଅଧିକାରୀ ଫୁଲ୍ ଥିବାବେଳେ ଆଶାନୁରୂପ ଅଭିଯୋଗକାରୀ ଶିବିରକୁ ଆସିନଥିବା ଦେଖିବାକୁ ମିଳିଥିଲା। ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ଶିବିରରେ ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ



୫୨ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ସମ୍ପର୍କିତ ୧୧ଟି, ଜମିଜମା ସମ୍ପର୍କିତ ୬ଟି, ପୁଲିସ ସହାୟତା ପାଇଁ ୩ଟି, ଭତ୍ତା ସମ୍ପର୍କିତ ୫ଟି ଏବଂ ଅନ୍ୟାନ୍ୟ ୧୬ଟି ଅଭିଯୋଗ ରହିଥିଲା। ମୋଟ ୧୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଭିଯୋଗ ଗ୍ରହଣ, ସମାଧାନ ନେଇ ଅସନ୍ତୋଷ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବାଲିକୁଦା ବିଡିଓ ବିଦ୍ୟାଧର ଦଣ୍ଡପାଟ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାସ, ଏସ୍‌ଡିପିଓ ଦିବ୍ୟରଞ୍ଜନ ନାଥଙ୍କ ସମେତ ଜିଲ୍ଲା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଅନେକ କ୍ଷେତ୍ରରେ ଅଭିଯୋଗ ଗ୍ରହଣ କରି ରସିଦ ଦିଆଯାଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରାଯାଉନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ନଦେଇ ନିଜ ଗାଡ଼ିରେ ଚାଲିଯାଇଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଓ ସମସ୍ୟାର ସମାଧାନ ପାଇଁ ଏଭଳି ଶିବିର ଆୟୋଜନ କରାଯାଉଥିବା ବେଳେ, ଦୀର୍ଘଦିନର ସାମୂହିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ ଓ ଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

‘ମୁରାସୁ’ ଭୟ: ଆଗୁଆ ଧାନ କାଟି ପକାଇଲେ ଚାଷୀ

ପଦ୍ମପୁର,୨।୧୧(ସମିସ): ବାତ୍ୟା “ଅର୍ଣ୍ଣବ’ର କ୍ଷତ ଏପର୍ଯ୍ୟନ୍ତ ଶୁଖିନଥିବା ବେଳେ ପୁଣି ଏକ ସମ୍ଭାବ୍ୟ ବାତ୍ୟା “ମୁରାସୁ’କୁ ନେଇ ଚିନ୍ତାରେ ପଡ଼ିଛନ୍ତି ପଦ୍ମପୁର ଉପଖଣ୍ଡର ଚାଷୀ। ବାତ୍ୟାର ପ୍ରଭାବରୁ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ଆଗୁଆ ଅଧା ପାଚିଲା ଧାନ କାଟି ଘରକୁ ଆଣିବା ସହ ସୁରକ୍ଷିତ ସ୍ଥାନରେ ରଖିବାରେ ଲାଗିପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ବାତ୍ୟା “ଅର୍ଣ୍ଣବ’ର ପ୍ରଭାବରେ ପଦ୍ମପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ବ୍ୟାପକ ପ୍ରଭାବିତ ହୋଇଥିଲା। ଅମଳ ଉପଯୋଗୀ ପାଚିଲା ଧାନ ଜମିରେ ଲୋଟି ପଡ଼ିବା ସହ ଅନେକ ସ୍ଥାନରେ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିଲା। ଏଭଳି ପରିସ୍ଥିତିରେ ପୁଣି ବାତ୍ୟା “ମୁରାସୁ’ର ଆଶଙ୍କା ଚାଷୀଙ୍କ ନିଦ ହଜାଇ ଦେଇଛି। ଧାନ ଫସଲ ଏବେ ଅମଳ ଅବସ୍ଥାରେ ଥିବାରୁ ପବନ ଓ ବର୍ଷା ହେଲେ ପୁଣିଥରେ ଧାନ ଜମିରେ ଶୋଇଯିବା, ଶସ୍ୟର ଗୁଣବତ୍ତା ହ୍ରାସ ପାଇବା ଏବଂ ଅମଳରେ ବାଧା ସୃଷ୍ଟି ହେବାର ଆଶଙ୍କା ଥିବାରୁ ଭୟରେ ଚାଷୀମାନେ ଧାନ ପୂର୍ଣ୍ଣ ପାଚିବାକୁ ଅପେକ୍ଷା ନକରି ଆଗୁଆ କାଟି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। କେତେକ ଚାଷୀ ଅମଳ ଧାନକୁ ବର୍ଷାରୁ ରକ୍ଷା କରିବା ପାଇଁ ଘର ଓ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନରେ ସଂରକ୍ଷଣ କରୁଛନ୍ତି। ଅନ୍ୟପକ୍ଷରେ, ବାତ୍ୟା “ଅର୍ଣ୍ଣବ’ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ପଦ୍ମପୁର ଉପଖଣ୍ଡରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନଥିବା ଅଭିଯୋଗ ହେଉଛି।



■ ଗଜଲକ୍ଷ୍ମୀ ପୂଜାରେ ମାରଣାସ୍ତ୍ର ଧରି ନିଶାସକ୍ତଙ୍କ ଉନ୍ମତ୍ତ କାଣ୍ଡ

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ପଦ୍ମପୁର,୨।୧୧(ସମିସ): ମହୁଲପାଲି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଚାଲିଥିବାବେଳେ କିଛି ଯୁବକ ନିଶା ସେବନ କରି ମଣ୍ଡପ ନିକଟରେ ଉତ୍ପାତ କରିବା ସହ ମାରଣାସ୍ତ୍ର ଦେଖାଇ ଗଣ୍ଡଗୋଳ ନେଇ ଅଭିଯୋଗ ହୋଇଛି। ଏପରିକି ପୂଜା କମିଟିର ସଦସ୍ୟମାନଙ୍କୁ ପ୍ରାଣରେ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ କରି ଗ୍ରାମବାସୀ ଏବଂ ପୂଜା କମିଟି ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

ପ୍ରକାଶ ଯେ, ମହୁଲପାଲିରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଚାଲିଥିବାବେଳେ ଗ୍ରାମର ଦୀନେଶ ସାହୁ, ବଣ୍ଟି ସାହୁ, ଅରବିନ୍ଦ ସାହୁ ଆଦି ଅସାମାଜିକ ଯୁବକ ନିଶାସକ୍ତ ଅବସ୍ଥାରେ ପୂଜାସ୍ଥଳୀକୁ ଆସି ଗଣ୍ଡଗୋଳ କରିଥିଲେ। ପୂଜା କମିଟିର ସଦସ୍ୟମାନେ ବାରଣ କରିବାରୁ ଅଭିଯୁକ୍ତମାନେ ଓଲଟା ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। ଏନେଇ ପୂଜା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅପରାହ୍ନରେ ଶହ ଶହ ସଂଖ୍ୟାରେ



ମହିଳା ପୁରୁଷ ଥାନାକୁ ଅଭିଯୋଗ କରିବା ସହ ଗିରଫ ଦାବିରେ ହୋହଲ୍ଲା କରିଥିଲେ। ସନ୍ଧ୍ୟାରେ ପୂଜା କମିଟିର ସଭାପତି ବୀରେନ୍ଦର ସାହୁ, ସମ୍ପାଦକ ଜନ୍ମେଜୟ ବାରିକ, ରାଜୁ ବେହେରା, ମାଧବଙ୍କ ସାହୁ ସମେତ ଗ୍ରାମବାସୀ ଆଇଆଇସି କେ. ସିମିରିଆଙ୍କ ସହିତ ଆଲୋଚନା କରିଥିଲେ। ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇ ପ୍ରତିଶ୍ରୁତି ଦେଇଛନ୍ତି।

ବିଏଲ୍‌ଓଙ୍କୁ ଆକ୍ରମଣ; ୨ କୋର୍ଟ ଚାଲାଣ

ଝାରବନ୍ଧ,୨।୧୧(ସମିସ): ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଜଣେ ବୁଥସ୍ତରୀୟ ଅଧିକାରୀଙ୍କୁ ମାଡ଼ ମାରିବା ସହ ବିଦ୍ୟୁତ୍ ଖୁଣ୍ଟରେ ମୁଣ୍ଡ ପିଟିଦେବା ଅଭିଯୋଗରେ ବରଗଡ଼ ଏସପି ରବୀନ୍ଦ୍ର ନାଥ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଝାରବନ୍ଧ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାଟି ଗତ ୧ ତାରିଖ ଅପରାହ୍ନରେ ଝାରବନ୍ଧ ଥାନା ଅନ୍ତର୍ଗତ ବଡ଼ଅନକି ଗ୍ରାମରେ ଘଟିଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ, କନ୍ଦାଡଙ୍ଗର ଗ୍ରାମର କୃପାସିନ୍ଧୁ ବରିହା (୪୫) ବଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୋଇଥିବା ସହ ବଡ଼ଅନକି ଗ୍ରାମରେ ବିଏଲ୍‌ଓ ଦାୟିତ୍ୱ ତୁଲାଉଛନ୍ତି। ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବାବେଳେ ରାଜେଶ ସିଦାର (୩୨) ତାଙ୍କ ନିକଟକୁ ଆସି ନିଜ ପତ୍ନୀଙ୍କ ନାମ ଭୋଟର ତାଲିକାରେ “ପଦ୍ମଲତା ଧରୁଆ’ ବଦଳରେ “ପଦ୍ମଲତା ସିଦାର’ କରିବାକୁ ଚାପ ପକାଇଥିଲେ।



ନିୟମ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ବିନା ଏପରି ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ବିଏଲ୍‌ଓ କହିବାରୁ ରାଜେଶ ଗାଳିଗୁଲଜ କରିଥିଲେ। ଏହି ସମୟରେ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ପିଥୋରା ଥାନା ଗୌଡ଼ବାହାଲ ଗ୍ରାମର କିଶୋର କୁମାର ବରିହା (୩୦) ପହଞ୍ଚିଥିଲେ। ଉଭୟ ମିଶି କୃପାସିନ୍ଧୁଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ସହ ମୁଣ୍ଡକୁ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟରେ ପିଟି ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ଝାରବନ୍ଧ ଥାନାରେ ଅଭିଯୋଗ ପରେ ପୁଲିସ ରାଜେଶ ଓ କିଶୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ନବଜାତ ଶିଶୁକନ୍ୟା ବିକ୍ରି ଅଭିଯୋଗ

● ପ୍ରଶାସନର ହସ୍ତକ୍ଷେପ ପରେ ଉଦ୍ଧାର

ବରଗଡ଼,୨।୧୧(ସମିସ): ଆର୍ଥିକ ଅନଟନ ଯୋଗୁଁ ନବଜାତ ଶିଶୁକନ୍ୟାକୁ ଅନ୍ୟ ଦମ୍ପତିଙ୍କ ହାତରେ ଟେକି ଦେବା ସହ ବିକ୍ରି କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଖବର ପାଇବା ପରେ ରବିବାର ବରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଛି। ସୂଚନା ଅନୁସାରେ, ମାତ୍ର କିଛି ଦିନ ତଳେ ବୁର୍ଲା ବଡ଼ ଡାକ୍ତରଖାନାରେ ଶିଶୁକନ୍ୟାଟି ଜନ୍ମ ନେଇଥିଲା। ଶିଶୁଟିର ପରିବାରରେ ପୂର୍ବରୁ ଦୁଇଜଣ ପୁଅ ସନ୍ତାନ ଥିବାବେଳେ ତୃତୀୟ ସନ୍ତାନର ଲାଳନପାଳନ ପାଇଁ ପରିବାର ଅସମର୍ଥତା ପ୍ରକାଶ କରିଥିଲେ। ଏହି ପରିସ୍ଥିତିରେ ବିଜେପୁର ଅଞ୍ଚଳର ଏକ ଦମ୍ପତିଙ୍କୁ ଶିଶୁକନ୍ୟାଟିକୁ ବିକ୍ରି କରାଯାଇଥିବା ନେଇ ଅଭିଯୋଗ ଆସିଥିଲା। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀଙ୍କ ନେତୃତ୍ୱରେ ସ୍ଥାନୀୟ ଆଶାକର୍ମୀ, ବିଜେପୁର ପୁଲିସ ଏବଂ ଉଭୟ ପରିବାରର ସଦସ୍ୟଙ୍କ ଉପସ୍ଥିତିରେ ଘଟଣାର ଅନୁସନ୍ଧାନ କରାଯାଇ ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇଥିଲା। ପରେ ଶିଶୁକନ୍ୟାଟିକୁ ଜିଲ୍ଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି)ଙ୍କ ନିକଟରେ ହସ୍ତାନ୍ତର କରାଯିବ। ସମିତିର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଉଦ୍ଧାରକାରୀ ଅଧିକାରୀ ସୂଚନା ଦେଇଛନ୍ତି।

ବ୍ଲକ୍ କର୍ମଚାରୀଙ୍କୁ ଗାଳିଗୁଲଜ; ଅଭିଯୁକ୍ତ ଗିରଫ

ପାଇକମାଲ,୨।୧୧(ସମିସ): ପାଇକମାଲ ବ୍ଲକ କାର୍ଯ୍ୟାଳୟରେ ପଶି କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ପାଇକମାଲ ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବିବେକ କୁମାର ପାଢ଼ୀ (୨୪)। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ ପାଇକମାଲ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଡିଓଙ୍କ ପ୍ରକୋଷ୍ଠକୁ ଅଭିଯୁକ୍ତ ବିବେକ ଯାଇଥିଲେ। ସେହି ସମୟରେ ବିଡିଓ ଉପସ୍ଥିତ ନଥିବାରୁ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରେନ୍ଦ୍ର ଭୋଇ ତାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିବେକ ତାଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏପରିକି ସେ ବିଡିଓଙ୍କ ପ୍ରକୋଷ୍ଠରେ ପଶି ତାଙ୍କ ଆସନରେ ବସିପଡ଼ିଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଶ୍ରୀ ଭୋଇ ପାଇକମାଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



ବରଗଡ଼ ଧନୁଯାତ୍ରା

କଂସ ଅଭିନୟ ପାଇଁ ବୟସ ସୀମା କୋହଳ

ବରଗଡ଼,୨।୧୧(ସମିସ): ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପାଇଁ ମହାରାଜା କଂସ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୟସ ସୀମା କୋହଳ କରାଯିବା ନିଷ୍ପତ୍ତି କଳାକାର ମହଲରେ ବେଶ୍ ଆନନ୍ଦ ଓ ଉତ୍ସାହ ଭରିଦେଇଛି। ପୂର୍ବରୁ କଂସ ଚୟନ ପାଇଁ ବୟସ ସୀମା ୬୦ ବର୍ଷ ନିର୍ଦ୍ଧାରଣ କରାଯାଇଥିବାରୁ କଳାକାର ଓ ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଜନସାଧାରଣ ଓ କଳାକାରଙ୍କ ସେହି ଅସନ୍ତୋଷକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିୟମରେ ସଂଶୋଧନ କରାଯାଇଛି ଏବଂ ବର୍ତ୍ତମାନ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଆଗ୍ରହୀ କଳାକାର ଫିଟନେସ୍ ପ୍ରମାଣପତ୍ର ଦେଇ ଏହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ସ୍ପଷ୍ଟ କରାଯାଇଛି। ପ୍ରଶାସନର



ଏହି ପଦକ୍ଷେପ ପରେ ବଲାଙ୍ଗିର ଜିଲ୍ଲାର ଜଣାଶୁଣା ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ ଅତ୍ୟନ୍ତ ଆନନ୍ଦିତ ହୋଇ ଧନୁଯାତ୍ରା ମହୋତ୍ସବ ସମିତିକୁ କୃତଜ୍ଞତା ଜ୍ଞାପନ

କୃତଜ୍ଞତା ଜଣାଇଲେ ‘ବରିଷ୍ଠ ମହାରାଜ’ ରବୀନ୍ଦ୍ର ସାହୁ

କରିଛନ୍ତି। ଗଣମାଧ୍ୟମ ସହ ପ୍ରତିକ୍ରିୟା ରଖି ଶ୍ରୀଯୁକ୍ତ ସାହୁ କହିଛନ୍ତି ଯେ, ବର୍ତ୍ତମାନ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ଏବଂ ମଞ୍ଚରେ ନିଜର ଶ୍ରେଷ୍ଠ ଅଭିନୟ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସୂଚନାଯୋଗ୍ୟ ଯେ, ଆଜିଠାରୁ ମହାରାଜା କଂସ ଚୟନ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜମଲା-ଅମାମୁଣ୍ଡା ରାସ୍ତା ଶୋଚନୀୟ; ମରାମତି ଦାବି

ପଦ୍ମପୁର,୨।୧୧(ସମିସ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜମଲା-ଅମାମୁଣ୍ଡା ସଂଯୋଗକାରୀ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଦୀର୍ଘଦିନ ଧରି ରାସ୍ତାଟି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ହେଁ ପ୍ରଶାସନିକ ସ୍ତରରେ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତାସାରା ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବର୍ଷା ଦିନେ ଏହି ଖାଲଗୁଡ଼ିକରେ ପାଣି ଜମି ରହିବା ଫଳରେ ଗାଡ଼ି ଚାଳକ ଓ ପଦଚାରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବ୍ୟାଙ୍କ, ଡାକ୍ତର ଖାନା, ଆସୁଥିବା ଏହା ସହ ସ୍କୁଲ-କଲେଜ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ସମୟରେ ନାହିଁ ନ ଥିବା ଅସୁବିଧା ହେଉଛି। ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ପୁନରୁଦ୍ଧାର ଓ ପିଚୁକାର୍ଯ୍ୟ ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳୁଛି, କାମ ହେଉନାହିଁ। ଯଦି ଶୀଘ୍ର ଏହି ଜମଲା-ଅମାମୁଣ୍ଡା ରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ କରାନଯାଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଶିକ୍ଷକ ଏକାଦଶର ବନ୍ଧୁ ମିଳନ ଓ କ୍ରିକେଟ ମ୍ୟାଚ୍


ପଦ୍ମପୁର,୨।୧୧(ସମିସ): ସ୍ଥାନୀୟ ଲୋହାରପାଲି ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ଏକାଦଶ ପଦ୍ମପୁରର ବାର୍ଷିକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଅଛି। ସଂସ୍ଥାର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ। ଏହି ଅବସରରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକମାନେ ଚାରୋଟି ଦଳରେ ବିଭକ୍ତ ହୋଇ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ମ୍ୟାଚରେ ମୋହନ ଏକାଦଶ ସୁଶାନ୍ତ ଏକାଦଶକୁ ପରାସ୍ତ କରିଥିବାବେଳେ ବେଳେ ଦ୍ୱିତୀୟରେ ବିକାଶ ଏକାଦଶ ସଞ୍ଜୀବ ଏକାଦଶକୁ ପରାସ୍ତ କରିଥିଲା। ପରେ ଉଭୟ ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୋହନ ଏକାଦଶ ବିଜେତା ଏବଂ ବିକାଶ ଏକାଦଶ ଉପବିଜେତା ହୋଇଥିଲେ। ଫାଇନାଲରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଏକାଦଶ ସଭାପତି ନରେନ୍ଦ୍ର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସମ୍ପାଦକ କିଶୋର ପାତ୍ର ଏବଂ ଭାର୍ଗବ ପ୍ରଧାନ ଯୋଗଦାନ କରି ବୈକୁଣ୍ଠ ଲୋହାରକୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।



ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ ଘଟଣା

ପରିବାର ଲୋକଙ୍କ ସହ ଆଲୋଚନା କଲେ ଏସ୍‌ଡିଓ

ଭେଡେନ,୨।୧୧(ସମିସ): ଭେଡେନ ବ୍ଲକ ରକ୍ଷୁଡ଼ା ଗ୍ରାମରେ ଗତ ବୁଧବାର ବିଦ୍ୟୁତ ଆଘାତରେ ହରିଚରଣ ପୋଡ଼ (୩୨)ଙ୍କ ମୃତ୍ୟୁ ଘଟିଥିଲା। ହରିଚରଣଙ୍କ ମୃତ୍ୟୁପରେ ସ୍ତ୍ରୀ ହରିପ୍ରିୟା,୧୩ ବର୍ଷର ପୁଅ ପୂର୍ଣ୍ଣଚନ୍ଦ୍ର,୩ ବର୍ଷର ଝିଅ ପୁନମ, ମା’ ରାସେଶ୍ୱରୀ ଅସହାୟ ହୋଇପଡ଼ିଛନ୍ତି। ହରିଚରଣଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଓ ସେ ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଆଜି ଭେଡେନ ଏସଡିଓ ପ୍ରଦୀପ୍ତ ଷଡ଼ଙ୍ଗୀ ମୃତ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଲୋଚନା କରିଛନ୍ତି। ପୁଣି ସରପଞ୍ଚ ସୁରେନ୍ଦ୍ର କର୍ମୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାକାନ୍ତ ଭୋଇ ମଧ୍ୟ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟି ସହାୟତା ରାଶି ପ୍ରଦାନ କରିଛନ୍ତି।



ବ୍ଲକ୍ କ୍ୟାସିଅରଙ୍କୁ ସରପଞ୍ଚଙ୍କ ମାଡ଼ ଅଭିଯୋଗ

ସୋହେଲା,୨।୧୧(ସମିସ): ସୋହେଲା ବ୍ଲକରେ ଏସ୍‌ଆରଏ କ୍ୟାସିଅର ଭାବେ କାର୍ଯ୍ୟରତ ଲକ୍ଷ୍ମୀ ନାରାୟଣ ପାଇକଙ୍କୁ ଆଜି ସାଲେପାଲି ସରପଞ୍ଚ କୌଣସି ଏକ ଘଟଣାକୁ ନେଇ ମାଡ ମାରିଥିବା ଶ୍ରୀ ପାଇକ ସୋହେଲା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସୋମବାର ଶ୍ରୀ ପାଇକ ବ୍ଲକ ଅଫିସରେ କାମ କରୁଥିବାବେଳେ ସାଲେପାଲି ସରପଞ୍ଚ ଚୈତନ୍ୟ ବେହେରା ଅଫିସକୁ ଆସି ତାଙ୍କ ବିଲ କାହିଁକି କରୁନାହାନ୍ତି ବୋଲି କହି ଗାଳିଗୁଲଜ ସହ ମାଡ଼ କରିଥିଲେ। ଶ୍ରୀ ପାଇକଙ୍କ ଅଭିଯୋଗ କ୍ରମେ ସୋହେଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସେବାନିବୃତ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ବରପାଲି,୨।୧୧(ସମିସ): ଭାରତୀୟ ସେନାବାହିନୀରେ ସେବା କରି ଘରକୁ ଫେରୁଥିବାବେଳେ ବରପାଲିର ରବି ଶର୍ମାଙ୍କୁ ସ୍ଥାନୀୟ ରେଳଷ୍ଟେସନ ସମ୍ମୁଖରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତହସିଲ ଛକ ବାସିନ୍ଦା ଭବାନୀ ଶର୍ମାଙ୍କ ସୁପୁତ୍ର ରବି ଦୀର୍ଘ ୧୭ ବର୍ଷ ଧରି ଭାରତୀୟ ସେନାବାହିନୀରେ କାର୍ଯ୍ୟ କରି ଅବସର ନେଇଥିଲେ। ସୋମବାର ସକାଳେ ସେ ପହଞ୍ଚିବା ପରେ ମହାତ୍ମାଗାନ୍ଧୀ, ଗଙ୍ଗାଧର ମେହେର ଓ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଶତାଧିକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ଗ୍ରାମକୁ ପାଛୋଟି ଅଣାଯାଇଥିଲା। ବିଜେଡି ଯୁବନେତା ଟିକାୟତ ମହନ୍ତମ, ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସେନା ନିବୃତ୍ତ ଯବାନ ଭବାନୀ ଶଙ୍କର ସାହୁଙ୍କ ସମେତ ବହୁ ଶୁଭେଚ୍ଛୁ ଓ ଭଦ୍ରବ୍ୟକ୍ତି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

ନଳକୂଅ ଚାନ୍ଦିନୀ ନିର୍ମାଣ ଦାବି

ଝାରବନ୍ଧ,୨।୧୧(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଭୈଷାଦରହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୈଷାଦରହା ସେବାଶ୍ରମ ବିଦ୍ୟାଳୟ ସମ୍ମୁଖରେ ଥିବା ନଳକୂଅଟି ଦୀର୍ଘଦିନ ହେଲା ଚାନ୍ଦିନୀ ବିହୀନ ହୋଇ ଖୋଲା ପଡ଼ିରହିଛି। ଫଳରେ ଜଳ ପ୍ରଦୂଷିତ ହେବା ଆଶଙ୍କା ସହ ଜନସାଧାରଣ ତଥା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ନଳକୂପ ଚାରିପାଖରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହା ମଧ୍ୟକୁ ମଇଳା ପାଣି, କୀଟପତଙ୍ଗ ଏପରିକି ବିଷଧର ସାପ ପ୍ରବେଶ କରିବାର ଆଶଙ୍କା ରହିଛି। ଫଳରେ ଏହି ନଳକୂପରୁ ବ୍ୟବହୃତ ଜଳର ଶୁଦ୍ଧତା ନେଇ ପ୍ରଶ୍ନ ଉଠିବା ସହ ଜଳବାହୀତ ରୋଗର ଭୟ ମଧ୍ୟ ଦେଖାଦେଇଛି। ବିଦ୍ୟାଳୟ ସମ୍ମୁଖରେ ନଳକୂପ ଥିବାରୁ ଏହା ଉପରେ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ନିର୍ଭର କରୁଛନ୍ତି। ତୁରନ୍ତ ନଳକୂଅର ଚାନ୍ଦିନୀ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



■ ଅସହାୟ ବିଧବାଙ୍କୁ ସହାୟତା କଲେ ଶେଷଦେବ

ନିଜ ଖର୍ଚ୍ଚରେ ସମ୍ପନ୍ନ କଲେ ସ୍ୱାମୀଙ୍କ ଏକାଦଶାହ

ପଦ୍ମପୁର,୨।୧୧(ସମିସ): ଜଣେ ଅସହାୟ ବିଧବା ମହିଳାଙ୍କ ଦୁଃଖରେ ସମଭାଗୀ ହୋଇ ନିଜ ଖର୍ଚ୍ଚରେ ତାଙ୍କ ସ୍ୱାମୀଙ୍କ ଏକାଦଶାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି ତାଳପାଲି ଗ୍ରାମର ଶେଷଦେବ ଦାଶ (ବୁଲୁ)। ଏନେଇ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି।

ସୂଚନା ଅନୁସାରେ, ଗତ ୨୧ ତାରିଖ ଦିନ ବୁଡେନ ଥାନା ଅନ୍ତର୍ଗତ ବିଜାମାଲ ଗ୍ରାମର ଡିଲେଶ୍ୱର (କିଶୋର) ଖର୍ସେଲ (୩୩)ଙ୍କ ସଡ଼କ ଦୁର୍ଘଟଣାର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ପତ୍ନୀ ନିଲେନ୍ଦ୍ରୀ ଖର୍ସେଲଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିଲା। କୋଳରେ ମାତ୍ର ତିନି ମାସର ଶିଶୁକନ୍ୟା ଓ ପାଖରେ ଚାରି ବର୍ଷର ପୁଅ। ସ୍ୱାମୀଙ୍କ କ୍ରିୟାକର୍ମ ପାଇଁ ବି ସେ ସକ୍ଷମ ନଥିଲେ। ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ତାଳପାଲି ଗ୍ରାମର ସମାଜସେବୀ ଶେଷଦେବ ଦାଶ (ବୁଲୁ) ତୁରନ୍ତ ବିଜାମାଲ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ମୃତ ଡିଲେଶ୍ୱରଙ୍କ ଏକାଦଶାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ନିଜ ଖର୍ଚ୍ଚରେ ଏବଂ ଗ୍ରାମର ଗୌନ୍ତିଆ କୀର୍ତ୍ତି ଚନ୍ଦ୍ର ପାଣ୍ଡେ, ପୀତବାସ ପାଣ୍ଡେ ଓ ଅନ୍ୟ ଗ୍ରାମବାସୀଙ୍କ ସହଯୋଗରେ ସେ ଏକାଦଶାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।



ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ଧାରଣା

୭ ଦିନ ମଧ୍ୟରେ ବକେୟା ଭତ୍ତା ନମିଳିଲେ ଆନ୍ଦୋଳନ ଚେତାବନୀ

ପାଇକମାଲ,୨।୧୧(ସମିସ): ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟ, ବିଧବା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଭତ୍ତା ନମିଳିବା ସହ ପ୍ରଦାନରେ ଅନିୟମିତତାକୁ ନେଇ ପାଇକମାଲ ବ୍ଲକ ମାଣ୍ଡୋସିଲ ଅଞ୍ଚଳର ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ବକେୟା ଭତ୍ତା ତୁରନ୍ତ ପ୍ରଦାନ ଓ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ସୋମବାର ହିତାଧିକାରୀମାନେ ପାଇକମାଲ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମାଣ୍ଡୋସିଲ ସମିତିସଭ୍ୟ ଗୁଲାମ ରସୁଲ ରଙ୍ଗରେଜଙ୍କ ନେତୃତ୍ୱରେ ଅଞ୍ଚଳର ବହୁ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଦାବି ଉପସ୍ଥାପନ କରିଥିଲେ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, କେତେକ ହିତାଧିକାରୀ ଗତ ଚାରି ମାସ ଧରି ଭତ୍ତା ପାଇନଥିବା ବେଳେ ଆଉ କେତେକ ଦୀର୍ଘ ଆଠ ମାସ ହେଲା ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ବକେୟା ଭତ୍ତା ତୁରନ୍ତ ପ୍ରଦାନ ସହ ଭବିଷ୍ୟତରେ ଯେପରି ଏଭଳି ଅନିୟମିତତା ନହୁଏ, ସେଥିପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୭ ଦିନ ମଧ୍ୟରେ ବକେୟା ଭତ୍ତା ପ୍ରଦାନ ନକଲେ ବ୍ଲକର ସମସ୍ତ ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ଏକଜୁଟ କରି ବଡ଼ ଧରଣର ଓ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଧାରଣାରେ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ, ବିଜୟ ସ୍ୱାଇଁ, ଗୌତମ ସିଂ, ଲାଲ ସାହୁ, ମେହବୁବ୍ ସରବେୟା, ଥବିର ମାଝୀଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



କଂକ୍ରିଟ୍ ରାସ୍ତା ନିର୍ମାଣ କରି ଫସିଗଲେ ଗ୍ରାମବାସୀ

ପାଲଲହଡ଼ା,୨ ।୧୧(ସମିସ):



ଗାଁ ରାସ୍ତାକୁ ମଜଭୁତ କରିବାକୁ ନିଜେ କାମକଲେ ଗ୍ରାମବାସୀ। ମାତ୍ର ଦୀର୍ଘ ଆଠ ମାସ ହେଲା ମିଳିଲାନି ପାଉଣା। ବିଡିଓ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ଦୁଇମାସ ହେଲା କାର୍ଯ୍ୟର ବିଲ୍ ଉଠାଇ ନେଇ ଅନ୍ୟ ବ୍ଲକକୁ ବଦଳି ହୋଇ ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି। ପାଲଲହଡ଼ା ପଞ୍ଚାୟତ ସମିତି ଶଙ୍ଖପୁର ପଞ୍ଚାୟତ ବୈଦେହୀପୁର ଗ୍ରାମ ମଣ୍ଡାଖୋଲ ସାହିରୁ ଏପରି ଅଭିଯୋଗ ଆସିଛି।

ଅଭିଯୋଗ ମୁତାବକ, ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନରୁ ମଣ୍ଡାଖୋଲ ସାହିକୁ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ୩,୬୧,୦୧୨ ଟଙ୍କା ଅନୁମୋଦନ ହୋଇଥିଲା। ସାହି ବାସିନ୍ଦା କାର୍ଯ୍ୟକୁ ନିଜେ କରିଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାଁରେ କାର୍ଯ୍ୟାଦେଶ ଦିଆଯାଇଥିଲା। ସାହି ଲୋକେ ମାର୍ଚ୍ଚ ମାସରେ କାମ ଶେଷ କରି ଯନ୍ତ୍ରୀଙ୍କୁ ବିଲ୍ ପ୍ରସ୍ତୁତ କରି ପାଉଣା ପାଇଁ କହିଥିଲେ। ମାତ୍ର ଦୀର୍ଘ ୮ ମାସ ବିତିଯାଇଥିଲେ ସୁଦ୍ଧା ଆଜିଯାଏଁ ଟଙ୍କାଟିଏ ମଧ୍ୟ ପାଇଲେ ନାହିଁ। ଏ ସମ୍ବନ୍ଧରେ ପାଲଲହଡ଼ା ବିଡିଓ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ୟପଟେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଦୁଇ ମାସ ପୂର୍ବରୁ ପାଲଲହଡ଼ା ବ୍ଲକରୁ ବଦଳି ହୋଇ ଅନ୍ୟତ୍ର ଚାଲିଯିବା ପରେ ଗ୍ରାମବାସୀ ଉକ୍ତ କାର୍ଯ୍ୟର ବିଲ୍ ପ୍ରସ୍ତୁତ ହୋଇ ପାଉଣା ମିଳିସାରିଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଉଥିଲେ ମଧ୍ୟ ସେ ଫୋନ ଗ୍ରହଣ କରୁ ନ ଥିବାରୁ ସାହି ବାସିନ୍ଦା

- ବିଲ୍ ଉଠାଇ ଦେଉନାହାନ୍ତି ଯନ୍ତ୍ରୀ
- ପଞ୍ଚାୟତ ସମିତି ଆଗରେ ଧାରଣା

ସୋମବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ ଧାରଣାସ୍ଥଳରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ଦାବିକୁ ସମର୍ଥନ କରି ତୁରନ୍ତ ନ୍ୟାୟ ଦାବି କରିଥିଲେ। ତେବେ ଏ ସମ୍ପର୍କରେ ମତାମତ ପାଇଁ ବିଡିଓଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ମହେଶ୍ୱର ବେହେରା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହେତୁ ବିଳମ୍ବ ହୋଇଥିଲା, ଗତ ମାସ ୩୧ ତାରିଖ ପାଉଣା ଦେଇସାରିଛି ବୋଲି ସେ କହିଛନ୍ତି।



ଅନୁଗୋଳ: ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ମିଶ୍ରପଡ଼ା ରୟାଲ ଇଭିନିଂ ଖଟି ତରଫରୁ ପ୍ରସାଦ ବଣ୍ଟନ

- ଅନ୍ତର୍ଜାତୀୟ ସାହିତ୍ୟ ସମ୍ମିଳନୀରେ ଦୀନେଶ ମାଳୀ ସମ୍ମାନିତ

ମୁକୁଟଧର ପାଣ୍ଡେୟ ସାହିତ୍ୟ ସମ୍ମାନ ପ୍ରଦାନ



କଣିହାଁ,୨ ।୧୧(ସମିସ): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ଦୀନେଶ କୁମାର ମାଳୀ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଛତିଶଗଡ଼ ରାୟଗଡ଼ ସହିଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ସାହିତ୍ୟ ସମ୍ମିଳନୀରେ ତାଙ୍କୁ 'ମୁକୁଟଧର ପାଣ୍ଡେୟ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ଭାରତ ସମେତ ବ୍ରିଟେନ, କାନାଡ଼ା ଓ ବୁଲଗାରିଆର ବହୁ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, କୁଳପତି ଓ ଗବେଷକ ଯୋଗଦେଇଥିଲେ। ବିଶିଷ୍ଟ ହିନ୍ଦୀ କବି ପ୍ରଫେସର ଅରୁଣ କମଳ, ବ୍ରିଟେନର ସାହିତ୍ୟିକ ତେଜେନ୍ଦ୍ର ଶର୍ମା ଓ ଦୀପକ ପାଣ୍ଡେୟଙ୍କ ସମେତ ଅନ୍ୟ ସାହିତ୍ୟିକଙ୍କ ସହ ଦୀନେଶଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ତାଙ୍କ ରଚିତ ପୁସ୍ତକ 'ନନ୍ଦିନୀ ସାହୁ କା କାବ୍ୟ-ସଂସାର', 'ନୟେ ଭାବ ଶିଳ୍ପ କେ କବି ମୀନକେତନ ପ୍ରଧାନ', 'ସହିଦ ମାଧୋସିଂହ କି ଖୋଜ୍' ଓ "ଉଦ୍ଭ୍ରାନ୍ତ ସାହିତ୍ୟ ପର ମେରେ ନୋଟ୍ସ' ଉନ୍ମୋଚିତ ହୋଇଥିଲା। ବ୍ରିଟେନର ତେଜେନ୍ଦ୍ର ଶର୍ମା, କାନାଡ଼ାର ସ୍ନେହଲତା ଠାକୁର, ବୁଲଗାରିଆର ମୀନା କୌଶିକ, ପ୍ରଫେସର ଅରୁଣ କମଳ, ଜିନ୍ଦଲ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆର୍‌ଡ଼ି ପାଟିଦାର ଓ ସହିଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିନୟ ଚୌହାନଙ୍କ ଉପସ୍ଥିତିରେ ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା।

ଉନ୍ମୋଚିତ ହେଲା ଦୀନେଶଙ୍କ ୪ ପୁସ୍ତକ

ଡିଜି ବ୍ରଦର୍ସ କ୍ଲବର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଅନୁଗୋଳ,୨ ।୧୧(ସମିସ): ପାଲଲହଡ଼ା ବ୍ଲକ ଖେମଳା ସହର ସାହି ଡିଜି ବ୍ରଦର୍ସ କ୍ଲବ ପକ୍ଷରୁ ଚାଲିଥିବା ଦ୍ୱିତୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ହାତୀବିନ୍ଧା ଏଫ୍‌ସି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ହାତୀବିନ୍ଧା ଦଳ ପେଚାମୁଣ୍ଡିକୁ ପେନାଲଟି କିକ୍‌ରେ ୫-୪ ଗୋଲରେ ପରାସ୍ତ କରିଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପାଲଲହଡ଼ା ବିଇଓ ଲକ୍ଷ୍ମୀଧର ଦେହୁରୀ ମୁଖ୍ୟବକ୍ତା, ଖେମଳା ସରପଞ୍ଚ ଦେବରାଜ ପ୍ରଧାନ, ଖେମଳା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଡିଜି ବ୍ରଦର୍ସ କ୍ଲବ ସଭାପତି ପୀତାମ୍ବର ଦେହୁରୀ, ଉପ ସଭାପତି ରାହୁଲ ଦେହୁରୀ, ସମ୍ପାଦକ ରାଜକିଶୋର ଗାଉଁନ୍ତିଆ, ଅଧିନାୟକ ରାକେଶ ଦେହୁରୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଶ୍ରୀକାନ୍ତ ଦେହୁରୀ ସଭା ପରିଚାଳନା କରିଥିଲେ।

ଖୋଲିଲା ଚାନ୍ଦି ଉତ୍ସବ; ନିଜସ୍ୱ ବ୍ରାଣ୍ଡର ରୁପା ଅଳଙ୍କାର ଶୋ'ରୁମ୍



ଅନୁଗୋଳ,୨ ।୧୧(ସମିସ): ଚାନ୍ଦି ଉତ୍ସବ ପରିବାର ପକ୍ଷରୁ ଅନୁଗୋଳରେ ପ୍ରଥମ ନିଜସ୍ୱ ରୁପା ଅଳଙ୍କାର ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ଏସଜିବିଏଲ ଅଧ୍ୟକ୍ଷ ଶଙ୍କର ଗୁପ୍ତା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କଟକ ମାରୱାଡି ସମାଜ ସଭାପତି ସଞ୍ଜୟ ଶର୍ମା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଷ୍ଟୋର ମାଧ୍ୟମରେ ଗ୍ରାହକଙ୍କୁ ଆକର୍ଷଣୀୟ ଡିଜାଇନ୍, ଆଧୁନିକ ଫ୍ୟାସନ ଏବଂ ବିଭିନ୍ନ ପ୍ରକାରର ରୁପା ସାମଗ୍ରୀ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖିଛି ଅନୁଷ୍ଠାନ। ଏହି ଅବସରରେ ଚାନ୍ଦି ଉତ୍ସବ ପରିବାର ପକ୍ଷରୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ କମଲ ଅଗ୍ରୱାଲ କହିଛନ୍ତି ଯେ ଏହା ସେମାନଙ୍କ ପାଇଁ ଅତ୍ୟନ୍ତ ଖୁସି ଓ ଗର୍ବର ଦିନ। ଏହି ଷ୍ଟୋର କେବଳ ଏକ ଜୁଏଲରୀ ଦୋକାନ ନୁହେଁ ବରଂ ଏକ ନୂଆ ଚିନ୍ତାଧାରା, ନୂଆ ଫ୍ୟାସନ ଏବଂ ନୂଆ ବ୍ୟବସାୟିକ ସ୍ୱପ୍ନର ଆରମ୍ଭ। ବର୍ତ୍ତମାନ ସମୟରେ ସୁନା ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଅନେକ ଲୋକଙ୍କ ପାଇଁ ମନପସନ୍ଦର ଗହଣା କିଣିବା କଷ୍ଟକର ହୋଇପଡୁଛି। ଏହି ପରିସ୍ଥିତିରେ ରୁପାକୁ କେବଳ ପାରମ୍ପରିକ ଧାତୁ ଭାବେ ନୁହେଁ ବରଂ ଭବିଷ୍ୟତର ଏକ ନୂଆ ଗୋଲ୍ଡ ଭାବେ ଲୋକଙ୍କ ସମ୍ମୁଖକୁ ଆଣିବା ହେଉଛି ଚାନ୍ଦି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



କିଶୋରନଗର,୨ ।୧୧(ସମିସ): ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ କିଶୋରନଗର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ଏସପି ରାହୁଲ ଜୈନ ଯୋଗଦେଇଥିଲେ। ଏଥିରେ ୪୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି। ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, କିଶୋରନଗର ତହସିଲଦାର ରଞ୍ଜନ କୁମାର ସାହୁ, କିଶୋରନଗର ବିଡିଓ ଶୁଭକାନ୍ତ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟସ୍ୱରୂପ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ।

ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି



ଅନୁଗୋଳ,୨ ।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା।

୧୦୭୭ ପରିବାରକୁ ୭୯.୭୬ କୋଟିର ପୁନର୍ବାସ ସହାୟତା

ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ବିଧାୟକଙ୍କ କୃତଜ୍ଞତା

କଣିହାଁ,୨ ।୧୧(ସମିସ): ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ସମଲ ବ୍ୟାରେଜ୍ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଅନୁଗୋଳ ଜିଲ୍ଲାର ୬ଟି ଗ୍ରାମର ୧୦୭୭ ପରିବାରଙ୍କ ପାଇଁ ରାଜ୍ୟ ସରକାର ୭୯ କୋଟି ୭୬ ଲକ୍ଷ ୩ ହଜାର ୪୭୩ ଟଙ୍କାର ପୁନର୍ବାସ ଓ ଥଇଥାନ ସହାୟତା ମଞ୍ଜୁର କରିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୩୧ ତାରିଖ ଏ ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ନାଲମ ଗ୍ରାମର ୨୮୧, ତାଳପଦାର ୨୮୦, ଦୁର୍ଗାପୁରର ୧୯୬, ଗହମର ୧୩୭, କୁସୁମପାଳର ୧୧୧ ଏବଂ ସିପୁର ଗ୍ରାମର ୭୨ ହିତାଧିକାରୀ ଏହି ସହାୟତା ପାଇବେ। ହିତାଧିକାରୀଙ୍କ ଦାବି ଓ କାଗଜପତ୍ର ଯାଞ୍ଚ ସହ ଗ୍ରାମ ସ୍ତରରେ ତାଲିକା ପ୍ରକାଶ କରାଯିବ। ଆପତ୍ତି ଓ ଅଭିଯୋଗର ସମାଧାନ ପରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯିବ। ଦୀର୍ଘଦିନର ଏହି ସମସ୍ୟା ସମାଧାନ ପାଇଁ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ବିଧାନସଭା ସମେତ ବିଭିନ୍ନ ଫୋରମରେ ନିରନ୍ତର ଦାବି ଉପସ୍ଥାପନ କରିଆସୁଥିଲେ। ଅନ୍ୟପକ୍ଷରେ, ନଦୀ କୂଳବର୍ତ୍ତୀ ଓ ବୁଡ଼ି ଅଞ୍ଚଳର ପ୍ରଜାମାନଙ୍କ ନ୍ୟାଯ୍ୟ ଅଧିକାର ଓ ପୁନର୍ବାସ ସହାୟତା ପାଇଁ ପୂର୍ବତନ ସାଂସଦ ମହେଶ ସାହୁ ଏବଂ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ମଧ୍ୟ ଦାବି ଉପସ୍ଥାପନ କରିବା ସହ ସଂଘର୍ଷ ଜାରି ରଖିଥିଲେ। ଏହି ମଞ୍ଜୁରୀ ପରେ ବିଧାୟକ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ କୃତଜ୍ଞତା ଜଣାଇଛନ୍ତି।

- ଧୁମଧାମରେ ପାଳିତ ହେଉଛି ମା' ଗଜଲକ୍ଷ୍ମୀ ପୂଜା

ମନ ମୋହୁଛି ଜଳପରି ଖେଳ, ମୀନାବଜାର ଏବଂ ସାଂସ୍କୃତିକ ସନ୍ଧ୍ୟା





ପାଲଲହଡ଼ା,୨ ।୧୧(ସମିସ): ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ କରାଯାଉଛି। ମିନାବଜାର, ଦୋଳି ସାଙ୍ଗକୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟପେୟ ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଚଳିତବର୍ଷ ଶାସନ ସାହି, କଦମ୍ବ ଚୌକ, ଉଦୟପୁର, ଉଦିତନଗର, ସ୍କୁଲ ସାହି, ପୁରୁଣା ଗଉଡ଼ ସାହି, କଚେରୀ ସାହି, ନୂଆ ବସଷ୍ଟାଣ୍ଡ, ସାମନ୍ତ ସାହି ଏବଂ ରାମ ମନ୍ଦିର ଛକ ଆଦି ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ସୁଉଚ୍ଚ ତୋରଣ ସାଙ୍ଗକୁ ଡିଜିଟାଲ ଆଲୋକମାଳାରେ ସଜ୍ଜିତ ହେଲେ ସମଗ୍ର ସହର ଝଲସି ଉଠୁଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କାରିଗରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ମା'ଙ୍କ ସୁନ୍ଦର ମୂର୍ତ୍ତି ଏବଂ ମେଢ଼ ପୂଜା ମଣ୍ଡପଗୁଡ଼ିକୁ ଅଧିକ ଆକର୍ଷଣୀୟ କରିଛି। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ପୂଜା କମିଟି ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ମୀନାବଜାରରେ ମିଳୁଥିବା ବିଭିନ୍ନ ଘରକରଣା ସାମଗ୍ରୀ, ଦୋଳି, ମେଲୋଡି ଏବଂ ଅପେରା ଆଦି ପୂଜା ବଜାରକୁ ଆହୁରି ଆକର୍ଷଣୀୟ କରିଛି। ବିଶେଷକରି ଜଳପରି ଖେଳ ଏବଂ ଉଦିତନଗରର ମେଢ଼ ପାହାଡ଼ର ଭ୍ରମ ସୃଷ୍ଟି କରୁଥିବାରୁ ଦର୍ଶକଙ୍କ ମନମୋହୁଛି। ଆସନ୍ତା ୪ ତାରିଖ ମା'ଙ୍କ ମେଳଣ ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ପୂଜା ପାଇଁ ଉପଖଣ୍ଡ ପ୍ରଶାସନ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

- ସରିଲା ରେଙ୍ଗାଳି ଗଜଲକ୍ଷ୍ମୀ ପୂଜା, ମେଳଣରେ ସାମିଲ ହେଲେ ୯ ମେଢ଼

୧.୨୫ ଲକ୍ଷ ଟଙ୍କାରେ ଆଞ୍ଚାଲଡୁ ନିଲାମ



କଣିହାଁ,୨ ।୧୧(ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ଗ୍ରାମରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ରବିବାର ସମାପନ ହୋଇଛି। ଚଳିତବର୍ଷ ୯ଟି ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ଓ ମନୋରମ ସାଜସଜ୍ଜାରେ ସମଗ୍ର ଗାଁ ଝଲସି ଉଠିଥିଲା। ବାଲିପଶି, ମା' ମଙ୍ଗଳା, ଡିଏସ୍‌ପି, ମନ୍ଦିର ଛକ, ଗାନ୍ଧୀ ଛକ, ସଡ଼କ ସାହି, ନୂଆସାହି ଓ ପାହାଡ଼ି ରାମେଶ୍ୱର ସମେତ ବିଭିନ୍ନ ମଣ୍ଡପରେ ମା'ଙ୍କ ଆରାଧନା କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ମାନବ କଳାକୁଞ୍ଜ, ମାନବ ଷ୍ଟାଚ୍ୟୁ ସମେତ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ହୋଇଥିଲା। ପୂଜାର ଅନ୍ତିମ ଦିନରେ ସମସ୍ତ ପୂଜା ମଣ୍ଡପର ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଆସି ପ୍ରକଳ୍ପସ୍ଥିତ ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ମେଳଣ ଉତ୍ସବରେ ସାମିଲ ହୋଇଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳଣ ଉତ୍ସବ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ସମ୍ମାନିତ ଅତିଥି ଭାବେ ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ଆଇଆଇସି ଚଞ୍ଚଳା ନାୟକ, ସମିତି ସଭ୍ୟ ଦେବାଶିଷ ମହାନ୍ତି, ସମାଜସେବୀ ଧ୍ରୁବଚରଣ ଧୀର, ଗ୍ରାମ କମିଟି ସଭାପତି ନାରାୟଣ ଧୀର ଓ ସମ୍ପାଦକ ପ୍ରଜ୍ଞାବୀର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ମା'ଙ୍କ ଆଞ୍ଚାଲଡୁ ନିଲାମ କରାଯାଇଥିଲା। ରେଙ୍ଗାଳି ଗ୍ରାମର ରାଜୁ ସାମଲ ସର୍ବାଧିକ ୧ ଲକ୍ଷ ୨୫ ହଜାର ଟଙ୍କା ନିଲାମ ଡାକି ଆଞ୍ଚାଲଡୁ ହାସଲ କରିଛନ୍ତି। ଶିକ୍ଷକ ସନ୍ତୋଷ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମାଜସେବୀ ଧ୍ରୁବଚରଣ ଧୀର ସଭା ପରିଚାଳନା କରିଥିଲେ। ପରେ ମା'ଙ୍କ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ସୁସଜ୍ଜିତ ମେଢ଼ଗୁଡ଼ିକ ଧାଡ଼ିରେ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳ ପରିକ୍ରମା କରି ରେଙ୍ଗାଳି ଗ୍ରାମ ଦେଇ ଦେନାଳି ଘାଟରେ ପହଞ୍ଚିଥିଲେ। ସେଠାରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରେଙ୍ଗାଳି ଥାନା ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

ବୋନସ୍ ଦାବି: ନୟନୀ କୋଲ୍ ମାଇନ୍ସରେ ଡ୍ରାଇଭରଙ୍କ ଧାରଣା

- ବିଧାୟକଙ୍କ ହସ୍ତକ୍ଷେପ ପରେ ହଟିଲା ଆନ୍ଦୋଳନ



ଅନୁଗୋଳ,୨ ।୧୧(ସମିସ): ଛେଣ୍ଡିପଦା ନୟନୀ କୋଲ୍ ମାଇନ୍ସ ପରିସରରେ ବୋନସ୍ ଦାବିରେ ଭିପିଆର୍ କମ୍ପାନୀର ଡ୍ରାଇଭରମାନେ ଧାରଣାରେ ବସିଥିଲେ। ସେମାନେ ଦେଢ଼ବର୍ଷ ଧରି କାମ କରୁଥିବା ବେଳେ ଗତବର୍ଷ ଡ୍ୟୁଟି ସମୟ ପୂରଣ ହୋଇ ନ ଥିବାରୁ ପରବର୍ତ୍ତୀ ସମୟରେ ଏ ବର୍ଷର ବୋନସ୍ ଦେବାକୁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ପୂରଣ ହେବା ପରେ ମଧ୍ୟ ବୋନସ୍ ମିଳି ନ ଥିବାରୁ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ସମାଧାନ ନ ହେବାରୁ ସେମାନେ ଖଣି ପରିସରରେ ଧାରଣା ଦେଇଥିଲେ। ଖବର ପାଇ ଛେଣ୍ଡିପଦା ବିଧାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଅନୁଗୋଳ ଓକିଲ ସଙ୍ଘ ସଭାପତିଙ୍କୁ ଆକ୍ରମଣ

- ଅଟକ ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ ଦାବି
- ଓକିଲସଙ୍ଘର ଥାନା ଘେରଉ, ଜାତୀୟ ରାଜପଥ ଅବରୋଧ




ଅନୁଗୋଳ,୨ ।୧୧(ସମିସ): ଅନୁଗୋଳ ଓକିଲ ସଙ୍ଘ ସଭାପତିଙ୍କୁ ଆକ୍ରମଣ ଘଟଣାରେ ଥାନାରେ ଅଟକ ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ ଦାବିରେ ଓକିଲ ସଙ୍ଘ ପକ୍ଷରୁ ଥାନା ଘେରଉ ସହ ଜାତୀୟ ରାଜପଥ ଅବରୋଧ କରାଯାଇଛି। ସୋମବାର ପୂର୍ବାହ୍ନରେ ଓକିଲ ସଙ୍ଘ ସଭାପତି ଦିଲୀପ ସାହୁ ପରିବା ବଜାର ନିକଟରେ ବାଇକ ରଖୁଥିବା ବେଳେ ଯତୀନ ସେଠୀ ନାମକ ଜଣେ ବ୍ୟକ୍ତି ଅଚାନକ ତାଙ୍କ ମୁଣ୍ଡ ପଛପଟକୁ ଧକ୍କା ଦେବା ସହ ତଣ୍ଟିଚିପି ମାରିବାକୁ ଉଦ୍ୟମ କରିଥିଲେ। ଏ ନେଇ ସଭାପତି ସାହୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଯତୀନଙ୍କୁ ଅଟକ ରଖିଛି। ତେବେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ଦାବିରେ ଥାନା ଘେରଉ ଓ ରାଜପଥ ଅବରୋଧ କରିଛି ଓକିଲ ସଙ୍ଘ। ଏପଟେ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଧାରଣାରତ ଓକିଲଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ଅଛନ୍ତି।


ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ସ୍ୱାମୀର ଆତ୍ମହତ୍ୟା

ବଅଁରପାଳ,୨ ।୧୧(ସମିସ): ବଅଁରପାଳ ଥାନା ତୁଳସୀପାଳ ଗ୍ରାମର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ଧୋବଣୀ ପୃଷ୍ଟିଙ୍କ ପୁଅ ସୁବାସ ପୃଷ୍ଟି (୩୧)। ସୁବାସ ନିଜ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୁବାସ ସେହି ଗ୍ରାମର ମାନସୀ ପୃଷ୍ଟିଙ୍କୁ ବିବାହ କରିଥିଲେ। ବିବାହ ପରେ ମାନସୀଙ୍କର ଅନ୍ୟ ଜଣେ ଜଣେ ଯୁବକଙ୍କ ସହ ଅନୈତିକ ସମ୍ପର୍କ ଥିବା ସୁବାସ ସନ୍ଦେହ କରି ବାରମ୍ବାର ଏଥିରୁ ନିବୃତ ରହିବାକୁ ବୁଝାଉଥିଲେ। କିନ୍ତୁ ମାନସୀ ଓଲଟି ସୁବାସଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଥାନାରେ ଆପୋସ ସମାଧାନ ହୋଇଥିଲେ ମଧ୍ୟ ରବିବାର ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁଣି ଭୀଷଣ ଝଗଡ଼ା ହୋଇଥିଲା। ମାନସୀ ଏକ ଶାଢ଼ି ସୁବାସଙ୍କ ଉପରକୁ ପକାଇ ଏଥିରେ ଫାଶୀ ଲଗାଇ ମରିଯା' ବୋଲି କହିଥିଲେ। ଏଥିରେ ସୁବାସ ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

ବିଭିନ୍ନ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା

ଖମାର,୨ ।୧୧(ସମିସ):





ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳର ବିଭିନ୍ନ ମଣ୍ଡପରେ ମା' ଧନଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଖମାର ଗ୍ରାମ, ସୁଲିଆ ଲେ ଫେୟାର ଆସୋସିଏସନ, କ୍ୟାପିଟାଲ ମାର୍କେଟ, ଆଞ୍ଚଳିକ ଲକ୍ଷ୍ମୀପୂଜା କମିଟି ପତଳା ଛକ, ସାନସଡ଼ା, ଶଙ୍ଖାମୁର ସମେତ ବିଭିନ୍ନ ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଆଡ଼ମ୍ବରରେ ପାଳିତ ହୋଇଛି। ସୁନ୍ଦର ସାଜସଜ୍ଜା ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ, ଡିଜେ, ସଂକୀର୍ତ୍ତନ, ଭଜନ ସନ୍ଧ୍ୟା, ମେଲୋଡି, ଆଞ୍ଚଳିକ ନୃତ୍ୟ ପ୍ରତିଯୋଗିତା ଓ ମିନାବଜାର ଓ ଅଞ୍ଚଳର ବୁଦ୍ଧିଜୀବୀ, ରାଜନେତାଙ୍କୁ ନେଇ ସାଂସ୍କୃତିକ ସଭା ଆୟୋଜିତ ହୋଇଛି। ଖମାର ଗ୍ରାମ ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନରେନ୍ଦ୍ର ସାହୁ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ସୋମବାର ମା'ଙ୍କୁ ବିସର୍ଜନ କରାଯାଇଛି। ସେହିପରି ଆଞ୍ଚଳିକ ଲକ୍ଷ୍ମୀପୂଜା କମିଟି ପାତଳା କଲୋନୀରେ ସଭାପତି ବୁଲୁ ଜିତ, ସମ୍ପାଦକ ବାବୁଲି ଜିତ ଓ ସଦସ୍ୟଙ୍କ ସହଯୋଗରେ ଶନିବାର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖମାର ସୁଲିଆ ଲେ ଫେୟାର ଆସୋସିଏସନ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରଥମ ସନ୍ଧ୍ୟାରେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ମୁଖ୍ୟଅତିଥି, ଖମାର ସରପଞ୍ଚ ଚକାଡୋଳା ନାଏକ, ଆସୋସିଏସନ ସଭାପତି ବିନୋଦ ବିହାରୀ ସାହୁ, ସମ୍ପାଦକ ସନ୍ତୋଷ ବିଶ୍ୱାଳ, ବରିଷ୍ଠ ସଭ୍ୟ ଭଗବାନ ଅମ୍ବ, ନଟ୍ଟରାମ ସାହୁ, ଇନ୍ଦ୍ରମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ବିଜେପି ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନ, ସଭାପତି ବିନୋଦ ବିହାରୀ ସାହୁ, ଉପସଭାପତି ବିଭୂତି କୁମାର ବିଶ୍ୱାଳ, ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ସହସମ୍ପାଦକ ବାସୁଦେବ ମହାନ୍ତି ଯୋଗଦେଇଥିଲେ। ସେହିପରି ଆଞ୍ଚାଲଡୁ ନିଲାମ ଉତ୍ସବରେ ମୁଖ୍ୟଅତିଥି ଭାବେ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାର ଉପସ୍ଥିତ ଥିଲେ। ୪୦,୦୦୧ ଟଙ୍କାରେ ଦିବ୍ୟରଞ୍ଜନ ମହାନ୍ତି ଆଞ୍ଚାଲଡୁ ନେଇଥିଲେ। ସୋମବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। କ୍ୟାପିଟାଲ ମାର୍କେଟ ପୂଜା କମିଟି ସଭାପତି ବସନ୍ତ ପ୍ରଧାନ, ସମ୍ପାଦକ କାଳନ୍ଦୀ ନାୟକ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆନନ୍ଦ ବଜାର ଅନୁଷ୍ଠିତ ହୋଇଛି। ଆସନ୍ତା ୪ ତାରିଖ ଆଞ୍ଚାଲଡୁ ନିଲାମ ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାରଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇଥିଲା। ସେହିପରି ଶଙ୍ଖାମୁର, ହାଇସ୍କୁଲ ଛକ ଲକ୍ଷ୍ମୀପୂଜା ଆଡ଼ମ୍ବରରେ ପାଳିତ ହୋଇଛି। ଆନନ୍ଦ ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଞ୍ଚାଲଡୁ ନିଲାମ ହୋଇଥିଲା। ଇନ୍ଦୁମତୀ ସାହୁ ଆଞ୍ଚାଲଡୁ ନେଇଥିଲେ।

ମାଟିଆ କଣରୁ କଙ୍କାଳ ଉଦ୍ଧାର ଘଟଣା

ନିଖୋଜ ଗୁଡୁ ମଳିକକୁ ହତ୍ୟା କରାଯାଇଥିବା ଅଭିଯୋଗ

ଯାଜପୁର/ପ୍ରୀତିପୁର,୨।୧୧(ସମିସ):

ଜନୈକ ଯୁବକ ନିଖୋଜ ହେବାର ୪ ମାସ ପରେ ତାର କଙ୍କାଳ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ପୁଲିସର ନିଷ୍କ୍ରିୟତା ଓ କର୍ତ୍ତବ୍ୟରେ ଅବହେଳାକୁ ଦାୟୀ କରି ଲୋକେ ଉଦ୍ଧାର କଙ୍କାଳକୁ ରାସ୍ତା ଉପରେ ରଖି ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ତଥା ଅଳକୁଣ୍ଡ ଥାନା ଅନ୍ତର୍ଗତ ଆଉଁରୀ ପଞ୍ଚାୟତର ମାଟିଆକଣ ଗ୍ରାମର ଶ୍ରୀଧର ମଳିକଙ୍କ ପୁଅ ରାକେଶ ମଳିକ ଓରଫ ଗୁଡୁ (୨୨) ଗତ ୪ ମାସ ତଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ତାଙ୍କ ମାଆ ତିଳୋତ୍ତମା ମଳିକ ଜୁଲାଇ ୩୧ ତାରିଖ ଦିନ ଅଳକୁଣ୍ଡ ଥାନାରେ ଏକ ମିସିଂ ରିପୋର୍ଟ ଦାଏର କରିଥିଲେ।



କିନ୍ତୁ ଘଟଣାକୁ ଅଳକୁଣ୍ଡ ପୁଲିସ୍ ଆଦୌ ଗୁରୁତ୍ୱ ନ ଦେଇ ରିପୋର୍ଟଟିକୁ ଫାଇଲରେ ରଖି ହାତବାନ୍ଧି ବସିଯାଇଥିଲେ। ଗତ ଅକ୍ଟୋବର ୧୦ତାରିଖ ଦିନ ପୁନର୍ବାର ମାଆ ତିଳୋତ୍ତମା ମଳିକ ଅଳକୁଣ୍ଡ ଥାନାରେ କରିଥିବା ଅଭିଯୋଗ ଅନୁଯାଇ ତାଙ୍କର ପୁଅକୁ କିଛି ଲୋକ ଅପହରଣ କରି ନେଇଛନ୍ତି ବୋଲି ପୁଲିସକୁ ସୂଚନା ଦେଇଥିଲେ। ମାତ୍ର ଥାନା ଅଧିକାରୀ ବିଭୁପ୍ରସାଦ ରାଉତ ଅଭିଯୋଗ ସମ୍ପର୍କରେ ବୁଝାସୁଝା କରିବା ପରିବର୍ତ୍ତେ ତୁମ ପୁଅ ଗୋଟିଏ ଝିଅକୁ ନେଇ ପଳାଇଛି ବୋଲି କଡ଼ା କଥା ଶୁଣାଇ ଦେଇ ଅଭିଯୋଗକାରିଣୀଙ୍କୁ ନିରାଶର ସହିତ ଫେରାଇ ଦେଇଥିଲେ। ଅଳକୁଣ୍ଡ ପୁଲିସ୍‌ର ଦାୟିତ୍ୱହୀନତା ଓ ଅପାରଗତା ଯୋଗୁଁ ଆଜି ଏଭଳି ଅବସ୍ଥା ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତକାଲି ନିଖୋଜ ଯୁବକ ଗୁଡୁର କଙ୍କାଳ ଏକ ପାଣି ଭିତରୁ ଉଦ୍ଧାର ହେବା ପରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ଘଟଣା ପଛରେ ଜମିବାଡି ବିବାଦରୁ ଏଭଳି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ପ୍ରେମ ଜନିତ କାରଣ ପାଇଁ ଏହା ହୋଇଥିବା ପୁଲିସ ସନ୍ଦେହ କରୁଛି। ନିଖୋଜ ରାକେଶର ହତ୍ୟା ଘଟଣାରେ ୧୩ ଜଣଙ୍କ ନାମରେ ଅଭିଯୋଗ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ କଂଗ୍ରେସ୍ ନେତ୍ରୀ କନକଲତା ମଳିକଙ୍କ ନାମ ରହିଛି। ଆଜି ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ହତ୍ୟାକାରୀକୁ ଗିରଫ କରିବା ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ରାସ୍ତାରୋକ କରାଯାଇଥିଲା। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇଁ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

● ଗାଏବ ହୋଇଗଲା ଜିସି କଲେଜ ପରିଚାଳନା କମିଟି ପୁସ୍ତକ

ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କର୍ମଚାରୀଙ୍କ ଅହୋରାତ୍ର ଧାରଣା



ବରୀ,୨।୧୧(ସମିସ): ବରୀ ଅଞ୍ଚଳର ସର୍ବ ପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଓ କର୍ମଚାରୀ ମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଛନ୍ତି। ସୂଚନା ମୁତାବକ ପରିଚାଳନା କମିଟିର ରିଜୋଲେଶନ ଖାତା ନଥିବାର ତଦନ୍ତ ଦାବି କରିବା ସହିତ ସେମାନଙ୍କ ଦରମା ପ୍ରଦାନ କରିବାକୁ ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଧାରଣାରେ ବସିଛନ୍ତି। ପ୍ରକାଶ ଥାଉକି ପରିଚାଳନା କମିଟିର ରିଜୋଲେସନ୍ ଖାତା ଉଚ୍ଚ ଶିକ୍ଷା ବିଭାଗ ପୋର୍ଟାଲରେ ଦାଖଲ ହୋଇ ନଥିବାରୁ ଧାରଣା ରତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ମାନେ ଅକ୍ଟୋବର ମାସର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୮ ତାରିଖରେ ଅଧ୍ୟକ୍ଷଙ୍କୁ ଅହୋରାତ୍ର ଧାରଣା ଦେବେ ବୋଲି ଅବଗତ କରିଥିଲେ ମଧ୍ୟ ସନ୍ଧ୍ୟାରୁ ଧାରଣାରେ ବସିଛନ୍ତି। ଏହି ଧାରଣାରେ ସୁଶିଳ ନାୟକ, ପ୍ରବୀର କୁମାର ରାଉତରାଏ, ସରୋଜ କୁମାର ସ୍ୱାଇଁ, ଆନନ୍ଦ କର, ସୁଦାମ ଚରଣ ଖୁଣ୍ଟିଆ, ବସନ୍ତ କୁମାର ଦାସ, ମନୋଜ କୁମାର ଜେନାଙ୍କ ସମେତ ଅକ୍ଟୋବର ମାସର ବେତନ ପାଇନଥିବା କର୍ମଚାରୀ ମାନେ ଉପସ୍ଥିତ ଅଛନ୍ତି। ଏ ବିଷୟରେ ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

● 'ସକାଳ' ପ୍ରଭାବ

ମରାମତି ହେଲା ମିଲିଟାରୀ ଛକ-ନୂଆଗଡ଼ ରାସ୍ତା

ଦାନଗଦି, ୨।୧୧(ସମିସ): ଲଘୁଚାପ ବର୍ଷାରେ ମିଲିଟାରୀ ଛକ-ନୂଆଗଡ଼ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏନେଇ ଗତ ୩୧ ତାରିଖରେ ଦୈନିକ ଖବର କାଗଜ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଯାହାଫଳରେ ପୂର୍ତ୍ତବିଭାଗ ପକ୍ଷରୁ ଆଜି ଏହି ରାସ୍ତାକୁ ମେସିନ ସାହାଯ୍ୟରେ ଖୋଳାଯାଇ ମରାମତି ପାଇଁ କାମ ଆରମ୍ଭ ହୋଇଛି। ତେବେ କାମ ପାଖରେ ପୂର୍ତ୍ତ ବିଭାଗର କୌଣସି ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ କାମର ମାନକୁ ନେଇ ପ୍ରଶ୍ନ ଉଠିଛି।



ଯୁବଶିଳ୍ପୀ କାଶୀନାଥ ମହାନ୍ତିଙ୍କ ପରଲୋକ

ଯାଜପୁରଟାଉନ,୨।୧୧(ସମିସ): ଯୁବଶିଳ୍ପୀ କାଶୀନାଥ ମହାନ୍ତିଙ୍କ ଅକାଳ ବିୟୋଗରେ ସାନ ତ୍ରିଲୋଚନପୁର ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସମସ୍ତଙ୍କ ନିକଟରେ ବିଜୟ ନାମରେ ପରିଚିତ ଥିଲେ। ନିଜର ଅସାଧାରଣ କଳାନୈପୁଣ୍ୟ ଓ ସୃଜନଶୀଳ ପ୍ରତିଭା ବଳରେ ସେ ଜଣେ ଦକ୍ଷ ଶିଳ୍ପୀ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଗତ ଅକ୍ଟୋବର ୨୩ ତାରିଖରେ ଲକ୍ଷ୍ମୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ହଠାତ୍ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଅକାଳ ବିୟୋଗରେ କଳା ଜଗତ ଜଣେ ପ୍ରତିଭାବାନ ଶିଳ୍ପୀଙ୍କୁ ହରାଇଥିବା ବେଳେ ଗ୍ରାମବାସୀ ଜଣେ ଆପଣାର ମଣିଷଙ୍କୁ ହରାଇଛନ୍ତି।



ମଧୁସଙ୍ଗୀତମର 'ଚରଣ ସ୍ୱର୍ଶ ଉତ୍ସବ'



ଯାଜପୁର,୨।୧୧(ସମିସ): ଯାଜପୁରର ଏକ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ 'ମଧୁସଙ୍ଗୀତମ୍' ପକ୍ଷରୁ ସୁଭଦ୍ରା ଶକ୍ତି କେନ୍ଦ୍ରରେ 'ଚରଣ ସ୍ୱର୍ଶ ଉତ୍ସବ' ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସଙ୍ଗୀତ ସାଧକ ଗୁରୁ ପଣ୍ଡିତ ଡ. ହରମୋହନ ଖୁଣ୍ଟିଆ, ଗୁରୁ ପଣ୍ଡିତ ରାମହରି ଦାସ ଏବଂ ଗୁରୁ ପଣ୍ଡିତ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ରାଧାରମଣ ଦାସ, ଗୁରୁ କୈଳାଶ ଚନ୍ଦ୍ର ଗୋଚ୍ଛାୟତ, ଗୁରୁ ଗୋରାଙ୍ଗ ଚରଣ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ମହାରଣା ଓ ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସଙ୍ଗୀତମ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସହ ଗୀତଗୋବିନ୍ଦ ଓ ଭଜନ ଇତ୍ୟାଦି ମନୋମୁଗ୍ଧକର ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତବଲା ଗୁରୁ ଗୋରାଙ୍ଗଚରଣ ପାଣିଗ୍ରାହୀ, ମର୍ଦ୍ଦଳରେ ମାଧବ ଶ୍ରୀନନ୍ଦନ ସାହୁ ଏବଂ ହାରମୋନିୟମରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକ ସହଯୋଗ କରିଥିଲେ। ଏହି ଅବସରରେ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ମଧୁସଙ୍ଗୀତମ୍ ମହାମଣି ସମ୍ମାନ', ଗୁରୁ ପଣ୍ଡିତ ରାମହରି ଦାସଙ୍କୁ 'ମଧୁସଙ୍ଗୀତମ୍ ସଙ୍ଗୀତ ଶିରୋମଣି ସମ୍ମାନ', ଗୁରୁ ପଣ୍ଡିତ ସଚ୍ଚିଦାନନ୍ଦ ଦାସଙ୍କୁ 'ମଧୁସଙ୍ଗୀତମ୍ ତାଳମଣି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାପରେ ଗୁରୁ ଅକ୍ଷୟ କୁମାର ପଣ୍ଡା, ଗୁରୁ ପୃଥ୍ୱିରାଜ ପଣ୍ଡା ଏବଂ ଗୁରୁ ସୁକଦେବ ନାୟକଙ୍କୁ 'ମଧୁସଙ୍ଗୀତମ୍ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ସୁଶ୍ରୀ ଏମ ବିଜୟଲକ୍ଷ୍ମୀ ମାନପତ୍ର ଗୁଡିକୁ ପାଠ କରିଥିଲେ। ତତ୍ ସହିତ, ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ୨୦୨୫ କେନ୍ଦ୍ରବୃତ୍ତି ଲାଭ କରିଥିବା ଅନୁଷ୍ଠାନର ପ୍ରତିଭାବାନ ଛାତ୍ର ସମ୍ବିତ ସାହୁଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ମଧୁସଙ୍ଗୀତମର ବାର୍ଷିକ ସାଂସ୍କୃତିକ ପତ୍ରିକା "ଭାବାଞ୍ଜଳି' ଉନ୍ମୋଚିତ ହୋଇଥିଲା। ପରେ ଗୁରୁ ପଣ୍ଡିତ ରାମହରି ଦାସ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ପରେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ (ସଂଯୋଜିତ) ଓଡ଼ିଶୀ ପରିବେଷଣ କରାଯାଇଥିଲା। ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଦ୍ୱାରା ଏକକ ତବଲା ବାଦନ ପରିବେଷିତ ହୋଇଥିଲା।

ପିପୁଲ୍ ଫର୍ ଚାରିଟେବୁଲ୍ ଟ୍ରଷ୍ଟର ସଚେତନତା ବୈଠକ

ଯାଜପୁର,୨।୧୧(ସମିସ): ଦିବ୍ୟାଙ୍ଗମାନେ କାହାରି ଦୟାର ପାତ୍ର ନୁହନ୍ତି, ସେମାନେ ମଧ୍ୟ ସମାଜର ଜଣେ ଜଣେ ସମାନ ଅଧିକାରୀ ନାଗରିକ। ସେମାନଙ୍କୁ ଦୟା ନୁହେଁ, ବରଂ ସମାନ ସମ୍ମାନ, ସୁଯୋଗ ଓ ନ୍ୟାଯ୍ୟ ଅଧିକାର ମିଳିବା ଆବଶ୍ୟକ। ଏହି ମହତ୍ ଉଦ୍ଦେଶ୍ୟ ନେଇ ପିପୁଲ୍ ଫର୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଯାଜପୁରର ଆଙ୍କୁଲା ସ୍ମାର୍ଟ ପାର୍କଠାରେ "ଦୟା ନୁହେଁ, ଅଧିକାର' ଶୀର୍ଷକ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟ୍ରଷ୍ଟର ସଭାପତି ପ୍ରତ୍ୟୁଷ କୁମାର ନାୟକ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ପ୍ରିୟରଞ୍ଜନ ବାରିକ, ସହସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ନିହାରକାନ୍ତ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ଅତୁଲ୍ୟ ଭାଇ, ସମାଜସେବୀ ଧୃତିରଞ୍ଜନ ବାରିକ ଏବଂ ଟ୍ରଷ୍ଟର ପ୍ରତିଷ୍ଠାତା ନିର୍ମଳ କୁମାର ନନ୍ଦ ଯୋଗ ଦେଇଥିଲେ। ଏଥିସହ ସହକୋଷାଧ୍ୟକ୍ଷ ଅଭିରାମ ଦାସ, କାର୍ଯ୍ୟକାରୀ ସମିତିର ସଦସ୍ୟ ସଂଗ୍ରାମ କେଶରୀ ସ୍ୱାଇଁ, ଦିବାକର ଭାଇ, ପ୍ରସନ୍ନ ଭାଇଙ୍କ ସମେତ ଟ୍ରଷ୍ଟର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ସହ ଅଧିକରୁ ଅଧିକ ଯୋଗ୍ୟ ଦିବ୍ୟାଙ୍ଗଙ୍କ ନିକଟରେ ସରକାରୀ ସୁବିଧା ଓ ସେମାନଙ୍କ ଅଧିକାର ପହଞ୍ଚାଇବା ପାଇଁ ଟ୍ରଷ୍ଟ ପକ୍ଷରୁ ସଂକଳ୍ପ ନିଆଯାଇଥିଲା।



ଚାଷୀଙ୍କ ସମସ୍ୟା ସମାଧାନ ଆଳ / ସୁକିନ୍ଦା ବଦଳରେ ବ୍ୟାସନଗରରେ ରୁଦ୍ଧ ଦ୍ୱାର ବୈଠକ

ବ୍ୟାସନଗର,୨।୧୧(ସମିସ): ଗତ ଅକ୍ଟୋବର ୩୦ ତାରିଖରେ ସୁକିନ୍ଦା ତହସିଲ ଅଧୀନସ୍ଥ ଦୁର୍ଯୋଧରୀ ପଞ୍ଚାୟତ କଞ୍ଚିଟୁଆସ୍ଥିତ ରାମକୀ କମ୍ପାନୀର ବର୍ଜ୍ୟବସ୍ତୁ ପରିବହନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ୩ ଗୋଟି ବର୍ଜ୍ୟବସ୍ତୁ ବୋଝେଇ ହାଇୱାକୁ ଅଟକାଇଥିଲେ। କମ୍ପାନୀର ବର୍ଜ୍ୟବସ୍ତୁ ପରିବହନ ଅନୁମତି ନଥିବା ସତ୍ତ୍ୱେ କମ୍ପାନୀ ବେଆଇନ ଭାବେ ବର୍ଜ୍ୟବସ୍ତୁ ପରିବହନ କରୁଥିବାରୁ ଚାଷୀମାନେ ପ୍ରତିକ୍ରିୟାଶୀଳ ହୋଇଥିଲେ। କେନ୍ଦୁଡିପି, ପୁରୁଣାପାଣି, ମଙ୍ଗଳପୁର, କଞ୍ଚିଟୁଆ ଏବଂ ଦଲକି ଗ୍ରାମବାସୀ ବର୍ଜ୍ୟବସ୍ତୁ ପରିବହନ ଗାଡିକୁ ଅଟକାଇବା ସହିତ କ୍ଷତିପୂରଣ ଦାବି କରିଥିଲେ। ହେଲେ ପ୍ରଶାସନ ଉକ୍ତ ଅଞ୍ଚଳରେ ବୈଠକ ନକରି ଚାଷୀଙ୍କ ସମସ୍ୟା ସମାଧାନ ଆଳରେ ସୁକିନ୍ଦାରୁ ଅନେକ ଦୂର ବ୍ୟାସନଗର କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଏକ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ବୈଠକରେ ହସ୍ତତନ୍ତ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଏଡିଏମ୍ କଳିଙ୍ଗନଗର ସପନ କୁମାର ନନ୍ଦ, ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନମୋହନ ସାହୁ, ରାମକୀ ଓଡ଼ିଶାର ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ମୁଖ୍ୟ ମେହବୁବ ଶୁଭାନୀ ସୟଦ, ଆଞ୍ଚଳିକ ମୁଖ୍ୟ ଶୁଭେନ୍ଦୁ ଚାଟାର୍ଜୀ, ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ସେଠୀ ଯୋଗଦେଇ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ନିଜର ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବାକୁ ଦାବି କରିଥିଲେ। ଚାଷୀମାନଙ୍କ କହିବା ଅନୁସାରେ ରାମକୀର ବର୍ଜ୍ୟବସ୍ତୁ ଯୋଗୁଁ ଖାଲି ଚାଷ ନୁହେଁ ଗଛ ବି ମରିଯାଉଛି। କମ୍ପାନୀରୁ ନିର୍ଗତ ବିଷାକ୍ତ ପାଣି ପ୍ରଭାବରେ ଚାଷ କ୍ଷତିଗ୍ରସ୍ତ ହେବା ସହିତ ହଜାର ହଜାର ସଂଖ୍ୟାରେ ଗଛଗୁଡ଼ିକ ମରିଯାଉଛି। ଏହାର ପ୍ରଭାବରେ ପାରିପାର୍ଶ୍ୱିକ ଅଞ୍ଚଳରେ କିଡ୍‌ନୀ, ଚର୍ମ ରୋଗ ବ୍ୟାପିବାରେ ଲାଗିଛି। ସୁକିନ୍ଦା ଟସର ସମବାୟ ସମିତି ପକ୍ଷରୁ କ୍ଷତିପୂରଣ ଦାବି କରାଯାଇଛି ହେଲେ ବୈଠକରେ କୌଣସି ସମାଧାନର ବାଟ ବାହାରି ପାରିନଥିବା ବେଳେ ଯାଇଥିବା ନମୂନା ରିପୋର୍ଟ ଆସିଲେ କ୍ଷତିପୂରଣ ଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

୨୦ ନମ୍ବର୍ ଜାତୀୟ ରାଜପଥ ଶୋଚନୀୟ

ଯାଜପୁର,୨।୧୧(ସମିସ): ଯାଜପୁର ଜିଲ୍ଲାର କୁଆଖିଆଠାରୁ ସାତଭାୟା ୨୦ ନମ୍ବର ଜାତୀୟ ରାଜପଥର କୁଆଖିଆ - ଯାଜପୁର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗୋବିନ୍ଦପୁର ଠାରୁ ବୁଢ଼ାଘାଟ ରାସ୍ତାର ପ୍ରତ୍ୟେକ ବ୍ରିଜ୍ ମରଣଯନ୍ତା ପାଲଟିଛି। ବ୍ରିଜ୍‌ର ଅବସ୍ଥା ଏମିତି ହୋଇଛି ଯେ କେଉଁଠି ସ୍ୱାମୀ ସ୍ତ୍ରୀ ଅଲଗା ହୋଇ ପଡ଼ି ଖଣ୍ଡିଆ ଖାବରା ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି ତ ଏକାଧିକ ଲୋକ ଦୁର୍ଘଟଣା ଗ୍ରସ୍ତ ହୋଇ ପ୍ରାଣ ହରାଇଛନ୍ତି। ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ଏଆର୍‌ଏସଏସ ନାମକ ଠିକାଦାର ସଂସ୍ଥା ଓ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କ ମଧୁର ସମ୍ପର୍କ ଯୋଗୁ ବହୁ ମୂଲ୍ୟବାନ ଜୀବନ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆସନ୍ତା ଦୀପାବଳିରୁ ଯାଜପୁରର ଗଣପର୍ବ କାଳୀପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା ତଥା ଜିଲ୍ଲା ବାହାରର ଲକ୍ଷାଧିକ ଲୋକ ଏହି ରାସ୍ତାରେ ଯିବା ଆସିବା କରିବେ। କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଦୁର୍ଘଟଣା ସ୍ଥାନ ଗୁଡ଼ିକ ଚିହ୍ନଟ କରି ମରାମତି କରିବାକୁ ବହୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ରାସ୍ତାରେ ଯଦି କୌଣସି ଦୁର୍ଘଟଣା ଘଟେ ସେଥିପାଇଁ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।




ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦର ସାରସ୍ୱତ ସମ୍ମାରୋହ

ଦାନଗଦି,୨।୧୧(ସମିସ): ଦାନଗଦି ବ୍ଲକ ଟୋଲକାନି ସ୍ଥିତ ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦର ଷୋଡ଼ଶ ବାର୍ଷିକୋତ୍ସବ ଓ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟୋଲକାନିସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରେକ୍ଷାଳୟ କକ୍ଷରେ ଆୟୋଜିତ ସଭାକୁ ଶିକ୍ଷାବିତ୍ ଅକ୍ଷୟ କୁମାର ରାଉତ ପରିଚାଳନା କରିଥିଲେ। ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ପ୍ରାକ୍ତନ ମହାବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ନାୟକ, ଝାଡେଶ୍ୱର ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ଡ. ଯୁଗଳ କିଶୋର ହୋତା, ସୁକିନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ସାହିତ୍ୟିକ ରତ୍ନାକର ଦାସ, ପ୍ରାବନ୍ଧିକ ହଳଧର ପଣ୍ଡା, ସଂସଦର ସଂପାଦକ ଗୋକୁଳ ବିହାରୀ ପୃଷ୍ଟି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସଂପାଦକ ଗୋକୁଳ ବିହାରୀ ପୃଷ୍ଟି ସଂସଦର ବିବରଣୀ ପାଠ କରିଥିଲେ। ପରେ ସଂସଦର ମୁଖପତ୍ର 'ସତ୍ୟମ୍'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗରୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ପକ୍ଷରୁ ଚଳିତ ବର୍ଷ ଠାରୁ ପ୍ରଚଳନ କରାଯାଇଥିବା ସ୍ୱତନ୍ତ୍ର ସମ୍ମାନ ଆକାଶବାଣୀ ଓ ଦୂରଦର୍ଶନର ଗୀତିକାର ହରିହର ବାରିକ ଏବଂ ପତ୍ନୀ କବୟତ୍ରୀ କନକଲତା ବାରିକଙ୍କୁ ସଫଳ ଦମ୍ପତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଭାଷ୍ୟକାର ବାବାଜୀ ଚରଣ ଜେନା, ଶିକ୍ଷାବିତ୍ ପଞ୍ଚାନନ ବଳ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନରେ ଆୟୋଜିତ କବିତା ପାଠ ଉତ୍ସବରେ କବି ମୁରଲୀଧର ବେହେରା, ଦୟାନିଧି ଦାସ, ସୁଦାମ ଚରଣ ନାୟକ, ଶରତ କୁମାର ରାଉତ, କୁଳମଣି ଦତ୍ତ, ଶିଶିର କୁମାର ଚୌଧୁରୀ , ଅଜୟ କୁମାର ଖୁଣ୍ଟିଆ, ବଟକୃଷ୍ଣ ବେହେରା, ସେବତୀ ରାଣି ପ୍ରଧାନ, ମଙ୍ଗୁଳି ଚରଣ ସ୍ୱାଇଁ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଶିକ୍ଷାବିତ୍ ନିର୍ମଳଚନ୍ଦ୍ର ରାଉତ, ଶିକ୍ଷାବିତ୍ ରବିନାରାୟଣ ନାୟକ, ଗିରିଧାରୀ ଚାନ୍ଦ, ଅଧ୍ୟାପିକା ମିରାମ୍ବିକା ସାହୁ, ଶିକ୍ଷାବିତ ମଦନମୋହନ କର, ପ୍ରତିମା ରଥ, ସନ୍ଧ୍ୟାରାଣୀ ପୃଷ୍ଟି ପ୍ରମୁଖ କବିତା ଗୁଡିକର ସଂଯୋଜନା ଓ ସମୀକ୍ଷା କରିଥିଲେ। ସ୍ମୃତି ସଂସଦର ବରିଷ୍ଠ ସଦସ୍ୟ ପଞ୍ଚାନନ ବଳ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୨।୧୧(ସମିସ): ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଡିଆରଡିଏ କନଫରେନ୍ସ ହଲ୍‌ଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୨୨୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩୫ଟି ବ୍ୟକ୍ତିଗତ ସମସ୍ୟା, ୫ଟି ସାମୂହିକ/ସାଧାରଣ ସମସ୍ୟା, ୭୮ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ଏବଂ ୨ଟି ରେଡକ୍ରସ୍ ସହାୟତା ପାଇଁ ଆବେଦନ କରାଯାଇଥିଲା। ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଘଟଣାସ୍ଥଳରେ ହିଁ ୮୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇପାରିଛି। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର (ଅଭିଯୋଗ ପ୍ରକୋଷ୍ଠ) ସାରସ୍ୱତ ସାହୁ, ଯାଜପୁର ବିଡିଓ ବ୍ରହ୍ମାନନ୍ଦ ବେହେରା ଏବଂ ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିବା ସହ ତାହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।

ବିଞ୍ଝାରପୁରବାସୀଙ୍କ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ସିଂହପୁର,୨।୧୧(ସମିସ): ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। କାଳୀପୂଜା ପୂର୍ବରୁ ସିଂହପୁର-ଯାଜପୁର ରାସ୍ତା ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଜରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଲଘୁଚାପ ବର୍ଷା ସରିବା ପରେ ଯଦି ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଅଞ୍ଚଳବାସୀ ଅନଶନ, ଧାରଣା ସହିତ ରାସ୍ତା ଅବରୋଧ କରିବେ ବୋଲି ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। ସେହିପରି ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସେମାନଙ୍କର ପ୍ରାପ୍ୟ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମଧ୍ୟ ଦାବି କରାଯାଇଛି। ଗତ ଅକ୍ଟୋବର ୨୭ ତାରିଖରେ କିଛି ଚାଷୀ ପ୍ରତିନିଧି ମଣ୍ଡଳୀ ବିଞ୍ଝାରପୁର ତହସିଲଦାରଙ୍କୁ ଭେଟି ତୁରନ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବାକୁ ଦାବି ଜଣାଯାଇଥିଲା। ଘରୋଇ ବ୍ୟାଙ୍କର ମନମାନୀ ଯୋଗୁ ଓ ମନ୍ଦ ଉଦ୍ଦେଶ୍ୟ ଯୋଗୁ ଚାଷୀ କୃଷି ସହାୟତା ରାଶି ପାଇପାରିନଥିବାରୁ ଆଜି ଜିଲ୍ଲାପାଳଙ୍କୁ କୃଷକ ପ୍ରତିନିଧୀ ମଣ୍ଡଳୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ବିଞ୍ଝାରପୁର ଶାଖାର ଏଚ୍‌ଡିଏଫସି ମ୍ୟାନେଜରଙ୍କୁ ଫୋନ ଯୋଗେ ତାଗିଦ କରି ସନ୍ତା ସାତ ଦିନ ମଧ୍ୟରେ ଚାଷୀଙ୍କ ଏକାଉଣ୍ଟକୁ ଟଙ୍କା ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାତ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧୀ ମଣ୍ଡଳୀରେ ସନାତନ ସାହୁ, ଭୁବବାନନ୍ଦ ସାମଲ, ରବୀନ୍ଦ୍ର ଧଳ, ସୂର୍ଯ୍ୟମଣି ଦାଶ, ଧନେଶ୍ୱର ସାମଲ, ବଳରାମ ବଳ, ଅମୂଲ୍ୟ ଦେବତା, ନଟବର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।





ପୂର୍ବଶତ୍ରୁତାରୁ ଖଣ୍ଡାଚୋଟ, ରାଜରାସ୍ତା ରକ୍ତରଞ୍ଜିତ

ଭୁବନେଶ୍ୱର, ୨।୧୧(ସମିସ)



ପୁଣି ଅଶାନ୍ତ ହେଲା ରାଜଧାନୀ। ସନ୍ଧ୍ୟା ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଲକ୍ଷ୍ମୀସାଗର ଥନା ଅଞ୍ଚଳରେ ଖଣ୍ଡା ବୁଲିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଖଣ୍ଡାଚୋଟ ଏତେ ଭୟଙ୍କର ଓ ବିଭତ୍ସ ଥିଲା ଯେ ରାଜରାସ୍ତା ରକ୍ତରଞ୍ଜିତ ହୋଇଯାଇଛି। ରାସ୍ତା ଉପରେ ଏଭଳି ରକ୍ତଛିଟା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି।

ମିଳିଥିବା ସୂଚନା ମୁତାବକ, ଲକ୍ଷ୍ମୀସାଗର ଥାନା ଅଞ୍ଚଳ କଦଳୀ ଗୋଦାମ୍ ସ୍ଥିତ ପିଡବ୍ଲ୍ୟୁ ବସ୍ତିରେ ବୁଦ୍ଧନଗର ପ୍ରଧାନ ସାହିର ଜଣେ ଯୁବକ ଏକ ଦୋକନରେ ସାଙ୍ଗମାନଙ୍କ ସହ ବସିଥିଲେ। ଏହି ସମୟରେ ଫାଳିକିଆ ବଜାର ବସ୍ତିର କିଛି ଯୁବକ ସେଠାରେ ଏକତ୍ରିତ ହୋଇଥିଲେ। ଉଭୟଙ୍କ ମଧ୍ୟରେ ପୂର୍ବଶତ୍ରୁତା ଥିବା ଜଣାପଡ଼ିଛି। ତେବେ ପ୍ରଧାନ ସାହିର

ରାଜଧାନୀରେ ଆତଙ୍କ

ଯୁବକଙ୍କୁ ଅନ୍ୟମାନେ ସଂଘବଦ୍ଧ ଭାବେ ଘେରି ଯାଇଥିଲେ। ଏମାନେ ନିଜ ସହ ଖଣ୍ଡା ଆଣିଥିଲେ। କିଛି ସମୟ ସେହି ଯୁବକଙ୍କୁ ଗାଳିଗୁଲଜ ଏବଂ ମାଡ଼ ମାରିବା ପରେ ବାଇକ୍‌ରୁ ଖଣ୍ଡା ବାହାର କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତ ଗୋଡ଼ ପେଟ, ମୁଣ୍ଡ ସମେତ ଶରୀରର ବହୁ ସ୍ଥାନରେ ଆଘାତ ଲାଗିଛି। ସେ ରାସ୍ତାରେ ପଡ଼ି ଛଟପଟ ହେଉଥିଲା ବେଳେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।ତେବେ ଏହି ଅଞ୍ଚଳରେ ଖଣ୍ଡାଚୋଟ ଏବଂ ବୋମମାଡ଼କୁ ନେଇ ଲୋକେ ଆତଙ୍କିତ ହେଉଥିଲା ବେଳେ ପୁଲିସ ଆଇନ୍‌ଶୃଙ୍ଖଳ ବ୍ୟବସ୍ଥା ବଜାଇ ରଖିବାରେ ବିଫଳ ହୋଇଛି। ପ୍ରତ୍ୟେକ ୧୫ ଦିନରେ ଏହି ଅଞ୍ଚଳ କୌଣସି ନାଁ କୌଣସି କାରଣକୁ ନେଇ ରକ୍ତରଞ୍ଜିତ ହେଉଛି। ଏନେଇ ସାଧାରଣ ଲୋକେ ପୁଲିସକୁ ବାରମ୍ବାର ଜଣାଉଥିଲା ବେଳେ କୌଣସି ପ୍ରକାର ସୁଫଳ ମିଳିପାରୁ ନାହିଁ। ଅଞ୍ଚଳରେ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ବିଗିଡିବା ଭୟର ବାତାବରଣ ସୃଷ୍ଟି କରିଛି।

ନାବାଳିକାକୁ ଯୌନ ନିର୍ଯାତନା; ଜଣେ ଗିରଫ

ଭୁବନେଶ୍ୱର, ୨।୧୧ (ସମିସ): ନାବାଳିକାକୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚୌଦ୍ୱାର ଥାନା ମଙ୍ଗରାଜପୁରର ବନମାଳୀ ବେହେରା ଓରଫ୍ ଟିନୁ (୨୪)। ପୁଲିସ ସୂଚନାନୁସାରେ, ବନମାଳୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା ବେଳେ ନାବାଳିକା ଜଣକ ମଧ୍ୟ ପରିବାର ସହ ସେଠାରେ ରହୁଛନ୍ତି। ବନମାଳୀ ଦୀର୍ଘଦିନ ଧରି ନାବାଳିକାଙ୍କ ଉପରେ ଖରାପ ଦୃଷ୍ଟି ପକାଇଥିଲା। ଗତକାଲି ନାବାଳିକାଙ୍କୁ ଏକାକୀ ପାଇ ଅସଦାଚରଣ କରିଥିଲା। ବିଭିନ୍ନ ଅଙ୍ଗକୁ ସ୍ପର୍ଶ କରିବା ସହ ଫେଭର୍ ମାଗିଥିଲା। ନାବାଳିକା ଜଣକ ବିରୋଧ କରିବାରୁ ବନମାଳୀ ଧମକ ଦେଇଥିଲା। ନାବାଳିକାଙ୍କ ଠାରୁ ଘଟଣା ସଂପର୍କରେ ଜାଣିବା ପରେ ପରିବାର ଲୋକେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିବା ସହ ବନମାଳୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବସଷ୍ଟାଣ୍ଡରୁ ଚୋରି; ରିସିଭର୍ ଗିରଫ

ଭୁବନେଶ୍ୱର, ୨।୧୧ (ସମିସ): ବସଷ୍ଟାଣ୍ଡରୁ ଚୋରି ଘଟଣାରେ ରିସିଭରକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୟାଗଡ଼ ଜିଲ୍ଲା ନୂଆଗାଁର କେଶବ ମହାକୁଡ଼।

ପୁଲିସ ସୂଚନାନୁସାରେ, ଗତମାସ ୧୩ ତାରିଖ ପୂର୍ବାହ୍ନରେ ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀର ଦିଲ୍ଲୀପ ସାମନ୍ତରାୟ ଶ୍ରୀ ଲିଙ୍ଗରାଜ ରେଳୱେ ଷ୍ଟେସନର ବସଷ୍ଟାଣ୍ଡ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ କେହି ଜଣେ ଦୁର୍ବୃତ୍ତ ଆସି ତାଙ୍କ ବ୍ୟାଗ୍ ଚୋରି କରି ନେଇଥିଲା। ଚୋରି ହୋଇଥିବା ବ୍ୟାଗରେ ମୋବାଇଲ୍ ଫୋନ୍, ସୁନା ମୁଦି, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ୨୭୦୦ ଟଙ୍କା ଥିଲା। ଏନେଇ ସେ ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୋବାଇଲ୍ ଟ୍ରାକିଂ ଜରିଆରେ ରିସିଭର୍ କେଶବକୁ ଗିରଫ କରି କୋର୍ଟ ଚାଲାଣ କରିଛି।

‘ଦର୍ପଣ’ ପକ୍ଷରୁ ନୃତ୍ୟ ଉତ୍ସବ

ଭୁବନେଶ୍ୱର,୨।୧୧(ସମିସ): ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଦର୍ପଣ ନୃତ୍ୟାନୁଷ୍ଠାନ ଦ୍ୱାରା ଆୟୋଜିତ "ଅଦ୍ୱେତ ନୃତ୍ୟ ଉତ୍ସବ’ ଉତ୍କଳ ରଙ୍ଗମଞ୍ଚ ଗରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଛି। କେନ୍ଦ୍ର ନାଟକ ଏକାଡେମୀ ଆୱାର୍ଡୀ ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ବିଜୟ ଜେନା, ଡା. ରାଜେନ୍ଦ୍ରନାଥ ସାମନ୍ତରାୟଙ୍କୁ ଅଦ୍ୱେତ ଲାଇଫଟାଇମ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଭାରତ ଚରଣ ଗିରିଙ୍କୁ ଅଦ୍ୱେତ ନୃତ୍ୟ ସମ୍ମାନ ଏବଂ ଗୁରୁ ଗୌରୀଶଙ୍କର ଦାସଙ୍କୁ ଯୁବ ନୃତ୍ୟ ଆଚାର୍ଯ୍ୟ ସମ୍ମାନରେ ସମ୍ମାନତି କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ, ନୃତ୍ୟଗୁରୁ ନିରଞ୍ଜନ ରାଉତ, ଗୁରୁ ଧନେଶ୍ୱର ସ୍ୱାଇଁ, ଆଡ଼ଭୋକେଟ ସୀତାଂଶୁ ମୋହନ ଦ୍ୱିବେଦୀ, ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ଓ ଦର୍ପଣ ନୃତ୍ୟାନୁଷ୍ଠାନର ସମ୍ପାଦିକା ନୃତ୍ୟଶିଳ୍ପୀ ସୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ।

ମଶାଣିରୁ ଗଞ୍ଜେଇ ଜବତ; ମହିଳାଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୨।୧୧ (ସମିସ): ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଡୁମୁଡୁମା ଫେଜ୍ ୪ରେ ରହୁଥିବା ଜଗତସିଂହପୁର ରାହାମାର ଜ୍ଞାନରଞ୍ଜନ ଦାସ ଓରଫ୍ ରାଜା (୨୫), ଫେଜ୍ ୩ରେ ରହୁଥିବା ନୟାଗଡ଼ ଜିଲ୍ଲା କଇଁଥ ଗାଡ଼ିଆର ବର୍ଷା ପାତ୍ର (୨୬), ଫେଜ୍ ୨ର ପ୍ରଣବ କୁମାର ଜେନା (୨୦) ଓ ହରେକୃଷ୍ଣ ବଡ଼ତିଆ (୩୦)।

ପୁଲିସ ସୂଚନାନୁସାରେ, ରବିବାର ଅପରାହ୍ନରେ ଜଣେ ମହିଳା ଓ ପୁରୁଷ ସ୍କୁଟରରେ ବିପୁଳ ପରିମାଣର ଗଞ୍ଜେଇ ଧରି ସରକନ୍ତରା ମଶାଣି ପଡ଼ିଆରେ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଥିବା ନେଇ ଖଣ୍ଡଗିରି ପୁଲିସକୁ ଖବର ମିଳିଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍ ସରକନ୍ତରା ମଶାଣି ପଡ଼ିଆ କୋଣରେ ଛିଡ଼ା ହୋଇଥିବା ରାଜା ଓ ବର୍ଷାଙ୍କୁ କାବୁ କରିଥିଲା। ସ୍କୁଟର ଫୁଟ୍‌ରେଷ୍ଟ ଉପରେ ଏକ ଧୂସର ରଙ୍ଗର ଜରି ବସ୍ତା ରହିଥିଲା ଏବଂ ସେଥିରୁ ଗଞ୍ଜେଇ ଗନ୍ଧ ବାହାରୁଥିଲା। ଯାଞ୍ଚ କରିବା ପରେ ବସ୍ତାରୁ ୨୨ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହାସହିତ ନଗଦ ୨୬ ହଜାର ୫୪୦ ଟଙ୍କା ଓ ସ୍କୁଟରକୁ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ସେମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଡୁମୁଡୁମା ଫେଜ୍-୨ ର ଡିଲର୍ ପ୍ରଣବ କୁମାର ଜେନାକୁ ବିକ୍ରି କରିବାକୁ ଆସିଥିଲେ ବୋଲି ପଚରାଉଚରା



ବେଳେ ସ୍ୱୀକାର କରିଥିଲେ। ସୋମବାର ଡୁମୁଡୁମା ମାର୍କେଟରୁ ରିସିଭର୍ ପ୍ରଣବକୁ କାବୁ କରିଥିଲା। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

ସେହିପରି ହରେକୃଷ୍ଣ ସ୍କୁଟିରେ କନ୍ଧମାଳରୁ ଗଞ୍ଜେଇ ଧରି ସିଆରପି-ଏକାମ୍ର କାନନ ରାସ୍ତା ଦେଇ ସାଲିଆ ସାହିକୁ ଯାଉଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସ ଖବର ପାଇଥିଲା। ଏକାମ୍ର କାନନ ରୋଡ୍‌?ରୁ ଏକାମ୍ର ବିହାର ଛକ ଆଡ଼କୁ ଆସୁଥିବା ବେଳେ ହରେକୃଷ୍ଣକୁ ପୁଲିସ ଟିମ୍ ଅଟକାଇଥିଲା। ସେ ଦ୍ରୁତଗତିରେ ଖସି ପଳାଇବାକୁ ଉଦ୍ୟମ କରିଥିବା ବେଳେ ପୁଲିସ ପିଛା କରି ସାଲିଆ ସାହି ଆଦିବାସୀ ଗାଁ ନିକଟସ୍ଥ ହାତିଆଣୁଣୀ ଛକ ଓ ଏକାମ୍ର କାନନ ଛକ ମଝି ୨୦୦ ଫୁଟିଆ ରାସ୍ତାରେ ତାକୁ କାବୁ କରିଥିଲା। ତା’ ଠାରୁ ୨୧ କିଲୋ ଗଞ୍ଜେଇ ଜବତ କରିଥିଲା। ମୈତ୍ରୀ ବିହାର ଥାନା ପୁଲିସ ବେଆଇନ ଗଞ୍ଜେଇ କାରବାର ମାମଲା ରୁଜୁ କରି ହରେକୃଷ୍ଣକୁ କୋର୍ଟ ଚାଲାଣ କରିଛି।

ଲୁହା ଛଡ଼ରେ ପିଟି ପତ୍ନୀଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର/ସୁନ୍ଦରପଦା, ୨।୧୧ (ସମିସ): ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାର୍ଗିଲ ବସ୍ତି ତ୍ରିନାଥ ସାହିରେ ରହୁଥିବା ବାବୁ ନାୟକ (୪୧)।

ପୁଲିସ ସୂଚନାନୁସାରେ, ଗତକାଲି ରାତିରେ ବାବୁ ମଦ୍ୟପାନ କରି ଘରକୁ ଆସିଥିଲା। ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜଣେ ପଡ଼ୋଶୀଙ୍କ ସହ ଝଗଡ଼ା କରି ଏକ ଲୁହା ରଡ୍‌?ରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ପଡ଼ୋଶୀଙ୍କ ଜୀବନ ରକ୍ଷା କରିବା ପାଇଁ ବାବୁର ପତ୍ନୀ ଜୟନ୍ତୀ ମଝିରେ ପଶି ନିଜ ସ୍ୱାମୀକୁ ବାରଣ କରିଥିଲେ। ବାବୁ ଉତକ୍ଷିପ୍ତ ହୋଇ ନିଜ ପତ୍ନୀଙ୍କୁ ଟାର୍ଗେଟ୍ କରିଥିଲା। ଲୁହା ଛଡ଼ରେ ସ୍ତ୍ରୀଙ୍କ ମୁଣ୍ଡକୁ ଲଗାତାର ପିଟିପିଟି ରକ୍ତାକ୍ତ କରିଦେଇଥିଲା। ଫଳରେ ସେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ବାବୁ ସେଠାରୁ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌?ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ୧୮ ଟି ଷ୍ଟିଚ୍ ପଡ଼ିଥିଲା। ପରବର୍ତ୍ତୀ ସମୟରେ ବାବୁ ମଦ୍ୟପାନ କରି ନିଜ ବୃଦ୍ଧ ପିତାଙ୍କୁ ମଧ୍ୟ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ତ୍ରିନାଥ ମଣ୍ଡପ ନିକଟରେ ଚଢ଼ଉ କରି ଶୋଇଥିବା ଅବସ୍ଥାରେ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଲୁହା ବାଡ଼ାରେ ପିଟି ହୋଇ ଜଣେ ମୃତ

ବାଲିଅନ୍ତା,୨।୧୧(ସମିସ): ବାଲକାଟି ଫାଣ୍ଡି ଅଧୀନ ସୁଦର୍ଶନ ଦାରୁପୀଠ ହଂସ ନିକଟରେ ଆଜି ମଧ୍ୟାହ୍ନ ୧୨ଟା ସମୟରେ ଜଣେ ବାଇକ ଆରୋହୀ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ ଲୁହାବାଡାରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ଅବସ୍ଥା ଗୁରୁତର ହୋଇପଡିଥିଲା। ବାଇକ ପଛରେ ବସିଥିବା ତାଙ୍କର ସାଙ୍ଗ ମଧ୍ୟ ଆହତ ହୋଇଥଲେ। ମୃତକ ହେଲେ ନିଶିକାନ୍ତ ସାହୁ (୨୨)। ଆହତ ଯୁବକ ହେଲେ ତାଙ୍କର ସାଙ୍ଗ ତପନ ସାହୁ। ସ୍ଥାନୀୟ ଲୋକେ ସଂକଟାପର୍ଣ୍ଣ ଅବସ୍ଥାରେ ନିଶିକାନ୍ତ ଏବଂ ତପନଙ୍କୁ ଉଦ୍ଧାର କରି ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ନିଶିକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ନିଶିକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ନିଶିକାନ୍ତଙ୍କ ନିଜ ଘର ଖୋର୍ଦ୍ଧା ମୁକ୍ତାପୁର। ନିଶିକାନ୍ତ ମାଆଙ୍କ ସହିତ ପିଲା ବେଳୁ ମାମୁ ଘରେ ରହୁଥିଲେ। ସେ କିଛି ମାସ ହେବ ଜିଓ ମକ୍ଷର୍ଟ ରେ ସାମଗ୍ରୀ ଡେଲିଭରି କାମ କରୁଥିଲେ। ଆଜି ମଧ୍ୟାହ୍ନରେ ନିଶିକାନ୍ତ ବାଇକରେ ତପନ ସହ ଟଙ୍କପାଣି ବ୍ରିଜ ଅଭିମୁଖେ ଯାଉଥିବା ବେଳେ ହଂସରେ ପିଟି ହୋଇ ନିୟନ୍ତ୍ରଣ ହରାଇ ଲୁହାବାଡା ରେ ପିଟି ହୋଇଯାଇଥିଲେ। ବାଲକାଟି ଫାଣ୍ଡି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଛେଦ କରାଇଛି।

ଅଟୋ ଯାତ୍ରୀଙ୍କୁ ଧମକାଇ ସୁନା ଅଳଙ୍କାର ଲୁଟ୍
କୁଖ୍ୟାତ ସନ୍ତୋଷ ଓ ସହଯୋଗୀ ଗିରଫ

ଭୁବନେଶ୍ୱର,୨।୧୧(ସମିସ): ଭୋର ସମୟରେ ଅଟୋରେ ଯାଉଥିବା ଜଣେ ମହିଳା ଯାତ୍ରୀଙ୍କୁ ଅଟକାଇ ବଳପୂର୍ବକ ସୁନା ଅଳଙ୍କାର ଓ ମୋବାଇଲ୍ ଲୁଟ୍ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୁଲିସି ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ସନ୍ତୋଷ ନାୟକ (୩୦) ଓ ସୁନୀଲ ଦଳାଇ (୨୮)। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ପଠାଇ ଦିଆଯାଇଛି। ସନ୍ତୋଷ ଜଣେ ଅଭ୍ୟାସଗତ କୁଖ୍ୟାତ ଲୁଟେରା ଓ ଦଣ୍ଡିତ ଅପରାଧୀ। ତା’ ନାଁରେ ରାଜଧାନୀର ବିଭିନ୍ନ ଥାନାରେ ୧୯ଟି ରାହାଜାନି ଓ ଚୋରି ମାମଲା ରହିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଲୁଟ୍ ହୋଇଥିବା ଗୋଟିଏ ସୁନା ହାର, ୨ଟି ସୁନା ଚେନ୍, ଦୁଇ ଯୋଡ଼ା କାନ ଟପ୍, ଗୋଟିଏ କାନଫୁଲ, ଏକ ଯୋଡ଼ା ସୁନା ପଟା ଓ ନାକଫୁଲ ଜବତ କରାଯାଇଛି। ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟତମ ଫେରାର୍ ଅଭିଯୁକ୍ତ ଆକାଶ ନାୟକ ଓରଫ୍ ଗୁଣ୍ଡାକୁ ଧରିବା, ଲୁଟ୍ ମୋବାଇଲ୍, ଆଉ ଗୋଟିଏ ମୁଦି ଏବଂ ଅପରାଧରେ ବ୍ୟବହୃତ ବାଇକ୍ ଜବତ କରିବା ପାଇଁ ପୁଲିସର ତଦନ୍ତ ଜାରି ରଖିଛି। ସହଯୋଗୀ ସୁନୀଲ ସୁନା ଅଳଙ୍କାର ଲୁଚାଇ ରଖିଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ, ଅକ୍ଟୋବର ୩୦ ଭୋର ପ୍ରାୟ ୪.୩୦ମିନିଟରେ ଅଭିଯୋଗକାରିଣୀ ହାଜେରା



ଖାତୁନ୍ ନିଜ ସ୍ୱାମୀଙ୍କ ସହ ବାଣୀବିହାରରେ ବସ୍‌ରୁ ଓହ୍ଲାଇ ଏକ ଅଟୋ ଯୋଗେ ପିପିଲି ଅଭିମୁଖେ ଯାଉଥିଲେ। ଭୋର ପ୍ରାୟ ୫ଟା ଟାରେ ଜନପଥ ରୋଡ୍‌ର ଗିରିଦୁର୍ଗା ମନ୍ଦିର ସମ୍ମୁଖରେ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଉକ୍ତ ଅଟୋକୁ ଅଟକାଇଥିଲେ। ସେମାନେ ହାଜେରାଙ୍କ ହାତରୁ ବଳପୂର୍ବକ ପର୍ସ ଛଡ଼ାଇ ନେଇଥିଲେ। ସ୍ୱାମୀ ଏବଂ ଅଟୋ ଚାଳକ ପ୍ରତିବାଦ କରିବାରୁ ସେମାନଙ୍କୁ ଠେଲାପେଲା କରି ଧମକ ଦେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ପର୍ସ ଭିତରେ ବିପୁଳ ପରିମାଣର ସୁନା ଅଳଙ୍କାର ଓ ମୋବାଇଲ୍ ରହିଥିଲା। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି କେଦାରପଲ୍ଲୀ ବସ୍ତିର କୁଖ୍ୟାତ ଲୁଟେରା ସନ୍ତୋଷ ଏବଂ ତା’ର ସହଯୋଗୀ ଆକାଶ ଏହି ଲୁଟ୍ କରିଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତମାନେ ଲୁଟ୍ କରିଥିବା ସୁନା ଅଳଙ୍କାର ବିକ୍ରି କରିବା ପାଇଁ ସୁନୀଲକୁ ଦେଇଥିଲେ। ପୁଲିସ ମାଷ୍ଟର କ୍ୟାଣ୍ଟିନସ୍ଥିତ ‘ଆମ ବସ୍’ ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ସନ୍ତୋଷ ଏବଂ ସୁନୀଲକୁ କାବୁ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଚୋରା ସୁନା ଅଳଙ୍କାର ଜବତ ହୋଇଥିଲା।

ଘର ତାଲା ଭାଙ୍ଗି ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୨।୧୦ (ସମିସ): ଘର ତାଲା ଭାଙ୍ଗି ନଗଦ ଟଙ୍କା, ସୁନା ମୁଦି ଓ ଦାମୀ ମୋବାଇଲ୍ ଫୋନ୍ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରପାର୍ବତୀ ସାହିର ଜ୍ଞାନବିନ୍ଦୁ ନାୟକ ଓରଫ୍ ମଣ୍ଟୁ (୨୪)। ପୁଲିସ ସୂଚନାନୁସାରେ, ମଣ୍ଟୁ ଗତକାଲି ରାତିରେ ଭରତପୁର ସ୍ଥିତ ଅସୀମ ଚନ୍ଦ୍ର ରାୟଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିଥିଲା। ଘର ଭିତରୁ ନଗଦ ୪୦ ହଜାର ଟଙ୍କା, ଗୋଟିଏ ସୁନା ମୁଦି ଓ ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲା। ଚୋରି ହୋଇଥିବା ଜାଣିବା ପରେ ଅସୀମ ଭରତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ହରପାର୍ବତୀ ସାହି ୟୁଥ୍ କ୍ଲବ୍ ନିକଟରେ ଚଢ଼ଉ କରି ମଣ୍ଟୁକୁ କାବୁ କରିଥିଲା। ଯାଞ୍ଚ ବେଳେ ତା’ ନିକଟରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍, ନଗଦ ୧୦ ହଜାର ଟଙ୍କା ଓ ଗୋଟିଏ ସୁନା ମୁଦି ଜବତ ହୋଇଥିଲା।

ଜୀବନ ନେଲା ସ୍ପିଡ୍ ବ୍ରେକର

ଭୁବନେଶ୍ୱର, ୨।୧୧(ସମିସ): ବାଲିଅନ୍ତା ଥାନା ବାଲକାଟି ଫାଣ୍ଡୀ ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନିଶିକାନ୍ତ ସାହୁ। ତାଙ୍କ ଘର ଖୋର୍ଦ୍ଧା ଅଞ୍ଚଳରେ ହୋଇଥିଲା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ମାମୁଁ ଘରେ ରହି ପାଠ ପଢୁଥିଲେ। ତେବେ ସ୍ପିଡ୍ ବ୍ରେକର ଯୋଗୁଁ ଏଭଳି ଅଘଟଣ ଘଟିଛି ଓ ନିଶିକାନ୍ତଙ୍କ ମୃତ୍ୟୁ ଘଟିଛି।



ମିଳିଥିବା ସୂଚନା ମୁତାବକ, ନିଶିକାନ୍ତ କୌଣସି କାମରେ ବାଇକ୍ ଯୋଗେ ଘରୁ ବାହାରିଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଦାରୁପିଠ ନିକଟସ୍ଥ ଏକ ବୁଲାଣି ବୁଲୁଥିଲେ। ଏହି ବୁଲାଣି ନିକଟରେ ଦୁଇଟି ସ୍ପିଡ୍ ବ୍ରେକର ରହିଛି। ସ୍ପିଡ୍ ବ୍ରେକରରେ ଚଢିବା ମାତ୍ରେ ସେ ବାଇକ୍‌ର ଭାରସାମ୍ୟ ହରାଇ ବସିଥିଲେ। ବାଇକ୍‌ଟି ରାସ୍ତା କଡ଼ ଷ୍ଟିଲ୍ ବ୍ୟାରିକେଟ୍‌ରେ ପିଟି ହୋଇଥିଲା। ଏଠାରେ ତାଙ୍କୁ ଗଭୀର ଭାବେ ଆଘାତ ଲାଗିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

କୁଆଖାଇରୁ ମିଳିଲା ଅପରିଚିତ ଶିଶୁର ମୃତଦେହ

ଭୁବନେଶ୍ୱର, ୨।୧୧(ସମିସ): ବଡ଼ଗଡ ଥାନା କୋରଡ଼ କଣ୍ଟା ନିକଟସ୍ଥ କୁଆଖାଇ ନଦୀରୁ ଏକ ଶିଶୁପୁତ୍ରର ମୃତ ଦେହ ମିଳିଛି। ଶିଶୁପୁତ୍ରର ବୟସ ପ୍ରାୟ ୧ମାସ ହେବ ବୋଲି ଅନୁମାନ କରାଯାଉଛି। ତେବେ ଶିଶୁପୁତ୍ରଟି କାହାର। ସେ ଏଠାକୁ କିଭଳି ମିଳିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ମିଳିଥିବା ସୂଚନା ମୁତାବକ, କୋରଡକଣ୍ଟା ନିକଟସ୍ଥ ନଦୀକୂଳକୁ କିଛି ଲୋକ ବୁଲିବାକୁ ଯାଇଥିଲେ। ଏହି ସମୟରେ ଏକ ଶିଶୁପୁତ୍ର ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖିବାକୁ ଲୋକ ଏଠାରେ ରୁଣ୍ଡ ହୋଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଶିଶୁ ପୁତ୍ରର ପରିଚୟ ଜାଣିବାକୁ ଉଦ୍ୟମ ଜାରି ରହିଛି। ତେବେ ୧ମାସର ଏହି ଶିଶୁପୁତ୍ରଟି କେଉଁଠୁ ଭାସି ଆସିଥିବା ପୁଲିସ ଅନୁମାନ କରୁଛି।

୨୦ ଦିନରେ ବାଇକ୍ ଚୋର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨।୧୧ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ବାଇକ୍ ଚୋରି ମାମଲାର ରାୟ ମାତ୍ର ୨୦ ଦିନରେ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଜେ ଏ ମ ଏ ଫ ସି - ୩ ର ବିଚାରପତି କରୋନିକା ଘୋଷ ମାମଲାର ବିଚାରକରି ଅଭ୍ୟାସଗତ ଅପରାଧୀ ସନ୍ତୋଷ ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନାନୁସାରେ, ଗତମାସ ୧୩ ତାରିଖ ପୂର୍ବାହ୍ନରେ ପପୁ ମଲ୍ଲିକ ନୂଆପଲ୍ଲୀ ଆହାର କେନ୍ଦ୍ରକୁ ଖାଇବାକୁ ଆସିଥିଲେ। ସେ ନିଜର ଗ୍ଲାମର ବାଇକ୍‌ଟିକୁ ବାହାରେ ପାର୍କିଂ କରିଥିବା ବେଳେ ସନ୍ତୋଷ ତାଙ୍କ ଗାଡ଼ିଟିକୁ ଚୋରି କରି ନେଇଥିଲା। ପପୁ ଏନେଇ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍‌ସପେକ୍ଟର ଶୁଭାଂଶୁ ମହାପାତ୍ର ସେହିଦିନ ହିଁ ସିଆରପି ଛକରୁ ସନ୍ତୋଷକୁ ଗିରଫ କରିବା ସହ ଚୋରି ବାଇକ୍ ଜବତ କରିଥିଲା। ଗିରଫର ଦିନକ ପରେ



ଅର୍ଥାତ୍ ୧୪ ତାରିଖ ଦିନ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୬ ଜଣ ସାକ୍ଷୀ ଓ ୮ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ବିଏନ୍‌ଏସ୍ ଧାରା ୩୦୩(୨) ଆଧାରରେ ସନ୍ତୋଷକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୨ ହଜାର ୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି ଓ ଜୋରିମନା ଅନାଦେୟରେ ତାକୁ ୧ ମାସର ସାଧାରଣ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ କଳ୍ପତରୁ ସାହୁ ଓ ଚିରନ୍ତନୀ ବାଗ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

ସୋମବଂଶୀ ରାଜାଙ୍କ ସମୟରେ ନିର୍ମିତ ନାଗେଶ୍ୱର ମନ୍ଦିର

ଭୁବନେଶ୍ୱର,୨।୧୧(ସମିସ)

ଓଡ଼ିଶା ଇତିହାସର ଏପରି ଏନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ରାଜଧାନୀ। ଏଠାରେ ରହିଥିବା ପୁରାତନ ଐତ୍ୟସ୍ଥଳୀ ଗୁଡିକ ଐତିହାସିକ ମୁକସାକ୍ଷୀ ଭାବେ ଆଜି ମଧ୍ୟ ସେସବୁ ସ୍ଥାନଗୁଡିକୁ ଶତାବ୍ଦୀ ଶତାବ୍ଦୀ ଧରି ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଅନ୍ୟତମ ଦଶମ ଶତାବ୍ଦୀର ନାଗେଶ୍ୱର ମନ୍ଦିର।

ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ପଶ୍ଚିମ ଦିଗକୁ ରହିଛି। ମନ୍ଦିରଟି ଦଶମ ଶତାବ୍ଦୀ ବେଳକୁ ସୋମବଂଶୀ ରାଜାଙ୍କ ସମୟରେ ନିର୍ମାଣ କରାଯାଇଥିବା କୁହାଯାଏ। ଏଠାରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ, ପାଶ୍ୱର୍ ଦେବା ଦେବୀ ଭାବେ ପାର୍ବତୀ, କାର୍ତ୍ତୀକେୟ ଏବଂ ଗଣେଶଙ୍କୁ ପୂଜା କରାଯାଇଥାଏ। ଓକ୍ରୋସ ବାଲୁକା ପଥରରେ ନିର୍ମିତ ଏହି ମନ୍ଦିର ମୁକ୍ତେଶ୍ୱର ମନ୍ଦିର ସହ ସମାନତା ଦେଖାଯାଏ ଯାହାକି କଳିଙ୍ଗସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି। ଏହା କେଶରୀ ରାଜା ନିର୍ମାଣ କରିଥିବା ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି। ମନ୍ଦିରକୁ ଲାଗି ଏକ ସୁନ୍ଦର ବଗିଚା ମଧ୍ୟ ରହିଛି। ଏହି ପ୍ରାଚୀନ ମନ୍ଦିରର ରକ୍ଷଣାବେକ୍ଷଣ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହଛି। ମନ୍ଦିର ସମ୍ମୁଖରେ ଏକ ଅଁଳା ଗଛ ପୂଜା ପାଉଛି। ଯେଉଁଠି ଭକ୍ତ ମାନସିକ କରିବା ପାଇଁ ଘଣ୍ଟି ଏବଂ ଚାବି ଓ ନାଲି ସୂତା ବାନ୍ଧିଥାନ୍ତି ବୋଲି ମନ୍ଦିରର ପୂଜକଙ୍କ ପାଖରୁ ଶୁଣିବାକୁ ମିଳିଥିଲା। ଏହା ସହିତ ମନ୍ଦିର ପରିସରରେ ଆଉ ଏକ ଛୋଟ ମନ୍ଦିର ରହିଛି, ଯେଉଁଠି ହନୁମାନ,



ଜଗନ୍ନାଥ, ଲକ୍ଷ୍ମୀ, କୃଷ୍ଣଙ୍କ ଛୋଟ ଛୋଟ ମୂର୍ତ୍ତି ପୂଜା କରାଯାଉଛି। ଏହା ବ୍ୟତୀତ ସେଠାରେ ଭକ୍ତଙ୍କ ଦ୍ୱାରା ପୂଜା ପାଇଁ ସମର୍ପିତ ହୋଇଥିବା ଅନେକ ଗୁଡିଏ ନାଗଙ୍କ ପିତ୍ତଳ ମୂର୍ତ୍ତି ମଧ୍ୟ ସେଠାରେ ରହିଛି। ମନ୍ଦିର ପରିସରର ମଧ୍ୟରେ ଏକ ଐତିହ୍ୟ କୁଣ୍ଡ ରହିଛି। ମନ୍ଦିରଟି ଶିବଙ୍କୁ ସମର୍ପିତ। ବର୍ତ୍ତମାନ ପବିତ୍ର କାର୍ତ୍ତିକ ମାସ ଚାଲିଥିବାରୁ ହବିଷିଆଳିମାନେ ଅଁଳା ଗଛମୂଳେ ନିଜ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳୁଛି।

ଏବେ କେମିତି ରହିଛି

ମନ୍ଦିରର ରକ୍ଷଣାବେକ୍ଷଣ ଅଭାବରୁ ଏହାର ରଙ୍ଗ ପରିବର୍ତ୍ତନ ହେବାରେ ଲାଗିଲାଣି। ବାଲୁକା ପଥରରେ ନିର୍ମିତ ହୋଇଥିବାରୁ ବାହାର ପାଶ୍ୱର୍ କ୍ଷୟ ହେବାରେ ଲାଗିଲାଣି। ସେଥିପାଇଁ ଖୋଦିତ ହୋଇଥିବା ମୂର୍ତ୍ତି ସ୍ପଷ୍ଟ ଭାବରେ ଜଣାପଡୁନି। କେଉଁଠି ମନ୍ଦିରରେ ଗଛଲତା ମାଡିଗଲାଣି ତ କେଉଁଠି ମନ୍ଦିର ଉପରେ ଗଛ ଉଠିଲାଣି।





ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତାର ହାତ ବଢ଼ାଇଲା ବିଏମ୍‌ସି

୧ ଲକ୍ଷ ଟଙ୍କା, ୧୦ହଜାର ପାଣିବୋତଲ ଓ ୨୫ ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ

ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ଭୁବନେଶ୍ୱର ଓ ବ୍ରହ୍ମପୁର ମେୟରଙ୍କ ସହିତ ବହୁ କର୍ପୋରେଟର

ଭୁବନେଶ୍ୱର/ବ୍ରହ୍ମପୁର,୨।୧୧(ସମିସ)



'ଅର୍ଣ୍ଣବ' ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ସହାୟତାର ହାତ ବଢାଇଛି ଭୁବନେଶ୍ୱର ମହାନଗର ନିଗମ। ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ଏକ ପ୍ରତିନିଧି ଦଳ ଗଞ୍ଜାମ ଗସ୍ତରେ ଆସି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଥିଲେ। ନିଗମ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନଗଦ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ୨୫ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ୧୦ହଜାର ପାଣିବୋତଲ ପ୍ରଦାନ କରାଯାଇଛି। ସମସ୍ତ ସାମଗ୍ରୀକୁ ଏକ ଟ୍ରକରେ ଭୁବନେଶ୍ୱରରୁ ଅଣାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା।

ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇଙ୍କ ସହ ବିଇଏମସିର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ପରେ ଏକ୍ଷହି ପ୍ରତିନିଧି ଦଳ ଗଞ୍ଜାମ ବ୍ଲକର ପୋଇରାଶି ପଞ୍ଚାୟତର ବରପଲ୍ଲୀ ଓ ଭୁଆଁଭୂଇଁ ଗ୍ରାମକୁ ଯାଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଗଞ୍ଜାମ ଜିଲ୍ଲାରେ ବାତ୍ୟାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଯଦିଓ ଆଗୁଆ ସତର୍କ ସୂଚନା ଦିଆଯାଇଥିଲା ଏବଂ ଜିଲ୍ଲାକୁ ଗତ ୨୪ତାରିଖ ଠାରୁ ରେଡ ଆଲର୍ଟ ତାଲିକା ଭୁକ୍ତ କରାଯାଇଥିଲା ତଥାପି ପ୍ରଶାସନିକ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ବା ସତର୍କତା ଅବଲମ୍ବନ କରାଯାଇନଥିବା କୁହାଯାଇଛି। ତେବେ ସବୁଠାରୁ ବଡକଥା ହେଲା 'ଡ୍ୟାମ ପରିଚାଳନା'ରେ ତ୍ରୁଟି ହିଁ ସରକାରୀ ବିଫଳତାର ଅନ୍ୟତମ ମୁଖ୍ୟ କାରଣ ବୋଲି କହିଛନ୍ତି ଭୁବନେଶ୍ୱର ମେୟର ଶ୍ରୀମତି ସୁଲୋଚନା ଦାସ। ବାତ୍ୟା ଟଳିବାର ଦିର୍ଘ ଦିନ ପରେ ମଧ୍ୟ ପୁନଃରୁଦ୍ଧାର ଓ କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଘୋଷଣା ହୋଇଥିବା କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ପୁଣି ଥରେ ଆଉ ଏକ ବାତ୍ୟା ଓ ଏହାକୁ ନେଇ ଆଶଙ୍କା ଜିଲ୍ଲାବାସୀଙ୍କ ଚିନ୍ତାକୁ ଦିଗୁଣିତ କରିଦେଇଛି। ପ୍ରଶାସନ ପକ୍ଷରୁ ପୁଣି ଥରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲେ ହେଁ ଅଣ୍ଟା ସଳଖିବା ପୂର୍ବରୁ ପୁଣି ଏକ ବାତ୍ୟା ସମଗ୍ର ଗଞ୍ଜାମ ଜିଲ୍ଲାବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଡ୍ୟାମ ପରିଚାଳନାରେ ତ୍ରୁଟି ଯୋଗୁଁ ଜିଲ୍ଲାରେ ମନୁଷ୍ୟକୃତ ବନ୍ୟା ଯୋଗୁଁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଚାଷଜମି ଉଜୁଡି ଯାଇଛି।

ଏଭଳି ସ୍ଥିତିରେ ପ୍ରଶାସନ ଓ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୁନଃରୁଦ୍ଧାର କାର୍ଯ୍ୟ କରିବା ସହିତ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ପରିମାଣର କ୍ଷତିପୂରଣ ପ୍ରଦାନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମେୟର ସୁଲୋଚନା ଦାସଙ୍କ ସମେତ ବିରଞ୍ଚି ନାରାୟଣ ମହାସୁପକାର, ନୃପେଶ କୁମାର ନାୟକ, ରାଜକିଶୋର ଦାସ, ମିହିର କୁମାର ରାଉତ, ରଞ୍ଜୁଲତା ରାୟ, ମଧୁସ୍ମିତା ପ୍ରଧାନ ଓ ବହୁ ଅଧିକାରୀ ସାମିଲ ଥିଲେ। ସେହିଭଳି ଏହି ପ୍ରତିନିଧିଢ଼ି ଦଳ ସହିତ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତି ସଂଘମିତ୍ରା ଦଳେଇଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଜାମ୍ବୁଲା ଶ୍ରୀନୁ, ଡଃ ସୋନାଲି ଗନ୍ତାୟତ, ଶ୍ୱେତରେଖା ତ୍ରିପାଠୀ, ଧୀରେଶ କୁମାର ସାବତ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା ଓ ରାଜ୍ୟ କାଜୁ ନିଗମର ପୂର୍ବତନ ଅଧକ୍ଷ ସୁବାଷ ମହାରଣା ପ୍ରମୁଖ ସାମିଲ ଥିଲେ।

ପୁରୁଣା ଫଟୋ
ପୁରୁଣା ସ୍ମୃତି



ଭୁବନେଶ୍ୱର,୨।୧୧(ସମିସ): ଆଜି ଭଳି କୋଳାହଳ ନଥିଲା ସେ ଦିନର ଭୁବନେଶ୍ୱର। ଯିଏ ଦେଖିଛି ସିଏ ଜାଣିଛି। ଆଉ ଯିଏ ଦେଖି ନାହିଁ ସେ ପୁରୁଣା ଦିନକୁ ତା ପାଇଁ ହୁଏତ ଏହି ସବୁ ସାଇତା ସ୍ମୃତି କେବଳ କାହାଣୀ ମାତ୍ର। ସେହି ସାଇତା ସ୍ମୃତି, ସ୍ୱର୍ଣ୍ଣିତ ଐତିହ୍ୟର ଡାକକୁ ଏ ପିଢ଼ିର ମଣିଷ ପାଖରେ ପହଁଚାଇବାକୁ ମାଧ୍ୟମ ସାଜିଛି କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ଯାହାକୁ ଦେଖିଲେ ଅନୁମାନ କରିହୁଏ ବିତିଯାଇଥିବା ସମୟ ଏବଂ ବଦଳିଯାଇଥିବା ସ୍ଥାନକୁ। ସେହିପରି ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ଏହି ଫଟୋଟି ପର୍ଶୁରାମେଶ୍ୱର ମନ୍ଦିରର ଅଟେ। ଯାହା ଜେମସ ଫରଗୁସନ୍‌ଙ୍କ ଦ୍ୱାରା ୧୮୬୭ ମସିହାରେ ସଂଗ୍ରହ କରାଯାଇଥିଲା। ଏହି ଦୃଶ୍ୟରେ ମନ୍ଦିର ଚାରିପାଖ ଆଜି ଭଳି ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ହୋଇନଥିଲା ବରଂ ଚାରିପାଖକୁ ଅନାବନା ଗଛ ଘେରି ରହିଥିଲା। ଏଥି ସହିତ ଫଟୋରେ ଜଣେ ଲୋକ ଛତା ଧରି ଛିଡା ହୋଇଥିବା ପରିଲକ୍ଷିତ ହେଉଛି। ଏହି ପର୍ଶୁରାମେଶ୍ୱର ମନ୍ଦିର ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ନିର୍ମାଣ କରାଯାଇଥିଲା।

ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ



ଭୁବନେଶ୍ୱର,୨।୧୧(ସମିସ): ଓଡିଶା ସଚିବାଳୟ ସମୀକ୍ଷକ ସେବା ସଂଘର ନିର୍ବାଚନ ଗତ ୩୦ ତାରିଖରେ ଓସା ହାଉସ ପରିସରରେ ଅନୁଷ୍ଠିତ ହୋଇଛି। ଚଳିତ ନିର୍ବାଚନରେ ସଭାପତି ଭାବରେ ଇରକାନ ବାରା, ଉପସଭାପତି ସୁବ୍ରତ ଶତପଥୀ, ସାଧାରଣ ସମ୍ପାଦକ ଭାଗିରଥୀ ନାୟକ, ସମ୍ପାଦିକା ବିଦ୍ୟୁତଲତା ମହାରଣା, ଯୁଗ୍ମ ସମ୍ପାଦକ ଆନନ୍ଦ କୁମାର ସୋରେଙ୍ଗ, ସହସମ୍ପାଦକ ସୁରେଶ କୁମାର ନାଗ, ସହସମ୍ପାଦକ ସୁନିଲ ହେମ୍ବ୍ରମ, ସାଂସ୍କୃତିକ ସମ୍ପାଦକ ମହେଶ୍ୱର ବେହେରା, ସମୀକ୍ଷକ ନିରଞ୍ଜନ ସାହୁ ଏବଂ କୋଷାଧକ୍ଷ ଅରବିନ୍ଦ ମହାପାତ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ବିଜୟ ଲାଭ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିରପେକ୍ଷ, ସ୍ୱଚ୍ଛ ଓ ମୁକ୍ତ ଭାବରେ ମୁଖ୍ୟ ନିର୍ବାଚନ ଅଧିକାରୀ କଲ୍ୟାଣ କୃତିବାସ ମିଶ୍ର, ଯୁଗ୍ମ ନିର୍ବାଚନ ଅଧିକାରୀ ଜୀବନ କୁମାର ରାଉତ ଓ ସୁଶ୍ରୀଜ୍ଞାତା ମିଶ୍ର, ପ୍ରିଜାଇଡିଂ ଅଫିସର ଦେବଦତ୍ତ ମଲ୍ଲିକ, ପୋଲିଂ ଅଧିକାରୀ ଫକୀର ମୋହନ କିସାନ ପ୍ରମୁଖ ପରିଚାଳନା କରିଥିଲେ।

ଓୟୁଏଟି ପକ୍ଷରୁ ତାଲିମ ବୈଠକ



ଭୁବନେଶ୍ୱର,୨।୧୧(ସମିସ): କୃଷକ ଉତ୍ପାଦକ ସଂଗଠନ ଗୁଡ଼ିକୁ ଅଧିକ ଓ ସୁବିଧାଜନକ ବଜାର ସୁଯୋଗ ଯୋଗାଇଦେବା ଓ ସେମାନଙ୍କ ଉତ୍ପାଦକୁ ଅଧିକ ଗ୍ରାହକଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଓୟୁଏଟି ଦ୍ୱାରା ପରିଚାଳିତ ସେଂଟର ଅଫ ଏକ୍ସଲେନ୍ସ ପକ୍ଷରୁ ଏକ ଭର୍ଚୁଆଲ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ-ନିର୍ଦ୍ଦେଶିକା ତଥା ସେଂଟର ଅଫ ଏକ୍ସଲେନ୍ସର ମୁଖ୍ୟ ଅନୁସନ୍ଧାନକାରୀ ଡ. ସର୍ବାଣୀ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩୧ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ଏଫପିଓ ପ୍ରତିନିଧିମାନେ ଆଭାସୀ ଜରିଆରେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଓ କଟକ ଜିଲ୍ଲାର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଏଫପିଓ ପ୍ରତିନିଧି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ଓଡ଼ିଶା ଓ ଛତିଶଗଡ଼ ଦାୟିତ୍ୱରେ ଥିବା ଇଣ୍ଡିଆମାର୍ଟର ରିଜିଓନାଲ ମ୍ୟାନେଜର ସିଦ୍ଧାର୍ଥ ଶଙ୍କର ଦାସ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ।

ବ୍ଲୋସମ୍ସ ସ୍କୁଲରେ 'ବ୍ଲୋସମ୍ସ ମଡେଲ ୟୁନାଇଟେଡ ନେସନ୍ସ'



ଭୁବନେଶ୍ୱର,୨।୧୧(ସମିସ): 'ବ୍ଲୋସମ୍ସ ମଡେଲ ୟୁନାଇଟେଡ ନେସନ୍ସ'ର ଚତୁର୍ଥ ସଂସ୍କରଣ ସ୍ଥାନୀୟ ବ୍ଲୋସମ୍ସ ସ୍କୁଲ ପରିସରରେ ଆୟୋଜିତ ହୋଇଛି। ଚଳିତ ବର୍ଷ ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ରହିଥିଲା - "ସୀମା ଓ ପାର୍ଥକ୍ୟରୁ ଉର୍ଦ୍ଧ୍ୱରେ : ଏକ ବିଶ୍ୱ, ଅନେକ ଦୃଷ୍ଟିକୋଣ - ଆଗାମୀ କାଲି ପାଇଁ ମିଳିତ ଦାୟିତ୍ୱ'। ଏହି କାର୍ଯ୍ୟକ୍ରମ ସ୍ୱାଗତ ଭାଷଣ, ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଭକ୍ତିପୂର୍ଣ୍ଣ ସଙ୍ଗୀତ ଗାନ ସହିତ ଶୁଭାରମ୍ଭ ହୋଇଥିଲା। ପରେ ସ୍ୱାକ୍ଷର ସମାରୋହ ଓ "ବିଏମୟୁଏନ ସଂକଳ୍ପ' ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍, ଲେଖକ ତଥା ସର୍ବଧର୍ମ ସମନ୍ୱୟ ପ୍ରବକ୍ତା ପ୍ରଫେସର ଅନିଲ ସରୱାଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି ଅନୁଭୂତି ସେମାନଙ୍କ ଜୀବନରେ ଗଠନମୂଳକ ଓ ପ୍ରଭାବଶାଳୀ ହେବ ବୋଲି ଆଶା ପ୍ରକଟ କରିଥିଲେ। ବିଦ୍ୟାଳୟ ଅଧକ୍ଷା ସୀମିତା ପଣ୍ଡା ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରତିଷ୍ଠାତା ପରିଚାଳକ ତୁରଜ ମୋଘବେଲପୁର ଛାତ୍ର ପ୍ରତିନିଧିଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ନିର୍ଦ୍ଦେଶିକା ଡ. ନାଦିଆ ମୋଘବେଲପୁର କହିଥିଲେ ଯେ, ଯୁବପିଢ଼ି ଭୌଗୋଳିକ ସୀମାରୁ ଉର୍ଦ୍ଧ୍ୱକୁ ଯାଇ ବିବିଧତାକୁ ଗ୍ରହଣ କରିବା ଉଚିତ।

ଏନଭାଇରନମେଣ୍ଟ କଣ୍ଟ୍ରୋଲ୍ ବ୍ରଏଲର ଫାର୍ମସି ୱେଲଫେୟାର ଆସୋସିଏସନ୍‌ର ୨୭ ଦଫା ଦାବି

୫ ବର୍ଷ ହେଲାଣି ବୃଦ୍ଧି ହେଉନି ଚାଷୀଙ୍କ ପାରିଶ୍ରମିକ



ଭୁବନେଶ୍ୱର,୨।୧୧(ସମିସ): ଓଡ଼ିଶାର ଏନଭରମେଣ୍ଟ ବ୍ରଏଲର କୁକୁଡ଼ା ଚାଷୀଙ୍କ ଆର୍ଥିକ ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ଅଲ୍ ଓଡ଼ିଶା ଏନଭାଇରନମେଣ୍ଟ କଣ୍ଟ୍ରୋଲ୍ ବ୍ରଏଲର ଫାର୍ମସି ୱେଲଫେୟାର ଆସୋସିଏସନ୍ ତଥା ଇସିବିଏ। କୁକୁଡ଼ା ଚାଷୀଙ୍କ ଜୀବିକା, ଆର୍ଥିକ ସୁରକ୍ଷା ଓ ନ୍ୟାୟସଙ୍ଗତ ପାରିଶ୍ରମିକ ସୁନିଶ୍ଚିତ କରିବା ପାଇଁ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ପ୍ରସ୍ତୁତ କରାଯାଇ ବିଭିନ୍ନ ଇଣ୍ଟିଗ୍ରେସନ୍ କମ୍ପାନୀ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସଂଘର କହିବା ଅନୁଯାୟୀ, ବିଗତ ୫ ବର୍ଷ ମଧ୍ୟରେ କୁକୁଡ଼ା ଚାଷରେ ବ୍ୟବହୃତ ବିଦ୍ୟୁତ୍, ଡିଜେଲ୍, ଶ୍ରମିକ ମଜୁରି, ଦାନା, ଔଷଧ ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି। କିନ୍ତୁ ଏହାର ଅନୁପାତରେ ଚାଷୀଙ୍କ ପାରିଶ୍ରମିକ ବୃଦ୍ଧି ହୋଇନାହିଁ। ପୂର୍ବରୁ ଚାଷୀମାନେ ପ୍ରତି କୁକୁଡ଼ା ପିଛା ୪୫ରୁ ୫୨ ଟଙ୍କା ପର୍ଯ୍ୟନ୍ତ ପାଉଥିବା ବେଳେ ବର୍ତ୍ତମାନ ଏହା ୩୩ ଟଙ୍କାରୁ ଶୂନ ପର୍ଯ୍ୟନ୍ତ ହ୍ରାସ ପାଇଥିବା ସଂଘ ଅଭିଯୋଗ କରିଛି। ଏହି ପରିସ୍ଥିତିରେ ଚାଷୀମାନେ ଆର୍ଥିକ କ୍ଷତି ଓ ମାନସିକ ଚାପର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ସଂଘ ଦାବି କରିଛି। ଏହି ଦାବି ମଧ୍ୟରେ ଭାରତ ସରକାରଙ୍କ ନୀତି ଓ ମାର୍ଗଦର୍ଶିକାକୁ ଦୃଷ୍ଟିରେ ରଖି, ବର୍ତ୍ତମାନର ବଜାର ଦର, ଦିନକୁ ଦିନ ବୃଦ୍ଧି ପାଉଥିବା ବିଦ୍ୟୁତ୍ ଖର୍ଚ୍ଚ, ଡିଜେଲ୍ ଖର୍ଚ୍ଚ, ଶ୍ରମିକ ମଜୁରି ଏବଂ ଅନ୍ୟାନ୍ୟ ଫାର୍ମ ପରିଚାଳନା ଖର୍ଚ୍ଚକୁ ବିଚାରକୁ ନେଇ, କୁକୁଡ଼ା ଚାଷୀମାନଙ୍କୁ ପ୍ରତି କିଲୋଗ୍ରାମ ପିଛା ସର୍ବନିମ୍ନ ୨୭ ଟଙ୍କା ଗ୍ରୋଇଂ ଚାର୍ଜ ପ୍ରଦାନ, ପ୍ରତିବର୍ଷ ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ଗ୍ରୋଇଂ ଚାର୍ଜ ମୂଳ ଦର ଉପରେ ୫% ରୁ ୧୦% ପର୍ଯ୍ୟନ୍ତ ବୃଦ୍ଧି କରିବା, କୁକୁଡ଼ାମାନଙ୍କୁ ଉତ୍ତମ ଗୁଣବତ୍ତାଯୁକ୍ତ ଦାନା ଯୋଗାଇ ଦିଆଯିବା ଭଳି ୨୭ ଦଫା ଦାବି ରହିଛି। ୩୦୦ରୁ ଅଧିକ କୁକୁଡ଼ା ଚାଷୀ ଏହି ସଭାରେ ଯୋଗ ଦେଇଥିଲେ।-

■ ଯାଁଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସେମିରେ କଲ୍ୟାଣପୁର, କ୍ୱାର୍ଟରରେ ଗଙ୍ଗପଡ଼ା



ଯାଁଳା, ୨।୧୧(ସମିସ): ସ୍ଥାନୀୟ ରାଧା ମାଧବ କ୍ଲବ ଆନୁକୁଲ୍ୟରେ ନବମ ପଞ୍ଚାୟତ ଲେଭୁଲ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ମେଣ୍ଢାଶାଳ ଏବଂ କଲ୍ୟାଣପୁର ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ମେଣ୍ଢାଶାଳ ଦଳ ୧୪ ଓଭରରେ ୧୫୬ ରନ୍ ବିନିମୟରେ ୫ଉଇକେଟ୍ ହାସଲ କରିଥିଲା, ଜବାବରେ କଲ୍ୟାଣପୁର ଦଳ ୧୩.୪ ଓଭରରେ ୩ ଉଇକେଟରେ ବିଜୟୀ ଲାଭ କରିଥିଲା। ଦଳ ପକ୍ଷରୁ ପ୍ରାଣବନ୍ଧୁ ସାମନ୍ତରାୟ ୩୦ବଲରେ ୧୦୫ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ, ସେହିପରି ଦ୍ୱିତୀୟ ମ୍ୟାଚ ଗଙ୍ଗପଡ଼ା ଏବଂ ଭାଲିଆବାଡ଼ି ମଧ୍ୟରେ ଖେଳ ହୋଇଥିଲା। ଗଙ୍ଗପଡ଼ା ୧୫ ଓଭରରେ ୨୨୦ ରନ୍ ବିନିମୟରେ ୫ଉଇକେଟ୍ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ୧୫ ଓଭରରେ ୭ଉଇକେଟ ହରାଇ ୧୮୨ ରନ୍ ରେ ଦଳ ପରାଜୟ ହୋଇଥିଲେ। ଗଙ୍ଗପଡ଼ା ଦଳ ୩୮ ରନରେ ବିଜୟୀ ହୋଇ କ୍ୱାର୍ଟରକୁ ପ୍ରବେଶ କରିଥିଲା, ଅନିଲ୍ କୁମାର ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ଆଜି ମ୍ୟାଚର ଅମ୍ପେୟାର ଦୀପକ ହରିଚନ୍ଦନ, ବିବେକ ପରିଡା, ଶିବାନନ୍ଦ ସ୍ୱାଇଁ ଓ ଶିତିକଣ୍ଠ ପଟ୍ଟନାୟକ ଥିବାବେଳେ, ଅତିଥି ଭାବେ ଜିତେନ୍ଦ୍ର ସେନାପତି, ସାମ୍ବାଦିକ ସୁରେଶ କୁମାର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ବିଶ୍ୱସ୍ତରୀୟ ଜିମ୍ 'ଭାରତ ଫିଟନେସ୍ ଡେନ୍ ଏନ୍‌ହାନ୍ସଡ୍'ର ଶୁଭାରମ୍ଭ

ଭୁବନେଶ୍ୱର,୨।୧୧(ସମିସ): କୁମାର ଭାରତ ଭୂଷଣ ମହାଲିକଙ୍କ ଏକ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପୂର୍ବ ଭାରତର ଅନ୍ୟତମ ପ୍ରିମିୟମ୍ ଫିଟନେସ୍



କେନ୍ଦ୍ର 'ଭାରତ ଫିଟନେସ୍ ଡେନ୍ ଏନ୍‌ହାନ୍ସଡ୍' ରାଜଧାନୀର ଏୟାରପୋର୍ଟ ରୋଡ୍ ନିକଟରେ ଉଦ୍‌ଘାଟିତ ହୋଇଛି। ଜୟଦେବ ବିହାର ଶାଖା ପରେ ଏହା ସଂସ୍ଥାର ଦ୍ୱିତୀୟ ତଥା ସବୁଠାରୁ ବିଶାଳ ପ୍ରକଳ୍ପ କହିଛନ୍ତି ଶ୍ରୀଯୁକ୍ତ ମହାଲିକ। ଏହି ପରିସରରେ ଆମେରିକା ଓ ଦୁବାଇ ମାନଦଣ୍ଡର ହୋଏଷ୍ଟ, ପନାଟା ଏବଂ ହାମର ଷ୍ଟ୍ରେଙ୍ଗ ଭଳି ବ୍ରାଣ୍ଡର ୧୫୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଉପକରଣ ଖଞ୍ଜାଯାଇଛି। ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି, ଓଡ଼ିଶାରେ ପ୍ରଥମ ଥର ପାଇଁ ବ୍ୟାୟାମ ପରବର୍ତ୍ତୀ ଶରୀର ପୁନରୁଦ୍ଧାର ପାଇଁ ରେଡ୍ ଲାଇଟ୍ ଥେରାପି, ଇନଫ୍ରାରେଡ୍ ସୋନା, ଆଇସ୍ ବାଥ୍ ଏବଂ ହାଇଡ୍ରୋ ମସାଜ୍ ଭଳି ସ୍ୱତନ୍ତ୍ର ୱେଲନେସ୍ ସୁବିଧା ଉପଲବ୍ଧ କରାଯାଇଛି। ଏହାସହ ଯୁବପିଢ଼ିଙ୍କ ପସନ୍ଦର ହାଇରକ୍ସ ଟ୍ରେନିଂ, କାର୍ଡିଓ, ଜୁମ୍ବା ଓ ଯୋଗ ପାଇଁ ସ୍ୱତନ୍ତ୍ର ଫ୍ଲୋର୍ ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଅଭିନେତା ତଥା 'ମିଷ୍ଟର ୱାର୍ଲ୍ଡ' ଠାକୁର ଅନୁପ ସିଂହ, 'ମିଷ୍ଟର ଇଣ୍ଡିଆ' ନରେନ୍ଦର ଯାଦବ ଓ ମୁମ୍ବାଇର ପ୍ରଖ୍ୟାତ ଲାଇଫଷ୍ଟାଇଲ୍ କୋଚ୍ ଇକବାଲ ସୟଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଟିସିଏସ୍ ଇନ୍‌କ୍ୱିଜିଟିଭ୍ ୨୦୨୬ର ଭୁବନେଶ୍ୱର ପର୍ଯ୍ୟାୟରେ ମଦର୍ସ ପବ୍ଲିକ୍‌ସ୍କୁଲ୍ ବିଜୟୀ



ଭୁବନେଶ୍ୱର,୨।୧୧(ସମିସ): ସୂଚନାପ୍ରଯୁକ୍ତିସେବା, ପରାମର୍ଶ ଓ ବ୍ୟବସାୟିକ ସମାଧାନ କ୍ଷେତ୍ରରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ବା ଟିସିଏସ୍ ଏହାର ପ୍ରମୁଖ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା 'ଟିସିଏସଇନ୍‌କ୍ୱିଜିଟିଭ୍ ୨୦୨୬'ର ଭୁବନେଶ୍ୱର ପର୍ଯ୍ୟାୟ ଆୟୋଜନ କରିଛି। ଭୁବନେଶ୍ୱରରେ ଏହି ପ୍ରତିଯୋଗିତା ଜ୍ଞାନ, ଦଳଗତ କାର୍ଯ୍ୟ ଓ ତର୍କ ସହ ଚିନ୍ତାକରିବାର ଦକ୍ଷତା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଥିଲା। ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପୀୟୂଷ ସାମନ୍ତରାୟ ଏବଂ ପ୍ରତିଭାନ ମିଶ୍ର ଭୁବନେଶ୍ୱର ସଂସ୍କରଣର ବିଜେତା ହୋଇ ନାସନାଲ୍ ସେମିଫାଇନାଲ୍‌ରେ ନିଜର ସ୍ଥାନ ପକ୍କା କରିଛନ୍ତି। ଭୁବନେଶ୍ୱର ସଂସ୍କରଣରେ ୧୮ଟି ସ୍କୁଲ୍‌ରୁ ୧୩୭ଟିଟିମ୍ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଟିସିଏସ୍ ଭୁବନେଶ୍ୱରର ସେଣ୍ଟର ହେଡ୍ ବିଭୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ଚଳିତବର୍ଷ ୨୮ତମ ବର୍ଷରେ ପହଞ୍ଚିଛି।

ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'

ଆକର୍ଷଣରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଓ କୋଣାର୍କ ନାଟ୍ୟ ମଣ୍ଡପ

ଭୁବନେଶ୍ୱର,୨।୧୧(ସମିସ): ମାଟିରେ ନିର୍ମିତ ହୋଇଛି ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଗେଟ୍। ତାସହ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପ୍ରତିମା ମଧ୍ୟ ରହିଛି। ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି ଚଳିତ ବାର୍ଷିକ ଟୋରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୬'ରେ। ଦୀପାବଳି ଉପଲକ୍ଷେ ପ୍ରଦର୍ଶନୀ ପଡ଼ିଆରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଟେରାକୋଟା ପ୍ରଦର୍ଶନୀରେ ପ୍ରମୁଖ ଆକର୍ଷଣ ସାଜିଛି ପୁରୀ ଜିଲ୍ଲାର ସୁକାନ୍ତ ମୁଦୁଲିଙ୍କ ଷ୍ଟଲରେ ରହିଥିବା ସାଢ଼େ ୩ଫୁଟ ଉଚ୍ଚତାର ଶ୍ରୀମନ୍ଦିର ଉତ୍ତର ଦ୍ୱାର। ଯାହାର ଦାମ୍ ୪୫ ହଜାର ଟଙ୍କା ରହିଛି। ସେହିପରି ଅନ୍ୟତମ ଆକର୍ଷଣ ସାଜିଛି ସାଢ଼େ ୪ଫୁଟ ଉଚ୍ଚତାର କୋଣାର୍କ ନାଟ୍ୟ ମଣ୍ଡପ। ତିନି ମହଲା ବିଶିଷ୍ଟ ଏହି ନାଟ୍ୟ ମଣ୍ଡପର ତଳ ମହଲାରେ ଆଦିବାସୀ ନୃତ୍ୟ, ପ୍ରଥମ ମହଲାରେ ଓଡ଼ିଶୀ ନୃତ୍ୟ, ଦ୍ୱିତୀୟ ମହଲାରେ ବାଦ୍ୟଯନ୍ତ୍ର ଓ ତୃତୀୟ ମହଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦୃଶ୍ୟକୁ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି ସୁକାନ୍ତ। ଏହାର ଦାମ୍ ରହିଛି ୪୦ ହଜାର ଟଙ୍କା। ଏଥିସହ



ଏହି ଷ୍ଟଲରେ ଥିବା ସାଢ଼େ ୪ଫୁଟ ଉଚ୍ଚତା ବିଶିଷ୍ଟ କଦମ୍ବ ଗଛ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଗଛରେ ମାଙ୍କଡ଼ ବସିଥିବା ବେଳେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦୋଳି ଖେଳୁଛନ୍ତି। ଏହାର ଦାମ୍ ରହିଛି ୩୦ହଜାର ଟଙ୍କା। ଏହାସହ ମାଟିର ବୋଇତ, ଡିଜାଇନ୍ ତୁଳସୀ ଚଉରା, ୨୦ରୁ ଉର୍ଦ୍ଧ୍ୱ ପ୍ରକାର ଡିଜାଇନ୍ ଦୀପ ରହିଛି। ଏନେଇ ଷ୍ଟଲର ମାଲିକ ତଥା ଟେରାକୋଟା ଶିଳ୍ପୀ ସୁକାନ୍ତ କହିଛନ୍ତି ଯେ, ଆମେ ହେଉଛୁ ମାଟିର ମଣିଷ, ମାଟିରେ ମିଶିବା। କିନ୍ତୁ ବର୍ତ୍ତମାନ ସମସ୍ତେ ମାଟିର ବ୍ୟବହାର କରିବାକୁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ମାଟିର ବ୍ୟବହାରକୁ ସମସ୍ତେ ଭଲ ଭାବେ ବୁଝିବା ସହ ମାଟି ପାତ୍ର ଓ ବିଭିନ୍ନ ସାମଗ୍ରୀ ବ୍ୟବହାର କରିବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ୧୫ ବର୍ଷ ହେବ ସେ ଏହି ପ୍ରଦର୍ଶନୀରେ ଷ୍ଟଲ ଖୋଲୁଥିବା କହିଛନ୍ତି। ଏହି ଷ୍ଟଲରେ ମାଟିରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ମଧ୍ୟ ରହିଛି।

ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'ରେ ଜମୁଛି ଭିଡ଼

ସ୍ଥାନୀୟ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୬' ତୃତୀୟ ଦିନରେ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଦୀପ ସାଙ୍ଗକୁ ମାଟିରେ ତିଆରି ହାଣ୍ଡି, କେଡ଼ଇ, ପ୍ରେସରକୁକର୍ ଆଦି ଘରକରଣା ସାମଗ୍ରୀ କିଣିବାକୁ ମହିଳାମାନଙ୍କ ଭିଡ଼ ଜମୁଛି। ଆଲୋକର ପର୍ବ ଦିପାବଳୀକୁ ପାଳନ କରିବାକୁ ରଙ୍ଗବେରଙ୍ଗର ଦୀପ, କଳସ ସାଙ୍ଗକୁ ମାଟିରେ ତିଆରି ଫୁଲଦାନୀରେ ଘର ସଜାଇବାକୁ ମନ ପସନ୍ଦର ଡିଜାଇନ୍ ଦୀପ କିଣିବାକୁ ପ୍ରାୟସବୁ ଷ୍ଟଲରେ ଭିଡ଼ ଜମିଛି। ଏଠାରେ ଦୀପ ବିକ୍ରି ସାଙ୍ଗକୁ ଲାଇଭ୍ ଡେମୋନଷ୍ଟ୍ରେସନ୍ ଦେଖିବାକୁ ମଧ୍ୟ ଅନେକ ଭିଡ଼ ଜମାଉଛନ୍ତି। ଏହି ଦୀପ ଗୁଡ଼ିକର ଦାମ୍ ୧ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଦୀପ କିଣିବା ସାଙ୍ଗକୁ ପ୍ରଦର୍ଶନୀ ପରିସରରେ ରହିଥିବା ଫୁଡ ଷ୍ଟଲରେ ମଧ୍ୟ ପ୍ରବଳ ଗହଳି ଜମିଥିଲା। କିଣାକିଣି ସାଙ୍ଗକୁ ବିଭିନ୍ନ ପ୍ରକାର ଚଟପଟା ଖାଦ୍ୟର ମଜ୍ଜା ନେଉଛନ୍ତି ଗ୍ରାହକ।

ଶିଳ୍ପଶୂନ୍ୟ ମୋରଡ଼ା ନିର୍ବାଚନମଣ୍ଡଳୀ

ମିଳୁନି କର୍ମନିଯୁକ୍ତି, ବଢୁଛି ଦାଦନ ସମସ୍ୟା

ମୋରଡ଼ା, ୨।୧୧(ସମିସ):

ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସାଧାରଣ ବର୍ଗ ଆସନ ଭାବେ ପରିଚିତ ମୋରଡ଼ା ନିର୍ବାଚନମଣ୍ଡଳୀ ଆଜି ବି ବିକାଶ ଓ ଶିଳ୍ପାୟନ କ୍ଷେତ୍ରରେ ଚରମ ଅବହେଳାର ଶିକାର ହୋଇ ରହିଛି। ୫୨ଟି ପଞ୍ଚାୟତ ଓ ମୋରଡ଼ା, ରାସଗୋବିନ୍ଦପୁର, ଶୁଳିଆପଦା ଭଳି ତିନୋଟି ପ୍ରମୁଖ ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ଦୀର୍ଘବର୍ଷ ଧରି କୌଣସି କ୍ଷୁଦ୍ର, ମଧ୍ୟମ କିମ୍ବା ବୃହତ୍ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଓ ଅଣଶିକ୍ଷିତ ଯୁବପିଢ଼ି ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏପରିକି ବାହାର ରାଜ୍ୟରୁ କାମ କରିବା ବେଳେ ଶ୍ରମିକମାନେ ଦୁର୍ଘଟଣା ବା ଅସ୍ୱାଭାବିକ ପରିସ୍ଥିତିରେ ପ୍ରାଣ ହରାଇ ଶବ ହୋଇ ଫେରୁଥିବା ଘଟଣା ବାରମ୍ବାର ସାମ୍ନାକୁ ଆସୁଥିଲେ ମଧ୍ୟ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।



ମୋରଡ଼ା ମୁଖ୍ୟତଃ ଏକ କୃଷି ଓ ବନଜାତ ଦ୍ରବ୍ୟ ନିର୍ଭରଶୀଳ ଅଞ୍ଚଳ। ଏଠାକାର ଅଧିବାସୀ ଧାନ ଓ ମାଣ୍ଡିଆ ଚାଷ ଉପରେ ନିର୍ଭର କରୁଥିବାବେଳେ ଜଙ୍ଗଲରୁ ଶାଳପତ୍ର, ସବାଇ ଘାସ ଓ ବାଉଁଶ ସଂଗ୍ରହ କରି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଅଞ୍ଚଳରେ ରାଇସ୍ ମିଲ୍, କାଗଜ ଶିଳ୍ପ କିମ୍ବା ଶାଳପତ୍ର ଓ ସବାଇ ଘାସଭିତ୍ତିକ ପ୍ରକ୍ରିୟାକରଣ ୟୁନିଟ୍ ଗଢ଼ି ଉଠିବାର ପ୍ରଚୁର ସମ୍ଭାବନା ରହିଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ମୋରଡ଼ା ବିଧାୟକ କୃଷ୍ଣଚନ୍ଦ୍ର ମହାପାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ତଥା କ୍ୟାବିନେଟ୍‌ର ଅନ୍ୟତମ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସରକାରରେ ସେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମନ୍ତ୍ରୀ ପଦବୀରେ ଥିଲେ ସୁଦ୍ଧା ନିଜ ନିର୍ବାଚନମଣ୍ଡଳୀରେ ଗୋଟିଏ ହେଲେ କୃଷିଭିତ୍ତିକ ବା ବନଜାତ ଦ୍ରବ୍ୟଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦିଗରେ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେଇ ନ ଥିବା ନେଇ ସ୍ଥାନୀୟ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଜ ଅଞ୍ଚଳରେ ଶିଳ୍ପ ସ୍ଥାପନ ନେଇ ମନ୍ତ୍ରୀଙ୍କ ଆନ୍ତରିକତାର ଅଭାବ ରହିଛି ନା ସେ ଦାବି ହାସଲ କରିପାରୁନାହାନ୍ତି, ତାହାକୁ ନେଇ ଜନସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘ ବର୍ଷ ଧରି ବିଭିନ୍ନ ଦଳର ନେତୃବୃନ୍ଦ ଏହି ଅଞ୍ଚଳରୁ ପ୍ରତିନିଧିତ୍ୱ କରିଆସୁଥିଲେ ମଧ୍ୟ ସରକାରଙ୍କ ନିକଟରେ ଶିଳ୍ପାୟନ ନିମନ୍ତେ ଯଥାର୍ଥ ଦାବି ଉପସ୍ଥାପନ କରିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ବିଧାୟକ ନିଜେ ରାଜ୍ୟ କ୍ୟାବିନେଟ୍‌ର ଜଣେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଥିବାରୁ "ବର୍ତ୍ତମାନ ନହେଲେ ଆଉ କେବେ ବି ହୋଇପାରିବନାହିଁ" ବୋଲି ବୁଦ୍ଧିଜୀବୀ ଓ ଯୁବପିଢ଼ି ମତ ଦେଉଛନ୍ତି। ତୁରନ୍ତ ଏହି ଅଞ୍ଚଳରେ ସମ୍ଭାବ୍ୟ କୃଷି ଓ ବନଜାତ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ସହ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଜୋରଦାର ଦାବି ହେଉଛି।

● 'ମୟୂରଭଞ୍ଜ ମିରର'ର ନିଆରା ଅଭିଯାନ

ତୃଣମୂଳ ସ୍ତରରେ ପହଞ୍ଚିବ ମୟୂରଭଞ୍ଜର ଇତିହାସ

ବାରିପଦା, ୨।୧୧(ସମିସ): ମୟୂରଭଞ୍ଜର ସମୃଦ୍ଧ ଇତିହାସ, ପ୍ରକୃତି, ପର୍ଯ୍ୟଟନ ଓ ଐତିହ୍ୟର ପ୍ରଚାର ପ୍ରସାର ଓ ସୁରକ୍ଷା ପାଇଁ ୨୦୧୮ ରୁ କାର୍ଯ୍ୟରତ ଅଗ୍ରଣୀ ସଂଗଠନ "ମୟୂରଭଞ୍ଜ ମିରର' ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଜିଲ୍ଲାର ଗୌରବମୟ ଐତିହ୍ୟକୁ ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲାର ଚାରୋଟି ଯାକ ଉପଖଣ୍ଡର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ। ଏହି ଅଭିଯାନ ଜରିଆରେ ପ୍ରାଚୀନ ମୟୂରଭଞ୍ଜର ଇତିହାସ, ମୋଗଲ ଓ ମରହଟ୍ଟା ଆକ୍ରମଣର ପୃଷ୍ଠଭୂମି, ରାଜଧାନୀ ସ୍ଥାନାନ୍ତରଣ, ଐତିହାସିକ ଶାସନ ବ୍ୟବସ୍ଥା, ସ୍ୱତନ୍ତ୍ର ରେଳସେବାର ଅବଦାନ, ତତ୍କାଳୀନ ଜନଜୀବନ ଓ ନବ ଉତ୍କଳ ନିର୍ମାଣରେ ମୟୂରଭଞ୍ଜର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ ବୋଲି ସଂଗଠନର ମୁଖପାତ୍ର ସୁଶ୍ରୀ ନାୟକ ସୂଚନା ଦେଇଛନ୍ତି। ଅଭିଯାନକୁ ସଫଳତାର ସହ ଆଗେଇ ନେବାକୁ ଶୁଭସ୍ମିତା ସାହୁ, ଅପର୍ଣ୍ଣା ସିଂହ, ଅଂଶୁମାନ ମହାନ୍ତ, ମଧୁସ୍ମୃତି କର, ସୋମାଂଶୁ ମହାନ୍ତି, ଶୁଭସ୍ମିତା ମହାନ୍ତ, କୌଶିକ ଗିରି, ଦାନିସ କୁମାର ସାହୁ ଓ ଗୀତାଞ୍ଜଳି କର ପ୍ରମୁଖ ଇତିହାସର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବେ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ସଂଗଠନର ଏହି ପ୍ରୟାସ ଜିଲ୍ଲାର ଐତିହାସିକ ସଚେତନତା ସୃଷ୍ଟି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଖୁଣ୍ଟା ଥାନାରେ ଆମ ପୁଲିସ ସମିତି ବୈଠକ



କୁଆମରା, ୨।୧୧(ସମିସ): ଖୁଣ୍ଟା ଥାନାରେ ଆମ ପୁଲିସ ସମିତି ବୈଠକ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖୁଣ୍ଟା ଫରେଷ୍ଟର ଅର୍ପିତା ଦେବାଙ୍ଗନା, ଏଏସ୍ଆଇ ରତିକାନ୍ତ ଦାସ, ସୁଦାମ ଜେନା, ବିକାଶ ପଣ୍ଡା, ସବ୍ୟସାଚୀ ସାମଲ ପ୍ରମୁଖ ଯୋଗଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ, ସେ ନେଇ ଆଲୋଚନା ହୋଇଥିଲା। ଟ୍ରାଫିକ ନିୟମ ମାନିବା, ଦୁର୍ଘଟଣା ପ୍ରତି ସଚେତନତା କରାଇବା, ବେଆଇନ ନିଶା କାରବାର ରୋକିବା, ଛୋଟ ପିଲାଙ୍କୁ ବାଇକ ଚଳାଇବାକୁ ନ ଦେବା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ସଚେତନତା କରାଯିବା ଉପରେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଲୋକ ପ୍ରତିନିଧି ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ପୁଲିସ କର୍ମଚାରୀ ପରିଚାଳନା କରିଥିଲେ।

ଶିବଶକ୍ତି କ୍ଲବ ଫୁଟବଲ, ବବୁଲ ଅଟୋ ଚାମ୍ପିଅନ୍



କୁଆମରା,୨।୧୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ କଡଦା ଶିବଶକ୍ତି କ୍ଲବ ପକ୍ଷରୁ ୨୯ତମ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଫାଇନାଲ ଖେଳରେ କଳା ପାହାଡ଼ି ବ୍ଲାକ ହିଲକୁ ହରାଇ ବବୁଲ ଅଟୋ ଝାଡ଼ଗ୍ରାମ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଡେଇ, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବୁଢ଼ାନ ମୁର୍ମୁ, ଭାରତୀୟ ଭୂମିଜ ସମାଜର ପୂର୍ବତନ ସଭାପତି ପାଇକ ସିଂ, ଭାରତୀୟ ଭୂମିଜ ସମାଜର ସହସମ୍ପାଦିକା ଗୀତାମଣି ସିଂ, ଶିକ୍ଷାବିତ ଗୌରମୋହନ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ଏକଲକ୍ଷ ପଚାଶ ହଜାର ଓ ରନର୍ସଅପ୍ ଦଳକୁ ଏକଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିସହିତ ସେମିଫାଇନାଲକୁ ଉନ୍ନିତ ହୋଇଥିବା ଭୂମିଜ ଏଣ୍ଡ ଭୂମିଜ ବାଲେଶ୍ୱର ଓ ସୁନୀଲ ଏଫସି ଭଣ୍ଡଗାଁ ଦଳକୁ ପଚାଶ ହଜାର ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ମନୋଜ ପାତ୍ର, ଗୁରୁପ୍ରସାଦ ସିଂ ଓ ଗୌରମୋହନ ବେହେରା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ରାମଚନ୍ଦ୍ର ସିଂ, ସମ୍ପାଦକ ଗୌରୀଶଙ୍କର ଦାସ, ଦିଲ୍ଲୀପ ଦାସ, ପ୍ରଫୁଲ୍ଲ ସିଂ, ତ୍ରିଲୋଚନ ସିଂ, ଗଜେନ୍ଦ୍ର ସିଂ, ଲକ୍ଷ୍ମଣ ସିଂ, ଯଦୁନାଥ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



ରାସଗୋବିନ୍ଦପୁର, ୨।୧୧(ସମିସ): ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ସାମାଜିକ ଜୀବନରେ ସମାନ ସୁଯୋଗ ପ୍ରଦାନ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ରାସଗୋବିନ୍ଦପୁର ଗୋଷ୍ଠୀ ଶିକ୍ଷାକେନ୍ଦ୍ର ପରିସରରେ ଆଜି ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ରାସଗୋବିନ୍ଦପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ମୋଟ ୪୨ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏଥିମଧ୍ୟରେ ତିନିଚକିଆ ସାଇକଲ, ହୁଇଲ୍‌ଚେୟାର, ଶ୍ରବଣ ଯନ୍ତ୍ର, ସହାୟକ ବାଡ଼ି ଆଦି ଉପକରଣ ରହିଥିଲା। ବିଆରସିସି ବିଜୟ ବାରିକ, ଶରତ ପଣ୍ଡା, ହରେନ୍ଦ୍ର ଗନ୍ତାୟତ, ବିଆରଟି ଜିତେନ୍ଦ୍ର ସିଂହ, ସନ୍ତୋଷ ଗିରି ଓ ସୁଧୀର ପାତ୍ର ପ୍ରମୁଖ ଉପସ୍ଥିତ ରହି ଉପକରଣ ବଣ୍ଟନରେ ସହଯୋଗ କରିଥିଲେ। ଏହି ସହାୟକ ଉପକରଣ ପାଇବା ଦ୍ୱାରା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଯାତାୟାତ, ଶିକ୍ଷାଗ୍ରହଣ ଓ ଦୈନନ୍ଦିନ ଜୀବନ ଅଧିକ ସହଜ ହେବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ ପାଇଛି।

ଚିତ୍ରଡ଼ା ବାଳିକା ଉଚ୍ଚବିଦ୍ୟାଳୟ ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଗ୍ରହଣ

ମୋରଡ଼ା,୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଅଫିସ୍ ଅଡର୍‌ର୍ ନମ୍ବର ୧୨୯୩୫ ଅନୁଯାୟୀ ଜବାହର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ସିଂହଙ୍କୁ ଚିତ୍ରଡ଼ା ବାଳିକା ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଜବାହର ସରକାରୀ ବିଦ୍ୟାଳୟର ଶିକ୍ଷକ ଅରୁଣ ବେହେରା ଉକ୍ତ ଦାୟିତ୍ୱରେ ଥିଲେ। ନୂତନ ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀମତୀ ସିଂହ ତୁରନ୍ତ ଅରୁଣ କୁମାର ବେହେରାଙ୍କଠାରୁ ସମସ୍ତ ସରକାରୀ କାଗଜପତ୍ର, ରେଜିଷ୍ଟର ଓ ଦାୟିତ୍ୱ ବୁଝିନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦବ୍ୟତୀତ ସେ ଚିତ୍ରଡ଼ା ବାଳିକା ଉଚ୍ଚବିଦ୍ୟାଳୟର ପ୍ରଶାସନିକ ଓ ଆର୍ଥିକ କ୍ଷେତ୍ରରେ କ୍ଷମତା ପ୍ରୟୋଗ କରିବା ସହ କର୍ମଚାରୀଙ୍କ ଉପସ୍ଥାନ ରେଜିଷ୍ଟର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଦରମା ପ୍ରଦାନ ଆଦି କାର୍ଯ୍ୟ ତୁଲାଇବେ। ତେବେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ସାମ୍ନାକୁ ଆସୁଛି ଯେ, ବହୁ ପୂର୍ବରୁ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଥିବା ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ସେ ସେହି ପଦବୀରୁ ଅପସାରିତ ହୋଇଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଜିଷ୍ଟର ଓ କାଗଜପତ୍ର ଦାୟିତ୍ୱ ଜାଣିଶୁଣି ହସ୍ତାନ୍ତର କରି ନାହାନ୍ତି କିମ୍ବା ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେ ମଧ୍ୟ ଆସନ୍ତା ମେ ୨୦୨୭ ରେ ଅବସର ନେବାକୁ ଯାଉଥିବାବେଳେ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ହସ୍ତାନ୍ତର ନ କଲେ ଭବିଷ୍ୟତରେ ଏଠାରେ ପାଠପଢ଼ା ଶେଷ କରିଥିବା ଓ ବର୍ତ୍ତମାନ ପଢୁଥିବା ଛାତ୍ରୀଙ୍କ ଭବିଷ୍ୟତରେ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏ ନେଇ ଜିଲ୍ଲା ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଚମ୍ପାଝର ଆଶ୍ରମ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମହୁଲଡିହା,୨।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଆଶ୍ରମ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ ପଣ୍ଡା ଯୋଗ ଦେଇଥିଲେ। ଏ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଅବସର ନେଇଥିବା ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତ, ସନୁ ଚନ୍ଦ୍ର ମହାନ୍ତ, ରତିକାନ୍ତ ବେଣ୍ଟକାର, ପଦ୍ମଲୋଚନ ମହାନ୍ତ, ଜଗଦାନନ୍ଦ ମୁଦୁଲି, ତ୍ରିଲୋଚନ ମହାନ୍ତ ଓ ଦୁଷ୍ମନ୍ତ ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚମ୍ପାଝର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ଥକ କୁମାର ପଣ୍ଡା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଜାମୁଖଞ୍ଜରି ଆଞ୍ଚଳିକ ସାଧନ କେନ୍ଦ୍ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟ ସେଲ୍ଫ ଫାଇନାନ୍ସିଂ ବିଭାଗକୁ ନିୟମିତ କରିବା ଦାବି


ବାରିପଦା,୨।୧୧(ସମିସ): ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ଚାଲୁ ରହିଥିବା ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମକୁ ନିୟମିତ (ରେଗୁଲାର) କରିବା ଓ ଅତିଥି ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ରାଜ୍ୟ ମାନବାଧିକାର ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟକୁ ମଧ୍ୟ ପଠାଯାଇଛି। ପରିଷଦର ରାଜ୍ୟ ଅଧ୍ୟକ୍ଷା ସସ୍ମିତା ଦାସଙ୍କ ପକ୍ଷରୁ ପ୍ରେରିତ ଏହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ, ଇତିହାସ, ଗଣିତ, ବାଣିଜ୍ୟ, ଇଂରାଜୀ, ସଂସ୍କୃତ ଓ ଭୂତତ୍ତ୍ୱ ବିଜ୍ଞାନ ଭଳି ପ୍ରମୁଖ ବିଷୟ ସେଲ୍ଫ ଫାଇନାନ୍ସିଂ ମୋଡ୍‌ରେ ପରିଚାଳିତ ହେଉଛି। ଫଳରେ ଆର୍ଥିକ ଅନଗ୍ରସର ତଥା ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହିତ ସେଲ୍ଫ-ଫାଇନାନ୍ସିଂ ବିଭାଗଗୁଡ଼ିକ ପ୍ରତି ପ୍ରଶାସନିକ ଅବହେଳା ଓ ପିଜି କାଉନସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ଅସହଯୋଗପୂର୍ଣ୍ଣ ମନୋଭାବ ଯୋଗୁଁ ଛାତ୍ରଛାତ୍ରୀ ମାନସିକ ଚାପରେ ରହୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ୟୁଜିସି ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ସତ୍ତ୍ୱେ ଅତିଥି ଅଧ୍ୟାପକଙ୍କୁ ସ୍ୱଳ୍ପ ପାରିଶ୍ରମିକ, ଚାକିରିର ଅନିଶ୍ଚିତତା ଓ ବକେୟା ପ୍ରଦାନରେ ବିଳମ୍ବ ସମଗ୍ର ଶିକ୍ଷାଦାନ ବ୍ୟବସ୍ଥା ଉପରେ କୁପ୍ରଭାବ ପକାଉଛି। ଏ ପରିପ୍ରେକ୍ଷୀରେ ସମସ୍ତ ସେଲ୍ଫ-ଫାଇନାନ୍ସିଂ ବିଭାଗକୁ ତୁରନ୍ତ ରେଗୁଲାର କରିବା, ୟୁଜିସି ମାନଦଣ୍ଡ ଅନୁଯାୟୀ ଅତିଥି ଅଧ୍ୟାପକଙ୍କ ସେବା ସର୍ତ୍ତାବଳୀ ଲାଗୁ କରିବା, ଖାଲି ପଡ଼ିଥିବା ସ୍ଥାୟୀ ପ୍ରଫେସର ପଦବୀ ତୁରନ୍ତ ପୂରଣ କରିବା ଓ ଛାତ୍ରଛାତ୍ରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟପାଳ ତଥା କୁଳାଧିପତିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି।

ମୟୂରଭଞ୍ଜ ହାଫ୍ ମାରାଥନ୍ ପାଇଁ ପଞ୍ଜୀକରଣ ଆରମ୍ଭ

● ବିଜେତାଙ୍କ ପାଇଁ ରହିଛି ଆକର୍ଷଣୀୟ ପୁରସ୍କାର

ବାରିପଦା, ୨।୧୧(ସମିସ): ଜିଲ୍ଲାର କ୍ରୀଡ଼ାପ୍ରେମୀ ଓ ଯୁବପିଢ଼ିଙ୍କ ଉତ୍ସାହ ବୃଦ୍ଧି ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ 'ମୟୂରଭଞ୍ଜ ହାଫ୍ ମାରାଥନ-୨.୦' ଆୟୋଜନ କରାଯାଉଛି। ଏଥିପାଇଁ ଆନୁଷ୍ଠାନିକ ଭାବେ ନାମ ପଞ୍ଜୀକରଣ (ରେଜିଷ୍ଟ୍ରେସନ) ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସେଙ୍କ ପକ୍ଷରୁ ସୂଚନା ଦିଆଯାଇଛି ଯେ, ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଧାବକଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ରହିଛି। ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀ ମୟୂରଭଞ୍ଜ ମାରାଥନ୍ ଡଟ୍ ଇନ୍ ଅନଲାଇନ୍ ମାଧ୍ୟମରେ ସେମାନଙ୍କର ନାମ ପଞ୍ଜୀକରଣ କରିପାରିବେ। ସ୍ୱାସ୍ଥ୍ୟ ସଚେତନତା ଓ କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ଆୟୋଜିତ ଏହି ମାରାଥନରେ ବହୁ ସଂଖ୍ୟାରେ ଯୋଗଦେଇ ଏହାର ଲାଭ ଉଠାଇବାକୁ ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀ ତଥା ଯୁବବର୍ଗଙ୍କୁ ଆହ୍ୱାନ କରାଯାଇଛି।

ଶିମିଳିପାଳରେ ବାଘ ଛୁଆର 'ରିୱାଇଲ୍ଡିଂ'ରେ ଉଲ୍ଲେଖନୀୟ ପ୍ରଗତି



ବାରିପଦା, ୨।୧୧(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଏସଟିଆର)ର କୋର୍ ଅଞ୍ଚଳରେ ଥିବା ଏକ ବିଶାଳ ଏନକ୍ଲୋଜରରେ ଥିବା ଉଦ୍ଧାର ବାଘ ଛୁଆଟି ପ୍ରାକୃତିକ ପରିବେଶ ସହିତ ଖାପ ଖୁଆଇବାରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି। ଏନକ୍ଲୋଜର ମଧ୍ୟକୁ ଛଡ଼ାଯାଇଥିବା ଏହି ଉଦ୍ଧାର ବାଘ ଛୁଆ ଏବେ ୯ ମାସର ହୋଇଥିବାବେଳେ ଛେଳି ଓ ଚିତ୍ରା ହରିଣକୁ ସେ ସଫଳତାର ସହ ଶିକାର କରିଥିବା ଜଣାପଡ଼ିଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ ଡ ପ୍ରକାଶ ଚାନ୍ଦ ଗୋଗିନେନିଙ୍କ ସୂଚନା ଅନୁଯାୟୀ, ଗତ ୨୮ ଦିନର ନିରୀକ୍ଷଣ ମଧ୍ୟରେ ବାଘ ଛୁଆର ଶିକାର ଦକ୍ଷତାରେ ଉଲ୍ଲେଖନୀୟ ସୁଧାର ଆସିଛି। ତା'ର ଗତିବିଧି, ବ୍ୟବହାର ଓ ଜଙ୍ଗଲୀ ପରିବେଶ ସହ ଖାପ ଖୁଆଇବା ପ୍ରକ୍ରିୟା ଉପରେ କଡ଼ା ନଜର ରଖାଯାଇଛି। ତା'ର ଏହି ପ୍ରଗତି ଆଧାରରେ ହିଁ ଭବିଷ୍ୟତରେ ତାକୁ ସମ୍ପୂର୍ଣ୍ଣ ମୁକ୍ତ ଭାବେ କୋର୍ ଜଙ୍ଗଲକୁ ଛଡ଼ାଯିବା ନେଇ ନିଷ୍ପତ୍ତି ନିଆଯିବ। ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜରୁ ସ୍ଥାନାନ୍ତର କରାଯିବା ପରେ ଏବେ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଯମୁନା ଏନକ୍ଲୋଜରରେ ତା'ର କ୍ୱାରେଣ୍ଟାଇନ ଓ "ରିୱାଇଲ୍ଡିଂ' (ଜଙ୍ଗଲୀ ପରିବେଶ ଅଭ୍ୟାସ) ଚାଲିଛି। ପ୍ରଥମେ ତାକୁ ଖାଦ୍ୟ, ପୁଷ୍ଟିକର ସପ୍ଲିମେଣ୍ଟ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବାବେଳେ ଏବେ ସେ ନିଜେ ଶିକାର କରିବା ଆରମ୍ଭ କରିଛି। ଯାହାକି ପ୍ରାକୃତିକ ଭାବେ ବଞ୍ଚି ରହିବାର ସକାରାତ୍ମକ ସଙ୍କେତ ବୋଲି ଡ ଗୋଗିନେନି ପ୍ରକାଶ କରିଛନ୍ତି। ତା'ର ସ୍ୱାସ୍ଥ୍ୟାବସ୍ଥା, ଶିକାର ଶୈଳୀ ଓ ଗତିବିଧି ଉପରେ ନଜର ରଖିବା ପାଇଁ ଏନକ୍ଲୋଜର ଭିତରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ଗତ ସେପ୍ଟେମ୍ବର ୨୪ ତାରିଖ ରାତିରେ ଖାଦ୍ୟ ସନ୍ଧାନରେ ବାଘ ଛୁଆଟି କରଞ୍ଜିଆ ବନଖଣ୍ଡ କେନ୍ଦୁକୁଆଣୀ ସେକ୍ସନ ଅଧୀନ ଖପରଖାଇ ଗ୍ରାମର ଏକ ବଗିଚାରେ ପଶି ଆସିଥିଲା। ଦ୍ୱିତୀୟ ଥର ଲାଗି ଲୋକାଳୟକୁ ଚାଲିଆସିବା ପରେ ସେପ୍ଟେମ୍ବର ୨୫ରେ ବନ ବିଭାଗ ବିନା ଟ୍ରାଙ୍କୁଲାଇଜରରେ ତାକୁ ସୁରକ୍ଷିତ ଉଦ୍ଧାର କରିଥିଲା। ସେତେବେଳେ ତା'ର ବୟସ ପ୍ରାୟ ୮ ମାସ ହୋଇଥିବା ଅନୁମାନ କରାଯାଇଥିଲା। ଉଦ୍ଧାର ପରେ ଠାକୁରମୁଣ୍ଡାରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଓୟୁଏଟିରେ ରକ୍ତ ଓ ମଳ ପରୀକ୍ଷା କରାଯାଇଥିଲା। ଯେଉଁଥିରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଓ କୌଣସି ସଂକ୍ରମଣ ନ ଥିବା ସ୍ପଷ୍ଟ ହୋଇଥିଲା।

ସଂସ୍କୃତ ଶିକ୍ଷକ ସହଦେବ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖୁଣ୍ଟା,୨।୧୧(ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣାସାହିସ୍ଥ ତାଡକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା ବ୍ଲକ 'ଓଷ୍ଟା' ସମ୍ପାଦକ ସହଦେବ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କାସ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ଚିତ୍ତରଞ୍ଜନ ପଳତା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଓ ରାଜ୍ୟ ସମ୍ପାଦକ ଭରତ ବରାଳ, ରାଜ୍ୟ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ହରିପଦ ସରଘରିଆ, ପୂର୍ବତନ ଶିକ୍ଷକ ସରୋଜ ବେହେରା, ସୁଶାନ୍ତ ଚୌଧୁରୀ, ସଂଜୀବ ଦଣ୍ଡପାଟ, ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଗତ ୧୯୮୭ ସେପ୍ଟେମ୍ବର ୧୬ରେ କାର୍ଯ୍ୟରେ ଯୋଗଦେଇ ଦୀର୍ଘ ୩୯ ବର୍ଷରୁ ଊର୍ଦ୍ଧ୍ୱ ସେବା ପରେ ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିଥିବା ଶ୍ରୀ ବେହେରାଙ୍କ ନିଷ୍ଠାପର, ସରଳ ଓ କର୍ମଠ କାର୍ଯ୍ୟଧାରା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏ ଅବସରରେ ଜିଲ୍ଲା ସଂଘ, ବ୍ଲକ ସଂଗଠନ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ଶାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନିହାରିକା ମହାନ୍ତ ସ୍ୱରଚିତ କବିତା ପାଠ କରିଥିଲେ। ପୂର୍ବତନ ଛାତ୍ର ତଥା ସମିତି ସଭ୍ୟ ସୁନୀଲ କୁମାର ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ଛାତ୍ର ଅର୍ଜୁନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମସମ୍ପାଦକ ବିକାଶ ପଣ୍ଡା, ପ୍ରଭାସ ନାୟକ, ସଭ୍ୟ ଦେବରାଜ ନାୟକ, ବିଶ୍ୱଜିତ ବିଶ୍ୱାଳ, ଚଳଚ୍ଚିତ୍ର ପ୍ରଯୋଜକ ଶୁଭେନ୍ଦୁ ସାହୁ, ପୂର୍ବତନ ସରପଞ୍ଚ ଶିବଶଙ୍କର ସିଂ, ବାହାଦୁର ମହାନ୍ତ, ରାତାଇ ମାଝୀ, ଦଶରଥ ସିଂ, ଅଜୟ ବେହେରା, ଶିବାନନ୍ଦ ବେହେରାଙ୍କ ସମେତ ବହୁ ପୂର୍ବତନ ଛାତ୍ରଛାତ୍ରୀ ଓ ଶିକ୍ଷାପ୍ରେମୀ ଉପସ୍ଥିତ ଥିଲେ।

ବନ୍ଧମୁଣ୍ଡି ସ୍କୁଲରେ ଶିକ୍ଷକଙ୍କ ବଦଳିକୁ ବିରୋଧ

ଗେଟ୍‌ରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

ରାସଗୋବିନ୍ଦପୁର,୨।୧୧(ସମିସ):

ଶିକ୍ଷକଙ୍କ ବଦଳିକୁ କେନ୍ଦ୍ର କରି ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୋମବାର ସକାଳୁ ଉତ୍ତେଜନା ଦେଖାଦେଇଥିଲା। ବଦଳି ନିଷ୍ପତ୍ତିକୁ ବିରୋଧ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଅଭିଭାବକ ମିଳିତ ଭାବେ ସକାଳ ୭ଟାରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ତେବେ ବିଇଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।



ସୂଚନା ମୁତାବକ, ସଂଜୀବ କୁମାର ସାହୁ ଦୀର୍ଘ ୬ ବର୍ଷ ଧରି ସିଆରସିସି ଓ ପରବର୍ତ୍ତୀ ସମୟରେ ଦୁଇବର୍ଷ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପ୍ରାୟ ଏକବର୍ଷ ପୂର୍ବେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିବାବେଳେ ସେ ଏହାକୁ ନେଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଦଳି ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଉକ୍ତ ନିର୍ଦ୍ଦେଶ ସତ୍ତ୍ୱେ ପୁନର୍ବାର ତାଙ୍କୁ ଅମର୍ଦ୍ଦାସ୍ଥିତ ଏକ ବିଦ୍ୟାଳୟକୁ ବଦଳି କରାଯାଇଥିବା ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଥିଲା। ଅନ୍ୟପକ୍ଷରେ ସଂଜୀବ କୁମାର ସାହୁ ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ନାମରେ ପୂର୍ବରୁ କୌଣସି ଅଭିଯୋଗ ନ ଥିବା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରକାଶ କରାଯାଇଥିଲା। କମିଟିର ଅଧ୍ୟକ୍ଷ ଗଣେଶ ଦତ୍ତ ମଧ୍ୟ ଏହି ପ୍ରସଙ୍ଗରେ ନିଜର ମତ ରଖିଥିଲେ। ବିଦ୍ୟାଳୟ ଫାଟକରେ ତାଲା ପଡ଼ିଥିବା ଖବର ପାଇ ଏବିଓ ଓ ବିଆରସିସି ବିଜୟ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅଭିଭାବକ ଓ ଛାତ୍ରଛାତ୍ରୀ ବିଇଓ ଯତୀନ୍ଦ୍ର କୁମାର ଦତ୍ତ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ଆଲୋଚନା କରିବେ ନାହିଁ ବୋଲି ଜିଦ୍ ଧରିଥିଲେ।

ବିଇଓଙ୍କ ପ୍ରତିଶ୍ରୁତି ପରେ ଓହରିଲେ

ପରେ ବିଇଓ ଯତୀନ୍ଦ୍ର କୁମାର ଦତ୍ତ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପରାମର୍ଶକ୍ରମେ ବଦଳି ପ୍ରକ୍ରିୟାର ପୁନଃନିର୍ଦ୍ଧାରଣ କରାଯାଇ ଆସନ୍ତା ନଭେମ୍ବର ୧୦ ତାରିଖ ସୁଦ୍ଧା ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରୁ ଓହରିଥିଲେ। ଫଳରେ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ସାମୟିକ ଭାବେ ପ୍ରଶମିତ ହୋଇଛି।

ହିନ୍ଦୋଳରେ ଗଜଲକ୍ଷ୍ମୀ ପୂଜା



ଖଜୁରିଅକଟା,୨ ।୧୧(ସମିସ): ହିନ୍ଦୋଳ ଉପଖଣ୍ଡରେ ଧୁମଧାମରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା । ଅକ୍ଟୋବର ୨୫ରୁ କଳସଯାତ୍ରା ଓ ପୂଜା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସାମୂହିକ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ହିନ୍ଦୋଳ ଏନଏସିରେ ୧୧ ପୂଜା ପ୍ରତିଷ୍ଠାନ ଯଥା ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର, ମେଡିକାଲ ଛକ, କଳ୍ପନାବଜାର, ମୀରାବଜାର, କାରିଗର ସାହି, ନୂତନପଟଣା ସତ୍ୟସାଇ ପୂଜାକମିଟି, ନୂତନପଟଣା ଗୋପାଳ ସାହି, ନୂତନପଟଣା ରାଧାକୃଷ୍ଣ ଲକ୍ଷ୍ମୀପୂଜା, ବନମାଳୀପୁର କ, ବନମାଳୀପୁର ଖ ପ୍ରମୁଖ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ, ସୁଶୋଭିତ ସାଜସଜ୍ଜା, ଲାଇଟ, ମୂର୍ତ୍ତି, ବିଭିନ୍ନ ସେଲ୍ଫି ପଏଣ୍ଟ ସାଙ୍ଗକୁ ମିନାବଜାର, ଦୋଳି, ଫାଷ୍ଟଫୁଡ, ମନୋହରୀ ଦୋକାନ ଆଦି ଲୋକଙ୍କୁ ଆକର୍ଷିତ କରୁଛି । ଏଥିସହ ବିଭିନ୍ନ ପୂଜାପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମଙ୍କ ମନ ମୋହୁଛି । ଏନଏସି ବ୍ୟତୀତ ହିନ୍ଦୋଳ ଉପଖଣ୍ଡର ରସୋଳ, ତେଲିଭୂଇଁ, ନାଉକିଆରୀ, ସାତମାଇଲ, ଖଜୁରିଆକଟା ଆଦି ଅନେକ ସ୍ଥାନରେ ମଧ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି । ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି ।

ସୁପ୍ରିମକୋର୍ଟ ଓ ହାଇକୋର୍ଟ ପକ୍ଷରୁ ଇ-ସେବା ମୋବାଇଲ ଭ୍ୟାନ

ଧୀରପାଟଣା ଗ୍ରାମରେ ଆଭାସୀ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ

ଢେଙ୍କାନାଳ,୨ ।୧୧(ସମିସ):

ଢେଙ୍କାନାଳ ଜିଲ୍ଲା ଧୀରପାଟଣା ଗ୍ରାମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଇ-ସେବା ମୋବାଇଲ୍ ଭ୍ୟାନ୍ ଦ୍ୱାରା ଆଭାସି ମାଧ୍ୟମରେ ସାକ୍ଷ୍ୟଗ୍ରହଣ କାରାଯାଇଛି । ଜିଲ୍ଲା ଓ ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଏହି ମୋବାଇଲ୍ ଭ୍ୟାନ୍ ଢେଙ୍କାନାଳରୁ ଧୀରପାଟଣା ଗ୍ରାମକୁ ଗସ୍ତ କରିଥିଲା । ଏହି ଅବସରରେ ଅନ୍ୟ ବିଚାରପତି ଏବଂ ଆଇନଜୀବୀ ଉପସ୍ଥିତ ଥିଲେ । ଢେଙ୍କାନାଳ ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେଙ୍ଗା ଧଳ ବିଶୋଇ ଧୀରପାଟଣା ଗ୍ରାମରେ ଏକ ଫୌଜଦାରୀ ମାମଲାରେ ୫ ଜଣ ବରିଷ୍ଠ ନାଗରିକଙ୍କ ସାକ୍ଷ୍ୟ ରେକର୍ଡ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କରିଛନ୍ତି । ଫଳରେ



ବୟସାଧିକ୍ୟ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ ଅଦାଲତକୁ ଯାତାୟାତ କରିବାରେ ସମସ୍ୟା ଭୋଗୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ନ୍ୟାୟିକ ପ୍ରକ୍ରିୟା ଅଧିକ ସୁଗମ ହୋଇପାରିଛି । ଗ୍ରାମାଞ୍ଚଳର ଲୋକେ କିପରି ସହଜରେ ଆଇନ ସହାୟତା ପାଇପାରିବେ ଏବଂ ନିଜ ନ୍ୟାୟିକ ଅଧିକାର ସମ୍ପର୍କରେ ଅବଗତ ହୋଇପାରିବେ, ସେ ନେଇ ଏହି ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ବିଭିନ୍ନ ସେବା ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି ଅବସରରେ ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ଯୋଗଦେଉଥିବା ଶ୍ରଦ୍ଧାଳୁ, ଦର୍ଶକ ଓ ସାଧାରଣ ଜନତାଙ୍କୁ ଆଇନ ସମ୍ପର୍କିତ ବିଭିନ୍ନ ବିଷୟରେ ସଚେତନ କରାଯାଉଛି । ନିଃଶୁଳ୍କ ଆଇନ ସହାୟତା, ନାଗରିକଙ୍କ ଅଧିକାର ଓ ନ୍ୟାୟ ପ୍ରାପ୍ତିର ସୁଯୋଗ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଆଇନ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଏବଂ ନ୍ୟାୟିକ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି କରିବା ଦିଗରେ ଏହି ଇ-ସେବା ମୋବାଇଲ୍ ଭ୍ୟାନ୍ ଉଲ୍ଲେଖନୀୟ ପଦକ୍ଷେପ ଭାବେ ବିବେଚିତ ହେଉଛି ।

କୃଷି କର୍ମଚାରୀ ଓ ଅଧିଦର୍ଶକମାନଙ୍କ ବୈଠକ

ଢେଙ୍କାନାଳ,୨ ।୧୧(ସମିସ): ସ୍ଥାନୀୟ ସିଦ୍ଧ ବଳରାମ ମନ୍ଦିର ପରିସରରେ ଜିଲ୍ଲାର ସମସ୍ତ ଗ୍ରାମ୍ୟ କୃଷି



କର୍ମଚାରୀ ଓ କୃଷି ଅଧିଦର୍ଶକମାନଙ୍କୁ ନେଇ ଶ୍ରୀକାନ୍ତ କୁମାର ବାହାଲିଆଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କୃଷକମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ, ବିଭାଗ ତରଫରୁ କୃଷକମାନଙ୍କୁ ଦିଆଯାଉଥିବା ତାଲିମର ସଠିକ୍ ତଥ୍ୟ ଓ ଖର୍ଚ୍ଚ ଉପସ୍ଥାପନ କରା ନ ଯିବା, କର୍ମଚାରୀଙ୍କ ଗସ୍ତଖର୍ଚ୍ଚ ସହ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ତୁରନ୍ତ ସମାଧାନ ଆଦି ବିଭିନ୍ନ ସମସ୍ୟା ଓ ଦାବି ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ସଂଘ କର୍ମକର୍ତ୍ତା ଚୟନ କରାଯାଇଛି । କୃଷି ଅଧିଦର୍ଶକ ସଂଘ ସଭାପତି ଭାବେ ଶ୍ୱେତପଦ୍ମା ମିଶ୍ର, ଉପସଭାପତି ଶ୍ରୀକାନ୍ତ ବାହାଲିଆ, ସମ୍ପାଦକ ଅମିୟ କୁମାର ରାଉତ, ସହ ସମ୍ପାଦକ ପ୍ରକାଶ ମହାପାତ୍ର, ସଙ୍ଗଠକ ସମ୍ପାଦକ ହିରଣ୍ମୟୀ ବେହେରା, କୋଷାଧ୍ୟକ୍ଷ ହିମାଂଶୁ ମହାନ୍ତି ଓ ସମୀକ୍ଷକ ଭାବେ ପ୍ରକାଶ ବେହେରା ଓ ପ୍ରଦୀପ୍ତ ଧଳଙ୍କୁ ଚୟନ କରାଯାଇଛି । ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ସଭାପତି ଭାବେ କଳ୍ପନା ମାର୍ଣ୍ଡି, ଉପସଭାପତି ଝରଣା ମୁଣ୍ଡା, ସମ୍ପାଦକ ଆଲୋକ ପାଣିଗ୍ରାହୀ, ସହସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ଯୁଗ୍ମ ସମ୍ପାଦକ ଯଶୋବନ୍ତ ଜେନା, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ରାଉତ ଓ ବେଣୁଧର ସାହୁ, ଗଣମାଧ୍ୟମ ସମ୍ପାଦକ ଅଞ୍ଜୁଲତା ଲାକ୍ରା, ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଓ ଉପଦେଷ୍ଟା ଭାବେ ଶିଶିର ସାହୁଙ୍କୁ ଚୟନ କରାଯାଇଛି । ଶେଷରେ ଶିଶିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜେନାଦେବୀ ପୂଜା ପ୍ରତିଷ୍ଠାନର ଶଙ୍ଖୁଡ଼ି ଭୋଗ

ଢେଙ୍କାନାଳ,୨ ।୧୧(ସମିସ): ଚଳିତ ବର୍ଷ ଜେନାଦେବୀ ବଜାର ପକ୍ଷରୁ ଗଜଲକ୍ଷ୍ମୀ ପୂଜା ରୌପ୍ୟଜୟନ୍ତୀ ପାଳନ ସପ୍ତମ ଦିନରେ ମା'ଙ୍କ ନିକଟରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଛି । ୧୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ଖେଚୁଡ଼ି, ଡାଲ୍ମା, ଆମ୍ବୁଲ ଖଟା, ଶାଗ ଓ ଖିରି ଆଦି ପ୍ରସାଦ ସେବନ କରିଥିଲେ । ଅଧ୍ୟକ୍ଷ ଅସିତ ରଥ, ସଭାପତି ସ୍ୱପ୍ନେଶ୍ୱର ସ୍ୱାଇଁ, ସ୍ମରଣିକା ସମ୍ପାଦକ ବସନ୍ତ ବେହେରା, ସମ୍ପାଦକ ସତ୍ୟାନନ୍ଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ ।



ଧୁମଧାମରେ ମା'ଙ୍କ ଭସାଣି ଯାତ୍ରା ସମ୍ପନ୍ନ

- ଢୋଲବାଦ୍ୟରେ କମ୍ପିଲା ଭୁବନ

ଭୁବନ,୨ ।୧୧(ସମିସ): ଭୁବନ ସହର ନୂଆବଜାର, ବଡ଼ହାଟ, ଅରବିନ୍ଦ ମାର୍ଗ, ରଘୁନାଥ ମଣ୍ଡପ ଓ ଲକ୍ଷ୍ମୀ ଛକ ସମେତ ବିଭିନ୍ନ ମଣ୍ଡପ ପକ୍ଷରୁ ମା'ଙ୍କ ଭସାଣି ଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି । ନୂଆବଜାର ମହାଲକ୍ଷ୍ମୀଙ୍କ ତରଫରୁ କୋଲକାତା ଓ ନଦିଆରୁ ଆସିଥିବା ବିଭିନ୍ନ ନୃତ୍ୟ ଓ ଢୋଲ ବାଦ୍ୟ ପରିବେଷଣ ଉତ୍ସବକୁ ଆକର୍ଷଣୀୟ କରିଥିଲା । ଢୋଲ ବାଦ୍ୟର ତାଳେ ତାଳେ ଭୁବନ ସହର ଉତ୍ସବମୁଖର ହୋଇଉଠିଥିଲା । ବଡ଼ହାଟର ଟ୍ରେନ୍, ମାଙ୍କଡ଼ ନୃତ୍ୟ, ଦ୍ରୌପଦୀ ବସ୍ତ୍ରହରଣ ଓ କମେଡି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ସୁସଜ୍ଜିତ ସବାରିରେ ମା' କାଳୁଣୀ ଠାକୁରାଣୀଙ୍କ ବିଜେ ଶୋଭାଯାତ୍ରା ଢୋଲ ବାଦ୍ୟର ତାଳେ ତାଳେ ବିଭିନ୍ନ ସାହି ପରିକ୍ରମା କରିଥିଲା । ପରିକ୍ରମା ସମାପ୍ତ ହେବା ପରେ ପୁଷ୍କରିଣୀରେ ମା'ଙ୍କୁ ମେଲଣି ଦିଆଯାଇଛି ।

ଆଖୁଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର

କାମାକ୍ଷାନଗର,୨ ।୧୧(ସମିସ): ରାଜ୍ୟର ଆଖୁଚାଷୀଙ୍କ ସମସ୍ୟା ସମାଧାନ ଓ ଚାଷକୁ ଅଧିକ ଲାଭଜନକ କରିବା ଦାବି ଉଠାଇଛି ଓଡ଼ିଶା ଆଖୁଚାଷୀ ମହାସଂଘ । ମହାସଂଘ ପକ୍ଷରୁ ଏ

- ଟିଏମ୍‌ଏସଡି ଯୋଜନାର ସୁଫଳ ମିଳୁନି
- ସହାୟତା ଓ ସବସିଡି ପ୍ରଦାନ ଦାବି



ନେଇ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଖୁଚାଷୀଙ୍କ ପାଇଁ ସରକାରଙ୍କ ଟେକ୍ନୋଲୋଜି ମିଶନ ଅନ୍ ସୁଗାରକେନ୍ ଡେଭଲପମେଣ୍ଟ (ଟିଏମ୍‌ଏସଡି) ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନା ମାଧ୍ୟମରେ ଆଖୁଚାଷର ଆଧୁନିକୀକରଣ, ଉନ୍ନତ ଚାଷ ପ୍ରଣାଳୀ ଓ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥା ଥିଲେ ମଧ ଏହାର ସୁଫଳ ସମସ୍ତ ଚାଷୀଙ୍କ ନିକଟରେ ପହଞ୍ଚୁ ନ ଥିବା ମହାସଂଘ ଅଭିଯୋଗ କରିଛି । ସେହିପରି ଆଖୁଚାଷ ପାଇଁ ବିଭିନ୍ନ କୃଷି ସାମଗ୍ରୀ ଓ ଚାଷ ପଦ୍ଧତି ନିମନ୍ତେ ସରକାରୀ ସବସିଡି ପ୍ରଦାନ, ଉନ୍ନତମାନର ବିହନ ଓ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବାକୁ ଦାବି କରାଯାଇଛି । ଏଥିସହ ଚାଷୀଙ୍କୁ ମିଳିବାକୁ ଥିବା ସହାୟତା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରିବାକୁ ମହାସଂଘ ପ୍ରସ୍ତାବ ଦେଇଛି । ଆଖୁଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ଆଖୁଚାଷର ପରିମାଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବାକୁ ମହାସଂଘ ତରଫରୁ ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।



ଦୁର୍ଗାବଜାର ଗଜଲକ୍ଷ୍ମୀ ପୂଜାରେ ଯୋଗଦେଲେ ମହମ୍ମଦ ମୋକିମ୍

ଢେଙ୍କାନାଳ,୨ ।୧୧(ସମିସ): ଢେଙ୍କାନାଳ ସହର ଦୁର୍ଗାବଜାର ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନରେ ପୂର୍ବତନ ବିଧାୟକ ତଥା ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମ୍ ଯୋଗଦେଇ ପୂଜାର୍ଚ୍ଚନା କରିଛନ୍ତି । କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରିବା ସହ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ପରେ ମୋକିମ ଢେଙ୍କାନାଳର ସମସ୍ତ ପୂଜାମଣ୍ଡପ ବୁଲି ଦର୍ଶନ କରିଥିଲେ । ଓଡ଼ିଶା ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଦେଖିବା ପାଇଁ ରାଜ୍ୟର ବହୁ ଅଞ୍ଚଳ ତଥା ରାଜ୍ୟ ବାହାରୁ ମଧ ଦର୍ଶକଙ୍କ ସମାଗମ ହୋଇଥାଏ । ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ପୂଜା ସମ୍ପନ୍ନ ନେଇ ସେ ମା'ଙ୍କ ନିକଟରେ ପ୍ରାର୍ଥନା କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । ସଭାପତି ପ୍ରକାଶ ମହାନ୍ତି, ସମ୍ପାଦକ ପ୍ରଶାନ୍ତ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଗାଈ ଚୋରି ଅଭିଯୋଗରେ ଜଣେ ଗିରଫ

ଗଁଦିଆ,୨ ।୧୧(ସମିସ): ଗଁଦିଆ ଥାନା ସନ୍ଥପୁର ଅଞ୍ଚଳରୁ ଗାଈ ଚୋରିକରି ନେଉଥିବା ସମୟରେ ରାସ୍ତାରେ ପୁଲିସ ହାବୁଡ଼ରେ ପଡ଼ି ଗିରଫ ହୋଇଛି ଅଭିଯୁକ୍ତ । ପୁଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ବଇରୀ ଥାନା ପଦଲାପୁର ଗ୍ରାମର ମଧୁ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ନିକଟସ୍ଥ ଗୋପାଳପୁର ଗ୍ରାମର ମାନସ ସାହୁ ଗଁଦିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଦିନରେ ବୁଲାବୁଲି କରି ସୁବିଧା ଦେଖି ରାତିରେ ଗାଈ ଚୋରି କରି ବଇରୀ ଅଞ୍ଚଳରେ ବିକ୍ରି କରୁଥିଲେ । ଗତ ମାସ ୩୦ ତାରିଖ ରାତିରେ ମାନସ ଏକ ଡାଲା ଅଟୋରେ ୪ଟି ମାଈ ବାଛୁରୀ ଚୋରି କରି ନେଉଥିବା ସମୟରେ ପାଟ୍ରୋଲିଂ କରୁଥିବା ଗନ୍ଦିଆ ପୁଲିସ ମଠତେନ୍ତୁଳିଆ ଛକରେ ରାତି ପ୍ରାୟ ୩ଟାରେ ଉକ୍ତ ଗାଡ଼ିକୁ ସନ୍ଦେହରେ ଅଟକ ରଖିଥିଲେ । ପରେ ଥାନା ଏସଆଇ ଦିଲୀପ କୁମାର ସାହୁ ଗାଡ଼ି କାଗଜପତ୍ର ଯାଞ୍ଚ କରିବାରୁ ବେଆଇନ ଭାବେ ଅତି ଦୟନୀୟ ଭାବେ ଏହି ବାଛୁରୀଗୁଡ଼ିକୁ ନେଉଥିବା ଜଣାପଡ଼ିଥିଲା । ପୁଲିସ ଗାଡ଼ି ଜବତ କରିବା ସହ ମାନସଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ସବୁ ସତ ମାନିଯାଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ମାନସଙ୍କୁ କୋର୍ଟ ଚାଲାଣ କରିଛି । ଉଦ୍ଧାର ବାଛୁରୀଗୁଡ଼ିକୁ ପ୍ରାଥମିକ ଚିକିତ୍ସା ପରେ ବିରାଡ଼ିଆ ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଛି । ମୁଖ୍ୟ ଅଭିଯୁକ୍ତ ମଧୁ ସ୍ୱାଇଁ ଫେରାର ହୋଇଯାଇଛନ୍ତି । ତାଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିଥିବା ପୁଲିସ କହିଛି ।

ଓଡ଼ାପଡ଼ାରେ ସ୍ଥାପନ ହେବ ସିଭିଲ ଜଜ୍ କୋର୍ଟ

ଢେଙ୍କାନାଳ,୨ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକରେ ନୂତନ ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ତରଫରୁ ଜଣାପଡ଼ିଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପତ୍ରସଂଖ୍ୟା ୧୬୪୪୯/୩୦.୧୦.୨୦୨୬ ଅନୁସାରେ ରାଜ୍ୟର ୧୮ ସ୍ଥାନରେ ନୂତନ ସିଭିଲ ଜଜ କୋର୍ଟ ଜୁନିୟର ଡିଭିଜନ ତଥା ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଜିଲ୍ଲା ତଥା ସେସନ୍ସ ଜଜଙ୍କ ନିକଟକୁ ପତ୍ର ଦିଆଯାଇଛି । ଆସନ୍ତା ୬ ତାରିଖ ସୁଦ୍ଧା କୋର୍ଟ ସ୍ଥାପନ ପାଇଁ କୋର୍ଟ ହଲ, ସାକ୍ଷ୍ୟଗ୍ରହଣ ସ୍ଥାନ, ଅଭିଯୁକ୍ତଙ୍କ ସ୍ଥାନ, ମହିଳା ଏବଂ ପୁରୁଷଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ, ପ୍ରିଜାଇଡିଂ ଅଫିସରଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ସହ କୋର୍ଟ ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ାପଡ଼ା ବ୍ଲକରେ କୋର୍ଟ ହେଲେ ବହୁ ଜନସାଧାରଣ ଏହାର ସୁବିଧା ପାଇପାରିବେ ।

ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶିବିର



ଢେଙ୍କାନାଳ,୨ ।୧୧(ସମିସ): ଛାତ୍ରୀମାନଙ୍କ ମଧ୍ୟରେ ସାମାଜିକ ସଚେତନତା, ଗୋଷ୍ଠୀ ଉନ୍ନୟନ ଏବଂ ସେବା ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ବିଦ୍ୟାଳୟ ପରିସରରେ ୭ଦିନିଆ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଛି । ଶିବିରର ଷଷ୍ଠ ଦିନ କାର୍ଯ୍ୟକ୍ରମ ପ୍ରାତଃକାଳୀନ ପ୍ରାର୍ଥନା ସଭା, ଯୋଗ ଓ ବ୍ୟାୟାମରୁ ଆରମ୍ଭ ହୋଇଥିଲା । ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ । ସକାଳ ୯ଟା ସୁଦ୍ଧା ଛାତ୍ରୀମାନଙ୍କ ପଞ୍ଜୀକରଣ କାର୍ଯ୍ୟ ସମ୍ପନ୍ନ ପରେ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା "ବାଲ୍ୟବିବାହ ସଚେତନତା' ଶୀର୍ଷକ ଏକ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ । ଏଥିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଛାତ୍ରୀମାନେ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ପଙ୍କଜ ବାରିକ ସ୍ୱେଚ୍ଛାସେବୀଙ୍କୁ ଶିବିରର ଉଦ୍ଦେଶ୍ୟ, ବିଭିନ୍ନ କାର୍ଯ୍ୟକଳାପ ଏବଂ ଦୈନନ୍ଦିନ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ । ପରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଅଭିଯାନରେ ଭାଗ ନେଇଥିଲେ । "ସାଇବର ଅପରାଧ ସଚେତନତା' ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ ।


ଇକାର୍ଡା ଦ୍ୱାରା ହରଡ଼ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ



ଢେଙ୍କାନାଳ,୨ ।୧୧(ସମିସ): ଶଙ୍କରପୁର ଗ୍ରାମରେ "ଇକାର୍ଡା' ସଂସ୍ଥା ଦ୍ୱାରା ହରଡ଼ କ୍ଷେତ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଇକାର୍ଡାର ଦକ୍ଷିଣ ଏସିଆ ଓ ଚୀନ୍ ପାଇଁ ଆଞ୍ଚଳିକ ସଂଯୋଜକ ଡ. ଶିବ କୁମାର ଅଗ୍ରୱାଲ, ଓଡ଼ିଶା ମୁଖ୍ୟ ଡ. କିଶୋର ବେହେରା, "ଓସୱା' ଅନୁଷ୍ଠାନର ପରାମର୍ଶଦାତା ସତ୍ୟନାରାୟଣ ମିଶ୍ର, ଜିଲ୍ଲା ସଂଯୋଜକ ଆଶିଷ କୁମାର ଜେନା ଏବଂ ବ୍ଲକ୍ ସଂଯୋଜକ ଆଶୀର୍ବାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶଙ୍କରପୁର ଗ୍ରାମର ୨୫ ଚାଷୀଙ୍କ ଦ୍ୱାରା ପ୍ରାୟ ୨୦ ହେକ୍ଟର ଜମିରେ ଏଲଆର୍‌ଜି-୧୩୩-୩୩ କିସମ ଧାଡ଼ି ରୋପଣ ପ୍ରଣାଳୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାର, ଇକାର୍ଡା ଓ ଓସୱାର ମିଳିତ ସହଯୋଗରେ ହରଡ଼ ଚାଷ କରାଯାଇଛି । ଡ. ଅଗ୍ରୱାଲ କ୍ଷେତ୍ର ପରିଦର୍ଶନ କରିବା ସହ ଫସଲର ସଠିକ୍ ଯତ୍ନ, ଅନ୍ତ ଚାଷ ଏବଂ ଅଧିକ ଅମଳ ପାଇବା ସମ୍ବନ୍ଧରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ଅମଳ ପରେ ଉତ୍ପାଦର ସଠିକ୍ ବଜାରୀକରଣ ମାଧ୍ୟମରେ କିପରି ଉଚିତ୍ ମୂଲ୍ୟ ମିଳିପାରିବ, ସେ ବିଷୟରେ ପରାମର୍ଶ ଦେଇଥିଲେ । ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ କୃଷକଙ୍କ ସହଯୋଗରେ ସଫଳ ହୋଇଥିବା ଏହି ହରଡ଼ ଚାଷକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

ପଡ଼ାତିରା ପଞ୍ଚାୟତକୁ ଶିଶୁଶ୍ରମିକମୁକ୍ତ ଘୋଷଣା

କାମାକ୍ଷାନଗର,୨ ।୧୧(ସମିସ):



କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ପଞ୍ଚାୟତକୁ ଶିଶୁ ଶ୍ରମିକମୁକ୍ତ ଘୋଷଣା କରାଯାଇଛି । ସରପଞ୍ଚ କରୁଣାକର ସାହୁଙ୍କ ନେତୃତ୍ୱ ଓ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ସହଯୋଗରେ ପଞ୍ଚାୟତର ମହିଳା ଓ ପୁରୁଷମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ଶିଶୁ ଶ୍ରମିକମୁକ୍ତ ଅଭିଯାନ ମାଧ୍ୟମରେ ଗାଁ ମାନଙ୍କରେ ସଚେତନତା କରିଥିଲେ । ଗାଁ ପରିକ୍ରମା ସାରି ପଡ଼ାତିରା ପୁରୁଣା ଆଇଟିଆଇ ନିକଟରେ ପହଞ୍ଚିଥିଲେ । ସେଠାରେ ସରପଞ୍ଚ କରୁଣାକର ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ପଡ଼ାତିରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ନାୟକ ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ତଥା କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ମୁଖ୍ୟବକ୍ତା, ଦଶୀପୁର ସରପଞ୍ଚ ସୁଧୀର ପାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ସିଆରସିସି ହୃଷୀକେଶ ବେହେରା, ପଡ଼ାତିରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିମୟୀ ପ୍ରଧାନ, ପଡ଼ାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଷ୍ଣୁସେନ ସିଂହ, ପଡ଼ାତିରା ସିଆରସିସି ଦୁଷ୍ମନ୍ତ କୁମାର ଦେହୁରୀ, ଟିଏସ୍‌ଏଫ୍‌ର ପ୍ରୋଜେକ୍ଟ ଅଫିସର ଟି ଶିଭରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁଶ୍ରମ ପ୍ରଥା କିଭଳି ସମାଜରୁ ମୁକ୍ତ ହୋଇପାରିବ ସେ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ବାହାରେ ଥିବା ୪୪ ଶିଶୁଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିବା ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ପଞ୍ଚାୟତର ବୁଦ୍ଧିଜୀବୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଟିଏସ୍‌ଏଫ୍ କର୍ମଚାରୀଙ୍କ ଦ୍ୱାରା ଶିଶୁ ଶ୍ରମିକମୁକ୍ତ ଅଭିଯାନ ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଟିଏସ୍‌ଏଫ୍ କର୍ମଚାରୀ ଲଲାଟେନ୍ଦୁ ମହାନ୍ତ, ଲୀଳାବତୀ ଜ୍ୟୋତିଷ ମଞ୍ଚ ପରିଚାଳନା କରିଥିଲେ । ଟିଏସ୍‌ଏଫ୍‌ର ବ୍ଲକ କୋଅର୍ଡିନେଟର ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଟିଏସ୍‌ଏଫ୍‌ର ନଗେନ କୁମାର ସ୍ୱାଇଁ, ହରପ୍ରସାଦ ମହାନ୍ତ, ଲଲାଟେନ୍ଦୁ ମହାନ୍ତ, ଚଗଲା ସାହୁ, ଅର୍ଚ୍ଚନା ବେହେରା, ଲଜୀ ସାହୁ, ତ୍ରୈଲୋକ୍ୟ ସାହୁ, ପିଙ୍କୁ ସାହୁ, ଏଲିନା ସାମଲ, ରାଜେନ୍ଦ୍ର ସାହୁ, ନମିତା ସାହୁ, ଦେବଶ୍ମିନୀ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

୮ ଫୁଟ ଲମ୍ବ ଅଜଗର ଉଦ୍ଧାର



ଭୁବନ,୨ ।୧୧(ସମିସ): ଭୁବନ ବ୍ଲକ ବର୍ଣ୍ଣାଳୀ ଗ୍ରାମରୁ ୮ ଫୁଟ ଲମ୍ବ ଅଜଗର ଉଦ୍ଧାର କରାଯାଇଛି । ସାପଟି କେନାଲ ଅଞ୍ଚଳରେ ମାଛ ଧରାଳିଙ୍କ ଜାଲରେ ପଡ଼ିଯାଇଥିଲା । ସୂଚନା ପାଇ ସ୍ନେକ୍ ହେଲ୍ପଲାଇନ୍‌ର ସାପ ଉଦ୍ଧାରକାରୀ ଯଜ୍ଞଦତ୍ତ ସାହୁ ପହଞ୍ଚି ସାପ ଉଦ୍ଧାର କରି ଭୁବନ ବନ ବିଭାଗକୁ ହସ୍ତାନ୍ତର କରିଥିଲେ । ବନ ବିଭାଗ ଓ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ସହଯୋଗରେ ସାପକୁ ସୁରକ୍ଷିତ ଭାବେ ବନଚଣ୍ଡୀ ନିକଟ ଭରତୀ ପାହାଡ଼ ଜଙ୍ଗଲରେ ଛଡ଼ାଯାଇଛି ।

ଲାଲଟୁ ହତ୍ୟା ମାମଲା; ୨ ଜଣଙ୍କୁ ଆଜୀବନ କାରାଦଣ୍ଡ

ପ୍ରମାଣ ନଷ୍ଟ ପାଇଁ ଅଣ୍ଟାରେ ପଥର ବାନ୍ଧି କୂଅକୁ ଫିଙ୍ଗିଥିଲେ ଶବ

ରାଉରକେଲା, ୨।୧୧(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ଥାନା ଅଧୀନରେ ୨୦୧୭ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ସୋମବାର ରାଉରକେଲା କୋର୍ଟ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଝାଡ଼ଖଣ୍ଡର ବାସିନ୍ଦା ଲାଲଟୁ ଗୋପ ଏକ ବିବାହ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେବାକୁ ଓଡ଼ିଶା ଆସିଥିଲେ। ବିଶ୍ରା ଥାନା ଅନ୍ତର୍ଗତ ବଡ଼ଯୋଯୋଦା ଗ୍ରାମରେ ରହଣି ସମୟରେ ଜଣେ ବିବାହିତା ମହିଳାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

ମହିଳାଙ୍କ ସ୍ୱାମୀ ଜୋହରନ ବଡ଼ାଇକ ଉଭୟଙ୍କୁ ଏକାଠି ଦେଖି ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ପରବର୍ତ୍ତୀ ସମୟରେ ଯୋଗେଶ୍ୱର ସାହୁଙ୍କ ସହ ମିଶି ଲାଲଟୁଙ୍କୁ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ମୃତକଙ୍କ ଅଣ୍ଟାରେ ପଥର ବାନ୍ଧି ଶବକୁ ଏକ କୂଅରେ ଫିଙ୍ଗି ଦେଇଥିଲେ। ମାତ୍ର କିଛି ଦିନ ପରେ ଶବଟି ଭାସି ଉଠିବାରୁ କୂଅରୁ ଉଦ୍ଧାର କରାଯାଇଥିଲା ଏବଂ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା।

ବିଶ୍ରା ଥାନା ପୁଲିସ ମହିଳାଙ୍କ ସ୍ୱାମୀ ଜୋହରନ ବଡ଼ାଇକ ଓ ଯୋଗେଶ୍ୱର ସାହୁଙ୍କୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସୋମବାର ରାଉରକେଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍-୧ ମୁକ୍ତିରଞ୍ଜନ ଶତପଥୀ ମାମଲାର ବିଚାର କରି ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅଦାଲତ ଉଭୟଙ୍କୁ ଆଜୀବନ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅମ୍ବିକା ପ୍ରସାଦ ସିଂହ ଏବଂ ରବି ଶଙ୍କର ମିଶ୍ର ମାମଲା ପରିଚାଳନା କରୁଥିଲେ।

୧୨ ଜ୍ୟୋତିର୍ଲିଙ୍ଗ, ୪ ଧାମରୁ ସାଇକଲ ଯାତ୍ରା ସାରି ଫେରିଲେ ଛବିରାଜ



ଲହୁଣୀପଡ଼ା, ୨।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ଗ୍ରାମର ଛବିରାଜ ମାହାନ୍ତ ୧୨ ଜ୍ୟୋତିର୍ଲିଙ୍ଗ, ୪ ଧାମ ସହ ଲେହ-ଲଦାଖରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକଲ ଯାତ୍ରା ସାରି ଗ୍ରାମକୁ ଫେରିଛନ୍ତି। ଛବିରାଜ ଗତ ମାର୍ଚ୍ଚ ୧୫ରୁ ନିଜସ୍ୱ ଗ୍ରାମ ରାଜାମୁଣ୍ଡାରୁ ସାଇକଲ ଯାତ୍ରା ଆରମ୍ଭ କରି ସୋମନାଥ, ମଲ୍ଲିକାର୍ଜୁନ, ମହାକାଳେଶ୍ୱର, ଓମ୍କାରେଶ୍ୱର, କେଦାରନାଥ, ଭୀମଶଙ୍କର, କାଶୀ ବିଶ୍ୱନାଥ, ତ୍ରିୟମ୍ବକେଶ୍ୱର, ବଦ୍ରୀନାଥ, ଗ୍ରୀନେଶ୍ୱର, ରାମେଶ୍ୱର, ନାଗେଶ୍ୱର ଭଳି ୧୨ ଜ୍ୟୋତିର୍ଲିଙ୍ଗ ଏବଂ ରାମେଶ୍ୱରମ, ଦ୍ୱାରିକା, ବଦ୍ରିନାଥ ଓ ଜଗନ୍ନାଥ ଭଳି ୪ ଧାମ ସହ ଲେହ-ଲଦାଖରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରି ଫେରିଛନ୍ତି। ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଛକରେ ଏକାଠି ହୋଇ ନୂତନ ବସ୍ତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଛକରୁ ଘର ପର୍ଯ୍ୟନ୍ତ ଭଜନକୀର୍ତ୍ତନ କରି ବିଭିନ୍ନ ନାରା ଦେଇ ପାଛୋଟି ନେଇଥିଲେ।

କୁଆଁରମୁଣ୍ଡାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଉରକେଲା, ୨।୧୧(ସମିସ): କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୩୪ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୨୦ ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୩ ଜଣ ଆବେଦନ କରିଥିଲେ। ରାଉରକେଲା ଡିଏଫ୍‌ଓ ରବିକାନ୍ତ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କୁଆଁରମୁଣ୍ଡା ବିଡିଓ ଡା ଜଗଦୀଶ ଚନ୍ଦ୍ର ମହାନନ୍ଦ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ଥିଲେ।

ଆଦିବାସୀ ଯୁବକଙ୍କୁ ଆକ୍ରମଣ ପ୍ରତିବାଦରେ ଥାନା ଘେରଉ; ରାସ୍ତାରୋକ

କୋଇଡା, ୨।୧୧(ସମିସ): ଆଦିବାସୀ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନାରେ ଉତ୍ତେଜନା ଦେଇଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ

ବଣାଇଁ ବିଧାୟକଙ୍କ ନେତୃତ୍ୱରେ ଆଦିବାସୀଙ୍କ ପ୍ରତିବାଦ, ପୁଲିସ ସହ ଠେଲାପେଲା



ବଣାଇଁ ବିଧାୟକଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଥାନା ଘେରାଉ କରିବା ସହ ୫୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମର ପାତୁ ମୁଣ୍ଡା କିଛି ଗୋରୁ ନେଇ ଘରକୁ ଫେରୁଥିବା ବେଳେ ଗୋରକ୍ଷକ ନାମରେ କିଛି ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତ ପାତୁଙ୍କୁ ପ୍ରଥମେ କେ. ବଲାଙ୍ଗ ଡାକ୍ତରଖାନାରେ ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ଚିକିତ୍ସା ଚାଲିଛି।

ତେବେ ଘଟଣାର ଦୁଇ ଦିନ ପରେ ମଧ୍ୟ ଅଭିଯୁକ୍ତମାନେ ଗିରଫ ହୋଇ ନ ଥିବାରୁ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଦସ୍ୟା, ବହୁ ସରପଞ୍ଚ ସମେତ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଧନୁତୀର ସହ ପ୍ରଥମେ କେ. ବଲାଙ୍ଗ ଥାନା ଘେରାଉ କରିଥିଲେ। ଏହି ସମୟରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ଉତ୍ୟକ୍ତ ଆନ୍ଦୋଳନକାରୀ ୫୨୦ ନମ୍ବର ଜାତୀୟ ରାଜପଥ ଉପରେ ଧାରଣାରେ ବସି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବଣାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହୃଷୀକେଶ ନାଏକ, ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ଥାନା ଅଧିକାରୀ ବିକ୍ଷୋଭକାରୀଙ୍କୁ ବୁଝାସୁଝା ସହିତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ସୂଚନାଥାଉକି କେବଲାଙ୍ଗ ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଛି।

ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟିତ

ଓଡ଼ିଶୀ, ବୋଡୋ ଓ ଆଦିବାସୀ ନୃତ୍ୟରେ ଦର୍ଶକ ବିମୋହିତ

ରାଉରକେଲା, ୨।୧୧(ସମିସ): '୨୯ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୬' ରବିବାର ରାଉରକେଲାର ଭଞ୍ଜ ଭବନ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟପ୍ରତି ଅତୁଳନୀୟ ଯୋଗଦାନ ଦେଇଥିବା କାଳଜୟୀ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ନିମନ୍ତେ ଏହି ଉତ୍ସବର ୨୯ତମ ସଂସ୍କରଣକୁ ଉତ୍ସର୍ଗ କରାଯାଇଛି।



ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦୀପିକା ମହିଳା ସଂଘତିର ସଭାନେତ୍ରୀ ନମ୍ରତା ବର୍ମା ଏବଂ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ତଥା ଭଞ୍ଜ କଳା କେନ୍ଦ୍ରର ମୁଖ୍ୟ ପୃଷ୍ଠପୋଷକ ସୁଦୀପ ପାଲ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଟ୍ରଷ୍ଟିବୃନ୍ଦ ଏବଂ ଆରଏସପିର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଣାମ ଜଣାଇବା ସହ ବୈଦିକ ଶ୍ଳୋକ ପାଠ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଭଞ୍ଜ କଳା କେନ୍ଦ୍ରର ଯୁବ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ଦ୍ୱାରା ନୃତ୍ୟ ସଂରଚିତ ଏବଂ ଗୁରୁ ନୀଳାଦ୍ରି ମୋହନ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଆରଏସପିର ମୁଖ୍ୟ ମହାପ୍ରବନ୍ଧକ (ରକ୍ଷଣାବେକ୍ଷଣ) ତଥା ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟ ଚୌଧୁରୀ, କେନ୍ଦ୍ରର ଉପସଭାପତି ଅଲୋକ କୁମାର ବେହେରା ଏବଂ ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସଂଯୋଜନା କରିଥିଲେ। ଆରଏସପିର ଉପପ୍ରବନ୍ଧକ (ଏସ.ଏମ.ଏସ -୨) ଶଶାଙ୍କ ଶେଖର ପଟ୍ଟନାୟକ ସନ୍ଧ୍ୟାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ନିବେଶ ଦ୍ୱିଗୁଣିତ ପ୍ରଲୋଭନ ଦେଖାଇ ୧୮ .୪୦ ଲକ୍ଷ ଟଙ୍କା ଠକେଇ

ରାଉରକେଲାରୁ ମୁଖ୍ୟ ଅଭିଯୁକ୍ତକୁ ଧରିଲା ମୁମ୍ବାଇ ପୁଲିସ

ରାଉରକେଲା, ୨।୧୧(ସମିସ): ନିଧି କମ୍ପାନୀରେ ନିବେଶ କଲେ ମାତ୍ର ୨୦ ମାସ ମଧ୍ୟରେ ଅର୍ଥ ଦ୍ୱିଗୁଣିତ ହେବ ବୋଲି ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ୧୮ ଲକ୍ଷ ୪୦ ହଜାର ଟଙ୍କା ଠକେଇ ଘଟଣାରେ ଛେଣ୍ଡ ଥାନା ପୁଲିସ ସହାୟତାରେ ମୁମ୍ବାଇ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ମୁଜାଫରପୁର ଜିଲ୍ଲା ଅନ୍ତର୍ଗତ ଅହିୟାପୁର ଥାନା ଅଧୀନ ଶେଖପୁର ଅଖାଡ଼ା ଘାଟ ଅଞ୍ଚଳର ଭଗବାନ ପ୍ରସାଦ ସିଂହଙ୍କ ପୁତ୍ର ସନ୍ତୋଷ କୁମାର (୩୯)। ଗିରଫ ପରେ ସନ୍ତୋଷଙ୍କୁ ରାଉରକେଲା ଏସ୍‌ଡିଜେଏମ୍ ଅଦାଲତରେ ହାଜର କରାଯାଇଛି।

ଅଭିଯୋଗ ଅନୁଯାୟୀ, ବିହାରର ଅହିୟାପୁର ଥାନା ଅଞ୍ଚଳର ସନ୍ତୋଷ କୁମାର ଗୋରଗେଟ୍ସ ମ୍ୟୁଚୁଆଲ ବେନିଫିଟ୍ସ ନିଧି ଲିମିଟେଡ୍ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ଖୋଲି ଏହି ସଂସ୍ଥାରେ ଅର୍ଥ ନିବେଶ କଲେ ମାତ୍ର ୨୦ ମାସ ମଧ୍ୟରେ ଅର୍ଥ ଦ୍ୱିଗୁଣିତ ହେବ ବୋଲି ପ୍ରଲୋଭନ ଦେଖାଇଥିଲେ। ମହମ୍ମଦ ଫାରୁକ୍ ଚାନେ ମାନିହାର ନାମକ ଜଣେ ଜମାକାରୀ ୨୦୧୯ ନଭେମ୍ବରରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ମୋଟ ୧୮ ଲକ୍ଷ ୪୦ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ପରେ



ନିବେଶ ରାଶି ଦ୍ୱିଗୁଣିତ ହେବା ତ ଦୂରର କଥା, ମୂଳଧନ ମଧ୍ୟ ଫେରସ୍ତ ମିଳିନଥିଲା। ପୁଲିସର ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ବିଭିନ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ନିବେଶକଙ୍କ ଠାରୁ ଟଙ୍କା ଗ୍ରହଣ କରିବା ପରେ ଅନ୍ୟ ଖାତାକୁ ସ୍ଥାନାନ୍ତର କରିଥିଲେ। ଟଙ୍କା ଫେରସ୍ତ ନ ପାଇବାରୁ ମୁମ୍ବାଇର କାନ୍ଦିଭାଲି (ପଶ୍ଚିମ) ଥାନାରେ ମହମ୍ମଦ ଫାରୁକ୍ ଚାନେ ମାନିହାର ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ସନ୍ତୋଷ କୁମାରଙ୍କ ବିରୋଧରେ ଏକ ଠକେଇ ମାମଲା ରୁଜୁ କରିଥିଲା। ଏହାପରେ ସନ୍ତୋଷ ରାଉରକେଲା ଚାଲି ଆସି ଛେଣ୍ଡ ଥାନା ଅଞ୍ଚଳରେ ଲୁଚି ରହିଥିଲେ। କାନ୍ଦିଭାଲି ଥାନାର ଏସ୍‌ଆଇ ରବୀନ୍ଦ୍ର ଚଉନଙ୍କ ନେତୃତ୍ୱରେ ମୁମ୍ବାଇ ପୁଲିସର ଏକ ଟିମ୍ ଆଜି ରାଉରକେଲା ଆସିଥିଲା। ଏସପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍‌କୁ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ, ରାଉରକେଲାର ଛେଣ୍ଡ ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ସହଯୋଗ କରିଥିଲେ। ଛେଣ୍ଡ ପୁଲିସ ଚଢ଼ଉ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରି ମୁମ୍ବାଇ ପୁଲିସକୁ ହସ୍ତାନ୍ତର କରିଥିଲା। ଏହାପରେ ଅଭିଯୁକ୍ତ ସନ୍ତୋଷଙ୍କୁ ରାଉରକେଲା ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା।

ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇଁ ରେଳ ଲାଇନ ସଂଯୋଗକୁ ବିରୋଧ

ବରକାନୀରେ ଉତ୍ତେଜନା; ୪୩ ଗ୍ରାମବାସୀ ଅଟକ

ରାଉରକେଲା, ୨।୧୧ (ସମିସ): ରାଉରକେଲା ଇସ୍ପାତ କାରଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ଡୁମେରତା ପର୍ଯ୍ୟନ୍ତ ରେଳ ଲାଇନ ସଂଯୋଗ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହି ପ୍ରକଳ୍ପକୁ ସ୍ଥାନୀୟ ଗ୍ରାମବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରକାନୀ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଘଟଣାସ୍ଥଳରୁ ପୁଲିସ ୪୩ ଜଣ ଗ୍ରାମବାସୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଫଳରେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ରେଳ ପ୍ରକଳ୍ପକୁ ସ୍ଥାନୀୟ ଆଦିବାସୀଙ୍କ ବିରୋଧ ଯୋଗୁଁ ପରିସ୍ଥିତି ଏବେ ବି ଉତ୍ତେଜନାପୂର୍ଣ୍ଣ ରହିଛି।

ପ୍ରଶାସନ ଶୁଣିଲାନି: ରାସ୍ତା କଲେ ଗ୍ରାମବାସୀ



ରାଉରକେଲା, ୨।୧୧(ସମିସ): ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ଜଣାଇ ନିରାଶ ହେବା ପରେ ଶେଷରେ ଗ୍ରାମର ଲୋକେ ଏକଜୁଟ ହୋଇ ସାମୂହିକ ଉଦ୍ୟମ ଓ ଶ୍ରମଦାନ ଜରିଆରେ ଏକ ଚଳନକ୍ଷମ ରାସ୍ତା ନିର୍ମାଣ କରିଛନ୍ତି। ଘଟଣାଟି ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଳବାହାଳୀ ଗ୍ରାମ ପଞ୍ଚାୟତର ନଦୀଡିହି ଗ୍ରାମରେ।

୪ କିଲୋମିଟର ପଥୁରିଆ ରାସ୍ତାରେ ଯାତାୟାତ ହେଉଥିଲା ଦୁର୍ବିସହ

ଗାଁକୁ ସଂଯୋଗ କରୁଥିବା ପ୍ରାୟ ୪ କିଲୋମିଟର ଲମ୍ବ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିଲା। ପଥୁରିଆ ଓ ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ଚାଲି କରି ଯିବା ବି କଷ୍ଟକର ହେଉଥିବା ବେଳେ ସାଇକଲ କିମ୍ବା ବାଇକ୍‌ରେ ଯାତାୟାତ କଥା ନକହିବା ଭଲ। ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଗାଁ ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଅଟକି ରହୁଥିଲା। ବିଶେଷ କରି ରୋଗୀ, ଗର୍ଭବତୀ ମହିଳା ଏବଂ ବୃଦ୍ଧବୃଦ୍ଧାଙ୍କ ପାଇଁ ଏହି ରାସ୍ତା ଅଭିଶାପ ପାଲଟିଥିଲା।

ଏକ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପ୍ରଶାସନିକ ସହାୟତା ମିଳିବାର ଆଶା ତୁଟିଯିବା ପରେ ଗ୍ରାମବାସୀ ଏକାଠି ହୋଇ ନିଜେ ଶ୍ରମଦାନ କରି ପଥୁରିଆ ଓ ଅସମତଳ ରାସ୍ତାରେ ମାଟି ପକାଇ ଯାତାୟାତ ଉପଯୋଗୀ କରିବା ଆରମ୍ଭ କରିଛନ୍ତି। ତେବେ ଏହି ସାମୟିକ ମରାମତି ଏକ ଦୀର୍ଘସ୍ଥାୟୀ ପକ୍କା ରାସ୍ତାର ବିକଳ୍ପ ହୋଇପାରିବ ନାହିଁ। ନଦୀଡିହି ଗ୍ରାମବାସୀଙ୍କ ସୁରକ୍ଷିତ ଓ ସ୍ଥାୟୀ ଯୋଗାଯୋଗ ପାଇଁ ପ୍ରଶାସନ କେବେ ପଦକ୍ଷେପ ନେବ ଏବଂ ଏକ ପକ୍କା ରାସ୍ତା ନିର୍ମାଣ କରିବ, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏନ୍‌ଆଇଟି ରାଉରକେଲାରେ ସର୍ବଭାରତୀୟ ଆନ୍ତଃ-ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା

ଅଂଶଗ୍ରହଣ କଲେ ୧, ୧୯୮ ଛାତ୍ରଛାତ୍ରୀ





ରାଉରକେଲା, ୨।୧୧(ସମିସ)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ଅକ୍ଟୋବର ୩୦ରୁ ନଭେମ୍ବର ୧ ପର୍ଯ୍ୟନ୍ତ 'ସର୍ବଭାରତୀୟ ଆନ୍ତଃ-ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭' ଆୟୋଜିତ ହୋଇଯାଇଛି। ଦେଶର ୩୦ଟି ଏନ୍‌ଆଇଟି ଏବଂ ଆଇଆଇଇଏସ୍‌ଟି ଶିବପୁରରୁ ମୋଟ ୧, ୧୯୮ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାବିତ୍ ଏହି ତିନିଦିନିଆ କ୍ରୀଡ଼ା ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ। ଏଥିରେ ପୁରୁଷ ଓ ମହିଳା ଭଲିବଲ୍, ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ତଥା ପୁରୁଷ ହକି ଭଳି ପାଞ୍ଚଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ପି.ଟି. ଉଷା ଷ୍ଟାଡିୟମ୍, ଏନ୍‌ଆଇଟି ରାଉରକେଲା ସ୍ଥିତ ଇନ୍‌ଡୋର୍ ଷ୍ଟାଡିୟମ୍ ଏବଂ ରାଉରକେଲାର ପ୍ରସିଦ୍ଧ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନୀ ସମାରୋହରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଡିନ୍ (ଛାତ୍ର କଲ୍ୟାଣ) ପ୍ରଫେସର ରାଜୀବ କୁମାର ପଣ୍ଡା, ଷ୍ଟୁଡେଣ୍ଟସ୍ ଆକ୍ଟିଭିଟି ସେଣ୍ଟର (ଏସ୍‌ଏସି)ର ସଭାପତି ପ୍ରଫେସର ଦିଲ୍ଲୀପ ପ୍ରଧାନ, ଏସ୍‌ଏସି କ୍ରୀଡ଼ା ସୋସାଇଟିର ଉପସଭାପତି ପ୍ରଫେସର ମହମ୍ମଦ ଖାଲିଦ୍ ଗୁଲ୍ ଓ ପ୍ରଫେସର ଆଦିତ୍ୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏନ୍‌ଆଇଟିକେ ସୁରତକଲ୍‌ରୁ ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଭାବେ ଡକ୍ଟର ମନୋଜ ଯୋଗ ଦେଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭିଏନ୍‌ଆଇଟି ନାଗପୁର ଦଳ ଚାମ୍ପିୟନ୍ ହୋଇଥିବାବେଳେ ଏନ୍‌ଆଇଟି ୱାରଙ୍ଗାଲ ପ୍ରଥମ ରନର୍ସ-ଅପ୍ ଏବଂ ଏନ୍‌ଆଇଟି କାଲିକଟ୍ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଭିଏନ୍‌ଆଇଟି ନାଗପୁରର ଭାଗ୍ୟ ସନ୍ତୋଷୀଙ୍କୁ 'ଶ୍ରେଷ୍ଠ ଖେଳାଳି' ଭାବେ ପୁରସ୍କୃତ କରାଯାଇଥିଲା।

ସେହିପରି ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଏନ୍‌ଆଇଟି କାଲିକଟ୍ ଚାମ୍ପିୟନ୍ ହୋଇଥିବା ବେଳେ ଏନ୍‌ଆଇଟି ୱାରଙ୍ଗାଲ ଓ ଏସ୍‌ଭିଏନ୍‌ଆଇଟି ସୁରତ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏନ୍‌ଆଇଟି କାଲିକଟ୍‌ର ପବନ କଲ୍ୟାଣ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମହିଳା ଭଲିବଲ୍ ପ୍ରତିଯୋଗିତାରେ ଏନ୍‌ଆଇଟି କୁରୁକ୍ଷେତ୍ର ବିଜେତା ଟ୍ରଫି ହାସଲ କରିଥିବା ବେଳେ ଏନ୍‌ଆଇଟି କାଲିକଟ୍ ପ୍ରଥମ ରନର୍ସ-ଅପ୍ ଓ ଏନ୍‌ଆଇଟି ଜାମସେଦପୁର ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲା। ଏନ୍‌ଆଇଟି କୁରୁକ୍ଷେତ୍ରର ପଲକ ଚୌଧୁରୀ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପୁରୁଷ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଏନ୍‌ଆଇଟି ଜାମସେଦପୁର ଚାମ୍ପିଅନ୍ ହୋଇଥିବା ବେଳେ ଏନ୍‌ଆଇଟି ତିରୁଚିରାପଲ୍ଲୀ ଏବଂ ଏସ୍‌ଭିଏନ୍‌ଆଇଟି ସୁରତ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏନ୍‌ଆଇଟି ଜାମସେଦପୁରର ହିମାଂଶୁ ତେଓତିଆଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଏନ୍‌ଆଇଟି କାଲିକଟ୍ ଚାମ୍ପିଅନ୍ ହୋଇଥିବା ବେଳେ ଆୟୋଜକ ଏନ୍‌ଆଇଟି ରାଉରକେଲା ପ୍ରଥମ ରନର୍ସ-ଅପ୍ ଏବଂ ଏନ୍‌ଆଇଟି ତିରୁଚିରାପଲ୍ଲୀ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏନ୍‌ଆଇଟି ରାଉରକେଲାର ଅମନ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କୃତ କରାଯାଇଥିଲା।

ଏହି ସମଗ୍ର କ୍ରୀଡ଼ା ପ୍ରତିଯୋଗିତାକୁ ଏନ୍‌ଆଇଟି ରାଉରକେଲାର ଷ୍ଟୁଡେଣ୍ଟସ୍ ଆକ୍ଟିଭିଟି ସେଣ୍ଟର ଅନ୍ତର୍ଗତ 'ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ସୋସାଇଟି' ପକ୍ଷରୁ ପ୍ରଫେସର ମହମ୍ମଦ ଖାଲିଦ୍ ଗୁଲ୍ ଏବଂ ପ୍ରଫେସର ଆଦିତ୍ୟ ଦାସଙ୍କ ସଂଯୋଜନାରେ ଆୟୋଜନ କରାଯାଇଥିଲା। ଏଥିରେ କ୍ରୀଡ଼ା ଅଧିକାରୀ ସି. ଅଲଗେସନ ଏବଂ କ୍ରୀଡ଼ା ସହାୟକ ପ୍ରୀତମ କୁମାର ମିଶ୍ର ସହଯୋଗ କରିଥିଲେ।

ଟ୍ରମାକେୟାର ସେଣ୍ଟର ଗାଏବ; ଥାନାରେ ଏତଲା

ଉଦ୍‌ଘାଟନ ହେଲା, ଫଳକ ଲାଗିଲା; ଡାକ୍ତର, ନର୍ସ ଓ ସେବା କୁଆଡ଼େ ଗଲା?

ସମ୍ବଲପୁର, ୨।୧୧ (ସମିସ)



ଉଦ୍‌ଘାଟନ ହେଲା, ଫଳକ ଲାଗିଲା, କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା; ହେଲେ ଜନସାଧାରଣଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା। ୨୧.୨୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ସମ୍ବଲପୁରର ଆଧୁନିକ ଟ୍ରମା କେୟାର ସେଣ୍ଟର ଗଲା କୁଆଡ଼େ? ଏହି ପ୍ରଶ୍ନ ଉଠାଇ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ଆଜି ସମ୍ବଲପୁର ଟାଉନ୍ ଥାନାରେ ଏକ ନିଆରା ପ୍ରତିବାଦ ସହ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ଗତ ଜାନୁଆରୀ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଆଧୁନିକ ଟ୍ରମା କେୟାର ସେଣ୍ଟର ଏଯାଏ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇ ନ ଥିବା ପ୍ରସଙ୍ଗକୁ ନେଇ ସହରର ବୁଦ୍ଧିଜୀବୀ, ଶ୍ରମିକ ନେତା, ଚାଷୀ ନେତା, ଯୁବକ, ଛାତ୍ରଛାତ୍ରୀ ଓ ସଚେତନ ନାଗରିକମାନେ ଏକାଠି ହୋଇଥିଲେ। ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ପ୍ରୋଗ୍ରେସିଭ୍ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି, ହିନ୍ଦ୍ ମଜଦୂର ସଭା ଉପସଭାପତି ଗୋକୁଳ ମେହେର, ସିଟୁ ର ବରିଷ୍ଠ ନେତା ଗଦାଧର କୁଅଁର, ସମାଜସେବୀ ମହମ୍ମଦ ସନଉଲ୍ଲା ପ୍ରମୁଖ ସମ୍ବଲପୁର ଟାଉନ ଥାନାରେ ଏହି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଥାନାଧିକାରୀ ସୁବ୍ରତ ମେହେର ଅଭିଯୋଗପତ୍ର ଗ୍ରହଣ କରିଥିଲେ।

ଅଭିଯୋଗରେ ପ୍ରଶ୍ନ କରାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ୨୧.୨୮ କୋଟି ଟଙ୍କାର ଏହି ଜନସ୍ୱାସ୍ଥ୍ୟ ସମ୍ପତ୍ତି କେଉଁଠି ରହିଛି? ଏହାର ଡାକ୍ତର, କର୍ମଚାରୀ ଓ ଜରୁରୀକାଳୀନ ସେବା କାହିଁକି ଉପଲବ୍ଧ ନାହିଁ? କେହି କ'ଣ ଏହାର କାର୍ଯ୍ୟକ୍ଷମତା ଚୋରି କରିନେଇଛି? ନା' ଏହା କେବଳ ଉଦ୍‌ଘାଟନୀ ଫଳକରେ ସୀମିତ ହୋଇ ରହିଯାଇଛି? ଏକ ଆଧୁନିକ ଟ୍ରମା କେୟାର ସେଣ୍ଟରର ପରିଚାଳନା ପାଇଁ ଆନାସ୍ଥେସିଆ ବିଶେଷଜ୍ଞ, ମେଡିସିନ୍ ବିଶେଷଜ୍ଞ, ଅର୍ଥୋପେଡ଼ିକ୍ ଡାକ୍ତର, ତାଲିମପ୍ରାପ୍ତ ଟେକ୍ନିସିଆନ୍ ଓ ନର୍ସଙ୍କ ୨୪ ଘଣ୍ଟିଆ ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ। ଦୁର୍ଘଟଣାଗ୍ରସ୍ତ ଓ ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ଏହି କେନ୍ଦ୍ରର ମୂଳ ଉଦ୍ଦେଶ୍ୟ। ତେଣୁ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର, ନର୍ସ ଓ ଟେକ୍ନିସିଆନ୍ କାହାନ୍ତି ଏବଂ କେବେଠାରୁ ୨୪/୭ ସେବା ଆରମ୍ଭ ହେବ, ତାହାର ଉତ୍ତର ସ୍ୱାସ୍ଥ୍ୟ ବିଭାଗ ଦେବାକୁ ଦାବି ହୋଇଛି। ସମ୍ବଲପୁର ସହିତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ପାଇଁ ଏହି ଟ୍ରମା କେୟାର ସେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କେନ୍ଦ୍ର ହେବାର ଆଶା ରହିଥିଲା। ମାତ୍ର ଉଦ୍‌ଘାଟନର ଦୀର୍ଘ ସମୟ ପରେ ମଧ୍ୟ ଏହାର ପୂର୍ଣ୍ଣାଙ୍ଗ ସେବା ଆରମ୍ଭ ନହେବା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଓ ପ୍ରଶ୍ନ ସୃଷ୍ଟି କରିଛି।

ଏହି ସମୟରେ ପ୍ରଗତିଶୀଳ ନାଗରିକ ମଞ୍ଚର ଗୋକୁଳ ମେହେର, ଗଦାଧର କୁଅଁର, ସାମ୍ବାଦିକ ଶିବଶଙ୍କର ନନ୍ଦ, ପ୍ରିୟରଞ୍ଜନ ସାହୁ ଓ ସରୋଜ ସାହୁ, ଚାଷୀ ନେତା ସରୋଜ ମହାନ୍ତି, ଶ୍ରମିକ ନେତା ଭି. ରାମ ରାଓ, ଲଳିତ ପଟ୍ଟନାୟକ, ଅରୁଣ କୁମାର ଖୁଣ୍ଟିଆ, ଶ୍ରମିକ ନେତା ମହେଶ୍ୱର ଷଣ୍ଢ, ଅଶୋକ ପଟେଲ, ମହେଶ ସାଇତା, ପ୍ରଶାନ୍ତ ଥାପା, ବାଲ୍ମୀକି ନାୟକ, ମହମ୍ମଦ ସନାଓ୍ୱାଲା ଯୁବ ନେତା ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ସ୍ୱାଧୀନ ପଣ୍ଡା, ଦୁଲାଲ ଚନ୍ଦ୍ର ରାୟ, ନିଖିଳ ବାବୁ, ପ୍ରଜ୍ୱଳ ଧରୁଆ, ପ୍ରଭାତ ବେହେରା, ସ୍ୱନ୍ଦନ କୁମାର ନନ୍ଦ, ସତ୍ୟମ ପୂଜାରୀ, ଭାସ୍କର ନାଏକ, ବିଜୟ ସାହୁ, ତପନ ସେଠ ପ୍ରମୁଖ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ।

୨୪ ଘଣ୍ଟାରେ ଅଇଁଠାପାଲି ଛକରେ ପୃଥକ୍ ଦୁର୍ଘଟଣା; ୨ ମୃତ

ସମ୍ବଲପୁର, ୨।୧୧ (ସମିସ) : ମରଣଯନ୍ତା ପାଲଟିଛି ଅଇଁଠାପାଲି ଛକ। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଦୀର୍ଘ ସମୟ ଧରି ଫ୍ଲାଏଓଭର ନିର୍ମାଣ ଚାଲିଥିବାବେଳେ ଏହି ବ୍ୟସ୍ତବହୁଳ ରାଜପଥ ବିପଦସଂକୁଳ ହୋଇପଡ଼ିଛି। ନିର୍ଦ୍ଧାରିତ ବିକଳ୍ପ ରାସ୍ତା ନଥିବା ଏବଂ ସୂଚନା ଫଳକ ନଥିବାରୁ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଅଇଁଠାପାଲି ଛକରେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଗତକାଲି ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ସ୍କୁଟିକୁ ପଛପଟୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଆଜି ସକାଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଅଇଁଠାପାଲି ଛକରେ ଗତଦିନରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ଅନେକ ମୃତାହତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଅଇଁଠାପାଲି ତଳିଛକରେ ଆଜି ପୁଣି ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାର ମୂଳବାସିନ୍ଦା ଓ ବର୍ତ୍ତମାନ ସମ୍ବଲପୁର ମୁଦିପଡ଼ା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶୈଳରାଜ ମହାରାଣା (୬୫) ଆଜି ସକାଳେ ତାଙ୍କ ସ୍କୁଟିରେ ଯାଉଥିବା ସମୟରେ ଅଇଁଠାପାଲି ତଳିଛକରେ ପଛରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରବିବାର ରାତିରେ ଟାଙ୍ଗରପାଲି ଅଞ୍ଚଳର ଦୁର୍ବାଦଳ କୁମ୍ଭାର ଓରଫ ବାଦଲ (୨୭) ନିଜ ଇଭି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଅଇଁଠାପାଲି ତଳି ଛକ ନିକଟରେ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା, ଫଳରେ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଆଦିତ୍ୟ ଆଲୁମିନିୟମ ତରଫରୁ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ ଭ୍ରମଣ

ସମ୍ବଲପୁର, ୨।୧୧(ସମିସ): ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଏହାର ପ୍ରକଳ୍ପ 'ଅଧ୍ୟୟନ' ଅଧୀନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି), ରେଙ୍ଗାଲିକୁ ଏକ ଶିକ୍ଷଣୀୟ ଭ୍ରମଣ ବ୍ୟବସ୍ଥା କରାଯାଇଥିଲା। ଏହି ଗସ୍ତରେ କାରଖାନା ପାର୍ଶ୍ୱବର୍ତ୍ତୀ ପାଞ୍ଚଟି ପଞ୍ଚାୟତ ବୋମାଲୋଇ, ଘିଚାମୁରା, ଲପଙ୍ଗା, ଜଙ୍ଗଲା ଓ କତରବଗାର ସରକାରୀ ବିଦ୍ୟାଳୟର ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୪୫ ଜଣ ଛାତ୍ରଛାତ୍ରୀଙ୍କ ସହ ୬ ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଏହି ଛାତ୍ରଛାତ୍ରୀମାନେ ତିଲେଇମାଲ ଜ୍ଞାନାର୍ଜନ କୋଚିଂ ସେଣ୍ଟରରେ ନାମ ଲେଖାଇଛନ୍ତି। ସେଠାରେ ସେମାନଙ୍କୁ ଶୈକ୍ଷିକ ସହାୟତା ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରାଯାଉଛି।ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଏକ ଉଚ୍ଚ ସ୍ତରର ଶିକ୍ଷଣ ବ୍ୟବସ୍ଥା ଓ ଅତ୍ୟାଧୁନିକ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହାସଲ କରିବା ପାଇଁ ଆଦିତ୍ୟ ଆଲୁମିନିୟମ ଦ୍ୱାରା ଏହି ବିଶେଷ ସୁବିଧାର ଉପଲବ୍ଧି କରାଯାଇଥିଲା। ଏହି ଗସ୍ତ ସମୟରେ ଅଂଶଗ୍ରହଣକାରୀମାନେ ବିଦ୍ୟାଳୟର ଡିଜିଟାଲ ଲାଇବ୍ରେରୀ, ରସାୟନ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଲାବୋରେଟୋରୀ ଏବଂ ସଙ୍ଗୀତ ଓ କଳା କକ୍ଷ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ସଙ୍ଗୀତ ଶିକ୍ଷକଙ୍କ ସହ ଏକ ସଙ୍ଗୀତ ଅଧିବେଶନରେ ମଧ୍ୟ ଉତ୍ସାହର ସହ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଓଏଭିର ଶିକ୍ଷକମାନେ ଅଭିଭାବକମାନଙ୍କୁ 'ଆନନ୍ଦମଠ' ପୁସ୍ତକ ଏବଂ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ଗଳ୍ପ ପୁସ୍ତକ ପ୍ରଦାନ କରିଥିଲେ। ଓଏଭିର ଅଧ୍ୟକ୍ଷ ରମଣୀକାନ୍ତ ସାହୁ ଏବଂ ଅନ୍ୟ ଶିକ୍ଷକମାନେ ପିଲାମାନଙ୍କୁ ଏଭଳି ମୂଲ୍ୟବାନ ଶିକ୍ଷଣୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଆଦିତ୍ୟ ଆଲୁମିନିୟମର ସିଏସ୍‌ଆର୍ ବିଭାଗ ଦ୍ୱାରା ନିଆଯାଇଥିବା ଏହି ଅଭିନବ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।



ଦିଲ୍ଲୀ ପବ୍ଲିକ ସ୍କୁଲରେ ବାର୍ଷିକ ବିଜ୍ଞାନ ଓ ପ୍ରଦର୍ଶନୀ ମହୋତ୍ସବ



ସମ୍ବଲପୁର, ୨।୧୧(ସମିସ): ସମ୍ବଲପୁରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଶନିବାର ବାର୍ଷିକ ସ୍କୁଲ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ପ୍ରଦର୍ଶନୀରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବହୁସଂଖ୍ୟକ ଛାତ୍ରଛାତ୍ରୀ ନିଜ ନିଜର ପ୍ରତିଭା ଓ ନୂତନ ଚିନ୍ତାଧାରାକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ବିଜ୍ଞାନ, ରୋବୋଟିକ୍ସ, ସାମାଜିକ ବିଜ୍ଞାନ, ଗଣିତ ଏବଂ ସାହିତ୍ୟ ଭଳି ସମସ୍ତ ବିଷୟକୁ ନେଇ କୁନି କୁନି ବୈଜ୍ଞାନିକ ଓ ଗବେଷକମାନେ ଆକର୍ଷଣୀୟ ମଡେଲ ଉପସ୍ଥାପନ କରିଥିଲେ।ରୋବୋଟିକ୍ସ ଓ ବିଜ୍ଞାନ ବିଭାଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ପରିବେଶ ସୁରକ୍ଷା ଉପରେ ଆଧାରିତ ମଡେଲଗୁଡ଼ିକ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସେହିପରି ଗଣିତ ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ସରଳ ଶିକ୍ଷଣ ପଦ୍ଧତି ଏବଂ ଐତିହାସିକ ଓ ସାମାଜିକ ଚିନ୍ତନକୁ ପ୍ରଦର୍ଶିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ବିଷୟଗତ ବିଶେଷଜ୍ଞ, ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ଅଧ୍ୟାପକମାନେ ବିଚାରପତି ଭାବେ ଯୋଗଦେଇଥିଲେ। ବିଚାରପତିମାନେ ପ୍ରତ୍ୟେକ ପ୍ରକଳ୍ପକୁ ସୂକ୍ଷ୍ମ ଭାବେ ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀମାନଙ୍କର ଗଭୀର ଜ୍ଞାନ, ବାକ୍-ପଟୁତା ଏବଂ ସୃଜନଶୀଳତାର ଭୂୟସୀ ପ୍ରଶଂସା କରିଥିଲେ।ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଲେଙ୍କା ଓ କର୍ତ୍ତୃପକ୍ଷ ବିଚାରପତିମାନଙ୍କୁ ସମ୍ମାନିତ କରିବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଆଗାମୀ ଦିନରେ ଏହିପରି ନୂତନ ଗବେଷଣାରେ ମନୋନିବେଶ କରିବାକୁ ଉତ୍ସାହିତ କରିଥିଲେ।

ଏକତା ଦିବସରେ ନାଚିଲେ ସମ୍ବଲପୁରୀ

ସମ୍ବଲପୁର, ୨।୧୧ (ସମିସ) : ଗୁଜରାଟଠାରେ ଏକତା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାରା ଦେଶରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଆସିଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗୁଜରାଟର ଏକତା ନଗରରେ ସମସ୍ତେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଇଷ୍ଟ ଜୋନ୍ କଲଚରାଲ ସେଣ୍ଟର, କୋଲକାତା ପକ୍ଷରୁ ସମ୍ବଲପୁରରୁ ଗୁରୁ ଆଲୋକ କୁମାର ପଣ୍ଡାଙ୍କ ନେତୃତ୍ୱରେ ୮୦ ଜଣ ସମ୍ବଲପୁରୀ ନୃତ୍ୟ କଳାକାର ଯୋଗଦେଇ ସେଠାରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଥିଲେ।



ରେଢ଼ାଖୋଲ ସ୍ୱାଭିମାନ ମଞ୍ଚ ଗଠିତ

ରେଢ଼ାଖୋଲ, ୨।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୋମୁରା ସ୍ଥିତ ଦେବାଝରଣ ଠାରେ ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯୁଯୋମୁରା, ରେଢ଼ାଖୋଲ ଏବଂ ନାକଟିଦେଉଳ ବ୍ଲକର ବହୁ ସଚେତନ ନାଗରିକ ଯୋଗଦାନ କରି ମିଳିତ ଭାବେ 'ରେଢ଼ାଖୋଲ ସ୍ୱାଭିମାନ ମଞ୍ଚ' ଗଠନ କରିଛନ୍ତି। ଏହି ସଭାରେ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅବ୍ୟବସ୍ଥା ଓ ଅନଗ୍ରସରତା ନେଇ ଗଭୀର ଚିନ୍ତାପ୍ରକଟ କରାଯାଇଥିଲା। ଏଥିରେ ଯୁଯୋମୁରା ବ୍ଲକ ମଧ୍ୟରୁ ନରେଶ ପ୍ରଧାନ, ସଚିତା ନାଏକ, ସୁଦର୍ଶନ ମାଝୀ, ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ବ୍ଲକ ମଧ୍ୟରୁ ଚେରଙ୍ଗା ଦେହୁରୀ, ଶ୍ରୀକାନ୍ତ ପ୍ରଧାନ, ଜଗନ୍ନାଥ ଧଳ ନାକଟିଦେଉଳ ଅଞ୍ଚଳରୁ ହରିହର ସାହୁ ପ୍ରମୁଖଙ୍କ ସମେତ ନିର୍ବାଚନମଣ୍ଡଳୀର ବହୁ ସଚେତନ ନାଗରିକ ଉପସ୍ଥିତ ରହିଥିଲେ।

ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ବାତିଲ

ସମ୍ବଲପୁର, ୨।୧୧ (ସମିସ) : ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ, କେତେକ ନିର୍ଦ୍ଦିଷ୍ଟ ତାରିଖରେ କିଛି ଟ୍ରେନ୍ ସେବା ବାତିଲ ରହିବ। ବାତିଲ୍ ହେବାକୁ ଥିବା ଟ୍ରେନ୍ ଗୁଡ଼ିକ ମଧ୍ୟରେ, ୨୨୮୬୧ ହାୱଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ବାତିଲ୍ ରହିବ ଏବଂ ୨୨୮୬୨ କଣ୍ଟାବାଞ୍ଜି-ହାୱଡ଼ା ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୪ ତାରିଖରେ ବାତିଲ୍ ରହିବ। ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ଏବଂ ୧୮୧୦୮ ଜଗଦଲପୁର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୪ ତାରିଖରେ ବାତିଲ୍ ରହିବ। ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ଏବଂ ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ବାତିଲ୍ ରହିବ। ୨୨୮୩୯ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ଏବଂ ୨୨୮୪୦ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩ ତାରିଖରେ ବାତିଲ୍ ରହିବ। ଯାତ୍ରୀମାନଙ୍କୁ ନିଜ ଯାତ୍ରା ଯୋଜନା କରିବା ସମୟରେ ଏହି ପରିବର୍ତ୍ତନଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ଓ ଆଇସିଏଆର୍-ସିଆର୍‌ଆର୍‌ଆଇ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ବର୍ଜ୍ୟବସ୍ତୁରୁ ତିଆରି ହେବ କୃଷି ବ୍ୟବହୃତ ମାଟି

ସମ୍ବଲପୁର, ୨।୧୧(ସମିସ): ସ୍ଥାୟୀ ଶିଳ୍ପ ଅଭ୍ୟାସକୁ ଆଗକୁ ବଢ଼ାଇବା ଏବଂ ଚକ୍ରୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଦିଗରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଶିଳ୍ପଜାତ ବର୍ଜ୍ୟବସ୍ତୁ ବା ଉପ-



ଉତ୍ପାଦଗୁଡ଼ିକୁ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ଏକ ମୂଲ୍ୟବାନ ମାଟି ସଂଶୋଧକ 'ଇକୋ-ଲାଇମ୍ ପ୍ଲସ୍'ରେ ପରିଣତ କରିବା ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ - କେନ୍ଦ୍ରୀୟ କୃଷି ଅନୁସନ୍ଧାନ ପ୍ରତିଷ୍ଠାନ (ଆଇସିଏଆର୍-ସିଆର୍‌ଆର୍‌ଆଇ) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର ହୋଲ୍-ଟାଇମ୍ ଡାଇରେକ୍ଟର୍ ତଥା ସି.ଇ.ଓ. ଉମେଶ ରାଏ ଏବଂ ଆଇସିଏଆର୍-ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡା ଜି.ଏ.କେ. କୁମାରଙ୍କ ଦ୍ୱାରା ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରକାଶ ସାପ୍ରା, ଆଇସିଏଆର୍-ସିଆର୍‌ଆର୍‌ଆଇର ଫସଲ ଉତ୍ପାଦନ ବିଭାଗର ମୁଖ୍ୟ ତଥା ପ୍ରମୁଖ ବୈଜ୍ଞାନିକ ଡା ପ୍ରତାପ ଭଟ୍ଟାଚାର୍ଯ୍ୟ, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍‌ର ଉପାଧ୍ୟକ୍ଷ ତଥା ଜୋନାଲ୍ ମୁଖ୍ୟ ମନୋଜ ପାଟଓ୍ୱାରୀଙ୍କ ସମେତ ଅନ୍ୟାନ୍ୟ ଜୋନାଲ୍ ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି ସହଯୋଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଳ୍ପଜାତ ଉପ-ଉତ୍ପାଦଗୁଡ଼ିକୁ କୃଷିରେ ବ୍ୟବହାର କରାଯାଉଥିବା ମୂଲ୍ୟବାନ ମାଟି ସଂଶୋଧକରେ ପରିଣତ କରି ଏହାର ଉତ୍ପାଦନକାରୀ ଉପଯୋଗକୁ ଅନୁସନ୍ଧାନ କରିବା। ହ୍ରାସ କରନ୍ତୁ, ପୁନର୍ବ୍ୟବହାର କରନ୍ତୁ ଏବଂ ପୁନଃଚକ୍ରଣ କରନ୍ତୁ' ୩ଆରର ନୀତି ଅନୁଯାୟୀ, ଏହି ପଦକ୍ଷେପଟି ଅମ୍ଳୀୟ ମାଟିର ପୁନରୁଦ୍ଧାର, ମାଟିର ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରାକୃତିକ ସମ୍ବଳ ସଂରକ୍ଷଣ ଏବଂ ଶିଳ୍ପ ବର୍ଜ୍ୟବସ୍ତୁ ହ୍ରାସ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଶିଳ୍ପ ଏବଂ ବୈଜ୍ଞାନିକ ଗବେଷଣା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଦ୍ୱାରା, ଏହି ପଦକ୍ଷେପ ଶିଳ୍ପ ସମ୍ବଳ ପୁନରୁଦ୍ଧାର ଏବଂ କୃଷି ସ୍ଥାୟୀତ୍ୱ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି। ଏହା ପରିବେଶଗତ ମୂଲ୍ୟ ସୃଷ୍ଟି କରିବା ସହିତ ସ୍ଥାୟୀ କୃଷି ଅଭ୍ୟାସକୁ ସମର୍ଥନ କରି ଶିଳ୍ପଜାତ ବର୍ଜ୍ୟବସ୍ତୁକୁ ଉପଯୋଗୀ ସମ୍ବଳରେ ପରିବର୍ତ୍ତନ କରିବାର ଚକ୍ରୀୟ ଅର୍ଥନୀତିର ବର୍ଦ୍ଧିତ ସମ୍ଭାବନାକୁ ମଧ୍ୟ ପ୍ରତିଫଳିତ କରିଥାଏ।

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ସଭା



ରେଢ଼ାଖୋଲ, ୨।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ସୋମବାର ରେଢ଼ାଖୋଲ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭୀମଭୋଇ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ନିର୍ବାଚିତ ହୋଇଥିବା ସମସ୍ତ ପଦାଧିକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଛାତ୍ର ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ଛାତ୍ର ବିଜୁ ଜନତା ଦଳର ସଭାପତି ଶିବସମ୍ଭୁ ନନ୍ଦ ଉପସ୍ଥିତ ଥିଲେ। ଏହି ସଭାରେ ଭୀମଭୋଇ ମହାବିଦ୍ୟାଳୟ ଛାତ୍ର ସଂସଦର ନବ ନିର୍ବାଚିତ ସଭାପତି ଶିବ ପ୍ରଧାନ, ଉପସଭାପତି ଅବିନାଶ ରାଉତ, ସମ୍ପାଦକ ବାଦଲ ପ୍ରଧାନ, ସହ-ସମ୍ପାଦକ ଓମ୍ ସାହୁ, କ୍ରୀଡ଼ା ସମ୍ପାଦକ ଦୀପକ ସାହୁ ଏବଂ ସାଇନ୍ସ ସୋସାଇଟି ସେକ୍ରେଟେରୀ ସମିତ ଦେହୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜିଏମ୍‌ୟୁ ଛାତ୍ରୀନିବାସ ପ୍ରବେଶ ସମୟସୀମା ବୃଦ୍ଧି ହେବ

ସମ୍ବଲପୁର, ୨।୧୧ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସ ପ୍ରବେଶ କରିବାର ଶେଷ ସମୟ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଏବଂ ଏନେଇ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଛାତ୍ର ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆଜି ଗତ ଛାତ୍ରସଂସଦ ନିର୍ବାଚନର ସ୍ୱାଧୀନ ସଭାପତି ପ୍ରାର୍ଥୀ କରନ୍ମୟ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ କୁଳପତିଙ୍କୁ ସାକ୍ଷାତ କରିଥିଲେ। ଛାତ୍ରୀନିବାସ ସମୟସୀମା ବ୍ୟତୀତ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଫାଟକ ଏବଂ ସୀମାନ୍ତ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବା, ପାର୍କିଂ ସ୍ଥାନ, ନିର୍ଜନ କରିଡର୍, ଏକାଡେମିକ୍ ବିଲ୍ଡିଂ (ଶିକ୍ଷାନୁଷ୍ଠାନ କୋଠା) ଏବଂ ଛାତ୍ର ଓ ଛାତ୍ରୀ ନିବାସ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କ୍ୟାମେରା କଭରେଜ୍; ସମସ୍ତ ଅଚଳ ସିସିଟିଭି କ୍ୟାମେରାର ମରାମତି ଏବଂ ପରିବର୍ତ୍ତନ, ୨୪/୭ କେନ୍ଦ୍ରୀକୃତ ସିସିଟିଭି ମନିଟରିଂ କକ୍ଷର ପ୍ରତିଷ୍ଠା. ବିଶ୍ୱବିଦ୍ୟାଳୟ ନିକଟରେ ଏକ ସ୍ୱତନ୍ତ୍ର ପୋଲିସ୍ ଫାଣ୍ଡି ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆଦି ବିଭିନ୍ନ ସମସ୍ୟା ବିଷୟରେ କୁଳପତି ଏବଂ ପିଜି କାଉନସିଲ ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଥିଲା। ପ୍ରତିନିଧି ମଣ୍ଡଳରେ ଛାତ୍ରନେତା ଶ୍ରୀ ସାହୁଙ୍କ ସହ, ଅଂଶୁମାନ ସାହୁ, ପ୍ରିୟାଂଶୁ ପ୍ରଧାନ, ଶିବୁ ସେଠ, ଶିବ ପ୍ରସାଦ ଦୀପ, ଗୌରବ ମହାପାତ୍ର, ଅଭିନବ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ।



ଛାମୁଣ୍ଡାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ସମ୍ବଲପୁର, ୨।୧୧(ସମିସ)

ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅଧୀନ ଯୁଯୁମୁରା ବ୍ଲକର ଛାମୁଣ୍ଡା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଛାମୁଣ୍ଡାସ୍ଥିତ ଉଦିତ ପ୍ରତାପ ସିଂ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ଗୌର ଗୋଠ ଚର୍ଚ୍ଚର ପୁନଃନିର୍ମାଣ କାର୍ଯ୍ୟ ପାଇଁ ବିଧାୟକ ପାଣ୍ଠିରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌଦାଗର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଯୁଗଳ କିଶୋର ସାହୁ, ସରପଞ୍ଚ ବନିତା ଭୋଇ, ସମିତି ସଭ୍ୟ ଡେଭିଡ ଭଦ୍ରା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଇସମାଇଲ ଆଜାଦ ବଡ଼େଇ, ସମ୍ପାଦକ ପ୍ରତାପ ନାୟକ, ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଦୀପ ପରିଡ଼ା, ଦୟାସାଗର ପ୍ରଧାନ, ଭରତ ଠେଲା, ରାଜକୁମାର ସାହୁ, ଘନଶ୍ୟାମ ସାହୁ, ସୁମନ୍ତ ସାହୁ, ଅଶ୍ୱିନୀ ପ୍ରଧାନ ଓ ଅଲେଖ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୌର ଗୋଠ ଠାରେ ଗେଲ ଚର୍ଚ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ତଥା ମେଘପାଲ ସରପଞ୍ଚ ମମତା ପ୍ରଧାନ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ପାଦ୍ରୀ ଶସାନ ବାଙ୍କର ଓ ସାସେନ ଟପନୋ ପ୍ରମୁଖ ଉପସ୍ଥିତ ଥିଲେ। ଚର୍ଚ୍ଚର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ଆଚାର୍ଯ୍ୟ ପ୍ରଭୁ ଯୀଶୁଙ୍କ ମାନବ ସମାଜ ପ୍ରତି ଦେଇଥିବା ମହତ୍ ଉପଦେଶ ଓ ମାନବିକ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତଙ୍କୁ ସେ ପ୍ରଭୁ ଯୀଶୁଙ୍କ ଶିକ୍ଷା ଓ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଗସ୍ତ ସମୟରେ ଛାମୁଣ୍ଡା ପଞ୍ଚାୟତର ବୁର୍ଦ୍ଧା ଗ୍ରାମସ୍ଥିତ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ସ୍ୱାଗତ କରିଥିଲେ। ନବନିର୍ମିତ ଗୋପାଳଜୀ ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ବିଧାୟକଙ୍କୁ ଅନୁରୋଧ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପର୍ଯ୍ୟାୟକ୍ରମେ ସମସ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ।



ପୋଖରୀରେ ବୁଡ଼ି ନାବାଳକ ମୃତ

ଗୋଲାମୁଣ୍ଡା, ୨। ୧୧ (ସମିସ): ଗୋଲାମୁଣ୍ଡା ଥାନା ଗ୍ରିଣ୍ଡୋଲ ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରିଣ୍ଡୋଲ ଗାଁର ସୁଦର ଚନ୍ଦନଙ୍କ ପୁଅ ଜଗା ଚନ୍ଦନ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗତ ୩୧ ଅପରାହ୍ନ ପ୍ରାୟ ୨.୩୦ରେ ଜଗା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଗଭୀର ପାଣି କୁ ଚାଲିଯାଇ ବୁଡ଼ି ଯାଇଥିଲେ। ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ପୋଖରୀ ନିକଟରେ ଖୋଜାଖୋଜି କରି ପାଣି ଭିତରୁ ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ବାପା ସୁଦର ଚନ୍ଦନ ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଗୋଲାମୁଣ୍ଡା, ୨।୧୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ବାହାଦୁରପଡ଼ା ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋକପଦର ଗ୍ରାମର କ୍ଷେତ୍ର କଟା (୪୫)। ଏହି ଦୁର୍ଘଟଣାକୁ ନେଇ ମୃତକଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ବାହାଦୁରପଡ଼ା ଛକ ନିକଟରେ ମୃତଦେହକୁ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧରେ କଳାହାଣ୍ଡି ଜିଲ୍ଲା ଯାଦବ ସମାଜର କାର୍ଯ୍ୟକାରୀ ସଭାପତି ଗିରିଧାରୀ ତେଜି, ଗୋଲାମୁଣ୍ଡା ବ୍ଲକ ଯୁବ ଯାଦବ ସମ୍ପାଦକ ରାଜେଶ ବଗର୍ତ୍ତି, ମହେନ୍ଦ୍ର ନାଗ, ନିଆମ ମାଝୀଙ୍କ ସମେତ ଗୋଇନ୍ଦିମୁଣ୍ଡା, ବାହାଦୁରପଡ଼ା ଓ ଖଲିଆକାନି ଗ୍ରାମର ଶତାଧିକ ଲୋକ ସାମିଲ ହୋଇଥିଲେ। ଖବର ଲେଖା ହେବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

ଲାଞ୍ଜିଗଡ଼, ୨।୧୧(ସମିସ): ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଯୋଡ଼ାବନ୍ଧା ଗ୍ରାମର ରାମ ମାଝୀଙ୍କ ପୁଅ ବିରଞ୍ଚି ମାଝୀ (୧୪) ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ନାବାଳକ ଜଣକ ସାଙ୍ଗମାନଙ୍କ ସହିତ ଗାଁ ନିକଟସ୍ଥ ପୁରୁଣାପଥର କୁଆଁରୀରେ ଥିବା ପାଣିରେ ଗାଧେଇବା ପାଇଁ ଯାଇଥିଲା। ଗାଧୋଉ ଥିବା ସମୟରେ ଗଭୀର ପାଣିକୁ ଚାଲିଯାଇ ବୁଡିଯାଇଥିଲା। ସାଙ୍ଗ ପିଲାମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମୀ ପାଣି ଭିତରେ ପଶି ନାବାଳକଙ୍କୁ ପାଣିରୁ ବାହାର କରିଥିଲେ। ପରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରତାଙ୍କୁ ମୃତ ଘୋଷଣା କରିଥିଲେ। ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସଆଇ ବଳଭଦ୍ର ଗୌଡ଼ ପୁଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶବ ଜବତ କରି ଲାଞ୍ଜିଗଡ଼ ବ୍ୟବଚ୍ଛେଦ ପାଇଁ ପଠେଇଥିଲେ। ଏନେଇ ଲାଞ୍ଜିଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା, ୨।୧୧(ସମିସ): ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ, ୧୨ଟି ଗୋଷ୍ଠୀଗତ ଏବଂ ଗୋଟିଏ ରେଡ୍‌କ୍ରସ୍ ସହାୟତା ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏଥିସହ ରେଡ୍‌କ୍ରସ୍ ପାଣ୍ଠିରୁ ଭୂମିସୁତା ଦୀପଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଗଣେଶ୍ୱର କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏ. ମାଧବୀଲତା, ସମୀର ସାହୁ, ଡା. ଇଶାନୀ ମିତ୍ର ଓ ଉପଜିଲ୍ଲାପାଳ ସୁର୍ମି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ସୁପ୍ରିୟା ପ୍ରିୟଦର୍ଶିନୀ ଏବଂ ବିଡିଓ ରୋହିତ ଭୋଇ ସହଯୋଗ କରିଥିଲେ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ପାଇଁ ବୈଠକ

ଭବାନୀପାଟଣା, ୨।୧୧(ସମିସ): ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୬ର ଆୟୋଜନ ନିମନ୍ତେ ଆଜି ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମେଳାର ଆୟୋଜନ, କାର୍ଯ୍ୟସୂଚୀ ପ୍ରସ୍ତୁତି, ଚାଷୀଙ୍କ ଅଂଶଗ୍ରହଣ, ବିଭିନ୍ନ ବିଭାଗର ସମନ୍ୱୟ ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଡିସେମ୍ବର ୧୫ ଓ ୧୬ ତାରିଖରେ ଦୁଇଦିନିଆ ମେଳା ଆୟୋଜନ ପାଇଁ ପ୍ରାଥମିକ ଭାବେ ପ୍ରସ୍ତାବ ରଖାଯାଇଥିଲା। ମେଳାରେ ପ୍ରାୟ ୭୦୦ ଜଣ ଚାଷୀଙ୍କୁ ସାମିଲ କରିବା ସହ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୮ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଯୋଜନା ରହିଛି। ଏଥିସହିତ ୨୫ଟି ପ୍ରଦର୍ଶନୀ ଷ୍ଟଲ୍, ଜୀବନ୍ତ ପଶୁପକ୍ଷୀ ଓ ମାଛ ପ୍ରଦର୍ଶନ, ବାୟୋଫ୍ଲକ୍, ମାଛ ଚାଷର ଆଧୁନିକ ପ୍ରଣାଳୀ, ସମନ୍ୱିତ କୃଷି ପ୍ରଣାଳୀ ଏବଂ ଉନ୍ନତ ପ୍ରଜନନ ଓ ପାଳନ ପ୍ରଯୁକ୍ତିର ପ୍ରଦର୍ଶନ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ନିରଦ ଚନ୍ଦ୍ର କହଁର, ଜ୍ଞାନ ରଞ୍ଜନ ସେଠୀ, ମନୋଜ ବେହେରା, ବିବେକାନନ୍ଦ ମହାନନ୍ଦ, ଅଜୟ କୁମାର ପ୍ରଧାନ, ସୁମନ ଦ୍ୱିବେଦୀ, ଉଇଲିଅମ ରାକେଶ, ବି. ଖମାରୀ ଯୋଗଦେଇ ଥିଲେ।

ସମ୍ପନ୍ନ ହେଲା ବାଆଦି ଠାକୁରଙ୍କ ବାର୍ଷିକ ଦଶରା

‘ଘୁମୁରା’ ଧ୍ୱନିରେ ଦୁଲୁକିଲା ସାଂସ୍କୃତିକ ମଞ୍ଚ

କୋକସରା, ୨।୧୧(ସମିସ)





କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜାଙ୍କ ପ୍ରସିଦ୍ଧ ଦଶରା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଦେବତାମାନଙ୍କ ମାମୁ ଭାବେ କୋକସରା ବ୍ଲକ ଆମପାଣିଠାରେ ଉପାସିତ ବୁଢ଼ାରଜାଙ୍କ ଦଶରା ଶେଷ ହେବାପରେ ସ୍ଥାନୀୟଅଞ୍ଚଳରେ ଅନ୍ୟାନ୍ୟ ଦେବାଦେବୀଙ୍କ ଦଶରା ଆରମ୍ଭ ହୋଇଥାଏ। ଏହି କ୍ରମରେ ରବିବାର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତସ୍ଥିତ ତଲାଗାଁଠାରେ ଉପାସିତ ବାଆଦି ଠାକୁରଙ୍କ ବାର୍ଷିକ ଦଶରା ପୂଜନୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ଉତ୍ସବ ଅବସରରେ ବଡ଼ପୋଡ଼ାଗୁଡ଼ା ଗ୍ରାମରୁ ଠାକୁରଙ୍କ ମୁଖ୍ୟ ପୁଝାରୀ ବଳଭଦ୍ର ପୁଝାରୀଙ୍କ ବାସଭବନରୁ ଲାଠି ଏବଂ ଗ୍ରାମ୍ୟ ଦେବୀଦେବୀଙ୍କ କାଳିସିମାନେ ଶୋଭାଯାତ୍ରାରେ ବାହାରି ତଲାଗାଁ ସ୍ଥିତ ମୁଖ୍ୟ ପୀଠରେ ପହଞ୍ଚିଥିଲେ। ସେଠାରେ ବିଧିପୂର୍ବକ ବାଆଦୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକଧାରୀ ଭକ୍ତମାନେ ମାନସିକ ପୂରଣ ହେତୁ ବୋଦା ବଳୀ ପ୍ରଦାନ କରିଥିବାବେଳେ ଅନ୍ୟ ଶ୍ରଦ୍ଧାଳୁମାନେ ନଡ଼ିଆ, କଦଳୀ ଓ ଫୁଲ ଦେଇ ପୂଜା ନିବେଦନ କରିଥିଲେ। ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅପରାହ୍ନରେ ନିମନ୍ତ୍ରିତ ଦେବାଦେବୀଙ୍କ ଲାଠି ଓ କାଳିସୀମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମା’ ମାଉଲି ଦେବୀଙ୍କ ମନ୍ଦିର ଅଭିମୁଖେ ଯାଇଥିଲେ। ସେଠାରେ କଣ୍ଠା ଦେଲିରେ ଝୁଲି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହି ଲାଠି ଯାତ୍ରାରେ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଦଶରା ପୂଜା ଅବସରରେ ରାତିରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ଏବଂ କଳାହାଣ୍ଡିର ପ୍ରସିଦ୍ଧ ଲୋକନୃତ୍ୟ ‘ଘୁମୁରା’ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, ନାଏବ ସରପଞ୍ଚ ବିଜୁ ନାଏକ, ସମିତି ସଭ୍ୟ ଉମା ନାଏକ, ପୂର୍ବତନ ସରପଞ୍ଚ ଜମୁନା ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ଏବଂ ନାରୀନେତ୍ରୀ ପ୍ରଭାତୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଘୁମୁରା ପ୍ରତିଯୋଗିତାରେ ମୋଟ ୭ଟି ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଗଜୀନ୍ଦ୍ର ନାଗ ସଞ୍ଚାଳନ କରିଥିବାବେଳେ ଆୟୋଜକ କମିଟିର ସଭାପତି ଧର୍ମାନନ୍ଦ ନାଏକ, ଉପସଭାପତି ଭଜମନ ନାଏକ, ସମ୍ପାଦକ ମନୋଜ ଦାସ, କୋଷାଧ୍ୟକ୍ଷ ଧନବଳ ନାଏକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

■ ବାତ୍ୟା ଓ ଲଗାଣ ବର୍ଷାରେ ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ

କ୍ଷତିପୂରଣ ସହ ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ନୂଆପଡ଼ା, ୨।୧୧(ସମିସ): ବାତ୍ୟା ଓ ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନଚାଷ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେବା ସହ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଏହାର ତୁରନ୍ତ ତଦାରଖ, କ୍ଷତିପୂରଣ ଓ ରାସ୍ତା ମରାମତି ଦାବିରେ ସାମାଜିକ କର୍ମୀ ଭକ୍ତବନ୍ଧୁ ଧରୁଆ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ସମ୍ପ୍ରତି ବାତ୍ୟା ଓ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳର ଚାଷଜମିରେ ଅତ୍ୟଧିକ ପାଣି ଜମି ରହିବାରୁ ଧାନ ଫସଲ ନଷ୍ଟ ହୋଇଛି। ସେହିପରି ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏତେଣୁ କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ କ୍ଷେତ୍ରସ୍ତରୀୟ ସର୍ଭେ କରି ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଓ କୃଷି ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ଗ୍ରାମୀଣ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ପଞ୍ଚାୟତ ଅଧୀନରେ ଥିବା ଅନେକ ରାସ୍ତା ଖାଲଖମାରେ ପରିଣତ ହେବା ସହ କେତେକ ସ୍ଥାନରେ ରାସ୍ତା ଭାଙ୍ଗିଯାଇଛି। ବିଶେଷକରି ଖରିଆର ରୋଡ୍-ପରକୋଡ଼ ରାସ୍ତା, ଧରମବନ୍ଧାରୁ ଗଙ୍ଗାଡ଼ିଗଡ଼ ରାସ୍ତା, ଗୌଧସ ଅଞ୍ଚଳର ରାସ୍ତା, ସୁନାବେଡ଼ା ଅଞ୍ଚଳର ରାସ୍ତା ଓ ପାତାଳଗଙ୍ଗା ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାର ତଦାରଖ ଓ ମରାମତି ଉପରେ ଗୁରୁତ୍ୱ ଦେବା ସହ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତା ଓ ସମସ୍ତ ପଞ୍ଚାୟତ ଅଧୀନରେ ଥିବା ଗ୍ରାମୀଣ ରାସ୍ତାଗୁଡ଼ିକର ମରାମତି ଦାବି କରାଯାଇଛି। ଜିଲ୍ଲାପାଳ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ସମ୍ପୃକ୍ତ ବିଭାଗକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପାଇଁ ଭକ୍ତ ବନ୍ଧୁ ଧରୁଆ ଅନୁରୋଧ କରିଛନ୍ତି।

ସମିତି ସଭ୍ୟଙ୍କ ପରଲୋକ

ଖଡ଼ିଆଳ, ୨।୧୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଭୁଲିଆସିକୁଆଁ ପଞ୍ଚାୟତର ସମିତି ସଭ୍ୟ ତଥା ଖଡ଼ିଆଳ ବ୍ଲକ ବିଜୁ ଜନତା ଦଳର ସମ୍ପାଦକ



ଶିଶୁପାଳ ବାଗଙ୍କର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କର ଅକାଳ ବିୟୋଗରେ ଖଡ଼ିଆଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବିଜୁ ଜନତା ଦଳ ଜଣେ ଦକ୍ଷ ସଂଗଠକ ଓ ଘନିଷ୍ଠ ସହଯୋଗୀଙ୍କୁ ହରାଇଥିବା ମତ ପ୍ରକାଶ ପାଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି।

ପଗାର ବଂଶ ମହାମିଳନ ଉତ୍ସବ; ଏକାଠି ହେଲେ ୪୫ ଖଣ୍ଡ ଗାଁ ବଂଶଜ



କର୍ଲାମୁଣ୍ଡା, ୨।୧୧(ସମିସ): କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ବ୍ଲକ ଟୁର୍ଚିଠାରେ ରବିବାର ପଗାର ବଂଶ ମହାମିଳନ ଉତ୍ସବ ପାଳିତ ହୋଇଯାଇଛି। ଜ୍ୟୋତିର୍ବିଦ ସନ୍ତୋଷ ନନ୍ଦଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କମିଟିର ସଭାପତି କାମଦେବ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ତଥା ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ମୁଖ୍ୟବକ୍ତା ଭାବେ କୋଶଳୀ କବି ଅର୍ଜୁନ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଋଷିକେଶ ସାହୁ ଓ ସତ୍ୟବାନ ସାହୁ ସମ୍ପାଦକ ଧର୍ମପଦ ସାହୁ ଓ କୋଷାଧ୍ୟକ୍ଷ ଲଳିତ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ କୁମାର ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ନୌକେଶ ସାହୁ, ରଙ୍ଗା ସାହୁ ଓ ନୀଳମଣି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

୧୪୬ଟି ଅଭିଯୋଗ ଗ୍ରହଣ; ୧୧ଟି ଅଭିଯୋଗର ତତ୍କାଳ ସମାଧାନ

ଭବାନୀପାଟଣା, ୨।୧୧ (ସମିସ): ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ଦ୍ରୁତ ଓ ନ୍ୟାୟସଙ୍ଗତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ସି ଡି ଓ, ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଆଶିନି ଏଏଲ, ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୨୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣ ଙ୍କୁ ଏବଂ ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୧୧ଟିର ସମାଧାନ ତତ୍କାଳ ଘଟଣାସ୍ଥଳରେ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଦ୍ରୁତ ତଦନ୍ତ ଓ ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଥିଲା। ଏହିଅବସରରେ ମହାରାଣୀ କସ୍ତୁରିକା ମୋହିନୀ ଦେବୀ+୩ ମହାବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ର ପ୍ରେମଲାଲ ଠାକୁର ଏବଂ କେସିଙ୍ଗା ମହାବିଦ୍ୟାଳୟର ଛାତ୍ର ସୁମନ୍ତ ସାହୁଙ୍କୁ ଜିଲ୍ଲାପାଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଯୋଜନା ଅନ୍ତର୍ଗତ ଲାପଟପ୍ ପ୍ରଦାନ କରିଥିଲେ।

ବୋଲେରୋ ଧକ୍କାରେ ଦୁଇ ଯୁବକଙ୍କ ମୃତ୍ୟୁ

ଲାଞ୍ଜିଗଡ଼, ୨।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା-ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କଦଳୀଘାଟି କୁଚେଇଯୋର ନିକଟରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରୀ ପଞ୍ଚାୟତ ପ୍ରତିବେଡା ଗାଁର ଦୁର୍ଯ୍ୟ ଭୋଇ (୩୦) ଓ ଦିଗମ୍ବର ଗୌଡ଼ (୧୭)। ସୂଚନା ଅନୁଯାୟୀ, ଦୁର୍ଯ୍ୟ ନିଜ ଶ୍ୱଶୁର ଘରକୁ ନିଜ ଗାଁର ଦିଗମ୍ବରକୁ ସାଙ୍ଗରେ ନେଇ ଯାଉଥିବାବେଳେ କୁଚେଇଯୋର ନିକଟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ବୋଲୋରେ ଧକ୍କା ଦେଇ ଦଳି ଦେଇଥିଲା। ଖବରପାଇ ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଓ ଗାଡ଼ିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଥାନାରେ ମାମଲା ରୁଜୁ ହୋଇ ନ ଥିବାରୁ ସୋମବାର ଶବ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ଏହି ଘଟଣାକୁ ନେଇ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ କୁଚେଇଯୋର ଠାରେ ରାସ୍ତାରୋକ କରିଥିଲେ। ଫଳରେ ଭବାନୀପାଟଣା-ରାୟଗଡ଼ା ରାସ୍ତାରେ ପ୍ରାୟ ୪ ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ପରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀଙ୍କ ନେତୃତ୍ୱରେ ନର୍ଲା ଥାନାଧିକାରୀ କୈବଲ୍ୟ ସେଠ୍, ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରା, ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀ ମୋହନ ପିଡିକା, ଏସଆଇ ପ୍ରବୀଣ କୁମାର ରଥ, ଅଭିନାଶ ଖୁରା ପ୍ରମୁଖ ଉପସ୍ଥିତ ରହି ବୁଝାସୁଝା କରି ରାସ୍ତାରୋକ ହଟାଇଥିଲେ। ଘଟଣାସ୍ଥଳରେ ନର୍ଲା ତହସିଲଦାର ବିଭୁପ୍ରସାଦ ସିଂ ପହଞ୍ଚି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ୪ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇଛି।



ବାତ୍ୟା ‘ମୁରାସୁ’ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି



ଭବାନୀପାଟଣା, ୨।୧୧(ସମିସ): ବାତ୍ୟା ‘ମୁରାସୁ’ର ପ୍ରଭାବରେ ୩ତାରିଖଠାରୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ ୩ ଓ ୪ ତାରିଖରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏକ ଆଭାସୀ ସମୀକ୍ଷା ବୈଠକ ମାଧ୍ୟମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରଙ୍କ ସହ ଜିଲ୍ଲାର ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବା ସହ ନିଜ ନିଜ କର୍ମସ୍ଥଳରେ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଧନଜୀବନର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାପାଳ ଆସନ୍ତାକାଲି ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଛୁଟି ଘୋଷଣା କରିବାପାଇଁ ପଦକ୍ଷେପ ନେବାକୁ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ଗୋଲାମୁଣ୍ଡା ଓ ଧର୍ମଗଡ଼, ସିଡିଓ ଜିଲ୍ଲାପରିଷଦଙ୍କୁ କଳମପୁର ଓ ଜୁନାଗଡ଼, ଉପ ଜିଲ୍ଲାପାଳଙ୍କୁ କୋକସରା ଓ ଜୟପାଟଣା, ଉପ ଜିଲ୍ଲାପାଳଙ୍କୁ କେସିଙ୍ଗା ବ୍ଲକର ବିଶେଷ ଦାୟିତ୍ୱ ସହ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି।

ଚାଉଳ ବଣ୍ଟନରେ ଦୁର୍ନୀତି ଅଭିଯୋଗ

ବ୍ଲକ୍ କାର୍ଯ୍ୟାଳୟରେ ଗର୍ଜିଲେ ହିତାଧିକାରୀ

ନୂଆପଡ଼ା, ୨।୧୧(ସମିସ)



ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅଧୀନ ବାବେବିର ପଞ୍ଚାୟତର ଖଇରଭାଡ଼ି ଓ ବର୍ତ୍ତନଶୀଳ ଗ୍ରାମର ହିତାଧିକାରୀମାନଙ୍କ ଚାଉଳକୁ ହଡ଼ପ କରିଥିବା ଅଭିଯୋଗ ନେଇ ବୋଡେନ ବ୍ଲକ କାର୍ଯ୍ୟାଳୟକୁ ଶତାଧିକ ହିତାଧିକାରୀ ଆସି ଗର୍ଜିବା ସହ ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୋଡେନ ବିଡିଓ ଚିନ୍ମୟ ସାଗରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗତ ଅଗଷ୍ଟ ମାସରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ହିତାଧିକାରୀଙ୍କୁ ବର୍ଦ୍ଧିତ ଭାବରେ ମୁଣ୍ଡ ପିଛା ୨୦ କିଲୋ ଚାଉଳ ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିଲା। ସେହିପରି ଅନ୍ତୋଦୟ କାର୍ଡଧାରୀଙ୍କୁ ୩୫ କେଜି ଓ ଅନ୍ନପୂର୍ଣ୍ଣା କାର୍ଡଧାରୀ ପାଇଁ ୫ କିଲୋ ଦେବାପାଇଁ ଚାଉଳ ଯୋଗାଣ ହୋଇଥିଲା। ହେଲେ ଏହି ଚାଉଳ ଉଭୟ ଗ୍ରାମର ହିତାଧିକାରୀ ଆଜି ପର୍ଯ୍ୟନ୍ତ ପାଇନାହାଁନ୍ତି। ହିତାଧିକାରୀମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଏଠାରେ ନିଯୁକ୍ତ ଯୋଗାଣ ସହାୟକ ଅଶୋକ ସାହୁ ବିଭିନ୍ନ ବାହାନା ଦେଖାଇ ହିତାଧିକାରୀମାନଙ୍କୁ ଚାଉଳ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏଠାରେ ନିଯୁକ୍ତ ଯୋଗାଣ ଅଧିକାରୀ ପୂର୍ବରୁ ଚାଉଳ ବଣ୍ଟନ ଅନିୟମିତତାକୁ ନେଇ ନିଲମ୍ବିତ ହୋଇଥିଲେ। ହେଲେ ପୁଣିଥରେ ଏହି ପଦରେ ରହି ଆଉ ଦୁର୍ନୀତି କରିବାରେ ମାତିଛନ୍ତି। ତେଣୁ ସମ୍ପୃକ୍ତ ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚାଉଳ ପ୍ରଦାନ କରିବାକୁ ଦାବିପତ୍ରରେ ସମ୍ପୃକ୍ତ ଗ୍ରାମର ହିତାଧିକାରୀ ଅଭିଯୋଗ କରିଛନ୍ତି। ବିଡିଓ ଚିନ୍ମୟ ସାଗରଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ। ଏସମ୍ପର୍କରେ ନୂଆପଡ଼ା ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ହୃଷିକେଶ ନାଏକଙ୍କୁ ପଚାରିବାରୁ ସ୍ଥାନୀୟ ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ।

ପିସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଉଦ୍‌ବେଗ





ବ୍ରହ୍ମପୁର,୨।୧୧(ସମିସ): ଗତ ୩ଦିନ ଧରି ବନ୍ୟା ପ୍ରଭାବିତ ଗଂଜାମ ଜିଲ୍ଲା ପରିଦର୍ଶନ କରି ପିସିସିର ତଥ୍ୟ ସଂଗ୍ରହ କମିଟି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛି। ସରକାର ବନ୍ୟା ପରିସ୍ଥିତି ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ମଧ୍ୟ ନୈରାଶ୍ୟଜନକ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରି ସରକାର ଭରଣା କରିବେ ବୋଲି ଚାଷୀକୁଳର ଭରସା ନଥିବା ହିଁ ଚାଷୀ ଆତ୍ମହତ୍ୟା ଘଟଣାରୁ ସ୍ପଷ୍ଟ ପ୍ରମାଣ ମିଳୁଛି। ତେଣୁ ସରକାର ତୁରନ୍ତ କ୍ଷୟକ୍ଷତିର ଆକଳନ କରନ୍ତୁ, ସର୍ବଦଳୀୟ ବୈଠକ ଡାକି, ଅଭିଜ୍ଞ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଡାକି ଆଲୋଚନା କରନ୍ତୁ ବୋଲି ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ଜଗନ୍ନାଥ ପଟ୍ଟନାୟକ। ଗତ ୩ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ ବେଳେ ଘର ଭିତରେ ୪-୫

ସରକାରଙ୍କ ଉପରେ ଚାଷୀକୂଳର ବିଶ୍ୱାସ ନାହିଁ; ଚାଷୀ ଆତ୍ମହତ୍ୟା ବଡ ପ୍ରମାଣ

ଆତ୍ମହତ୍ୟା କରିଥିବା ଚାଷୀ ଅର୍ଜୁନଙ୍କ ପରିବାରକୁ ୨୦ଲକ୍ଷ ସହାୟତା ପ୍ରଦାନ ଦାବି

ଫୁଟ ପାଣି ଥିବା ଦେଖିବାକୁ ମିଳିଛି। ସବୁଠି ଘର ଭିତରେ ପାଣି ପଶି ଦୁର୍ଗନ୍ଧରେ ନାକ ଫାଟିଯାଉଛି। ତଥାପି ସାମାନ୍ୟ ବ୍ଲିଚିଂ ପାଉଡର ଟିକିଏ ମଧ୍ୟ ସିଞ୍ଚନ କରାଯାଇନାହିଁ। ସରକାର ତୁରନ୍ତ ଆତ୍ମହତ୍ୟା କରିଥିବା ଚାଷୀ ଅର୍ଜୁନ ପଣ୍ଡାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦିଅନ୍ତୁ ବୋଲି ଦାବି କରିଛନ୍ତି ପଞ୍ଚାନନ କାନୁନଗୋ। ବନ୍ୟାଂଚଳ ପରିଦର୍ଶନ ବେଳେ ଲୋକଙ୍କ ନିକଟରେ ସହାୟତା ପହଞ୍ଚିନଥିବା ଅଭିଯୋଗ ହୋଇଛି। ବିରୋଧୀଙ୍କୁ ମଧ୍ୟ ସରକାର ବିଶ୍ୱାସକୁ ନେଇ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି ବରିଷ୍ଠ ନେତା ଶିବାନନ୍ଦ ରାୟ। ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ରଶ୍ମିରଂଜନ ପଟ୍ଟନାୟକ ପିସିସିର ଏକ ପ୍ରତିନିଧି ଦଳ ଦୁଇଦିନ ଧରି ଗଞ୍ଜାମରେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତଙ୍କୁ ରିଲିଫ ବଣ୍ଟନ କାର୍ଯ୍ୟ ତଦାରଖ କରିଛନ୍ତି। ଆସନ୍ତାକାଲି ଦିଗପହଣ୍ଡି ଅଞ୍ଚଳକୁ ଗସ୍ତ କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି। ପିସିସି ଟିମ୍ ସ୍ଥିତି ଅନୁଧ୍ୟାନ ସହ କ୍ଷୟକ୍ଷତି ଆକଳନ କରି ଫେରୁଛନ୍ତି। ତା'ପରେ ପିସିସି ସଭାପତି ଭକ୍ତଚରଣ ଦାସ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ବୋଲି ସେ ସୂଚନା ଦେଇଛନ୍ତି। ବନ୍ୟାକୁ ଇତି ମଧ୍ୟରେ ୫ଦିନ ବିତିସାରିଛି, ଲୋକଙ୍କ ନିକଟରେ ସରକାରୀ ଅଧିକାରୀ କିମ୍ବା ରିଲିଫ ପହଞ୍ଚିପାରି ନାହିଁ। ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଓ ସରକାର ଯତ୍ନବାନ ହେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ପିସିସିର ଦୁଇ ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ ଓ ଉଷାରାଣୀ ବେହେରା, ପିସିସି କାର୍ଯ୍ୟକାରିଣୀ ସଭ୍ୟ ସୁଧାଂଶୁ ଦେଓ ପ୍ରମୁଖ ଯୋଗଦେଇଥିଲେ। ଡିସିସି ପକ୍ଷରୁ ଉପସଭାପତି ଅଶୋକ ପଟ୍ଟନାୟକ ଓ ଭୋକାଲି ସେଠୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

‘ଅର୍ଣ୍ଣବ ତାଣ୍ଡବରେ ସରକାରଙ୍କ ଶୂନ୍ୟ ଜୀବନହାନି ଘୋଷଣା ଏକ ମିଥ୍ୟା ଆସ୍ଫାଳନ’

■ ସିପିଆଇ(ଏମ) ନେତୃତ୍ୱର ଜିଲ୍ଲାର ବିଭିନ୍ନ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ

ବ୍ରହ୍ମପୁର,୨।୧୧(ସମିସ): ସିପିଆଇ(ଏମ) ଦଳ ପକ୍ଷରୁ ବରିଷ୍ଠ ନେତା ଅଲି କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ରାମ ଚନ୍ଦ୍ର ନାୟକ, ଦିଲ୍ଲୀପ ଛୋଟରାୟ, କୈଳାଶ ଷଡ଼ଙ୍ଗୀ,



ଅଜୟ ଗୌଡ଼, ଖଲି ସ୍ୱାଇଁ, କୃଷକସଭା ନେତା ଗୋପାଳ ପାଣିଗ୍ରାହୀ, ନୀଳମଣି ଗୁରୁ, ବିଭୂପ୍ରସାଦ ପାଣିଗ୍ରାହୀ, କ୍ଷେତମୁଲିଆ ନେତା ପଦ୍ମ ପ୍ରଧାନ, ଯୁବ ଫେଡେରେସନ ଜିଲ୍ଲାନେତା ପ୍ରଶାନ୍ତ ବିଷୋୟୀ, ଅଜିତ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ ଏକ ପ୍ରତିନିଧି ମଣ୍ଡଳୀରେ ଗଞ୍ଜାମ ଜିଲ୍ଲାର ଗଞ୍ଜାମ, ଦିଗପହଣ୍ଡି, ସାନଖେମୁଣ୍ଡି, ଶେରଗଡ଼, ଆସିକା, ଧରାକୋଟ, ସୋରଡ଼ା, ବେଲଗୁଣ୍ଠା, ହିଞ୍ଜିଳିକାଟୁ ଓ କୁକୁଡାଖଣ୍ଡି ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଗ୍ରାମ ସହିତ ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଦିଗପହଣ୍ଡି ସହରର ଆକ୍ରାନ୍ତ ଅଞ୍ଚଳ ଗତ ୪ଦିନ ଧରି ଗସ୍ତ କରିଛନ୍ତି। ଏ ନେଇ ନେତୃବୃନ୍ଦ କହିଛନ୍ତି ଯେ, ପ୍ରଥମରୁ “ଶୂନ୍ୟ ଜୀବନହାନି’ ହେବ ବୋଲି ରାଜ୍ୟ ସରକାରଙ୍କ ଆସ୍ଫାଳନ ବେଲୁନ ଭଳି ଫାଟିଗଲା। ବର୍ତ୍ତମାନ ସୁଦ୍ଧା ମିଳୁଥିବା ସୂଚନା ଅନୁଯାୟୀ ଗଜପତି, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାରେ ୧୦ଜଣଙ୍କ ମୃତ୍ୟୁ ହୋଇଛି ଅଥବା ନିଖୋଜ ହୋଇଛନ୍ତି। ସେହିଭଳି ଅନ୍ୟଏକ ମର୍ମନ୍ତୁଦ ଘାଟଣା ହେଉଛି ଶେରଗଡ଼ ବ୍ଲକ ଅଧିନସ୍ତ ଡ଼େଙ୍ଗାପଦର ପଂଚାୟତର ବାତିଲିକଣା ଗ୍ରାମର ୬୫ବର୍ଷ ବୟସ୍କ କ୍ଷୁଦ୍ରଚାଷୀ ଅର୍ଜୁନ ପଣ୍ଡା ଆତ୍ମହତ୍ୟା। କ୍ଷୟକ୍ଷତି ଜନିତ ଭାରାକ୍ରାନ୍ତ ହୋଇ ହତାଶ ଯୋଗୁଁ ସଂଗ୍ରହ କରିଥିବା ପୋକମରା ଔଷଧ ପାନ କରି ଆତ୍ମହତ୍ୟା କଲେ। ଆତ୍ମହତ୍ୟାର ମୂଳ କାରଣ ହେଉଛି ସରକାର ଓ ବ୍ୟବସ୍ଥା ଉପରେ ଅବିଶ୍ୱାସ। ଆତ୍ମହତ୍ୟା କରିଥିବା ଚାଷୀ ଅର୍ଜୁନ ପଣ୍ଡାଙ୍କ ପରିବାରକୁ ଅର୍ଣ୍ଣବ କ୍ଷତିପୂରଣ ବ୍ୟବସ୍ଥା ଲାଗୁ କରି ସମସ୍ତ ସହାୟତା ପ୍ରଦନ ଲାଗି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ) ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦାବି କରାଯାଇଛି।

ତାର ପ୍ଲାଣ୍ଟରେ ଭୟାବହ ଅଗ୍ନିକାଣ୍ଡ, ୩ଟି ଦମକଳ ଗାଡ଼ି ନିୟୋଜିତ

ଗ୍ୟାସ୍ କଟରରେ ଡବା କାଟିବା ବେଳେ ଲାଗିଲା ନିଆଁ



ବ୍ରହ୍ମପୁର,୨।୧୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆଲ୍ଲିପୁର ଓ ମନସୁରକୋଟା ଗ୍ରାମ ମଧ୍ୟରେ ଥିବା ଏକ ତାର ପ୍ଲାଣ୍ଟରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ଲାଣ୍ଟ ପରିସରରେ ଥିବା ତାର ଡବାକୁ ଗ୍ୟାସ୍ କଟର ସାହାଯ୍ୟରେ କାଟିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ନିମିଷକ ମଧ୍ୟରେ ନିଆଁ ଭୟଙ୍କର ରୂପ ଧାରଣ କରିଥିବାରୁ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ଅନୁଯାୟୀ, ପ୍ଲାଣ୍ଟରେ ଗ୍ୟାସ୍ କଟର ଦ୍ୱାରା ଡବା କଟାଯାଉଥିବା ବେଳେ ଅଚାନକ ନିଆଁ ଲାଗିଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ସେଠାରେ ଉପସ୍ଥିତ ଲୋକେ ଏହାକୁ ଆୟତ୍ତ କରିପାରି ନଥିଲେ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗର ୩ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀ ଏସ୍.କେ. ଲେଙ୍କା, ଆର୍. କେ. ମଲ୍ଲିକ, ଏସ୍.କେ. ସିଂହ, ବି.ସିଏଚ୍. ଭୋଇ ଓ ଜେ.କେ. ପ୍ରଧାନ ପ୍ରମୁଖ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ଶେଷରେ ନିଆଁକୁ ଆୟତ୍ତ କରାଯାଇଥିଲା।

ଖବର ପ୍ରକାଶ ପରେ ଚେତିଲେ ଅଧିକାରୀ

ବ୍ରହ୍ମପୁର,୨।୧୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ନିୟମିତ ବେଡ୍‌ସିଟ୍ ମିଳୁନଥିବା ଅଭିଯୋଗ ରହିଥିଲା। ଯାହାକୁ ନେଇ ଦୈନିକ ଖବରକାଗଜ ‘ସକାଳ’ରେ ଏକ ଖବର ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ସମସ୍ୟାକୁ ନେଇ ଏମକେସିଜି ମେଡିକାଲ ନର୍ସିଂ ଅଧୀକ୍ଷକ ତତ୍ପରତା ପ୍ରକାଶ କରିଛନ୍ତି। ମେଡ଼ିକାଲରେ ଚିକିତ୍ସିତ ରୋଗୀ ୱାର୍ଡ଼ ଗୁଡ଼ିକରେ ଥିବା ଶଯ୍ୟାରେ ବେଡ୍‌ସିଟ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ହସ୍ପିଟାଲର କେତେକ ରୋଗୀ ଶଯ୍ୟାରେ ବେଡ୍‌ସିଟ୍ ନଥିବା ଦେଖିବା ପରେ ନର୍ସିଂ ଅଧୀକ୍ଷକଙ୍କ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ରୋଗୀ ଶଯ୍ୟାରେ ରୋଗୀଙ୍କ ବ୍ୟବହାର ପୂର୍ବରୁ ସଫା ବେଡ୍‌ସିଟ୍ ବିଛାଯିବ। ବେଡ୍‌ସିଟ୍ ବିନା କୌଣସି ଶଯ୍ୟା ରୋଗୀଙ୍କ ବ୍ୟବହାର ପାଇଁ ରଖାଯାଇପାରିବ ନାହିଁ। ବ୍ୟବହୃତ କିମ୍ବା ମଇଳା ବେଡ୍‌ସିଟ୍‌କୁ ତୁରନ୍ତ ବଦଳାଇ ସଫା ବେଡ୍‌ସିଟ୍ ବିଛାଇବାକୁ କୁହାଯାଇଛି। ଏଥିସହ ନର୍ସିଂ ଇନ୍‌ଚାର୍ଜ ଓ ସମ୍ପୃକ୍ତ ନର୍ସିଂ ଅଧିକାରୀମାନେ ନିଜ ନିଜ ବିଭାଗରେ ବେଡ୍‌ସିଟ୍ ବ୍ୟବସ୍ଥାର ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି। ରୋଗୀଙ୍କ ସ୍ୱାସ୍ଥ୍ୟ, ସୁବିଧା ଓ ହସ୍ପିଟାଲର ପରିଚ୍ଛନ୍ନତା ଦୃଷ୍ଟିରୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ସମସ୍ୟାକୁ ନେଇ ଆରମ୍ବାର ଅଭିଯୋଗ କରୁଥିବା ବେଳେ ବେଡ୍‌ସିଟ୍ ସଫେଇର ଦାୟିତ୍ୱରେ ଥିବା ଘରୋଇ ଠିକା ସଂସ୍ଥା ମେଡ଼ିକାଲର ବିଭିନ୍ନ ୱାର୍ଡ଼କୁ ନିୟମିତ ସଫେଇ ବେଡ୍‌ସିଟ୍ ଯୋଗାଉନଥିବା ଅଭିଯୋଗ ହୋଇଛି। ସଂସ୍ଥାର ଏଭଳି ଅମାନିଆର ନୀତି ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ସେପଟେ ରୋଗୀଙ୍କୁ ନିୟମିତ ସଫା ବେଡ୍‌ସିଟ ନମିଳିବାରୁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରଛନ୍ତି।

ବ୍ୟବହୃତ ଓ ମଇଳା ବେଡ୍‌ସିଟ୍ ତୁରନ୍ତ ବଦଳାଇବାକୁ ନିର୍ଦ୍ଦେଶ

ଏମକେସିଜି କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧା କରୁଛି ଠିକା ସଂସ୍ଥା

ଟିପିଏସ୍‌ଓଡିଏଲ ସିଇଓ’ଙ୍କ ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ

ବ୍ରହ୍ମପୁର,୨।୧୧(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍)ର ସିଇଓ ଅମିତ କୁମାର ଗର୍ଗ ବରିଷ୍ଠ ଅଧିକାରୀଙ୍କ ସହ ଗଞ୍ଜାମ ଜିଲ୍ଲାର ବାତ୍ୟା ପରବର୍ତ୍ତି ବନ୍ୟା ପ୍ରଭାବିତ ଅଞ୍ଚଳ ଯଥା ଆସିକା, ଶେରଗଡ଼ ଓ ସାନଖେମୁଣ୍ଡି ଅଞ୍ଚଳ ଗସ୍ତ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହିତ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗସ୍ତ କାଳରେ ଶ୍ରୀଗର୍ଗ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସେମାନେ ସାମ୍ନା କରିଥିବା ସମସ୍ୟା ଏବଂ ଅନୁଭୂତି ସମ୍ପର୍କରେ ପଚାରି ବୁଝିଥିଲେ। ପୁନଃସ୍ଥାପନ କାର୍ଯ୍ୟରେ ସହଯୋଗ ପାଇଁ ସମଗ୍ର ଦକ୍ଷିଣଓଡ଼ିଶାରେ ପ୍ରାୟ ୬,୫୦୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ପ୍ରାୟ ୪୦୦ଟି ଗାଡ଼ି, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଏବଂ ୧୬ଟି ଟ୍ରାନ୍‌ଜିଟ୍ ଷ୍ଟୋର୍‌ର ସହାୟତା ଯୋଗାଇ ଦିଆଯାଇଛି। ଏହାଦ୍ୱାରା କର୍ମଚାରୀ, ଯନ୍ତ୍ରପାତି ଓ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଆବଶ୍ୟକ ସ୍ଥାନରେ ଶୀଘ୍ର ପହଞ୍ଚାଇବା ସମ୍ଭବପର ହେଉଛି। ଗସ୍ତ ସମୟରେ ଶ୍ରୀ ଗର୍ଗ କ୍ଷେତ୍ରସ୍ତରରେ ଉତ୍ତମ ସମନ୍ୱୟ ରକ୍ଷା, ଉପଭୋକ୍ତାଙ୍କ ସମସ୍ୟାର ତୁରନ୍ତ ସମାଧାନ ଏବଂ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଦ୍ୟୁତ୍ ଯୋଗାଣର ଯଥାଶୀଘ୍ର ପୁନଃସ୍ଥାପନ ଉପରେ ଗୁରୁତ୍ୱ



‘ପ୍ରଦୀପ ସେଠୀ’ ମୃତ୍ୟୁ ଦୁର୍ଘଟଣା ଜନିତ ନୁହେଁ; ଯୋଜନାବଦ୍ଧ ହତ୍ୟା!

ବ୍ରହ୍ମପୁର,୨।୧୧(ସମିସ): ବ୍ରହ୍ମପୁର ସହରରେ ସଡ଼କ ଦୁର୍ଘଟଣା ଆଳରେ ଲୁଚି ରହିଥିବା ଏକ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହୋଇଛି। ଗତ ୩୦ତାରିଖରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଅଞ୍ଚଳରେ ଜଗବନ୍ଧୁ ସାହି ନିବାସୀ ତଥା ମୋଷ୍ଟ ୱାଣ୍ଟେଡ୍ ପ୍ରଦୀପ କୁମାର ସେଠୀଙ୍କୁ ହତ୍ୟା ହୋଇଥିଲା। ଏହି ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ଲକ୍ଷ୍ମୀନୃସିଂହ ସାହିର ଲବ ସେଠୀ, ବଡ଼ ରେଡ଼ିକା ସାହିର ଦୀପକ ସେଠୀ ଓ ଶାନ୍ତିନଗରର ବାବୁଲା ବେହେରା। ମିଳିଥିବା ସୂଚନା ପ୍ରକାରେ, ଗତ ଅକ୍ଟୋବର ୩୦ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ବୈଦ୍ୟନାଥପୁର ଥାନା ଅଧୀନ ଆଙ୍କୁଲି ଅଞ୍ଚଳରେ ଥିବା ଏକ ଚାହା ଦୋକାନ ସମ୍ମୁଖରେ ପ୍ରଦୀପଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ପୂର୍ବ ଗ୍ୟାଙ୍ଗ୍ ଶତ୍ରୁତାକୁ କେନ୍ଦ୍ର କରି ଲବ ସେଠୀ, ସୁନୀଲ ନାହାକ, ଭିକି ସାହୁ, ବାବୁଲା ବେହେରା ଓ ଦୀପକ ସେଠୀ ଆଦି ସଂଘବଦ୍ଧ ଭାବେ ପ୍ରଦୀପଙ୍କୁ ଖଣ୍ଡା ଓ ପଥରରେ ଆକ୍ରମଣ କରିଥିବା ପୁଲିସ ରିପୋର୍ଟରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ପ୍ରଦୀପଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ଆକ୍ରମଣର ଯୋଜନା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ଆକ୍ରମଣରେ ଗୁରୁତର ଆହତ ପ୍ରଦୀପଙ୍କୁ ତାଙ୍କ ପରିବାର ଲୋକେ ସରକାରୀ ଡାକ୍ତରଖାନା ପରିବର୍ତ୍ତେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିକ୍ରାନ୍ତ ହେଲ୍ଥ କେୟାର ନାମକ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ସହ ଆଘାତ ସ୍ଥାନରେ ସିଲେଇ କରାଯାଇଥିଲା। ତେବେ ଅବସ୍ଥା କ୍ରମଶଃ ସଙ୍କଟାପନ୍ନ ହେବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ୮ଟା ୩ମିନିଟ୍‌ରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଥମେ ସଡ଼କ ଦୁର୍ଘଟଣା ଭାବେ ରୁଜୁ ହୋଇଥିବା ଏହି ମାମଲା ଏବେ ଭିନ୍ନମୋଡ଼ ନେଇଛି। ସାକ୍ଷୀଙ୍କ ବୟାନ, ମୃତଦେହରେ ଥିବା ଆଘାତ ଚିହ୍ନ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଦର୍ଶାଇଛନ୍ତି ବ୍ରହ୍ମପୁର ଟ୍ରାଫିକ୍ ଥାନା ଅଧିକାରୀ ପଦ୍ମ ଚରଣ ଭଞ୍ଜ। ସମସ୍ତ ତଥ୍ୟକୁ ଆଧାର କରି ପ୍ରଦୀପଙ୍କ ମୃତ୍ୟୁ ସଡ଼କ ଦୁର୍ଘଟଣା ଜନିତ ନୁହେଁ, ବରଂ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ସେ ବୈଦ୍ୟନାଥପୁର ଥାନାକୁ ରିପୋର୍ଟ ପ୍ରଦାନ କରିବା ସହ ହତ୍ୟା, ଅପରାଧିକ ଷଡ଼ଯନ୍ତ୍ର, ସଂଗଠିତ ଅପରାଧ ଓ ଅସ୍ତ୍ର ଆଇନ ଅଧୀନରେ ନୂତନ ମାମଲା ରୁଜୁ କରିବାକୁ ଅନୁରୋଧ କରିଥିବା ଜଣାପଡିଛି। ଏହି ଘଟଣାରେ ଲବ ସେଠୀ, ଦୀପକ ସେଠୀ ଓ ବାବୁଲା ବେହେରା ନାମକ ୩ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ସୂଚନା ମିଳିଛି। ସେହିପରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅନ୍ୟ ଏକାଧିକ ବ୍ୟକ୍ତି ଫେରାର ଥିବା ଜଣାପଡ଼ିଛି। ଫେରାର ଅଭିଯୁକ୍ତଙ୍କ ସନ୍ଧାନ ସହ ହତ୍ୟାକାଣ୍ଡ ପଛରେ ରହିଥିବା ଷଡ଼ଯନ୍ତ୍ରର ଅନ୍ୟ ଦିଗଗୁଡ଼ିକ ଉପରେ ତଦନ୍ତ ଜାରି ରହିଛି।

୨ବର୍ଷ ପରେ ଅପହୃତା ନାବାଳିକା ଉଦ୍ଧାର; ଅଭିଯୁକ୍ତ ଗିରଫ

● ମୁମ୍ବାଇକୁ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ



ବ୍ରହ୍ମପୁର,୨।୧୧(ସମିସ): ଗୋପାଳପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରି ମୁମ୍ବାଇ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମର କାହ୍ନା ଦାସ (୨୫)। ସୂଚନାଯୋଗ୍ୟ ଯେ,୨୦୨୪ମସିହା ଅଗଷ୍ଟ ୧୭ତାରିଖରେ ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକା (୧୫)ଙ୍କୁ ଅଭିଯୁକ୍ତ କାହ୍ନା ଦାସ ଅପହରଣ କରି ନେଇଥିଲେ। ଅଭିଯୁକ୍ତ ତାଙ୍କୁ ମୁମ୍ବାଇ ନେଇ ସେଠାରେ ଯୌନ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ୨୦୨୪ମସିହା ଅଗଷ୍ଟ ୧୮ ତାରିଖରେ ଗୋପାଳପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ପରେ ଆଜି ଗୋପାଳପୁର ପୋଲିସ କୁକୁଡ଼ାଖଣ୍ଡି ଗ୍ରାମରେ ଥିବା ଅଭିଯୁକ୍ତଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବୟାନ ରେକର୍ଡ କରିଥିଲା।

ଘରପିଛା ୫ ଲକ୍ଷ ଟଙ୍କା ବାତ୍ୟା କ୍ଷତିପୂରଣ ଦାବି

ବ୍ରହ୍ମପୁର,୨।୧୧(ସମିସ): ରାଜ୍ୟରେ ବାତ୍ୟା ‘ଅର୍ଣ୍ଣବ’ ଓ ଅବିରତ ବର୍ଷା ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା କ୍ଷତିପୂରଣ ସହାୟତା ରାଶି ଅତ୍ୟନ୍ତ ଅପର୍ଯ୍ୟାପ୍ତ ବୋଲି ସ୍ଥାନୀୟ ସମାଜବାଦୀ ସଙ୍ଗଠନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦୃଢ଼ ସମାଲୋଚନା କରିଛି। ସରକାରଙ୍କ ଘୋଷଣା ଅନୁଯାୟୀ, ସମ୍ପୂର୍ଣ୍ଣ ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ଘର ପାଇଁ ସମତଳ ଅଞ୍ଚଳରେ ୧ଲକ୍ଷ ୨୦ହଜାର ଟଙ୍କା ଓ ପାର୍ବତ୍ୟ ଅଞ୍ଚଳରେ ୧ଲକ୍ଷ ୩୦ହଜାର ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, କଚ୍ଚା ଘର ପାଇଁ ୪ହଜାର ଟଙ୍କା ଏବଂ କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ବାତ୍ୟା ଓ ବନ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପାଣ୍ଠି ଘୋଷଣା କରାଯାଉ ବୋଲି ଦାବି କରି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ଘର ପାଇଁ ସର୍ବନିମ୍ନ ୫ଲକ୍ଷ ଟଙ୍କା, କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ସର୍ବନିମ୍ନ ୩ଲକ୍ଷ ଓ କଚ୍ଚା ଘର ପାଇଁ ଅନ୍ୟୁନ ୨ଲକ୍ଷ ଟଙ୍କା ସହାୟତା ଦିଆଯାଉ। କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ସର୍ବନିମ୍ନ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ ସହିତ କ୍ଷତିଗ୍ରସ୍ତ ଚାଷୀ, କୃଷି ଶ୍ରମିକ ଓ ଗୃହପାଳିତ ପଶୁସମ୍ପଦ ହରାଇଥିବା ପରିବାରଙ୍କୁ ଯଥୋଚିତ କ୍ଷତିପୂରଣ ସହ ତୁରନ୍ତ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ମଞ୍ଚ ଦାବି କରିଛି। ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ମନୋଜ କୁମାର ତରାଇ, ଗଗନ ଚାନ୍ଦ ପ୍ରଧାନ, ଶିକ୍ଷକ ସଂଗଠନ ନେତା ଅଶୋକ କୁମାର ଦଳାଇ, ସମ୍ପାଦକ ଗୁଣନିଧି ବେହେରା, ଆର୍. ସତ୍ୟ ନାରାୟଣ ରାଓ, ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା ଓ ହୃଷୀକେଶ ପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

ବନ୍ୟା ପ୍ରଭାବିତ ଗଞ୍ଜାମକୁ ସହାୟତାର ହାତ ବଢ଼ାଇଲା ବିଏମ୍‌ସି



ବ୍ରହ୍ମପୁର,୨।୧୧(ସମିସ)

‘ଅର୍ଣ୍ଣବ’ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ସହାୟତାର ହାତ ବଢାଇଛି ଭୁବନେଶ୍ୱର ମହାନଗର ନିଗମ। ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ଏକ ପ୍ରତିନିଧି ଦଳ ଗଞ୍ଜାମ ଗସ୍ତରେ ଆସି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଥିଲେ। ନିଗମ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନଗଦ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ୨୫ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ୧୦ହଜାର ପାଣିବୋତଲ ପ୍ରଦାନ କରାଯାଇଛି। ସମସ୍ତ ସାମଗ୍ରୀକୁ ଏକ ଟ୍ରକରେ ଭୁବନେଶ୍ୱରରୁ ଅଣାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇଙ୍କ ସହ ବିଏମସିର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ପରେ ଏହି ପ୍ରତିନିଧି ଦଳ ଗଞ୍ଜାମ ବ୍ଲକର ପୋଇରାଶି ପଞ୍ଚାୟତର ବରପଲ୍ଲୀ ଓ ଭୁଆଁଭୂଇଁ ଗ୍ରାମକୁ ଯାଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଗଞ୍ଜାମ ଜିଲ୍ଲାରେ ବାତ୍ୟାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଯଦିଓ ଆଗୁଆ ସତର୍କ ସୂଚନା ଦିଆଯାଇଥିଲା ଏବଂ ଜିଲ୍ଲାକୁ ଗତ ୨୪ତାରିଖ ଠାରୁ ରେଡ ଆଲର୍ଟ ତାଲିକା ଭୁକ୍ତ କରାଯାଇଥିଲା ତଥାପି ପ୍ରଶାସନିକ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ବା ସତର୍କତା ଅବଲମ୍ବନ କରାଯାଇନଥିବା କୁହାଯାଇଛି। ତେବେ ସବୁଠାରୁ ବଡକଥା ହେଲା ‘ଡ୍ୟାମ ପରିଚାଳନା’ରେ ତ୍ରୁଟି ହିଁ ସରକାରୀ ବିଫଳତାର ଅନ୍ୟତମ ମୁଖ୍ୟ କାରଣ ବୋଲି କହିଛନ୍ତି ଭୁବନେଶ୍ୱର ମେୟର ଶ୍ରୀମତି ସୁଲୋଚନା ଦାସ। ବାତ୍ୟା ଟଳିବାର ଦିର୍ଘ ଦିନ ପରେ ମଧ୍ୟ ପୁନଃରୁଦ୍ଧାର ଓ କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଘୋଷଣା ହୋଇଥିବା କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ପୁଣି ଥରେ ଆଉ ଏକ ବାତ୍ୟା ଓ ଏହାକୁ ନେଇ ଆଶଙ୍କା ଜିଲ୍ଲାବାସୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ପ୍ରଶାସନ ପକ୍ଷରୁ ପୁଣି ଥରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲେ ହେଁ ଅଣ୍ଟା ସଳଖିବା ପୂର୍ବରୁ ପୁଣି ଏକ ବାତ୍ୟା ସମଗ୍ର ଗଞ୍ଜାମ ଜିଲ୍ଲାବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଡ୍ୟାମ ପରିଚାଳନାରେ ତ୍ରୁଟି ଯୋଗୁଁ ଜିଲ୍ଲାରେ ମନୁଷ୍ୟକୃତ ବନ୍ୟା ଯୋଗୁଁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଚାଷଜମି ଉଜୁଡି ଯାଇଛି। ଏଭଳି ସ୍ଥିତିରେ ପ୍ରଶାସନ ଓ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୁନଃରୁଦ୍ଧାର କାର୍ଯ୍ୟ କରିବା ସହିତ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ପରିମାଣର କ୍ଷତିପୂରଣ ପ୍ରଦାନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମେୟର ସୁଲୋଚନା ଦାସଙ୍କ ସମେତ ବିରଞ୍ଚି ନାରାୟଣ ମହାସୁପକାର, ନୃପେଶ କୁମାର ନାୟକ, ରାଜକିଶୋର ଦାସ, ମିହିର କୁମାର ରାଉତ, ରଞ୍ଜୁଲତା ରାୟ, ମଧୁସ୍ମିତା ପ୍ରଧାନ ଓ ବହୁ ଅଧିକାରୀ ସାମିଲ ଥିଲେ। ସେହିଭଳି ଏହି ପ୍ରତିନିଧିଡ଼ି ଦଳ ସହିତ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତି ସଂଘମିତ୍ରା ଦଳେଇଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଜାମ୍ପୁଲ୍ଲା ଶ୍ରୀନୁ, ଡଃ ସୋନାଲି ଗନ୍ତାୟତ, ଶ୍ୱେତରେଖା ତ୍ରିପାଠୀ, ଧୀରେଶ କୁମାର ସାବତ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା ଓ ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା ପ୍ରମୁଖ ସାମିଲ ଥିଲେ।

■ ୧ଲକ୍ଷ ଟଙ୍କା, ୧୦ହଜାର ପାଣିବୋତଲ ଓ ୨୫ ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ

■ ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ଭୁବନେଶ୍ୱର ଓ ବ୍ରହ୍ମପୁର ମେୟରଙ୍କ ସହିତ ବହୁ କର୍ପୋରେଟର

ରୋଷେଇ ଘରେ ମହିଳା, ବିଛଣାରୁ ସୁନା ଗାଏବ!

● ସମ୍ପର୍କୀୟଙ୍କ ନାଁରେ ଚୋରି ଅଭିଯୋଗ, ପୁଲିସ ତଦନ୍ତ ଜାରି

ବ୍ରହ୍ମପୁର,୨।୧୧(ସମିସ): ଘରେ ମହିଳା ରୋଷେଇ କରୁଥିବା ବେଳେ ବିଛଣା ଉପରେ ରଖାଯାଇଥିବା ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡକଥା ହେଲା ଏହି ଚୋରି ଘଟଣାରେ କୌଣସି ବାହାର ଲୋକ ନୁହେଁ, ବରଂ ଏଥିରେ ମହିଳାଙ୍କ ଖୋଦ୍ ଜଣେ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଘଟଣା ପରେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ମଧ୍ୟସ୍ଥତାରେ ସୁନା ଫେରାଇବାକୁ ପ୍ରତିଶ୍ରୁତି ମିଳିଥିଲା। ତେବେ ପ୍ରତିଶ୍ରୁତିର ଦୀର୍ଘ ୩ମାସ ପରେ ବି ଅଳଙ୍କାର ଫେରସ୍ତ ମିଳିନଥିବା ଯୋଗୁଁ ଶେଷରେ ନ୍ୟାୟ ପାଇଁ ମହିଳା ଜଣକ ବ୍ରହ୍ମପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖ ମୋଚି ସାହି ଅଞ୍ଚଳରେ ରହୁଥିବା ମହିଳା ଏନ୍. ମୁଟିଆଲୁ (୫୨) ଗତ ଜୁଲାଇ ୨୦ତାରିଖି ସକାଳ ସମୟରେ ନିଜ ରୋଷେଇ ଘରେ କାମ କରୁଥିଲେ। ଏହି ସମୟରେ ସେ ନିଜର ଏକ ସୁନା ହାର, କାନଫୁଲ ଓ ଅନ୍ୟଦୁଇଟି ସୁନା ଅଳଙ୍କାର ବିଛଣା ଉପରେ ରଖିଥିଲେ। ମହିଳା ଜଣକ ରୋଷେଇ କାମରେ ବ୍ୟସ୍ତ ଥିବାର ସୁଯୋଗ ନେଇ ସେହି ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ନିକଟତମ ସମ୍ପର୍କୀୟ ଡି. ରମେଶ (୨୩) ଘରେ ପଶି ଉକ୍ତ ସୁନା ଅଳଙ୍କାର ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ମହିଳା ଜଣକ ପ୍ରଥମେ ପୁଲିସ ନିକଟକୁ ନଯାଇ ସ୍ଥାନୀୟ ଅଞ୍ଚଳର ଭଦ୍ରବ୍ୟକ୍ତି ଜଗନ୍ନାଥ ରାଓଙ୍କୁ ଜଣାଇଥିଲେ। ପରେ ଜଗନ୍ନାଥ ରାଓ ଅଭିଯୁକ୍ତ ରମେଶଙ୍କ ପରିବାର ସହ ଏନେଇ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସୁନା ଅଳଙ୍କାର ଫେରାଇଦେବାକୁ ରମେଶଙ୍କ ପରିବାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ମହିଳା ଜଣକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପ୍ରତିଶ୍ରୁତି ମିଳିବା ପରେ ମଧ୍ୟ ସୁନା ଅଳଙ୍କାର ଫେରସ୍ତ ମିଳିନଥିଲା। ଏପରିକି ଘଟଣାକୁ ୩ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ସୁନା ଫେରାଇବା ଦିଗରେ କୌଣସି ସୁଫଳ ନମିଳିବାରୁ ମହିଳା ଜଣକ ଶେଷରେ ଆଇନର ଆଶ୍ରୟ ନେଇଛନ୍ତି। ଗତ ୧ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଘଟଣାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବ୍ରହ୍ମପୁର ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

ପୋଖରୀରେ ବୁଡ଼ି ନାବାଳକ ମୃତ

ଗୋଲାମୁଣ୍ଡା, ୨। ୧୧ (ସମିସ): ଗୋଲାମୁଣ୍ଡା ଥାନା ଗ୍ରିଣ୍ଡୋଲ ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରିଣ୍ଡୋଲ ଗାଁର ସୁନ୍ଦର ଚନ୍ଦନଙ୍କ ପୁଅ ଜଗା ଚନ୍ଦନ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗତ ୩୧ ଅପରାହ୍ନ ପ୍ରାୟ ୨.୩୦ରେ ଜଗା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଗଭୀର ପାଣି କୁ ଚାଲିଯାଇ ବୁଡ଼ି ଯାଇଥିଲେ। ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ପୋଖରୀ ନିକଟରେ ଖୋଜାଖୋଜି କରି ପାଣି ଭିତରୁ ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ବଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ବାପା ସୁନ୍ଦର ଚନ୍ଦନ ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଗୋଲାମୁଣ୍ଡା, ୨।୧୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ବାହାଦୁରପଡ଼ା ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋକପଦର ଗ୍ରାମର କ୍ଷେତ୍ର କଟା (୪୫)। ଏହି ଦୁର୍ଘଟଣାକୁ ନେଇ ମୃତକଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ବାହାଦୁରପଡ଼ା ଛକ ନିକଟରେ ମୃତଦେହକୁ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧରେ କଳାହାଣ୍ଡି ଜିଲ୍ଲା ଯାଦବ ସମାଜର କାର୍ଯ୍ୟକାରୀ ସଭାପତି ଗିରିଧାରୀ ତେଜି, ଗୋଲାମୁଣ୍ଡା ବ୍ଲକ ଯୁବ ଯାଦବ ସମ୍ପାଦକ ରାଜେଶ ବଗର୍ତ୍ତି, ମହେନ୍ଦ୍ର ନାଗ, ନିଆମ ମାଝୀଙ୍କ ସମେତ ଗୋଇନ୍ଦିମୁଣ୍ଡା, ବାହାଦୁରପଡ଼ା ଓ ଖଲିଆକାନି ଗ୍ରାମର ଶତାଧିକ ଲୋକ ସାମିଲ ହୋଇଥିଲେ। ଖବର ଲେଖା ହେବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

ଲାଞ୍ଜିଗଡ଼, ୨।୧୧(ସମିସ): ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଯୋଡ଼ାବନ୍ଧା ଗ୍ରାମର ରାମ ମାଝୀଙ୍କ ପୁଅ ବିରଞ୍ଚି ମାଝୀ (୧୪) ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ନାବାଳକ ଜଣକ ସାଙ୍ଗମାନଙ୍କ ସହିତ ଗାଁ ନିକଟସ୍ଥ ପୁରୁଣାପଥର କୁଆଁରୀରେ ଥିବା ପାଣିରେ ଗାଧେଇବା ପାଇଁ ଯାଇଥିଲା। ଗାଧୋଉ ଥିବା ସମୟରେ ଗଭୀର ପାଣିକୁ ଚାଲିଯାଇ ବୁଡିଯାଇଥିଲା। ସାଙ୍ଗ ପିଲାମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମୀ ପାଣି ଭିତରେ ପଶି ନାବାଳକଙ୍କୁ ପାଣିରୁ ବାହାର କରିଥିଲେ। ପରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରତାଙ୍କୁ ମୃତ ଘୋଷଣା କରିଥିଲେ। ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସଆଇ ବଳଭଦ୍ର ଗୌଡ଼ ପୁଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶବ ଜବତ କରି ଲାଞ୍ଜିଗଡ଼ ବ୍ୟବଚ୍ଛେଦ ପାଇଁ ପଠେଇଥିଲେ। ଏନେଇ ଲାଞ୍ଜିଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା, ୨।୧୧(ସମିସ): ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ, ୧୨ଟି ଗୋଷ୍ଠୀଗତ ଏବଂ ଗୋଟିଏ ରେଡ଼କ୍ରସ୍ ସହାୟତା ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏଥିସହ ରେଡ୍‌କ୍ରସ୍ ପାଣ୍ଠିରୁ ଭୂମିସୁତା ଦୀପଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଗଣେଶ୍ୱର କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏ. ମାଧବୀଲତା, ସମୀର ସାହୁ, ଡା. ଇଶାନୀ ମିତ୍ର ଓ ଉପଜିଲ୍ଲାପାଳ ସୁର୍ମି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ସୁପ୍ରିୟା ପ୍ରିୟଦର୍ଶିନୀ ଏବଂ ବିଡିଓ ରୋହିତ ଭୋଇ ସହଯୋଗ କରିଥିଲେ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ପାଇଁ ବୈଠକ

ଭବାନୀପାଟଣା, ୨।୧୧(ସମିସ): ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୬ର ଆୟୋଜନ ନିମନ୍ତେ ଆଜି ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମେଳାର ଆୟୋଜନ, କାର୍ଯ୍ୟସୂଚୀ ପ୍ରସ୍ତୁତି, ଚାଷୀଙ୍କ ଅଂଶଗ୍ରହଣ, ବିଭିନ୍ନ ବିଭାଗର ସମନ୍ୱୟ ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଡିସେମ୍ବର ୧୫ ଓ ୧୬ ତାରିଖରେ ଦୁଇଦିନିଆ ମେଳା ଆୟୋଜନ ପାଇଁ ପ୍ରାଥମିକ ଭାବେ ପ୍ରସ୍ତାବ ରଖାଯାଇଥିଲା। ମେଳାରେ ପ୍ରାୟ ୭୦୦ ଜଣ ଚାଷୀଙ୍କୁ ସାମିଲ କରିବା ସହ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୮ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଯୋଜନା ରହିଛି। ଏଥିସହିତ ୨୫ଟି ପ୍ରଦର୍ଶନୀ ଷ୍ଟଲ୍, ଜୀବନ୍ତ ପଶୁପକ୍ଷୀ ଓ ମାଛ ପ୍ରଦର୍ଶନ, ବାୟୋଫ୍ଲକ୍, ମାଛ ଚାଷର ଆଧୁନିକ ପ୍ରଣାଳୀ, ସମନ୍ୱିତ କୃଷି ପ୍ରଣାଳୀ ଏବଂ ଉନ୍ନତ ପ୍ରଜନନ ଓ ପାଳନ ପ୍ରଯୁକ୍ତିର ପ୍ରଦର୍ଶନ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ନିରଦ ଚନ୍ଦ୍ର କହଁର, ଜ୍ଞାନ ରଞ୍ଜନ ସେଠୀ, ମନୋଜ ବେହେରା, ବିବେକାନନ୍ଦ ମହାନନ୍ଦ, ଅଜୟ କୁମାର ପ୍ରଧାନ, ସୁମନ ଦ୍ୱିବେଦୀ, ଉଇଲିଅମ ରାକେଶ, ବି. ଖମାରୀ ଯୋଗଦେଇ ଥିଲେ।

ସମ୍ପନ୍ନ ହେଲା ବାଆଦି ଠାକୁରଙ୍କ ବାର୍ଷିକ ଦଶରା

‘ଘୁମୁରା’ ଧ୍ୱନିରେ ଦୁଲୁକିଲା ସାଂସ୍କୃତିକ ମଞ୍ଚ

କୋକସରା, ୨।୧୧(ସମିସ)





କଳାହାଣ୍ଡିର ଆରାଧ ଦେବତା ପ୍ରଭୁ ବୁଢ଼ାରଜାଙ୍କ ପ୍ରସିଦ୍ଧ ଦଶରା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଦେବତାମାନଙ୍କ ମାମୁ ଭାବେ କୋକସରା ବ୍ଲକ ଆମପାଣିଠାରେ ଉପାସିତ ବୁଢ଼ାରଜାଙ୍କ ଦଶରା ଶେଷ ହେବାପରେ ସ୍ଥାନୀୟଅଞ୍ଚଳରେ ଅନ୍ୟାନ୍ୟ ଦେବାଦେବୀଙ୍କ ଦଶରା ଆରମ୍ଭ ହୋଇଥାଏ। ଏହି କ୍ରମରେ ରବିବାର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତସ୍ଥିତ ତଲାଗାଁଠାରେ ଉପାସିତ ବାଆଦି ଠାକୁରଙ୍କ ବାର୍ଷିକ ଦଶରା ପୂଜନୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ଉତ୍ସବ ଅବସରରେ ବଡ଼ପୋଡ଼ାଗୁଡ଼ା ଗ୍ରାମରୁ ଠାକୁରଙ୍କ ମୁଖ୍ୟ ପୁଝାରୀ ବଳଭଦ୍ର ପୁଝାରୀଙ୍କ ବାସଭବନରୁ ଲାଠି ଏବଂ ଗ୍ରାମ୍ୟ ଦେବୀଦେବୀଙ୍କ କାଳିସିମାନେ ଶୋଭାଯାତ୍ରାରେ ବାହାରି ତଲାଗାଁ ସ୍ଥିତ ମୁଖ୍ୟ ପୀଠରେ ପହଞ୍ଚିଥିଲେ। ସେଠାରେ ବିଧିପୂର୍ବକ ବାଆଦୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକଧାରୀ ଭକ୍ତମାନେ ମାନସିକ ପୂରଣ ହେତୁ ବୋଦା ବଳୀ ପ୍ରଦାନ କରିଥିବାବେଳେ ଅନ୍ୟ ଶ୍ରଦ୍ଧାଳୁମାନେ ନଡ଼ିଆ, କଦଳୀ ଓ ଫୁଲ ଦେଇ ପୂଜା ନିବେଦନ କରିଥିଲେ। ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅପରାହ୍ନରେ ନିମନ୍ତ୍ରିତ ଦେବାଦେବୀଙ୍କ ଲାଠି ଓ କାଳିସୀମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମା’ ମାଉଲି ଦେବୀଙ୍କ ମନ୍ଦିର ଅଭିମୁଖେ ଯାଇଥିଲେ। ସେଠାରେ କଣ୍ଠା ଦେଲିରେ ଝୁଲି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହି ଲାଠି ଯାତ୍ରାରେ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଦଶରା ପୂଜା ଅବସରରେ ରାତିରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ଏବଂ କଳାହାଣ୍ଡିର ପ୍ରସିଦ୍ଧ ଲୋକନୃତ୍ୟ ‘ଘୁମୁରା’ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, ନାଏବ ସରପଞ୍ଚ ବିଜୁ ନାଏକ, ସମିତି ସଭ୍ୟ ଉମା ନାଏକ, ପୂର୍ବତନ ସରପଞ୍ଚ ଜମୁନା ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ଏବଂ ନାରୀନେତ୍ରୀ ପ୍ରଭାତୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଘୁମୁରା ପ୍ରତିଯୋଗିତାରେ ମୋଟ ୭ଟି ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଗଜୀନ୍ଦ୍ର ନାଗ ସଞ୍ଚାଳନ କରିଥିବାବେଳେ ଆୟୋଜକ କମିଟିର ସଭାପତି ଧର୍ମାନନ୍ଦ ନାଏକ, ଉପସଭାପତି ଭଜମନ ନାଏକ, ସମ୍ପାଦକ ମନୋଜ ଦାସ, କୋଷାଧ୍ୟକ୍ଷ ଧନବଳ ନାଏକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

■ ବାତ୍ୟା ଓ ଲଗାଣ ବର୍ଷାରେ ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ

କ୍ଷତିପୂରଣ ସହ ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ନୂଆପଡ଼ା, ୨।୧୧(ସମିସ): ବାତ୍ୟା ଓ ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନଚାଷ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେବା ସହ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଏହାର ତୁରନ୍ତ ତଦାରଖ, କ୍ଷତିପୂରଣ ଓ ରାସ୍ତା ମରାମତି ଦାବିରେ ସାମାଜିକ କର୍ମୀ ଭକ୍ତବନ୍ଧୁ ଧରୁଆ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ସମ୍ପ୍ରତି ବାତ୍ୟା ଓ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳର ଚାଷଜମିରେ ଅତ୍ୟଧିକ ପାଣି ଜମି ରହିବାରୁ ଧାନ ଫସଲ ନଷ୍ଟ ହୋଇଛି। ସେହିପରି ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏତେଣୁ କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ କ୍ଷେତ୍ରସ୍ତରୀୟ ସର୍ଭେ କରି ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଓ କୃଷି ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ଗ୍ରାମୀଣ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ପଞ୍ଚାୟତ ଅଧୀନରେ ଥିବା ଅନେକ ରାସ୍ତା ଖାଲଖମାରେ ପରିଣତ ହେବା ସହ କେତେକ ସ୍ଥାନରେ ରାସ୍ତା ଭାଙ୍ଗିଯାଇଛି। ବିଶେଷକରି ଖରିଆର ରୋଡ୍-ପରକୋଡ଼ ରାସ୍ତା, ଧରମବନ୍ଧାରୁ ଗଙ୍ଗାଡ଼ିଗଡ଼ ରାସ୍ତା, ଗୌଧସ ଅଞ୍ଚଳର ରାସ୍ତା, ସୁନାବେଡ଼ା ଅଞ୍ଚଳର ରାସ୍ତା ଓ ପାତାଳଗଙ୍ଗା ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାର ତଦାରଖ ଓ ମରାମତି ଉପରେ ଗୁରୁତ୍ୱ ଦେବା ସହ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତା ଓ ସମସ୍ତ ପଞ୍ଚାୟତ ଅଧୀନରେ ଥିବା ଗ୍ରାମୀଣ ରାସ୍ତାଗୁଡ଼ିକର ମରାମତି ଦାବି କରାଯାଇଛି। ଜିଲ୍ଲାପାଳ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ସମ୍ପୃକ୍ତ ବିଭାଗକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପାଇଁ ଭକ୍ତ ବନ୍ଧୁ ଧରୁଆ ଅନୁରୋଧ କରିଛନ୍ତି।

ସମିତି ସଭ୍ୟଙ୍କ ପରଲୋକ

ଖଡ଼ିଆଳ, ୨।୧୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଭୁଲିଆସିକୁଆଁ ପଞ୍ଚାୟତର ସମିତି ସଭ୍ୟ ତଥା ଖଡ଼ିଆଳ ବ୍ଲକ ବିଜୁ ଜନତା ଦଳର ସମ୍ପାଦକ



ଶିଶୁପାଳ ବାଗଙ୍କର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କର ଅକାଳ ବିୟୋଗରେ ଖଡ଼ିଆଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବିଜୁ ଜନତା ଦଳ ଜଣେ ଦକ୍ଷ ସଂଗଠକ ଓ ଘନିଷ୍ଠ ସହଯୋଗୀଙ୍କୁ ହରାଇଥିବା ମତ ପ୍ରକାଶ ପାଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି।

ପଗାର ବଂଶ ମହାମିଳନ ଉତ୍ସବ; ଏକାଠି ହେଲେ ୪୫ ଖଣ୍ଡ ଗାଁ ବଂଶଜ



କର୍ଲାମୁଣ୍ଡା, ୨।୧୧(ସମିସ): କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ବ୍ଲକ ଟୁର୍ଚିଠାରେ ରବିବାର ପଗାର ବଂଶ ମହାମିଳନ ଉତ୍ସବ ପାଳିତ ହୋଇଯାଇଛି। ଜ୍ୟୋତିର୍ବିଦ ସନ୍ତୋଷ ନନ୍ଦଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କମିଟିର ସଭାପତି କାମଦେବ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ତଥା ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ମୁଖ୍ୟବକ୍ତା ଭାବେ କୋଶଳୀ କବି ଅର୍ଜୁନ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଋଷିକେଶ ସାହୁ ଓ ସତ୍ୟବାନ ସାହୁ ସମ୍ପାଦକ ଧର୍ମପଦ ସାହୁ ଓ କୋଷାଧ୍ୟକ୍ଷ ଲଳିତ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ କୁମାର ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ନୌକେଶ ସାହୁ, ରଙ୍ଗା ସାହୁ ଓ ନୀଳମଣି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

୧୪୬ଟି ଅଭିଯୋଗ ଗ୍ରହଣ; ୧୧ଟି ଅଭିଯୋଗର ତତ୍କାଳ ସମାଧାନ

ଭବାନୀପାଟଣା, ୨।୧୧ (ସମିସ): ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ଓ ନ୍ୟାୟସଙ୍ଗତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ସି ଡି ଓ, ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଆଶିନି ଏଏଲ, ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୨୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣ କୁ ଏବଂ ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୧୧ଟିର ସମାଧାନ ତତ୍କାଳ ଘଟଣାସ୍ଥଳରେ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ତ୍ୱରିତ ତଦନ୍ତ ଓ ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଥିଲା। ଏହିଅବସରରେ ମହାରାଣୀ କସ୍ତୁରିକା ମୋହିନୀ ଦେବୀ+୩ ମହାବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ର ପ୍ରେମଲାଲ ଠାକୁର ଏବଂ କେସିଙ୍ଗା ମହାବିଦ୍ୟାଳୟର ଛାତ୍ର ସୁମନ୍ତ ସାହୁଙ୍କୁ ଜିଲ୍ଲାପାଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଯୋଜନା ଅନ୍ତର୍ଗତ ଲାପଟପ୍ ପ୍ରଦାନ କରିଥିଲେ।

ବୋଲେରୋ ଧକ୍କାରେ ଦୁଇ ଯୁବକଙ୍କ ମୃତ୍ୟୁ

ଲାଞ୍ଜିଗଡ଼, ୨।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା-ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କଦଳୀଘାଟି କୁଚେଇପୋର ନିକଟରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରୀ ପଞ୍ଚାୟତ ପ୍ରତିବେଡା ଗାଁର ଦୁର୍ଯ୍ୟ ଭୋଇ (୩୦) ଓ ଦିଗମ୍ବର ଗୌଡ଼ (୧୭)। ସୂଚନା ଅନୁଯାୟୀ, ଦୁର୍ଯ୍ୟ ନିଜ ଶ୍ୱଶୁର ଘରକୁ ନିଜ ଗାଁର ଦିଗମ୍ବରକୁ ସାଙ୍ଗରେ ନେଇ ଯାଉଥିବାବେଳେ କୁଚେଇପୋର ନିକଟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ବୋଲୋରେ ଧକ୍କା ଦେଇ ଦଳି ଦେଇଥିଲା। ଖବରପାଇ ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଓ ଗାଡ଼ିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଥାନାରେ ମାମଲା ରୁଜୁ ହୋଇ ନ ଥିବାରୁ ସୋମବାର ଶବ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ଏହି ଘଟଣାକୁ ନେଇ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ କୁଚେଇପୋର ଠାରେ ରାସ୍ତାରୋକ କରିଥିଲେ। ଫଳରେ ଭବାନୀପାଟଣା-ରାୟଗଡ଼ା ରାସ୍ତାରେ ପ୍ରାୟ ୪ ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ପରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀଙ୍କ ନେତୃତ୍ୱରେ ନର୍ଲା ଥାନାଧିକାରୀ କୈବଲ୍ୟ ସେଠ୍, ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରା, ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀ ମୋହନ ପିଡିକା, ଏସଆଇ ପ୍ରବୀଣ କୁମାର ରଥ, ଅଭିନାଶ ଖୁରା ପ୍ରମୁଖ ଉପସ୍ଥିତ ରହି ବୁଝାସୁଝା କରି ରାସ୍ତାରୋକ ହଟାଇଥିଲେ। ଘଟଣାସ୍ଥଳରେ ନର୍ଲା ତହସିଲଦାର ବିଭୁପ୍ରସାଦ ସିଂ ପହଞ୍ଚି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ୪ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇଛି।



ବାତ୍ୟା ‘ମୁରାସୁ’ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି



ଭବାନୀପାଟଣା, ୨।୧୧(ସମିସ): ବାତ୍ୟା ‘ମୁରାସୁ’ର ପ୍ରଭାବରେ ୩ତାରିଖଠାରୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ ୩ ଓ ୪ ତାରିଖରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏକ ଆଭାସୀ ସମୀକ୍ଷା ବୈଠକ ମାଧ୍ୟମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରଙ୍କ ସହ ଜିଲ୍ଲାର ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବା ସହ ନିଜ ନିଜ କର୍ମସ୍ଥଳରେ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଧନଜୀବନର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାପାଳ ଆସନ୍ତାକାଲି ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଛୁଟି ଘୋଷଣା କରିବାପାଇଁ ପଦକ୍ଷେପ ନେବାକୁ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ଗୋଲାମୁଣ୍ଡା ଓ ଧର୍ମଗଡ଼, ସିଡିଓ ଜିଲ୍ଲାପରିଷଦଙ୍କୁ କଳମପୁର ଓ ଜୁନାଗଡ଼, ଉପ ଜିଲ୍ଲାପାଳଙ୍କୁ କୋକସରା ଓ ଜୟପାଟଣା, ଉପ ଜିଲ୍ଲାପାଳଙ୍କୁ କେସିଙ୍ଗା ବ୍ଲକର ବିଶେଷ ଦାୟିତ୍ୱ ସହ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି।

ଚାଉଳ ବଣ୍ଟନରେ ଦୁର୍ନୀତି ଅଭିଯୋଗ

ବ୍ଲକ୍ କାର୍ଯ୍ୟାଳୟରେ ଗର୍ଜିଲେ ହିତାଧିକାରୀ

ନୂଆପଡ଼ା, ୨।୧୧(ସମିସ)



ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅଧୀନ ବାବେବିର ପଞ୍ଚାୟତର ଖଇରଭାଡ଼ି ଓ ବର୍ତ୍ତନଶୀଳ ଗ୍ରାମର ହିତାଧିକାରୀମାନଙ୍କ ଚାଉଳକୁ ହଡ଼ପ କରିଥିବା ଅଭିଯୋଗ ନେଇ ବୋଡେନ ବ୍ଲକ କାର୍ଯ୍ୟାଳୟକୁ ଶତାଧିକ ହିତାଧିକାରୀ ଆସି ଗର୍ଜିବା ସହ ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୋଡେନ ବିଡିଓ ଚିନ୍ମୟ ସାଗରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗତ ଅଗଷ୍ଟ ମାସରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ହିତାଧିକାରୀଙ୍କୁ ବର୍ଦ୍ଧିତ ଭାବରେ ମୁଣ୍ଡ ପିଛା ୨୦ କିଲୋ ଚାଉଳ ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିଲା। ସେହିପରି ଅନ୍ତୋଦୟ କାର୍ଡଧାରୀଙ୍କୁ ୩୫ କେଜି ଓ ଅନ୍ନପୂର୍ଣ୍ଣା କାର୍ଡଧାରୀ ପାଇଁ ୫ କିଲୋ ଦେବାପାଇଁ ଚାଉଳ ଯୋଗାଣ ହୋଇଥିଲା। ହେଲେ ଏହି ଚାଉଳ ଉଭୟ ଗ୍ରାମର ହିତାଧିକାରୀ ଆଜି ପର୍ଯ୍ୟନ୍ତ ପାଇନାହାଁନ୍ତି। ହିତାଧିକାରୀମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଏଠାରେ ନିଯୁକ୍ତ ଯୋଗାଣ ସହାୟକ ଅଶୋକ ସାହୁ ବିଭିନ୍ନ ବାହାନା ଦେଖାଇ ହିତାଧିକାରୀମାନଙ୍କୁ ଚାଉଳ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏଠାରେ ନିଯୁକ୍ତ ଯୋଗାଣ ଅଧିକାରୀ ପୂର୍ବରୁ ଚାଉଳ ବଣ୍ଟନ ଅନିୟମିତତାକୁ ନେଇ ନିଲମ୍ବିତ ହୋଇଥିଲେ। ହେଲେ ପୁଣିଥରେ ଏହି ପଦରେ ରହି ଆଉ ଦୁର୍ନୀତି କରିବାରେ ମାତିଛନ୍ତି। ତେଣୁ ସମ୍ପୃକ୍ତ ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚାଉଳ ପ୍ରଦାନ କରିବାକୁ ଦାବିପତ୍ରରେ ସମ୍ପୃକ୍ତ ଗ୍ରାମର ହିତାଧିକାରୀ ଅଭିଯୋଗ କରିଛନ୍ତି। ବିଡିଓ ଚିନ୍ମୟ ସାଗରଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ। ଏସମ୍ପର୍କରେ ନୂଆପଡ଼ା ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ହୃଷିକେଶ ନାଏକଙ୍କୁ ପଚାରିବାରୁ ସ୍ଥାନୀୟ ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ।

ପିସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଉଦ୍‌ବେଗ





ବ୍ରହ୍ମପୁର,୨।୧୧(ସମିସ):

ଗତ ୩ଦିନ ଧରି ବନ୍ୟା ପ୍ରଭାବିତ ଗଂଜାମ ଜିଲ୍ଲା ପରିଦର୍ଶନ କରି ପିସିସିର ତଥ୍ୟ ସଂଗ୍ରହ କମିଟି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛି। ସରକାର ବନ୍ୟା ପରିସ୍ଥିତି ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ମଧ୍ୟ ନୈରାଶ୍ୟଜନକ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରି ସରକାର ଭରଣା କରିବେ ବୋଲି ଚାଷୀକୁଳର ଭରସା ନଥିବା ହିଁ ଚାଷୀ ଆତ୍ମହତ୍ୟା ଘଟଣାରୁ ସ୍ପଷ୍ଟ ପ୍ରମାଣ ମିଳୁଛି। ତେଣୁ ସରକାର ତୁରନ୍ତ କ୍ଷୟକ୍ଷତିର ଆକଳନ କରନ୍ତୁ, ସର୍ବଦଳୀୟ ବୈଠକ ଡାକି, ଅଭିଜ୍ଞ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଡାକି ଆଲୋଚନା କରନ୍ତୁ ବୋଲି ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ଜଗନ୍ନାଥ ପଟ୍ଟନାୟକ। ଗତ ୩ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ ବେଳେ ଘର ଭିତରେ ୪-୫

ସରକାରଙ୍କ ଉପରେ ଚାଷୀକୂଳର ବିଶ୍ୱାସ ନାହିଁ; ଚାଷୀ ଆତ୍ମହତ୍ୟା ବଡ ପ୍ରମାଣ

ଆତ୍ମହତ୍ୟା କରିଥିବା ଚାଷୀ ଅର୍ଜୁନଙ୍କ ପରିବାରକୁ ୨୦ଲକ୍ଷ ସହାୟତା ପ୍ରଦାନ ଦାବି

ଫୁଟ ପାଣି ଥିବା ଦେଖିବାକୁ ମିଳିଛି। ସବୁଠି ଘର ଭିତରେ ପାଣି ପଶି ଦୁର୍ଗନ୍ଧରେ ନାକ ଫାଟିଯାଉଛି। ତଥାପି ସାମାନ୍ୟ ବ୍ଲିଚିଂ ପାଉଡର ଟିକିଏ ମଧ୍ୟ ସିଞ୍ଚନ କରାଯାଇନାହିଁ। ସରକାର ତୁରନ୍ତ ଆତ୍ମହତ୍ୟା କରିଥିବା ଚାଷୀ ଅର୍ଜୁନ ପଣ୍ଡାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦିଅନ୍ତୁ ବୋଲି ଦାବି କରିଛନ୍ତି ପଞ୍ଚାନନ କାନୁନଗୋ। ବନ୍ୟାଂଚଳ ପରିଦର୍ଶନ ବେଳେ ଲୋକଙ୍କ ନିକଟରେ ସହାୟତା ପହଞ୍ଚିନଥିବା ଅଭିଯୋଗ ହୋଇଛି। ବିରୋଧୀଙ୍କୁ ମଧ୍ୟ ସରକାର ବିଶ୍ୱାସକୁ ନେଇ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି ବରିଷ୍ଠ ନେତା ଶିବାନନ୍ଦ ରାୟ। ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ରଶ୍ମିରଂଜନ ପଟ୍ଟନାୟକ ପିସିସିର ଏକ ପ୍ରତିନିଧି ଦଳ ଦୁଇଦିନ ଧରି ଗଞ୍ଜାମରେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତଙ୍କୁ ରିଲିଫ ବଣ୍ଟନ କାର୍ଯ୍ୟ ତଦାରଖ କରିଛନ୍ତି। ଆସନ୍ତାକାଲି ଦିଗପହଣ୍ଡି ଅଞ୍ଚଳକୁ ଗସ୍ତ କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି। ପିସିସି ଟିମ୍ ସ୍ଥିତି ଅନୁଧ୍ୟାନ ସହ କ୍ଷୟକ୍ଷତି ଆକଳନ କରି ଫେରୁଛନ୍ତି। ତା'ପରେ ପିସିସି ସଭାପତି ଭକ୍ତଚରଣ ଦାସ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ବୋଲି ସେ ସୂଚନା ଦେଇଛନ୍ତି। ବନ୍ୟାକୁ ଇତି ମଧ୍ୟରେ ୫ଦିନ ବିତିସାରିଛି, ଲୋକଙ୍କ ନିକଟରେ ସରକାରୀ ଅଧିକାରୀ କିମ୍ବା ରିଲିଫ ପହଞ୍ଚିପାରି ନାହିଁ। ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଓ ସରକାର ଯତ୍ନବାନ ହେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ପିସିସିର ଦୁଇ ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ ଓ ଉଷାରାଣୀ ବେହେରା, ପିସିସି କାର୍ଯ୍ୟକାରିଣୀ ସଭ୍ୟ ସୁଧାଂଶୁ ଦେଓ ପ୍ରମୁଖ ଯୋଗଦେଇଥିଲେ। ଡିସିସି ପକ୍ଷରୁ ଉପସଭାପତି ଅଶୋକ ପଟ୍ଟନାୟକ ଓ ଭୋକାଲି ସେଠୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

'ଅର୍ଣ୍ଣବ ତାଣ୍ଡବରେ ସରକାରଙ୍କ ଶୂନ୍ୟ ଜୀବନହାନି ଘୋଷଣା ଏକ ମିଥ୍ୟା ଆସ୍ଫାଳନ'

■ **ସିପିଆଇ(ଏମ) ନେତୃତ୍ୱର ଜିଲ୍ଲାର ବିଭିନ୍ନ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ**

ବ୍ରହ୍ମପୁର,୨।୧୧(ସମିସ): ସିପିଆଇ(ଏମ) ଦଳ ପକ୍ଷରୁ ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ରାମ ଚନ୍ଦ୍ର ନାୟକ, ଦିଲ୍ଲୀପ ଛୋଟରାୟ, କୈଳାଶ ଷଡ଼ଙ୍ଗୀ,



ଅଜୟ ଗୌଡ଼, ଖଲି ସ୍ୱାଇଁ, କୃଷକସଭା ନେତା ଗୋପାଳ ପାଣିଗ୍ରାହୀ, ନୀଳମଣି ଗୁରୁ, ବିଭୂପ୍ରସାଦ ପାଣିଗ୍ରାହୀ, କ୍ଷେତମୁଲିଆ ନେତା ପଦ୍ମ ପ୍ରଧାନ, ଯୁବ ଫେଡେରେସନ ଜିଲ୍ଲାନେତା ପ୍ରଶାନ୍ତ ବିଷୋୟୀ, ଅଜିତ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ ଏକ ପ୍ରତିନିଧି ମଣ୍ଡଳୀରେ ଗଞ୍ଜାମ ଜିଲ୍ଲାର ଗଞ୍ଜାମ, ଦିଗପହଣ୍ଡି, ସାନଖେମୁଣ୍ଡି, ଶେରଗଡ଼, ଆସିକା, ଧରାକୋଟ, ସୋରଡ଼ା, ବେଲଗୁଣ୍ଠା, ହିଞ୍ଜିଳିକାଟୁ ଓ କୁକୁଡାଖଣ୍ଡି ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଗ୍ରାମ ସହିତ ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଦିଗପହଣ୍ଡି ସହରର ଆକ୍ରାନ୍ତ ଅଞ୍ଚଳ ଗତ ୪ଦିନ ଧରି ଗସ୍ତ କରିଛନ୍ତି। ଏ ନେଇ ନେତୃବୃନ୍ଦ କହିଛନ୍ତି ଯେ, ପ୍ରଥମରୁ "ଶୂନ୍ୟ ଜୀବନହାନି' ହେବ ବୋଲି ରାଜ୍ୟ ସରକାରଙ୍କ ଆସ୍ଫାଳନ ବେଲୁନ ଭଳି ଫାଟିଗଲା। ବର୍ତ୍ତମାନ ସୁଦ୍ଧା ମିଳୁଥିବା ସୂଚନା ଅନୁଯାୟୀ ଗଜପତି, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାରେ ୧୦ଜଣଙ୍କ ମୃତ୍ୟୁ ହୋଇଛି ଅଥବା ନିଖୋଜ ହୋଇଛନ୍ତି। ସେହିଭଳି ଅନ୍ୟଏକ ମର୍ମନ୍ତୁଦ ଘାଟଣା ହେଉଛି ଶେରଗଡ଼ ବ୍ଲକ ଅଧିନସ୍ତ ଡ଼େଙ୍ଗାପଦର ପଂଚାୟତର ବାତିଲିକଣା ଗ୍ରାମର ୬୫ବର୍ଷ ବୟସ୍କ କ୍ଷୁଦ୍ରଚାଷୀ ଅର୍ଜୁନ ପଣ୍ଡା ଆତ୍ମହତ୍ୟା। କ୍ଷୟକ୍ଷତି ଜନିତ ଭାରାକ୍ରାନ୍ତ ହୋଇ ହତାଶ ଯୋଗୁଁ ସଂଗ୍ରହ କରିଥିବା ପୋକମରା ଔଷଧ ପାନ କରି ଆତ୍ମହତ୍ୟା କଲେ। ଆତ୍ମହତ୍ୟାର ମୂଳ କାରଣ ହେଉଛି ସରକାର ଓ ବ୍ୟବସ୍ଥା ଉପରେ ଅବିଶ୍ୱାସ। ଆତ୍ମିହତ୍ୟା କରିଥିବା ଚାଷୀ ଅର୍ଜୁନ ପଣ୍ଡାଙ୍କ ପରିବାରକୁ ଅର୍ଣ୍ଣବ କ୍ଷତିପୂରଣ ବ୍ୟବସ୍ଥା ଲାଗୁ କରି ସମସ୍ତ ସହାୟତା ପ୍ରଦନ ଲାଗି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ) ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦାବି କରାଯାଇଛି।

ତାର ପ୍ଲାଣ୍ଟରେ ଭୟାବହ ଅଗ୍ନିକାଣ୍ଡ, ୩ଟି ଦମକଳ ଗାଡ଼ି ନିୟୋଜିତ

ଗ୍ୟାସ୍ କଟରରେ ଡବା କାଟିବା ବେଳେ ଲାଗିଲା ନିଆଁ



ବ୍ରହ୍ମପୁର,୨।୧୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆଲ୍ଲିପୁର ଓ ମନସୁରକୋଟା ଗ୍ରାମ ମଧ୍ୟରେ ଥିବା ଏକ ତାର ପ୍ଲାଣ୍ଟରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ଲାଣ୍ଟ ପରିସରରେ ଥିବା ତାର ଡବାକୁ ଗ୍ୟାସ୍ କଟର ସାହାଯ୍ୟରେ କାଟିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ନିମିଷକ ମଧ୍ୟରେ ନିଆଁ ଭୟଙ୍କର ରୂପ ଧାରଣ କରିଥିବାରୁ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ଅନୁଯାୟୀ, ପ୍ଲାଣ୍ଟରେ ଗ୍ୟାସ୍ କଟର ଦ୍ୱାରା ଡବା କଟାଯାଉଥିବା ବେଳେ ଅଚାନକ ନିଆଁ ଲାଗିଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ସେଠାରେ ଉପସ୍ଥିତ ଲୋକେ ଏହାକୁ ଆୟତ୍ତ କରିପାରି ନଥିଲେ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗର ୩ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀ ଏସ୍.କେ. ଲେଙ୍କା, ଆର୍.କେ. ମଲ୍ଲିକ, ଏସ୍.କେ. ସିଂହ, ବି.ସିଏଚ୍. ଭୋଇ ଓ ଜେ.କେ. ପ୍ରଧାନ ପ୍ରମୁଖ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ଶେଷରେ ନିଆଁକୁ ଆୟତ୍ତ କରାଯାଇଥିଲା।

ଖବର ପ୍ରକାଶ ପରେ ଚେତିଲେ ଅଧିକାରୀ

ବ୍ରହ୍ମପୁର,୨।୧୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ନିୟମିତ ବେଡ୍‌ସିଟ୍ ମିଳୁନଥିବା ଅଭିଯୋଗ ରହିଥିଲା। ଯାହାକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଏକ ଖବର ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ସମସ୍ୟାକୁ ନେଇ ଏମକେସିଜି ମେଡିକାଲ ନର୍ସିଂ ଅଧୀକ୍ଷକ ତତ୍ପରତା ପ୍ରକାଶ କରିଛନ୍ତି। ମେଡ଼ିକାଲରେ ଚିକିତ୍ସିତ ରୋଗୀ ୱାର୍ଡ଼ ଗୁଡ଼ିକରେ ଥିବା ଶଯ୍ୟାରେ ବେଡ୍‌ସିଟ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ହସ୍ପିଟାଲର କେତେକ ରୋଗୀ ଶଯ୍ୟାରେ ବେଡ୍‌ସିଟ୍ ନଥିବା ଦେଖିବା ପରେ ନର୍ସିଂ ଅଧୀକ୍ଷକଙ୍କ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ରୋଗୀ ଶଯ୍ୟାରେ ରୋଗୀଙ୍କ ବ୍ୟବହାର ପୂର୍ବରୁ ସଫା ବେଡ୍‌ସିଟ୍ ବିଛାଯିବ। ବେଡ୍‌ସିଟ୍ ବିନା କୌଣସି ଶଯ୍ୟା ରୋଗୀଙ୍କ ବ୍ୟବହାର ପାଇଁ ରଖାଯାଇପାରିବ ନାହିଁ। ବ୍ୟବହୃତ କିମ୍ବା ମଇଳା ବେଡ୍‌ସିଟ୍‌କୁ ତୁରନ୍ତ ବଦଳାଇ ସଫା ବେଡ୍‌ସିଟ୍ ବିଛାଇବାକୁ କୁହାଯାଇଛି। ଏଥିସହ ନର୍ସିଂ ଇନ୍‌ଚାର୍ଜ ଓ ସମ୍ପୃକ୍ତ ନର୍ସିଂ ଅଧିକାରୀମାନେ ନିଜ ନିଜ ବିଭାଗରେ ବେଡ୍‌ସିଟ୍ ବ୍ୟବସ୍ଥାର ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି। ରୋଗୀଙ୍କ ସ୍ୱାସ୍ଥ୍ୟ, ସୁବିଧା ଓ ହସ୍ପିଟାଲର ପରିଚ୍ଛନ୍ନତା ଦୃଷ୍ଟିରୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ସମସ୍ୟାକୁ ନେଇ ଆରମ୍ଭାର ଅଭିଯୋଗ କରୁଥିବା ବେଳେ ବେଡ୍‌ସିଟ୍ ସଫେଇର ଦାୟିତ୍ୱରେ ଥିବା ଘରୋଇ ଠିକା ସଂସ୍ଥା ମେଡ଼ିକାଲର ବିଭିନ୍ନ ୱାଡର୍‌କୁ ନିୟମିତ ସଫେଇ ବେଡ୍‌ସିଟ୍ ଯୋଗାଉନଥିବା ଅଭିଯୋଗ ହୋଇଛି। ସଂସ୍ଥାର ଏଭଳି ଅମାନିଆର ନୀତି ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ସେପଟେ ରୋଗୀଙ୍କୁ ନିୟମିତ ସଫା ବେଡ୍‌ସିଟ ନମିଳିବାରୁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରଛନ୍ତି।

ବ୍ୟବହୃତ ଓ ମଇଳା ବେଡ୍‌ସିଟ୍ ତୁରନ୍ତ ବଦଳାଇବାକୁ ନିର୍ଦ୍ଦେଶ

ଏମକେସିଜି କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧା କରୁଛି ଠିକା ସଂସ୍ଥା

ଟିପିଏସ୍‌ଓଡିଏଲ ସିଇଓ'ଙ୍କ ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ

ବ୍ରହ୍ମପୁର,୨।୧୧(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍)ର ସିଇଓ ଅମିତ କୁମାର ଗର୍ଗ ବରିଷ୍ଠ ଅଧିକାରୀଙ୍କ ସହ ଗଞ୍ଜାମ ଜିଲ୍ଲାର ବାତ୍ୟା ପରବର୍ତ୍ତି ବନ୍ୟା ପ୍ରଭାବିତ ଅଞ୍ଚଳ ଯଥା ଆସିକା, ଶେରଗଡ଼ ଓ ସାନଖେମୁଣ୍ଡି ଅଞ୍ଚଳ ଗସ୍ତ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହିତ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗସ୍ତ କାଳରେ ଶ୍ରୀଗର୍ଗ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସେମାନେ ସାମ୍ନା କରିଥିବା ସମସ୍ୟା ଏବଂ ଅନୁଭୂତି ସମ୍ପର୍କରେ ପଚାରି ବୁଝିଥିଲେ। ପୁନଃସ୍ଥାପନ କାର୍ଯ୍ୟରେ ସହଯୋଗ ପାଇଁ ସମଗ୍ର ଦକ୍ଷିଣଓଡ଼ିଶାରେ ପ୍ରାୟ ୬,୫୦୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ପ୍ରାୟ ୪୦୦ଟି ଗାଡ଼ି, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଏବଂ ୧୬ଟି ଟ୍ରାନ୍‌ଜିଟ୍ ଷ୍ଟୋର୍‌ର ସହାୟତା ଯୋଗାଇ ଦିଆଯାଇଛି। ଏହାଦ୍ୱାରା କର୍ମଚାରୀ, ଯନ୍ତ୍ରପାତି ଓ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଆବଶ୍ୟକ ସ୍ଥାନରେ ଶୀଘ୍ର ପହଞ୍ଚାଇବା ସମ୍ଭବପର ହେଉଛି। ଗସ୍ତ ସମୟରେ ଶ୍ରୀ ଗର୍ଗ କ୍ଷେତ୍ରସ୍ତରରେ ଉତ୍ତମ ସମନ୍ୱୟ ରକ୍ଷା, ଉପଭୋକ୍ତାଙ୍କ ସମସ୍ୟାର ତୁରନ୍ତ ସମାଧାନ ଏବଂ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଦ୍ୟୁତ୍ ଯୋଗାଣର ଯଥାଶୀଘ୍ର ପୁନଃସ୍ଥାପନ ଉପରେ ଗୁରୁତ୍ୱ



'ପ୍ରଦୀପ ସେଠୀ' ମୃତ୍ୟୁ ଦୁର୍ଘଟଣା ଜନିତ ନୁହେଁ; ଯୋଜନାବଦ୍ଧ ହତ୍ୟା!

ବ୍ରହ୍ମପୁର,୨।୧୧(ସମିସ): ବ୍ରହ୍ମପୁର ସହରରେ ସଡ଼କ ଦୁର୍ଘଟଣା ଆଳରେ ଲୁଚି ରହିଥିବା ଏକ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହୋଇଛି। ଗତ ୩୦ତାରିଖରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଅଞ୍ଚଳରେ ଜଗବନ୍ଧୁ ସାହି ନିବାସୀ ତଥା ମୋଷ୍ଟ ୱାଣ୍ଟେଡ୍ ପ୍ରଦୀପ କୁମାର ସେଠୀଙ୍କୁ ହତ୍ୟା ହୋଇଥିଲା। ଏହି ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ଲକ୍ଷ୍ମୀନୃସିଂହ ସାହିର ଲବ ସେଠୀ, ବଡ଼ ରେଡ଼ିକା ସାହିର ଦୀପକ ସେଠୀ ଓ ଶାନ୍ତିନଗରର ବାବୁଲା ବେହେରା। ମିଳିଥିବା ସୂଚନା ପ୍ରକାରେ, ଗତ ଅକ୍ଟୋବର ୩୦ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ବୈଦ୍ୟନାଥପୁର ଥାନା ଅଧୀନ ଆଙ୍କୁଲି ଅଞ୍ଚଳରେ ଥିବା ଏକ ଚାହା ଦୋକାନ ସମ୍ମୁଖରେ ପ୍ରଦୀପଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ପୂର୍ବ ଗ୍ୟାଙ୍ଗ୍ ଶତ୍ରୁତାକୁ କେନ୍ଦ୍ର କରି ଲବ ସେଠୀ, ସୁନୀଲ ନାହାକ, ଭିକି ସାହୁ, ବାବୁଲା ବେହେରା ଓ ଦୀପକ ସେଠୀ ଆଦି ସଂଘବଦ୍ଧ ଭାବେ ପ୍ରଦୀପଙ୍କୁ ଖଣ୍ଡା ଓ ପଥରରେ ଆକ୍ରମଣ କରିଥିବା ପୁଲିସ ରିପୋର୍ଟରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ପ୍ରଦୀପଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ଆକ୍ରମଣର ଯୋଜନା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ଆକ୍ରମଣରେ ଗୁରୁତର ଆହତ ପ୍ରଦୀପଙ୍କୁ ତାଙ୍କ ପରିବାର ଲୋକେ ସରକାରୀ ଡାକ୍ତରଖାନା ପରିବର୍ତ୍ତେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିକ୍ରାନ୍ତ ହେଲ୍ଥ କେୟାର ନାମକ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ସହ ଆଘାତ ସ୍ଥାନରେ ସିଲେଇ କରାଯାଇଥିଲା। ତେବେ ଅବସ୍ଥା କ୍ରମଶଃ ସଙ୍କଟାପନ୍ନ ହେବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ୮ଟା ୩ମିନିଟ୍‌ରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଥମେ ସଡ଼କ ଦୁର୍ଘଟଣା ଭାବେ ରୁଜୁ ହୋଇଥିବା ଏହି ମାମଲା ଏବେ ଭିନ୍ନମୋଡ଼ ନେଇଛି। ସାକ୍ଷୀଙ୍କ ବୟାନ, ମୃତଦେହରେ ଥିବା ଆଘାତ ଚିହ୍ନ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଦର୍ଶାଇଛନ୍ତି ବ୍ରହ୍ମପୁର ଟ୍ରାଫିକ୍ ଥାନା ଅଧିକାରୀ ପଦ୍ମ ଚରଣ ଭଟ୍ଟ। ସମସ୍ତ ତଥ୍ୟକୁ ଆଧାର କରି ପ୍ରଦୀପଙ୍କ ମୃତ୍ୟୁ ସଡ଼କ ଦୁର୍ଘଟଣା ଜନିତ ନୁହେଁ, ବରଂ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ସେ ବୈଦ୍ୟନାଥପୁର ଥାନାକୁ ରିପୋର୍ଟ ପ୍ରଦାନ କରିବା ସହ ହତ୍ୟା, ଅପରାଧିକ ଷଡ଼ଯନ୍ତ୍ର, ସଂଗଠିତ ଅପରାଧ ଓ ଅସ୍ତ୍ର ଆଇନ ଅଧୀନରେ ନୂତନ ମାମଲା ରୁଜୁ କରିବାକୁ ଅନୁରୋଧ କରିଥିବା ଜଣାପଡିଛି। ଏହି ଘଟଣାରେ ଲବ ସେଠୀ, ଦୀପକ ସେଠୀ ଓ ବାବୁଲା ବେହେରା ନାମକ ୩ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ସୂଚନା ମିଳିଛି। ସେହିପରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅନ୍ୟ ଏକାଧିକ ବ୍ୟକ୍ତି ଫେରାର ଥିବା ଜଣାପଡ଼ିଛି। ଫେରାର ଅଭିଯୁକ୍ତଙ୍କ ସନ୍ଧାନ ସହ ହତ୍ୟାକାଣ୍ଡ ପଛରେ ରହିଥିବା ଷଡ଼ଯନ୍ତ୍ରର ଅନ୍ୟ ଦିଗଗୁଡ଼ିକ ଉପରେ ତଦନ୍ତ ଜାରି ରହିଛି।

୨ବର୍ଷ ପରେ ଅପହୃତା ନାବାଳିକା ଉଦ୍ଧାର; ଅଭିଯୁକ୍ତ ଗିରଫ

● **ମୁମ୍ବାଇକୁ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ**



ବ୍ରହ୍ମପୁର,୨।୧୧(ସମିସ): ଗୋପାଳପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରି ମୁମ୍ବାଇ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମର କାହ୍ନା ଦାସ (୨୫)। ସୂଚନାଯୋଗ୍ୟ ଯେ,୨୦୨୪ମସିହା ଅଗଷ୍ଟ ୧୭ତାରିଖରେ ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକା (୧୫)ଙ୍କୁ ଅଭିଯୁକ୍ତ କାହ୍ନା ଦାସ ଅପହରଣ କରି ନେଇଥିଲେ। ଅଭିଯୁକ୍ତ ତାଙ୍କୁ ମୁମ୍ବାଇ ନେଇ ସେଠାରେ ଯୌନ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ୨୦୨୪ମସିହା ଅଗଷ୍ଟ ୧୮ ତାରିଖରେ ଗୋପାଳପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ପରେ ଆଜି ଗୋପାଳପୁର ପୋଲିସ କୁକୁଡ଼ାଖଣ୍ଡି ଗ୍ରାମରେ ଥିବା ଅଭିଯୁକ୍ତଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବୟାନ ରେକର୍ଡ କରିଥିଲା।

ଘରପିଛା ୫ ଲକ୍ଷ ଟଙ୍କା ବାତ୍ୟା କ୍ଷତିପୂରଣ ଦାବି

ବ୍ରହ୍ମପୁର,୨।୧୧(ସମିସ): ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ଓ ଅବିରତ ବର୍ଷା ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା କ୍ଷତିପୂରଣ ସହାୟତା ରାଶି ଅତ୍ୟନ୍ତ ଅପର୍ଯ୍ୟାପ୍ତ ବୋଲି ସ୍ଥାନୀୟ ସମାଜବାଦୀ ସଙ୍ଗଠନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦୃଢ଼ ସମାଲୋଚନା କରିଛି। ସରକାରଙ୍କ ଘୋଷଣା ଅନୁଯାୟୀ, ସମ୍ପୂର୍ଣ୍ଣ ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ଘର ପାଇଁ ସମତଳ ଅଞ୍ଚଳରେ ୧ଲକ୍ଷ ୨୦ହଜାର ଟଙ୍କା ଓ ପାର୍ବତ୍ୟ ଅଞ୍ଚଳରେ ୧ଲକ୍ଷ ୩୦ହଜାର ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, କଚ୍ଚା ଘର ପାଇଁ ୪ହଜାର ଟଙ୍କା ଏବଂ କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ବାତ୍ୟା ଓ ବନ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପାଣ୍ଠି ଘୋଷଣା କରାଯାଉ ବୋଲି ଦାବି କରି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ଘର ପାଇଁ ସର୍ବନିମ୍ନ ୫ଲକ୍ଷ ଟଙ୍କା, କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ସର୍ବନିମ୍ନ ୩ଲକ୍ଷ ଓ କଚ୍ଚା ଘର ପାଇଁ ଅନ୍ୟୁନ ୨ଲକ୍ଷ ଟଙ୍କା ସହାୟତା ଦିଆଯାଉ। କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ସର୍ବନିମ୍ନ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ ସହିତ କ୍ଷତିଗ୍ରସ୍ତ ଚାଷୀ, କୃଷି ଶ୍ରମିକ ଓ ଗୃହପାଳିତ ପଶୁସମ୍ପଦ ହରାଇଥିବା ପରିବାରଙ୍କୁ ଯଥୋଚିତ କ୍ଷତିପୂରଣ ସହ ତୁରନ୍ତ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ମଞ୍ଚ ଦାବି କରିଛି। ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ମନୋଜ କୁମାର ତରାଇ, ଗଗନ ଚାନ୍ଦ ପ୍ରଧାନ, ଶିକ୍ଷକ ସଂଗଠନ ନେତା ଅଶୋକ କୁମାର ଦଳାଇ, ସମ୍ପାଦକ ଗୁଣନିଧି ବେହେରା, ଆର୍. ସତ୍ୟ ନାରାୟଣ ରାଓ, ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା ଓ ହୃଷୀକେଶ ପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

ବନ୍ୟା ପ୍ରଭାବିତ ଗଞ୍ଜାମକୁ ସହାୟତାର ହାତ ବଢ଼ାଇଲା ବିଏମ୍‌ସି

ବ୍ରହ୍ମପୁର,୨।୧୧(ସମିସ)

'ଅର୍ଣ୍ଣବ' ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ସହାୟତାର ହାତ ବଢାଇଛି ଭୁବନେଶ୍ୱର ମହାନଗର ନିଗମ। ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ଏକ ପ୍ରତିନିଧି ଦଳ ଗଞ୍ଜାମ ଗସ୍ତରେ ଆସି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଥିଲେ। ନିଗମ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନଗଦ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ୨୫ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ୧୦ହଜାର ପାଣିବୋତଲ ପ୍ରଦାନ କରାଯାଇଛି। ସମସ୍ତ ସାମଗ୍ରୀକୁ ଏକ ଟ୍ରକରେ ଭୁବନେଶ୍ୱରରୁ ଅଣାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇଙ୍କ ସହ ବିଏମସିର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ପରେ ଏଷହି ପ୍ରତିନିଧି ଦଳ ଗଞ୍ଜାମ ବ୍ଲକର ପୋଇରାଶି ପଞ୍ଚାୟତର ବରପଲ୍ଲୀ ଓ ଭୁଆଁଭୂଇଁ ଗ୍ରାମକୁ ଯାଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଗଞ୍ଜାମ ଜିଲ୍ଲାରେ ବାତ୍ୟାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଯଦିଓ ଆଗୁଆ ସତର୍କ ସୂଚନା ଦିଆଯାଇଥିଲା ଏବଂ ଜିଲ୍ଲାକୁ ଗତ ୨୪ତାରିଖ ଠାରୁ ରେଡ ଆଲର୍ଟ ତାଲିକା ଭୁକ୍ତ କରାଯାଇଥିଲା ତଥାପି ପ୍ରଶାସନିକ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ବା ସତର୍କତା ଅବଲମ୍ବନ କରାଯାଇନଥିବା କୁହାଯାଇଛି। ତେବେ ସବୁଠାରୁ ବଡକଥା ହେଲା 'ଡ୍ୟାମ ପରିଚାଳନା'ରେ ତ୍ରୁଟି ହିଁ ସରକାରୀ ବିଫଳତାର ଅନ୍ୟତମ ମୁଖ୍ୟ କାରଣ ବୋଲି କହିଛନ୍ତି ଭୁବନେଶ୍ୱର ମେୟର ଶ୍ରୀମତି ସୁଲୋଚନା ଦାସ। ବାତ୍ୟା ଟଳିବାର ଦିର୍ଘ ଦିନ ପରେ ମଧ୍ୟ ପୁନଃରୁଦ୍ଧାର ଓ କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଘୋଷଣା ହୋଇଥିବା କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ପୁଣି ଥରେ ଆଉ ଏକ ବାତ୍ୟା ଓ ଏହାକୁ ନେଇ ଆଶଙ୍କା ଜିଲ୍ଲାବାସୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ପ୍ରଶାସନ ପକ୍ଷରୁ ପୁଣି ଥରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲେ ହେଁ ଅଣ୍ଟା ସଳଖିବା ପୂର୍ବରୁ ପୁଣି ଏକ ବାତ୍ୟା ସମଗ୍ର ଗଞ୍ଜାମ ଜିଲ୍ଲାବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଡ୍ୟାମ ପରିଚାଳନାରେ ତ୍ରୁଟି ଯୋଗୁଁ ଜିଲ୍ଲାରେ ମନୁଷ୍ୟକୃତ ବନ୍ୟା ଯୋଗୁଁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଚାଷଜମି ଉଜୁଡି ଯାଇଛି। ଏଭଳି ସ୍ଥିତିରେ ପ୍ରଶାସନ ଓ ରାଜ୍ୟସରକାର ଯୁଦ୍ଧକାଳୀନ ଭିତ୍ତିରେ ପୁନଃରୁଦ୍ଧାର କାର୍ଯ୍ୟ କରିବା ସହିତ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ପରିମାଣର କ୍ଷତିପୂରଣ ପ୍ରଦାନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମେୟର ସୁଲୋଚନା ଦାସଙ୍କ ସମେତ ବିରଞ୍ଚି ନାରାୟଣ ମହାସୁପକାର, ନୃପେଶ କୁମାର ନାୟକ, ରାଜକିଶୋର ଦାସ, ମିହିର କୁମାର ରାଉତ, ରଞ୍ଜୁଲତା ରାୟ, ମଧୁସ୍ମିତା ପ୍ରଧାନ ଓ ବହୁ ଅଧିକାରୀ ସାମିଲ ଥିଲେ। ସେହିଭଳି ଏହି ପ୍ରତିନିଧିଡ଼ି ଦଳ ସହିତ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତି ସଂଘମିତ୍ରା ଦଳେଇଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଜାମ୍ମୁଲା ଶ୍ରୀନୁ, ଡଃ ସୋନାଲି ଗନ୍ତାୟତ, ଶ୍ୱେତରେଖା ତ୍ରିପାଠୀ, ଧୀରେଶ କୁମାର ସାବତ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା ଓ ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା ପ୍ରମୁଖ ସାମିଲ ଥିଲେ।



■ **୧ଲକ୍ଷ ଟଙ୍କା, ୧୦ହଜାର ପାଣିବୋତଲ ଓ ୨୫ ଶହ ପରିବାର ପାଇଁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ**

■ **ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ଭୁବନେଶ୍ୱର ଓ ବ୍ରହ୍ମପୁର ମେୟରଙ୍କ ସହିତ ବହୁ କର୍ପୋରେଟର**

ରୋଷେଇ ଘରେ ମହିଳା, ବିଛଣାରୁ ସୁନା ଗାଏବ!

● **ସମ୍ପର୍କୀୟଙ୍କ ନାଁରେ ଚୋରି ଅଭିଯୋଗ, ପୁଲିସ ତଦନ୍ତ ଜାରି**

ବ୍ରହ୍ମପୁର,୨।୧୧(ସମିସ): ଘରେ ମହିଳା ରୋଷେଇ କରୁଥିବା ବେଳେ ବିଛଣା ଉପରେ ରଖାଯାଇଥିବା ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡକଥା ହେଲା ଏହି ଚୋରି ଘଟଣାରେ କୌଣସି ବାହାର ଲୋକ ନୁହେଁ, ବରଂ ଏଥିରେ ମହିଳାଙ୍କ ଖୋଦ୍ ଜଣେ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଘଟଣା ପରେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ମଧ୍ୟସ୍ଥତାରେ ସୁନା ଫେରାଇବାକୁ ପ୍ରତିଶ୍ରୁତି ମିଳିଥିଲା। ତେବେ ପ୍ରତିଶ୍ରୁତିର ଦୀର୍ଘ ୩ମାସ ପରେ ବି ଅଳଙ୍କାର ଫେରସ୍ତ ମିଳିନଥିବା ଯୋଗୁଁ ଶେଷରେ ନ୍ୟାୟ ପାଇଁ ମହିଳା ଜଣକ ବ୍ରହ୍ମପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖ ମୋଚି ସାହି ଅଞ୍ଚଳରେ ରହୁଥିବା ମହିଳା ଏନ୍. ମୁଡିଆଲୁ (୫୨) ଗତ ଜୁଲାଇ ୨୦ତାରିଖି ସକାଳ ସମୟରେ ନିଜ ରୋଷେଇ ଘରେ କାମ କରୁଥିଲେ। ଏହି ସମୟରେ ସେ ନିଜର ଏକ ସୁନା ହାର, କାନଫୁଲ ଓ ଅନ୍ୟଦୁଇଟି ସୁନା ଅଳଙ୍କାର ବିଛଣା ଉପରେ ରଖିଥିଲେ। ମହିଳା ଜଣକ ରୋଷେଇ କାମରେ ବ୍ୟସ୍ତ ଥିବାର ସୁଯୋଗ ନେଇ ସେହି ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ନିକଟତମ ସମ୍ପର୍କୀୟ ଡି. ରମେଶ (୨୩) ଘରେ ପଶି ଉକ୍ତ ସୁନା ଅଳଙ୍କାର ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ମହିଳା ଜଣକ ପ୍ରଥମେ ପୁଲିସ ନିକଟକୁ ନଯାଇ ସ୍ଥାନୀୟ ଅଞ୍ଚଳର ଭଦ୍ରବ୍ୟକ୍ତି ଜଗନ୍ନାଥ ରାଓଙ୍କୁ ଜଣାଇଥିଲେ। ପରେ ଜଗନ୍ନାଥ ରାଓ ଅଭିଯୁକ୍ତ ରମେଶଙ୍କ ପରିବାର ସହ ଏନେଇ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସୁନା ଅଳଙ୍କାର ଫେରାଇଦେବାକୁ ରମେଶଙ୍କ ପରିବାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ମହିଳା ଜଣକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପ୍ରତିଶ୍ରୁତି ମିଳିବା ପରେ ମଧ୍ୟ ସୁନା ଅଳଙ୍କାର ଫେରସ୍ତ ମିଳିନଥିଲା। ଏପରିକି ଘଟଣାକୁ ୩ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ସୁନା ଫେରାଇବା ଦିଗରେ କୌଣସି ସୁଫଳ ନମିଳିବାରୁ ମହିଳା ଜଣକ ଶେଷରେ ଆଇନର ଆଶ୍ରୟ ନେଇଛନ୍ତି। ଗତ ୧ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଘଟଣାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବ୍ରହ୍ମପୁର ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

ଶ୍ରୀକ୍ଷେତ୍ର ସିଟି

୨/୧୧/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୪,୧୬,୩୪୭/- ସୁନା:୦୨.୦୦୦ ଗ୍ରାମ୍ ରୁପା: ୨୧.୦୦୦ ଗ୍ରାମ୍



ଚିକିତ୍ସା ଅବହେଳାରୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ଅଭିଯୋଗ

ପୁରୀ,୨।୧୧(ସମିସ): ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଏକ ନବଜାତ ଶିଶୁର ମୃତ୍ୟୁକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଦ୍ୱିତୀୟ ସନ୍ତାନ ପ୍ରସବ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ମହିଳାଙ୍କ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ଘଟଣାକୁ ନେଇ ପରିବାର ପକ୍ଷରୁ ଚିକିତ୍ସା ଅବହେଳାର ଗୁରୁତର ଅଭିଯୋଗ ଆସିଛି। ଡାକ୍ତରଖାନା କର୍ମଚାରୀଙ୍କ ଅବହେଳା ଓ ନର୍ସଙ୍କ ଆସିବାରେ ବିଳମ୍ବ ଯୋଗୁଁ ଏଭଳି ଦୁଃଖଦ ପରିସ୍ଥିତି ଉପୁଜିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରସୂତି ବିଭାଗରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିଲା।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳ ରାଏବିଧାର ଗ୍ରାମର ମନୋଜ କୁମାର ମଙ୍ଗରାଜଙ୍କ ସ୍ତ୍ରୀ ସସ୍ମିତା ପ୍ରଧାନ ଦ୍ୱିତୀୟଥର ପ୍ରସବ ପାଇଁ ରବିବାର ସନ୍ଧ୍ୟାରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ସେ ପ୍ରସବ ଯନ୍ତ୍ରଣା ଅନୁଭବ କରୁଥିବାରୁ ତାଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ଯନ୍ତ୍ରଣା ପାଇଁ ଏକ ଇଞ୍ଜେକ୍ସନ ଦିଆଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ଅଭିଯୋଗ ଅନୁସାରେ, ଇଞ୍ଜେକ୍ସନ ନେବା ପରେ ସସ୍ମିତାଙ୍କ ପ୍ରସବ ଯନ୍ତ୍ରଣା ଆହୁରି ବଢ଼ିଥିଲା। ଏହାପରେ ଡ୍ୟୁଟିରେ ଥିବା ନର୍ସ ତାଙ୍କୁ ରାତି ୨ଟା ପର୍ଯ୍ୟନ୍ତ ଚଲାବୁଲା କରିବା ସହ ତରଳ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସୋମବାର ପୁଣିଥରେ ସସ୍ମିତାଙ୍କ ପ୍ରସବ ଯନ୍ତ୍ରଣା ଅସହ୍ୟ ହୋଇପଡ଼ିଥିଲା। ଏହି ସମୟରେ ଆବଶ୍ୟକ ଚିକିତ୍ସା ଓ ତତ୍ପରତାକୁ ନେଇ ପରିବାର ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଶେଷରେ ଅପରାହ୍ଣରେ ମା'ଙ୍କ ଗର୍ଭରେ ଥିବା ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଖବର ପରିବାରକୁ ଦିଆଯାଇଥିଲା। ଏହି ଖବର ଶୁଣି ପରିବାର ଲୋକେ ଭାଙ୍ଗିପଡ଼ିବା ସହ ଚିକିତ୍ସା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପ୍ରସୂତିଙ୍କ ଅବସ୍ଥା ଉପରେ ଠିକ୍ ଭାବେ ନଜର ରଖାଯାଇ ନ ଥିଲା। ନର୍ସ ଆସିବାରେ ଅହେତୁକ ବିଳମ୍ବ ଓ ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁଟିର ମୃତ୍ୟୁ ହେଲା। ଏହି ଘଟଣା ପରେ ପ୍ରସୂତି ବିଭାଗରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକଙ୍କ ଅସନ୍ତୋଷ ଓ ହୋ-ହଲ୍ଲା ଯୋଗୁଁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ଓ ହସ୍ପିଟାଲ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଘଟଣା ସରକାରୀ ଚିକିତ୍ସାଳୟରେ ପ୍ରସୂତି ସେବା, ଜରୁରୀକାଳୀନ ଚିକିତ୍ସା ଓ ରୋଗୀଙ୍କ ଅବସ୍ଥା ଉପରେ ନିୟମିତ ନଜର ରଖିବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଚୋରି ଅଳଙ୍କାର ଉଦ୍ଧାର; ୩ ଗିରଫ

ପୁରୀ,୨।୧୧(ସମିସ): ଘରେ ପଶି ଚୋରି ଘଟଣାର ପର୍ଦ୍ଦାଫାସ୍ କରିଛି ବାସେଳିସାହି ଥାନା ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ସହ ଚୋରି ହୋଇଥିବା ସୁନା ଅଳଙ୍କାର ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ମାଟିତୋଟା ଦ୍ୱିତୀୟ ଲେନ୍‌ରେ ରହୁଥିବା ସତ୍ୟଭାମା ଦାସ ଗତ ଅକ୍ଟୋବର ୨୮ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୫ଟା ମଧ୍ୟରେ ସ୍ୱାମୀଙ୍କ ସହ ଭୁବନେଶ୍ୱର ମେଡିକାଲକୁ ଯାଇଥିଲେ। ଏହି ସମୟରେ ତାଙ୍କର ତିନି ପିଲା ମଧ୍ୟାହ୍ନ ଭୋଜନ ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ସହ କିଛି ସୁନା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ପରେ ବାସେଳିସାହି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚଢ଼ଉ କରି ପୁଲିସ ଶଶିଭୂଷଣ ପଟ୍ଟନାୟକ ଏବଂ ଚନ୍ଦନ ମହାକୁଡ଼ଙ୍କୁ ଗିରଫ କରିଥିଲା। ତଦନ୍ତରୁ ଚୋରି ଅଳଙ୍କାର କାଶୀନାଥ ସାହୁ ନାମକ ଜଣେ ସୁନାରିଙ୍କୁ ବିକ୍ରି କରାଯାଇଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା। ତାଙ୍କ ହେପାଜତରୁ ଚୋରି ଅଳଙ୍କାର ୪ ହଳ ପାଉଁଜି, ସୁନାପଲା ଦୁଇ ହଳ, ଗୋଟିଏ ଲେଖାଏଁ ରୁପା ବ୍ରତ, ମଙ୍ଗଳ ସୂତ୍ର, ସୁନା ଲକେଟ୍ ଏବଂ ଗୋଟିଏ ହଳ କାନ ଟପ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗିରଫ ଶଶିଭୂଷଣଙ୍କ ନାମରେ ପୂର୍ବରୁ ସଦର ଓ ବ୍ରହ୍ମଗିରି ଥାନା ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଅନ୍ୟ ଅଭିଯୁକ୍ତ ଚନ୍ଦନଙ୍କ ନାମରେ ମଧ୍ୟ ବାସେଳିସାହି ଥାନାରେ ପୂର୍ବରୁ ଏକ ମାମଲା ରହିଛି।



ବୃନ୍ଦାବତୀଙ୍କ ପୂଜାରେ ମଜିଛନ୍ତି ହବିଷ୍ୟାଳୀ ମା'ମାନେ

• ଶ୍ରୀମନ୍ଦିରରେ ହେଲା ଦିବା ପହୁଡ଼

୨ଘଣ୍ଟା ୨୦ ମିନିଟ୍ ଶୋଇଲେ ଠାକୁର

ପୁରୀ,୨।୧୧(ସମିସ): ସୋମବାର ଶ୍ରୀମନ୍ଦିରରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଛି। ଅପରାହ୍ଣ ୩ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ଶେଷ ପରେ ମଇଲମ ସରି ୪ଟା ୧୦ରେ ଗଭା ଲାଗି ବେଶ ବଢ଼ିଥିଲା। ଏହାପରେ ଅପରାହ୍ଣ ୪ଟା ୨୦ରେ ଅନୁଷ୍ଠିତ ହୋଇଥିଲା ଦିବା ପହୁଡ଼। ସନ୍ଧ୍ୟା ୬ଟା ୪୦ରେ ଦ୍ୱାର ଫିଟା ଯାଇଥିଲା। ଅର୍ଥାତ୍ ଦିନରେ ୨ ଘଣ୍ଟା ୨୦ ମିନିଟ୍ ଶୋଇଥିଲେ ମହାପ୍ରଭୁ। ସୂଚନାଥାଉ କି, ମହାକାର୍ତ୍ତିକ ମାସରେ ଦୈନିକ ଦିବା ପହୁଡ଼ ଅନ୍ୟତମ ନୀତି ହୋଇଥିଲେ ହେଁ କାର୍ତ୍ତିକ ମାସରେ ଦର୍ଶନାର୍ଥୀଙ୍କ ଅତ୍ୟଧିକ ଭିଡ଼ ତଥା ନୀତି ବହୁଳତା କାରଣରୁ ପ୍ରତ୍ୟହ ଦିବା ପହୁଡ଼ କରାଯିବା ସମ୍ଭବ ହୋଇପାରୁନାହିଁ। ସୋମବାର ପାଗ ଅନୁକୂଳ ନ ଥିବା ହେତୁ ଭକ୍ତମାନଙ୍କ ଭିଡ଼ କମ୍ ଥିବାରୁ ଦିବା ପହୁଡ଼ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଜାନୁଆରୀ ୧୭ରୁ ତୃତୀୟ ଶ୍ରୀକ୍ଷେତ୍ର ମକର ମହୋତ୍ସବ

ପୁରୀ,୨।୧୧(ସମିସ): ତୃତୀୟ ଶ୍ରୀକ୍ଷେତ୍ର ମକର ମହୋତ୍ସବ-୨୦୨୭ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀ ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମଧୁସୂଦନ ସିଂହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଥିଲା। ଏହି ମହୋତ୍ସବ ଜାନୁଆରୀ ୧୭ ତାରିଖଠାରୁ ତାଳବଣିଆ ପଡ଼ିଆଠାରେ ଆୟୋଜନ କରାଯିବ। ଏଥିରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସାଧାରଣ ପ୍ରତିଯୋଗୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶତାଧିକ ଷ୍ଟଲ୍‌କୁ ନେଇ ମେଳା ଆୟୋଜିତ ହେବ। ଚଳିତ ବର୍ଷଠାରୁ ପ୍ରଥମ କରି ଏକ ଡଙ୍ଗା ଚାଳନା ପ୍ରତିଯୋଗିତା ଏବଂ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହୋତ୍ସବ ଅବସରରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ। ବୈଠକରେ ରବିନାରାୟଣ ଦାସ, ଦିଗ୍‌ଦର୍ଶନ ପଟ୍ଟନାୟକ, ସଞ୍ଜୀବ ମୁଖାର୍ଜୀ, ଉମାକାନ୍ତ ନାୟକ, ବିରଞ୍ଚି ନାରାୟଣ ମିଶ୍ର, ହରିହର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଉପସ୍ଥିତ ଥିଲେ। ତାଳବଣିଆ ଉନ୍ନୟନ ପରିଷଦ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସର୍ବଶ୍ରୀ ରାଜେଶ କୁମାର ନନ୍ଦ, ଶିବପ୍ରସାଦ ମହାନ୍ତି, ସଂଗ୍ରାମ କେଶରୀ ମହାପାତ୍ର, ନିହାର ରଞ୍ଜନ ପତି, ବିଷ୍ଣୁଚରଣ ସ୍ୱାଇଁ, ବିଶୁଦ୍ଧାନନ୍ଦ ଜେନା, ବିକାଶ ନାୟକ, ସଞ୍ଜୟ ଦାସ, ଶ୍ରୀମନ୍ତ କୁମାର ସାହୁ, ତନୁଜା ମହାନ୍ତି ପ୍ରମୁଖ ସଭ୍ୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

■ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ

ଗଭର୍ଣ୍ଣିଂ ବଡି ବୈଠକ ନେଇ ଜିଲ୍ଲାପାଳଙ୍କୁ ଚିଠି

ପୁରୀ,୨।୧୧(ସମିସ): ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଗଭର୍ଣ୍ଣିଂ ବଡି ବୈଠକ ଡକାଯାଉ ନ ଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ବିଧାୟକ ପ୍ରତିନିଧି ବୀରେନ୍ଦ୍ର କୃଷ୍ଣ ହୋତା। ଶ୍ରୀ ହୋତା ଲେଖିଛନ୍ତି ଯେ, ସେ ଗତ ଦୁଇବର୍ଷ ହେଲା ପୁରୀ ବିଧାୟକଙ୍କ ପ୍ରତିନିଧି ଭାବେ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡିର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ମହାବିଦ୍ୟାଳୟ ସମଗ୍ର ଶିକ୍ଷା ଓ ରୋଗୀ ଏବଂ ଜନସାଧାରଣଙ୍କ ହିତସାଧନ ନିମନ୍ତେ ଏକ ମହତ୍ ଅନୁଷ୍ଠାନ। ଏହାର ସୁପରିଚାଳନା ଓ ସୁଧାର ପାଇଁ ଗଭର୍ଣ୍ଣିଂ ବଡିର ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଦୁଃଖର ବିଷୟ ଗତ ୫ ମାସ ହେଲା ଗଭର୍ଣ୍ଣିଂ ବଡି ବୈଠକ ଡକାଯାଉନାହିଁ। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଦୁଇଥର ଅନୁରୋଧ କରିବା ପରେ ମଧ୍ୟ ସେ କୌଣସି ଦୃଷ୍ଟି ଦେଉନାହାନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସେ ବିନମ୍ର ନିବେଦନ କରିଛନ୍ତି।

■ ଓଡ଼ିଶା ନାଟ୍ୟସଂଘର ସାଧାରଣ ପରିଷଦ ବୈଠକ

ଓଡ଼ିଆ ମଞ୍ଚ ନାଟକର ଭବିଷ୍ୟତକୁ ନେଇ ଆଲୋଚନା

ପୁରୀ,୨।୧୧(ସମିସ): ଓଡ଼ିଆ ନାଟକର ସମୃଦ୍ଧ ପରମ୍ପରାକୁ ଆହୁରି ଋଦ୍ଧିମନ୍ତ କରିବା, ମଞ୍ଚ ନାଟକର ଭବିଷ୍ୟତକୁ ନୂତନ ଦିଗ ଦେବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନାଟ୍ୟଚେତନାର ନୂତନ ଜାଗରଣ ସୃଷ୍ଟି କରିବାର ଆହ୍ୱାନ ସହ ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଓଡ଼ିଶା ନାଟ୍ୟସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟର ବିଭିନ୍ନ ଜିଲ୍ଲାର ୧୭୪ଟି ନାଟ୍ୟାନୁଷ୍ଠାନର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଓଡ଼ିଆ ମଞ୍ଚ ନାଟକର ଉନ୍ନତି, ଅଭିବୃଦ୍ଧି ଓ ସଫଳତା ସହିତ ଆଗାମୀ ପିଢ଼ିକୁ ନାଟକ ସହ ଯୋଡ଼ିବା ପାଇଁ ନାଟ୍ୟଶାଳା, କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଆୟୋଜନ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

ସଂଘ ସଭାପତି ମିହିର ମେହେରଙ୍କ ସଭାପତିତ୍ୱରେ ପୁରୀ ଜିଲ୍ଲାର ୮ଟି ଅନୁବନ୍ଧିତ ନାଟ୍ୟାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ବୈଠକରେ ଜିଲ୍ଲା ଆବାହକ ଭରତ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିବା ସହ ସଂକ୍ଷିପ୍ତ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଓ ଜିଲ୍ଲା ସଂଯୋଜକ ରାମକୃଷ୍ଣ ମହାପାତ୍ର ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଶ୍ରୀ ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିବାବେଳେ ସଭାପତି ଶ୍ରୀ ମେହେର ସଂଘର ସାଂଗଠନିକ କାର୍ଯ୍ୟକ୍ରମ, ଭବିଷ୍ୟତ ଯୋଜନା ଓ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋକପାତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। କୋଷାଧ୍ୟକ୍ଷ ଶ୍ରୀ ଦଣ୍ଡପାଟ ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିବା ପରେ ସଦସ୍ୟା, ସଦସ୍ୟମାନଙ୍କ ମତାମତ ଓ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ରାଜ୍ୟର ବିଶିଷ୍ଟ ନାଟ୍ୟବ୍ୟକ୍ତିତ୍ୱ ନବୀନ କୁମାର ପରିଡ଼ା, ମନୋଜ ପଟ୍ଟନାୟକ, ଲାଲା ବୀରେନ ରାୟ, ଡ. ପ୍ରସନ୍ନ ମିଶ୍ର, ପ୍ରଫେସର ଡ. ସମର ମୁଦାଲି, ଚିତ୍ତରଞ୍ଜନ ଦାଶ, ବିପ୍ଳବ କୁମାରୀ ଶତପଥୀ ଓ ଶୁଭକାନ୍ତ ପାଢ଼ୀଙ୍କ ସମେତ ଅନେକ ନାଟ୍ୟବିତ୍ ନିଜ ନିଜର ମତାମତ ଓ ପ୍ରସ୍ତାବ ରଖିଥିଲେ। ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଜୀବନର ଇସ୍ତାହାର, ସମାଜର ଦର୍ପଣ ଓ ସମୟର ସ୍ୱର ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଓଡ଼ିଶା ନାଟ୍ୟସଂଘର ପୂର୍ବାଞ୍ଚଳ ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରୀ ଜିଲ୍ଲା ସଂଯୋଜକ ରାମକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସିଦ୍ଧମହାବୀର ମନ୍ଦିର

ଦୀପ, ଭୋଗ ଦୋକାନର ସର୍ବସାଧାରଣ ନିଲାମ ଦାବି

ପୁରୀ,୨।୧୧(ସମିସ): ପୁରୀର ପ୍ରସିଦ୍ଧ ଶ୍ରୀସିଦ୍ଧମହାବୀର ମନ୍ଦିର ପରିସରରେ ଥିବା ଦୀପ, ଭୋଗ ଓ ପୂଜା ସାମଗ୍ରୀ ବିକ୍ରୟ ଦୋକାନଗୁଡ଼ିକୁ ସର୍ବସାଧାରଣ ନିଲାମ ମାଧ୍ୟମରେ ଆବଣ୍ଟନ କରିବାକୁ ଦାବି ହୋଇଛି। ଏହାଦ୍ୱାରା ମନ୍ଦିରର ଆୟ ବୃଦ୍ଧି ସହ ଠାକୁରଙ୍କ ସମ୍ପତ୍ତିର ସଠିକ୍ ଉପଯୋଗ ହୋଇପାରିବ ବୋଲି ଦର୍ଶାଇ ସାମାଜିକ କର୍ମୀ ସଞ୍ଜୀବ କୁମାର ମହାନ୍ତି ସୋମବାର ରାଜ୍ୟ ସରକାରଙ୍କ ଦେବୋତ୍ତର ଆୟୁକ୍ତଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଶ୍ରୀସିଦ୍ଧମହାବୀର ମନ୍ଦିର ହଜାର ହଜାର ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ମନ୍ଦିରର ଧାର୍ମିକ ମହତ୍ତ୍ୱ ସହ ଏହାର ସମ୍ପତ୍ତି ଓ ଆୟର ସୁରକ୍ଷା କରିବା ଦେବୋତ୍ତର ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ମନ୍ଦିର ପରିସରରେ ଥିବା ଦୀପ, ଭୋଗ ଓ ପୂଜା ସାମଗ୍ରୀ ଦୋକାନଗୁଡ଼ିକରୁ ମନ୍ଦିରକୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ରହିଛି। ତେଣୁ ଏହି ଦୋକାନଗୁଡ଼ିକୁ ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ସର୍ବସାଧାରଣ ନିଲାମ ଜରିଆରେ ଆବଣ୍ଟନ କରାଗଲେ ମନ୍ଦିରର ଆୟ ବୃଦ୍ଧି ପାଇବା ସହ ଆର୍ଥିକ ସ୍ୱଚ୍ଛତା ବଜାୟ ରହିପାରିବ। ଏଥିସହ ଦୋକାନଗୁଡ଼ିକର ବର୍ତ୍ତମାନର ଆବଣ୍ଟନ ଓ ଭଡ଼ା ସମ୍ପର୍କରେ ବିଭାଗୀୟ ଯାଞ୍ଚ କରିବା, ସମ୍ବାଦପତ୍ରରେ ନିଲାମ ବିଜ୍ଞପ୍ତି ପ୍ରକାଶ କରିବା ଏବଂ ପ୍ରତ୍ୟେକ ଦୋକାନର ଆକାର, ଅବସ୍ଥିତି, ସର୍ବନିମ୍ନ ନିଲାମ ମୂଲ୍ୟ ଓ ମାସିକ ଭଡ଼ା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେବାକୁ ସେ ଦାବି କରିଛନ୍ତି। ସେହିପରି ବିନା ବୈଧ ଅନୁମତିରେ କିମ୍ବା ଉପଯୁକ୍ତ ଭଡ଼ା ନିର୍ଦ୍ଧାରଣ ବିନା କୌଣସି ଦୋକାନ ଚାଲୁଥିଲେ ତାହାର ତଦନ୍ତ କରି ନିୟମାନୁଯାୟୀ ପଦକ୍ଷେପ ନେବା ସହ ଦୋକାନଗୁଡ଼ିକରୁ ଆଦାୟ ହେଉଥିବା ଭଡ଼ା ଓ ନିଲାମ ଅର୍ଥ ମନ୍ଦିରର ଆୟ ଖାତାରେ ଜମା କରିବାକୁ ଦାବି ହୋଇଛି। ଠାକୁରଙ୍କ ସମ୍ପତ୍ତି ଓ ଆୟ ଠାକୁରଙ୍କର ନିଜସ୍ୱ ସମ୍ପତ୍ତି। ଏହାର ସୁରକ୍ଷା ଓ ସର୍ବାଧିକ ଆୟ ସୁନିଶ୍ଚିତ କରିବା ସମସ୍ତଙ୍କ ନୈତିକ ଓ ପ୍ରଶାସନିକ ଦାୟିତ୍ୱ ବୋଲି ଶ୍ରୀ ମହାନ୍ତି ଦର୍ଶାଇଛନ୍ତି। ତେଣୁ ଦାବିପତ୍ର ଉପରେ ତ୍ୱରିତ ବିଚାର କରି ନିଲାମ ବିଜ୍ଞପ୍ତି ପ୍ରକାଶ ସହ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଲିଖିତ ଭାବେ ଅବଗତ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ଦାବିପତ୍ରର ନକଲ ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ସମ୍ପୃକ୍ତ ଦେବୋତ୍ତର ଅଧିକାରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା ସମ୍ପାଦକ ସଂଗଠନର ସମ୍ମେଳନ

ପୁରୀ,୨।୧୧(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା ସମ୍ପାଦକ ସଂଗଠନର ଦ୍ୱିତୀୟ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଜାତୀୟବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ରାଜ କିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ନ୍ୟାସନାଲ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ପୂର୍ବାଞ୍ଚଳ ମୁଖ୍ୟ ତଥା ପୁରୀ ପାଠକ ମଞ୍ଚର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡ. ପ୍ରିୟଙ୍କା ମହାନ୍ତି ସମ୍ମାନିତ ଅତିଥି ଏବଂ ଡ. ଶ୍ରୀକାନ୍ତ ଚରଣ ପାତ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଂଗଠନର ଆବାହକ ସୁଶାନ୍ତ କୁମାର ସେନାପତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିଥି ପରିଚୟ ଦେଇଥିଲେ ରମେଶ ଚନ୍ଦ୍ର ଦାଶ। ଡ. ରାମଚନ୍ଦ୍ର ଦେଓ ସଂଗଠନ ସୁଦୃଢ଼ୀକରଣ ଉପରେ ସାରଗର୍ଭକ ଭାଷଣ ଦେଇ ଓଡ଼ିଆ ଶିଶୁ ପତ୍ରିକାର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଓଡ଼ିଆ ଶିଶୁ ପତ୍ରିକାର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଦିଗ ଉପରେ ଆଲୋଚନା କରି ପତ୍ରିକା ସମ୍ପାଦକ ଏବଂ ଶିଶୁ ସାହିତ୍ୟ ରଚନା କରୁଥିବା ଶିଶୁ ସାହିତ୍ୟିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ତଥା ସରକାରୀ ପ୍ରୋତ୍ସାହନ ଏବଂ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଏହି ସମାରୋହରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ୨୮ ଜଣ ଶିଶୁ ପତ୍ରିକା ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା।



ଏଥିରେ ଆମ କୁନାକୁନି, ଶୁଆ ଶାରୀ, ଚନ୍ଦ୍ରମା, ଆମ ପରଜାପତି ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୬୦ରୁ ଊର୍ଦ୍ଧ୍ୱ ଶିଶୁ ପତ୍ରିକା ସମ୍ପାଦକ ଯୋଗଦେଇଥିଲେ। ଦୁର୍ଗାବତୀ ପ୍ରଧାନ, ଶିବ ପ୍ରସାଦ ମିଶ୍ର, ପର୍ଶୁରାମ ପାତ୍ର, ମହେନ୍ଦ୍ର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

• ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

୭୩ ଅଭିଯୋଗରୁ ବ୍ୟକ୍ତିଗତ ୬୧

ପୁରୀ,୨।୧୧(ସମିସ): ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୭୩ଟି ଅଭିଯୋଗ ପତ୍ର ମିଳିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୬୧ଟି ଆବେଦନ ରହିଥିଲା। ତତ୍‌କ୍ଷଣାତ୍ ୪ଟିର ସମାଧାନ ହୋଇଥିଲା। ଅନ୍ୟଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଶିବିରରେ ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମର କମିଶନର ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ବିଜୟାନନ୍ଦ ସେଠୀ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ସୁକାନ୍ତ ଚନ୍ଦ୍ର ରଥ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ନିମାପଡ଼ା ବ୍ଲକ୍ ସମ୍ମିଳନୀ ଗୃହରେ, ୧୬ରେ କଣାସ ବ୍ଲକ୍ ସମ୍ମିଳନୀ ଗୃହରେ, ୨୩ରେ କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ ଗୃହରେ ଓ ୩୦ ତାରିଖରେ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ ଗୃହରେ ପୂର୍ବାହ୍ଣ ୧୦ଟାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।



ମହାପ୍ରଭୁଙ୍କ ପ୍ରିୟ ଖଣ୍ଡୁଆର ଅସମ୍ମାନ!

ଖଣ୍ଡୁଆ ପକାଇ ଆଧୁନିକ ଗୀତରେ ନାଚ

ଭାଇରାଲ ଭିଡିଓକୁ ନେଇ ଜଗନ୍ନାଥପ୍ରେମୀଙ୍କ କ୍ଷୋଭ

ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୨।୧୧(ସମିସ): ଖଣ୍ଡୁଆ ପାଟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ବସ୍ତ୍ର। ବିଶେଷକରି ଗୀତଗୋବିନ୍ଦ ଖଣ୍ଡୁଆ ମହାପ୍ରଭୁଙ୍କ ନୀତିକାନ୍ତି ଓ ପରମ୍ପରା ସହ ଗଭୀର ଭାବେ ଜଡ଼ିତ। ଏହି ପବିତ୍ର ବସ୍ତ୍ର ପ୍ରତି ଜଗନ୍ନାଥପ୍ରେମୀଙ୍କ ମନରେ ରହିଛି ଅଗାଧ ଭକ୍ତି ଓ ଶ୍ରଦ୍ଧା। ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଇବାକୁ ଭକ୍ତଙ୍କ ମଧ୍ୟରେ ମଧ୍ୟ ସ୍ୱତନ୍ତ୍ର ଆଗ୍ରହ ଦେଖିବାକୁ ମିଳେ। ହେଲେ ଏହି ପବିତ୍ର ବସ୍ତ୍ରର ମର୍ଯ୍ୟାଦା ରକ୍ଷା ହେଉଛି ତ? ଏହାର ବ୍ୟବହାରକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ।

ବିଭିନ୍ନ ସଭାସମିତି ଓ ସାମାଜିକ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ମାନିତ କରିବା ପାଇଁ ଖଣ୍ଡୁଆ ପାଟ ପ୍ରଦାନ କରାଯାଉଛି। ଏହା ଏକ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ହୋଇଥିବାବେଳେ ଏହାର ମର୍ଯ୍ୟାଦା ରକ୍ଷା ନ କରି ଅସାବଧାନତାର ସହ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। କେଉଁଠି ଖଣ୍ଡୁଆ ପାଦ ପର୍ଯ୍ୟନ୍ତ ଲମ୍ବି ରହୁଛି ତ ଆଉ କେଉଁଠି ଏହାକୁ ଗାମୁଛା ଭଳି ବ୍ୟବହାର କରାଯାଉଛି। ଅତିଥିଙ୍କୁ ଖଣ୍ଡୁଆ ପିନ୍ଧାଇବାରେ ଯେପରି ପ୍ରତିଯୋଗିତା ଚାଲିଛି, ସେହି ଅନୁପାତରେ ଏହାର ପବିତ୍ରତା ଓ ମର୍ଯ୍ୟାଦା ରକ୍ଷା ପ୍ରତି ଧ୍ୟାନ ଦିଆଯାଉଛି କି ନାହିଁ, ତାହାକୁ ନେଇ ଭକ୍ତମହଲରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଏକ ଭିଡିଓ ଏହି ବିବାଦକୁ ଆହୁରି ତୀବ୍ର କରିଛି। ଭିଡିଓରେ ଡିଜେ ସଙ୍ଗୀତର ତାଳେ ତାଳେ ବହୁ ମହିଳା ଓ ଯୁବତୀ ନାଚୁଥିବା ଦେଖାଯାଉଛି। ସେମାନଙ୍କ କାନ୍ଧରେ ଖଣ୍ଡୁଆ ପାଟ ପଡ଼ିଥିବାବେଳେ କେଉଁଠି ଏହା ପାଦ ପର୍ଯ୍ୟନ୍ତ ଲମ୍ବି ରହିଛି ତ ଆଉ କେଉଁଠି ଏହାକୁ ଗାମୁଛା ଭଳି ଅଣ୍ଟାରେ ଗୁଡ଼ାଇ ନୃତ୍ୟ କରାଯାଉଛି। ଆଧୁନିକ ଗୀତର ତାଳେ ତାଳେ ଖଣ୍ଡୁଆ ପରିଧାନ କରି ଶୋଭାଯାତ୍ରାରେ ନାଚି ନାଚି ଯାଉଥିବାର ଦୃଶ୍ୟ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିବା ମତ ପ୍ରକାଶ ପାଉଛି।

ଭିଡିଓରେ ଶୁଣିବାକୁ ମିଳୁଥିବା କେତେକ ଆଧୁନିକ ଗୀତର ପ୍ରସଙ୍ଗ ଓ ସେହି ସମୟରେ ଖଣ୍ଡୁଆ ପାଟର ବ୍ୟବହାରକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଭିଡିଓଟି କେଉଁ ସ୍ଥାନରେ ଓ କେବେ ରେକର୍ଡ କରାଯାଇଛି, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିନାହିଁ। ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ନାନା ମତାମତ ପ୍ରକାଶ ପାଉଛି। ଖଣ୍ଡୁଆ ମହାପ୍ରଭୁଙ୍କ ପ୍ରିୟ ବସ୍ତ୍ର ହୋଇଥିବାରୁ ଏହାର ମର୍ଯ୍ୟାଦା ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅନେକ ମତ ଦେଇଛନ୍ତି। ଏଭଳି କାର୍ଯ୍ୟ ପାଇଁ ଦାୟୀ ବ୍ୟକ୍ତିଙ୍କୁ କିଏ ଅଧିକାର ଦେଲା, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କାହିଁକି ହେବ ନାହିଁ ଏବଂ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କ'ଣ ପଦକ୍ଷେପ ନେଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସଦ୍‌ବୁଦ୍ଧି ଦେବାକୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଖଣ୍ଡୁଆ କେବଳ ଏକ ବସ୍ତ୍ର ନୁହେଁ, ଏହା ଓଡ଼ିଆଙ୍କ ଜଗନ୍ନାଥ ସଂସ୍କୃତି, ଧାର୍ମିକ ଭାବନା ଓ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ। ତେଣୁ ଏହାକୁ ସମ୍ମାନର ସହ ବ୍ୟବହାର କରିବା ସହ ଏହାର ପବିତ୍ରତା ଓ ମର୍ଯ୍ୟାଦା ପ୍ରତି ସଚେତନ ରହିବା ଆବଶ୍ୟକ। ଏହି ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ବଢୁଥିବା କ୍ଷୋଭ ପରେ ଖଣ୍ଡୁଆର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଓ ଆବଶ୍ୟକ ମାର୍ଗଦର୍ଶନ ଜାରି କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ଆଲୋଚନା ଜୋର୍ ଧରିଛି।

କାର୍ତ୍ତିକ ମାସ ଆରମ୍ଭରୁ ହାଟ-ବଜାରରେ ନିଆଁ

ଦର ୬୦; ପରିବା ଛୁଇଁଲେ ମାଡୁଛି ଡର

ବନ୍ତ/ଆଗରପଡ଼ା, ୨।୧୧ (ସମିସ): କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ପରିବା ଦର ଉପରମୁହାଁ ହେବାରେ ଲାଗିଛି। ଯେପରି ଲାଗୁଛି କାର୍ତ୍ତିକରେ ପନିପରିବା ଅଛୁଆଁ ହୋଇଯାଇଛି। ଯେଉଁ ପରିବାକୁ ଧରିଲେ କିଲୋ ପିଛା ଦାମ୍ ୬୦ରୁ ୭୦ ଟଙ୍କା ଉପରେ। କିଛି ତ ୮୦। ଆଉ କିଛି ୧୦୦ ଟଙ୍କା ଛୁଇଁ ସାରିଲାଣି। ବନ୍ତ, ବସନ୍ତିଆ ଓ ଆଗରପଡ଼ାସ୍ଥିତ ବିଭିନ୍ନ ହାଟରେ ଭଲ ବିଲାତି (ଟମାଟୋ) କିଲୋ ପିଛା ମୂଲ୍ୟ ୫୦ ଟଙ୍କା ଥିବାବେଳେ ବାଇଗଣ କିଲୋ ପିଛା ମୂଲ୍ୟ ୬୦ ଟଙ୍କାରେ



୫୦୦ ଟଙ୍କାରେ ବି ବ୍ୟାଗ୍ ପୂରୁନି

ବିକ୍ରି ହେଉଛି। କଞ୍ଚାଲଙ୍କା, ପୋଟଳ, ଜହ୍ନି, କଲରା, ବିନ୍ସ, ଝୁଡ଼ଙ୍ଗ, କ୍ୟାପ୍‌ସିକମ୍, ଖମ୍ବଆଳୁ ଆଦିର ଦର ମଧ କହିଲେ ନ ସରେ। ହାଟକୁ ଟଙ୍କା ୫୦୦ ନେଇକି ଗଲେ ବି ବ୍ୟାଗ୍ ପୂରୁନି। କେତେକଙ୍କ ଘରେ ତ ପନିପରିବା ଶୂନ୍ୟ ହୋଇଗଲାଣି। ଏପରି ଦରରେ ଖାଉଟି ଖାଇବ କ'ଣ ବୋଲି ଚିନ୍ତିତ ହୋଇପଡ଼ିଛି। ପନିପରିବାର ଏହିପରି ଦର ପାଇଁ କେହି କେହି ଶୀତଳଭଣ୍ଡାର ନ ଥିବା ଘଟଣାକୁ ଦାୟୀ କରୁଛନ୍ତି।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ କୃଷି ଓ କୃଷକର ଉନ୍ନତି ପାଇଁ ବହୁମୁଖି ଯୋଜନା ପ୍ରସ୍ତୁତ କରିଛନ୍ତି। ତତ୍‌ସହିତ ଏକାଦଶ ଯୋଜନାରେ ୪ ପ୍ରତିଶତ କୃଷିର ଅଭିବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ୨୦୦୮ ମସିହାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରିବା ସହ ୨୦୨୪ ସୁଦ୍ଧା ସେମାନଙ୍କ ଆୟ ଦୁଇ ଗୁଣ ବୃଦ୍ଧି ପାଇଁ ପରିକଳ୍ପନା କରି ଏହାର ସଫଳ ରୂପାୟଣ

ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର


ନିମନ୍ତେ ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠା କରିଛନ୍ତି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର। ଉକ୍ତ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକୀୟ କୃଷି ସାମଗ୍ରୀ ସହ ଉଚିତ୍ ପରାମର୍ଶ ପ୍ରଦାନ ମଧ୍ୟ କରୁଛନ୍ତି। କିନ୍ତୁ ଚାଷୀଙ୍କ ଦ୍ୱାରା ବହୁ କଷ୍ଟରେ ଉତ୍ପାଦିତ ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଯଦ୍ୱାରା ବର୍ତ୍ତମାନ କାର୍ତ୍ତିକ ମାସ ଆରମ୍ଭ ହୋଇଥିବା ବେଳେ ପରିବା ଦର ଆକାଶଛୁଆଁ ହୋଇଛି। ପରିବା ଚାଷ ପାଇଁ ଏହି ଅଞ୍ଚଳ ବେଶ୍ ପରିଚିତ ହୋଇଛି। ତନ୍ମଧ୍ୟରୁ ଛୟାଳସିଂହ, କାଦବରାଙ୍ଗ, ଓଡ଼ଙ୍ଗ, ଅର୍ଣିଜୋ, ଗୋପିନାଥପୁର, ବଡ଼ମଇଁଷଗୋଠ, ବଡ଼ବର୍ଚ୍ଚିକୟାଁ, ରାମପୁର ଓ ନିଲୋକ ସହ ଅନ୍ୟାନ୍ୟ ପଞ୍ଚାୟତରେ ଧାନ ଚାଷ ପରେ ରବି ଋତୁରେ ଡାଲିଜାତୀୟ ଶସ୍ୟ ସହ ବିଭିନ୍ନ ପନିପରିବା ଭେଣ୍ଡି, କଲରା, ବିଲାତି, ବାଇଗଣ, ଜହ୍ନି, କାକୁଡ଼ି, ଲଙ୍କା, ମକା, କଖାରୁ ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ। ଏହି ପଞ୍ଚାୟତରେ ଚାଷୀ ଦୀର୍ଘ ବର୍ଷ ଧରି ଏହାକୁ ନିଜର ଜୀବନ ଜୀବିକା ଭାବେ ଗ୍ରହଣ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଉକ୍ତ ଅଞ୍ଚଳକୁ ସବୁଜ ପନିପରିବା ଯୋଗାଇଥା'ନ୍ତି। ତେବେ ଏଠାରେ ପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିରେ ପଡୁଛନ୍ତି। ପରିବା ଉତ୍ପାଦନ ସମୟରେ ଦର ବହୁ କମିଯାଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି। ସେହିପରି ଅନ୍ୟ ଦିନରେ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ଆକାଶଛୁଆଁ ହେବାରୁ ଖାଉଟି ଚିନ୍ତାରେ ପଡୁଛନ୍ତି। ତେଣୁ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲେ ପରିବା ଉତ୍ପାଦନ ସମୟରେ ତାହାକୁ ସଂରକ୍ଷଣ କରାଯାଇ ଅନ୍ୟ ଦିନରେ ଚାହିଦା ମେଣ୍ଟାଇ ହୁଅନ୍ତା ଓ ଏହାଦ୍ୱାରା ଉଭୟ ଚାଷୀ ଓ ଖାଉଟି ଲାଭବାନ ହୁଅନ୍ତେ। ତେଣୁ ଏଥିପ୍ରତି ସ୍ଥାନୀୟ ଜନପ୍ରତିନିଧି ଓ ସରକାର ତତ୍ପର ହେବାର ଆବଶ୍ୟକତା ରହିଥିବାର ଚର୍ଚ୍ଚା ହେଉଛି।

ସେମାନଙ୍କ ମତରେ...



ପନିପରିବା ଦରକୁ ନିୟନ୍ତ୍ରଣ କରିବା ପରି ସେମିତି କୌଣସି ଯୋଜନା ନାହିଁ। ଚଳିତ ମାସରେ ପରିବାଦର ବୃଦ୍ଧି ପାଇବା ସ୍ୱାଭାବିକ। ଅପରପକ୍ଷରେ ଚାଷଜମିକୁ ଘର ଡିହରେ ପରିବର୍ତ୍ତନ କରାଯାଉଥିବାରୁ ଚାଷଜମି କମିବାରେ ଲାଗିଛି। ଫଳରେ ପନିପରିବା ଦରରେ ପରିବର୍ତ୍ତନ ଆସୁଛି।

-ପାୟଲ ଚୌଧୁରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ବନ୍ତ



ବ୍ଲକ୍ କିମ୍ବା ପଞ୍ଚାୟତ ସ୍ତରରେ କୌଣସି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଚାଷ କରୁଥିବା ପନିପରିବାକୁ ସଂଗୃହିତ କରି ରଖିପାରୁନାହିଁ। ତେଣୁ ଉତ୍ପାଦନ ସମୟରେ ବହୁ କମ୍ ଦରରେ ବେପାରୀଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛି। ଅପରପକ୍ଷରେ ସରକାରଙ୍କ ତରଫରୁ ପନିପରିବା ଚାଷରେ ବ୍ୟବହୃତ ସାର କିମ୍ବା କୀଟନାଶକ ଯଦି ମାଗଣାରେ ଯୋଗାଇ ଦିଆଯାଇ ପାରନ୍ତା ବା କୌଣସି ରିଆତିର ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ଚାଷୀ ଉପକୃତ ହୋଇପାରନ୍ତେ। ପନିପରିବା ଦରରେ କିଛି ପରିବର୍ତ୍ତନ ହୋଇପାରନ୍ତା।

-ମନୋଜ ବେହେରା, ଚାଷୀ, ଆଗରପଡ଼ା



ପରିବା ଦରର ବର୍ଦ୍ଧିତ ମୂଲ୍ୟ ମଧ୍ୟବିତ ପରିବାରକୁ ବହୁ କଷ୍ଟ ଦେଉଛି। ରୋଜଗାର ତୁଳନାରେ ଖର୍ଚ୍ଚର ମାତ୍ରା ବଢ଼ିବାରେ ଲାଗିଥିବାରୁ ପରିବାର ପ୍ରତିପୋଷଣରେ ବହୁ କଷ୍ଟ ଅନୁଭବ ହେଉଛି। ସରକାର ଏହାକୁ ଗମ୍ଭୀରତାର ସହ ବିଚାରକୁ ନେଇ ବ୍ଲକ୍ କିମ୍ବା ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାର ସ୍ଥାପନ କରିବାର ଯୋଜନା କରିବା ଆବଶ୍ୟକ।

-ସତ୍ୟବ୍ରତ ନାୟକ, ଖାଉଟି, ଆଗରପଡ଼ା

ଗଛ କାଟିବାକୁ କ୍ଷେତ୍ରୀୟ ଅନୁଧ୍ୟାନ



ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଡ୍ରେନେଜ୍ ନାଳରେ ଜଳ ନିଷ୍କାସନ ପାଇଁ ସମସ୍ୟା ସୃଷ୍ଟି ହେଉଛି। ବ୍ଲକ୍ ନିକଟସ୍ଥ ଶନି ମନ୍ଦିରଠାରୁ ମେଡିକାଲ ଛକ ଯାଏଁ ନାଳ ମଧ୍ୟରେ ଅନେକ ଛୋଟ ବଡ଼ ବୃକ୍ଷ ଭାଙ୍ଗି ପଡ଼ିଛି। ଗତ ୨/୩ ମାସ ମଧ୍ୟରେ ପବନ ବର୍ଷା କାରଣରୁ ନାଳ ନିକଟରେ ଥିବା ଗଛଗୁଡ଼ିକ ନଷ୍ଟଭ୍ରଷ୍ଟ ହୋଇଛି। ଡ୍ରେନେଜ୍ ମଧ୍ୟକୁ ଗଛ ଡାଳ ଭାଙ୍ଗି ପଡ଼ିଥିବାବେଳେ କିଛି ବୃକ୍ଷ ମୂଳରୁ ଉପୁଡ଼ି ପଡ଼ିଛି। ଯାହାଫଳରେ ଉପର ମୁଣ୍ଡରୁ ଆସୁଥିବା ପାଣି ନିଷ୍କାସନ ହେବାରେ ସମସ୍ୟା ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ବନପାଳ ସୂର୍ଯ୍ୟକାନ୍ତ ପଣ୍ଡା ଓ ଡ୍ରେନେଜ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ଦାସ କ୍ଷେତ୍ରକୁ ଆସି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ପରେ ଗଛ କାଟିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ନୂତନ ଡାକ୍ତରଙ୍କ କାର୍ଯ୍ୟରେ ଯୋଗଦାନ

ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ଡାକ୍ତରଖାନାରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଡାକ୍ତର ନିଯୁକ୍ତି ପାଇଁ ଦାବି ହେଉଥିଲା। ବିଜେପି ଜିଲ୍ଲା ଉପସଭାନେତ୍ରୀ ତପସ୍ୱିନୀ ମହାପାତ୍ର ସ୍ଥାନୀୟ ଲୋକମାନଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିବା ସହ ମଞ୍ଜୁରୀରୋଡ୍ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ପରିବେଶର ଉନ୍ନୟନ, ନିର୍ମାଣାଧୀନ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ଏହି ଗୃହରେ ଡାକ୍ତରଖାନା ପରିଚାଳନା କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ସାଂସଦ ଶ୍ରୀ ସେଠୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ ଯଥାଶୀଘ୍ର ସ୍ଥାୟୀ ଡାକ୍ତର ନିଯୁକ୍ତି ବ୍ୟବସ୍ଥା ସହ ଅନ୍ୟ ସମସ୍ୟା ଦୂର ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ସୋମବାର ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାକ୍ତର ଭାବେ ଡା. ଶୁଭ୍ରାଂଶୁ ଶେଖର ମହାପାତ୍ର ଯୋଗଦେଇଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

ବଜାର ମଝିରେ ବିପଦପୂର୍ଣ୍ଣ ଗଛ ଡାଳ

ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଛକ ନିକଟସ୍ଥ ଗଣେଶ ବଜାର ମଧ୍ୟସ୍ଥଳରେ ବିପଦପୂର୍ଣ୍ଣ ଭାବେ ଅନେକ ଗଛ ଡାଳ ରହିଛି। ବଜାରକୁ ଲାଗି ରହିଥିବା ଏକ ବୃହତ୍ ଚାକୁଣ୍ଡା ଗଛର ଅନେକ ଶୁଖିଲା ଡାଳ ରାସ୍ତା ମଝିକୁ ଝୁଲି ରହିଛି। ସାମାନ୍ୟ ପବନ ହେଲେ କେତେବେଳେ ଯେ ଡାଳ ଭାଙ୍ଗିବ କହିବା ମୁସ୍କିଲ ହୋଇଛି। ଏହି ରାସ୍ତାରେ ଦୈନିକ ଶହଶହ ଲୋକ ବ୍ଲକ୍, ଥାନା, ମେଡିକାଲ, ତହସିଲ, ସବ୍‌ରେଜିଷ୍ଟ୍ରାର, ବିଇଓ କାର୍ଯ୍ୟାଳୟକୁ ଯାତାୟାତ କରିଥା'ନ୍ତି। ଏହାଛଡ଼ା ରାତି ପାହିଲେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପଥରେ ଗମନାଗମନ କରନ୍ତି। ପାଖାପାଖି ୪ରୁ ୫ ଖଣ୍ଡ ବଡ଼ ଡାଳ ଶୁଖିଲା ଅବସ୍ଥାରେ ରହିଛି। ଯାହାକି ସାଇକଲ ଓ ବାଇକ୍ ଆରୋହୀଙ୍କ ସମେତ ଅନ୍ୟାନ୍ୟ ପଥଚାରୀମାନଙ୍କୁ ବିପଦ ଆଣିଓ ଏଥିରେ ସନ୍ଦେହ ନାହିଁ। ଏପରିକି ଏଥିପାଇଁ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ଶୁଖିଲା ଡାଳଗୁଡ଼ିକୁ କାଟିବା ପାଇଁ ବ୍ୟବସ୍ଥା କରିବାକୁ ଗଣେଶ ବଜାର ବଣିକ ସଂଘ ପକ୍ଷରୁ ଦୃଢ଼ ଦାବି ହୋଇଛି।



ସମାଜ ସୁରକ୍ଷାରେ ବାପି ସାର୍‌ଙ୍କ ଟିମ୍

ଦୋଳସାହି,୨।୧୧(ସମିସ): ତିହିଡ଼ି ବ୍ଲକ୍‌ରେ ଜଣେ ଯୁବକ ୫ଟି ବିଷୟରେ ଶିକ୍ଷା ପ୍ରଦାନ କରୁଥିବା ନେଇ ବାପି ସାର୍ ନାମରେ ପରିଚିତ ହୋଇଥିଲେ। ସମାଜର ସୁରକ୍ଷା ନେଇ ଯୁବକମାନଙ୍କ ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି ସମାଜ ସୁରକ୍ଷାରେ ବାପି ସାର୍‌ଙ୍କ ଟିମ୍। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ କୋହ୍ଲ ପଞ୍ଚାୟତର ଓରଡ଼ା ଗ୍ରାମର ଗଙ୍ଗାଧର ବାରିକଙ୍କ ଅବିବାହିତ ପୁଅ ସଞ୍ଜୟ ବାରିକ ବାହାର ରାଜ୍ୟରେ ନୃତ୍ୟ ଶିକ୍ଷକ ଓ ଫିଟ୍‌ନେସ୍ କୋଚ୍ ଭଳି ପାଞ୍ଚଟି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ତିହିଡ଼ି ଅଞ୍ଚଳରେ ବାପି ସାର୍ ନାମରେ ପରିଚିତ ହୋଇଥିଲା ବେଳେ ୭୦ରୁ ଅଧିକ ଯୁବକଙ୍କୁ ନେଇ ସମାଜ ସୁରକ୍ଷା ନିମନ୍ତେ ଏକ ଟିମ୍ ଗଢ଼ିଥିବା ଆଲୋଚନା ହେଉଛି। ଏହି ଟିମ୍ ଦ୍ୱାରା ତିହିଡ଼ିର ବିଭିନ୍ନ ଅଞ୍ଚଳରେ ଚାରା ରୋପଣ ସହ ବିଭିନ୍ନ ମନ୍ଦିର ନିକଟରେ ଡଷ୍ଟ ପିନ ନିର୍ମାଣ କରୁଥିବା ଜଣାଯାଇଥିଲା ବେଳେ ସୋମବାର ତିହିଡ଼ି ଥାନାରେ ଏକ ସିମେଣ୍ଟ ଚେୟାର ବାପି ସାର୍‌ଙ୍କ ଟିମ୍ ଦ୍ୱାରା ପ୍ରଦାନ କରାଯାଇଥିବା ଜଣାଯାଇଛି।



■ ରାଜ୍ୟସ୍ତରୀୟ ଟେବୁଲ ଟେନିସ୍ ପ୍ରତିଯୋଗିତା

ଭଦ୍ରକ ଜିଲ୍ଲା ବାଳକ ଦଳ ଘୋଷିତ



ଭଦ୍ରକ,୨।୧୧(ସମିସ)

କଟକ ଜିଲ୍ଲା ସିଡିଏ-୬ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଟେବୁଲ୍ ଟେନିସ୍ ପ୍ରତିଯୋଗିତାଟି ନଭେମ୍ବର ୩ରୁ ଆରମ୍ଭ ହୋଇ ୬ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥଲେଟିକ୍ ଆସୋସିଏସନ୍ ୫ ବାଳକ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଖେଳାଳିମାନଙ୍କୁ ରାଜ୍ୟସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି। ଘୋଷଣା ହୋଇଥିବା ଖେଳାଳିମାନେ ହେଲେ ମିଳନ ପୁହାଣ, ମୃତ୍ୟୁଞ୍ଜୟ ପଲାଇ, ସୌମ୍ୟରଞ୍ଜନ ସାହୁ, ସତ୍ୟମ୍ ନାୟକ ଓ ସୁମିତ୍ କୁମାର ପ୍ରଧାନ। ଏହି ଖେଳାଳିମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସହକାରୀ ଜିଲ୍ଲାପାଳ ସାଗରିକା ସାହୁ ଏବଂ ଓଏସ୍‌ଡି ସ୍ପୋର୍ଟସ ରମେଶ ମହାନ୍ତି ପ୍ରମୁଖ ଖେଳାଳିମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି।

ବିଜେଡି ଯୁବନେତା ସଞ୍ଜୀବ ମଲ୍ଲିକଙ୍କ ପରଲୋକ

ଧାମନଗର,୨।୧୧(ସମିସ): ଧାମନଗର ଏନ୍‌ଏସି ଅଧୀନ ଶାମପୁର ଗାଁର ସ୍ଥାୟୀ ବାସିନ୍ଦା ତଥା ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସମ୍ପାଦକ, ପରୋପକାରୀ, ମିଷ୍ଟଭାଷୀ, ମେଳାପୀ, ଜଣେ ଉଦୀୟମାନ ଯୁବନେତା ସଞ୍ଜୀବ ମଲ୍ଲିକ(ବାପୁ)ଙ୍କ ୨୯ ବର୍ଷ ବୟସରେ





ପରଲୋକ ଘଟିଛି। ୨ ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ପ୍ରାୟ ୧ଟା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତେବେ ଏତେ କମ୍ ବୟସରେ ତାଙ୍କର ଏଭଳି ଅକାଳ ବିୟୋଗ କେବଳ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପାଇଁ ନୁହେଁ, ବରଂ ସମଗ୍ର ଧାମନଗର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ଖବର ପ୍ରକାଶ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମେଡିକାଲ ବଜାରଠାରେ ସମସ୍ତ ମେଡିସିନ ଦୋକାନ ବଜାର ବନ୍ଦ କରି ସ୍ୱର୍ଗତ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସୋମବାର ସକାଳେ ତାଙ୍କ ମରଶରୀର ଧାମନଗର ବଜାରରେ ପହଞ୍ଚିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଜନ୍ମମାଟି ଶାମପୁରକୁ ନିଆଯାଇଥିଲା।

ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ନିର୍ବାଚନମଣ୍ଡଳୀ ବିଜେଡି ନେତା ଡା. ସଞ୍ଜୟ ଦାସ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦିରୀ, ବ୍ଲକ୍ ସଭାପତି ପ୍ରତାପ ସାମଲ, ଭାରତ ବିଜୟ ଦଳେଇ, ପ୍ରକାଶ ବେହେରା, ବିଜୟ କେତନ ସାହୁ, ଉମେଶ ମହାନ୍ତି, ସୁଶାନ୍ତ ରାଉତ, ବହୁ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାପୁଙ୍କ ମରଶରୀରକୁ ଯାଜପୁରସ୍ଥିତ ଦଶାସନି ମହା ଶ୍ମଶାନ ଘାଟଠାରେ ଶବ ସତ୍କାର କରାଯାଇଥିବା ବେଳେ ସାନ ଭାଇ ରଞ୍ଜିତ କୁମାର ମଲ୍ଲିକ(ଲିଲୁ) ମୁଖାଗ୍ନି ଦେଇଥିଲେ।

୩୦୦ ବେଆଇନ୍ କାଠ ଗୋଲା, ୫ ସ' ମିଲ୍ ଚାଲିଛି କାହା ଇଙ୍ଗିତରେ

ଅସୁରାଳି, ୨।୧୧ (ସମିସ): ଧାମନଗର ବ୍ଲକ୍‌ରେ ବେଆଇନ୍ କାଠ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ହିସାବରେ ମାତ୍ର ୧୬ଟି କାଠ ଗୋଲାକୁ ଅନୁମତି ମିଳିଥିବାବେଳେ, ବାସ୍ତବରେ କିନ୍ତୁ ବେସରକାରୀ ଭାବେ ୩୦୦ରୁ ଊର୍ଦ୍ଧ୍ୱ ବେଆଇନ୍ କାଠ ଗୋଲା ସକ୍ରିୟ ରହିଛି ବୋଲି ଅଭିଯୋଗ ହୋଇଛି। ସରକାରୀ ନିୟମକୁ ଦେଖାଣ୍ଟିର୍ କରି ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ସରକାରୀ କାଠ ଚୋରି ହେଉଥିବା ଅଭିଯୋଗ ହେଉଛି। ସେହିପରି ୫ ସ' ମିଲ୍ ବିନା କାଗଜକଲମରେ ଚାଲିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ତୁରନ୍ତ ଏହି ବେଆଇନ୍ କାଠ ଗୋଲା ଓ ସ' ମିଲ୍ ବନ୍ଦ କରିବାକୁ ଦାବି ହେଉଛି। ବିଭିନ୍ନ ପଞ୍ଚାୟତ ତଥା ଗୋବିନ୍ଦପୁର, ଗଡ଼ିଆଳି, କଟସାହି, ଖପରପଦା, ଅସୁରାଳି, ଧୂଷୁରୀ, ନଦୀଗାଁ, ରହିପୁର, ବେତାଳିଗାଁ, ପାଳସାହି ଓ କୋଠାର ଭଳି ପ୍ରତ୍ୟେକ ପଞ୍ଚାୟତରେ ୧୦୦ରୁ ଊର୍ଦ୍ଧ୍ୱ ବେଆଇନ୍ କାଠ ଗୋଲା ରହିଛି। ଏହି କାଠ



କାଠ ମାଫିଆଙ୍କ ରାଜ୍

ଗୋଲାଗୁଡ଼ିକର କୌଣସି ବୈଧ କାଗଜପତ୍ର ନ ଥାଇ ଗଛକଟା ଓ କାଠ କାରବାର ଜୋର୍‌ସୋର୍‌ରେ ଚାଲିଛି।

ସ୍ଥାନୀୟ ଲୋକ ଅଭିଯୋଗ ଅନୁଯାୟୀ, ଧାମନଗର ବନ ବିଭାଗର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରୋତ୍ସାହନ ଯୋଗୁଁ ଏହି ଅବୈଧ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ବନ ବିଭାଗ ମାସିକ କୋଟା ନେଇ ଏହି ବେଆଇନ୍ କାଠ ଗୋଲାଗୁଡ଼ିକୁ ସୁରକ୍ଷା ଯୋଗାଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କାହା ରକ୍ଷଣାବେକ୍ଷଣ ଓ କାହା ଛତ୍ରଛାୟା ତଳେ ସରକାରୀ ନିୟମକୁ ଫୁ' କରି ଏପରି ବେଆଇନ୍ କାରବାର ଚାଲିଛି, ତାହାକୁ ନେଇ ସାଧାରଣରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବେଆଇନ୍ କାଠ ଗୋଲା ଓ ସ' ମିଲ୍ କାରବାର ସମ୍ପର୍କରେ ଧାମନଗର ରେଞ୍ଜରଙ୍କୁ ପଚାରିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଏହି ବେଆଇନ୍ କାରବାର ଉପରେ ତୁରନ୍ତ ଅଙ୍କୁଶ ଲଗାଇବାକୁ ଦୃଢ଼ ଦାବି କରିଛନ୍ତି।

ମରାମତିବିହୀନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ବାରିକପୁର,୨।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ରାସ୍ତାଗୁଡ଼ିକ ମରାମତି ଅଭାବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ପାଲଟିଛି। ଏପରିକି ନିର୍ମାଣର ବର୍ଷେ ମଧ୍ୟରେ କିଛି ଅତି କଦର୍ଯ୍ୟ ହୋଇଯାଇଛି। ତନ୍ମଧ୍ୟରୁ ତାଳପଦାଠାରୁ ମଣୀମାଝୀ ଭାୟା କଣ୍ଟି ଯାଏଁ ନିର୍ମାଣାଧୀନ ରାସ୍ତା ଅନ୍ୟତମ ଅଟେ। ୩ ନମ୍ବର କେନାଲ ସହିତ ପଟାପୋଲଠାରୁ ଧାମନଗର ବ୍ଲକ୍ ଦିଗି ପୋଲ ଯାଏଁ ଏହି ରାସ୍ତା ନିର୍ମାଣ ହୋଇଛି। ନିର୍ଦ୍ଧାରିତ ସମୟଠାରୁ ଅନେକ ବିଳମ୍ବରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏବେ ପଥଟି ପାଇଁ ମରାମତି ଜରୁରୀ ହୋଇଛି। କେତେକ ସ୍ଥାନରେ ପିଚୁ ଦବିବା ସହିତ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମିଯାଉଛି। ପିଚୁ ରାସ୍ତାକୁ ସୁରକ୍ଷା ଦେବା ସକାଶେ ଏଥିପାଇଁ ଜଳ ନିଷ୍କାସନ କାର୍ଯ୍ୟ ଜରୁରୀ ହୋଇଛି। ବିଶେଷକରି ତାଳପଦା ନିକଟରେ ଅନେକ ମାସ ହେବ ରାସ୍ତାର କିଛି ଅଂଶ କେନାଲ ମଧ୍ୟକୁ ଧସିଯାଇଛି। ମାଟି ସହିତ ପିଚୁ, ଡଷ୍ଟ, ବଜୁରୀ ଆଦି ନିର୍ମାଣ ସାମଗ୍ରୀ ଭୁସ୍ଖଳନ ଭଳି କେନାଲକୁ ଚାଲିଯାଇଛି। ଯଦିଓ ଆରମ୍ଭରୁ ରାସ୍ତା ସାମାନ୍ୟ ଧସିଯାଇଥିଲା କିନ୍ତୁ ଏବେ ଦିନକୁ ଦିନ ଗମନାଗମନ ପଥଟି ଅଧିକ ନଷ୍ଟ ହେଉଛି। ଏହି ରାସ୍ତାରେ ଦୈନିକ ଶହଶହ ଲୋକ ଯାତାୟାତ କରୁଥିବାବେଳେ ଟିକିଏ ଅସାବଧାନ ହେଲେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି କେନାଲ ବନ୍ଧକୁ ଚାରଣ ପାଇଁ ଆସୁଥିବା ଗାଈଗୋରୁମାନେ ମଧ୍ୟ ଏଠାରେ ପଡ଼ି ଆହତ ହେଉଥିବା ଜଣାଯାଇଛି। ତେଣୁ ଯଥାଶୀଘ୍ର ଉକ୍ତ ସ୍ଥାନକୁ ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହୋଇଛି। ଅନୁରୂପ ଭାବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅନେକ ରାସ୍ତା ମଧ୍ୟ ଏଯାଏଁ ମରାମତି ନ ହୋଇ ପଡ଼ିରହିଛି। ଫଳରେ ବିପଦସଙ୍କୁଳ ଭାବେ ଦୈନିକ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ଜରୁରୀ ହୋଇଛି।



ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବଣ୍ଟନରେ ଅନିୟମିତତା

ଇନ୍‌ପୁଟ୍ ସବ୍‌ସିଡିରେ ପାତରଅନ୍ତର ଅଭିଯୋଗ

ଚାନ୍ଦବାଲି, ୨।୧୧ (ସମିସ): ଚାନ୍ଦବାଲି ବ୍ଲକ୍‌ରେ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନରେ ଅନିୟମିତତା ଏବଂ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରେ ପାତରଅନ୍ତର ହେଉଥିବା ନେଇ ଅଭିଯୋଗ ଉଠିଛି। ଏହାକୁ କେନ୍ଦ୍ର କରି ଚାନ୍ଦବାଲି ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ସରକାର ଓ ପ୍ରଶାସନକୁ କଡ଼ା ସମାଲୋଚନା କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବଣ୍ଟନ ଓ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରେ ଭେଦଭାବ ହେଉଥିବା ଅଭିଯୋଗ ଆଣିଥିଲେ।

ତାଙ୍କ ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ବ୍ଲକ୍‌ରେ ରିଲିଫ୍ ପରିଚାଳନା ଦାୟିତ୍ୱରେ ଥିବା କେତେକ ଅଧିକାରୀ ସରକାରୀ ଚାପରେ ପଡ଼ି ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଓ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରେ ପାତରଅନ୍ତର କରୁଛନ୍ତି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକେ ସରକାରୀ ସହାୟତା ପାଇବା ଆଶାରେ ରହିଥିବାବେଳେ ଏଭଳି ଅନିୟମିତତା ଅଭିଯୋଗ ଚିନ୍ତାର କାରଣ ପାଲଟିଛି। ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ନିରପେକ୍ଷ ଭାବେ ସହାୟତା ପ୍ରଦାନ କରିବା ସହ ବଞ୍ଚିତ ଲୋକଙ୍କୁ ତୁରନ୍ତ ରିଲିଫ୍ ଓ ଇନ୍‌ପୁଟ୍ ସବ୍‌ସିଡି ଯୋଗାଇଦେବାକୁ ଦାବି କରିଛନ୍ତି। ଆଉ ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବିଧାୟକ ଡ. ରାୟ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ, ବରିଷ୍ଠ ନେତା ନରେଶ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଅକ୍ଷୟ ନାୟକ, ଦୀପକ ରାଉତ, ସେକ୍ ଫିରୋଜ, ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



୭ ଦିନରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ସକାଳ
THE SAKALA

www.sakalaepaper.com

ମଣ୍ଟୁ ମହାନ୍ତ ହତ୍ୟା ମାମଲାର ପର୍ଦ୍ଦାଫାସ, ୩ ଅଭିଯୁକ୍ତ ଗିରଫ

ପରକୀୟା ପ୍ରୀତିରୁ ଯୋଜନାବଦ୍ଧ ହତ୍ୟା



କେନ୍ଦୁଝର,୨।୧୧(ସମିସ): ଏସ୍‌ପି ନୀତିନ କୁସଲକରଙ୍କ ନିର୍ଦ୍ଦେଶରେ ସଦର ଥାନା ପୁଲିସ ମଣ୍ଟୁ ମହାନ୍ତ ହତ୍ୟା ମାମଲାର ତନାଘନା ଚଳାଇଥିବାବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଯୋଜନାବଦ୍ଧ ଭାବେ କରାଯାଇଥିବା ଜଣାପଡ଼ିଛି। ହତ୍ୟା ପରେ ମୃତଦେହକୁ ଅଖା ବସ୍ତାରେ ଭର୍ତ୍ତି କରି ରାସ୍ତାକଡ଼ରେ ଫିଙ୍ଗିଦେବା ସହ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ ହୋଇଥିଲା। ଦୀର୍ଘଦିନ ଧରି ରହସ୍ୟ ଘେରରେ ରହିଥିବା ଏହି ହତ୍ୟା ମାମଲାର ପର୍ଦ୍ଦାଫାସ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଗତ ଜୁନ୍ ୫ ତାରିଖରେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ରାଇସୁଆଁ ରେଳ ଓଭରବ୍ରିଜ୍ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା ପୁଲିସ। ଏହାର ୨୭ ଦିନ ପରେ, ଅର୍ଥାତ୍ ଜୁଲାଇ ୨ ତାରିଖରେ କୁସୁମୁଳା ଗ୍ରାମର ଯୋଗେନ୍ଦ୍ର ମହାନ୍ତ ନିଜ ପୁଅ ସୁଜିତ୍ ମହାନ୍ତ ଓରଫ୍ ମଣ୍ଟୁ ନିଖୋଜ ଥିବା ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ନିଖୋଜ ମାମଲା ଓ ପୂର୍ବରୁ ଉଦ୍ଧାର ହୋଇଥିବା ଅଜଣା ମୃତଦେହକୁ ଯୋଡ଼ି ତଦନ୍ତ ଆରମ୍ଭ କରିଥିଲା। ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ଓ ଡିଏନ୍‌ଏ ପରୀକ୍ଷା ପରେ ଉଦ୍ଧାର ହୋଇଥିବା ମୃତଦେହଟି ନିଖୋଜ ସୁଜିତ ମହାନ୍ତ ଓରଫ ମଣ୍ଟୁଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସର ତଦନ୍ତରୁ ଜଣାପଡ଼ିଛି ଯେ, ମଣ୍ଟୁଙ୍କର ନିକଟସ୍ଥ ଗୋପୀନାଥପୁର ଗ୍ରାମର ଜଣେ ବିଧବା ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଥିଲା। ଏହି ସମ୍ପର୍କକୁ ନେଇ ମହିଳାଙ୍କ ପରିବାରରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଥିଲା। ଘଟଣା ଦିନ ମଣ୍ଟୁ ଉକ୍ତ ମହିଳାଙ୍କ ସହ ଅସଙ୍ଗତ ଅବସ୍ଥାରେ ଥିବାବେଳେ ମହିଳାଙ୍କ ଜ୍ୱାଇଁ ରାଜେ ବେର୍ଣ୍ଣଟକାର ତାଙ୍କୁ ଦେଖି ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ପରେ ସେ ନିଜର ଦୁଇ ସହଯୋଗୀ ହର୍ଷପୁର ଗ୍ରାମର ବିନୋଦ ନାଏକ ଓରଫ୍ କାଳିଆ ଏବଂ ସୁରେଶ ମୁଣ୍ଡାଙ୍କୁ ଡକାଇଥିଲେ। ତିନିଜଣ ମିଶି ମଣ୍ଟୁଙ୍କ ସହ ଯୁକ୍ତିତର୍କ ଓ ମାରପିଟ୍ କରିଥିଲେ। ଏହି ସମୟରେ ରାଜେ ଏକ ଧାରୁଆ କୁରାଢ଼ୀରେ ମଣ୍ଟୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ମୃତଦେହକୁ ଏକ ଅଖା ବସ୍ତାରେ ଭର୍ତ୍ତି କରିଥିଲେ। ପରେ ରସାନନ୍ଦ ଜେନାଙ୍କ ମାଲିକାନାରେ ଥିବା ଏକ ଡାଲା ଅଟୋରେ ମୃତଦେହକୁ ନେଇ ରାଇସୁଆଁ ରେଳ ଓଭରବ୍ରିଜ୍ ନିକଟରେ ଫିଙ୍ଗି ଦେଇଥିଲେ। ଉକ୍ତ ଡାଲା ଅଟୋକୁ ସୁରେଶ ମୁଣ୍ଡା ଚଳାଉଥିଲେ। ଏପରିକି ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଅଟୋକୁ ଧୋଇ ପ୍ରମାଣ ନଷ୍ଟ କରିବାକୁ ମଧ୍ୟ ଉଦ୍ୟମ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କେନ୍ଦୁଝର ଏସ୍‌ପି ନୀତିନ କୁସଲକରଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ପୁଲିସ ତଦନ୍ତକୁ ଜୋରଦାର କରିଥିଲା। ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନ୍ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା। ମିଳିଥିବା ବୈଜ୍ଞାନିକ ତଥ୍ୟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ରାଜେ ବେର୍ଣ୍ଣଟକାର, ବିନୋଦ ନାଏକ ଓରଫ୍ କାଳିଆ ଏବଂ ସୁରେଶ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ପୁଲିସର ଦାବି ଅନୁଯାୟୀ, ପଚରାଉଚରା ସମୟରେ ତିନିଜଣ ଏହି ହତ୍ୟାକାଣ୍ଡରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଶେଷରେ ତିନିଜଣଙ୍କୁ ଗିରଫ କରାଯାଇ କେସ୍ ନମ୍ବର ୩୭୭/୨୦୨୬ରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ଆଇନଗତ ଧାରାରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଏହି ଜଟିଳ ହତ୍ୟା ମାମଲାର ପର୍ଦ୍ଦାଫାସ କରିବାରେ ସଦର ଥାନା ଆଇଆଇସି ଅମିତ କୁମାର ଭୂୟାଁଙ୍କ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ତାଙ୍କ ନେତୃତ୍ୱରେ ଏସ୍‌ଆଇ ସୂର୍ଯ୍ୟ ନାରାୟଣ ରାଉତରାୟ, ଏସ୍‌ଆଇ ଅନୁପ କୁମାର କର ଓ ଏସ୍‌ଆଇ ବୁଦ୍ଧଦେବ ଜେନାଙ୍କୁ ନେଇ ଗଠିତ ତିନିଜଣିଆ ଟିମ୍ ତଦନ୍ତକୁ ସଫଳତାର ସହ ଆଗେଇ ନେଇଥିଲା। ଦୀର୍ଘଦିନ ଧରି ଅସମାଧାନ ହୋଇ ରହିଥିବା ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାରେ ପୁଲିସର ଭୂମିକାକୁ ବେଶ ପ୍ରଶଂସା କରାଯାଇଛି।

ଆକ୍ରମଣରେ ୨ ଆହତ, ଜଣେ ଗୁରୁତର

ଚମ୍ପୁଆ,୨।୧୧(ସମିସ): ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଘଟଣା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା କରୁଥିବାବେଳେ ବେଶ୍ ନାକେଦମ ହେବାକୁ ପଡ଼ୁଛି। ଆହତଦ୍ୱୟ ହେଲେ ଅଜୟ କୁମାର ସାହୁ ଓ ସୁଦାମ ସାହୁ। ଗୁରୁତର ଅଜୟଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି। ଏହି ଆକ୍ରମଣ ଘଟଣାରେ ଶ୍ରୀଧର ନାୟକଙ୍କ ସଂପୃକ୍ତି ରହିଥିବା କୁହାଯାଉଛି। ଆକ୍ରମଣ ପରେ ସେ ନିଜ ଘରେ ଲୁଚି ରହିଥିବା ସୂଚନା ପାଇ ପୁଲିସ ଘରେ ଚଢ଼ଉ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସକୁ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶେଷରେ ପୁଲିସ ତାଙ୍କୁ ଗିରଫ କରିଛି। ଘଟଣାର କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ଏ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ



ହାଟଡିହୀ,୨।୧୧(ସମିସ): ହାଟଡ଼ିହୀ ଗ୍ରାମର ବଳରାମ ମଲ୍ଲିକଙ୍କ ସ୍ତ୍ରୀ ତୁଳସୀ ମଲ୍ଲିକ(୪୬) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗତ ଶୁକ୍ରବାର ସନ୍ଧ୍ୟାରେ ସେ ନିଜ ସାନ ପୁଅ ଓ ଝିଅାରୀ ସହ ଲକ୍ଷ୍ମୀପୂଜା ମେଳା ଦେଖିବାକୁ ଭଦ୍ରକ ଜିଲ୍ଲା ବନ୍ତ ଯାଇଥିଲେ। ମେଳା ଦେଖି ଫେରିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ୩ଜଣଯାକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରୁ ତିନିଜଣଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ପଠାଇଥିଲେ। ସେଠାରେ ତୁଳସୀଙ୍କ ଅବସ୍ଥା ସଙ୍ଗୀନ ହେବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପରିବାର ଲୋକେ ନେଇଯାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତ ଶରୀର ଗାଁକୁ ଅଣାଯାଇଥିଲା। ତୁଳସୀ ଜଣେ ଶାନ୍ତ, ନମ୍ର ଓ ଉତ୍ତମ ସ୍ୱଭାବର ମହିଳା ଥିଲେ। ତାଙ୍କର ଏଭଳି ଅକାଳ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସାଇରାମ ମୁଖାଗ୍ନି ଦେଇଥିବାବେଳେ ଜୁଇର ଶେଷ ଚିତା ଲିଭିବା ଯାଏଁ ଗାଁ ସହ ଆଖପାଖ ଗାଁରୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା।

ଘଟଗାଁରେ ଗଜଲକ୍ଷ୍ମୀ ଭସାଣି ଉତ୍ସବ



ଘଟଗାଁ,୨।୧୧(ସମିସ): ଘଟଗାଁ ବଜାର କମିଟି ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ ହୋଇଛି। ଏହି ଅବସରରେ ୭ ଦିନ ଧରି ମା' ଗଜଲକ୍ଷ୍ମୀ ପୂଜା ବେଶ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ପୂଜା ଅବସରରେ ପ୍ରତିଦିନ ନିଷ୍ଠାର ସହ ଧାର୍ମିକ ରୀତିନୀତି ସମ୍ପାଦିତ ହେବା ସହ ଏକ ଭକ୍ତିମୟ ସୃଷ୍ଟି ହୋଇଥିଲା। ଚଳିତ ପୂଜାରେ କମିଟିର ସଦସ୍ୟ ଶରତ ଚନ୍ଦ୍ର ସାହୁ ସଂକଳ୍ପରେ କର୍ତ୍ତା ଭାବେ ବସିଥିବା ବେଳେ ପୂଜକ ଶ୍ରୀକାନ୍ତ କୁମାର ପଣ୍ଡା ଓ ସୁନୀଲ କୁମାର ନନ୍ଦ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭସାଣି ଉତ୍ସବ ରବିବାରରେ ଏକ ଶୋଭାଯାତ୍ରାରେ ବାଜା, ବାଣ ସହ ବଜାର ପରିକ୍ରମା କରି ପୋଖରୀରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ପୂଜା କମିଟିର ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଧରଣୀଧର ଖୁଣ୍ଟିଆ, ପରୀକ୍ଷିତ ସାହୁ, ଜଗବନ୍ଧୁ ସା, ଚନ୍ଦ୍ରଶେଖର ସାହୁ, ଉତ୍ତମ ପ୍ରଧାନ, ରାଜେନ୍ଦ୍ର ସାହୁ, ଅଭି ସାହୁ, କିଶୋର ସାହୁ, ମୁନା ସାହୁ, ସନୁ ସାହୁ, କିଶୋର ସାହୁ, ଟୁକୁନା ସାହୁ, ମନୋଜ ବିହାରୀ, ପପୁ ସାହୁ, ମନୋରଞ୍ଜନ ସାହୁ, ଶ୍ରୀକାନ୍ତ ସାହୁ, ଟୁକୁନା ସାହୁ, ଫୁକୁନା ସାହୁ, ସିପକ ଜେନା, ତପନ ଦେଓ, ସରୋଜ କୁମାର ସାହୁ, ରାଜେଶ ପୃଷ୍ଟି, ଅଭିଷେକ ପଣ୍ଡା, ଆଲୋକ ରାଉତ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

ଆତ୍ମ ସୁରକ୍ଷା ତାଲିମ ଶିବିର



ତେଲକୋଇ,୨।୧୧(ସମିସ): ତେଲକୋଇ ମୁଖ୍ୟାଳୟସ୍ଥିତ ଚାରିଗଡ଼ ମହାବିଦ୍ୟାଳୟ ଶକ୍ତିଶ୍ରୀ ଆନୁକୂଲ୍ୟରେ ସମ୍ମିଳନୀ କକ୍ଷରେ ସୋମବାର ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପାର୍ବତୀ ସାହୁ ସଭାପତିତ୍ୱ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ରଶ୍ମୀତା ପଟେଲ ଏବଂ ଅଧ୍ୟାପିକା ମୋନାଲିଜା ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ଜ୍ୟୋତିର୍ମୟୀ ବେହେରା, ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁରିଆ ଜୁଆଙ୍ଗ ପ୍ରମୁଖ ଯୋଗ ଦେଇ ନିଜ ଅଭିଭାଷଣରେ ଛାତ୍ରୀମାନେ କିପରି ଆତ୍ମ ସୁରକ୍ଷା କରିବା ପାଇଁ ସମର୍ଥ ହେବେ, ନାରୀ ଶକ୍ତିଶାଳୀ ହୋଇ ପାରିବେ, ସେ ବିଷୟରେ ଅବଗତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ବବିତା ରାଉଳ, ରଞ୍ଜିତା ମହାପାତ୍ର, ପିଅନ ବୈଦେହୀ ପ୍ରଧାନଙ୍କ ସହ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରୀ ଉପସ୍ଥିତ ରହିଥିଲେ।

ଘଟଗାଁ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ



ଘଟଗାଁ,୨।୧୧(ସମିସ): ଘଟଗାଁ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ନିଜସ୍ୱ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚକ୍ରଧର ବଳଙ୍କ ପୌରୋହିତ୍ୟରେ ବୈଠକ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଜଗତଜନନୀ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସମ୍ପାଦକ ନରୋତ୍ତମ ବାରିକ ମାସିକ ବୈଠକର ବିବରଣୀ ପାଠ କରିଥିଲେ। ସ୍ୱର୍ଗତ ଲକ୍ଷ୍ମୀଧର ବେଜଙ୍କ ତିରୋଧାନରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ବିଭିନ୍ନ କାର୍ଯ୍ୟାବଳୀକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଚଳିତ ମାସ ୧୧ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବକୁ ଅନିବାର୍ଯ୍ୟ କାରଣବଶତଃ ୨୦୨୭ ଜାନୁଆରୀ ମାସରେ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବେହେରା, ଉପସଭାପତି ପ୍ରସନ୍ନ କୁମାର ନାୟକ, ସଦସ୍ୟ ରାଜେନ୍ଦ୍ର କୁମାର ସାହୁ, ଡମ୍ବରୁଧର ରାଉତ, ଅନନ୍ତ ସାହୁ, ଗଣେଶ୍ୱର ରାଉତ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରସନ୍ନ କୁମାର ବାରିକ, ଡମ୍ବରୁଧର ବାରିକ, ଚନ୍ଦ୍ରଭାନୁ ନାଏକ, ପୀତାମ୍ବର ସାହୁ, ନରେନ୍ଦ୍ର ନାଥ ନାଏକ, ଫକୀର ଚରଣ ସାହୁ, ଶେଷଦେବ ସାହୁ, ଅକ୍ଷୟ କୁମାର ସାହୁ, ରବୀନ୍ଦ୍ର କୁମାର ବେହେରା, କ୍ଷୀରୋଦ ବିହାରୀ ବେହେରା, ସୁରେନ୍ଦ୍ର ନାଥ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ସଦସ୍ୟ ବାବୁଲାଲ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ

ଆନନ୍ଦପୁର,୨।୧୧(ସମିସ): ଆନନ୍ଦପୁର ପୌରାଞ୍ଚଳ ୧୬ନମ୍ବର ୱାର୍ଡଶୈଳଙ୍ଗ ନିକଟରେ ଜନୈକ ଫାଇନାନ୍ସ କର୍ମଚାରୀ ଦୀପ୍ତିରଞ୍ଜନ ସାହୁ(୩୮)ଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ଦୀପ୍ତିରଞ୍ଜନ ନିଜ ଶୈଳଙ୍ଗସ୍ଥିତ ଘର ଆଗରେ ଛିଡ଼ା ହୋଇଥିବାବେଳେ ହଠାତ୍ ଦୁଇଟି ବାଇକ୍ ଓ ଗୋଟିଏ କାର୍‌ରେ ୬ଜଣ ଆସି ଆକ୍ରମଣ କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକ ପହଞ୍ଚିଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଏ ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ଜଣାପଡ଼ିନାହିଁ।

ମଧ୍ୟାହ୍ନ ଭୋଜନ ତଥ୍ୟରେ ଜାଲିଆତି

ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ

ତୁରୁମୁଙ୍ଗା,୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଧପୁର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ପ୍ରକୃତ ସଂଖ୍ୟାଠାରୁ ଅଧିକ ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନ ଭୋଜନ ସରକାରୀ ଏମ୍‌ଡିଏମ୍ ସାଇଟରେ ତଥ୍ୟ ପ୍ରଦାନ କରିବା ସହ ବିନା ଅନୁମତିରେ ବିଦ୍ୟାଳୟ ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହିମାଦ୍ରୀ ତନୟା ସେଠୀ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ନିରପେକ୍ଷ ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବର ୩୧ ତାରିଖରେ ବିଦ୍ୟାଳୟରେ ମାତ୍ର ୨୭ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଅନଲାଇନ୍ ତଥ୍ୟରେ ୯୬ ଜଣ ଉପସ୍ଥିତ ଥିବା ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଉପସ୍ଥାନ ଖାତା ଓ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ତଥ୍ୟର ନକଲ ଅଭିଯୋଗପତ୍ର ସଂଲଗ୍ନ କରି ବିଡିଓଙ୍କୁ ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବା ସହ ନିୟମ ଅନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଡିଓଙ୍କୁ ନିବେଦନ କରିବା ସହ ଏହାର ପାଟଣା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ ଭୁଲ ବଶତଃ ଏମ୍‌ଡିଏମ୍‌ରେ ତଥ୍ୟ ପକାଇ ଥିବା କହିଛନ୍ତି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରିବା ପାଇଁ ବ୍ଲକ୍ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସିପ୍ରାରାଣୀ ମହାନ୍ତଙ୍କୁ ଦିଆଯାଇଥିବା କହିଛନ୍ତି।

ପୁଲିସ-ବାଲି ମାଫିଆ ଲୁଚକାଳି ଖେଳ

ଭୟରେ ନଦୀ ପଶିଲା ଟ୍ରାକ୍ଟର



ଆନନ୍ଦପୁର,୨।୧୧(ସମିସ): ବେଆଇନ ବାଲି ଚାଲାଣ ରୋକିବାକୁ ପୁଲିସ ଚଢ଼ଉ ସମୟରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। କେନ୍ଦୁଝର ଜିଲ୍ଲାର ଘସିପୁରା ଥାନା ଅଞ୍ଚଳର ଦେଓଗାଁ ପଞ୍ଚାୟତ ଡିହସାହି ବାଲିଘାଟରେ ଆଜି ଅପରାହ୍ଣ ପ୍ରାୟ ୨ଟା ସମୟରେ ପୁଲିସ ଟିମ୍ ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲା। ତେବେ ପୁଲିସକୁ ଦୂରରୁ ଦେଖି ଟ୍ରାକ୍ଟରଗୁଡ଼ିକୁ ନେଇ ଚାଳକମାନେ କୁଶେଇ ନଦୀ ପାଣି ଭିତରକୁ ପଶି ଯାଇଥିଲେ। ଦୀର୍ଘ ସମୟ ଧରି ଟ୍ରାକ୍ଟରଗୁଡ଼ିକ ପାଣି ଭିତରେ ରହିଥିବା ବେଳେ ପୁଲିସ ନଦୀବନ୍ଧ ଉପରେ ଅପେକ୍ଷା କରିଥିଲା। ଏହି ଘଟଣା ଦେଖିବାକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭିଡ଼ ମଧ୍ୟ ଜମିଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ପୁଲିସ ବାଧ ହୋଇ ସେଠାରୁ ଫେରିଥିବା ଜଣାପଡ଼ିଛି। ତେବେ ଘଟଣାରେ ସମ୍ପୃକ୍ତ ଟ୍ରାକ୍ଟର ମାଲିକଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି। ଅଞ୍ଚଳରେ ବେଆଇନ ବାଲି ଚାଲାଣ ରୋକିବାକୁ ପ୍ରଶାସନର ପଦକ୍ଷେପ କେତେ ଫଳପ୍ରଦ ହେଉଛି, ଏହି ଘଟଣା ତାହାକୁ ନେଇ ପ୍ରଶ୍ନ ଉଠାଇଛି।


ଟୁଙ୍କୁଣା ଶାସନରେ ବ୍ରାହ୍ମଣ ପୂଜନ ଓ ଧର୍ମସଭା



ଆନନ୍ଦପୁର,୨।୧୧(ସମିସ): ଆଜି ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଟୁଙ୍କୁଣା ଶାସନ ଠାରେ ବେଦ ପାଠ, ବ୍ରାହ୍ମଣ ପୂଜନ ଓ ଧର୍ମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ବ ଭାରତୀୟ ବ୍ରାହ୍ମଣ ମହାସଙ୍ଘର ସଭାପତି ଡ. ବିପିନ ବିହାରୀ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସ୍ୱାମୀ ଚିନ୍ମୟା ନନ୍ଦ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବ୍ରାହ୍ମଣ ମହାସଙ୍ଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ଡ. ସୁକାନ୍ତି ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବେଦ ପାଠ, ୧୦୮ ବ୍ରାହ୍ମଣ ପୂଜନ କରାଯାଇଥିଲା। ସଭାରେ ଶରତ ଚନ୍ଦ୍ର ମିଶ୍ର, ମଧୁସୂଦନ ମିଶ୍ର, ବିଭୂତି ଭୂଷଣ ଦାଶ, ମଧୁସୂଦନ ମିଶ୍ର, ଚିତ୍ତରଞ୍ଜନ ଦାଶ, ଭରତ ଚନ୍ଦ୍ର ଦାଶ, ତ୍ରିଲୋଚନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ପଣ୍ଡା, କନକଲତା ମିଶ୍ର, ଶତାୟୁ ପୁରୁଷ ଅଇଁଠୁ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ପାଢ଼ୀ, ଆବାହକ ମଦନ ପାଣି, ରାଜ୍ୟ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ସଂଯୋଜକ ମଦନ ମୋହନ ମିଶ୍ର ଓ ଗୀତାଞ୍ଜଳି କର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ମଛାଳୋରେ ଭୀମ ଆର୍ମିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଆନନ୍ଦପୁର,୨।୧୧(ସମିସ): ଘସିପୁରା ବ୍ଲକ୍ ମଛାଳୋ ଗ୍ରାମ ପଞ୍ଚାୟତର ମଛାଳୋ ଗ୍ରାମରେ ଭୀମ ଆର୍ମି ସଂଗଠନର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ପାଳନ ଏବଂ ଭାରତୀୟ ସମ୍ବିଧାନର ମୁଖ୍ୟ ନିର୍ମାତା ଭାରତରତ୍ନ ବାବା ସାହେବ ଡଃ ବି.ଆର୍. ଆମ୍ବେଦକରଙ୍କ ନବନିର୍ମିତ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବକୁ ସଫଳ କରିବା ନିମନ୍ତେ ଗତକାଲି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୀମ୍ ଆର୍ମି କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ନେତୃତ୍ୱରେ ଏହି ବୈଠକ ପରିଚାଳିତ ହୋଇଥିଲା। ବୈଠକରେ ଘସିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭୀମ୍ ଆର୍ମି ସଂଗଠନର ଆଗଧାଡ଼ିର କର୍ମକର୍ତ୍ତାଙ୍କ ସମେତ ମଛାଳୋ ଗ୍ରାମ ପଞ୍ଚାୟତର ବରିଷ୍ଠ ବ୍ୟକ୍ତିବିଶେଷ ଓ ଯୁବକମାନେ ଯୋଗ ଦେଇଥିଲେ। ଆଗାମୀ କାର୍ଯ୍ୟକ୍ରମକୁ କିପରି ଶୃଙ୍ଖଳିତ, ସୁନ୍ଦର ଓ ସଫଳତାର ସହ ଆୟୋଜନ କରାଯାଇ ଏକ ସ୍ମରଣୀୟ ତଥା ଐତିହାସିକ କାର୍ଯ୍ୟକ୍ରମରେ ପରିଣତ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ନିଜ ନିଜର ମତାମତ ଓ ପ୍ରସ୍ତାବ ରଖିବା ପରେ ସର୍ବସମ୍ମତିକ୍ରମେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସହମତି ପ୍ରକାଶ ପାଇଥିଲା ଏବଂ ବାବା ସାହେବଙ୍କ ଆଦର୍ଶ, ସମ୍ବିଧାନର ମୂଲ୍ୟବୋଧ, ସାମାଜିକ ନ୍ୟାୟ, ସମାନତା ଓ ଭାଇଚାରାର ବାର୍ତ୍ତାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।



ଏହି ବୈଠକରେ ମଛାଳୋ ଗ୍ରାମ ପଞ୍ଚାୟତର ପ୍ରତିନିଧି ତାପସ ଜେନା, ଲୋକନାଥ ଜେନା, ବିଭୁ ପ୍ରସାଦ ଜେନା, ଶାନ୍ତନୁ ଜେନା, ନରେନ୍ଦ୍ର ଜେନା, ନୃସିଂହ ଦାସ, ସନ୍ତୋଷ ଜେନା, ପ୍ରଶାନ୍ତ ଜେନା, ଭାଗିରଥି ଦାସ, ଦୀପକ ଜେନା, ଜଗଦୀଶ ଜେନା, ପ୍ରକାଶ ପେରେଇ, ରଜତ ଜେନା ଓ ବାପି ଜେନା, ଅଞ୍ଜନ ପେରେଇ, ବରୁଣ ମଲ୍ଲିକ, ରଘୁନାଥ ଜେନା, ସୁଜିତ କୁମାର ଜେନା, ରମାକାନ୍ତ ଜେନା, ରବୀନ୍ଦ୍ର ଜେନା, ଗୋପବନ୍ଧୁ ଜେନା, ବିକାଶ ଜେନା, ବିଜୟ କୁମାର ଜେନା, ଦେବ କୁମାର ଜେନା, କେଶବ ଜେନା, ଦେବେନ୍ଦ୍ର ଜେନା, ଅକ୍ଷୟ ଜେନା, ଚନ୍ଦ୍ରକାନ୍ତ ଜେନା, ସୁରେଶ ଜେନା, ବିପ୍ରଜ କୁମାର ଜେନାଙ୍କ ସମେତ ସଂଗଠନର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ତୁରୁମୁଙ୍ଗା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପିତ



ତୁରୁମୁଙ୍ଗା,୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଠାରେ ଆଠ ଦିନ ଧରି ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ଭକ୍ତ ଓ ମାଆ ମାଉସୀଙ୍କ ଉପସ୍ଥିତିରେ ଧନ ଦାତ୍ରୀ ମାଆ ଗଜଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ। ୧୯୬୮ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଚଳିତ ବର୍ଷ ଆଠଦିନ ଧରି ପାଳିତ ହୋଇଥିଲା। ବିଭିନ୍ନ ସନ୍ଧ୍ୟାରେ ସତ୍ୟନାରାୟଣ ପାଲା, ନୈବେଦ୍ୟ ଡାନ୍ସ ଗ୍ରୁପର ନୃତ୍ୟ, ତୁରୁମୁଙ୍ଗାର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ, ମହାବୀର ଭଜନ ଗ୍ରୁପ, କେନ୍ଦୁଝର ଦ୍ୱାରା ଭଜନ ପରିବେଷଣ, ଏ ଅଞ୍ଚଳର କୁନି କୁନି ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଏକକ ନୃତ୍ୟ ପ୍ରତିଯୋଗିତା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା କମିଟି ପକ୍ଷରୁ ଆୟୋଜିତ କରାଯାଇଥିଲା। ଏଥି ସହ ମହିଳା ଓ ଯୁବତୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା ଲକ୍ଷ୍ମୀ ପୁରାଣ ସମ୍ପର୍କିତ ପ୍ରଶ୍ନୋତ୍ତର, ଝୋଟିଚିତା, ଶଙ୍ଖ ଫୁଙ୍କା, ଅନ୍ଧପୁତୁଳି, ସଙ୍ଗୀତ ଚୌକି, ବେଲୁନ ଫୁଙ୍କା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ପୂଜ୍ୟ ପୂଜାର ପର୍ବ ପାଳନ ପୂର୍ବକ ୮୦ ବର୍ଷ ବା ତଦୂର୍ଦ୍ଧ ବୟସ୍କ ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ନିମନ୍ତ୍ରିତ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ଶତାୟୁ ପୁରୁଷ ରାମଚନ୍ଦ୍ର ସେଠୀ ଓ ଶତାୟୁ ମହିଳା ମଲ୍ଲୀ ଦେହୁରୀଙ୍କ ସମେତ ୨୮ ଜଣ ପୁରୁଷ ବୟୋଜ୍ୟେଷ୍ଠ ଓ ୨୭ ଜଣ ମହିଳା ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପୂଜା ମଣ୍ଡପକୁ ଆସି ଆନନ୍ଦିତ ହେବା ସହ ତାଙ୍କର ପୁରୁଣା ସ୍ମୃତି ଏବଂ ଅନୁଭୂତି ବଖାଣିଥିଲେ। ଏ ପୂଜାକୁ ଆହୁରି ସରସ ସୁନ୍ଦର କରି ଆଗେଇ ନେବାକୁ କମିଟିର କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶେଷ ସନ୍ଧ୍ୟାରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ମାଆ ଗଜଲକ୍ଷ୍ମୀଙ୍କ ପୂର୍ବବର୍ଷର ପୂଜା ଶାଢ଼ି ନିଲାମ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଉତ୍ସାହିତ ହୋଇ ଅଂଶ ଗ୍ରହଣ କରିଥିଲେ। ଶେଷରେ ଭକ୍ତ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ୨୫୦୦୧ ଟଙ୍କାରେ ଉକ୍ତ ପୂଜା ଶାଢ଼ି ନେଇଥିଲେ। ପ୍ରତ୍ୟେକ ଦିନ ସମସ୍ତଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ତୁରୁମୁଙ୍ଗା ଗ୍ରାମବାସୀ ଏବଂ ପୂଜା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧୋଇଗଲା ଫସଲ; ଋଣ ଛାଡ଼ ଲାଗି ଚାଷୀଙ୍କ ନିବେଦନ

ଶେରଗଡ଼,୨।୧୦(ସମିସ):

ଖରିଫ ଚାଷ ସମୟରେ ଚାଷୀ ହନ୍ତସନ୍ତ ହେଉଥିବା ସମଗ୍ର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ପ୍ରଥମେ ବର୍ଷା ଅଭାବ ରୁ ଗଜା ମରୁଡି, କେତେବେଳେ ଅମଳ ସମୟରେ ବାତ୍ୟା 'ଅର୍ଣ୍ଣବ' ର ଶିକାର ହୋଇ ଚାଷୀ ଏବେ ସର୍ବସ୍ୱାନ୍ତ ହୋଇଛି। ତେବେ ସବୁ ବର୍ଷ ଅପେକ୍ଷା ଚଳିତ ବର୍ଷ ମୌସୁମୀ ବର୍ଷା ର ପ୍ରଭାବ ଜିଲ୍ଲା ରେ ନଥିଲା। ହେଲେ ଚାଷ ସମୟରେ ଲଘୁଚାପ ବର୍ଷା ଚାଷୀଙ୍କୁ ସହାୟକ ହୋଇଥିଲା। ଯାହା ଫଳରେ ଚଳିତ ବର୍ଷ ଭଲ ଫସଲ ହୋଇଥିଲା। କିନ୍ତୁ ବାତ୍ୟା ଓ ବନ୍ୟା ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହୋଇଛି। ତେବେ ଏଥିପ୍ରତି ସରକାର ଏବଂ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ବାରମ୍ବାର ଚାଷୀମାନେ ବିଭିନ୍ନ କ୍ଷେତ୍ରରେ କ୍ଷତି ସହୁଥିବାରୁ ଋଣ ଶୁଝିବା ଲାଗି ଅକ୍ଷମ



ଥିବାରୁ ଚଳିତ ବର୍ଷ ଋଣ ଛାଡ କରିବା ଲାଗି ଚାଷୀମାନେ ନିବେଦନ କରିଛନ୍ତି। ଏଭଳି ସଙ୍କଟ ଜନକ ପରିସ୍ଥିତି ରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ କୃଷି ବିଭାଗ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷତିର ପରିମାଣ ସଠିକ ଆକଳନ କରନ୍ତୁ ଏବଂ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବା ଲାଗି ଚାଷୀମାନେ ଦୃଢ ଦାବି କରିଛନ୍ତି। ସେହିଭଳି ପନିପରିବା ଚାଷ କରି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ନିଜ ଫସଲ କ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସହାୟତା କରିବା ଲାଗି ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ନିକଟରେ ଯାଇଥିବା ଲଘୁଚାପ ସହିତ ବାତ୍ୟା ପରେ ଅର୍ଣ୍ଣବ ପରେ ଏବେ ସୃଷ୍ଟି ହୋଇଛି ଆଉ ଏକ ବାତ୍ୟା, ଯାହାର ନାମ ହେଉଛି 'ମୁରାସୁ'। ଏହା କ୍ରମଶଃ ଅବପାତ ରେ ପରିଣତ ହୋଇ ବାତ୍ୟା ର ରୂପ ନେଲାଣି। ଏହାର ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପବନର ବେଗ ୬୦ ରୁ ୮୦ କିମି ରହିବା ସମ୍ଭାବନା ରହିଛି। ସେଥିଲାଗି ସମସ୍ତଙ୍କୁ ସତର୍କ ରହିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ବନ୍ୟା କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କଲେ ଅଧିକାରୀ



ଶେରଗଡ଼,୨।୧୧(ସମିସ): ସମ୍ପ୍ରତି ବନ୍ୟା ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଏକ ଟିମ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ କରଞ୍ଜିଆ ଉପଜିଲ୍ଲାପାଳ ତଥା ଶେରଗଡ଼ର ପୂର୍ବତନ ତହସିଲଦାର ଡଃ ଦୟାସିନ୍ଧୁ ପରିଡାଙ୍କ ଅଧକ୍ଷତାରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ,ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବୈରୀଗଞ୍ଜନ ଏବଂ ଲକ୍ଷ୍ମୀ ପ୍ରିୟା ନାୟକ, ଅତିରିକ୍ତ ନିରାକାର ଜେନାଙ୍କ ସହିତ ବ୍ଲକର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଶେରଗଡ଼ ସହର ପରିକ୍ରମା କରି ସମସ୍ତ କ୍ଷତିଗ୍ରସ୍ତ ବ୍ୟବସାୟୀ, ସାଧାରଣ ଜନତାଙ୍କ ସହିତ ଆଲୋଚନା କରିଥିଲେ। ନୂତନ ଚଳିତ ବାତ୍ୟା 'ମୁରେସୁ' ପ୍ରଭାବ ସରିବା ପରେ କ୍ଷତିଗ୍ରସ୍ତଙ୍କ କ୍ଷତି ବାବଦରେ ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କରଞ୍ଜିଆ ଉପଜିଲ୍ଲାପାଳଙ୍କୁ ଶେରଗଡ ବଡଦାଣ୍ଡ ସାହି, ପାଇକ ସାହି ଏବଂ ବଜାରର ବ୍ୟବସାୟୀମାନେ ମନୁଷ୍ୟକୃତ ବନ୍ୟାକୁ ସବଦିନ ଲାଗି କେମିତି ରୋକାଯାଇ ପାରିବ, ତାହାର ସ୍ଥାୟୀ ସମାଧାନ କରିବା ଲାଗି ଉପଜିଲ୍ଲାପାଳ ଶ୍ରୀ ପରିଡା ସରକାରଙ୍କ ନିକଟରେ ପହଞ୍ଚାଇବା ସହ ସମାଧାନ ର ରାସ୍ତା ବାହାର କରିବା ଲାଗି ଅନୁରୋଧ କରିଥିଲେ।

ଋଷିକୁଲ୍ୟା ମୁହାଁଣକୁ ନୋ ଫିସିଂ ଜୋନ ଘୋଷଣା

ଗଞ୍ଜାମ,୨।୧୧(ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ନଭେମ୍ବର ପହିଲାରୁ ଋଷିକୁଲ୍ୟା ମୁହାଁଣ କୁ ନୋ ଫିସିଂ ଜୋନ ଭାବେ ଘୋଷଣା କରିଛି ବନ ବିଭାଗ। ବେଳାଭୂମି ଠାରୁ ସମୁଦ୍ର ମଧ୍ୟକୁ ୨୦ କିଲୋମିଟର ଓ ଦକ୍ଷିଣରେ ଆର୍ଯ୍ୟପଲ୍ଲୀ ଓ ଉତ୍ତରକୁ ପ୍ରୟାଗି ପର୍ଯ୍ୟନ୍ତ ମେସିନ ଚାଳିତ ଡ଼ଙ୍ଗା କିମ୍ବା ଟ୍ରଲର ଦ୍ୱାରା ମାଛ ମରାଯାଇପାରିବ ନାହିଁ। ଏହି କଟକଣା ଆସନ୍ତା ମାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଳବତର ରହିବ। ବ୍ରହ୍ମପୁର ବନଖଣ୍ଡ ବିଭାଗ ଦ୍ୱାରା ସାମୁଦ୍ରିକ କଇଁଚ ସୁରକ୍ଷା କୁ ନେଇ ଆଜି ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଠାରେ ଏହି ପର୍ବର ଶୁଭାରମ୍ଭ କରାଯାଇଥିଲା । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋକରଙ୍କ ନିର୍ଦ୍ଦେଶକ୍ରମେ ରବିବାର ରିବନ କାଟି ସବୁଜ ପତାକା ଉଡାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ମାନସ ମୁର୍ମୁ, ବ୍ରହ୍ମପୁର ମଣ୍ଡଳ ଅଫିସ ସହକାରୀ ବନ ସଂରକ୍ଷକ ଦେବାଶିଷ ଭୋଇ, ବନାଞ୍ଚଳ ଅଧିକାରୀ ଖଲ୍ଲିକୋଟ କୁଳେସ ଚନ୍ଦ୍ର ସାହୁ, ବନପାଳ ରମ୍ଭା ଶାଖା ଡ଼ି. ପ୍ରଶାନ୍ତ ରାଓ, ଯୁବ ପରିବେଶବିତ୍ତ ରବିନ୍ଦ୍ର ନାଥ ସାହୁ ପ୍ରମୁଖଙ୍କ ଓ ଖଲ୍ଲିକୋଟ ବନାଞ୍ଚଳର ସମସ୍ତ କର୍ମରତ କର୍ମଚାରୀ, ବନ ସୁରକ୍ଷା ସଭ୍ୟ, ତତସହିତ ଆଞ୍ଚଳିକ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ।

ବର୍ତ୍ତମାନ ହଜାର ହଜାର କିଲୋମିଟର ଅତିକ୍ରମ କରି ବିରଳ ପ୍ରଜାତିର ସାମୁଦ୍ରିକ ମାନେ ଋଷିକୁଲ୍ୟା ମୁହାଁଣରେ ସମାଗମ ହେଉଛନ୍ତି। କିଛିଦିନ ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ପରେ ଗଣ ଅଣ୍ଡାଦାନ ଓ ଶେଷରେ ଅଣ୍ଡା ରୁ ଛୁଆ ଫୁଟି ସମୁଦ୍ରର ନୀଳ ଜଳ ରାଶିକୁ ଯାଇ ବେବି ଅଲିଭ ରିଡଲେଙ୍କ ନୁଆଁ ଠିକଣା ପାଇବା ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଏହି ବିରଳ ପ୍ରଜାତି ର ସାମୁଦ୍ରିକ କଇଁଚଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ସିପିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଦିଗପହଣ୍ଡି,୨।୧୧(ସମିସ) ଗତ 'ଅର୍ଣ୍ଣବ' ବାତ୍ୟା ଓ ପରବର୍ତ୍ତୀ ବନ୍ୟା ରେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକର ପ୍ରାୟ ସମସ୍ତ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ ହୋଇଛି ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ବଡ଼ ଖେମୁଣ୍ଡି ଜୋନାଲ କମିଟି ପକ୍ଷରୁ କୁହାଯାଇଛି। ବନ୍ୟା ବିପନ୍ନଙ୍କୁ ତୁରନ୍ତ ରିଲିଫ ପ୍ରଦାନ, କ୍ଷତି ହୋଇଥିବା ଧାନ, ଆଖୁ, ମକା, ପନିପରିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଫସଲ ବୀମା ପ୍ରଦାନ, କୃଷି ଋଣ ଛାଡ଼, ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ ସଂଯୋଗକୁ ସଜାଡ଼ିବା, ଭାଙ୍ଗି ଯାଇଥିବା ରାସ୍ତା, ପୋଲ, କେନାଲ ଗୁଡ଼ିକର ମରାମତି କରାଯିବା।ଦିଗପହଣ୍ଡି ସହର ବସଷ୍ଟାଣ୍ଡ ବାସିନ୍ଦାଙ୍କୁ ଜଳବନ୍ଦୀରୁ ମୁକ୍ତି ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରାଯାଇଛି। ଭୀଷ୍ମଗିରି ଗ୍ରାମ ଗଣେଶ ନଗରର କ୍ଷତିଗ୍ରସ୍ତ ୮ ବିପନ୍ନ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା। ସମସ୍ତ ଗ୍ରାମାଞ୍ଚଳର ଗୃହହୀନଙ୍କୁ କ୍ଷତିପୂରଣ ସହ ଆବାସ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ। ସମସ୍ତ ଛୋଟ ବଡ଼ ଜଳ ଭଣ୍ଡାରର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଯିବା ସହ ଆବଶ୍ୟକ ସ୍ଥଳେ ଜଳ ନିଷ୍କାସନ ପାଇଁ ରହୁଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର କରାଯିବା ନିମନ୍ତେ ସୋମବାର ସିପିଆଇ ଜୋନାଲ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି।ବରିଷ୍ଠ ନେତା ଶମ୍ଭୁନାଥ ପଣ୍ଡା, ବୃନ୍ଦାବନ ପଣ୍ଡା, ସିପିଆଇ ଶାଖା ସମ୍ପାଦକ ତପନ କୁମାର ମିଶ୍ର, ମୃଷା ବେହେରା, ଆର୍. ଦୈତାରୀ ରେଡ୍ଡୀ ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କର୍ମୀ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହି ପ୍ରଶାସନ ପକ୍ଷରୁ ପ୍ରତି ରାଜସ୍ୱ ଗ୍ରାମ ଅନୁଯାୟୀ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ବାଲିଚର ଜମିଗୁଡ଼ିକର ପୁନଃରୁଦ୍ଧାର ସହ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ନେଇ ଉପସ୍ଥିତ ତହସିଲଦାରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ବାତ୍ୟା ଭାଙ୍ଗି ଦେଇଛି ବ୍ୟବସାୟୀଙ୍କ ମେରୁଦଣ୍ଡ



ଶେରଗଡ଼,୨।୧୦(ସମିସ): ଶେରଗଡ଼ ହେଉଛି ବ୍ୟବସାୟିକ ପେଣ୍ଠସ୍ଥଳୀ। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଭୀଷଣ ବର୍ଷାରେ ନନ୍ଦିନୀ ନଦୀର ବନ୍ୟା ଜଳ ଶେରଗଡ ସହରରେ ପଶି ବଜାରରେ ଥିବା ସମସ୍ତ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ରେ ପାଣି, ମାଟି, କାଦୁଅ, ପଙ୍କ ମାଡିଯାଇଥିଲା। ଫଳରେ ସହରରେ ଥିବା ସମସ୍ତ ଦୋକାନୀଙ୍କ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ସାମଗ୍ରୀ ନଷ୍ଟ ହେବା ଫଳରେ ବ୍ୟବସାୟୀ ମାନେ ଅତି ଶସ୍ତାରେ କିଛି ପାଇବା ଆଶାରେ ସାମଗ୍ରୀକୁ ବିକ୍ରି କରି ଦେଇଛନ୍ତି। ଫଳରେ ବଜାରରେ ଶସ୍ତାରେ ଜିନିଷ ବୋହି ନେବା ଲାଗି ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଥିଲା। ରାସନ ଦୋକାନ ଏବଂ ବୁକ ଷ୍ଟୋର ରେ ପାଣି ପଶିଯିବାରୁ ସମସ୍ତ ସାମଗ୍ରୀକୁ ମାଗଣାରେ ଲୋକଙ୍କୁ ବାଣ୍ଟି ଦେଉଥିବାର ଦୃଶ୍ୟ ଅତ୍ୟନ୍ତ କଷ୍ଟଦାୟକ। ଏଭଳି କ୍ଷତିକୁ ଭରଣା କରିବାବ୍ୟବସାୟୀଙ୍କ ଲାଗି କାଠିକର ପାଠ ହୋଇଛି।ଆଉ ଅଣ୍ଟା ସଳଖି ପୁଣି ବ୍ୟବସାୟ କୁ ଆରମ୍ଭ କରିବା କଷ୍ଟକର ବୋଲି ସୌଦା ଦୋକାନୀ ମହେଶ୍ୱର ପାତ୍ର ପ୍ରକାଶ କରିଛନ୍ତି। ବୀମା କମ୍ପାନୀ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା ଲାଗି ବାସ୍ତବ ସମସ୍ୟାକୁ ସଠିକ ଭାବେ ଅନୁସନ୍ଧାନ କରି ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ବଣିକ ସଂଘର ସଦସ୍ୟମାନେ ଅନୁରୋଧ କରିଛନ୍ତି।

କ୍ଷେତରେ ପାଚିଲା ଧାନ, ଚାଷୀ ଆଖିରେ ଲୁହ



ବୁଗୁଡ଼ା, ୨/୧୧ (ସମିସ): ପ୍ରକୃତିର ଲଗାତାର ପ୍ରହାରରେ ପୁଣି ଥରେ ଦୋହଲି ଯାଇଛି ଅନ୍ନଦାତାଙ୍କ ମେରୁଦଣ୍ଡ। ନିକଟରେ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ହୋଇଥିବା ବର୍ଷା ଓ ପବନରେ ପାଚିଲା ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଏବେ ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର କଳାବାଦଲ ଚାଷୀ କୂଳକୁ ଆତଙ୍କିତ କରି ରଖିଛି। ଧାରକରଜ ଓ ରକ୍ତଝାଳ ଏକାକାର କରି ଫଳାଇଥିବା ସୁନାର ଫସଲ ଅମଳ ପୂର୍ବରୁ ଉଜୁଡ଼ିଯିବା ଆଶଙ୍କାରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଞ୍ଚଳର ମୋଟାବାଡ଼ି, କରତୁଲି, କରସିଙ୍ଗି, ଟାକରଡ଼ା ଓ ପାଙ୍ଗିଡ଼ି, ଖୋଲଖାଲି ସମେତ ସମସ୍ତ ପଞ୍ଚାୟତରେ ହଜାର ହଜାର ହେକ୍ଟର ଜମିରେ ଧାନ ପାଚି ବେରଙ୍ଗି ରଙ୍ଗ ଧାରଣ କରିଛି। ବର୍ଷକର ଦାନା ସହ ପରିବାରର ଗୁଜୁରାଣ ମେଣ୍ଟାଇବା ଏବଂ ପିଲାଛୁଆଙ୍କ ପାଠପଢ଼ା ଏହିଅମଳ ଉପରେ ହିଁ ନିର୍ଭର କରେ। ମାତ୍ର ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଅନେକ ଜମିରେ ପାଚିଲା ଧାନ ଗଛ ନଇଁ ପଡ଼ିଥିବା ବେଳେ କେତେକ ତଳିଆ ଜମିରେ ପାଣି ଜମି ରହି ଫସଲ ପଚିବା ଆରମ୍ଭ ହୋଇଛି। ଏହି କ୍ଷତିରୁ ମୁକୁଳି ନ ପାରୁଣୁ 'ମୁରାସୁ' ବାତ୍ୟାର ଚେତାବନୀ ଚାଷୀଙ୍କ ନିଦ ହଜାଇ ଦେଇଛି।

ଅଧା ପାଚିଲା ଧାନକୁ ଅସମୟରେ କାଟିବେ ନା ପାଣିପାଗକୁ ଭରସା କରି କିଛି ଦିନ ଅପେକ୍ଷା କରିବେ, ସେହି ଦ୍ୱନ୍ଦ୍ୱରେ ଏବେ ଚାଷୀ ଶିଉଳି ଖାଉଛନ୍ତି। ଆଗୁଆ ଧାନ କାଟିଲେ ଅପରିପକ୍ୱ ଦାନା ଯୋଗୁଁ ଅମଳ ହ୍ରାସ ପାଇବ, ଅନ୍ୟପଟେ ବାତ୍ୟା ପବନ ଓ ପ୍ରବଳ ବର୍ଷା ହେଲେ ପୂରା ଫସଲ ମାଟିରେ ମିଶିଯିବ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅମଳ ପାଇଁ ଶ୍ରମିକ ଓ ମେସିନର ଅଭାବ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଏଭଳି ସଙ୍କଟଜନକ ସ୍ଥିତିରେ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ସଠିକ୍ ପାଣିପାଗ ସୂଚନା, ଫସଲ ସୁରକ୍ଷା ପାଇଁ ବୈଷୟିକ ପରାମର୍ଶ ଏବଂ ରିହାତି ଦରରେ ଧାନ କଟା ମେସିନ ଯୋଗାଇ ଦେବାକୁ ଦାବି ହୋଇଛି।

ରଙ୍ଗେଇଲୁଣ୍ଡାରେ ୫୬୬ ଲୋକଙ୍କୁ ସ୍ଥାନାନ୍ତର



୧୨୫ ଆଶ୍ରୟ ସ୍ଥଳୀ ପ୍ରସ୍ତୁତ

ରଙ୍ଗେଇଲୁଣ୍ଡା ,୨।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା ମୁରାସୁ ରୂପ ନେଇ ଘଣ୍ଟା ପ୍ରତି ୧୪ କିମି ବେଗରେ ସ୍ଥଳ ଭାଗ ଅଭିମୁଖେ ଆସୁଥିବା ବେଳେ ସୋମବାର ମଧ୍ୟରାତି କିମ୍ବା ମଙ୍ଗଳବାର ଭୋର ସମୟରେ ଦକ୍ଷିଣ ଆନ୍ଧ୍ରପ୍ରଦେଶର ନେଲୋର ଓ ନର୍ସାପୁର ମାଧ୍ୟବର୍ତ୍ତ ଅଂଚଳର ଉପକୁଳରସ୍ଥଳ ଭାଗ ଛୁଆଁଇବା ନେଇ ପାଣିପାଗ ପୂର୍ବ ଅନୁମାନ କରିଛି। ଏହାର ପ୍ରଭାବରେ ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ସୋମବାର ଦିନ ଝିପି ଝିପି ବର୍ଷା ଲାଗି ରହିଛି। ଉପକୂଳ ଅଞ୍ଚରରେ ମାଇକ୍ ଯୋଗେ ମାଧ୍ୟମରେ ଅଯଥାରେ ଘରୁବାହାରକୁ ନଯିବା, ସମୁଦ୍ରକୁନଯିବା ଏବଂ ପ୍ରଶାସନର ନିୟମ ବ ପାଳନ କରବା କୁଜନସାଧାରଣଙ୍କୁ ଅନୁରରୋଧ କରିବା ସହ ସଚେତନତା କରାଯାଇଛି। ବ୍ଲକ ପକ୍ଷରୁ ତଳିଆ ଅଞ୍ଚଳ, ସମଦ୍ରୁ ଉପକୂଳବର୍ତ୍ତୀ ଗ୍ରାମ ଓ ଅନ୍ୟାନ୍ୟ ବପିଦସଙ୍କୁଳ ସ୍ଥାନରେ ରହୁଥିବା ୫୬୬ ଲୋକଙ୍କୁ ଚିହ୍ନଟ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ବ୍ୟବସ୍ଥା କରାଯାଇଛି। ସୋମବାର ଆଶ୍ରୟସ୍ଥଳୀରେ ରହୁଥିବା ଲୋକମାନଂକୁ ପାଇଁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଜଳଖିଆ ଦିଆଯିବ ଯାଇଥିଲା କ୍ଷ ବାତ୍ୟା ମୁକାବଲା ଓ ଜରୁରିକାଳୀନ ପରିସ୍ଥିତିରି ସୁପରଚାଳନା ନମିନ୍ତେ ରଙ୍ଗେଇଲୁଣ୍ଡା ବିଡିଓ ଏବଂ ତହସିଲଦାର, ବ୍ଲକ ସ୍ତରୀୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ରହିବା ସହ ୨ ଜଣ ଅତରିକ୍ତ ତହସଲିଦାର ଓ ୨ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କ୍ଲଷ୍ଟରସ୍ତରୀୟ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛ। ଗ୍ରାମ ସ୍ତରରେ ଦ୍ୱରତ ସୂଚନା ସଂଗ୍ରହ, ଜନସାଧାରଣଙ୍କୁସଚେତନତା, ବପିଦସଙ୍କୁଳ ବ୍ୟକ୍ତିଙ୍କ ଚହ୍ନିଟ ଓ ସ୍ଥାନାନ୍ତରଣ ତଥା ଜରୁରୀକାଳୀନ ସହାୟତା ପ୍ରଦାନ ନମିନ୍ତେ ରାଜସ୍ୱ ନରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ , ପଞ୍ଚାୟତ ନିର୍ବାହୀ ଅଧିକାରୀ, ଓ ଶିକ୍ଷକମାନଙ୍କୁଗ୍ରାମ ସ୍ତରୀୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସମସ୍ତ ନୋଡାଲ ଅଧିକାରୀ ନିଜ ନିଜ ଅଞ୍ଚଳରେ ସଜାଗ ରହିବା ସହ ପ୍ରତ୍ୟେକ ପରିସ୍ଥିତିରେ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଦ୍ୱରିତ ପଦକ୍ଷେପ ଗ୍ରହଣ କରିବେ ବୋଲି କୁହଯାଇଛି। ୧୨୫ ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି ରହିଛି। ଆବଶ୍ୟକ ପଡିଲେ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ରଙ୍ଗେଇଲୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧ୍ୱସ୍ତବିଧ୍ୱସ୍ତ ଜାନବିଲି ଆନିକଟ ପରିଦର୍ଶନ କଲେ ସର୍ବୋଚ୍ଚ ଯନ୍ତ୍ରୀ



ଧରାକୋଟ,୨।୧୧(ସମିସ): ବାତ୍ୟା ପ୍ରଭାବରେ ହୋଇଥିବା ବନ୍ୟା ଦ୍ୱାରା ବ୍ରିଟିଶ ଅମଳରେନିର୍ମିତ ଜାନବିଲି ଅନିକଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ପିଇବା ପାଣି, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ଏହି ଆନିକଟର ପୁନଃ ନିର୍ମାଣ କରି ପୁଣି ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ସ୍ୱତନ୍ତ୍ର ସଚିବ ବିଘ୍ନରାଜ ପୁରୋହିତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଋଷିକୁଲ୍ୟା ଓ ବାହୁଦା ବେସିନ ବ୍ରହ୍ମପୁର ରବୀନ୍ଦ୍ର ନାଥ ସେଠୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ଓସିସି ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ଘଡେଇ, ଅଧୀକ୍ଷଣ ଯନ୍ତ୍ରୀ ଭଞ୍ଜନଗର ସଞ୍ଜୟ କୁମାର ପ୍ରଧାନ, ଓ ସି ସି ବରିଷ୍ଠ ପରିଚାଳକ ବସନ୍ତ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କେ ଦେବେନ୍ଦ୍ର କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଜାନିବିଲି ଅନିକଟ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜନିବିଲି ଅନିକଟର ପୁରା ୨୪୭ମି ଲମ୍ବାରୁ ପାଖାପାଖି ୧୫୦ମି ବନ୍ୟା ଜଳରେ ଧୋଇହୋଇଯାଇଛି। ୮୧ ଗୋଟି ଫାଲିଙ୍ଗ ସଟର ମଧ୍ୟରୁ ୩୯ ଗୋଟି ଭିତ୍ତିଭୂମି ସହ ଧୋଇ ହୋଇ ଯାଇଛି। ଅନିକଟ ୱାଟର କଣ୍ଟ୍ରୋଲ ରୁମ ରାସ୍ତା ସହ ଋଷିକୁଲ୍ୟା ନଦୀ ର ବାମ ଏବଂ ଦକ୍ଷିଣ ପଟ କୁଳ ହୁଡା ଧୋଇ ହୋଇ ଯାଇଛି । ସର୍ବୋଚ୍ଚ ଯନ୍ତ୍ରୀ ପୁନଃ ନିର୍ମାଣ କାର୍ଯ୍ୟ ଦେଖିବା ପରେ ଫିଲ୍ଡ ଅଫିସରମାନଙ୍କୁ କାମ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାନବିଲି ଅନିକଟ ପୁନଃ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ପ୍ରଶ୍ନ କରିବା ବେଳେ ସରକାର ପିଇବା ପାଣି ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି ଏଣୁ ବ୍ରହ୍ମପୁର ସହରକୁ ପିଇବାପାଣି ଯୋଗାଣରେ ଯେପରି ବାଧା ସୃଷ୍ଟି ନ ହେବ ସେଥିପାଇଁ କାମ ଆରମ୍ଭ ହୋଇଛି ଏବଂ ତୁରନ୍ତ ଅନିକଟ, ଉଭୟ ପଟ ନଦୀ ହିଡ,କେନାଲ ମରାମତି କରାଯାଇ ଅନିକଟ, ନଦୀ ଓ କେନାଲକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଗସ୍ତ ସମୟରେ ଜଳ ସମ୍ପଦ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସାତନଲ ଠାରେ ଜାରି ରହିଛି 'ଗଜଲକ୍ଷ୍ମୀ' ପୂଜା

କୋଦଲା,୨।୧୧(ସମିସ): ସମ୍ପ୍ରତି ସନାତନ ହିନ୍ଦୁ ଧର୍ମାବଲମ୍ବୀଙ୍କ ପାର୍ବଣ ଋତୁ ପ୍ରବାହିତ ହେଉଥିବା ପରିପ୍ରେକ୍ଷୀରେ ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବେରୁଆଁବାଡ଼ି ପଞ୍ଚାୟତର ସାତନଳ ଗ୍ରାମ ମଠ ସାହି ଠାରେ କୁମାର ପୂର୍ଣ୍ଣିମା ଠାରୁ ଧନଦାତ୍ରୀ ମା' "ଗଜଲକ୍ଷ୍ମୀ"ଙ୍କ ପୂଜା ଆଧ୍ୟାତ୍ମିକ ଓ ଉତ୍ସବମୁଖର ବାତାବରଣରେ ଜାରି ରହିଛି। ପୂଜା ମଣ୍ଡପରେ ପ୍ରତ୍ୟେହ ସକାଳେ ଏବଂ ସନ୍ଧ୍ୟାରେ ଆଳତି, ଭୋଗରାଗ ଅର୍ପଣ କରାଯାଉଛି। ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପୂଜକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଧାର୍ମିକ ଅନୁଷ୍ଠାନ ତରଫରୁ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରସାଦ ବଣ୍ଟନ କରାଯାଉଥିବା ବେଳେ ରବିବାର ସନ୍ଧ୍ୟାରେ ସମସ୍ତ ଗ୍ରାମବାସୀଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ସାତନଳ ଗ୍ରାମବାସୀ ଉତ୍ସାହ ଉଦ୍ଦୀପନା ସହ ସହଯୋଗ କରୁଛନ୍ତି।



ରିଲିଫ କାର୍ଯ୍ୟରେ ଅବହେଳା; ବ୍ଲକ ଯୋଗାଣ ନିରୀକ୍ଷକ ନିଲମ୍ବିତ

ଧରାକୋଟ,୨।୧୧(ସମିସ): ରିଲିଫ୍ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ଧରାକୋଟ ବ୍ଲକ ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକଙ୍କୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାରୁ ନିଲମ୍ବନ କରିଥିବା ଜଣାପଡିଛି। ସମ୍ପ୍ରତି ବୁଗୁଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରାଙ୍କୁ ଧରାକୋଟ ବ୍ଲକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ପୁରୁଷୋତ୍ତମପୁରରେ ବନ୍ୟା ପ୍ରଭାବିତ ପରିବାରଙ୍କୁ ସହାୟତା



ରଙ୍ଗେଇଲୁଣ୍ଡା,୨/୧୧(ସମିସ) ରବିବାର କନିସି ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଏନଏସଏସ ପକ୍ଷରୁ ପୁରୁଷୋତ୍ତମପୁରରେ ବନ୍ୟା ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି। ପୁରୁଷୋତ୍ତମପୁର ସ୍ଥିତ କନକ ସାହି ଏବଂ ନଦୀ ତଟରେ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ଦେବେନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଦୀପକ କୁମାର ପଣ୍ଡା, ସନ୍ତୋଷ କୁମାର ଜେନା, ମିନା ଶବର, ଗୌରୀ ଶଙ୍କର ହରିପାଲ, ଶ୍ରୀକାନ୍ତ ଭୂଷଣ ବେହେରା,ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରିଣୀ ଡ଼. ରଶ୍ମିତା ପାତ୍ର, ଏନଏସଏସ ସ୍ୱେଚ୍ଛାସେବୀ ଶିବ ରାମ ଜେନା,ଅନିଲ କୁମାର ସେଠୀ, ପ୍ରକାଶ କୁମାର ବେହେରା, ବିନୋଦ କୁମାର ମଲ୍ଲିକ,ରବୀନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ବେହେରା ଏବଂ ଧର୍ମେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବନ୍ୟାରେ ପ୍ରଭାବିତ ଅସହାୟ ପରିବାରଙ୍କୁ ୫ ଶହ ପେକେଟ ରନ୍ଧା ଖାଦ୍ୟ, ପିଇବା ପାଣି ବୋତଲ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଭଳି ପଦକ୍ଷେପ ଜାତୀୟ ସେବା ଯୋଜନାର ମୂଳମନ୍ତ୍ର ମୁଁ ନୁହେଁ ତୁମେ ର ଏକ ଉଦାହରଣ ପାଲଟିଛି। ଆଗାମୀ ଦିନରେ ମଧ୍ୟ ସହାୟତା ପ୍ରଦାନ କରାଯିବ ବୋଲି ଏନ ଏସ ଏସ ର କାର୍ଯ୍ୟକ୍ରମ ଅଧିକାରିଣୀ ଡ଼.ରଶ୍ମିତା ପାତ୍ର କହିଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ଦୟନୀୟ, ଭାଙ୍ଗୁନି ପୁରୁଣା କୋଠା

ଅଭିଯୋଗ ସତ୍ତ୍ୱେ ନିଦ୍ରାରେ ବିଭାଗୀୟ ଅଧିକାରୀ

କୁକୁଡ଼ାଖଣ୍ଡି:୨।୧୧(ସମିସ)

ବନ୍ଧପଲ୍ଲୀସ୍ଥିତ ଆୟୁଷ ଆରୋଗ୍ୟ କେନ୍ଦ୍ରର ଭିତ୍ତିଭୂମି ସମସ୍ୟା ଦୂର ହେବାର ନାଁ ଧରୁନାହିଁ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାଆସିବା ପାଇଁ ରାସ୍ତାର ସମସ୍ୟା ଏବଂ ପରିସରରେ ଥିବା ପୁରୁଣା ଜରାଜୀର୍ଣ୍ଣ କୋଠାକୁ ଭାଙ୍ଗିବା ପାଇଁ ବାରମ୍ବାର ଦାବି ଓ ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି। ହେଲେ ସେଠାକୁ ଯିବାଆସିବା ପାଇଁ ଆବଶ୍ୟକ ରାସ୍ତାର ସମସ୍ୟା ଏବଂ ପରିସରରେ



ରହିଥିବା ପୁରୁଣା କୋଠା ଆସୁଥିବା ରୋଗୀଙ୍କ ଅସୁବିଧା ସୃଷ୍ଟି କରୁଛି। ବିଶେଷକରି ରୋଗୀ, ବୟସ୍କ ବ୍ୟକ୍ତି ଓ ଗର୍ଭବତୀ ମହିଳାଙ୍କ ଯାତାୟାତ କ୍ଷେତ୍ରରେ ଏହି ସମସ୍ୟା ଅସୁବିଧା ସୃଷ୍ଟି କରୁଛି। ଅନ୍ୟପକ୍ଷରେ ପୁରୁଣା କୋଠାଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଏଠାରେ ଅସାମାଜିକ ଯୁବକ ମାନେ ରାତିରେ ମଦ୍ୟପନ କରୁଥିବା ଅଭିଯୋଗ ହୋଇଛି ଏପରିକି ଏହି କୋଠାରେ ଜଣେ ଆତ୍ମହତ୍ୟା କରିଥିଲେ। ଏହି କୋଠାଟି ଭାଙ୍ଗିବା ନିମନ୍ତେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ କୈଣସି ପଦକ୍ଷେପ ନେଉନାହାନ୍ତି ତେଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ବାତ୍ୟା ଅର୍ଣ୍ଣବ ଯାଇଥିବା ବେଳେ ଅନ୍ୟ ଏକ ବାତ୍ୟା ମୁରାସୁ ଆସିବାର ସମ୍ଭାବନା ଅଛି ତେଣୁ ଏହି ରାସ୍ତା ଆହୁରି ଖରାପ ହେବାର ସମ୍ଭାବନା ଅଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରାୟ ଅଧିକାଂଶ ଆଦିବାସୀ ଲୋକେ ନିର୍ଭର କରୁଛନ୍ତି ଏବଂ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଥିବା ରାସ୍ତାରେ ପଡ଼ିବାର ଅନେକ ଉଦାହରଣ ଅଛି ଏପରିକି ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଡାକ୍ତର ମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଉଛି। ପୂର୍ବରୁ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଖବର ପ୍ରକାଶ ପାଇବା ସହ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ କୈଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରି ଯାତାୟାତ ରାସ୍ତାର ସମସ୍ୟା ଦୂର କରିବା ସହ ପୁରୁଣା ଜରାଜୀର୍ଣ୍ଣ କୋଠାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।